# ଚନ୍ଦ୍ରୋଦ୍ଧାର

( କାବ୍ୟ )

ପ୍ରଣେତା

**ଶ୍ରୀ ନୀଳାଦ୍ରି ଦତ୍ତ**

ଡାକ୍ତର, ଜାନୁଗଞ୍ଜ, ଭଦ୍ରକ ।

odia.org

# CH... A

DI

Dr. NILADRI DUTT

JANUGANJ,

**BHADRAK**

*Published by*

MAHENDRA PRASAD DUTT.

Rs. 1 / 8 /-

ମୂଲ୍ୟ ଠ ୧୫ ମାତ୍ର

*PRINTED BY*

Lakshmi Kanta Mahapatra B. A.

GOPINATH PRESS

BHADRAK



Dr N DUTTA

## ପୁରୀ ସାମନ୍ତ କଲେଜର ଓଡ଼ିଆ ପ୍ରଫେସର
## ଶ୍ରୀ କାହ୍ନୁ ଚରଣ ମିଶ୍ରଙ୍କର
## "ସାହିତ୍ୟ ସମୀକ୍ଷା"ର ମନ୍ତବ୍ୟ—ପୃ୩୬ଷ୍ଠା

………ରାଧାନାଥଙ୍କ ପରେ କବି-ନୀଳାଦ୍ରି ଉତ୍ତହିଁ ମହାକାବ୍ୟ ସୃଷ୍ଟିରେ ଲେଖନୀ ଚାଳନା କରିଅଛନ୍ତି । କବିଙ୍କ ଚନ୍ଦ୍ରଭାରକୁ ଏକ ମହାକାବ୍ୟ ବୋଲି କହିଲେ ଅତ୍ୟୁକ୍ତି ହେବନାହିଁ । ଏହି କାବ୍ୟ ନିଜର ମୌଳିକ ଶ୍ରୀରେ ସମୁଜ୍ଜ୍ୱଳ । ଏହାର ଭାଷା ଓ ଭାବ ଗାମ୍ଭୀର୍ଯ୍ୟପୂର୍ଣ୍ଣ । ଏ କାବ୍ୟ ଉଦ୍ଦୀପନା ମୂଳକ । ଏଥିରେ ମହାକାବ୍ୟର ସକଳ ପ୍ରକାର ଲକ୍ଷଣ ନ ଥିଲେ ମଧ୍ୟ କେତେକ ଲକ୍ଷଣରେ ଏହାର ସର୍ବାଙ୍ଗ ପରିପୁଷ୍ଟି ଲାଭ କରିଛି………

# ଭୂମିକା

ମହାଭାରତର ଦ୍ରୋଣପର୍ବ ଅନ୍ତର୍ଗତ 'ଅଭିମନ୍ୟୁବଧ' ଆଖ୍ୟାୟିକା ଅବଲମ୍ବନରେ **ଚନ୍ଦ୍ରୋଦ୍ଧାର** କାବ୍ୟ ଲିଖିତ । ଚନ୍ଦ୍ରଦେବ ଶାପଗ୍ରସ୍ତ ହୋଇ ଅର୍ଜ୍ଜୁନ-ପୁତ୍ର ଅଭିମନ୍ୟୁ ରୂପରେ ଜନ୍ମଗ୍ରହଣ କରିଥିବା ଓ କୁରୁକ୍ଷେତ୍ରରେ ସପ୍ତରଥୀଙ୍କ ଦ୍ବାରା ନିହତ ହୋଇ ପୁନର୍ବାର ଚନ୍ଦ୍ରଲୋକକୁ ପ୍ରୟାଣ କରିବା କଥା ସର୍ବଜନ ବିଦିତ ।

ଏ କାବ୍ୟର ନାମ 'ଅଭିମନ୍ୟୁବଧ' ନ ହୋଇ 'ଚନ୍ଦ୍ରୋଦ୍ଧାର' ହେବାର ତାତ୍ପର୍ଯ୍ୟ ସମ୍ପୂର୍ଣ୍ଣ କାବ୍ୟଟି ପାଠ କଲେ ଜଣା ପଡ଼ିବ । କବି ଏଥିରେ କେବଳ ପୌରାଣିକ ଆଖ୍ୟାୟିକା ମଧ୍ୟରେ ଆପଣାକୁ ଅବଦ୍ଧ ନ ରଖି ସ୍ବକୀୟ ସୁଲଭ ଉଚ୍ଚ ଓ ବହୁମୁଖୀ କଳ୍ପନାର ଆଶ୍ରୟ ଗ୍ରହଣ କରି ଅଛନ୍ତି । ସେ ଜଣେ ପାଶ୍ଚାତ୍ୟ-ଚିକିତ୍ସାଜୀବୀ । ନୀରସ ରସାୟନଚର୍ଚ୍ଚା ଓ ଅସ୍ତ୍ରୋପଚାରର ମଧ୍ୟରେ ବୁଡ଼ିରହି ଏ ଭଳି ସରସ, ସୁନ୍ଦର ଓ ସୁଗନ୍ଧ ମାନସ-କୁସୁମ ଦ୍ବାରା ବାଣୀ ଆରାଧନା କରିବା, ତାଙ୍କ ଭଳି ବ୍ୟକ୍ତି ପକ୍ଷରେ ଯେପରି ଆଶ୍ଚର୍ଯ୍ୟଜନକ ସେହିପରି ଗୌରବାତ୍ମକ ।

ଚନ୍ଦ୍ରୋଦ୍ଧାରର ଛନ୍ଦ ପ୍ରଧାନତଃ ଅମିତ୍ରାକ୍ଷର ହେଲେ ମଧ୍ୟ କେତେଗୁଡ଼ିଏ ସର୍ଗ ମିତ୍ରାକ୍ଷର । ଅମିତ୍ରାକ୍ଷର ସର୍ଗମାନଙ୍କର ଭାଷା ଟିକିଏ କଠିନ ହୋଇଅଛି ସତ୍ୟ ମାତ୍ର କବି ଯେଉଁପରି ଉଚ୍ଚ ଭାବ ଓ ସୂକ୍ଷ୍ମ ତତ୍ତ୍ବାଦିର ଅବତାରଣା କରିଅଛନ୍ତି, ତହିଁରେ ଭାଷା ସରଳ କରିବା ଅତୀବ ଦୁଃସାଧ୍ୟ ।

ମିତ୍ରାକ୍ଷର ସର୍ଗ ଗୁଡ଼ିକ ଅତ୍ୟନ୍ତ ମନୋରମ ଓ ସୁଖପାଠ୍ୟ । ମୋ ବିଚାରରେ କବିଙ୍କର କଳ୍ପନାଲତା ତହିଁରେ ଅଧିକ ଫୁଟି ଉଠିଛି ।

ପ୍ରକୃତି ବର୍ଣ୍ଣନାରେ ଚନ୍ଦ୍ରୋଦ୍ଧାରର କବି ସିଦ୍ଧହସ୍ତ । ବୋଧହୁଏ ଓଡ଼ିଶାର ଆଧୁନିକ କବି ଜଣେ ଦୁଇଜଣଙ୍କ ଛଡ଼ା ଏପରି ନିପୁଣତା କେହି ଦେଖାଇ ପାରି ନାହାନ୍ତି । ମଧୁର ଓ କରୁଣ ରସ ବିକାଶରେ କବି ଯେତେ ଉତ୍କର୍ଷ ଦେଖାଇ ଅଛନ୍ତି, ବୀର ଓ ଭୟାନକ ରସ ସୃଷ୍ଟିରେ ତାଙ୍କର କୃତିତ୍ବ ଅଧିକ । ମନେହୁଏ ଏହାହିଁ ଚନ୍ଦ୍ରୋଦ୍ଧାର କାବ୍ୟର ବିଶେଷତ୍ବ ଓ ଏଥିରେହିଁ ତାଙ୍କର ବହୁମୁଖୀ ଜ୍ଞାନ ଓ ପ୍ରତିଭାର ପରିଚୟ ମିଳେ ।

ଯାହାହେଉ ଜଣେ ପ୍ରତିବେଶୀ ଡାକ୍ତର ଭାଇଙ୍କୁ ବାଗ୍‌ଦେବୀଙ୍କର ସେବକ ରୂପରେ ପାଇ ମୁଁ ଅତ୍ୟନ୍ତ ଆନନ୍ଦିତ; ଆଶାକରେଁ ତାଙ୍କର ଐକାନ୍ତିକୀ ସାଧନା ଜୟଶ୍ରୀ ବିମଣ୍ଡିତ ହୋଇ ଦିନକୁଦିନ ଉତ୍କଳ ଭାରତୀ-ଭଣ୍ଡାର ନାନା ରତ୍ନରାଜିରେ ପୂର୍ଣ୍ଣ କରୁଥିବ । ଇତି ।

ଭଦ୍ରକ } ଶ୍ରୀ ଲକ୍ଷ୍ମୀକାନ୍ତ ମହାପାତ୍ର

ଆଉ ସବୁ ପୂଜ୍ୟ ମୋର ଗୁରୁ ଦୁଇ ଜଣ

ଉତ୍ତ୍ରେ ରାଧାନାଥ, ଗୌଡ଼େ ଶ୍ରୀ ମଧୁସୂଦନ

## ନିଜକଥା

ମୁଁ ଜଣେ ଚିର ପ୍ରବାସୀ—ପୁଣି ଏକ ସ୍ଥାନରେ ଅଧିକ ଦିନ ଅବସ୍ଥାନ ମୋ ଭାଗ୍ୟରେ ଘଟେନାହିଁ । ଏହି କାରଣରୁ ଚନ୍ଦ୍ରାଭାରର ମୁଦ୍ରଣ ବିଷୟରେ ବାରମ୍ବାର ପ୍ରେସ ପରିବର୍ତ୍ତନ, ପ୍ରୁଫ ସଂଶୋଧନାଦି ଅସୁବିଧାରେ ପଡ଼ି ମୋତେ ଯତ୍ପରୋନାସ୍ତି ବେଗ ପାଇବାକୁ ହୋଇଛି । ଶେଷେ ମୋର ପ୍ରିୟପ୍ରତିମ ପ୍ରତିବେଶୀ, ବାଗୁରାଇ ଏମ୍ ଇଃ ସ୍କୁଲର ହେଡ଼ ପଣ୍ଡିତ ଶ୍ରୀମାନ୍ ମାଗୁଣି ଲେଙ୍କାଙ୍କ ଯତ୍ନ ଓ ଆନୁକୂଲ୍ୟରୁ ବହି ଖଣ୍ଡିକ ସର୍ବସାଧାରଣରେ ପ୍ରକାଶିତ ହୋଇ ପାରିଲା । ଏ ନିମନ୍ତେ ସେ ମୋର ଧନ୍ୟବାଦାର୍ହ ଓ ଅଶେଷ କଲ୍ୟାଣ ଭାଜନ ।

ଏଥିରେ ଯେଉଁ ସମସ୍ତ ମୁଦ୍ରା ପ୍ରମାଦାଦିର ଦୋଷ ରହି ଗଲା ସେ ସକାଶ ମୁଁ ସୁଧୀ ପାଠକବର୍ଗଙ୍କ ଠାରେ କ୍ଷମା ଭିକ୍ଷା କରୁଅଛି । ଇତି ।

ଶ୍ରୀ ନୀଳାଦ୍ରି ଦତ୍ତ

ଓଁ

# ଚନ୍ଦ୍ରୋଦ୍ଧାର

## ଆହ୍ୱାନ ।

ଅୟି ମା ସାରଦେ, ଦେବି, ଉତ୍କଳ ଭାରତି !
ଡାକେ ତୋ ଅଧମ ସୁତ ଭକ୍ତିପୂର୍ଣ୍ଣ ହୃଦେ ।।
ମନ ପ୍ରାଣ ଏକ କରି ଶ୍ରୀପଦ ପଙ୍କଜେ
ଅମର ବାଞ୍ଛିତ ନର-କବି-ସେବ୍ୟ ଯାହା;
ସେ ପଦେ ମାଗଇ ଭିକ୍ଷା, ସୁଲଳିତ ତାନେ,
ଝଙ୍କାରୁ ବାରେ ତୋ ବୀଣା ମୂଢ଼ କଣ୍ଠେ ମୋର,
କବି-କଣ୍ଠ-ବିହାରିଣୀ ଅଟଇ ଯେ ସଦା ।
ଦେଖନ୍ତୁ ଭାରତବାସୀ ଯେ ଯାହା କରଇ
ବାଞ୍ଛା, ସେ ବରଦା ପଦେ ହୁଅଇ ତା ବାଞ୍ଛା
ପୂର୍ଣ୍ଣ, ଘୁଞ୍ଚୁ ତାଙ୍କ ମନୋଭ୍ରମ, ନୁହଇ ତୋ
ଶ୍ରୀପଦ-ପଙ୍କଜ ଏକା ପଣ୍ଡିତଙ୍କ ପାଇଁ,
ସର୍ବ-କଣ୍ଠ-ବିହାରିଣୀ ତୋ ବୀଣା ହୁଅଇ
ନିର୍ମଳା, ଅଚଳାଭକ୍ତି ବିଶ୍ୱାସର ବଳେ ।
ହୃଦୁଁ ଦୃଢ଼ତର ହେଉ ବିଶ୍ୱାସ ତାଙ୍କର,
ଘୃଣତ୍ୱ ପ୍ରାପତେ ରକ୍ତ ଯଥା ଦୃଢ଼ୀଭୂତ;
ପ୍ରଧାବିତ ହେଉ ଭକ୍ତି ଶ୍ରୀପଦେ ତୋହର,
ସ୍ରୋତସ୍ୱତୀ ସ୍ରୋତ ଯଥା ଅମ୍ବୁଧି ଚରଣେ,
ବନ୍ଦିବା ଆଗାରେ ଧାଏଁ ସତତ ସବେଗେ ।

କୃପାମୟି ଜନନି ଗୋ ସନ୍ତାନ ବତ୍ସଳେ !
କଳ୍ପନା ବିମାନ ହୋଇ କରିଛି ବାସନା,
କବି-କଳ୍ପନା-ନିର୍ମିତ କାବ୍ୟକୁଞ୍ଜୁଁ ତବ
ପୁଷ୍ପ ତୋଳି ମାଳା ଗୁନ୍ଥି, ପିନ୍ଧାଇବି ବୋଲି
ମାତୃଭୂମି ଗଳେ; ତେଣୁ ମାଗଇଁ ମା ପଦେ,
ଶିଶୁ ଯଥା ଜନନୀକୁ ଯାଚେ କ୍ରୀଡ଼ନକ,
ଦିଅ ମା ଦିଅ ମା ଦାନେ ଦୀନ-ଦୟାମୟି !
ଦୟାବିନ୍ଦୁ ଧରାପାତ ଶୁଷ୍କ ପୁଷ୍ପ କଳି ।
ପ୍ରବଳ ବାସନା ମନେ ବର୍ଣ୍ଣିବାକୁ ମାଗୋ !
ପବିତ୍ର ପୀୟୂଷ କଥା ଶ୍ରୀମହାଭାରତେ
ଶ୍ରୀକୃଷ୍ଣଙ୍କ ଭଗିନେୟ ଅର୍ଜୁନ ଆତ୍ମଜ—
ମହାବୀର ଅଭିମନ୍ୟୁ କି କୌଶଳେ ରଣେ
ନ ପୁରୁଁ ଷୋଡ଼ଶ ବର୍ଷ କିଶୋର ବୟସେ
ଭେଦିଥିଲେ ଚକ୍ରବ୍ୟୂହ ଯୁଦ୍ଧ ଗୁରୁଭୂତ,
ନ ଜାଣନ୍ତି ଭେଦ ଯାହା ପାର୍ଥ ବିନା କେହି ।।
କି କୌଶଳେ ସପ୍ତରଥୀ ଦୁର୍ଯ୍ୟୋଧନ ଆଦି
ବଧିଲେ କ୍ଷତ୍ରିୟ ଶିଶୁ ଅନ୍ୟାୟ ସମରେ;
ବଧାନ୍ତେ ମହାତ୍ମା ପୁଣି ଚଳିଲେ କିରୂପେ

ମର ଧାମୁଁ ଚନ୍ଦ୍ରଲୋକେ, ଶାପଭ୍ରଷ୍ଟ ହୋଇ
ଭୁଞ୍ଜିବାକୁ କର୍ମଫଳ ଆସିଥିଲେ ଯହିଁ ।
ଦୃସିଅ ବାସନା ରହି ଜିହ୍ୱାରେ ମୋହର
ବସିଲ ଯେରୂପେ ମହାକବି ବ୍ୟାସ କଣ୍ଠେ
ଋଷି କୁଳର୍ଷଭ, ଗୁରୁ ଛନ୍ଦେ ଗାଇଲେ ଯେ
ଜାହ୍ନବୀ ପୁଳିନେ; ମର୍ତ୍ତ୍ୟେ ଅମର ସମ୍ପଦ,
ସର୍ବସ୍ୱ-ପୀୟୂଷ-ବର୍ଷୀ-ଭାରତ, ଭାରତେ,
କଳି-କଳୁଷ-ତାମସ ନାଶୀ ଶଶୀରୂପୀ ।
ହେମାତଃ ! ସାରବଳେ ଦିଅ ମୋତେ ସେ ଶକତି
ଯା' ପ୍ରଭାବେ ମହାମୂର୍ଖ*କାଳିଦାସ ଆଜି
ମହାକବି ନାମେ ଖ୍ୟାତ ସାରା ଭୂମଣ୍ଡଳେ;
ଲଭୁ ମୋ ଲେଖନୀ ଆଜ ତୋ ଶବଦ ଶୁଣି,
ଶୁଣୁଥିଲେ ପୂର୍ବକାଳେ ଯେରୂପେ ଋଷିଏ
ଆକାଶର ଦୈବବାଣୀ ପାଇ ଦିବ୍ୟ କର୍ଣ୍ଣି,
ଲେଖୁଥିଲେ ମହାକାବ୍ୟ ଶ୍ରୁତି ମୂଢ଼ ଆଦି
ଆର୍ଯ୍ୟଜ୍ଞାନ-ପ୍ରତିବିମ୍ବ ଫଳିତ ମୁକୁର,
ଯା ଲାଗି ପ୍ରାଚୀନା ମାତା ପ୍ରାଚୀ ପ୍ରଦେଶର,
ପ୍ରତୀଚୀ-ପ୍ରଦେଶ-ଜ୍ଞାନ ଜନନୀ ତହିଁ ।।

# କୌରବ ସଭା ।

## ପ୍ରଥମ ସର୍ଗ ।

ଛିନ୍ନ-କୁଳୋଜ୍ଜ୍ୱଳ ରବି ମହାବୀର ଭୀଷ୍ମ,
ପଡ଼ନ୍ତେ ସଂଗ୍ରାମେ ଧର୍ମକ୍ଷେତ୍ର କୁରୁକ୍ଷେତ୍ରେ,
କୌରବ-ପାଣ୍ଡବ-ଭବ-ଭାଗ୍ୟ-ପରୀକ୍ଷାର,
ଜନ୍ମାନ୍ଧ-ଜୀବନ-ଧନ ଦୁଷ୍ଟ ଦୁର୍ଯ୍ୟୋଧନ
ଭଗ୍ନ ମନୋରଥେ କହେ "କି ହେବ କି ହେବ !
କିଏ ବାନ୍ଧି ଆଣି ଦେଇ ଦୁଷ୍ଟ ଯୁଧିଷ୍ଠିରେ
ମୋ ମନ ବାସନା ଏବେ କରିବ ପୂରଣ ।
କିଏବା ତାରିବ ହାୟ ଏ ଘୋର ସଙ୍କଟେ
କାଳରୂପୀ ଶତ୍ରୁ ହସ୍ତୁଁ ଭୀଷଣ, ଦୁର୍ଜ୍ଜୟ;
ନାବିକ ଆତଙ୍କ ଯଥା ତରୀ ମଗ୍ନ ଦେଖି,
ଅତଳ ଅନନ୍ତାର୍ଣ୍ଣବେ ତରଙ୍ଗ ଝଞ୍ଜାରେ ।"
ସଭାମଧ୍ୟେ ଶୂର ବୃଦ୍ଧ ଦ୍ରୋଣ କର୍ଣ୍ଣ ଆଦି
ପାଣ୍ଡୁର ନିସ୍ତେଜ ପ୍ରାୟ କଳେବର କାନ୍ତି-
ମଳିନ ନିର୍ବାଣ ଯଥା ରବି ଗ୍ରହପତି,
ରାହୁ ଯେବେ ଗ୍ରାସେ ତାଙ୍କ ରଥ ଶୂନ୍ୟ ପଥେ;
କିଅବା ତାରକା ପତି ନିଶାନ୍ତେ ପ୍ରଭାତେ
ହୁଏ କ୍ଷୀଣପ୍ରଭ ଯଥା ନବ ସୂର୍ଯ୍ୟୋଦୟେ;
ବିଷର୍ଣ୍ଣେ ସଭାରେ ସର୍ବେ ବସିଛନ୍ତି ମୌନେ ।
ସଭାମଧ୍ୟୁଁ ଉଠି ତହୁଁ କହଇ ସଦର୍ପେ
କର୍ଣ୍ଣ, ସୂର୍ଯ୍ୟସୁତ ଶତ ସୂର୍ଯ୍ୟ ସମତେଜେ
"କିପାଇଁ ହେ କୁରୁପତି ବୃଥା କର ଭୟ,
ନାହାନ୍ତି କି ବୀର ଆଉ ଭୀଷ୍ମ ବୀର ସ୍ଥିତ,
ରତ୍ନଗର୍ଭା ବୀର-ପ୍ରସୂ ଭାରତ ମାତାର;
ହୋଇଲେକି ଅବୀରା ମାତା ଭୀଷ୍ମ ବୀର ବିନା ?
ଚିର ଲୀଳା-ଭୂମି ଯାହା ଶୂର ସିଂହଙ୍କର;
ଗରବିଣୀ ଯାହା ଲାଗି ଅଖିଳ ଭୂତଳେ,
ନୋହିଛି ନୋହିଛି କେବେ ନୋହିବ ନୋହିବ
ବୀର ଶୂନ୍ୟ ମାତା ଅଙ୍କ ଏହି ଧରା ତଳେ,
ଯାବତ୍ ଚନ୍ଦ୍ର ସୂର୍ଯ୍ୟ ସ୍ୱକକ୍ଷେ ଚଳିବେ ।
ଥିଲେ ଭୀଷ୍ମ ପିତାମହ ସ୍ଥବିର, କୃପାଳୁ,
ନ ଯୁଝିଲେ ଉପରୋଧେ ପାଣ୍ଡବଙ୍କ ସଙ୍ଗେ ।
ହେ କୌରବ ନାଥ! ଚିତ୍ତେ ନକର ଭାବନା,
ପୂରାଇବି ମନସ୍କାମ କାଲି ଏହି ପଣ,"
(ଦେବେନ୍ଦ୍ର, ପ୍ରଦତ୍ତ ଅସ୍ତ୍ର ଏକାଘ୍ନୀ ନିକ୍ଷେପି
କ୍ଷୁଦ୍ର ଉଲ୍କା ସମ ଉଗ୍ର ଜ୍ୟୋତିଃ-ରାଶି
ଅସହ୍ୟ ନୟନେ ତେଜ ତୀବ୍ର ଜ୍ୟୋତି ଯାହୁଁ
ପ୍ରଚଣ୍ଡ ମାର୍ତ୍ତଣ୍ଡ ଯେତେକ୍ଷେ ନିଦାଘ ମଧ୍ୟାହ୍ନେ)

*କଥିତ ଅଛି କାଳିଦାସ ମୂର୍ଖ ଥିଲେ, କିନ୍ତୁ ସାରଳାଙ୍କ ବରରେ କବି ଶ୍ରେଷ୍ଠ ହୋଇଥିଲେ ।

ଏକା ମୁଁ କରିବ ଯୁଦ୍ଧ, ନାଶିବ ସବଂଶେ,
ପାଣ୍ଡୁକୁଳେ ଧର୍ମଭ୍ରଷ୍ଟ ଧର୍ମପୁତ୍ର ଆଦି,
କୁଳେ ନ ରହିବେ କେହି ଜଳ ଦେବା ପାଇଁ;
ଅପାଣ୍ଡବା ହେବ ଧରା, ମହା ଶୂନ୍ୟେ ତାଙ୍କ
ନାମ ଯିବ ମିଶି, ଯଥା ସାଗର ଗରଭେ
ମିଳେ କ୍ଷୁଦ୍ର ଜଳସ୍ରୋତ; ଦେଖିବ ଜଗତ,
କି ଅତୁଳ ବୀର୍ଯ୍ୟ ଧରେ ଧନୁର୍ଦ୍ଧର କର୍ଣ୍ଣ,
କୁରୁ ଅନ୍ନ-ଜାତ-ରକ୍ତ ପ୍ରବହେ ଯା ଦେହେ ।"
ଆକର୍ଣ୍ଣ ବିସ୍ତୃତ ଚକ୍ଷୁ କର୍ଣ୍ଣ ବୀରଙ୍କର
ତରୁଣ ବଦନ ହେଲା ଆରକ୍ତ ବରଣ,
ତରୁଣ ଅରୁଣ ଯଥା ନିଶାନ୍ତେ ପ୍ରଭାତେ;
ଲୋହିତ ଲୋଚନୁଁ ସ୍ଫୁରେ ସୂକ୍ଷ୍ମ ଜ୍ୟୋତିଃରେଖା,
ସ୍ଫୁରେ ଅଗ୍ନି କୁଣ୍ଡୁ ଯଥା ଅନଳ ସ୍ଫୁଲିଙ୍ଗ,
କମ୍ପିଲା ସେ ସଭାସ୍ଥଳ, କର୍ଣ୍ଣ ଭୀମ ରବେ,
କମ୍ପେ ବଜ୍ର ରବେ ଯଥା ଦିଗନ୍ତ ପଟଳ,
ଘନଘଟା କରି ଯେବେ ଘନ ଆଚ୍ଛାଦଇ,
(ଅବରୋଧି ରବିକର ଶୂନ୍ୟ ପଥ ନଭେ ।
କମ୍ପା ବନଭୂମି ଯଥା ଭୀଷଣ ହୁଙ୍କାରେ
ହର୍ଯ୍ୟକ୍ଷର, କରି-ଅରି ପଶୁକୁଳେଶ୍ୱର ।
ସଭାସ୍ଥ ଇତର ଜନେ ଶୁଣି ସେ ବଚନ,
ଉତ୍ତେଜିତ, ଉତ୍ସାହିତ ହୃଦୟ ସବଙ୍କର,
ପ୍ରଶଂସି କର୍ଣ୍ଣଙ୍କୁ, ସର୍ବେ ହେଲେ କୁହାକୁହି,
ନିଶ୍ଚେ ଏ ସାଧିବେ କାର୍ଯ୍ୟ ଜାଣି ମହାରଥୁ,
ସେନାପତି ପଦେ ଯେବେ ହୋଇବେ ବରଣ ।
ଡମ୍ବରୁ ନିନାଦ ଶୁଣି କାଳଫଣୀ ଯେବେ,
ଉଠେ କି ବିବରେ ଥାଇଁ ଅଳସ ଶୟନେ ?
ବୀର ମୁଖୁଁ ବୀର ରସେ, ବୀର ତର୍କ ଶୁଣି,
ରୋମାଞ୍ଚିତ ହେଲା ଗାତ୍ର ବୀରବୃନ୍ଦଙ୍କର,
ବୃଷସେନ ଆଦି ସର୍ବେ ଦନ୍ତେ ଓଷ୍ଠ ଚାପି
କୋଦଣ୍ଡେ ସ୍ଥାପିଲେ ହସ୍ତ ଦମ୍ଭେ ବୀରବେଶେ;
ନିଷ୍କାସିଲେ ଅସି କେବା ଟଙ୍କାରିଲେ ଧନୁ,
ବୀରସହଚର ସଦା କଟି-ସ୍କନ୍ଧ ଶୋଭି ।
ବକ୍ଷୋଦେଶେ ଆଘାତିଲା ହୃତ୍ପିଣ୍ଡ ସବେଗେ,
ଦ୍ରୁତରୁଁ ଦ୍ରୁତତର ରକ୍ତ ହେଲା ପ୍ରବାହିତ,
ଧମନୀରୁ ଧମନୀକୁ କ୍ଷୁଦ୍ରୁଁ କ୍ଷୁଦ୍ରତର
ଉତ୍ତେଜକ ସୁରାପାନେ ମତ୍ତ ହେଲାପ୍ରାୟେ
ଉତ୍ତେଜିତ ହୋଇ ସର୍ବ ବୀରେନ୍ଦ୍ର ମଣ୍ଡଳୀ,
ଜୀବନ ମଣିଲେ ତୁଚ୍ଛ ଝାସିବାକୁ ସବେ,
ଇଚ୍ଛିଲେ ସେ ମହାହବେ ଅନଳ ସଦୃଶ,
ଝାସଇ ଅନଳେ ଯଥା ପତଙ୍ଗ ଉଦ୍ବେଗେ
ଅଗ୍ନି କୁଣ୍ଡ ଜ୍ୟୋତି ଦେଖି ଆତ୍ମହରା ହୋଇ ।
ସେ ଆଶ୍ୱାସ ବାଣୀ ଶୁଣି କର୍ଣ୍ଣ ବୀରଙ୍କର,
କ୍ରୂରମତି ଦୁର୍ଯ୍ୟୋଧନ, ଦୁଷ୍ଟ ଶିରୋମଣି,
ଭରସା ପାଇଲା କିବା ଅକୂଳ ସମୁଦ୍ରେ,
ପାଇଣ ସେ ଜଳେ ତରୀ ଜୀବନ-ରକ୍ଷିଣୀ,
କହିଲା, "ହେ ବୀରକର୍ଣ୍ଣ ! କର୍ଣ୍ଣଧାର ରୂପୀ
ତୁମ୍ଭେ ମିଳିଅଛ ଏହି ସମର ସାଗରେ,
ତୁମ୍ଭ ବିନା କେ ରଖିବ ମୋତେ ଏ ସଙ୍କଟେ,
ବରିବି ତୁମ୍ଭଙ୍କୁ ନିଶ୍ଚେ ସେନାପତି ପଦେ
ଆଜ କ୍ଷଣେ, ମନୋବାଞ୍ଛା କର ମୋ ପୂରଣ,
ବିନାଶି ପାଣ୍ଡବ-ବଂଶ ଭାରତୁଁ ସମୂଳେ,
ହିଂସା ଅଗ୍ନି ନିର୍ବାପିତ କର ମୋ ହୃଦୟୁଁ,
ଶାନ୍ତିବାରି ସିଞ୍ଚି ଦଗ୍ଧ ଅଶାନ୍ତ ଜୀବନେ" ।
ମହାମତି କୃପାଚାର୍ଯ୍ୟ, ପ୍ରଶାନ୍ତ ମୂରତି
ଏତେବେଳ ଯାଏ ସେଠି ଥିଲେ ସ୍ଥିର ଭାବେ,
ସ୍ଥିର ହିମାଳୟ ଯଥା ଘୋର ପ୍ରଭଞ୍ଜନେ,
ଉଠନ୍ତେ ସଭାରୁ ସର୍ବେ ହୋଇଲେ ସ୍ତବଧ;
ଭୀମ ଝଟିକାନ୍ତେ ଧରା ସ୍ଥିର ହେଲା ପ୍ରାୟେ ।
କହିଲେ "ହେ କୁରୁପତି, ଶୁଣ ମୋ ବଚନ
କାର୍ଯ୍ୟ ସିଦ୍ଧି ନୋହେ କେବେଁ ବାକ୍ୟ ଆଡ଼ମ୍ବରେ,
ଗରଜିଲା ମେଘ ଯଥା ବରଷେ ଅଳପ,
ଔଦ୍ଧତ୍ୟ କି ପ୍ରଗଲ୍ଭତା, ନୁହେ ତ ଜନମ

( ୧ )ସିଂହ

ନୁହଇ ଭୂଷଣ କେବେ; ନକରେ ପ୍ରତିଜ୍ଞା,
ପୁଣି ସଦ୍ଜନରେ ସେହୁ, ହୋଇଲେ ବିଫଳ
ହସିବ ଜଗତ କାଳେ; ପ୍ରକୃତ ମହତ,
ନ ଦେଖାଏ ଗର୍ବ କମ୍ବା ଆତ୍ମ ବଡ଼ିଆଣ,
ଫର ଫର ହୁଏ ଯିମା ସାମାନ୍ୟ ପତଙ୍ଗ ।
ସାଗର ଉପର ନୀରେ, ଦେଖିଛନ୍ତି ସର୍ବେ,
ଗମ୍ଭୀର ସଲିଳଗର୍ଭ ମହତ ରୋହିତ,
ଗମ୍ଭୀର, ନିଶ୍ଚଳ ଥାଏ ଗମ୍ଭୀର ସଲିଳେ;
ବୟୋବୃଦ୍ଧ, ବହୁଦର୍ଶୀ ଶୂରଶ୍ରେଷ୍ଠ, ପୁଣି
ଅସ୍ତ୍ର-ଗୁରୁ, ଦ୍ରୋଣ ବର୍ତ୍ତମାନେ, କର୍ଣ୍ଣ ହେବ
ସେନାପତି ରଣେ, ଅଟେ କି ଉଚିତ ଏହା ?
ସାଧାରଣ ଜ୍ଞାନ ଯାର ଅଛଇ ମସ୍ତକେ,
ପ୍ରକୃତ-ଯଥାର୍ଥ-ବାଦୀ ହୁଏ ଯଦି ସେହି,
କର୍ଣ୍ଣ ସେନାପତି ହେଉ, କହିବକି ଏହା ?
ଘୃଣାଗର୍ଭ ବାକ୍ୟ ଶୁଣି କର୍ଣ୍ଣ ବୀରଙ୍କର
ପ୍ରସ୍ଫୁଟିତ ପଦ୍ମ ଯଥା ପଡ଼ଇ ଝାଉଁଳି,
ଅତ୍ୟୁଗ୍ର ତୁଷାର ପାତେ ଶିଶିର ନିଶୀଥେ;
ପ୍ରଚଣ୍ଡ ମାର୍ତ୍ତଣ୍ଡ- ପ୍ରଭା, ନିଦାଘେ, ଅଥବା,
ଘୋଟଇ ଗଗନେ ଯେବେ ନିବିଡ଼ ନୀରଦ,
ହୁଅଇ ମଳିନ ଯଥା ତେମନ ବିଷଣ୍ଣ;
ହେଲା ପ୍ରସନ୍ନ ବଦନ, ରହୁଁ ରହୁଁ କ୍ଷଣେ,
ରକ୍ତାଭ ନୟନ ହେଲା ତାମ୍ବୂଳ ବରଣ;
ମର୍ମଭେଦୀ ଲଜ୍ଜା ବଶୁଁ ନ ଚାହିଁ ଅନ୍ୟକୁ
ଭୂତଳେ ନିହାଳେ ଦୃଷ୍ଟି ସ୍ଥାପି ଗଣ୍ଡେ କର ।
ଊର୍ଦ୍ଧ୍ୱ-ଫଣ ଫଣୀ ଶିରେ ପ୍ରହାରିଲେ ଦୃଢ଼େ,
ସଂକୋଚଇ ଫଣା ଯଥା ତଳମୁଖ ହୋଇ,
କର୍ଣ୍ଣବୀର କୃପାଚାର୍ଯ୍ୟ ବଚନ ପ୍ରହାରେ,
ନତ ଶିର ନୀରେ କଲେ ତେସନ ସଭାରେ ।
ସଭ୍ୟବୃନ୍ଦ ପରସ୍ପର ହେଲେ କୁଦା କୁହି,
କର୍ଣ୍ଣ ଅପମାନ କଥା ଗୁପତେ ଅସ୍ଫୁଟେ,
କେହିବା ଚାହିଁଲେ କର୍ଣ୍ଣେ କଣେଇ କଣେଇ ?
ଏକକୁ ଆରେକ ଚାହିଁ ମୁଖେ ହସ୍ତ ଦେଇ,
ମୁରୁକି ମୁରୁକି ଧୀରେ କେହିବା ହସଇ ।
"ପ୍ରକୃତ ଯଥାର୍ଥ-ବାଦୀ କୃପ ମହାମତି",
କହି କେ ପ୍ରଶଂସେ ମନେ, କେହିବା ନିନ୍ଦଇ
"କହିବା ଉଚିତ ସତ୍ୟ ସର୍ବ ଜନପ୍ରିୟ
ଅପ୍ରିୟ ଯଥାର୍ଥ-ବାଦୀ ସଦା ନିନ୍ଦନୀୟ ।"
ଏହିରୂପେ ସଭାମଧ୍ୟେ ନାନାଭାବେ ଲୋକେ
କଲେ ନିନ୍ଦା ପରଶଂସା ନିଜ ନିଜ ଜ୍ଞାନେ ।
ପର ପରଶଂସା ଶୁଣି ପରଶ୍ରୀକାତର,
ଦଗ୍ଧୀଭୂତ ହୁଏ ଯେସନେ ହିଂସା ଅନଳରେ,
ତେସନ ଜ୍ୱଳିଲେ କର୍ଣ୍ଣ ମରମେ ମରମେ,
ଦ୍ରୋଣ କୃପ ଅମଙ୍ଗଳ ଚାହିଁଲେ ମନରେ ।
କହିଲେ ବୁଝାଇ ତେବେ ସଭାରେ ଶକୁନି
ଶ୍ରେଷ୍ଠ ପରାମର୍ଶ ଦାତା ଦୁର୍ଯ୍ୟୋଧନଙ୍କର
(କୁଟିଳ, କପଟୀ-ଗୁରୁ, ଅତି-ଦୁଷ୍ଟ ମତି,)
ଧନ୍ୟରେ କପଟୀ ମନ୍ତ୍ରୀ କପଟୀ ରାଜାର,
ମାମୁଙ୍କୁ ଭଣଜା ଆଜ୍ଞା ଘେନାଇଛୁ ବଧି !
କଳ୍ପେ କଳ୍ପ ଗଲଯିବେ ଷଣ୍ଡିମୂ ସନ୍ତାନେ,
-ଭାରତେ ଭରତ-ଗାଥା ଯାବତ ରହିବ,
ଯାବତ ଏ ହିନ୍ଦୁ ଧର୍ମ ହିନ୍ଦୁ ନାମ ଥିବ,
ଆର୍ଯ୍ୟକୁଳେ ଅନାର୍ଯ୍ୟତା ବର୍ମ ଦଳନେ
ଜ୍ୱଳନ୍ତ ପ୍ରଦୀପ ଯଥା ତମୋମୟ ପୁରେ;
ରହିବ ତୋ ନାମ ହେବ କପଟୀ ଉପମା;
ଅଦ୍ୟାପି ଭୁବନ ବାସୀ ତୋ ନାମେ ଡରଇ
(ମଣି ଧାରି ଫଣୀ ଗର୍ତ୍ତ ପରି, ରେ କୁଟିଳ !
ପିତୃ ବୈରି-ବଂଶ ଧ୍ୱଂସେ ସାଧିଲୁ ସ୍ୱକାର୍ଯ୍ୟ,
ତୋ ଉପମା ତୁହି ମାତ୍ର ନାହିଁ ଅନ୍ୟ କିଛି,
ଭସ୍ମାଚ୍ଛନ୍ନ ବହ୍ନି ଦେହୁଁ ଉଠେ କେବେ ଧୂମ
ନୋହିଲେ ଉତ୍ତାପ ଥାଏ ସଦା ଜାଗରିତ;
କିନ୍ତୁ, ଏ ଶରୀରେ, ବିଶ୍ୱ ସ୍ରଷ୍ଟା !କୌତୁକେ ତୁ
ସୃଜିଲୁକି ? ଅପ୍ରାକୃତ ଉପାଦାନ ଦେଇ,
ହୃଦୟ ଜ୍ୱଳନ୍ତାନଳ କାଳାନଳ ଜିଣି
ବାହ୍ୟ ସ୍ନିଗ୍ଧ ସୁଶୀତଳ ସୁଚନ୍ଦନୁଁ ବଳି,

ମାତୃ ସ୍ତନ୍ୟ ବିଷପୂର୍ଣ୍ଣ କାହିଁ ଦେଖି ନାହିଁ,)
"ହେ ସଭ୍ୟମଣ୍ଡଳ ଶୁଣ, ଏକତା କେବଳ
କାର୍ଯ୍ୟ ସାଧନର ସଦା ଅମୋଘାସ୍ତ୍ର ଭବେ,
କାହାକୁ ଅଜଣା ଅବା ସଭ୍ୟରେ ଏକଥା ?
କିଅବା କହିବି ମୁହିଁ ବିସ୍ତାର ଅଧିକ—
ଯା' ପ୍ରଭାବେ ଭୁଞ୍ଜେ ନର ଶାନ୍ତି, ସୁଖ ଆଦି
ବୈକୁଣ୍ଠ-ପରମ-ଭୋଗ ଏହି ମର-ଗେହେ,
ପରସ୍ପର ମନାନ୍ତର, ଉପୁଜାଏ ସଦା
ମହାବିଭୀଷିକାମୟ ଗୃହ ବିସମ୍ବାଦ,
ଏକତା ବିଚ୍ଛେଦ ବୀଜ ଏହିଟି ଜଗତେ,
ଧ୍ରୁବ ବାଣୀ, ଶୂରବୃନ୍ଦ ! ଜାଣ ହେ ସରବେ,
ଯେ ବୃକ୍ଷେ ଫଳଇ ଫଳ କେବଳ ଗରଳ,
ବଂଶ-ଧ୍ୱଂସ, ଦେଶ ଧ୍ୱଂସ, ଜାତି-ଧ୍ୱଂସ ଆଦି,
ହିଂସାପୂର୍ଣ୍ଣ ସ୍ନେହଶୂନ୍ୟ, ମମତା ବର୍ଜିତ ।
ଇଚ୍ଛ କି ଉଚ୍ଛେଦ ସର୍ବେ, ଭ୍ରାତୃବୃନ୍ଦ ! ଦୁଃଖ
ପାଇବାରେ ଏକମାତ୍ର ତଥି ଏକତାକୁ
ନିମଜ୍ଜଇ ହିଂସାସ୍ରୋତେ ଗଡ଼ା ନରବୃନ୍ଦେ,
ଭୁଞ୍ଜିବାକୁ ଆଜୀବନ ଅଶାନ୍ତି ଜଗତେ ।
ଧୃଗାର୍ଦ୍ଧ ଜଗତେ ଚିର ଇତର ସମାଜେ
ଯା'ହା; ଥାଉ ଅନ୍ୟକଥା କେମନ୍ତେ କହିବି
ଛି-ଛି ଲଜ୍ଜା ଲାଗେ ମୋତେ, କୌରବ ଭରସା
ବୀର ବଳ ଶିରୋମଣି ଶୋଭିତ ସଭାରେ
ଭାରତୀୟ ଆର୍ଯ୍ୟ ଆଜ ଅନାର୍ଯ୍ୟ ଘୃଣିତ
ଦୋଷେ କଳଙ୍କିତ ସର୍ବେ ! ହେ କୌରବ ବୀରେ
କରଇ ଜିଜ୍ଞାସା, କେହି ଦେଖିଛକି କେବେ
ପୂର୍ଣ୍ଣ ଦୋଷ ଶୂନ୍ୟ ଅବା ପୂର୍ଣ୍ଣ ଗୁଣ-ହୀନ ?
ଏ ଜଗତେ ନୁହେଁ କେହି ନିର୍ଦ୍ଦୋଷ ନିର୍ଗୁଣ,
ଦେଖ, ଜଗତ ତାମସ ନାଶୀ-ସକଳଙ୍କ-
ଶଶୀ, ଗୁରୁପତ୍ନୀ ହାରୀ ଦେବ-କୁଳପତି
ଇନ୍ଦ୍ର, ଧ୍ୱଜଗର୍ଭ, ଛାର ନର ମର କଥା
କି କହିବି ଆଉ, ଯୋଗ୍ୟ ନୁହେ କହିବାର
ଯାହା ଆହା; ପାପପଙ୍କେ ଚିର ମଗ୍ନ ଯେହୁ ?
କରଇ ପ୍ରାର୍ଥନା ମୁହିଁ ସମସ୍ତଙ୍କୁ ଆଜି
ଶ୍ରାନ୍ତଚିତ୍ତ ହରବେ ନିଜ ନିଜ ଈର୍ଷା, ଦ୍ୱେଷ,
ମନ୍ଦ ମନୋବ୍ୟଥା ଆଜି; ସୋଦର ସଦୃଶ
ଭାବ ହେ ସରବେ; ପରସୁଖ ଦୁଃଖେ ହୁଅ
ନିଜେ ସୁଖୀ ଦୁଃଖୀ ! ଦେଖୁ ନାହିଁ କହେ ଶୂରେ,
ଆହା ! ପୌର୍ଣ୍ଣମାସୀ ଶଶୀ ରାହୁଗ୍ରସ୍ତ, ଆଜି,
ଆର୍ଯ୍ୟ ଗୌରବ-କୌରବ-ରବି, ଦୁର୍ଯ୍ୟୋଧନ,
ଯା' ଅନ୍ନ ଭୋଜନେ ସର୍ବେ ଧରିଛ ଜୀବନ,
କେମନ୍ତ ବିମର୍ଷ ତୁମ୍ଭ ଭଗ୍ନ-ମନ ଦେଖି,
ଚିହ୍ନ ଶୂରେ ନ'ବ୍ୟଥଇ କି ତୁମ୍ଭଙ୍କୁ ସେ ବ୍ୟଥା ?
ରାଜା ଦୁଃଖ ଦେଖି କେହି ଦେଖିଛକି କେବେ
ରାଜାଧୀନ ପ୍ରଜା କିମ୍ବା ରାଜ-କର୍ମଚାରୀ,
ରହେ ଉଦାସୀନ ? ରହେ ଯେ, କୃତଘ୍ନ ସେହି
ଶତଧିକ ତାକୁ; ନୁହେ ନର, ପଶୁ ସେହି,
ନର-ରୂପ ମାତ୍ର, ଚିର କୀଟ ନରକର
ଜାଣିବ ନିଶ୍ଚୟ ତାକୁ, ହେ ଭାରତ ସୁତେ !
ସତ୍ୟ କହେ ଜନ୍ମଭୂମି ସୁସନ୍ତାନ ତୁମ୍ଭେ
ଆର୍ଯ୍ୟପୁତ୍ର ଯେବେ, କାହିଁ ସେହି ରାଜ ଭକ୍ତି
ଯା ଲାଗି ଗରବୀ ତୁମ୍ଭ ପୂର୍ବ ବଂଶ ଥିଲେ,
ଆର୍ଯ୍ୟ କୂଳେ ଜନ୍ମ ଯଦି, କର ହେ ସାର୍ଥକ
ଆର୍ଯ୍ୟ ନାମ, ରାଜ ଭକ୍ତି ଅଚଳା ଦେଖାଇ ।
ରାଜ-ଭକ୍ତି ରକ୍ତ-ସ୍ରୋତ ବହେ ଯେବେ ଦେହେ
ନିକ୍ଷେପ ଯେ ମହାହବେ ନିଜ ନିଜ ପ୍ରାଣ,
କୃତଜ୍ଞତା ସୂତ୍ରେ ସର୍ବେ ହୋଇଣ ଆବଦ୍ଧ
ବୀର ସର୍ବେ, ବୀର ଯେବେ ଭାରତୀୟ ଆର୍ଯ୍ୟ ।
ଦେଖାଅ ଦେଖାଅ ଶୂରେ ଶିଖାଅ ଅପରେ,
ନ କହୁ କୃତଘ୍ନ କେହି ଭାରତ ପୁତ୍ରଙ୍କୁ,
ନରଖ କଳଙ୍କ ରେଖା ଭାବି-ବଂଶ ଭାଲ ।
କର ହେ ପ୍ରସନ୍ନମନା ବିଷଣ୍ଣ ରାଜାଙ୍କୁ,
ସୁପ୍ରସନ୍ନ ହୋଇ ସର୍ବେ ଭବ ସ୍ୱକର୍ତ୍ତବ୍ୟ;
କିଂକର୍ତ୍ତବ୍ୟ-ବିମୂଢ଼ତା ସର୍ବଥା ଘୃଣିତ ।

ଅବହିତେ କ୍ଷତ୍ରେ ସର୍ବେ ଶୁଣ ମୋ ବଚନ,
ହେ ରାଜକେଶରୀ ! ନୁହଇ କେହି ଏ ସଭାରେ
ହୀନବଳ ଜଣେ, ସର୍ବେ ମହାବଳ ସିଂହ—
(୧)ବ୍ୟୂହ ମହାରଣ୍ୟେ ଯଥା, କିଏ ବା ନଜାଣେ,
ହେ କର୍ଣ୍ଣ ଏକଘ୍ନୀ ଧାରୀ ! ତୁମ୍ଭ ବୀରପଣ
ଏଥି ! ଆଉ ଅନ୍ୟ କଥା, ସୁରେନ୍ଦ୍ରଜ, ସୁର-
ପତି-ଜୟୀ ଯାର ନାମେ ଡରେ ପଶୁପତି
ନାଦେ ଯଥା ଗଜ-ଯୂଥ ପତି; ଶୂରବର
ତଥାପି କହତ କହେ ନୁହେ ସମସ୍ତଙ୍କ
ବୃଦ୍ଧ ଦୂରଦର୍ଶୀ ବାକ୍ୟେ ଚଳିବା ସର୍ବଦା ?
ନଚଳେ ଯେ ମୂର୍ଖ ସେହି; ମିଥ୍ୟା କି ଏକଥା ?
ଆସ ଭାଇ ସର୍ବେ ମିଳି, ବରିବା ଦ୍ରୋଣଙ୍କୁ
ଆଜ ସେନାପତି ପଦେ, ଯୁଦ୍ଧ ବିଶାରଦ
ବୃଦ୍ଧ ଦୂରଦର୍ଶୀ, ପୁଣି ରଣନୀତି ଜ୍ଞାନୀ ।
ସରବ ସମ୍ମତି କ୍ରମେ ଦେଲେ କୁରୁପତି
ଦ୍ରୋଣ ଗଳେ ପୁଷ୍ପମାଳା, ଅଭିଷେକ ଶେଷେ
ଯଥାବିଧି ସଭାମଧ୍ୟେ ଗାଇଲେ ଚାରଣେ
ମହୋଲ୍ଲାସେ ସ୍ତୁତିବାଦେ, ଶଙ୍ଖ ଭେରୀଆଦି
ବାଜିଲା ବିବିଧ ବାଦ୍ୟ ଦାମାମା, ଦଗଡ଼,
ବୀରବୃନ୍ଦ କୋଳାହଳେ ଦେଲେ କରତାଳି,
ହୃଷ୍ଟ ମନେ ସେନାପତି ହେଲେ ଦ୍ରୋଣ ରଣେ
କ୍ଷୁଣ୍ଣମନା ଦୁର୍ଯ୍ୟୋଧନ ହେଲେ ସୁପ୍ରସନ୍ନ ।
ନିର୍ବାଣ ଉନ୍ମୁଖ ଦୀପ ତୈଳଦାନେ ଯଥା,
ଆଶାତରୁ ପଲ୍ଲବିଲା କୌରବ ହୃଦୟେ,
ବୀରବୃନ୍ଦ ମହାନନ୍ଦେ ବୀର ମଦେ ମାତି,
ଚଳିଲେ ସ୍ୱେଚ୍ଛାବାସେ ସର୍ବେ ସ୍ଥିର କରି ଶେଷେ
କରିବେ କୌରବ ସେନା ଦ୍ରୋଣାଦେଶେ କାଲି
ରଚିବ ସେ ମହାବ୍ୟୂହ, ଅଗମ୍ୟ, ଭୀଷଣ ।

ପ୍ରଥମସର୍ଗ ସମାପ୍ତ ।

# ପାଣ୍ଡବ ସଭା ।

## ( ଦ୍ୱିତୀୟ ସର୍ଗ )

ବୈଜୟନ୍ତ ଧାମେ ଯଥା ଦେବେନ୍ଦ୍ର ବାସବ
ବସନ୍ତି ଦେବଙ୍କ ସହ ବେଷ୍ଟିତ ଚୌଦିଗେ,
ମହାନନ୍ଦେ, ଦେବଋଷି-ଦାନବ ନାଗାଦ୍ୟେ;
ତେସନ ସଭାରେ ଆଜ, ପାଣ୍ଡବ ଶିବିରେ,
ବସିଛନ୍ତି ଶୂର ବୃନ୍ଦ ଅତି ହୃଷ୍ଟ ମନେ.
ପରାଭବ ପରାକ୍ରମୀ ଭୀଷ୍ମ ମହେଷ୍ୱାସ ।
ଧର୍ମ ଅବତାର, ଧର୍ମ—ପୁତ୍ର ଯୁଧିଷ୍ଠିର,
ଦେଖନ୍ତେ ଯାହାର ଧୀର ପ୍ରଶାନ୍ତ ବଦନ,
ନିର୍ବାତ ନିଷ୍କମ୍ପ-ହ୍ରଦ ଜଳ, ଦର୍ଶକର
ହୃଦେ ଉଦେ ସ୍ୱତଃ ଭକ୍ତିଭାବ । ବସିଛନ୍ତି
ସ୍ଥିରଭାବେ ଗିରିବର ଭୂକମ୍ପ ସମୟେ
ସ୍ଥିର ଯଥା, ଭୀମ ମୂର୍ତ୍ତି ଭୀମ ଭୀମାକୃତି,
ଗଦାଧାରୀ କାଳ କାଳଦଣ୍ଡଧାରୀ ଯଥା,
ଜ୍ୟେଷ୍ଠାନୁଜ, ବରବପୁ, ବୀର ଧନଞ୍ଜୟ
ଧନପତିଜୟୀ, ଜଗତ୍ପତି ସଖା, କରେ
ଅନଳ ପ୍ରସାଦ-ଲବ୍ଧ କୋଦଣ୍ଡ-ଗାଣ୍ଡୀବ,
ଜଗଜ୍ଜୟୀ ଜିଷ୍ଣୁ, ଇନ୍ଦ୍ର ପୁତ୍ର ସୁଭଙ୍କର
କିରୀଟ ମସ୍ତକେ, ଚନ୍ଦ୍ରଚୂଡ଼ ଚୂଡ଼େ ଯଥା
ଅର୍ଦ୍ଧ ଚନ୍ଦ୍ର ଜ୍ୱଳେ, ଭୁଜ-ବଳ ମାଦ୍ରୀସୁତ
ସହଦେବ ସହୋଦର, ହୟ ଶାସ୍ତ୍ରକୁଳ
ବିନାଶୀ ନକୁଳ; ହୃଷ୍ଟମନା ଧୃଷ୍ଟଦ୍ୟୁମ୍ନ
ବୀର୍ଯ୍ୟବାନ ଚେକିତାନ, ଯୁଯୁଧାନ ଆଦି
ମହାବୀର ବୃନ୍ଦ; ଶତ ଶତ ପାତ୍ର ମନ୍ତ୍ରୀ
ସଭାସଦ ନତଭାବେ ବେଷ୍ଟିତ ଚୌଦିଗେ,
ମଧ୍ୟେ, ତାରାପତି ତାରାଗଣ ମଧ୍ୟେ ଯଥା,
ଅଖିଳ ବ୍ରହ୍ମାଣ୍ଡ ପତି ନାରାୟଣ ସ୍ୱୟଂ
ବୈକୁଣ୍ଠ ବିହାରୀ ହରି ନରରୂପେ ଭବେ

(୧) ସମୂହ

ହୁଅନ୍ତି ଜନମ ଆସି ଯୁଗେ ଯୁଗେ ଯେଉଁ
ଅଚିନ୍ତ୍ୟ, ଅଧର୍ମୀ ନାଶି ଧର୍ମ ରକ୍ଷା ହେତୁ ।
ବସିଛନ୍ତି ହର୍ଷେ ସର୍ବେ ପ୍ରଫୁଲ୍ଲ ବଦନେ
ପ୍ରଭାତେ ପ୍ରଫୁଲ୍ଲ ଅବ୍ଜ ନବ ସୂର୍ଯ୍ୟ ଦେଖି
ଭାସଇ ଆନନ୍ଦେ ଯଥା ନୀଳିମ ସଲିଳେ ।
ଶ୍ରୀକୃଷ୍ଣଙ୍କୁ ଯୁଧିଷ୍ଠିର ପୁଚ୍ଛିଲେ କୌତୁକେ
କହନ୍ତୁ ପାଣ୍ଡବ ନାଥ! କେଉଁ ବୀରବରେ
ବରି ସେନାପତି ପଦେ ପଠାଇବ ରଣେ
କାଲି ରାଜା ଦୁର୍ଯ୍ୟୋଧନ, ଅଥବା କରିବ
ସନ୍ଧି, ସମ୍ମୁଖ ସମରେ ଦେଖି ବୀରର୍ଷଭ
ଭୀଷ୍ମଙ୍କ ପତନ, ଥିଲେ ଯେ ଅଜେୟ ମର୍ତ୍ତ୍ୟେ
ଇଚ୍ଛାମୃତ୍ୟୁ, ମୃତ୍ୟୁଞ୍ଜୟ, ମୃତ୍ୟୁଞ୍ଜୟୀ ସମ ।
ବାର୍ତ୍ତାବହନ ଗୁପ୍ତଚର ଏମନ୍ତ ସମୟେ
ହେଲା ଉପସ୍ଥିତ, ଯଥାବିଧି ପ୍ରଦର୍ଶାଇ
ସମ୍ମାନ ସଭାରେ, ଜଣାଇଲା କରଯୋଡ଼ି
ଶୁଷ୍କମୁଖରେ ନମ୍ରଶିରେ, "ମହାବୀର ଦ୍ରୋଣ
ରଣେ ହେବେ ସେନାପତି, ଶୁଣିଲି ମୁଁ ପୁଣି
କଠୋର ପ୍ରତିଜ୍ଞା ଗୁରୁ ଦ୍ରୋଣ ଦେବଙ୍କର
ସଭା ସମକ୍ଷରେ ଆହା ! କେମନ୍ତେ କହିବି
ଦାରୁଣ ବାରତା ସେହି, କହିବାର ଯୋଗ୍ୟ
ନୁହେ ଯାହା, ଭୃତ୍ୟ ହୋଇ ଶୁଷ୍କମୁଖରେ, ଭୟ
ଲାଗେ ମୋତେ, ଦାସ ଯେଣୁ ଗୁପ୍ତଦୌତ୍ୟେରତ
ଅବଶ୍ୟ ଶୁଣିଛି ଯାହା କରିବି ପ୍ରକାଶ,
ନ ଦୂଷିବେ ମୋତେ; ପାଣ୍ଡୁବଂଶ ବିନାଶିଣ
କରିବେ ପୂରଣ,ମନୋବାଞ୍ଛା ପ୍ରିୟଶିଷ୍ୟ
ଦୁର୍ଯ୍ୟୋଧନଙ୍କର; ପୁଣି ତହୁଁ ସେ କହିଲେ
କୁନ୍ତୀସୁତ ଧର୍ମସୁତେ ବାନ୍ଧି ଦେବେ ବେଳି;
କହିଲି ଯଥାର୍ଥ ଏବେ ଦିଅନ୍ତୁ ମେଲାଣି ।"
ଏତେ କହି ବାହୁଡ଼ିଲା ଦୂତ ସଭାସ୍ଥଳୁଁ ।
ଭାଙ୍ଗିଗଲା ସୁଖ-ସ୍ୱପ୍ନ, ଶୁଣିଲା ଅଚିରେ
ମହା ବିଭୀଷିକା ମୟୀ ଦ୍ରୋଣଙ୍କ ପ୍ରତିଜ୍ଞା,
ଅଜ୍ଞାନ ହୋଇଲେ ଜ୍ଞାନୀ ଯୁଧିଷ୍ଠିର ଅହା !

ଗ୍ରହପତି ଉଦେ ଦେଖି ପୂର୍ବ ଗଗନେ
ଫୁଲ୍ଲମନେ କମଳିନୀ ହସୁଥାଏ ସୁଖେ,
ଏମନ୍ତ ସମୟେ କାହୁଁ କୁଜ୍ଝଟିକା ଆସି
ଘୋଟଇ ଅମ୍ବର ଯେବେ ଘନଘଟା କରି
ନପାଇଣ ସୁଖଦାୟୀ ଉଷା ଶୁଭ ଜ୍ୟୋତି,
ସରୋଜ-ସହାସ୍ୟ-ଆସ୍ୟ ଶୁଷ୍କ ହୁଏ ଯଥା,
ଉଜ୍ଜ୍ୱଳ-ପଙ୍କଜ-ମୁଖ ଧର୍ମାତ୍ମଜଙ୍କର
(ହୋଇଲା ବିବର୍ଣ୍ଣ ତଥା, ବାର୍ତ୍ତାବହ ବାକ୍ୟ ।
ଗଜପତି ମଦୋନ୍ମାଦେ କ୍ରୀଡ଼ା କରୁଁ କରୁଁ
ଅକସ୍ମାତେ ଶୁଣିଲା କି କେଶରୀ ହୁଙ୍କାର ?
ସଭ୍ୟ ସର୍ବେ, ଯୁଗପତ ପ୍ରଦୀପ୍ତ ହୀରକ-
ହାର ଦୀପ୍ତି ମ୍ଳାନ ଯଥା ଜଳଛଟା ଯୋଗେ,
ପାଣ୍ଡବ ସଭାରେ ମ୍ଳାନ ହୋଇଲେ ତେସନ ।
ତ୍ରିଜଗତ-ପତି ହରି ଶ୍ରୀରାଧାବଲ୍ଲଭେ,
ଦ୍ରୌପଦୀ-ବଲ୍ଲଭ ଗୃହୀଁ ବାଷ୍ପାକୁଳ ନେତ୍ରେ
(ଧୃତପଟେ ଦେଖାଦେଲା ପୂର୍ବ ଦୁଃଖ-ଛବି
ଦେଖାଏ ମୁକୁରେ ପ୍ରତିବିମ୍ବ ଯଥା)
ଗଦଗଦ ସ୍ୱରେ ଶୋକେ କହିଲେ ବ୍ୟାକୁଳେ
କହ ଶୁଣେ, ହେ ମୁରାରି ! ବିପତ୍ତି ତାରକ !
କେତେ କଷ୍ଟ ଅଛି ଆଉ ଏ ପୋତାକପାଳେ,
ସାଗର-ଲହରୀ ପରି ଦୁଃଖ ପରେ ଦୁଃଖ,
ଆସୁଛି ସର୍ବଦା ମାତ୍ର, ନାହିଁ ଶାନ୍ତି ପ୍ରଭୋ !!
ତରିଅଛୁ ବହୁ କଷ୍ଟ, ସ୍ମରିଲେ ଯେ ପୂର୍ବ
କଷ୍ଟ, ବିଦରେ ହୃଦୟ; ପଡ଼ଇ ମୋ ମନେ,
ଦୁର୍ଯ୍ୟୋଧନ ଶତଭାଇ ସଙ୍ଗେ ଯେବେ ବାଲ୍ୟ,
ଆରମ୍ଭିଲୁଁ ଜଳକେଳି ମିଳି ପଞ୍ଚଭାଇ
ମହୋଲ୍ଲାସେ ପୁଣ୍ୟମୟୀ ଜାହ୍ନବୀ ସଲିଳେ,
କରଭ ମଣ୍ଡଳୀ ଯଥା କ୍ରୀଡ଼ନ୍ତି କୌତୁକେ
ଘୋରରଣ୍ୟେ ଶୁଣ୍ଡେ ଶୁଣ୍ଡ କରି ଭଡ଼ାଭଡ଼ି;
ଅବ୍ୟକ୍ତ ସେ ସୁଖ ଆହା; କି କହିବି ପ୍ରଭୋ !
କ୍ରୀଡ଼ା ରସ ସୁଧାପାନେ ମତ୍ତଥିଲୁଁ ସର୍ବେ,
କି ଛାର ସ୍ୱରଗ ସୁଖ ସେ ସୁଖ ସମ୍ମୁଖେ,

ନଥିଲା ଯେକାଳେ ମନେ ଭଲେ ବୈରଭାବ.
ସୋଦର ସଦୃଶ ହୃଦେ ଥିଲା ସୁହୃଦତା,
ଅବିଚ୍ଛିନ୍ନ ସ୍ନେହ ଆହା ପରସ୍ପର ମଧ୍ୟେ,
ଏକମନ ଏକପ୍ରାଣ ଥିଲୁଁ ସର୍ବ ଭାଇ
ଏକତ୍ର ଗ୍ରଥିତ ସୂତ୍ରେ ମଣିମାଳା ପରି;
ବାଲ୍ୟକ୍ରୀଡ଼ା ସହଚର ଅମଙ୍ଗଳ ଦ୍ୱନ୍ଦ୍ୱ,
ଦେଖାଦେଲା ଅସି ସେହି ମଙ୍ଗଳ ମିଳନେ,
ଅଗ୍ନି ସଖା ବାୟୁ ଯଥା ଅଗ୍ନିଶିଖା ସଙ୍ଗେ,
ଲାଗିଲା ତୁମୁଳ ଦ୍ୱନ୍ଦ୍ୱ ବୃକୋଦର ସଙ୍ଗେ
ଆକ୍ରମିଲେ ଶତଭାଇ ଭାଇ ବୃକୋଦରେ
ଶିଶୁ ତିମିଙ୍ଗିଳେ ଯଥା ଶତ ନକ୍ର ଶିଶୁ;
ପାରିବ କି କେବେ କାହୁଁ କେଶରୀ ଶାବକେ
କରିଭ ମଣ୍ଡଳୀ ମିଳି ଆକ୍ରମନ୍ତି ଯେବେ ?
ନପାରି ବିରତ ହେଲେ ଶତ ଭାଇ ସର୍ବେ;
କ୍ଷଣପରେ ମିଳିଗଲୁଁ ପୟଃ ଯଥା ତୋୟେ;
ଘୁଞ୍ଚିଗଲା ଦ୍ୱନ୍ଦ୍ୱ ହେଲୁଁ ମହାନନ୍ଦ, କିନ୍ତୁ—
କେ ଜାଣେ ପୋଷିଛି କ୍ରୂର ତୀବ୍ର ପ୍ରତିହଂସା
ବିଷମୟ ଫଳବର୍ଷୀ ସେହ କ୍ଷୁଦ୍ର ହୃଦେ,
ଭୂଧର-ବିଧ୍ୱଂସୀ-ବହ୍ନି ଜନ୍ମଇ ଯେସନେ
ସଂଯୁକ୍ତ ବିଟପୀ ଶାଖା ସାମାନ୍ୟ ଘର୍ଷଣେ;
ଜଳକ୍ରୀଡ଼ା ଦାରି ସର୍ବେ ଭୁଞ୍ଜିଲୁଁ ଆନନ୍ଦେ,
ବନଭୋଜ କରି ଯାହା କରିଥିଲୁଁ ତହିଁ;
କିନ୍ତୁ କ୍ରୂର ଆତତାୟୀ ସୂକ୍ଷ୍ମ କୌଶଳରେ
ଭୁଞ୍ଜାଇଲା ପ୍ରାଣନାଶୀ କାଳକୂଟ ବିଷ
ଅକପଟୀ ବୃକୋଦରେ, ଯଣ୍ଣୁଁ ଅଧିକ
ମୁହିଁ ସ୍ନେହ କରେଁ ଯାକୁ, ଜଳକ୍ରୀଡ଼ା କ୍ଲାନ୍ତ
ସର୍ବେ, ନିଦ୍ରାଦେବୀ କୋଳେ ଲଭିଲୁଁ ବିଶ୍ରାମ;
ବିଷାକ୍ରାନ୍ତ ତନୁ ଦେଖି, ବାନ୍ଧି ଶିଳା ସଙ୍ଗେ
ହସ୍ତ ପଦ ଦୃଢ଼ ଗୁପ୍ତେ ନିସ୍ତବ୍ଧ ନିଶୀଥେ,
ଜାହ୍ନବୀ ଅତଳ ଜଳେ ଫିଙ୍ଗିଦେଲେ ଭୀମେ ।
ପ୍ରଭାତେ (୧)ତଳ୍ପ ତ୍ୟଜି କେତେ ଯେ ଖୋଜିଲୁଁ
ଭାଇ ବୃକୋଦରେ ଗୃହ ଭାଇ; କାମ୍ଡୀ ବି
ସେ ସଙ୍ଗେ ଖୋଜିଲା ଯେତେ ନ ଜାଣଇ କିଛି;
ନ ପାଇ ବିକଳେ କାନ୍ଦି ଜନନୀ ସମୀପେ
ଜଣାଇଲୁ ଯାଇ, ମାତୃଶିରେ ଅକସ୍ମାତେ
ହେଲାକି ପତିତ (୨)ଶତପର୍ବ ! ମାତା ମୁଖୁଁ
ନିଃସୃଲା ବାକ୍ୟ ଶୁଣି ଏ ଅଶୁଭ ବାର୍ତ୍ତା ।
ହେଲେ ସ୍ତମ୍ଭୀଭୂତା ମାତା, ଖୋଜିଲେ ଅରଣ୍ୟ
ଘାଟ, ଘର, ଗ୍ରାମ, ବନ, ନଦୀ, ଅନାହାରେ
ଅଧୌତ ଶରୀରେ, ଦିବା ଅବସାନ ଯାଏ,
କେବେ ବା ସ୍ୱଗୃହେ ଫେରି ପୁଣି ଅନ୍ୱେଷିଲେ,
ଉଚ୍ଚ ବୃକ୍ଷ-ଚୂଡ଼ ନୀଡ଼େ କପୋତ ଯେ ରୂପେ
ନପାଇ ଶାବକେ କେବେ ଆକାଶରେ ଉଡ଼େ
କେବେ ଶାଖୀଚୂଡ଼େ, ଏଣେ ତେଣେ ଚାହିଁ ବସେ
ଫେରି ନିଜ ନୀଡ଼େ, ଅଶ୍ରୁବାରି ଅବିରଳ;
ପୋଛିଣ ଅଞ୍ଚଳେ; ଏହିରୂପେ ମନସ୍ତାପେ,
ସପ୍ତ ଦିବା ରାତ୍ର ବସି ବିଷାଦେ କାନ୍ଦିଲୁ
ମାତା ସଙ୍ଗେ ଗୃହଭାଇ; କି କହିବ ପ୍ରଭୋ !
ତବ କୃପାବଳେ ପାଇ ଭାଇ ବୃକୋଦରେ
ହୋଇଲୁଁ ହରଷ ସର୍ବେ; ଯେବେ ଜତୁ ଗୃହେ
ରଖି ପଞ୍ଚଭାଇ ମାତାସହ ଆତତାୟୀ
ପାଞ୍ଚିଲା ମରଣ ଅଗ୍ନି ଦେଇ ବିନାଶିବ
ବୋଲି, ସେହିବେଳେ ନାଥ ! ତବକୃପାବଳେ
ଆଉ ପିତୃବ୍ୟ ପ୍ରସାଦେ, ପାଇଲୁଁ ଜୀବନ,
ନୋହିଲେ କି ଆଜଯାଏ ବଞ୍ଚିଥାନ୍ତୁ କେହି !
ଅଯୋନି-ସମ୍ଭବା-କୃଷ୍ଣା-ସ୍ୱୟମ୍ବର ବେଳେ
ଲକ୍ଷ ରାଜା ମଧ୍ୟେ ପାର୍ଥ, ଲକ୍ଷ୍ୟଭେଦ ଯେବେ
ଲଭିଲା ପରଶ ମଣି ପାଣ୍ଡବ ପାବନୀ,
ତ୍ରିପଥଗା ତ୍ରିଭୁବନେ ପତିତ ପାବନୀ
ଯଥା, ଆକ୍ରମିଲେ ଲକ୍ଷରାଜା ସବ୍ୟସାଚୀ
ବୀରେ, ସହସ୍ର ଶବରେ ଯଥା ମହାବଳ-
ବ୍ୟାଘ୍ରେ ପ୍ରଭୋ ! ତବ କୃପାବଳେ ସିଦ୍ଧା ହେଲା;

(୧) ଶଯ୍ୟା (୨) ବଜ୍ର

ଏକାକରୀ ଧନଞ୍ଜୟ, ଘୋରଯୁଦ୍ଧେ, ତେବେ
କି କହିବି, ଭବକାନ୍ତ ସେ ପୂର୍ବ କଥା, ନାଥ !
କୋପାନଳେ ଜ୍ୱଳେ ହୃଦ, ହୋମାନଳ ଜ୍ୱଳେ
ଯଥା ଆହୁତି ପ୍ରଦାନେ; ଦୁର୍ଯ୍ୟୋଧନାଦେଶେ
ଯେବେ ଦୁଷ୍ଟ ଦୁଃଶାସନ ଗୁରୁଜନ ଆଗେ
କୁଳବଧୂ ପାଞ୍ଚାଳୀକୁ ପଞ୍ଚପତି ପୁରେ
ଓଟାରିଲା ଉଲଙ୍ଗିନୀ ଆଗେ, ରକ୍ତମାଂସ
ଅସ୍ଥି ଦେହେ, ଭବେ, ଏହା ସହିବକେ ?ଅହୋ!
ସ୍ମରିଲେ ସେ ସତୀ କଷ୍ଟ ମନେ ହୁଏ ଯେହ୍ନେ
ସହସ୍ର ବୃଶ୍ଚିକ ଆସି ଦଂଶେ ମର୍ମସ୍ଥଳ !
ସତୀ ସୀତା ସମ ଦେବୀ ପାଞ୍ଚସେନୀ ଆହା !
ପର ସ୍ପୃଷ୍ଟସ୍ପର୍ଶ ଭୀତା ଅତି ଲଜ୍ଜାବତୀ,
ଲଜ୍ଜାବତୀ ଲତାସମ, କାନ୍ଦିଲେ ବିକଳେ,
କାହେ ଯଥା ଶାଖୀ ଦୁ ଖେ ନୁଆଁଇ ଶିରକୁ
ଏଢଙ୍ଗେ ସେଢଙ୍ଗେ ବୃଥା ଆଶ୍ରୟ ଆଶାରେ
ଭୀମ ପ୍ରଭଞ୍ଜନ ଯେବେ ଓଟାରେ ତା ଅଙ୍ଗ,
ନ ପାଇ ଆଶ୍ରୟ କାହିଁ ଘୋର ଝଟିକାରେ;
ଏକେ ଏକେ ସଭା ମଧ୍ୟେ ଡାକିଲା ସକଳେ,
କିନ୍ତୁ କେହି ନ ଶୁଣିଲେକର୍ଣ୍ଣେ, କର୍ଣ୍ଣ, ଦ୍ରୋଣ,
କୃପ,ଶଲ୍ୟ, ଜୟଦ୍ରଥ, ପିତାମହ ଆଦି,
ବ୍ୟାଧେ, ପାଶାବଦ୍ଧ-ଯୂଥ-କୁରଙ୍ଗୀ-କ୍ରନ୍ଦନେ
ବଧିର ଯେରୂପେ; ଧର୍ମାବଦ୍ଧ ପଞ୍ଚପତି
ଦେଖିଲୁଁ ସ୍ତନେବେ ବସି ସ୍ୱପତ୍ନୀ ବିବଶା,
ସର୍ବଂସହାପତି ବୋଲି ବୋଲନ୍ତି ତ ତୋତେ
ପାରିବୁକି ସହି ଏହି ଅବ୍ୟକ୍ତ ଯନ୍ତ୍ରଣା ?
ପତି ଆଗେ ପତ୍ନୀ ଜାନୁ ଦର୍ଶନ ସଭାରେ ।
ସୁଦୃଢ଼ ଶୃଙ୍ଖଳାବଦ୍ଧ ହର୍ଯ୍ୟକ୍ଷ ଯେରୂପେ,
କଡ଼ମଡ଼ ଭୀମ ଦନ୍ତ ଗର୍ଜେ ଭୀମ ରବେ,
ନପାରି ଶୃଙ୍ଖଳ ଭାଙ୍ଗି, ତେସନ ସଭାରେ
ଧର୍ମପାଶାବଦ୍ଧ ଭୀମ, ବୀର ବୃକୋଦର
ପ୍ରଳୟ ଜଳଦସମ ଗର୍ଜିଲା ଭୈରବେ,
ସୁପ୍ତ ଶିଶୁ ମାତୃକୋଳେ ଉଠିଲେ ଚମକି;
କମ୍ପିଲା ସେ ସଭାତଳ, କମ୍ପିଲା ବସୁଧା,
ଟଳିଲା ଭୂଧର ଶୃଙ୍ଗ ଟଳଟଳ କରି
ହାସିଲେ ଦାନବ-ହାସୀ ବିଦ୍ରବେ ଦେବେଶ;
ଅକାଳେ ପ୍ରଳୟ ଭାବି, ଅନନ୍ତ ପାତାଳେ,
ଦଶ ଶତ ଫଣା ତୋଳି ଗୃହିଁଲେ ଚକିତେ,
ନ ଶୁଭିଲା କର୍ଣ୍ଣେ କିନ୍ତୁ କେତେବେଳ ଯାଏ,
କିନ୍ତୁ ନିଫଳ ଏ ବୃଥା ଗରଜନେ, କେହି,
"ମାର" "ମାର" "ଧର" "ଧର" କହି ନଧାଇଁଲେ,
ତାଙ୍କେ ଯେବେ ଉଚ୍ଚକଣ୍ଠେ ପାଇବକ ରକ୍ଷା
କାହିଁ ଗ୍ରାହ-ଗ୍ରସ୍ତ ଜଳେ ? ତେସନ, ଦ୍ରୌପଦୀ
ନ ପାଇଲେ ରକ୍ଷା ତହିଁ ଭୀମ ଭୀମ ରବେ ।
କାନ୍ଦିଲେ ବିକଳେ ସତୀ ଅନାଥିନୀ ସମ
କାନ୍ଦଇ ୧ ଦର୍ଦ୍ଦୁର ଯଥା ଭୁଜଙ୍ଗ କବଳେ,
ସିଂହସମ ପଞ୍ଚନାଥ ଥାଉଁ ସଭାସ୍ଥଳେ ।
ସଂକଟ ତାରଣ ପ୍ରଭୋ ! ଦାତା ଶିରୋମଣି !
ସତୀ ଶିରୋମଣି ଲଜ୍ଜା ରଖିଲ ସଭାରେ
କୋଟି ବସ୍ତ୍ର ଦାନେ, ସେହି ବିଷମ ସଂକଟେ;
ନ ପାରି ହରିଗି ଅଙ୍ଗ ଦୁଷ୍ଟ ଦୁଃଶାସନ
କ୍ଷୁଣ୍ଣମନେ ନମ୍ରଶିରେ ବସିଲା ସଭାରେ;
କୁରୁ-କୁଳ-ଗ୍ଳାନି କ୍ରୂର କପଟୀ ଲମ୍ପଟ
ଅଭୀଷ୍ଟ ଅସିଦ୍ଧ ଦେଖି ଦୁଷ୍ଟ ଦୁର୍ଯ୍ୟୋଧନ
ନିର୍ଲଜ୍ଜ ଅନାଜ, ଅନ୍ନଦ୍ରୋହି କ୍ରୋଧେ, ଛି ! ଛି !
ଦେଖାଇଲା ନିଜ ଜାନୁ ୨ ଜାଣୁମଣି ଆଗେ ।
ସଭ୍ୟ ସର୍ବେ, ଗୁରୁ ଆଦି ଗୁରୁ-ଜନ ଯେତେ
ଜିତେନ୍ଦ୍ରିୟ ଖୁଲ୍ଲତାତ ପିତାମହ ଆଦି
ମୁଦିଲେ ନୟନ, ହେଲା ବିବର୍ଣ୍ଣ ବଦନ,
ତରୁଣ ପଲ୍ଲବ ଯଥା ଅନଳପ୍ରତାପେ;
୩ମନ୍ଦ-ଅରି ମନ୍ଦ ଭାଗ୍ୟ ଦେଖି ୪ ଚନ୍ଦ୍ରଶାଳା-
ଚୂଡ଼େ, ବସିଲେ ବମ୍ପୀଟର, ଉଚ୍ଚେ, ଉଚ୍ଚମୁଖେ,
କୁକ୍କୁର ଶୃଗାଳ ଆଦି କାନ୍ଦିଲେ ବିକଳେ;

(୧) ବେଙ୍ଗୁଲି (୨.) ପଣ୍ଡିତାସ୍ଥି (୩) ପେଚକ (୪) ଘଣୀ ହିଂସ୍ରର

ବିନାମେଘେ ଅକସ୍ମାତେ ଗରଜିଲା ବଜ୍ର,
ଶୁଣି ନ ଶୁଣିଲା ପରି ରହିଗଲା ଦୁଷ୍ଟ ।
କୁଟିଳ ମାତୁଳାଦେଶେ କପଟୀ କପଟେ,
ଖେଳାଇ କପଟ ପାଶା ଜିଣିଲା ପ୍ରଭୋ !
ସର୍ବଜାଣ ! ନ ଜାଣୁକି ତୁହି ? କି କହିବି,
ମାନବ-ଦୁର୍ଲଭ-ସ୍ପୃହା ଫଳ ଥିଲା ଭାଗ୍ୟେ,
ଉଚ୍ଚ ବଂଶେ ରାଜକୁଳେ ଜନ୍ମ ସୁସ୍ଥକାମ୍ୟେ,
ରତି ଜିଣି ରୂପବତୀ ସୀତାସମ ପତ୍ନୀ,
ତ୍ରିଲୋକ ବିଜୟୀ ଭାଇ ଭୀମାର୍ଜୁନ ଥିଲା,
ଭୂତଳେ ଅତୁଳ ଯାହା, କହ ପ୍ରଭୋ ! ମମ
ସମ ସୁଖୀ ଥିଲା କିଏ-ଏ ସଂସାରେ ? ରୂପେ,
ଗୁଣେ, ଧନେ, ମାନେ, କେଉଁ ପଦେ ଊଣା ଥିଲି ?
କୁରୁ-ବଂଶ—ଶନି, ଦୁଷ୍ଟ, କପଟୀ ଶକୁନି
କୁଲଗ୍ନେ ଭେଟିଲା ଆସି କ୍ରୂର ଦୁର୍ଯ୍ୟୋଧନେ;
କୁକ୍ଷଣେ ଖେଳିଣ ୧ ଅକ୍ଷ ହାରିଲି ସମସ୍ତ,
ହସ୍ତୀଅଶ୍ୱ ରାଜ୍ୟଧନ, ଜନ ଆଦି ପଣେ;
ବନବାସୀ ହେଲି ଶେଷେ ତ୍ରୟୋଦଶ ବର୍ଷ,
ବର୍ଷେ ଅଜ୍ଞାତ ତହିଁରେ; ହେବି ଯଦି ଜ୍ଞାତ
ସେହି ଅଜ୍ଞାତ ବରଷେ, ପୁଣି ତ୍ରୟୋଦଶ
ବର୍ଷ ହେବି ବନଗାମୀ, ହାୟ ! ଥିଲି କାଲି
ପୂଜ୍ୟପାଦ ନରପତି ସିଂହାସନେ ବସି,
ହେଲି ଆଜି ଦୀନ ହୀନ ନ ଗଣ୍ୟ ମାନବ
ଭିକ୍ଷାଜୀବୀ, ବନବାସୀ ପଶୁସମ ବନେ !
ଏତେ କଷ୍ଟ ଦେଇ ସୁଦ୍ଧା ନ ଥିଲା ସନ୍ତୁଷ୍ଟ
ହିଂସିଲା ସେ ଘୋରାରଣ୍ୟେ ନାନାମତେ ତେବେ,
ରୂପବତୀ ଦ୍ରୌପଦୀକୁ ଚୋରାଇବ ବୋଲି
ସିନ୍ଧୁରାଜାଙ୍କେ ଦିନେ ସସୈନ୍ୟେ ପେଷିଲା ।
ଅତିଥି-ସତ୍କାର-ବ୍ରତ ବୃଥା କରାଇଣ
ମୁନି କୋପାନଳେ ସର୍ବେ ଜ୍ୱଳାଇବା ଆଶେ
ପେଷିଲା ଶିଷ୍ୟଙ୍କ ସହ ଦୁର୍ବାସାଙ୍କ ବନେ ।
ତବ କୃପାବଳେ ପ୍ରଭୋ ! ସଂକଟେ ତାରିଣ
ପାଇଲୁଁ ଜୀବନ ସର୍ବେ ବିଷମ ସଂକଟେ,
ଅବଶେଷେ ପଞ୍ଚଭାଇ ପଞ୍ଚଗ୍ରାମ ମାତ୍ର
ମାଗିଲୁଁ ଭିକ୍ଷା ଭିଖାରୀ ସ୍ୱରୂପେ ୧ ପିଶୁନ,
ନ ଶୁଣି, କହିଲା ଆଉ ପଞ୍ଚଗ୍ରାମ ଦୂରେ
ସୂଚ୍ୟଗ୍ର ପ୍ରମାଣେ ଭୂମି ନ ଦେବ ପାଣ୍ଡବେ,
ବିନାଯୁଦ୍ଧେ, ଦୃଢ଼ପଣ ମୋର, ହେ ସର୍ବଜ୍ଞ !
କି ଅବା କହିବି ତୋତେ ବିସ୍ତାରି ଅଧିକ,
ପାଇଥିଲୁଁ ପାଞ୍ଚଭାଇ ବନବାସ ଶେଷେ
ଆନନ୍ଦେ କାଟିବୁଁ କାଳ ହସ୍ତିନା ନଗରେ;
ନ ଫଳିଲା ଆଶାସୁଖ ହତଭାଗ୍ୟ ଭାଗ୍ୟେ,
ନିର୍ମଳ ଶାରଦାକାଶେ ସୁଖ ସୂର୍ଯ୍ୟ ଆହା !
ବରଷିଲା ଯୁଦ୍ଧ ଘନ, ଘନ ଘଟା କରି
ମଜ୍ଜିଲା ସବଂଶେ ଦୁଷ୍ଟ ମଜ୍ଜାଇଲା ବୀରେ,
ଭାରତ-ସରସୀ-ଶୋଭି-ସରୋଜ ସଦୃଶ ।
ନର ରକ୍ତ ମେଦ ସ୍ରୋତେ ଡନ୍ତ୍ରିଲା ବମଦ୍ଦର୍ଗ;
କୁଳବଧୂ ଗଣ, ମଣି-ହରା ଫଣୀ ସମ,
କାନ୍ଦନ୍ତି କାତରେ କେତେ ଦେଖି ଭାରତରେ
ହରାଇଣ ନିଜ ନିଜ ପତି ପୁତ୍ର ଭ୍ରାତା ।
କହ ପ୍ରଭୋ ! କି ଉପାୟେ ପାଇବୁଁ ହେ ରକ୍ଷା,
କେ ଅଛି ପାଣ୍ଡବ ବଳେ ସମକକ୍ଷ ପ୍ରଭୋ !
ରଣନୀତି-ବିଶାରଦ ଯୋଦ୍ଧା-ଯୁଦ୍ଧ-ଗୁରୁ,
ଅଜେୟ ଜଗତେ ଯେହ୍ନେ କାର୍ତ୍ତବୀର୍ଯ୍ୟ ସମ,
ତାଙ୍କ ସଙ୍ଗେ ଯୁଝିବାକୁ ସମ୍ମୁଖ ସମରେ;
ତୁମ୍ଭେ ବିନା ଏକମାତ୍ର ପାଣ୍ଡବ ଭରସା,
ତୁମ୍ଭ ବିନା ଅନାଥଙ୍କ କେ ଅଛି ଜଗତେ ?
ଯାହା ଇଚ୍ଛା କର ପ୍ରଭୋ ! ଲଗିଲା ତୁମ୍ଭଙ୍କୁ ।
ଏତେ କହି ସନ୍ଧ୍ୟାଗମେ ପଥିକ ଯେସନେ
କିଂକର୍ତ୍ତବ୍ୟମୂଢ଼ ହୁଏ ନିର୍ଜନ ଅରଣ୍ୟେ,
ବସିଲେ ତେସନ ବୀର ବିଷାଦେ ମଉନେ ।
ଅତୀତ ଦୁଃଖର କଥା ଶୁଣି ଭ୍ରାତା ମୁଖୁଁ
ଭୀମ, ଦଣ୍ଡଧାରୀ ଯମ ସମ ଗଦାଧାରୀ,

( ୧ ) ପାଶା ( ୨ ) ଦୁଷ୍ଟ

କହିଲା ଗମ୍ଭୀରେ, ଗର୍ଜି ଜଳଦ—ନିଃସ୍ୱନେ
ଆସ୍ଫାଳି ବିଶାଳ ଗଦା କର-କର କରେ;
"ତବ ଅନୁଗ୍ରହେ ଭ୍ରାତଃ ! ଏହି ଗଦାବଳେ,
ହୃତ୍ପଟରେ ଥାଏ ଯଦି ଭକ୍ତି ବିଷ୍ଣୁପଦେ,
ପ୍ରଭେ ! ସତ୍ୟଯଦି ଧର୍ମଙ୍କରୁ ପାଣ୍ଡୁ ପୁବେ
ଧର୍ମମାର୍ଗେ ଚଳୁଥିବେ ନ୍ୟାୟପଥେ ସଦା,
ସତ୍ୟ ଯେବେ "ଯତୋଧର୍ମ ସ୍ତତୋଜୟ "ବାକ୍ୟ
ଶାସ୍ତ୍ରସ୍ଥ ନିଶ୍ଚୟ ଭ୍ରାତଃ ! ଜିଣିବୁଁ ନିଶ୍ଚୟ,
କାଲି ରଣେ ଧର୍ମ—ଅନ୍ଧ ଅନ୍ଧ ପୁତ୍ର ଗଣେ;
କାହାଲାଗି ଭିତ ଭ୍ରାତଃ! ଏତେ ଚିନ୍ତାନ୍ୱିତ,
ଅର୍ଥ ଗୃଧ୍ନୁ ଭିକ୍ଷାଜୀବୀ ବ୍ରାହ୍ମଣ କିମତେ?
ଅର୍ଥହେତୁ ବିକଳା ଯେ ସ୍ୱୀୟ ଶ୍ରେଷ୍ଠ ଧର୍ମ,
ସ୍ୱଧର୍ମ-କଳଙ୍କ,ଭୀରୁ, ପର ଧର୍ମଧାରୀ
କେକୀ-ପୁଚ୍ଛଧାରୀ-କାକ, ହୋଇଛନ୍ତି କେବେ
କେକୀ ସମ? କିମ୍ବା କେହି ଦେଖିଛନ୍ତି କାହିଁ
କାଚ ମଣି,ମଣି କାଚ ହେବାର ଜଗତେ?
ନୋହିଛି ନୋହିଛି କେବେ ନୋହିବ ନୋହିବ,
ବ୍ରାହ୍ମଣ ବ୍ରାହ୍ମଣ ସଦା କ୍ଷତ୍ରିୟ କ୍ଷତ୍ରିୟ,
ରହିଥିବ ଯଦବଧି ବିଧି ସୃଷ୍ଟି ବଶେ;
ଭୀମ ବାହୁ ଯୁଦ୍ଧେ ଭ୍ରାତଃ!କି ଶକ୍ତି ଅଛଇ.

ଅଜ୍ଞାତ ଜଗତ ଜନେ ଅବଧି ଏ କଥା,
ରତ୍ନାକର ଗର୍ଭ ଯଥା ଲୁକ୍କାୟିତ ଲୋକେ;
ଦମ୍ଭୋଳୀ,ଦମ୍ଭୋଳୀ-ଧାରୀ ମହାଦମ୍ଭେ କ୍ଷେପି,
ଯେଉଁ ତୁଙ୍ଗ ଶୃଙ୍ଗ ଧରେ,ଭଙ୍ଗି ନ ପାରଇ,
ଭଙ୍ଗି ପାରେ ଦାସ ତାକୁ ଶତ ଖଣ୍ଡ କରି,
ଅନାୟାସେ;ଶିଳା ସହ ଶଇଳ ହେଳାରେ
ଫିଙ୍ଗି ପାରେ ପାରାବାର ଅଗାଧ ଗରଭେ;
ମାନବୀୟ ଉପାଦାନେ ନୋହିଛି ଗଠିତ
ଭୀମଅଙ୍ଗ, ଯହିଁ ବଜ୍ର ଲାଗି ହୋଇଯିବ,
ଭଗ୍ନ,ଯଥା ହିମାଳୟ ଅବୟବେ ଲୋଷ୍ଟ୍ର,
ଅନ୍ୟ ଅସ୍ତ୍ର, କଥା ଅବା କି କହିବ ଆଉ,
ଅଜ୍ଞାତ ଜଗତେ ଅବା କାହାକୁ ଏ କଥା,
ଜନ୍ମକାଳେ ମାତାମମ ନ ପାଇଲେ ତୋଳି
ଗୁରୁ ହେତୁ ଗଲି ପଡ଼ି କ୍ଷତ ଶୃଙ୍ଗପୃଷ୍ଠେ,
ଶତ ଖଣ୍ଡେ ଶତ-ଶୃଙ୍ଗ ଶୃଙ୍ଗ ଗଲା ଭାଙ୍ଗି;
ଭୃଙ୍ଗ ଶୃଙ୍ଗ ଭଙ୍ଗେ ଯଥା ଅଶନି ପତନେ;
ଅଭେଦ୍ୟ ଏ ଅଙ୍ଗ, ଏଥି ନ ଭେଦିବ ଅସ୍ତ୍ର;
ଗୁରୁ ଜାଣେ ସ୍ନେହ ପାଶେ ବନ୍ଧଥିଲି ମୁହିଁ,
ଧୃଜୁମ୍ନ ପିତୃସମ, ନା,ନା ତତୋଽଧିକ
କରି, ଗୁରୁ ଆଜ୍ଞା ଶିରୋଧାର୍ଯ୍ୟ ଭାବୁଥିଲି
ମନେ,ଲଙ୍ଘନେ ଅନନ୍ତ ପାପ ଥିଲା ଜ୍ଞାନେ
ହୃଦେ, ବୃଦ୍ଧ ବ୍ୟାଧ ରୂପୀ ବିଡ଼ାଳ ତପସ୍ୱୀ!
ପଞ୍ଚଭ୍ରାତେ ପାଇ, କାଳ ସରଳ ହୃଦୟୀ
ନଚାଉଛି ସ୍ୱେଚ୍ଛାମତ,ନଚୁ ଏ ଭିକ୍ଷୁକ;
ଯଥା (୧) ଶାଖାମୃଗ ଧରି, ସହିଛି ସମସ୍ତ
ନ ସହିବ କେବେହେଁ ଆଉ କହିଲି ଯଥାର୍ଥ
ଶୃଙ୍ଖଳ ହେଲା ମୁକ୍ତ ଏବେ ହୋଇଛି କେଶରୀ,
ଏକା ଦ୍ରୋଣ ବ୍ୟାଧ କଥା,କି କହିବି ଆଉ
'କୋଟି ଦ୍ରୋଣ ବ୍ୟାଧ ଯଦି ସମ୍ମୁଖିବେ ରଣେ:
ଏ କେଶରୀ କେଶ ଗୋଟି ନ ପାରିବେ ତୋଳି !!
ରୁଷିବେ ସବୁବେ ଯେବେ ଭୀମ ପ୍ରତିକୂଳେ
କାଲି ରଣେ, ତ୍ରିଭୁବନେ ଚରାଚରେ ଯେତେକେ
ଇନ୍ଦ୍ର, ଚନ୍ଦ୍ର, ଯମ ସମ ମହାରଥି—ତତ,
ପଳାଇବେ ସର୍ବେ ଯଥା ପଳାନ୍ତି କୁରଙ୍ଗେ,
ଯୂଥ ମଧ୍ୟେ କ୍ରୁଦ୍ଧ ସିଂହ କରି ଦରଶନ;
ଦେଖିବ ଜଗତ କାଲି, ଭୀମ ଦ୍ରୋଣ ଦୁଇ
ମଧ୍ୟେ କିଏ ବଳୀୟାନ, ପ୍ରଭଞ୍ଜନାଙ୍ଗଜ,
କିମ୍ବା ଭରଦ୍ୱାଜାତ୍ମଜ" ଏତେ କହି ବାୟୁ—
ସୁତ ବସିଲା ନିଶ୍ଚଳେ; ହୋଇଲା ନିଶ୍ଚଳ
ସଭା ବାତ୍ୟା ଶେଷ ଧରାପ୍ରାୟ କ୍ଷଣେ; ତହୁଁ,
ନାରାୟଣ ଧର୍ମସଖା କହିଲେ ସସ୍ମିତେ
"ହେଉ ତେବେ ସେନାପତି ଭୀମ କାଲି ରଣେ"

(୧) ବାନର

"ହେଉ ହେଉ" ସଭ୍ୟସର୍ବେ କହିଲେ ସେକାଳେ
ଅଭିଷିକ୍ତ ହେଲେ ଭୀଷ୍ମ ସେନାପତି ପଦେ ।
ଯଥାବିଧି ତହୁଁ, ବନ୍ଦୀ ଆନନ୍ଦେ ବନ୍ଦିଲ;
ଉଚ୍ଚ କଣ୍ଠେ ଜୟଧ୍ୱନି ପଡ଼ିଲା ଉଚ୍ଛୁଳି,
ପୁର ନାରୀ ହୁଳହୁଳି ଦେଲେ ମହାହର୍ଷେ,
ବାଜିଲା ବିବିଧ ବାଦ୍ୟ ଘୋର ନାଦ କରି
ମହା କୋଳାହଳ କଲେ ପାଣ୍ଡୁବଳ ସର୍ବେ ।

## ତୃତୀୟ ସର୍ଗ
### ପ୍ରକୃତି ବର୍ଣ୍ଣନା

ଅସ୍ତାଚଳେ ଅଭ୍ର କୋଳେ ଅସ୍ତ ଗଲେ ରବି
ବିଷାଦେ କାନ୍ଦିଲା ପ୍ରାଚୀ, ହସିଲା ପ୍ରତୀଚୀ
ମହୋଲ୍ଲାସେ, ହାସ୍ୟମୟୀ ପତ୍ନୀ ଯଥା, ପତି
ଯେବେ ବିଦେଶରୁ ଆସଇ; ପ୍ରକୃତି ସୁନ୍ଦରୀ,
ଶିକ୍ଷା ଦିଏ କି ଅଲକ୍ଷ୍ୟେ; ସୁଖପରେ ଦୁଃଖ,
ସୁଖ ଦୁଃଖ ପରେ ଆସେ ସଦା ପ୍ରାଣୀ ଭାଗ୍ୟେ
ଭବେ । ହମ୍ବାରବେ ଗାଭୀ ବୃନ୍ଦ ଅସମ୍ଭାଳ
ହୋଇ, ତର ତରେ ପରସ୍ପରେ ମରାମରି
କରି, ପାଞ୍ଚଣ ପ୍ରହାର ଭୟେ ଆଗେ ଆଗେ
ଧାଉଁଛନ୍ତି ପୁଚ୍ଛ ଉଚ୍ଚକରି; ପଥପାର୍ଶ୍ୱୁଁ
ତୋଳି କେହୁ ଶ୍ୟାମ ଶସ୍ୟାଙ୍କୁର କେହୁଅବା
ଶୃଙ୍ଗେ ବାଡ଼ ଭାଙ୍ଗି ପଶେ କୃଷକ ବାଡ଼ିରେ
ନ ସମ୍ଭାଳି ଲୋଭ ( ପଶୁ ଲୋଭ ଦମ୍ୟ ନୁହେ
ଦେଖାଏ କି ଅବା ) ଗୋରୁ ଖୁରୋତ୍ଥିତ ଧୂଳି
ଗୋଧୂଳି-ଗଗନେ ଘନ ଆବରି ସତ୍ୱର
ନୀରଦ ସଦୃଶ ଦୂରୁ ଦିଶେ ସ୍ତର ସ୍ତର,
ଆସେ ପଛେ ପଛେ ତାଙ୍କ, ମନ୍ଥର ଗମନେ,
ସ୍ୱଚ୍ଛନ୍ଦେ, ଗୋଷ୍ଠୁ ଫେରି ଧୂଳି-ଧୂସରିତ
ଅଙ୍ଗ, ଗୋପାଳକ, ଗୋପବାଳ, ଗୋ ତାଡ଼ନ—
—ଦଣ୍ଡ ହସ୍ତେ ଶୋଭିତ, ସରଳ ସଙ୍ଗୀତ
ରଙ୍ଗେ ଗାଇ ନାଚି ନାଚି; ବତ୍ସା ସହ ଗାଭୀ —
ବୃନ୍ଦେ ଥାଇ ଥାଇ କେବେ ଭର୍ତ୍ସଇ କ୍ଷୁଧିତେ
ଅଭିଧାନ-ଅବ୍ୟକ୍ତ ଶବ୍ଦେ ପଶୁଜ-ସୁଲଭ ।
କ୍ରମେ ଆସିଲା ଅନ୍ଧାର, ସନ୍ଧ୍ୟା ଆଗମନ
ଦେଖି ପଥିକ ସତ୍ୱର ତର ତରେ ଗୃହେ
ପଥ ଅନାଇଁ ପଶ୍ଚିମେ, ହେଲେ ମହାନନ୍ଦ
ସବୁ ନାଗର ନାଗରୀ, ବିଶେଷତଃ ପତି
ପତ୍ନୀ ନବ ବିବାହିତା; ଚକୋର ଚକୋରୀ
କହି "କ୍ରୂର ବିଧି" ବୋଲି ଛାଡ଼ିଲେ ବିରହ-
ବ୍ୟଥା ସମସ୍ତ ଶାବକୀ, କେକୀ, କେକୀବଧୂ
ସହ, ଉଚ୍ଚ ଶାଖୀ ଚୂଡ଼େ, କପୋତ କପୋତୀ,
କାକ ଉଡ଼ି ନିଜ ନୀଡ଼େ, ଆଶ୍ରିଲେ ଖେଚର
ସର୍ବେ ନିଜ ନିଜ ବାସ, ତରୁ ଲତା ଗୁଳ୍ମ—
ଦଳ ପଡ଼ିଲା ଝାଉଁଳି; ବଢ଼ିଗଲା ଛାୟା—
ଛାୟା ଛାଇଲା ଚୌଦିଗେ ଅନ୍ଧକାର କ୍ରମେ;
ନବ ବଧୂ ସମ ସନ୍ଧ୍ୟା, ସୌମ୍ୟ ଶାନ୍ତ ମୂର୍ତ୍ତି;
ଆସଇକି ଧୀରେ ଟାଣି ଓଢ଼ଣା ଆବକ୍ଷ !
ମନ୍ଦ ମନ୍ଦ ଗନ୍ଧବହ, ବହିଲା ସୁସ୍ୱନେ;
ମସୀମୟୀ ନିଶିଥିନୀ ଅସିତ-ବସନା
ଆସିଲା ପିନ୍ଧି ଗଳେ ତାରା-ରତ୍ନହାର;
ସୀମନ୍ତେ ସିନ୍ଦୂର ରୂପେ ଶୋଭେ ଗୁରୁ ବାଳ-
ଇନ୍ଦୁ; ବନ୍ଧୁ ଉଦେ ଦେଖି ଫୁଟିଲା କୁମୁଦ
ସରେ, ସରସ ବଦନେ; ଅବିରଳ ଅଶ୍ରୁ-
ବାରି ବର୍ଷିଲେ ନଳିନୀ ବୃନ୍ତାସନେ ବସି;
ଉଡୁପତି ଉଦେ ଦେଖି ମହୋଦଧି ତହୁଁ,
ବନ୍ଧୁ ସମାଗମେ ବନ୍ଧୁ ଯଥା, ମହାନନ୍ଦେ
ଆଲିଙ୍ଗନ ଆଶେ ଅଙ୍ଗ, ଧାଇଁଲା ଚଞ୍ଚଳ;
ଉତ୍ତାଳ-ତରଙ୍ଗ-ମାଳା ଭ୍ରମିଲେ ଭୀଷଣେ,
ଗମ୍ଭୀର ନୀଳାମ୍ବୁ ରାଶି ମନ୍ଦ୍ରିଲା ଭୈରବେ
ବେଳା ଲଙ୍ଘି ଜଳଚରେ ରଙ୍ଗେ ଚୌଦିଗେ
ଅସଂଖ୍ୟ ମକର ମୀନ କୁମ୍ଭୀର କୂର୍ମାଦି !
ଉର୍ଦ୍ଧ୍ୱେ ଅର୍ଦ୍ଧ ଇନ୍ଦୁ, ଏକ ଶୋଭେ ନୀଳନଭେ
ଶତ ଇନ୍ଦୁ ଉଦ୍ଭାସିତ ସାଗର ଗରଭେ,

ପୁଣି ସେହି ଶତ ଇନ୍ଦୁ ଚଞ୍ଚଳ ତରଙ୍ଗେ,
ଭାସୁଏ ଶତ ଶତ, ଦୃଶ୍ୟ, ଅତି ମନୋରମ;
ଅହୋ ! କି ବିଚିତ୍ର ଲୀଳା ତବ ଲୀଳାମୟ
ପ୍ରଭୋ ! ବୁଝିବ କେମନ୍ତେ କହ ଅଳ୍ପମତି—
ନର, କୂପ ଭେକ କେବେ, ପାରଇକି ବୁଝି
ଅପାର ସାଗର ବାରି କି ଭାବେ ବହଇ ?
ଇଚ୍ଛାମୟ ପ୍ରଭୋ ! ତବ ଇଚ୍ଛା ଜ୍ଞାତମାତ୍ର
ତୋତେ, ନ ଜାଣଇ ଅନ୍ୟ କେହି ଚରାଚରେ
ଜଗେ, ଅଖିଳ ବ୍ରହ୍ମାଣ୍ଡ ଚଳେ ନିରଙ୍କୁଶ
ଇଚ୍ଛାବଳେ ତବ, ପୁତ୍ତଳିକା ଧାଇଁ କରେ
ସୂତ୍ରଧର ଜାତେ ଯଥା ବିବିଧ ବିଧାନେ ।
ଚପଳା-ଚଞ୍ଚଳା-ଉର୍ମି—ସଂକୁଳ ସମୁଦ୍ର,
ଖଣ୍ଡେ ଏକ ଭଙ୍ଗେ କରି ଭୀମ ଘୋରଘୋ ରବ
ଯେସନେ ଅସନ୍ତ ପ୍ରଳୟ; ନିସ୍ତବ୍ଧ ସ୍ତିମିତ
ଶୈଳ ଶ୍ରୀ ମଣ୍ଡିତ-ଶୋଭା, ମନ୍ଦ-ମୁଗ୍ଧକରା
ଅନ୍ୟ ଭାଗେ; ପୁଣି ଊର୍ଦ୍ଧ୍ୱେ ପ୍ରଶାନ୍ତ ଚନ୍ଦ୍ରିକା
ନଭ, ନିମ୍ନଲେ ସାଗରେ । ଦେଖନ୍ତେ ଏ ଶୋଭା
ହୃଦେ ଏମନ୍ତ ଆସଇ; ତ୍ରିଗୁଣ ଧାରିଣୀ
ସତୀ ପ୍ରକୃତି ସୁନ୍ଦରୀ, ସତ୍ତ୍ୱ, ରଜ-ତମ
—ରୂପ, କରେ କ୍ରୀଡ଼ା କାଳସ୍ରୋତେ ନବବେଶ
ଧରି, ସତ୍ତ୍ୱନଭ, ରଜସିନ୍ଧୁ, ତମ ଶ୍ୟାମ—
ଶୈଳ । ଶବଦରି ସହଚରୀ ନିଦ୍ରାଦେବୀ
ଶାନ୍ତି ପ୍ରଦାୟିନୀ, ମର୍ତ୍ତ୍ୟେ ଅବତୀର୍ଣ୍ଣ ହୋଇ
ଭ୍ରମୁ ଥିଲେ ତରତରେ ଚଳିଲେ ସବୁଆଡ଼େ,
ଲକ୍ଷ ଲକ୍ଷ ଲୋକ ଯହିଁ ଡାକନ୍ତି ଦେବୀଙ୍କୁ
ନ ପାରି ସହିଣ ଅହା ! ଅସହ୍ୟ ଯନ୍ତ୍ରଣା,
କ୍ଷତ ଲାଗି ବ୍ୟସ୍ତ କେହି ଉଦ୍ବ୍ୟସ୍ତ କେହିବା
ଭ୍ରାତୃ ବନ୍ଧୁ ବିୟୋଗରେ, ଲଭିବେ ବିଶ୍ରାମ
ବୋଲି ପାସୋରିଣ ଶୋକ, ଏମନ୍ତ ସମୟେ
ଦେଖା ହୋଇ ଉପସ୍ଥିତ ସଇନି ସୈନିକେ,
ଛାୟା ନିଶି-କରେ-ସ୍ୱର୍ଣ୍ଣ-ମଣି ସମ ଅହା !
ଶୁଆଇଲେ ସମସ୍ତଙ୍କୁ ପଶି ଘରେ ଘରେ ।
ଜନନୀ କୋମଳ ସ୍ନେହ କର ପରଶନେ
ଶୁଆଏ ସନ୍ତାନେ ତାର ଯଥା ରଜନୀରେ;
ଆଦେଶିଲେ ଅନୁଚରୀ ସ୍ୱପ୍ନଦେବୀ ପ୍ରତି,
ଦେଖିଲୋ ଯେରୂପେ କାବ ନୁହେ ନିଦ୍ରାଭଙ୍ଗ
ଯୁଦ୍ଧକ୍ଳାନ୍ତ ହୋଇଛନ୍ତି ସୈନିକ ସରବେ; ।
କରାଅ ପ୍ରଫୁଲ୍ଲମନା ସମସ୍ତଙ୍କୁ ଆଜି,
ଦର୍ଶାଇ ତୋ ମାୟାରାଜ୍ୟ ନନ୍ଦନ କାନନ ।
ଏତେ କହି ନିଦ୍ରାଦେବୀ ଚଳିଲେ ଅନ୍ୟତ୍ର,
ଅବଶ ଶିଥିଳଅଙ୍ଗ ହେଲା ସମସ୍ତଙ୍କ ·
ନେତ୍ର-ପତ୍ର ଜେତେ ଜଳା ଗୃହଁ ଗୃହଁ ଚାହିଁ
କ୍ରମେ କ୍ରମେ କର୍ଣ୍ଣେ କିଛି ନ ଶୁଭିଲା ଆଉ,
ପାସୋରିଲେ କର୍ମେନ୍ଦ୍ରିୟ ନିଜନିଜ କର୍ମ,
ଶୂନ୍ୟହେଲା ବାହ୍ୟ ଜ୍ଞାନ କ୍ଷଣକାଳ ପରେ ।
ଡାକିଲା ସ୍ୱପନେ କାହା ଘଡ଼ ଘଡ଼ କରି
କାହାର ବହିଲା ଲାଳ ଚକ୍ଷୁଦେଶ ଦେଇ,
ଖସିଣ ବସନ ଲୋଟନ୍ତି ଭୂତଳେ କାହାର,
ଉଲଗ୍ନେ, ଅର୍ଦ୍ଧଲଗ୍ନେ ଶୋଇଛନ୍ତି ଥୋକେ;
ମାୟାବିନୀ ସ୍ୱପ୍ନଦେବୀ ଭ୍ରାନ୍ତ ବିଳାସିନୀ,
ମନୋମତ ଅବସର ପାଇଣ କୌତୁକେ,
ଦର୍ଶାଇଲେ ମାୟା ରାଜ୍ୟ ସୈନିକେ, ତାଙ୍କର;
ମହାମାୟା ମୁଗ୍ଧହୋଇ ସୈନିକ ସରବେ
ଦେଖନ୍ତି ସମ୍ମୁଖେ ନିଜେତେ ସୁଧା ସ୍ନାତ ସୌଧେ
ନିଦାଘ ନିଶୀଥେ ବସି ପ୍ରିୟତମା ସଙ୍ଗେ
ଦୁଗ୍ଧ-ଫେନ-ନିଭ ତଳ୍ପେ ସଜ୍ଜିତ ପ୍ରକୋଷ୍ଠେ;
ଉନ୍ମୁକ୍ତ ଗବାକ୍ଷ ଦେଇ ସୁଗନ୍ଧ ପବନ
ବହେ ସ୍ନିଗ୍ଧ ମନ୍ଦ ମନ୍ଦ ପୁଷ୍ପ ଗନ୍ଧ ହରି,
ପ୍ରିୟା-ମୁଖ ହାସ୍ୟୋଚ୍ଛ୍ୱାସ-କମ୍ପିତ-ଅଧରୁ
ପିଅଇ ଅମୃତ ସୁଖେ ପୁଲକ ହୃଦୟେ,
ପୁନଃ ପୁନଃ ମୁଖଚନ୍ଦ୍ରେ ନିରେଖେ ଅତୃପ୍ତେ,
ପ୍ରେମୋଚ୍ଛ୍ୱାସେ ଆଲିଙ୍ଗନ କରେ କେତେ ।

ଗୃହେଁ ଗୃହେଁ ଦେଖିଲା ସେ ପ୍ରେମୋନ୍ମତ୍ତପ୍ରିୟା
ସଲଜ୍ଜ ସସ୍ମିତେ, ଛଣି ନ ଜାଣିଲା ପରି
ଛୁଡ଼ି ଛୁଡ଼ି କାନ୍ତ କଣ୍ଠେ ଜଡ଼ିଲା ସବେଗେ,
ଥାଇ ଥାଇ ହସେ ଯୁବା ପ୍ରେମୋନ୍ମତ୍ତ ମନେ
ସସ୍ମିତ ବଦନ ବାହ୍ୟେ ଦେଖାଯାଏ ମାତ୍ର
ଗାଢ଼ ନିଦ୍ରା ଅଭିଭୂତ ହୋଇଲେହେଁ ତଥାପି;
ଅବଶ ନିସ୍ତେଜ ଯୁବା ଅବଳା ବନ୍ଧନେ,
ହୁଅଇ ଅବଶ ଯଥା ଦାରୁ ଭେଦ—ଭୃଙ୍ଗ
ମଧୁ ଲୋଭେ ବସେ ଯେବେ କମଳିନୀ କୋଳେ
କମନୀୟ ସୁକୋମଳ ଦଳ ସ୍ପର୍ଶେ ତାର;
ଅଛଇ କାହାର ସାଧ ତ୍ରିଭୁବନ ମଧ୍ୟେ
ଦେବତା ଅସୁର ନର ଗନ୍ଧର୍ବ କିନ୍ନର
କରି ଏ ବନ୍ଧନ ଛିନ୍ନ ହୋଇବ ଉଦ୍ଦାମ ।
ଏ ବନ୍ଧନେ ପଡ଼େ ଯେବେ ଯୋଗୀବର କାରେ
ଭୁଲିଯାଏ ଯୋଗ ଯାଗ ଥାଉ ଅନ୍ୟକଥା;
କେହୁ ବା ଦେଖଇ ତହିଁ ଗନ୍ଧର୍ବ ଭୁବନେ
ହାସ୍ୟ ଲାସ୍ୟମୟୀ ଚାରୁ ବିମ୍ବାଧରୀ ଗଣ
କୁସୁମ-ଭୂଷଣ-ବାସ ସୁବାସିତ ତୈଳେ
ସୁଚର୍ଚ୍ଚିତ ହୋଇ ହର୍ଷେ ଭ୍ରମନ୍ତି କୌତୁକେ;
ଚାରୁଉରୁ ଉଚ୍ଚ କୁଚ ଚତୁର କଟାକ୍ଷ
ନିରେଖି ଯାହାଙ୍କ, କ୍ଷଣେ ଅଜିତ ସଂଯମୀ
ନିକଟେ ହବେ, ଚର, ପଦେ କଥାପଦେ ପାଇଁ;
ସେହିପରି ମୋହିନୀଙ୍କ ପ୍ରେମ ସମ୍ଭାଷଣେ
କରନ୍ତି ସାର୍ଥକ କାରେ ଭଙ୍ଗୁର ଜୀବନେ
ଅସ୍ଥାୟୀ ଯୌବନ, ବହୁତପ- ପୁଣ୍ୟାର୍ଜିତ—
ଭବ ନର-ଜନମର-ପରମ-ସମ୍ପଦ !
ଦେବତା ଦୁର୍ଲ୍ଲଭ ସୁଖ ସ୍ନେହ ପ୍ରୀତି ରସେ
ମତ୍ତ କେହୁ କେଳିକୁଞ୍ଜେ ନିର୍ଜ୍ଜନେ ଗୁପତେ;
ନବପୁତ୍ର ମୁଖ ଦେଖି ପୁତ୍ରହୀନ ବୃଦ୍ଧେ,
ଦନ୍ତହୀନ ମୁଖେ ହର୍ଷେ ହସନ୍ତି ଅହ୍ଲାଦେ
ବିକୃତ ସସ୍ମିତ ମୁଖ ଢାଙ୍କେ ବାସ୍ତବରେ ।

ସାମାନ୍ୟ ସୈନିକ ଯାଙ୍କୁ ନ ଗଣନ୍ତି କେହୁ
ସୈନ୍ୟ-ପଦ-ବାଚ୍ୟ ବୋଲି, ଦେଖନ୍ତି ସମ୍ମୁଖେ
କେତେ, ଆଧନ୍ୟ ସଂଗ୍ରାମେ, କେଶରୀ ବିକ୍ରମେ
ପଶି, ବିନାଶନ୍ତି ଶତ୍ରୁସୈନ୍ୟ, ସେନାପତି
ସହ; କେହୁବା ନାଦଇ ଦମ୍ଭେ ସିଂହନାଦେ,
ଆହତ ଉପରେ, ଯଥା ଗର୍ଜ୍ଜଇ ହର୍ଯ୍ୟକ୍ଷ
ଅର୍ଦ୍ଧମୃତ କବଳିତ ବୃଷ ଅଂସୋପରି
ବିକୃତ ହୁଙ୍କାର କରି ଶୁଭଇ ପ୍ରକୃତ ।
ଲଭିକେ ବିଜୟ ପୁଚ୍ଛେ ଗାଇ ଜୟ ଜୟ
ବିଜୟୀର ବୈଜୟନ୍ତୀ ତୋଳେ ତର ତରେ
ବାସ୍ତବରେ ହସ୍ତ ତୋଳି କହେ ଜୟ ଜୟ ।
ନୀଚୁ ଉଚ୍ଚ ପଦ ଲଭି ସ୍ଫୀତକେ ଆନନ୍ଦେ
କେହୁବା ଶୁଣଇ ତାଙ୍କୁ ପ୍ରଶଂସନ୍ତି ସର୍ବେ
ସମର ବିଜୟୀ ବୋଲି ବିନାଶି କେ ଶତ୍ରୁ
କୁଳ କରଇ ଲୁଣ୍ଠନ ମୁକୁଟ କଣ୍ଠୀ
ରତ୍ନ ରତ୍ନହାର ଚନ୍ଦ୍ରହାର ବିଭୂଷଣ
ଅସ୍ତ୍ର, ମଣି ମାଣିକ୍ୟାଦି, ମହାର୍ଘ ସମ୍ପତ୍ତି
ରଣଜୟୀ ହୋଇ କେହୁ ପୂଜେ ପ୍ରଣୟିନୀ
ଚାଳି ପଦାମ୍ବୁଜେ ଯେତେ ଲୁଣ୍ଠିତ ପଦାର୍ଥ;
ଆକାଶେ ସୁବର୍ଣ୍ଣ ହର୍ମ୍ୟ ସୃଜି ଏହିରୂପେ,
[୧] ସମ୍ମେଶେ ଦେବେଶ ଭୋଗ ଭୁଞ୍ଜନ୍ତି ସରବେ ।
ଅନନ୍ତ ଅମ୍ବରେ ନଭେ ସୁନୀଳ, ନିର୍ମଳ
ନୀରେଶ୍ୱର ସମ ଶୋଭେ ସ୍ଥିର ସୁଗମ୍ଭୀର
ଶୋଭେ କୋଟି କୋଟି ତାରା ଚୋଟି [୨] ହୋଇ
[୨]ପିପିଲି ନିର୍ମିତ ଚାରୁ ଚନ୍ଦ୍ରାତପେ ଯଥା
ଚାରୁ କାର୍ଯ୍ୟ; କମ୍ବାଜଳେ ଦୀପାବଳି ଯଥା
ଅମା ତ୍ରିଯାମାରେ, ପ୍ରତି ହିନ୍ଦୁଘରେ ଯେବେ
କଳୁଷ ନାଶିନୀ ଶ୍ୟାମା, ନୃମୁଣ୍ଡ—ମାଳିନୀ
ପଶ୍ଚାତରେ ପିଣ୍ଡ ଭୋଜ—ପିତୃଲୋକ ସହ,
ଅସି ପୂତ ଭାରତକୁ, ପୃଥିବୀ ପ୍ରସିଦ୍ଧ,
ଅପୂତ ସନ୍ତାନେ ତାର ଦେଇ ଦରଶନ ।

(୧) ସ୍ୱପ୍ନେ (୨) କଟକ ଜିଲ୍ଲାର ଗ୍ରାମ ବିଶେଷ

ଗଗନ ଗବାକ୍ଷ ଖୋଲି ଶଶୀ ସୀମନ୍ତିନୀ
ପତିପ୍ରାଣା ସତୀ, ଦୀର୍ଘ ବିରହ ବିଧୁରା
ସ୍ୱୀୟ ପତି ଆଗମନ ଅପେକ୍ଷା ଆଶାରେ
ପଥ ପ୍ରତି ଦେଖନ୍ତିକି ଉତ୍ସୁକ ନୟନେ ?
( ଦୁଃ ସମୟ-ଶାପକାଳ ଶେଷ ପ୍ରାୟ ଜାଣି )
ନିଶା ଅବସାନେ ସରେ ସରୋଜିନୀ ଯଥା
ଉଦୟ ଅଚଳେ ଦେଖି ଅରକ୍ତ ବରଣ ।
ପ୍ରସ୍ତର ପ୍ରତିମା ସମ ନୀରବେ ନିଶ୍ଚଳେ
ଭୂତଳେ ସ୍ଥାପିଣ ଦୃଷ୍ଟି ଦେଖନ୍ତି ସକଳେ ।
ନିସ୍ତବ୍ଧତା ଦେଖି ତାଙ୍କ ଲାଗଇ ସନ୍ଦେହ
ସର୍ବେ ନୀରବ କିପାଇଁ ? ନୀରବ ହୋଇବା
ସତୀ ପତ୍ନୀ ପକ୍ଷେ କେବେଁ ନୁହେ ନୈସର୍ଗିକ ?
ପତିଙ୍କୁ ଉପେକ୍ଷାଗତ ଜାଣେ ଯଦି ସେହି ।
ମନେ ଧୁଏ ଦେଖି ଯେବେ ନା, ନା, ତାହାନୁହେ
ସୁନୀଳ ଦୁକୂଳାବୃତ ବଧୂବଧୂ ବୃନ୍ଦ
ଅବଲୋକ ସ୍ୱପ୍ରାଣେଶେ, ଜୀବନ—ସର୍ବସ୍ୱ ।
ସ୍ୱର୍ଗଚ୍ୟୁତ-ଶାପ-ଗ୍ରସ୍ତ-ଦେବ ସୁଧାକରେ,
ଅଭିମନ୍ୟୁ ରୂପେ ରହି ସମର ଶିବିରେ
କୁରୁକ୍ଷେତ୍ରେ, କ୍ରୀଡ଼ାରତ ଉତ୍ତରା ସହିତେ
ରତି ଜିଣି ରୂପବତୀ ନବୀନା ନାଗରୀ
ସଧବା-ସୁଲଭ-ହଂସା ବଶବର୍ତ୍ତୀ ହୋଇ
ନିରେଖନ୍ତି ଏକଧ୍ୟାନେ ଅରୁଣ ଲୋଚନେ;
ନିନ୍ଦାକରେ ପୁରୁଷେ ଯେ ଷଟ୍ପଦ ସଦୃଶ
ଅତି ଅସଂଯମୀ କହି । କେହି ବା ହିଂସଇ
ଉତ୍ତରା ନିଷ୍ଠୁରତା, ତାରା ପରଶ୍ରୀକାତର;
ହେଉବା ନହେଉ ତାହା; ମମ ଅନୁମାନ
ମନେ ଏମନ୍ତ ଆସଇ; ନ ନିରେଖେ କେଉଁ-
ସାଧ୍ୱୀ ସ୍ୱତଃ ଘୃଣା ନେତ୍ରେ ପତି ଅନ୍ୟ ପତ୍ନୀ—
ପ୍ରତି; ହେଲେହେଁ ସେ ସହ୍ୟଶୀଳା ସହସ୍ରଶଃ

ତୃତୀୟ ସର୍ଗ ସମାପ୍ତ

## ଚତୁର୍ଥ ସର୍ଗ

॥ ରୋହିଣୀ—ବିଳାପ ॥

ଶଶୀ ପୁରେ ବସି ଏକ ସୀମନ୍ତିନୀ
ଯୋଷା ଶିରୋମଣି ଯେବେହେ ଅନାଥିନୀ
କାନ୍ଦଇ ନୀରବେ ବହେ ନୀର ଝର—
ପଡ଼େ ଗଣ୍ଡେ କୁଚେ ଝର ଝର କରି ;
ଘନ ନୀଳ କେଶ ଲୋଟଇ ଭୂତଳେ
ଗଣ୍ଡେ ସ୍ଥାପି ହସ୍ତ ବସିଛି ବିକଳେ ।
ଖୀଣେ ଝଟକଇ ସିନ୍ଦୂର ସୀମନ୍ତେ
ବାରୁଣୀ ଯେସନ ଗୋଧୂଳି ଆଗତେ
ଆଚ୍ଛାଦଇ ଯଦି ସେ ବେଳେ ତପନେ
ଅସ୍ତ ଗିରି ଶିରେ କାଦମ୍ବିନୀ ଘନେ ।
ପଡ଼ିଛି କୁନ୍ତଳ ପୃଷ୍ଠେ ବିଶୃଙ୍ଖଳେ
ଅଙ୍ଗୁ ଖସି ବସ୍ତ୍ର ଲୋଟଇ ଭୂତଳେ ;
ବିଲୋଳ କୁନ୍ତଳ ପଶ୍ଚାତେ, ସମ୍ମୁଖେ
ନିଶୀ ସରୋଜିନୀ-ସମ-ମୁଖ ଦୁଃଖେ;
ଏ ଛବି ନିରେଖି ଉଦେହୁଏ ମନେ,
ଗ୍ରାସେ ତାମସ କି ଗୋଧୂଳି କିରଣେ ?
କିମ୍ବା ରାହୁମୁଖ କରଣି ବ୍ୟାଦାନ
ଧାଏଁ ଗିଳିବାକୁ ସୁଧାଂଶୁ ବଦନ ?
ନାହିଁ ଆଉ କିଛି ଅଙ୍ଗେ ଆଭରଣ ,
ରହିଛି କେବଳ ଶ୍ରୀକରେ କଙ୍କଣ ;
ନୀଚ କଲାବେଳେ କୃଶୋଦରୀ କର ,
ଖସି ପଡ଼େ କରୁ ବଳା କେୟୂର ;
ଅନ୍ୟକର ଦେଇ ଚଞ୍ଚଳେ ଚଞ୍ଚଳା,
୧ପ୍ରକୋଷ୍ଠେ ଯତନେ ତୋଳି ରଖେ ବଳା,
କେଶ ବାସପ୍ରତି ନାହିଁ ତା ଯତନ ,
ଆଦରେ ଶ୍ରୀକରେ ରଖିଛି କଙ୍କଣ ;
ବଳୟେ ବାଳାର ଦେଖିଣ ପୀରତି ,
ମନେହୁଏ ନିଷ୍ଟେ ସଧବା ଯୁବତୀ ;
ସ୍ଥୁଳଥିଲା କର ୨ଫେର ଥିଲା ବଳା,

(୧) ମଣିବନ୍ଧ (୨) ପରିଧିବସ୍ତ୍ର

ପୂର୍ବ ବଳା ଅଛି କରି କେତେଣେ ଗଳ୍ପ ?
ସ୍ଥୂଳ କରେ ସିନା ବହିଥିଲା ଜଡ଼
କୃଶକରୁ ଏବେ ଯାଉଅଛି ପଡ଼ ;
ହେମ ଅଙ୍ଗେ ଆହା ଲଗିଅଛି ମସୀ ,
କିଏ ଏ କାମିନୀ ଏକାଅଛି ବସି !
ପାଗଳିନୀ ପ୍ରାୟ ନବୀନ ଯୌବନା ,
ଜୀର୍ଣ୍ଣ ଶୀର୍ଣ୍ଣ ତନୁ ମଳିନ ବସନା !
ସୂକ୍ଷ୍ମ ଚୀନବାସ ଭେଦି ରୂପଶୋଭା
ଦିଶେ ସୁନ୍ଦର କେତେକ ମନୋଲୋଭା
କୌମୁଦୀକୁ ଗାଢ଼ କରି କି ବିରଞ୍ଚି
ତନ୍ୱଙ୍ଗୀ ଲଳିତ ତନୁ କି ଗଢ଼ିଛି ?
ନ କହଇ କିଛି ରହିଛି ଅନାଇଁ ,
ବୁଝେ ବୋଲି କିଛି ବୁଝି ଯାଉନାହିଁ ;
ସେଜାଣେ ତାମନେ ନ ପଡ଼ଇ ଜଣା
ଚିନ୍ତନା କରଇ ବସି କି ଭାବନା ;
ଥରେ ଥରେ ଥାଇ ନିଃଶ୍ୱସଇ ଘନେ ,
"ହାୟ" "ହାୟ" କହେ ଅସ୍ଫୁଟ ବଚନେ
ନୟନୁ ଲୋତକ ନାସିକାରୁ ଲାଳା,
ଅଞ୍ଚଳେ ପୋଛଇ ମଧ୍ୟେ ମଧ୍ୟେ ବାଳା ;
ଅଙ୍ଗକାନ୍ତି ଦେଖି ଉଦେ ହୁଏ ମନେ,
ସାମାନ୍ୟା ଏ ନାରୀ ନୁହଇ, ଏ ଜଣେ ;
୧-ଜମ୍ବାଳ ଗୋଳାକ ଶୁଦ୍ଧ ୨ଜାମ୍ବୁନଦେ,
ବାମା ଅଙ୍ଗ ଦିଶେ ତେସନ ବିଷାଦେ ;
ବିଷାଦ ସାଗରେ ରହିଛି ମଗନ
ଦୂରୁ ଦେଖି ମନେ ହୁଅଇ ଏସନ ;
ଯେତେହେଲେ ପଛେ କଠିନ ହୃଦୟ,
ନିରେଖି ଏରୂପ ଦ୍ରବିବ ନିଶ୍ଚୟ ;
ଗୁହୁଁ ଗୁହୁଁ ବାଳାପଡ଼ିଗଲା ଢଳି,
ତରୁ ଛିନ୍ନ କିବା କୁସୁମିତ ବଲ୍ଲୀ;
ଥର ଥର ଥରେ ପାଦ ଶିର କର ,
ଛିନ୍ନ—ପୁଚ୍ଛ ପ୍ରାୟେ ଜୀବନ୍ତ ନାଗର ;

ପାଷାଣେ ଘର୍ଷଣ କରି ଶିର କରେ,
ବହଇ ଶୋଣିତ ଅଙ୍ଗୁ ଦର ଦରେ;
ଉଠିଲା ଚିତ୍କାର ବିକଟ ନିଃସ୍ୱନେ,
ନିଶୀଥେ ଶ୍ମଶାନେ ଡାକିନୀ ଯେସନେ ;
ଶୁଣି ଭୀମ ସ୍ୱର ହୋଇ ହୁଡ଼ା ହୁଡ଼ି,
ଆଳିଏ ସକଳେ ଆସିଲେ ଦଉଡ଼ି ;
କହେଲା କହେଲା ବୋଲି କେ କହଇ ,
ଆଣ ଆଣ ବାରି ବୋଲି କେ ଡାକଇ ;
ଧର ଧର କହି କେ ତୋଳଇ ବାହୁ ,
ତର ତର ହୋଇ ଧାଇଁଛି କେ କାହୁଁ ;
ଧସ୍ତାଧସ୍ତ କରି ଭୂତଳୁ ତୋଳିଲେ,
ଆଉଜାଇ କୋଳେ ବାଳୀକୁ ବସିଲେ ;
କେଉଁ ସଖୀ ବାରି ସିଞ୍ଚଇ ବଦନେ,
କେହବା ବିଞ୍ଚଇ ବିଞ୍ଚଣା ପବନେ ;
କେ ପୋଛି ଦିଅଇ ଲୋତକ ଶୋଣିତ,
ଆବରେ ଶ୍ରୀଅଙ୍ଗ କେହବା ତ୍ୱରିତ ;
ଯାଇଅଛି ଭିଡ଼ି ଦଶନ କବାଟ,
କି ଭାଗ୍ୟେ ରହିଛି ରସନା ନ କାଟି ;
ଶୁଆଇଲେ ନେଇ ଉଠାଇ ପଲଙ୍କେ,
ଘୋଡ଼ାଇ ବସନେ ଯତ୍ନେ ତାଙ୍କ ଅଙ୍ଗେ ;
ଉଠିଲା ଚିତ୍କାର ବିକଟାଳ ସ୍ୱରେ,
ଫିଙ୍ଗି ଦେଇ ଅଙ୍ଗୁ ବାସ କ୍ଷଣକରେ ;
ଅଟ୍ଟ ଅଟ୍ଟ ହସି ବିକଟ ଗର୍ଜନେ,
ନାଚେ କେବେ ବାମା ହୁଙ୍କାର ଭୀଷଣେ;
ଉଲ୍ଲଙ୍ଗିନୀ ବାମା ନ ପିନ୍ଧେ ଅମ୍ବର,
ସଖୀଏ କହନ୍ତି ଧର ଧର ଧର ;
ମୁକ୍ତ କେଶ ପାଶ ବିମୁକ୍ତ କବରୀ;
ସମ୍ଭାଳି ସଖୀଏ ନ ପାରନ୍ତି ଧରି ,
ଦନ୍ତ କଡ଼ମଡ଼ ଭ୍ରୂକୁଟି ଗୃହାଣୀ,
ଭୀତା ସଖୀ ସର୍ବେ କୁରଙ୍ଗ ଈର୍ଷଣୀ;
ଉନ୍ମାଦିନୀ କାନ୍ଦେ ବିକଳେ ବାହୁନି,

(୧) ପଙ୍କ (୨) ସୁନା

ଯେତେ ବୁଝାଇଲେ ନ ବୁଝଇ ତୁନ ;
ବୃଥା ବୁଝିଥିଲେ ମିଳି ଅଳି ଅଳି ,
,ବିଚ୍ଛେଦ କଷଣେ ସରଗଲା କାଳୀ ;
ବିବାଳଷ ବସି ଏକାନ୍ତେ ସଦନେ,
କାଟୁଅଛି କାଳ କେବଳ କ୍ରନ୍ଦନେ ;
ସବୁବେଳେ ବାଳୀ ହେଉଅଛି ଭଳ,
"ହାୟ ମୁ କାଙ୍ଗାଲ" କରି ଜପାମାଳ
ସ୍ୱାମୀ ବିନୁ ସତୀ ହୋଇଲେଣି ଅହା,
ଅସ୍ଥି ଚର୍ମ ସାର ଅଛି ମାତ୍ର ୧ ସାହା ;
ପୋଡ଼ା ବେଗ କାହୁଁ ଘଟିଲା ଏକାଳେ,
ଦୁଃଖ ପରେ ଦୁଃଖ ଅଭାଗୀ କପାଳେ ;
ଏକେତ ବିଧାତା ଗଢ଼ିଛି ଅବଳା,
ଦୁର୍ବଳା ଦ୍ୱିଗୁଣେ ବିରହର ଜ୍ୱାଳା,
ତହୁଁ ପୁଣି ବେଗ ଅସାଧ୍ୟ ଧରିଛି,
କି କଷ୍ଟ ଏକଷ୍ଟୁ ଅଧିକ କାହିଁଛି ?
ଦୟାନିଧି-ବିଧି ବ୍ରହ୍ମାଣ୍ଡେ ବୋଲାଉ,
ଦୁଃଖୀ ଭାଗ୍ୟେ ଦୁଃଖ ଯେତେ ଲେଖାଉ;
ମର୍ତ୍ତ୍ୟେ ନରବଧି ନରେ ତୋର ବିଧି,
ଜନନ୍ତି ଅବିଧି କହୁଣ, ରେ ବିଧି !
ଚନ୍ଦ୍ରଲୋକେ ଅଛି ଚନ୍ଦ୍ରବଧୂ ଗଣ
ଜନନ୍ତି ତୋ ବିଧି ଦେଖାଇ ଦୂଷଣ
ପିତୃ ସେବୀ ଗୀତ ଦେଖଇ ଧରଣୀ,
ବୃଥା କହେ ସିନା ଦୋଷୀ ଦିନମଣି;
ନିଜ କୃତ କର୍ମ-ବୀଜତ, ଅକ୍ଷୟ,
ଅଙ୍କୁର ଉଠିବ ଦିନେ ସେ ନିଶ୍ଚୟ;
ସୁଗନ୍ଧ କୁସୁମ ଫୁଟେ ଯେବେ ବୃକ୍ଷେ,
ଆନନ୍ଦେ ଭୁଞ୍ଜଇ ପ୍ରାଣୀ ମହାସୁଖେ;
କର୍ମ ବୀଜୁ ଯେବେ ଫଳେ ତିକ୍ତଫଳ,
ବୃଥା ତୋ ବିଧିକୁ ଦୂଷଇ କେବଳ;
୨ ଅର୍ଦ୍ଧିମା ପୁଛଇ ୩ କୁନ୍ଦିକାକୁ ଗୁହିଁ,
ସଖୀ ଦେହେ ଜ୍ଞାନ ଅଛି କି ନାହିଁ ?
କହୁ କଷ୍ଟପାଇ ଶୋଇଥିଲେ ଅଳ୍ପ;
ଉଠିଲେକ ନାହିଁ ଦେଖ ତେଜି ତଳ୍ପ
୪ ଭରଣୀ କହଇ ନ ବୁଝିଲ କଛ,
କେଉଁ ବେଗ ପାଟରାଣୀକୁ ହୋଇଛି;
ଅର୍ଦ୍ଧିମା କହଇ ଶୁଣ ଦେଇମନ
କବ୍ୟାଧି, ଔଷଧ, କାରଣ, ଲକ୍ଷଣ,
ନାମ ଏ ବେଗର ଉନ୍ମାଦ, କାରଣ,
ପ୍ରକୃତ ବିରହ, ଶୁଣରୁ ଲକ୍ଷଣ,—
ପ୍ରଥମେ ହୁଅଇ ଚିନ୍ତା, ଜାଗରଣ,
ଦ୍ୱିତୀୟେ, ତୃତୀୟେ ଉଦବେଗ ମନ,
ଲବଣେ ଯେସନ ମୃଣ୍ମୟ ଆଧାର,
କ୍ରମେ କ୍ରମେ ହୁଏ କ୍ଷୀଣ କ୍ଷୀଣତର;
ହୋଇଯିବ ଯେବେ ସେହିପରି କ୍ଷୀଣ,
ଜାଣିରୁ ଚତୁର୍ଥ ଅବସ୍ଥା ଅଧୀନ !
ପାଣ୍ଡୁର ମଳିନ ଦିବାଚନ୍ଦ୍ରସମ,
ହୋଇଲେ ଜାଣିରୁ ଅବସ୍ଥା ପଞ୍ଚମ;
ଅଶନେ ଶୟନେ ବ୍ୟସନରେ ମନ,
ନ ଲାଗିବ କେବେ, ସଦା ଅନ୍ୟମନ;
କହୁଁ କହୁଁ ଯେବେ ଭୁଲିଯିବ କଥା,
ଜାଣିରୁ ଆଗତ ଏ ଷଷ୍ଠ ଅବସ୍ଥା;
ସପ୍ତମ ଅବସ୍ଥା ବଡ଼ ଗୁରୁତର,
ଦିବାନିଶ ବସି କାନ୍ଦେ ଝରଝର;
ଜ୍ଞାନ ଥାଇ ଦେହେ ହୁଅଇ ଅଜ୍ଞାନ,
ଅନାଇ ରହଇ ହୋଇ ଏକଧ୍ୟାନ;
ଡାକିଲେ ନ ଶୁଣେ କଛି ନବୁଝଇ,
ପୁଣେଇ ଉଠି ସେ କାନ୍ଦେ ବହାଇ
ଅସ୍ଥିର ହୃଦୟ "ଅହା, ଅହା," କହୁ,
ସବୁ ଅନୁଭୂତି ଦର୍ଶାଇଲେ ତହୁଁ,
ହାସ ହେବାଥାଉ ବଢ଼ିଯିବ ଜାଣ,
ନାହିଁ ସନ୍ଦେହ ଏହା ଶାସ୍ତ୍ରର ପ୍ରମାଣ;
ଶୁଣ ଶୁଣ କହ ଅଷ୍ଟ ଦଃଖନେ,

(୧) ଲୌକିକ କଥାରେ "ସାହା"-ପ୍ରାଣବାୟୁ ୨,୩,୪, ସଖୀମାନେ.

ଏ କଥା କହଇ ସେ ଜାଣେ ତା'ମନେ;
ଅଷ୍ଟମ ଅବସ୍ଥା ବ୍ୟାଧି ବିଲକ୍ଷଣ,
ଉନ୍ମାଦ ପ୍ରଳାପ ପ୍ରଧାନ ଲକ୍ଷଣ;
ତୁନି ହୋଇ କାନେ କେବେ ଉଚ୍ଚେ ହସେ,
ଅବୁଝେ ଶଙ୍କାରେ, ମନକୁ ଯା' ଆସେ;
ମଧ୍ୟେ ମଧ୍ୟେ ମୂର୍ଚ୍ଛା ହୁଏ କେବେ କେବେ,
ପୂର୍ବ କଥା ଭାବି ଗାଉଥିଲେ ଯେବେ ।
ବେଶିବେଳ କାଟେ ବସାଦେ ଅଙ୍ଗନେ,
ବେଳେ ବେଳେ କହେ ବଚନ ସଙ୍ଗାନେ;
ଉନ୍ମାଦ ଅବସ୍ଥା ଅବଶ୍ୟ ଦୁଃସାଧ୍ୟ,
କିନ୍ତୁ କେବେହେଁ ନୁହେ ଜାଣିବ ଅସାଧ୍ୟ ;
ଝାଡ଼, ଫୁଙ୍କ, ମନ୍ତ୍ର, ମୂଳ ମୁଷ୍ଟି ଯୋଗ,
ଯେତେ କର କେବେହେଁ ନ ଯିବ ଏ ରୋଗ;
ବୈଦ୍ୟ କବିରାଜ ଜ୍ୟୋତିଷ ଗୁଣିଆ,
ସବେ ଦେଖାଇବେ ସ୍ୱଗୁଣ ପଣିଆ;
ବୈଦ୍ୟେ କହିବେ ବାତଜ ବିକାର,
ଶ୍ରୀଗଲାଦ୍ୟ ଘୃତ ଔଷଧ ଏହାର;
ଚରକ ସୁଶ୍ରୁତ ଶ୍ଳୋକ ଆଉଡ଼ାଇ,
ବ୍ୟାଧି ସଙ୍ଗେ ଦେବେ ଔଷଧ ମିଳାଇ;
ଗଣକେ (୧) କହିବେ ଉତ୍ପାତ ଗ୍ରହର,
ଦଶା ମନ୍ଦ ଅଛି ଗ୍ରହଶାନ୍ତି କର ;
ଏ ଶାନ୍ତି ବିଧାନ ଲୌହ ଶଙ୍ଖ ଦାନ,
ଦକ୍ଷିଣା ସହିତେ ଗ୍ରହ—ବିପ୍ରେ ଦାନ;
କାଳି ବନ ଭଲ ଗୃହେ ଗୃହେ କର,
ରୋଗିନୀଅ ଯାତ୍ରା ହେବ ଦରକାର;
ସବାଙ୍କ ପଛ ଏ କହିବେ ଗୁଣିଆ,
ଜାଣ ନୁହେ ଏହା ଜ୍ୱର ଡାହାଣିଆ;
ବଟମୂଳେ କେବେ ଯାଇଥିଲେ ଏକା,
ଭୂତ ସଙ୍ଗେ ନଷ୍ଟ ହୋଇଅଛି ଦେଖା;
ଛଡ଼ାଇ ଦେବ ମୁଁ ନ କର ଭାବନା,
ବାନ୍ଧି ନେଇଯିବ ଅଣ ଷଣ୍ଢେ କନା;
ସୋଡ଼ଶ ମୁଠାଏ ନ ମାର ନିଃଶ୍ୱାସ,
ଆଣ ଦେଖେଁ ମୁହିଁ ଭୂତକ ସାହସ;
ଗୁଣୁ ଗୁଣୁ ହୋଇ କେହି ଦଣ୍ଡେ ରହି,
କହିବେ ବୁଝିଲି ଏତେ ବେଳେ ଯାଇ;
ନୂଆ ଶିଖାଣିଆ ପେଷିଛି ବାଉତ,
ଆଛା ! ଛଡ଼ାଇବି କରଣ ଅଦ୍ଭୁତ;
ବଢ଼ଦେବେ ପର୍ଦ୍ଦ (୨) ସଓପାଣ ଟଙ୍କାର,
ଯକ୍ଷ ଆଟଅଁଜନ ବିବିଧ ପ୍ରକାର;
ରକ୍ତ ବସ୍ତ୍ର, ପୁଷ୍ପ, ରଜତ ଚନ୍ଦନ,
ସୁରା, ଗଞ୍ଜା, ପାଞ୍ଚ ତୋଳାର ଅଞ୍ଜନ;
ଚେରି ମୂଳ ଡାଳ ବିବିଧ ବିଧାନେ,
ବାନ୍ଧିଦେବେ କେହି ହସ୍ତେ ଗଳେ କାନେ;
କିନ୍ତୁ ମନେରଖ ନିଶ୍ଚୟ ଏକଥା,
ଏ ସବୁ ନୁହଇ ଏ ରୋଗ ବ୍ୟବସ୍ଥା;
ଶିଶିର ସନ୍ତପ୍ତ ତରୁ ମୂଳେ କେହି,
ପ୍ରଫୁଲ୍ଲ-ହୁଏକି ତାପ ଦେଲେ ନେଇ;
ବସନ୍ତ ଆଗମ ବିହୁନେ ବିଟପୀ,
ପ୍ରଫୁଲ୍ଲ ନୁହଇ କେବେହେଁ କଦାପି;
ନିରବାଣ—ପ୍ରାପ୍ତ ପ୍ରଦୀପ ଯେସନ,
ତୈଳ ଦାନେ ଜ୍ୱଳି ଉଠେ ତତକ୍ଷଣ;
କାନ୍ତା କାନ୍ତି ତ୍ୱରା ବଢ଼ିବ ତେସନ,
କାନ୍ତ ସଙ୍ଗେ ହେଲେ ଏକାନ୍ତେ ମିଳନ,
ମନ'ନୈରି ବିନା ଏହି ମନ ରୋଗ,
ନୋହିବ, ନୋହିବ, ନୋହିବ ଆରୋଗ୍ୟ;
କାନ୍ତା ସଙ୍ଗେ କାନ୍ତ ଏକାନ୍ତ—ମିଳନ,
ଅବ୍ୟର୍ଥ ଔଷଧ ଏ ରୋଗ ବିଧାନ;
ହେଉଥିବ ଯେତେ ପଥ୍ୟ ପାଚନର;
ରୋଗ ବଢୁଥିବ ଉତ୍ତର ଉତ୍ତର;
କ୍ରମେ କ୍ରମେ ହେବ ଅବସ୍ଥା ନବମ,
ମୂର୍ଚ୍ଛା ଘନ ଘନ ପାଗଳାମି ସମ,
କ୍ଷୀଣ ଆଶା-ଦୀପେ ନୈରାଶ୍ୟ-ପବନ,

( ୧ ) ଜ୍ୟୋତିଷ ( ୨ ) ଏକଶତ ପଚାଶ

ଲିଭିଯିବ, ମାତ୍ର ଧୂମ ଉଦ୍ଗୀରଣ—
କରି ଦୀପ ଯେଣେ ହେବ ନିର୍ବାପିତ
ଚିରକାଳ ପାଇଁ ଜାଣିବ ନିଶ୍ଚିତ,
ଏହି ମୋହାବସ୍ଥା ଅସାଧ୍ୟ ସର୍ବଥା;
ଶାସ୍ତ୍ରେ କହିନାହିଁ ଏ ରୋଗ ବ୍ୟବସ୍ଥା;
ତ୍ୱରା ଯନ୍ତ୍ରଣାର ହେବ ଉପଶମ,
ଉପସ୍ଥିତ ହେଲେ ଅବସ୍ଥା ଦଶମ;
ସର୍ବତାପ ହାରି ମୃତ୍ୟୁ କୋଳେ ଯାଇ,
ଶାନ୍ତି ଲଭିବ ସେ ଚିର କାଳପାଇଁ ।

ଚତୁର୍ଥ ସର୍ଗ ସମାପ୍ତ

# ପଞ୍ଚମ ସର୍ଗ

## ରୋହିଣୀର ପୂର୍ବ ସ୍ମୃତି

ଚେତା ଲଭି ବାଳୀ ଛାଡ଼ି ଦୀର୍ଘ ଶ୍ୱାସ
ଧୀରେ କହେ ସଖୀପ୍ରତି,
କହିଲେ ଅଶ୍ୱିନି ! ଆଉ କେତେଦିନେ
ଆସିବେ ପରାଣ-ପତି । ୧ ।
ଏବେକେ ଶ୍ରୀଧାମ ହୋଇ କେତେ ଦିନ
ରହିବ ଶାନ୍ତି—ସଦନେ,
ପାଇ ମନଦୈବ ଯିବ ମନୋବ୍ୟଥା
ପରତେ ନ ଆସେ ମନେ । ୨ ।
ମୀନ ଧାଇ ଯଥା ପ୍ରଚଣ୍ଡ ନିଦାଘେ
ତପ୍ତ-ସରସୀ-ଜୀବନେ,
ବ୍ୟାକୁଳେ ମୋ କାଳ କଟେ ସେହିପରି
ସୁଧାଂଶୁ-ସୁଖ-ସଦନେ । ୩ ।
ବୈକୁଣ୍ଠ—ଧାମ ସମ ମନୋହର
ରୋହିଣୀ ବିଳାସାଗାର,
ଏବେ ଅଭାଗିନୀ ଭାଗ୍ୟକୁ ହୋଇଛି
ଦୁଃଖମୟ କାରାଗାର । ୪ ।
କୋକିଳ କାକଳି ଶୀତଳ ଚନ୍ଦନ
କୁସୁମିତ ଉପବନ,
ସ୍ୱାଦୁକର ଅନ୍ନ ସୁରଭି ଆଘ୍ରାଣ
ଥିଲା ବିବିଧ ବ୍ୟସନ । ୫ ।
ସୁଖକର ଶବ୍ଦ ସ୍ପର୍ଶ, ରୂପ, ରସ,
ଗନ୍ଧ, ଭୋଗ ଉପଚାର,
ସୁଖେ ସବଙ୍କର— ହରଷିତ-ସରି
ଦୁଃଖେ କ୍ଷତେ ଯଥା କ୍ଷାର । ୬ ।
ଯେଉଁ ଭୋଗ ଦ୍ରବ୍ୟ ସୁଖୀ-ସୁଖ ବଢ଼େ
ଇନ୍ଦ୍ରିୟ-ତୃପତି-କର,
ସେ ଦରବ ପୁଣି ଦୁଃଖୀ କପାଳକୁ
ହୁଏ ଦୁଃଖର ଆକର । ୭ ।
କର୍ଣ୍ଣ ରସାୟନ ସ୍ୱାଭାବିକ ସ୍ୱନ
ଶୁକ ଶାରୀ ପିକଙ୍କର,
ତାଙ୍କ ବିନା ଏବେ ସେହି ସ୍ୱନ ଲାଗେ
ଯଥା ଖର-ସ୍ୱର ଖର । ୮ ।
ତାଙ୍କ ସଙ୍ଗେ ବସି ପଲ୍ଲବ ଆସନେ,
ମଣୁଥିଲି ମୁହିଁ ତୁଚ୍ଛ,
ରତନ-ଜଡ଼ିତ ଚାରୁ ସିଂହାସନ
ବର୍ଣ୍ଣ ଜିଣି କେକୀ ପୁଚ୍ଛ । ୯ ।
କୋମଳ କର୍ପାସ - ତୁଳା ତଳ୍ପ ଏବେ
ଶାଲ୍ମଳୀ କଣ୍ଟକ ସମ,
ଶୀତଳ ଚନ୍ଦନ, ସୁରଭି ପବନ
ଦହଇ ହୃଦୟ ମମ । ୧୦ ।
କହିଲେ ବିଶାଖା— " ଦୁଃଖ ଥାଏ ଯଦି
" ରାଣୀ ଗୋ ! ଯାର ଜୀବନେ,"
" ନ ହୁଅଇ ଦେଖା ସୁଖ କେବେ ତାଙ୍କୁ
"ଖୋଜିଲେ ସାରା ଭୁବନେ" । ୧୧ ।
ଲେଖି ନ ଭରିଲେ ଅଶ୍ୱିନୀ ସହସା
ତଳେ ହୋଇ ତଳ ମୁଖ,

"ମନ ସୁଖ ଥିଲେ ସବୁ ସୁଖ ଲାଗେ"
"ମନ ଦୁଃଖେ ସବୁ ଦୁଃଖ" । ୧୨ ।
ବିରହ ଜ୍ୱଳଣ କେଡ଼େ ଦୁଃଖ ଦାୟୀ
କେମନ୍ତେ କହିବି ସହି,
ଅବ୍ୟକ୍ତ ଏହା ଅନୁଭବ ବିନା
କେହି ନ ପାରଇ କହି । ୧୩ ।
ପତି ମୂଲ୍ୟ ପତ୍ନୀ ନ ଜାଣଇ କେବେଁ
ବିରହ ଜ୍ୱଳଣ ବିନୁ,
ପତି ଯେ ଜୀବନ ଚିହ୍ନିଲି ସଙ୍ଗିଗୋ !
ହରାଇଲି ଯେବେଁ ଧନୁ । ୧୪ ।
ହାତେ ଥିବାଯାଏ ହତାଦର କଲି
ହାତରୁ ଗଲେ ସେ ଖସି,
ହରାଇ ଏବେମୁଁ ଗୁଣ୍ଡାଲୁଣୀ ସିନା
ଝୁରେଁ ଦିବାନିଶି ବସି । ୧୫ ।
ସୁଲଭେ ଦୁର୍ଲ୍ଲଭ ଦରବ ମିଳିଲେ
ହୋଇଥାଏ ହତାଦର,
ପତି ସଙ୍ଗେ ସ୍ଥିତି ପତ୍ନୀ ନ ଜାଣଇ
ତେଣୁ ଏଡ଼େ ସୁଖକର । ୧୬ ।
ଭାଗ୍ୟ ଦୋଷେ ଯେବେ ହୁଅଇ ସେ କେବେ
କାହାର ମାତ୍ର ବିରହିଣୀ,
ସ୍ୱାମୀ ସଙ୍ଗ-ସୁଖ କେଡ଼େ ମୂଲ୍ୟବାନ
ତେବେ ସେ ଜାଣେ କାମିନୀ । ୧୭ ।
ସ୍ୱତଃପ୍ରାପ୍ତ ସୁଖ କେଡ଼େ ସୁଖକର
ନହୋଇବାଯାଏ ଦୁଃଖ,
ନଜାଣଇ ସୁଖୀ ମହିମା ତାହାର
ଭୋଗୁ ଥିଲେହେଁ ସେ ସୁଖ । ୧୮
କହିଲେ ଅର୍ଦ୍ଧିନୀ "ସତ୍ୟକଥା ଏହା"
"ସୁଖ କେଶନ ମୋଚନେ,"
"ନ ଜାଣେ ଯଥାର୍ଥ ଉଡ୍ଡୀନ ବିହଙ୍ଗ
ପଡ଼ିବାଯାଏ ବନ୍ଧନେ" । ୧୯ ।
ସତ୍ୟକଥା ଏହା" "ଏକଥାଟି ସତ"
"ନାହିଁ ଭ୍ରାନ୍ତି ଏଥି ତିଳେ,"

ବସିଥିଲେ ଯେତେ ସଖୀ ଦାସୀ ଆଦି
ସରବେ ତହୁଁ ଭାଷିଲେ । ୨୦ ।
ସ୍ୱତଃପ୍ରାପ୍ତ ସୁଖ ସଦା ଜଗତରେ
ହୋଇଥାଏ ହତାଦର,
ସ୍ୱାଧୀନତା ମୂଲ୍ୟ ତେଣୁ ନଜାଣଇ
ସଂସାରେ ସ୍ୱାଧୀନ ନର । ୨୧ ।
ଭାଗ୍ୟ ଦୋଷେ ଯେବେ ହୁଅଇ ସେ କେ·
ବାରେ ମାତ୍ର ପରାଧୀନ,
ସ୍ୱାଧୀନତା ରତ୍ନ ଦର କରିବାକୁ
ହୁଏ ଭାଜନ ସେ ଜନ । ୨୨ ।
ଦାମ୍ପତ୍ୟ ପ୍ରଣୟ ବିରହ-ଜ୍ୱଳଣ
କେଡ଼େ ସୁଖ, ଦୁଃଖ, ଦାୟୀ,
ବିରହ-ଜ୍ୱଳନ ଚିହ୍ନିବାର ଏକା
ତାହାବିନୁ ଅନ୍ୟ ନାହିଁ । ୨୩ ।
ନିଶ୍ଚେ ଜୀବଧବ — ପୁରକୁ ମୋ ଜୀବ
ଯାଆନ୍ତା ମୋଧନ ବିନା,
ଅମର ଏ ପ୍ରାଣ ଅମୃତ ଭକ୍ଷଣେ
ସେ ଯୋଗୁଁ ରହିଛି ସିନା । ୨୪ ।
ଶୟନେ ବ୍ୟସନେ ଜାଗରଣେ ସ୍ୱପ୍ନେ
ଅନୁକ୍ଷଣେ ମୁଁ ନୟନେ,
ଯେଣେ ଅନାଉଛି ଦେଖୁଛି ମୁଁ ତାଙ୍କୁ
ପୂର୍ବ କଥା ପଡ଼େ ମନେ । ୨୫ ।
ସରସୀ-ସଲିଳେ ରବିବିମ୍ବ ଯଥା
ତରଙ୍ଗେ ତରଙ୍ଗେ ଭାସେ,
ମନ ତରଙ୍ଗର ସ୍ତରେ ସ୍ତରେ ମୋର
ମନଶ୍ରେଷ୍ଠ ପରକାଶେ । ୨୬ ।
ପୂର୍ବେ ଯେଉଁ ନିଦ୍ରା ଡାକ ନେଉଥିଲା
ସମ୍ଭାଷି ଅଙ୍କେ ଆଦରେ,
ଯେତେ ଡାକିଲେହେଁ ସେହି ନିଦ୍ରା ଏବେ
ନ ଆସଇ ପାଶେ ଥରେ । ୨୭ ।
"କେମନ୍ତେ ଆସିବ" କହିଲେ ଅର୍ଦ୍ଧିନୀ
"ରୋଧନ୍ତି ନିଦ୍ରା-ଅସ୍ତ୍ରନ,"

" ନୟନ ଝରତ      ବାରିଧାର ଅଛ "
"ସତତ ଉଦ୍‌ବିଗ୍ନ ମନ " । ୨୮ ।
ଲିଖିଲେ ହତାଶା      "ସୁଖବେଳେ ଯାହା !"
" ନ ଲୋଡ଼ିଲେ ସ୍ୱତଃ ଆସେ, "
"ଦୁଃଖବେଳେ ତାକୁ      ଯେତେ ଲୋଡ଼ିଲେହେଁ"
" ନ ଆସଇ କାହୁ ପାଶେ " । ୨୯ ।
ନାନା ପରକାରେ      କରଇ ଯତନ
ଭାବ ଦେଇ କେବେ କର୍ଣ୍ଣେ,
ମୁଦ୍ରିତ ନୟନେ      ଭାବେ ଅନ୍ୟ କଥା
ଭୁଲିଯିବ ବୋଲି କ୍ଷଣେ । ୩୦ ।
ମାନସ ନୟନେ      ସ୍ମୃତି ପଟ ଦେଖି
ଶୋଭଇ ସେହି ମୂରତି,
ଧୃତ-ଶିଳା-ବନ୍ଧ      ଛୁଟେ ତାଙ୍କ ଶୁଦ୍ଧି
ଜଗତ ହୁଅଇ ଛନ୍ନ । ୩୧ ।
ପ୍ରସ୍ରବଣ-ଭିନ୍ନ      -ବାରି-ରାଶି ଯଥା
ବହେ ଶୈଳୁ ଝର ଝରେ,
ଯୁଗଳ ନୟନୁ      ସେହିପରି ଅଶ୍ରୁ
ବହେ ଦରଦର ଧାରେ । ୩୨ ।
କେତେ ଖେଳା ଲୀଳା      ହାସ୍ୟ କଉତୁକ
ପଡ଼େ ରଙ୍ଗ ରସ ମନେ,
ସୌଦାମିନୀ ଯଥା      ଅମା ଯାମିନୀରେ
ଦରଶାଏ ଦୃଶ୍ୟ ଘନେ । ୩୩ ।
ମନେ ପଡ଼େ ଯହିଁ      ସଙ୍ଗେ କେତେ କଥା
ଗତ ବିଦ୍ୟୁତ ଗତିରେ;
ପୂର୍ବ ସୁଖଶାନ୍ତି      ଆଣଇ ଅଶାନ୍ତି
ଇନ୍ଧନ ଯେସନେ ଅଗ୍ନିରେ । ୩୪ ।
ଫିଙ୍ଗାରୁ ପଟ      ସ୍ମୃତି ତୋରଣରୁ
ଦେଖାଦିଏ ତତକ୍ଷଣେ,
ଅଭିନୟ ରୂପେ,      ସ୍ୱପ୍ନ ସମ ଏବେ
ଘଟିଛି ଯାହା ଜୀବନେ । ୩୫ ।
ପୂର୍ବ ସୁଖ ସ୍ମୃତି      ଦୁଃଖୀ ଦୁଃଖଠାରୁ
ଦୁଃଖଦା ଶୁଣେ ଅନେକ,
ଅନୁଭବ ବିନା      ଅନୁମାନେ ଏହା
ଜାଣି ନ ପାରେ ବିବେକ । ୩୬ ।
ଜାଣିଥାନ୍ତି ଯେହ      ପୂର୍ବ-ପ୍ରୀତି-ସୁଧା
ଏବେ ବିଷମୟ ପରେ,
ନପିଅନ୍ତୁ ସେ ବିଷ      ଦୂରୁ ମୁଁ ଜୁହାରେ
କହିଅଛନ୍ତି ତାକୁ ଡରେ । ୩୭ ।
ପୂର୍ଣ୍ଣ ସମ ଦୁଃଖ—      ସୁଖ ସ୍ମୃତି ଏବେ
ସୁଖସ୍ମୃତି କଣ୍ଟକ ସମ
କୋଟି କୋଟି ସୁଖ      ଦିଏ କୋଟି ଦୁଃଖ
ଦହଇ ମୋର ମରମ । ୩୮ ।
ମୋର ସ୍ମୃତି ଦେଲା      ମୋ ଭଗାରୁ ଏବେ
ତା'ଅବେ କହିବ ସ୍ୱପ୍ନ,
କଳଥିଲି ଯେଉଁ      ପାପ କେଉଁ କାଳେ
ଏବେ ଦେଉଅଛି ଦାହ । ୩୯ ।
ସ୍ମୃତି ଶାସ୍ତ୍ରବାରେ      ଦୁଃଖଯାଏ ମନ
ଅସ୍ମିତା ଭଜଇ ଲୟ,
ଚନ୍ଦ୍ରିକା ଯେସନେ      ପୁଷ୍କରିଣୀ ନୀରେ
ଘନ ଅସାରେ ବିଳୟ । ୪୦ ।
ଥର ଥର ଅଙ୍ଗ      ହୃଦ ଧକ ଧକ
କହନ୍ତି ନ ସ୍ଫୁରେ କଥା,
ସଂଜ୍ଞା ଆଉ ଦେହେ      ସଂଜ୍ଞାହୀନ ପ୍ରାୟେ
ଲଭଇ କ୍ଷଣେ ଜଡ଼ତା । ୪୧ ।
କହିଁ କହିଁ ହେଲେ      ଚକ୍ଷୁ ଛଳ ଛଳ
ତା'ଦେଖି ତହିଁ ଅଶ୍ରୁ କା,
" ଅସ ଭ୍ରମିଯିବା      ଉପବନେ ସଖି !
କହିଲେ " ଯେଉଁ ସଙ୍ଗିନୀ " । ୪୨ ।
ଏତେ କହି ସବେ      ଉଠିଲେ ସେଠାରୁ
ସ୍ୱଣୀ ଅସ୍ଥିର ଚରଣେ,
ଭ୍ରମି ଏଣେ ତେଣେ      ସ୍ୱଚ୍ଛନ୍ଦ ଗୃହ ସଙ୍ଗ
ଫେରେଅନ୍ତି ସଯତନେ । ୪୩ ।
କେବେ ଗୃହ ମଧ୍ୟେ      କେବେ ବାହାର୍ଯ୍ୟେ
କେବେ ନିରେଖି ଗଗନେ,

କେତେବା ଧାଡପେ ଅନାଇ କୁଞ୍ଜରେ
ଶୁଣୁଥାନ୍ତି ଅନ୍ୟ ମନେ । ୪୪ ।
ବୃଶ୍ଚିକ ଦଂଶନ ସାଦୃଶ୍ୟ ପୂର୍ବ-ସ୍ମୃତି,
ଦହଇ ତାଙ୍କ ହୃଦୟ,
ଠାବେ ଠାବେ ବାମା ଚିତ୍ତ ନ ପାରନ୍ତି
କାହିଁ ହୋଇ ଯାନ୍ତି ଲୀନ । ୪୫ ।
ନବ ନବ ଶୋଭାରେ କଳାଇ ମଣ୍ଡିଳ,
ସ୍ମୃତି ହୁଅନ୍ତେ ଅର୍ପଣ,
ଦେଇ ଦେଉଥିଲେ ଦଣ୍ଡେ ରାଣୀ ମାନ
ହେଉଥିବ ଅର୍ଜନର ମନ । ୪୬ ।
ଆମ୍ରଶିଖ ସ୍ତୂପ ନବ ପଲ୍ଲବ ମଧ୍ୟ
ଭେଦ କରି ଦ୍ରୁମବନ,
ଦେଖେଇଦେଇ ଋତୁରାଜ, ଆସେ ତାହାରେ ଦେବ
ଏକାଳିକ ବର୍ଣ୍ଣ ଦନ । ୪୭ ।
କୋକିଳ କାକଳୀ ନନ୍ଦନ ଦେଇବ
ମୁଗ୍ଧ ମନ ସ୍ମରଣ ଚାଲେ,
ବଡନ କାନନେ ବସନ୍ତ ଅବଳା
ରହେ ନଥା ମଧୁକାନନେ । ୪୮ ।
ମଧୁକର ଶ୍ରେଣୀ- ମଧୁପ, ଭ୍ରମର—
ପଦ୍ମରେ ମଧୁ ପିଉଛି,
ଉଡ଼ୁ ତରୁତାନେ ପ୍ରେମେ କଳ ଗାଉଛି
ଦେଉଥିବା ନୂତନ ଜୀବନ । ୪୯ ।
ଅନାଇଁ କୁସୁମେ ମଲ୍ଲିମାଧବୀ କନକ-
ଦେଖ ସଖି ! ଶାନ୍ତି—ତୋଷ,
ପଦ୍ମ-ହରଷ— ବର୍ଦ୍ଧନ, ନିକାଟେ
ପତି-ପତ୍ନୀ-ମନ ଉଚ୍ଛ୍ୱାସ । ୫୦ ।
ରୂପକରେ ଯଥା କୁବଳ, ବ୍ୟକ୍ତ ସୁବେଶ
ଉଚ୍ଚ ଏକ ଦର୍ପଣରେ,
ପ୍ରକୃତିର ସତ— ତୃଷ୍ଣା ତଳ ତଥା
ଅବସ୍ଥା ଭେଦେ ମନର । ୫୧ ।
ପ୍ରକୃତି ସୁନ୍ଦରୀ ରୂପଶ୍ରୀ ସମ୍ଭ୍ରମ
ଧ୍ୟାନରେ ଦେଖନ୍ତି ସ୍ୱଭାବରେ

ସୁଖୀ ନେତ୍ରେ ସୁଖ ଦୁଃଖୀ ନେତ୍ରେ ଦୁଃଖ
ପୂର୍ଣ୍ଣ ଆକାର ଆକାରେ । ୫୨ ।
ପଡଇ ମୋ ମନେ ବସି ସଖି ହବେ
ଫୁଟେ ଏହି ତରୁ ମୂଳେ,
କେତେ ଗଳ୍ପଗୁଜ୍ଜ କାଟୁଥିଲୁ କାଳ,
ଭଗି ଭଗିନୀ ବକୁଳେ । ୫୩ ।
କୁହୂ ଆମ୍ର କୁଞ୍ଜେ ଖଞ୍ଜନ ଖଞ୍ଜନୀ
ପିକ ପିକ-ବଧୂ ସଙ୍ଗେ,
ହେ ସଖି ସଙ୍ଗତେ ତାଳ ଦେଇ ଧାଏ
ହାଳୀ ପାରାପନ୍ତ ରଙ୍ଗେ । ୫୪ ।
ମାଧବୀ-ମାଳତୀ— ମଲ୍ଲୀ-ନବାଳୀ
ଜାତିଙ୍କ ମାଳତୀ ନାହିଁ,
ସ୍ୱଚ୍ଛ ଦେଉଥାନ୍ତି ଆନନ୍ଦ ଉଲ୍ଲାସେ
ଥରେ ଥରେ ଉଠି ଉଠି । ୫୫ ।
ସୀମା ନାହିଁ ତେଣୁ— ବଧୂ ସଙ୍ଗ ତାଙ୍କ
ମାତେ ରଙ୍ଗେ ଅନୁରତ,
ଅଳିରବେ ପୂର୍ଣ୍ଣ ହେଉଥିଲା ତାଙ୍କ
ନୀରବ ଧ୍ୱନି ଅଶ୍ରୁତ । ୫୬ ।
ସେ ସଙ୍ଗୀତ ତାଳ କାମୁକ ପକ୍ଷୀର
ସଙ୍ଗେ ଅନନ୍ତ ସାଦରେ,
ଲୋକ ଭରୁଥିଲା ଧରିତ୍ରୀ ନିଅନ୍ତା
ଶବଦ ନାଶ ହୁଅନ୍ତେ । ୫୭ ।
ମୃଦୁଲ ଅନିଳେ ମଲ୍ଲୀ ଫୁଲଟିଏ
ଦୋଳିଥିଲା ବୃନ୍ତାସନେ,
ନୂପୁର ଆଶାରେ ଗୁଞ୍ଜୁଥିଲା ଅଳୀ
ନ ପାଇ ବସି ସୁମନେ । ୫୮ ।
ନ ହୁଏ ସ୍ଥାପି ତଳେ ଅହଙ୍କାର ଲୋକ
ଅଙ୍ଗୁଳ ଦାନେ ଲଭେଣି,
ଦେଖାଇ ସେ ଶୋଭା ହସିଲେ ସଖି-
ଉପମା କହ ସୁଦେଶି । ୫୯ ।
ଏଥି ମଧ୍ୟ ପାଶ ସ୍ମୃତିଶେଳ ହୃଦେ
ଆସିଲେ ତହିଁ ସତେ ଥାନ୍ତି

କହୁଛି ଉପମା ପାଇଲି କି ନାହିଁ
ମନେ ହେଉ ପ୍ରାଣ ସାଇଁ । ୬୦ ।
ଭଣେ ବୈଷ୍ଣବ ତୁଣ୍ଡେ କଥା କହୁଁ କହୁଁ
ଖେଳିଲେ ଅଳୀକ କୋପରେ,
ମୁହଁ ମୋଡ଼ ଦେଇ ଚୁମ୍ବଅନା ଫୁଲେ
ନିରେଖିଲ ଉପବନେ । ୬୧ ।
କହିଲେ " ସୁମନେ ! ପେଣ୍ଡି ସୁମନକୁ
ନିରେଖିଲୁ ନାମେ ତାର,"
" ବେଢ ଭ୍ରମ କର ଦେବଭ୍ରାନ୍ତ; କମ୍ପା
ଦୂର୍ବି ଭ୍ରମ ଗଲେ ମାର " । ୬୨ ।
ପ୍ରେକ୍ଷ୍ୟଗୀ-ବଚନ— ବାଣେ ସଂକୋଚି ମୁଁ
ପୋଡ଼ ଦେଲି ବକ୍ଷେ ମୁଖ,
ଜଡ଼ପୋଡ଼ ତହୁଁ କହିଲେ " ଦେଖ ହିମୁ,
ଶୁଣିବା ହେଉଛି ମୋ ଦୁଃଖ " । ୬୩ ।
"ବକ୍ଷ କୈଳାସରେ ଉରଜ - ଶଙ୍କର
ଜମ୍ବୁକ-ସୁମନେ ଶୋଭେ,"
"କିନ୍ତୁ ସମ୍ମୁଖରେ ଦେଖିବାକୁ ମୁହିଁ
ବନ୍ଧ ହେଉଅଛି ଲୋଭେ" । ୬୪ ।
" ଆଜ୍ଞା ଦେଉ ଦାସେ ଶମ୍ଭୁଙ୍କୁ ଭାବିବ "
"ହାର ଲଢ଼ିବାକୁ ତହିଁ,"
" ଉରଜ ଲିଙ୍ଗଟି ଲଭିଲ ସଂଯୋଗ-"
" ଛଳେ ୧ ବାନ୍ଧିବ କହି " । ୬୫ ।
ଭ୍ରୂକୁଟି ଛଟାରେ ନିକ୍ଷେପି ତ ଙ୍କୁ ମୁଁ
ଭର୍ତ୍ସିଲି କୋପେ ଅଳୀକ
" ବାହୁଯାବ ତେବେ ହେଉ ହେଉ" ଭାଷିଲେ
" ଛନେ ତାର ଅନୀକ " । ୬୬ ।
ହାସ୍ୟ ଅସମ୍ଭାଳେ ରହି ନ ପାରିଣ
ଚଳାଇଲି ତହୁଁ ଦୂରେ,
ଯୋଡ଼ାଇ ମୋ ପଛେ · ଅନୁଗାମୀ ହୋଇ
ଉଗାଳିଲ ପଥ ୨ ପୁରେ । ୬୭ ।
ଖଣେ ସନ୍ନିପାତେ ଘାଟ ପାବଛିଟେ
ଧଂସ ହଂସୀ କ୍ରୀଡ଼ା ନୀରେ,
ଦେଖୁଥିଲି ସୁଖେ ଏକା ନଭନ୍ଦକେ
ଗୋଧୂଳି ମନ୍ଦମ୍ମିତେ । ୬୮ ।
ଜଳ ଦୋଳାସନେ ଦୋହଲି ଦୋହଲି
ନୀଳନାଦେ ହଂସ ହଂସୀ,
ନାଚ ଚାହିଁଛନ୍ତି ତାଳଧରେ ତହିଁ
ତରଙ୍ଗ ଛଳେ ସରସୀ । ୬୯ ।
ସରମି ଜ ଟିସେ କଲେ ହତଶିରୀ
ଗଳା ମୋଡ଼ ମୃଣାଳର,
ଚଞ୍ଚୀ ପଛେ ଖେଳ ୩ ଅଶେଷଟିକ, ମାତ୍ର
ମୃତ୍ୟୁ ଏଥୁ ଦୁର୍ବଳର । ୭୦ ।
ନାମେ ଯତ୍ନ କାହିଁ ଯୋଡ଼ାଏ ମରାଳ
ଛିଣ୍ଡନେ ତା ଗଳାପାଣୀ,
ଗର୍ତ୍ତେ ଦୂର ପଛ ସେ କଳଭାଷିଣୀ
ମୁହେଁ ପୁଣି ଜନା ଭାଙ୍ଗି । ୭୧ ।
ଧାଏ ନ ଦେବାକୁ ଧାଏଁ ପୁଣିପଛେ
ପୁଣି ହଂସୀ ଧାଏ ଗ୍ରାସି,
ନଚର ରଙ୍ଗେ ବ୍ୟଙ୍ଗ ବଢ଼ାଇ ଉଦ୍ବେଗ
ହଂସର, ତାର ପ୍ରେୟସୀ । ୭୨ ।
ହାର ପଛୁଥିଲ ନରମ୍ଭର ହଂସ
ଜଗୁଥିଲା ତାର ପ୍ରିୟା,
ପ୍ରେମ ରଙ୍ଗ ଲଭି ସତତ ପ୍ରମଦା
ଏକାଧାରେ କୁଳଅଆ । ୭୩ ।
ବ୍ୟଙ୍ଗରସ ସୁଧା ପିଇବାକୁ ଅଭି
ହଂସେ କାହିଁ ଅବସର,
ତୃଷାତୁର ଜନେ ଜଳବନ୍ଦୁ ଅନ
ହୁଏକ ତୃପତକର ? । ୭୪ ।
କାମୀନକେ ଯେତେ ଭୁଞ୍ଜୁଥିଲ ନୀରେ
ନଯାଇ ହଂସୀକୁ ତାର,
ପିତ୍ର୍ୟକ୍ତେ ଯଥା ବ୍ୟାକୁଳତ ଭରେ
କରିବାପାଏ ଉଦ୍ଧାର । ୭୫ ।

( ୧ ) ବନ୍ଧୁଙ୍କର ବାନ୍ଧନାବସ୍ଥା ଅର୍ଥାତ୍ ଅର୍ଦ୍ଧଚନ୍ଦ୍ରାକାର ( ୨ ) ଅଙ୍କୁର ( ୩ ) ଶୀକାର୍

ନପାଇଲେ ହଂସୀ ହଂସେ ଧାଇଁ କାହିଁ
ଦହଇ ଅନଙ୍ଗ ଅଙ୍ଗ,
କେବଳତ ନଥାଏ ଏକାଳେ କାମୀଙ୍କୁ
କରିବାକୁ ଅପାଙ୍ଗ । ୭୬ ।
ପୁନ ଭାମିନୀଙ୍କୁ ପୁରଃସର ହୋଇ
ଧଇଲ ସନ୍ତ୍ରର ନୀରେ,
ବନ୍ଧ ମନ ମୀନ ସେ ନଖାଗ୍ର ଦର୍ଶନେ
ପ୍ରାଣଧନ ଅତି ଧୀରେ । ୭୭ ।
ସ୍ମୃତିେ ପଣ୍ଡାଲୁ ଲୁଚି ଦେଖୁଥିଲେ,
ମୋହ ଦରଶନ-ଲୀଳା,
ଛାୟା ମାତ୍ର ତାଙ୍କ ଜଳେ ପଡ଼ୁଥିଲା
ତୁହଙ୍କୁ ଜଣାନ ଥିଲା । ୭୮ ।
ଛାୟାଦେଖି ଜଳେ ଗୁହାନ୍ତେ ଚକ୍ଷତେ
ଦେଖିଲ ପକ୍ଷଶେଖର,
ଶୋଭା ଅଦ୍ଭୁତରେ ପଷ୍ଟ ପଡ଼ିଗଲା
ଅସିଲ ଦୃଶ୍ୟ ସୁନ୍ଦର । ୭୯ ।
ନୟନେ ନୟନ ହୁଅନ୍ତେ ମିଳନ
ଲାଜେ ପେ ଚଳ ମୁଁ ମଥା,
ହେଲ ମୃତ ପ୍ରାୟ ପଦ ପରଶରେ
ଯଥା ଲଜ୍ଜାବତୀ ଲତା । ୮୦ ।
ବର ଦଳ ହସି ଭାଷିଲେ "ଲଜ୍ଜାତେ
କା ଦେଖୁଛ ଏକାବର୍ତ୍ତି,"
" ଏକେଦୁଃଖ ପ୍ରଦ ତୁହଙ୍କୁ ସୁଖଦ
ନ ଜାଣ କି ମଦାଳସି ! " । ୮୧ ।
ବଦନେ ବଚନା ରହିଲ କାମୁର୍ତ୍ତି
ଲାଜେ ଜଳଜଲି ମୁଖ,
ସଖି ଗୋ ! ସେବେଳେ ନ ପାଇଲ ଖୁଣ୍ଡି
ମନଟେକ ଶିଶୁମୁଖ । ୮୨ ।
ପିନ୍ଧ ନାଗବେଣୀ ପାଦେ ଲାକ୍ଷାରସ
ଜରଜ ୧ କସକେ କରି,
ସୁକ୍ଷ୍ମୀନ ବସନେ ଆବରି ଶ୍ରୀଅଙ୍ଗ,
ଗଲ ସ୍ଵଜ ହଂସ ପରୁ । ୮୩ ।
ଅସିଲେ ଦିନେ ଗୋ ନପାରିଲ ଲଣ୍ଡି
ଠିଆହେଲେ ପାଶେ ଧୀରେ,
ପୁଛିଲ ଉତ୍ସୁକେ କିଏ ତୁମ୍ଭେ କହ
ଏପୁରେ ଏତେ ରାତିରେ ? । ୮୪ ।
" ୨ କୁମୁଦନୀ ବନ୍ଧୁ" କହିଲେ "ମୋନାମ"
"୩ ପତି ନ ଦର୍ଶନ ଅଛି,"
" କର ଅସିଅଛି ୪ ପତି ଭରତା ମୁଁ
କହୁଛି କର ପ୍ରକାଶ " । ୮୫ ।
" ହେଲାରୁ କରମ ହୀନ ସିନା ମୁହିଁ
ଅସିଲ ଏପୁରେ ଏକା,"
" ନୋହିଲେ କି ଏମୁଁ ତୁମ୍ଭ ସଙ୍ଗେ କାହିଁ
ହୋଇଥାନ୍ତା ମୋର ଦେଖା " । ୮୬ ।
" ୫ ପତି ନଦାରୁଣ ହୁଅନ୍ତି ପତିକୁ
ପ୍ରଥମେ ପକାଇ ଫାନ୍ଦେ,"
" ଶୁଣି ହସୁଥିଲ, ଅଙ୍ଗେ ନିଭଇଲ
ସତ୍ୟ ଏ କଥା ପ୍ରବାଦେ " । ୮୭ ।
" କର୍ମ ହୀନ ହେଲେ ନ ଥାଏ ଜଗତେ
ଲୋକ ଙ୍କ ମାନ ମହତ,"
" କହନ୍ତି କଥାରେ କଲି ଅନୁଭବ
ସତ୍ୟ ବେଦ ବାକ୍ୟ ବତ" । ୮୮ ।
" ସତୀ ସତୀଙ୍କର ଏକ-ପତି-ପତ୍ନୀ-
ବ୍ରତ ଜଗତରେ ଜଣା,"
" ତାଙ୍କ ବିନା ଅନ୍ୟ ସମ ଦୁଃଖୀ ସତ !
ତୋତେ କି ଏହା ଅଜଣା " । ୮୯ ।
" ତାଙ୍କ ଦରଶନ ବହୁକାଳୁ ମୁହିଁ
ନ ପାଇ ଏଥି ଅସିଲି," ।

(୧) ଦାଡ଼ିମ୍ବ (୨) ବନ୍ଧୁ କହିଲେ ମୋ-ନାମ କୁମୁଦନୀ, ବା ମୋ ନାମ କୁମୁଦନୀ-ବନ୍ଧୁ (୩) ପତି ନଦର୍ଶନ ବା ପତିଙ୍କ ଦର୍ଶନ (୪) ପତି-ଭରତା ବା ପତିଭାରତା (୫) ପତି-ନଦାରୁଣ ବା ପତିଙ୍କ-ଦାରୁଣ

"ପ୍ରାଣବନ୍ଧୁ ମୋର ଅଛନ୍ତି ଏ ପୁରେ
ଲୋକଙ୍କ ମୁଖେ ଶୁଣିଲି" । ୯୦ ।
"ମୋ ପ୍ରତନବାସ* ରହନ୍ତି ଲୋକେ ଯହିଁ
କହିଲ ନିଶ୍ଚୟ ବାଣୀ,"
"ଏହିକ ରସ ପୁର, କାହିଁ ହେବେ କହ
ଜାଣ ଅଛୁ ହେଉଛ ନାଶି" । ୯୧ ।
କାମିନୀ ଭାବି ନ ଉତ୍ତର ଦେଇ
ରହିଲ ବିଷଣ୍ଣ ମନେ,
ପ୍ରଫୁଲ୍ଲ ଭ୍ରମର ନ ହେନ୍ତି କାହାର
କହନ୍ତି ସତ୍ୟ ବଚନେ । ୯୨ ।
ଥିଲି ପ୍ରାନ୍ତରେ ସୁନ୍ଦର ପ୍ରସୂନ
ହାର ଗୁନ୍ଥା ସଯତନେ,
ହସି ହସି ଗଳେ ପିନ୍ଧାଇଲେ ହେଲା
ଦକ୍ଷିଣା ଚୁମ୍ବନ ଦାନେ । ୯୩ ।
"ଛି ଛି ଛଇଳା ହେଁଗା ! ନ ପାରିଲୁ ଶକ୍ତି
ହୋଇବୁ ଏତେଡ଼ ପ୍ରଗଳ୍ଭା,"
ଲାଜେ ଜଡ଼ିଗଲି ସେ ବାକ୍ୟ ଶ୍ରବଣେ
ହେଲି କିଂକର୍ତ୍ତବ୍ୟ-ମୂଢ଼ା । ୯୪ ।
ଧୂଳିକି ଅଞ୍ଚଳ— ଟୋପ୍ଟିଇ ଚଞ୍ଚଳ
ଘୋଡ଼ାଇଲି ନତାନନ;
ତେଜ ଲାଜ କାହିଁ, କିଣା କଣ୍ଠରେ ସେ
ବୋଇଲେ ଦେଇ ଚୁମ୍ବନ । ୯୫ ।
କେତେ ଅଙ୍ଗ ଭଙ୍ଗି— ଇଙ୍ଗିତାଦି ଛଳ
କେତେ ଅଛି ଠାଠର,
ସ୍ଥୀତ-ଲଜ୍ଜା-ଭ୍ରଷ୍ଟା ନ ବୁଝନ୍ତି ଅନନ୍ୟ
ଭଜା ନାହିଁ ମାନସ । ୯୬ ।
ପ୍ରୀତି-ଅନୁକୂଳ— ମଧୁର ଧୃଷ୍ଟତା
ଭର୍ତ୍ସନା ନିଥା କୋପନ,

ରୁଚି ଅନୁକୂଳ— ମସଲ୍ଲା ମହିତ
ପରମେ ଲାଗେ ବ୍ୟଞ୍ଜନେ । ୯୭ ।
ପ୍ରଥମ ମୂର୍ତ୍ତି ରୂପେ ତାଙ୍କ ପ୍ରେମ-ଲୀଳା
ରହିଛି ହୃଦେ ଅଙ୍କନ
ଲିଭିବାର ଥାଉ ବଢ଼ୁ ଦିନେ ଦିନେ
ଯେସନ ବୃକ୍ଷେ ଖୋଦନ । ୯୮ ।
ଶକତ ସମ୍ପତ୍ତି ପୁରୁଷର ବଳ
ଯୋଷାବଳ ପୁଂସ ଏକା
ବୁଝିଲି ଯଥାର୍ଥ ନାହିଁ ଭ୍ରାନ୍ତି ଏଥି
ଏହା ଅନୁଭବୀ ଲେଖା; । ୯୯ ।
"ଢାଳକ ନ ଗଣ ବାଳକ ବୁଦ୍ଧି ଗୋ"
ଟିକିଏ ଦେଖି ମୋ ଦୋଷ,
କହନ୍ତି ସେ, କେତେ ମିଷ୍ଟ ତିରସ୍କାର
ଆହା ! କି ମିଷ୍ଟ ସେ ରୋଷ; । ୧୦୦ ।
ପରଶମଣି ସେ— ତାଙ୍କ ପରଶରେ
ହେଲି ମୁଁ ଲୌହ କାଞ୍ଚନ,
ମନ ଯାଉ ନାହିଁ ତାଙ୍କ ଗୁଣମାନ
କେତେଁ ସୋହାଗ ବଚନ । ୧୦୧ ।
ମୋ ଧବ ମାଧବ— ପ୍ରେମ ସୁରସିକ
କି କହିବି ସଖି ! ତୋତେ,
ଛାର ନାରୀ ମୁହିଁ ବୁଡ଼ିଛି କେମନ୍ତେ
ଭସେ ତାଙ୍କ ପ୍ରେମ ସ୍ରୋତେ । ୧୦୨ ।
କାମିନୀଙ୍କ ମନ ମଜାଇବେ କେଳି
ମୁକ୍ତ ଜୀବଧ ରସେ,
କେତେ ଭଙ୍ଗି କରି ଶିଖନ୍ତି କୌତୁକେ
ଅବ୍ୟକତ ପରକାଶେ । ୧୦୩ ।
ଚଞ୍ଚଳ ବେଳକୁ ହୃଦୟେ ବାସନା
ରସିକା କୋମଳ ମନ

* ପତ—ନିବାସ କିମ୍ବା ପତନ—ବାସ ।

ସ୍ପୃହା ନୂପୁରେ ହାସ୍ୟ ପଡ଼େ ଆସି ଧଁସା
ଲଖିଲ ବୁଦ୍ଧି-ଦର୍ପଣେ । ୧୦୪ ।

ସେ ଭାବନା ତାଙ୍କ ପ୍ରାଣେ ରସିକ
ରତନର ଧାନ୍ୟ ସଦା,
ନବ ନାୟକର— ଗରବିଣ ଗର୍ବିଣୀ
ତୁହି ନ ତୁହେ ସମ୍ପଦା । ୧୦୫ ।

"ଛଇଁ ଛଇଁ ବୃଥା" ଲୁଷିଲ ଭଗିଣୀ
"ଅଧିକ ସହରେ ଦେଖ,
ଭଲି ଆସିଲୁଣି ମୁକ୍ତ-ଜ୍ୟୋତି-ତାର
ଦୋହଲୁଛି ଦୁଃଖ-ସୁଖ" । ୧୦୬ ।

"ଅଳ କି ଏ ଦୋହା— ପରଶେ ସଜନୀ
ମିଳନ-ପ୍ରଭାତ ଆସି,
ନଅଚେଥ ମନକୁ ଦୁଃଖ-ବିଭାବରୀ
ତାନସକୁ ଦେବ ନାଶି" । ୧୦୭ ।

କହନ୍ତେ ବେହଣୀ ଲୁଷିଲେ ଅଶ୍ୱିନୀ
"ଜାଣ ମାଁ କି ପ୍ରଭୁକୁ !
ଦୁଃଖ ଅନ୍ତେ ସୁଖ ସୁତଃ ସୁଖଠାରୁ
ମହତ୍ତ୍ୱ ଗୁଣରେ ଗୁରୁ । ୧୦୮ ।

ବାଧା ନଥିଲେ ନିରେଖ ପ୍ରେମର
ଦୁଇନ୍ତା ଏତେ ଆଦର,
ପାଇବ ଚକୋରକୁ ଦେଖିବା ଜୀବନ
ଧାତ୍ରୀ, ଗୀତା ଶୁଣୁନାର" । ୧୦୯ ।

ଏବେକ ନେଉ ଆତ୍ମପରେ ପଇ
ଦେଖି ଶ ପରିଙ୍କ ପରେ,
ଅଶ୍ୱିନୀ ଲଗ୍ନ— ର ଅନ୍ତ କଥା
କହୁଲେ ପଡ଼େ ମନରେ । ୧୧୦ ।

ଏହି କେଳି ପୁରେ ଏହି ପଲଙ୍କରେ
ଦୁହେଁ ବୋଲିଲେ ବସି.

ସୀଡ଼ା କଲ୍ପତରୁକେ ବାହୁ ହେଁ ଭାଜ
ଘନେ ନନ୍ଦୋଲ୍ଲାସେ ହସି । ୧୧୧ ।

ପ୍ରଦ୍ୟୁମ୍ନ ଶ୍ରଦ୍ଧନ— ନେତ ନକ୍ଷତ୍ର
ମାଣ୍ଡି ଲତ ଅବସରେ,
ଭୁଲିଲ କର୍ତ୍ତବ୍ୟ ନେଳ ଜ୍ଞାନ ହର
ବୁଡ଼ାଇ କାମ-ସାଗରେ । ୧୧୨ ।

ମୁହିଁ ବୋଲୁ ସେହୁ ଯୋଡ଼ା ଅନଙ୍ଗର
କହନା ତା କଥା ସହୁ,
ଜଳଯୋଡ଼ ଗଲ୍ପ ତଥାପି ନ ମଲ୍ଲ
କାଳବଳ କରେ ରହୁ । ୧୧୩ ।

କହନ୍ତେ ଫଲ୍ଗୁନୀ ହସିଲେ ସରବେ
ଶୁହିଁ ଶୁହିଁ ସଖୀ ଅଢ଼େ,
ନତାନନେ ତହିଁ ଲୁଷିଲେ ବେହଣୀ
ହସି ଓଢ଼ଣା ଉହାଡ଼େ । ୧୧୪ ।

"ସ୍ୱାମ୍ୟ ଆଚେଯ ଦୁଣି କାଳ ବ ମାଡ଼ଇ
ପଢ଼ିଲେ ତା କଥା ମନେ
ଟିକେ ନେଇଯାଇ କଣ୍ଡୁ ଦିଅଇ
ସ୍ୱର୍ଗ ନରକେ କ୍ଷଣେ । ୧୧୫ ।

କି *ଅନ୍ଧକାମିଅ ହାସ୍ୟେଣ କେ ଜାଣେ କୁହ ଅ
କୈଳାସେ ମନ ସହସା,
ଦୃଢ଼ ହୃଦେ ଧରିବ କେବେହେଁ ନ ଭୁଲିବ
କାନ୍ତ ପୁଣି ସେହୁ ଦଶା ।" ।୧୧୬ ।

ଧନ୍ୟ ତୁ ମଦନ ଧନ୍ୟ ତୋ ଶକତି
ଧନ୍ୟ ତୋର ପ୍ରତିଶର,
ଯା ଧଇସେ କାହିଁ କେହୁ ଦୁଗପତ
ନ ଲଭୁଛନ୍ତି ଭ୍ରମ ଯାର । ୧୧୭ ।

ଅର୍ବାଚୀନ ନର କଥା କି କହିବ
ବ୍ରହ୍ମା, ଦକ୍ଷ, ମହେଶ୍ୱର,

* ଜମିଅ—ଝୁମ୍ପିକା ।

ତୋ କୁନ୍ତଳେ ପଡ଼ି  ଦିଶଇ କି ଶ୍ୟାମ
ସୃଷ୍ଟି-ସ୍ଥିତି-ଲୟ-କର । ୧୧୮ ।
ଯୋ ଶିର ପରଶେ  ଝରଇ ବାମରେ
ଦରେ ଶଶୀ ପୌର୍ଣ୍ଣମାସୀ
କରତଳ ଗତ  ମୁକତି ଇନ୍ଦ୍ରପଦ
ଯାର ତଳ୍ପତଳ ବାସୀ । ୧୧୯ ।

ଶତ ବରଷର  ଜପ-ତପୋଧ୍ୟ-ଗ୍ରନ୍ଥ
ବ୍ରହ୍ମମୁଖ ବୃନ୍ଦଗଣେ,
ମନେ ମନେ ପଥ  ଯୁବା ଯୋଗୀ ଯାନ୍ତି
ତୋ ଶିର ପରଶେ କ୍ଷଣେ । ୧୨୦ ।

ଗୁମ୍ଫ ଗୁମ୍ଫାନ୍ତରେ  ଯିବାକୁ ଯେ ନାସ୍ତି
ଭୟେ ଅପରେ ସନ୍ଧ୍ୟାଗମେ
ତମେ ସେ ଏକାକୀ  ନାଚିଥେ ଶୂନ୍ୟାନେ
ତମୋମୟ ଅମାଘନେ । ୧୨୧ ।

କର୍ଣ୍ଣସ୍ଥ କୁଅର  ମଧ୍ୟା ନିଦ୍ରାଙ୍ଗିକା
କୋଣ-କୁଳବଧୂ କ୍ଷଣେ
ମହା ଯୋଗୀଙ୍ଗନା  ହୁଏ ମହାଙ୍ଗନା*
ତୋ ଅଙ୍ଗ ପରଶନେ । ୧୨୨ ।

କି ନ କରପାରୁ  ରେ ଦର୍ପକ, ତୁହି
ସବୁ ଦର୍ପହାରୀ ଭବେ,
ଯା ଇଚ୍ଛା ତା କରୁ  ତୋ ମୋହନ ମନ୍ତ୍ରେ
ମୁଗ୍ଧ ଚରାଚର ସବେ । ୧୨୩ ।

ବିଷ କି ଅମୃତ  ନ ପାରିଲି ଚିହ୍ନି
ତୋ ଶର ଧରଣ କାଳ,
ବିଷ ସମ ହୃଦ  ଦହଇ ପ୍ରକୃତ
କିନ୍ତୁ ଲାଗେ ସୁଧାସମ । ୧୨୪ ।

ଏ ସଂସାର ମରୁ—  ତୁମେ ଏକା ତୁହି
ତରୁ-ତଳ-ମୁକ୍ତି-ଜଳ,
ଯା ପାଇ ଗୃହସ୍ଥ  ପାଦପାଦେ ଅଳିକେ
ସୁପକ୍ଷ-ଉଞ୍ଚ-ଜଳ-ଦଳ । ୧୨୫ ।

ଏକାଧାରେ ତୁହି  ତୃଷ୍ଣିକ ପ୍ରଭୃତି
ମଣି ମନ୍ଦିର ଭୁବନ,
ହାଣି ମତେ ତୋର  ଦେହ ଶକ୍ତି, କିନ୍ତୁ
ଇନ୍ଦ୍ରିୟ ଦମନ ବଳ । ୧୨୬ ।

ରେ କନ୍ଦର୍ପ, ତୁହି  ନ ଅଛୁ ଯେଦ୍ୟପି
ମାନବ ସମାଜେ ଭବେ
କି ଜାଣନ୍ତେ ନର  ପ୍ରେମ ସୁଖ ସ୍ୱାଦ
ରହି ସଦା ଜଡ ଭାବେ । ୧୨୭ ।

ଏହି ବେଳ କାଳେ  ଋଷି କୁଳର୍ଷିଭ
ସର୍ବ ଶିଷ୍ୟଗଣ ସଙ୍ଗ,
ହେଲେ ଉପସ୍ଥିତ  ଦ୍ୱାରେ, ପଚାରିଲେ
"କାହିଁ ପୁରେ କାହିଁ ବିହ ।" ୧୨୮ ।

ଶୁଣି ନ ଶୁଣିଲେ  ସରୁ ବହୁଗଲେ
କାନ୍ତି ମାତ୍ର କାମୋନ୍ମତ୍ତ
ତପସ୍ୱୀ-ପୁଙ୍ଗବ  ଯୁବାଦିଭ ଦେଖି
ଛୁଟିଲେ ଭୀଷଣ କୋପେ । ୧୨୯ ।

ତପସ୍ୟା ପ୍ରଭାବେ  ଜାଣିଲେ ମହର୍ଷି
କାମେ ମଉ ତାପସନ୍ତ,
ଅତଏ ଦୁଷ୍ଟାଚାର  କାମନା ନରେଶୀ
ଭ୍ରଷ୍ଟିଲେ ସର୍ବେଶ୍ୱେ ସତ ।" ୧୩୦ ।

"ତପୋ ଲୋକ ପଥ  ଯୋଗୀ ନୋହୁ ତୁହି
ଯାଅ ମୋର ଅଭିଶାପେ,
ଜନମି ମରତେ  ଭୁଞ୍ଜ ମୃତ୍ୟୁ ଦୁଃଖ
ପ୍ରାଦୂଷିତ ଏହି ପାପେ ।" ୧୩୧ ।

ଶୁଣି ନିଦାରୁଣ—  ବାକ୍ୟ ଯତନ୍ଦ୍ରର
ବାଣ-ବିଦ୍ଧ ଏଣ ସମ,

* ମହାଙ୍ଗନା—( ମହ—ଅଙ୍ଗନା )— ମହାମୂର୍ଖ ।

ପତ୍ର ପତ୍ର ତଳେ  କାନ୍ଦିଲେ ବକଳେ
ଭାବି ଛବୀ ନର-ଜନ୍ମ ।" ୧୩୨ ।
ଧାଇଁ ମହର୍ଷିଙ୍କ  ପାଦ ଧରି କାନ୍ଦି
କହିଲେ "ହେ ତାତ ! ବାରେ,
କ୍ଷମ ଦାସ ଦୋଷ  ନ ହେବି କୁଣ୍ଠିତ
ଥାଇ ଅଶ୍ୱଥ ଆକାରେ ।" ୧୩୩ ।
ଚନ୍ଦନର ଶୁଣି  କାକୁକ୍ତି ବଚନ
ମୁନି ହେଲେ ଦୟାବନ୍ତ,
କାଦମ୍ବିନୀ ପାରି  ଅଜସ୍ର ପତନେ
(ଯଥା) ଦାବ-ଦଗ୍ଧ ବନ । ୧୩୪ ।
ହେ ବତ୍ସ ! ସ୍ୱାମୀଙ୍କୁ  ସନ୍ତୋଷେ ସମ୍ବୋଧି
ଭାଷିଲେ ସଦୟେ ମୁନି,
ବ୍ରାହ୍ମଣ-ବଚନ  କେବେ ବା ଖଣ୍ଡନ
ହୋଇଛି ଅବୁଝ ଶୁଣି ? । ୧୩୫ ।
ନର ନାରାୟଣ  ଜନ୍ମିବେ ଭାରତେ
ହୋଇବୁ ତହିଁ ଜନମ,
ହେବୁ ନାରାୟଣ  ଭଗିନେୟ ତୁହି
ପାରଗଣେ ଅଗ୍ରଗମ । ୧୩୬ ।
ନ ଲଭିବ କ୍ଳାନ୍ତି  ମର୍ତ୍ତ୍ୟ ଲୋକ କଷ୍ଟ
ଜନ୍ମ ପୁଣ୍ୟ ପାଣ୍ଡୁ କୁଳେ,
ହୋଇବୁ ସହାୟ  କୁରୁ ଯୁଦ୍ଧେ ତୁହି
ଏ କଥା ଜାଣ ତୁ ଯୁକ୍ତେ । ୧୩୭ ।
ସପ୍ତରଥୀ ମିଳି  ସେହି ମହାହବେ
ବଧିବେ ଅନ୍ୟାୟ ରଣେ,
ଷୋଡ଼ଶ ବରଷ  ଶେଷେ ତୁ ଫେରିବୁ
ପୁଣି ଏ ଚନ୍ଦ୍ର ଭୁବନେ । ୧୩୮ ।
ନର ନର ଲୋକ  କେମନ୍ତ ସଖି ଗୋ
କେମନ୍ତ ତହିଁ ପ୍ରାଣୀଏ,
ତାଙ୍କ ବ୍ୟବହାର—  ରୀତିନୀତି ମାନ
ଦର୍ଶାଇବ ମୋତେ କିଏ । ୧୩୯ ।
କେଉଁ ଭାଗ୍ୟବତୀ—  ଅଙ୍କେ ପତି ଅଜ
ହୋଇଛି ଦୁଃଖିନୀ ପତି,
କେମନ୍ତ ସେ ଯୋଷା  ନାସ୍ତି ଶିରେଭୂଷା
ଦରଶନେ ବଳେ ମତି । ୧୪୦ ।
କହୁଁ କହୁଁ ଶୋକ  ଅଧିକ ଉଛୁଳି
ତାପ ଯୋଗେ ଯଥା ପୟ,
ନାଶିଲେ ସଖିଏ  ସେ ଶୋକ ଉଚ୍ଛ୍ୱାସ
ବାକ୍ୟ-ତୈଳେ, ବୋଧ ମୟ । ୧୪୧ ।

# ଷଷ୍ଠ ସର୍ଗ ।

## (ଅଶ୍ୱିନୀଙ୍କର ସ୍ୱପ୍ନ ପୁର ଗମନ)

ଦେଖି ସେ ବିକଳ ଦଶା ପାଟରାଣୀଙ୍କର
ଅଶ୍ୱସ୍ତ ବଚନେ ସର୍ବେ କହିଲେ ବୁଝାଇ,
ନୃପଦେ ଅଧୀର ହେବା ନୁହଇ ଉଚିତ,
ଜାଣି ନଜାଣିଲା ପରି କିପାଁ କର ଶୋକ ?
ଜୀବନ-ସରିତ-ସ୍ରୋତେ ସୁଖ-ଦୁଃଖ-ସଙ୍ଗି ।
ବୁଦ୍ବୁଦ ଆକାରେ ଉଠେ ନଡ଼ ନଡ଼ କେତେ,
ସମସ୍ତ ଜୀବନ ପୂର୍ଣ୍ଣ ଏଭାବେ ଜଗତେ;
ଏ ବିଶ୍ୱ ବ୍ରହ୍ମାଣ୍ଡେ, ଚିରସୁଖୀ, ଚିରଦୁଃଖୀ,
ନୁହେଁ କେହି ଜଣେ, ଜାଣନାକି, ତମୋମୟୀ
ନିଶିଶେଷେ ହାସ୍ୟମୟୀ ଉଷା ଆସେ ପୁଣି ?
ଚକ୍ରପରି ସୁଖ ଦୁଃଖ ଘୂରେ ପରା ସଦା,
ମାୟାରାଜ୍ୟ ଚଳେ ସିନା ଏହି ବିଧି ବଳେ,
କି କହିବ ଆଉ, ଦେବି, ଜାଣୁମଣି * ତୁମେ,
ତୁମ୍ଭଙ୍କୁ କହିବା ସିନା ବାହୁଲ୍ୟ ମାତର,
ଦୁଃଖ ବହ୍ନିବସ୍ଥା ଦେଖ ଆସିଲାଣି ପାହି,
ଅଚିରେ ଆସିବେ କାନ୍ତ ଫେରି ତବ ପାଶେ,
ସେତେବେଳେ ଭାସିବ ପୁଣି ଆନନ୍ଦ ସାଗରେ ।
ଉତ୍ତରିଲେ ଶଶୀପ୍ରିୟା ଗଦ ଗଦ ଭାଷେ
ଅଛି କି ଏଭଳି ସୁଖ ଏ ପୋଡ଼ା କପାଳେ,
ସତେକି ଫେରିବେ କାନ୍ତ ଦେଖିବ ନୟନ
ସତେକି ଦୁଃଖିନୀ ଭାଗ୍ୟେ ଆସିବ ସେଦିନ !
ନ ହୁଏ ପରତେ ମୋର ଅଶ୍ୱିନୀ ସେ କଥା;
ଦୁଃଖବେଳେ ସୁଖ, ଦୁଃଖୀ, ସୁଖୀ ହେଲେଯେବେ
ମନେ ହେବ, ସତ ! ତେବେ ସୁଖ ଦୁଃଖ ସୃଷ୍ଟି
କିପାଁ ଭବେ, ଚନ୍ଦ୍ରିମାର ହ୍ରାସ-ସୁଷ ଥାଏ
କିଗୋ ଦେବ ! ଦିନମଣି ଅସ୍ତଗତେ ଆସେ
ଯେତେବେ ସନ୍ଧି ଏହିରୂପେ କୁ । କୁହି ହେଉ -
ହେଉ ଦୁହେଁ, କରଯୋଡ଼ ଜଣାଇଲା ଦ୍ୱାସ୍ଥ
ଅଧିଦ୍ୱାରେ "ମହାଯଶା ମହର୍ଷି ନାରଦ,
ଦ୍ୱାରେ ଉପସ୍ଥିତ ଅଛି, ଶୀଘ୍ରମ୍ ଦର୍ଶନ
ତାଙ୍କ ଅଭିପ୍ରାୟ କହି ପେଷିଲେ ବାରତା"
ମହର୍ଷିଙ୍କ ଆଗମନ ଶୁଣିଣ ଅଶ୍ୱିନୀ
କହିଲେ ଆହ୍ଲାଦେ "ଦେବ, ନ ହୁଅ କାତର
ଜଣାଇବେ ସବୁ ବାର୍ତ୍ତା ଦେବର୍ଷି ମର୍ତ୍ତ୍ୟର
ମନୋବାଞ୍ଛା ଆଜ ନିଶ୍ଚେ ହୋଇବ ପୂରଣ ।"
ଏହାପରେ ଭବ, ଯାଇ ମହର୍ଷି ସମୀପେ
ଭକ୍ତିଭାବେ ପ୍ରଣମିଲେ ମୁନି ପାଦେ ସର୍ବେ
ଆଶୀର୍ବାଦ କରି ଋଷି ଜିଜ୍ଞାସିଲେ "କହ
ମାତଃ ! କୁଶଳ ବାରତା" ବାଷ୍ପାକୁଳ ନେତ୍ରେ
ସତୀ ମୁନି ପାଦ ଧରି ଗଦ ଗଦ କଣ୍ଠେ
ହାସ୍ୟ କହିଲେ ବ୍ୟାକୁଳେ, "କି ଅବା ନଜାଣ,
ପିତଃ ! ଦୁହିତା ଦୁର୍ଭାଗ୍ୟ କଥା, ଉଠରଇ,
ହୃଦମୋର, କି କହିବ, ଭିକ୍ଷେନ୍ତେ ସେ ସବ-
କଥା,—ଷୋଡ଼ଶ ବରଷ ହେଲା ଅନାଥିନୀ
ହୋଇ କି କଷ୍ଟ ପାଇଲି" ଏତେକହି ଉଚ୍ଚ-
କଣ୍ଠେ କାନ୍ଦିଲେ ବିକଳେ—କେ ଯେତେହେ ଚପଳ

---

୧ ପଣ୍ଡିତା ସ୍ତ୍ରୀ

କଣ୍ଠ ଗଳ ଦେଶେ ବସି, ଦୁଃଖିନୀ କଷଣ
ହୃଦ ଅନ୍ଦୋଳନ କରି ବହିଲା ଲୋତକ
ରୂପେ ଦର ଦର ନେତ୍ରୁଁ, ଶୈଳ ହ୍ରଦ-ଜଳ
ଯଥା ପ୍ରସ୍ରବଣ ଅଙ୍ଗୁ, ସଦୟେ ସସ୍ନେହେ,
ଆଶ୍ୱାସି ସତୀଙ୍କୁ ତେବେ କହିଲେ ମହର୍ଷି.
"ନ ହୁଅ କାତର ମାତଃ ଚନ୍ଦ୍ର କୁଳ ଲକ୍ଷ୍ମି !
ଅଚିରେ ଫେରିବେ ତବ ପ୍ରାଣକାନ୍ତ ପୁରେ,
କହିଲି ନିଶ୍ଚୟ ବାଣୀ ଶୁଣ ମା ବୈହୁଣି !
ଧୈର୍ଯ୍ୟ ଧର, ତୋହପରି ଦକ୍ଷା ଯେବେ ହେବେ
ମା ! ଅଧୀର ନ ହେବ କେ ବଂଶେ ଆଉ କହ;
ଅଛନ୍ତି ଲଭିଲେ ତବ ଧବ ଯଶ ଧାମେ,
ଜନ୍ମିଛନ୍ତି ପାଣ୍ଡୁ ବଂଶେ, ଅଭିମନ୍ୟୁ ନାମେ
ଇନ୍ଦ୍ରଜ ଅନୁଜ ହୋଇ, ପିତା ସମ ପୁଣ,
ପ୍ରାଣପ୍ରିୟା ହୋଇଛନ୍ତି ବସଃ ତନୟା,
ସେବୁଛନ୍ତି ଅହର୍ନିଶ ଛାୟା ସମ ରହି
ଭୋଗୁଛନ୍ତି ସ୍ୱର୍ଗ ସୁଖ ଇନ୍ଦ୍ରସଜ୍ଜ ମର୍ତ୍ତ୍ୟେ;
ନର ଲୋକ କଷ୍ଟ ତାଙ୍କୁ ନ ଲାଗଇ କିଛି
ଶତଦଳ ଦଳେ ଯେସନ୍ତେ ପଙ୍କିଳ ସଲିଳ"
ପୁଛିଲେ ବୈହୁଣୀ ତେବେ ଉଦ୍ବେଗେ ଋଷିଙ୍କୁ
"ଅତ୍ୟନ୍ତ ଉତ୍କଣ୍ଠିତ ଚିତ୍ତ ଦେଖିବାକୁ ପିତଃ !
କି ଭବେ ଅଛନ୍ତି ମମ ପ୍ରାଣପତି କାହିଁ ।
କାର୍ଯ୍ୟେ ଫେରିବେ କେବେ ଚନ୍ଦ୍ରଲୋକେ ପୁଣି
ଦୟା କରି କହ ପିତଃ ! ଉପାୟ ଏହାର ।"
"ନ ପାରିବ ସାଧି ମାଗୋ ! ଏ କାର୍ଯ୍ୟ ତୋହର"
ତେବେ, ଶୁଣ ମା ବୈହୁଣି ! ଯେ ରୂପେ ହୋଇବ
ପୂର୍ଣ୍ଣ ମନୋବାଞ୍ଛା ତୋର; ଯାଅ ସ୍ୱର୍ଗ ଦେବୀ
ପାଶେ, ଜାଣନ୍ତି ସେ ଦଣ୍ଡ କଥା ତନ୍ନ ତନ୍ନ
କରି, ଅଶ୍ୱିନୀ କୁମାରେ ଯେସନ୍ତେ ଦେବ ତତ୍ତ୍ୱ
ଜାଣି, ଏ ବିଶ୍ୱ ବ୍ରହ୍ମାଣ୍ଡ ତାଙ୍କ ଚକ୍ଷୁ ଅଗ୍ରେ
ନାଚେ, କି କହିବ ଅନ୍ୟ, ତାଙ୍କ କୃପାବଳେ
ପାରିବୁ ଦେଖି ତୁ ମାଗୋ ! କଉରୂପେ ଭୂଲୋକେ
ତବ ସ୍ୱାମୀ କହିଁଛନ୍ତି" ଏତେ କହି ତହୁଁ
'ରାଧାକୃଷ୍ଣ ରାଧାକୃଷ୍ଣ' ଉଚ୍ଚାରି ଯୋଗୀନ୍ଦ୍ର
ଉଠନ୍ତେ ସେ ସ୍ଥାନୁଁ, ମୁନି ପାଦେ ପ୍ରଣମିଲେ
ସରବେ ଯେଠାବେ; କଲେ ଆଶୀର୍ବାଦ ମୁନି
"ଚିର ଅବୈଧବ୍ୟ ଭୋଗ ସବେ ସୁଖକାମ୍ୟେ,-
ଶାନ୍ତି ପୁଷ୍ଟି ତୁଷ୍ଟି ହେଉ," କହି ମହାଯଶା
ଚଳିଲେ ଅନ୍ୟତ୍ର ବୀଣା ବଜାଇଁ ବଜାଇଁ ।
ଭକ୍ତି ରସେ ଢଳ ଢଳ କୃଷ୍ଣ ପ୍ରେମେ ଭୋଳା
ପୁଲକ ଅନ୍ତର ସଦା ମହାନନ୍ଦମତ୍ତ,
ରାଣୀ ମୁଖ ଚାହିଁ ତେବେ କହିଲେ ଅଶ୍ୱିନୀ,
"କୁନ୍ତୀ-ଅଙ୍ଗେ ସଙ୍ଗେ ଯିବା ନୁହଇ ଉଚିତ ।
ତବ ଆଶୀର୍ବାଦେ ମୁହିଁ ଯିବଇଁ ଏକାକୀ,
ନିଶ୍ଚେ ମୁଁ ଆଣିବି ସଙ୍ଗେ ଦେବୀଙ୍କୁ ଏ ପୁରେ,
ଏତେ କହି ସୁକେଶିନୀ ଉଡ଼ନ୍ତେ ଆକାଶେ
ଉଡୁପତି-ବଧୂ ତେବେ କହିଲେ ବିଷାଦେ
ନାଅଲୋ ଅଶ୍ୱିନି ! ତେବେ ଯାଅ ତ୍ୱରା କରି
ଦେବୀ ପାଦ ପଦ୍ମେ ସବୁ କହିବୁ ଏ କଥା
ନାହିଁ ଚନ୍ଦ୍ରଲୋକେ ଆଉ କାହିଁକି ଆଲୋକ
ହତଶ୍ରୀ ହୋଇଛି ଦୂର ଶ୍ରୀକାନ୍ତ ବିହନେ,
କି ହେ ବର୍ଷି ନିରନ୍ତର କହିବୁ ଅଧିର,
ପଶୁଛିବୁ ବାରବାରେ ପଚାରିବୁ ତାଙ୍କୁ
ନ ପଡ଼ିବ କି ମନେ ଅଉ ଚନ୍ଦ୍ରଲୋକ କଥା,
ନିତ ନିତ ନିଶି ଯୋଗେ ଆସୁଥିଲେ ଯହିଁ
କହୁଥିଲେ ଶୁଣି ମୋତେ ଝିଅଲୋ ତୋହର
ନ ଦେଖିଲେ ମୁଖ ବାରେ ନ ଲାଗଇ ମନ
ଦୁହିତା ପରାୟେ ମୁହିଁ ସ୍ନେହ କରେ ତୋତେ
ଲାଗେ କି ବୈହୁଣୀ ତୋର ମାତା ପରି ମୋତେ ?
କି ଦୋଷେ ବଞ୍ଚିତା ସୁତା ସେ ଅମିୟ ବାକ୍ୟେ
ହେଲଇଁ ମୁଁ ଦୋଷୀ, ସୁତା ଦୋଷ ଧରିବାର,

ଏତେ କି କଥା ? ଆଉ କି କହିବ ମୁହିଁ;
ପଞ୍ଚଶରଙ୍କ ବସିଥିବ ନ ଆଡ଼ିଗି ଯିଏ,
ଚାତକିନୀ ଚାହେଁ ଯଥା କାଦମ୍ବିନୀ ଆଶେ;
ଏକଥ ଅସମ୍ଭବ କାର୍ଯ୍ୟ କହିବୁ ଅଣିକି ।”
ବଧୂ-ବନ୍ଧୁ ସିନ୍ଧୁ ସଖୀ ବିଦ୍ୟୁତ-ବରଣୀ
ବିଦ୍ୟୁତ ଗତିରେ ଭେଦି କାଦମ୍ବିନୀ-ଦଳ
ଉଡ଼ିଲା ଅମ୍ବରେ ଊର୍ଦ୍ଧ୍ୱ, ଊର୍ଦ୍ଧ୍ୱତରେ ଯାଇ
ନବୀନା-ଅଙ୍ଗନା-ଅଙ୍ଗ-ଉଲ୍ଲଙ୍ଘନ-ପ୍ରିୟ
ପବନ, ନପାରି ଅଙ୍ଗ ଉଲ୍ଲଙ୍ଘି ବାଳାର
ଚୁପେ ଚୁପେ ଗୁପ୍ତ ବାକ୍ୟ କହିଲା କର୍ଣ୍ଣରେ
ଉଡ଼ାଇ କୋମଳ କେଶ ଦୁକୂଳ ସଧୀରେ
ଶୀତଳିଲା ସ୍ୱେଦ ଅଙ୍ଗୁ ଶୋଷାଇ ଶୋଷାଇ;
ସ୍ୱକାର୍ଯ୍ୟ ସାଧନ ପାଇଁ ଲମ୍ପଟେ ଏ ରୂପେ
ଧାଉଁଛନ୍ତି କେତେଣ ଘୃଣା ନ ବହନ୍ତି ମନେ;
ନୂପୁର କଙ୍କଣ ସଙ୍ଗେ ମଧୁର କିଙ୍କିଣୀ
ବାଜିଲା ନିତମ୍ବୋପରି କ୍ଷୀଣ କଟି ତଟେ
ରିଣି ଝିଣି କଣି ହୋଇ ବାଜିଲା ମଧୁରେ:
ଊର୍ଦ୍ଧ୍ୱ ଊର୍ଦ୍ଧ୍ୱତରେ ଯେତେ ଉଠୁଅଛି ବାମା
କ୍ଷୁଦ୍ର କ୍ଷୁଦ୍ରତର ତେତେ ହେଉଛି ପ୍ରତିମା;
ମଧୁର ସିଞ୍ଜିନୀ † କ୍ରମେ ଶୁଣିଲା କି ଆଉ
ଉତ୍କଣ୍ଠେ ଦେହିଣୀ ଯାହା ଶୁଣୁଥିଲେ ରହି,
ଅଦ୍ଭୁତକନ୍ୟା ତେବେ ଉତ୍ଫୁଲ୍ଲ ନୟନେ
ଚାହିଁଲେ ଅନାଇଁ ଊର୍ଦ୍ଧ୍ୱେ ଊର୍ଦ୍ଧ୍ୱନେତ୍ର ହୋଇ
ଦେଖିଲା ବଦନ ତଳେ ବସି ବନ୍ଧୁ ଶିଶୁ,
କ୍ଷୀଣ ବକ୍ଷ ପୀନ ସ୍ତନ ଢାଙ୍କିଲା ଅଞ୍ଚଳ,
ଉଦୟର ଶୋଭେ ଯଥା ଧରଣୀ ଉରସେ,
ବିନ୍ଦୁ-ବିନ୍ଦୁ ସଙ୍କୋଚନେ, ଅଦ୍ଭୁତ ନନ୍ଦନ
ହେଲା ଅନାବୃତ୍ତ ଦୃଶ୍ୟ, ଚାମ ଦେହ ଊର୍ଦ୍ଧ୍ୱ

ଅଧଃ ପଦ୍ମଦ୍ୱୟ, କ୍ରମେ ହେଲା ସଙ୍କୁଚିତ,
ଇନ୍ଦୁ ମାନେ ବହିଗଲା ବାମେତର ନେତ୍ର;
କ୍ଷୁଦ୍ରତର ବାମା କ୍ରମେ ହେଲା କ୍ଷୁଦ୍ରତମ
ଦିଶି ଶେଷେ ଜ୍ୟୋତିଷ୍ମତୀ ଉଷା ତାରା ଯଥା;
ପ୍ରତ୍ୟୁଷ-ଉଷସେ * ଲୀନ ହୋଇ ଯାଏ କିମ୍ବା
ସୁନୀଳ ଜଳଧି ଜଳେ ଝୋଲାଇତ ଫେନ,
ଗୁହ୍ନ ଗୁହ୍ନ ମିଶିଯାଏ ସାଗର ଗରଭେ,
ବାହ୍ୟ ଜ୍ଞାନ ଲୁପ୍ତ ଯାର ମାନସ ନୟନ
ରହିଲା ଅଙ୍କିତ ରୂପ ରୋହିଣୀର ତେବେ
ମୁହୂର୍ତ୍ତେ ମଣିଲେ ଯୁଗ, ନିମିଷେ ବରଷ;
ଲମ୍ବାଇ ସ୍ୱକାୟ କାଳସାପ ଦିନା ଦଉ;
ଏ ରୂପେ କଟନ୍ତେ କେତେ ଦୁଃଖିଜନ ପାଶେ;
ମନେ ମନେ ଭାବନ୍ତି ସେ ପଦ୍ମଶ୍ରିଷ୍ଟ ପତି,
ନିରଖି ସୁରମ୍ୟ ପୁଷ୍ପ ସ୍ୱପ୍ନ ଦେବାଙ୍କର
ପରଶଂସେ ପଦ୍ମ ମନେ ଅଙ୍ଗିନା ଅଧୁନା;
ସାଦରେ ବସାଇ ଦେବୀ ପ୍ରଫୁଲ୍ଲଚନ୍ଦ୍ର ପାଶ
କହିଲେ ଅର୍ଦ୍ଧିନୀ କହ ଚନ୍ଦ୍ରଲୋକ କଥା
ଲୁଚିଲେ ଅଛି କି ମୋର ସେହିଣୀ ଦୁହିତା ।
କ୍ଷଣ ପରେ ଶୁଣି ପୁଣି ପକ୍ଷୀ କଣ୍ଠ-ରବ
ଉତ୍କଣ୍ଠେ ଭାବଇ କିବା ଅଇଲା ଅର୍ଦ୍ଧିନୀ !
ଉତ୍ପ୍ରେକ୍ଷି ଦେଖନ୍ତି ଊର୍ଦ୍ଧ୍ୱେ କେହୁ କେଉଣି ନାହିଁ ।
ଯୁବତୀଙ୍କ ପଦେ ପଦେ ବିପଦ ଆଶଙ୍କା
କହ କେବେ ଭାବେ ବାଳୀ ପଡ଼ିଲା କି ଅବା
ନୋହିଲ କି ବିଳମ୍ବ ଏତେ ହେଉଅଛି କାହିଁ ?
ଚଉଷଠେ ଭାବେ ପୁଣି ବହୁଦୂର ପଥ
ଗମନାଗମନେ ଯିବ ବହୁକାଳ ଲାଗି;
ସଂଶୟ ଦୋଳାରେ ପଡ଼ି ଝୁଲୁଛି ଏ ରୂପେ
ନାନାଭାବେ ଶୁଭାଶୁଭ ଜଟେ କେତେ ମନେ,

† ଅଳଙ୍କାର ଧ୍ୱନି ।   * ସୂର୍ଯ୍ୟ କିରଣ ।

ବର୍ଷୁଛି ଜ୍ୟୋତ୍ସ୍ନା ଯଥା ବିନ୍ଦୁପାତି ଭାସ୍କର
ଲମ୍ଫ ନାଗର ଆଶେ, ବହେ କୁହୁଞ୍ଜେ ଯେବେ ।
ରୋହଣୀ ରାଣୀଙ୍କ କଲୁ ନିଚଳ ହୃଦୟେ,
ଆଶାଦେବୀ, ହେଲେହେଁ ସେ କୁହୁକିନୀ ବଡ଼
ଦୟାବତୀ, ଆହା ! ଦେଉଅଛି ପ୍ରବୋଧ ସେ
ନ ହୁଅ କାତର, ଶୀଘ୍ର ଅସିବେ ଅମ୍ବିକା ।
ଅମ୍ବା ବିନା ବସିଅଛି ସଂସାରେ କାହାକୁ
ନ ଥାନ୍ତା, ଯଦ୍ୟପି ଆମ୍ବା ମାହାତ୍ମ୍ୟ ଉଛ୍ନିବ
କେ ଲଙ୍ଘନ୍ତା ଚନ୍ଦ୍ରବାଳୁ ପ୍ରସଙ୍ଗ ଜନ୍ମାନ୍ତେନ ।
*ବଧୂ-ବଧୂ-ପ୍ରିୟ ବନ୍ଧୁ ଡହୁକୁନ ଯାଇ,
ଦେଖିଲେ ଶୂନ୍ୟରେ ଏକ ବଜ୍ରଘର୍ଷଣ ଘରେ
ତମୋ-ମହାପୁରୀ; ମଧ୍ୟ ଭୀଷଣ ସ୍ଥଳୀ,
ଅମାନିଶି ବିଭୀଷଣ ହୁଅଇ ଯେସନ
ଘନ କାଦମ୍ବିନୀ ଯେବେ ଆବରେ ଅମ୍ବର;
ପୁରୀପାର୍ଶ୍ୱେ ନାରୀ ଏକ ରକ୍ଷିଣୀ-ରୂପରେ
ନଗ୍ନଘଟେ କର ଦୂରୁଁ ଦେଖିଲେ ଅମ୍ବିକା
ରହୁଛି ପୁଛିଲେ ଯାଇ ଧୀରେ ଧୀରେ ପାଶେ
"କେ ତୁମ୍ଭେ ଭ୍ରମୁଛ ଏହି ତମୋମୟ ପୁରେ ?
କହିବ କି ଦୟା ବହି ସୁଭ୍ରାନ୍ତା ସଖିଙ୍କ
କେଉଁ ପଥେ ଯିବ ମୁହିଁ ସ୍ୱପ୍ନ ଦେବୀ ପୁରେ !"
"କେ ତୁମ୍ଭେ ଅଇଲ କାହିଁ କି ଉଦ୍ଦେଶ୍ୟ ତବ
କିବା ପ୍ରୟୋଜନ ପୁଣି ସ୍ୱପ୍ନଦେବୀ ପୁରେ ?
ଉତ୍ତର ପ୍ରଥମେ, ପରେ ପାଇବ ଉତ୍ତର ।"
ଉତ୍ତରିଲେ ଏହିରୂପେ ନଗର ରକ୍ଷିଣୀ;
"ଅଇଲି ମୁଁ ଚନ୍ଦ୍ରଲୋକୁ, ନାମ ମୋ ଅମ୍ବିକା
ବଧୂ-ବଧୂ ପେଷିଛନ୍ତି ସ୍ୱପ୍ନ ଦେବୀ ପାଟେ,
କହୁଛି ଯଥାର୍ଥ, ଅତ ନ ସନ୍ଦେହ ଭଲମ୍,
କହି ଦୟାବହି କେଉଁ ପଥେ ଯିବି ମୁହିଁ
ସ୍ୱପ୍ନ ଦେବୀ ପୁରେ ।" "ଏହି ତାଙ୍କ ପୁରୀ ମାତ୍ର
ତାଙ୍କ ଆଜ୍ଞା ବିନୁ କେହି ନ ପାରେ ପ୍ରବେଶି;
ରହ କ୍ଷଣେ ଅସୁଛି ମୁଁ କହିସି ଦେବୀଙ୍କୁ"
ଏତେ କହି ଚଳିଗଲା ରକ୍ଷିଣୀ ତତ୍କ୍ଷଣେ
ନିକ୍ଷିଯାଏ ଶମା ନୁହନ୍ତ ନିରବ ଚନ୍ଦ୍ରର;
କ୍ଷଣପ୍ରଭା ରୂପୀ ପୁଣି କ୍ଷଣକରେ ଅସି
ସମ୍ଭାଷି ସୁନ୍ଦରେ 'ଆସ' ବୋଲିଲା 'ମୋ ସଙ୍ଗେ'
ଚଳିଲେ ଅମ୍ବିକା ଧୀରେ ରକ୍ଷିଣୀର ପଛେ ।
ନିବିଡ଼ ତମସାବୃତ ହୋଇଛି ସେ ପୁରୀ
ଅମାନିଶି ଦିଶେ ଯେସନ୍ତ, ଘନ ଘନାବରେ,
ସୂଚୀ-ଭେଦ୍ୟ-ଅନ୍ଧ ମାତ୍ର ନାହିଁ ସେ ତମିରେ,
ନ ଦିଶେ ଆକାଶେ ତାରା ନ ସ୍ୱନଇ ବାୟୁ,
ତମଯାବରଣେ ଧରା ଦିଶେ ଏକରୂପା
ନ ମର୍ମରେ ପତ୍ର କ୍ଷମା ନ ରବଇ ଝିଲ୍ଲୀ,
ନୀରବ ନିସ୍ପନ୍ଦ ସର୍ବ ମନ୍ତ୍ର ମୁଗ୍ଧ କିବା !
ନିସ୍ତବ୍ଧତା ଭୀଷଣତା ବଢ଼ାଏ ଦ୍ୱିଗୁଣ;
କିଛି ଦୂରେ ଯାଇ, ଦୂରେ ଦେଖିଲେ ସମ୍ମୁଖେ
ସମୁଜ୍ଜ୍ୱଳ ଗୁରୁ ସ୍ନିଗ୍ଧ ମୃଗ୍ଧ ଆଲୋକେ,
ମନେ ହୁଏ ଦେଖି ଯେସନ୍ତେ ଚିର ସ୍ଥିର ହୋଇ
ସୌଦାମିନୀ ରହିଅଛି ହାସ୍ୟମୟୀ ବେଶେ;
ଦିଶେ ସେହି ଆଲୋକେ ଏକ ବିଶାଳ ଧାମ ନାମ
ସୁବିସ୍ତୀର୍ଣ୍ଣ ସୁମଞ୍ଜୁଳ ନୟନାଭିରାମ;
ନଦ, ନଦୀ, ବନ, ଗିରି, ଦ୍ରୋଣୀ ସଙ୍କଟ,
ଅଧିତ୍ୟକା, ଉପତ୍ୟକା, କାନ୍ତାର ବିସ୍ତୃତ,
ଅଦୃଷ୍ଟ-ପୂର୍ବ ସର୍ବ ଅମ୍ବିକା ନୟନେ;
ସୁନୀଳ ନୀରଦ ଅଙ୍ଗେ ଶୃଙ୍ଗଧର ଶୃଙ୍ଗ
କାହିଁ କା ମିଶିଛି (ଯୋଗବଳେ ଯୋଗୀବର
ମିଶାଉଛି ଯଥା ନିଜ ପରମାତ୍ମା ସଙ୍ଗେ)

* ଅମ୍ବିକା

କାହିଁ ବା ପ୍ରାଚୀରକାରେ ରହିଛି ବେଷ୍ଟିତ
ଦେଖିଣ ନୟନ-ପଥ ଦର୍ଶକର ଦୂରେ;
ଝଙ୍କାର କାନନ-ଶ୍ରେଣୀ ବିଶାଳ ବିସ୍ତୃତ,
ଝର ଝର ଝରେ କାହିଁ ବହେ ନିର୍ଝରଣୀ,
ଶିଖର-ପତିତା ସ୍ୱଚ୍ଛନୀର ଦିଶେ ଯାର
ସ୍ୱଚ୍ଛତର ପୁଣି, ମସୀ ଶ୍ୟାମ-ଶୈଳ-ଅଙ୍ଗେ
ସ୍ନିଗ୍ଧ ସ୍ୱଚ୍ଛାଲୋକେ, ଦିଶେ ଚାରୁ ଯଥା ଶ୍ୱେତ
ଉତ୍ତରୀୟ, ସୁବିଶାଳ କୃଷ୍ଣ ବକ୍ଷେ ନନ୍ଦ-
ନନ୍ଦନର । ଶ୍ରୁତି ସୁଖକର ବାଦ୍ୟ ଧ୍ୱନି
ଶୁଭିଲା ଅଦୂରେ, ବ୍ୟଗ୍ରେ ଅନାଇ ବିସ୍ମୟେ
ଦେଖିଲେ କାନନ ଏକ ଶ୍ୟାମଳ ସୁଚାରୁ
ଦିଶଇ ସୁଚାରୁ ତହିଁ ସୁରମ୍ୟ ଆରାମ
କନକ-ପ୍ରସୂନ-ପ୍ରସୂ, ଠାବେ ଠାବେ କୁଞ୍ଜ-
ବନ ଦିଶେ ଚାରୁତର; ପୁଞ୍ଜ ପୁଞ୍ଜ ପୁଷ୍ପ
ପ୍ରତି କୁଞ୍ଜ ଫୁଟେ; କୁହୁ କୁହୁ ପିକରବ
ଉଠେ ମୁହୁର୍ମୁହୁ ତହିଁ ଉଦ୍ୟାନ ହୃଦୟୁଁ
ଅଶ୍ରୁତ ପୂରବ କେତେ ପକ୍ଷୀ କଣ୍ଠରବ
କର୍ଣ୍ଣବ୍ୟଞ୍ଜୀ, କର୍ଣ୍ଣ ଦ୍ୱୟେ ଢାଳେ ସୁଧା, ଅଦ-
ରଧାସ୍ଥିକ, ଆହା ପୁଷ୍ପ-ଧନୁ ଦେଖି କିବା
ଅଲକ୍ଷେ ଅନଙ୍ଗ ଶରେ ମାରଇ ମରମେ ।
କି କହିବ, ଥାଉ ଅନ୍ୟକଥା, ଶୁଣିଣ ଯେ
ଧ୍ୱନି, କେନ୍ଦ୍ରୀଭୂତ ଯୋଗୀ ମନ, ହେବ କେନ୍ଦ୍ର-
ଚ୍ୟୁତ; ନାନା ଜାତି ପଶୁପକ୍ଷୀ, ସ୍ୱର୍ଣ୍ଣ ବର୍ଣ୍ଣ,
ଶ୍ୱେତ, ପୀତ, ଲୋହିତ ବା କେହି ନାନାରଙ୍ଗେ
ଚିତ୍ରିତ ହୋଇଛି ଆହା ! କି ସୁନ୍ଦର ଭାବେ ।
ଶଶକ ଶଶକୀ ସହ କୁରଙ୍ଗ କୁରଙ୍ଗୀ,
ଅଜ-ମେଷ-ବୃଷ-ଗାଭୀ-ଅଶ୍ୱ-ମହିଷାଦି,
କପୋତ-କପୋତୀ, କାହିଁ ପିକ ପିକବଧୂ,
ଚରୁଛନ୍ତି, ଉଡୁଛନ୍ତି ନିର୍ଭୟ ହୃଦୟେ;
କି ସୁନ୍ଦର ଶତ ଶତ ପୁଷ୍ପିତ ବଲ୍ଲରୀ
ମାଧବୀ ମାଳତୀ ଆଦି ବନ ସୁଶୋଭିନୀ
ବେଢିଛନ୍ତି ଅନୁରାଗେ ବିଟପୀ କଣ୍ଠରେ ।
ଚମ୍ପକ, ଅଶୋକ, ବିଲ୍ୱ, ଶିରୀଷ, ଖର୍ଜୁର
କିଂଶୁକ, କଦମ୍ବ, ନିମ୍ବ, ବକୁଳ, ତମାଳ,
ବିଭୀତକୀ, ହରୀତକୀ, ଆମଳକୀ ଆଦି
ସଜାଇ ଶ୍ୟାମଳ ଅଙ୍ଗ ପଲ୍ଲବ ମୁକୁଳେ
ଚିତ୍ରାର୍ପିତ ପ୍ରାୟେ ସର୍ବେ ରହିଛନ୍ତି ତହିଁ
କେହି ବା ଆନତ ଫଳ ଭରେ, ଉନ୍ନତ ବା
କେହି ପୁଷ୍ପଗୁଚ୍ଛେ; ଯେସନେ ଯୌବନେ ଯୁବତୀ !
ସୁମନ ସମ୍ପଦ ଗନ୍ଧ ଚୋରାଇଣ ବାୟୁ
ବୋଳି ଅଙ୍ଗେ ମନ୍ଦ ମନ୍ଦ ବହଇ ଚୌଦିଗେ
ନାଶୁଛି ଶୀତଳ ଗନ୍ଧ ସଦାନନ୍ଦ କାୟ,
ଯା ଘ୍ରାଣେ ହୃଦୟବଲ୍ଲୀ ନାଚଇ ପ୍ରଫୁଲ୍ଲେ
କେତେ କମନୀୟ ଆହା କି ସୁରମ୍ୟ ସ୍ଥଳୀ
ଅଛି କି ଏଭଳି ସ୍ଥଳୀ ଏ ବିଶ୍ୱ ବ୍ରହ୍ମାଣ୍ଡେ ?
ଥିଲା ପର କାହିଁ ଅର୍ଜୁନ ହୁଏ ପରତେ,
ମନେ ହୁଏ ଦେଖି ଯେସନେ ପ୍ରକୃତି ସୁନ୍ଦରୀ
ଶାନ୍ତ ଦେବୀ ସହ ଏଥି ମୂର୍ତ୍ତିମତୀ ହୋଇ,
ଭ୍ରମୁଛନ୍ତି ଅଜ ବନେ ସହାସ୍ୟ ବଦନେ ।
ଖଣ୍ଡେ ଦୂର ଯାଇ ପୁଣି ଦେଖିଲେ ସମ୍ମୁଖେ,
ନଭସ୍ପର୍ଶୀ ଚୂଡା ଏକ ରମ୍ୟ ହର୍ମ୍ମ୍ୟ ଶିରେ,
ଉଡ଼େ ତା ଉପରେ ଏକ ଧ୍ୱଜା ମନୋହର,
ହେଲେହେଁ ସେ ଇନ୍ଦ୍ରଧନୁ ବର୍ଣ୍ଣ ସ୍ଫୁଟତର
ଦିଶେ ମନ୍ଦ ରକ୍ତ ବର୍ଣ୍ଣ ତହିଁ । ମନ୍ଦ ବାତେ
ଉଡ଼ଇ ପତାକା ଯେସନେ ତରଙ୍ଗ ରଙ୍ଗରେ,
କି ଅପୂର୍ବ ଶୋଭା ଦିଶେ ଦର୍ଶକ ନୟନେ,
ମନେ ହୁଏ ଦେଖି ଯେସନେ ଇନ୍ଦ୍ର-ଚାପ ଛାୟା
ପଡ଼ିଛି ସାଗର ଗର୍ଭେ, ତରଙ୍ଗ କ୍ଷୋଭିତ ।
ସ୍ଥିର ନୟନେ ଦେଖୁଥିଲେ ସେ ଶୋଭା ଅର୍ଜୁନ
ପ୍ରତିମା ପ୍ରତିମ ମାନେ ଚାଲୁଥିଲେ ପଥେ ।

ଏତେ ଯେ ବଡ଼ିମା କରି ଯାଇଥିଲେ ସଖୀ
ଆସିବାକୁ ସ୍ୱପ୍ନ-ଦେବୀ ରାଜ୍ୟ ପୁରେ ତ୍ୱରା,
ଆସିବାର ଦୂରେ ଥାଉ ଯାଇଛନ୍ତି ଭୁଲି
ନିଜେ ନିଜ ଦେହ କଥା, କର୍ତ୍ତବ୍ୟ ପାଳନ
କଥା କି କହିବି ଆଉ; ସୌନ୍ଦର୍ଯ୍ୟ-ମଦସ
ସବ ଦେଇଛି ଭୁଲାଇ; ଏମନ୍ତ ସମୟେ
ପଡ଼ିଲେ ଅର୍ଦ୍ଧିନୀ ପାଦ ବନ୍ଧୁର ପ୍ରସ୍ତରେ,
ଉଠିଲେ ଚମକି ତହୁଁ ଯାଉଁ ଯାଉଁ ପଥେ,
ସଖୀ 'ଉହୁ ଉହୁ' କହି, ଶୁଣିଲେ ଚକିତେ
ସଙ୍ଗେ ଅଗ୍ରଗା ରକ୍ଷିଣୀ, ସାଗ୍ରହେ ପୁଛିଲେ
ତେବେ ଅର୍ଦ୍ଧିନୀ ତାହାଙ୍କୁ, "ଉକେତେ ଦୂରେ ଅଛି
ଆଉ ଦେବୀଙ୍କ ମନ୍ଦିର?" "ସେହି ଯେ ସୁରମ୍ୟ
ଚୂଡ଼ା ଦିଶଇ ସମ୍ମୁଖେ, ସେହି ତାଙ୍କ ପୁରୀ
ନୁହେଁ ବେଶି ଦୂର ଆଉ ଅଳ୍ପ ଦୂର ମାତ୍ର"
ଏତେ କହି ସଙ୍ଗେ ସଙ୍ଗେ ଗଲୁ ଗଲୁ ଦୁହେଁ
ତୋରଣ ସମ୍ମୁଖେ ଆସି ହେଲେ ଉପନୀତ,
ଦ୍ୱିରଦ ରଦ ନିର୍ମିତ ସୁନ୍ଦର ତୋରଣ,
ମାଣିକ୍ୟ କାଞ୍ଚନ କାରୁକାର୍ଯ୍ୟ ତଦୁପରି
ପ୍ରବାଳ ମୁକୁତା ସ୍ତମ୍ଭ ଶୋଭେ ସ୍ଥାନେ ସ୍ଥାନେ,
ସ୍ତମ୍ଭେ ସ୍ତମ୍ଭେ ନୀଳମଣି-ମାଳା, ଦିଶେ ଶୁଭ୍ର,
ପ୍ରତିମାନେ ହୀର-ସ୍ପଷ୍ଟ ଦିଶେ ଶୁଭ୍ରତର,
ଦିଶେ ଶୁଭ୍ର ତମ ପୁଣି, ଫୁଟନ୍ତା କୁସୁମ,
ଭ୍ରମେ ଉଡ଼ନ୍ତା ଭ୍ରମର ଯେବେ ପୁଷ୍ପୋପରି
ବସେ; ନାସିଦ୍ୱୟ ଦୁଇ ପାର୍ଶ୍ୱେ ପ୍ରତିହାରୀ
ରୂପେ ରହିଛନ୍ତି ତହିଁ, ଅର୍ଦ୍ଧିନୀ ଶ୍ରୀମୁଖ
ପ୍ରତି ଅନାଇଲେ, ମାତ୍ର ନ ଭଷିଲେ କେହି,
ତୋରଣେ ପ୍ରବେଶି ଯାହା ଦେଖିଲେ ଅର୍ଦ୍ଧିନୀ,
କେମନ୍ତେ ବର୍ଣ୍ଣିବ ତାହା ଦୁର୍ବଳା ଲେଖନୀ,
କଳ୍ପନା ନସ୍ଫୁଟନ୍ନ ଯାହା ଦେଖଇ ସମ୍ମୁଖେ
ଲକ୍ଷାଂଶୁ ଏକାଂଶ ଯେବେ ପାରନ୍ତି ପ୍ରକାଶି
ମଣନ୍ତି ସାର୍ଥକ ସିନା ଲେଖନୀ ଧାରଣ ।

## ସପ୍ତମ ସର୍ଗ ।

"ସ୍ୱପ୍ନପୁର ବର୍ଣ୍ଣନ ।"

କାହିଁ ଅର୍ବାଚୀନ   ମୋ ସମାଧମ
କାହିଁ ସ୍ୱପ୍ନ ଦେବୀ ପୁର,
ବାମନ ହୋଇ ମୁଁ   ଇଚ୍ଛେ ଛୁଇଁବାକୁ
ନଭେ ଦେହ ସୁଧାଂଶୁର । ୧ ।
କାକ ହୋଇ ପିକ— କଣ୍ଠେ ଗାଇବାକୁ
ବଳି ଅଛି ମୋର ମନ,
ଗର୍ଦ୍ଦଭ, ଦର୍ଦ୍ଦୁର   ପାରଇ କି କେବେ
ଅନୁକରି ବୀଣା ସ୍ୱନ ? । ୨ ।
ଜାଣି ଶୁଣି ଏହା   ତଥାପି ଇଚ୍ଛେ
କରିବି ବୋଲି ବର୍ଣ୍ଣନ,
ଏ ଧୃଷ୍ଟତା ମୋର   କ୍ଷମିବ ସ୍ନେହେ
ହେ କବି କୋବିଦ ଗଣ । ୩ ।
ତବ ଅନୁରୂପେ   ଗାଥା ଗାଇବାକୁ
ବଳିଛି ଇଚ୍ଛା ମୋହର,
ନାହିଁ ଶକ୍ତି ମାତ୍ର   ଶିଶୁ ପ୍ରାୟେ ମୁହିଁ
ପଥେ ତୋଳେ ବାଲିଘର । ୪ ।

ଅତ ଧୀରେ ଧୀରେ ପ୍ରବେଶି ଅଶ୍ୱିନୀ
ଦେଖିଲେ ଯାହା ସେ ପୁରେ,
ସୁକବି ଅଶକ୍ତ କହ୍ଣିତ ବର୍ଣ୍ଣିବେ
ମୋ ବର୍ଣ୍ଣିବା ଆଜ ଦୂରେ । ୫ ।
ଦୁଇ ପାଶେ ଶର୍ବ ପ୍ରସ୍ତର ନିର୍ମିତ
ତୁଙ୍ଗ ଗୃହୁ ହର୍ମ୍ମ୍ୟ ରାଜି,
କନକ ହୀରକ— ମୁକୁତାବ' ତହିଁ
ବିଜଡ଼ିତ ରତ୍ନ ରାଜି । ୬ ।
ଦ୍ୱିରଦ ରଦରେ ନିର୍ମିତ ଗବାକ୍ଷ
ଜଡ଼ିତ ତହିଁ ସୁବର୍ଣ୍ଣ,
ଉଜ୍ଜ୍ୱଳ ମୟୂଖେ ଦିଶେ ଗୃହ୍ବତର
ମୋହଇ ଦର୍ଶକ ମନ । ୭ ।
ତୁଷାର ରାଶିରେ ଉଷା ସୌର କର
ପଡ଼ ଦିଶିଲା ପରାୟେ,
ତହିଁ ବଳ ଶୋଭା ଦିଶେ ମନୋହର
ଚକ୍ଷୁ ଚିକିମଇ ଯାଏ । ୮ ।
ଦ୍ୱିପାଶେ ହୀରକ— ସୌଧରାଜି ମଧ୍ୟେ
ପଥ ଯାଇ ରୌପ୍ୟ ଲଜ,
ସଙ୍କୋଚ ନପାଇ ବହେ ମଧ୍ୟେ, ଦୁଇ-
ପାଶେ ଶ୍ୱେତ ଶୈଳବ୍ରଜ । ୯ ।
ପଥ ମଧ୍ୟେ ମଧ୍ୟେ ଗୃହୁ ଉପକାହିଁ
ପୁଷ୍ପ କୁଞ୍ଜେ ସୁବେଷ୍ଟିତ,
ଊର୍ଦ୍ଧ୍ୱ ଉଠି ଯନ୍ତ୍ରୁ ଗନ୍ଧ-ବାରି-ଧାର
ବୃଷ୍ଟିକାରେ ଭୁପତତ । ୧୦ ।
ଭିନ୍ନ ଭିନ୍ନ ପୁଷ୍ପ ବିବିଧ ବର୍ଣ୍ଣର
କେହି ଶ୍ୱେତ ରକ୍ତ ପୀତ,
ମାଳ ମାଳ ହୋଇ ପଥ ପାଶେ ପାଶେ
ରହିଛି ହୋଇ ସଜ୍ଜିତ । ୧୧ ।
ଗୁଚ୍ଛ ଗୁଚ୍ଛ ପୁଷ୍ପ ସ ପତ୍ର ପଲ୍ଲବ
ରହିଛି ସ୍ୱର୍ଣ୍ଣ କଳସେ,
କାହିଁ ବା ସୁମନ, ଲତିକା ଦୋଳାରେ
ଦୋଳଇ ମୃଦୁ ବତାସେ । ୧୨ ।
ଆକାଶେ ଫୁଟଇ କୁସୁମ କେବେ ବା
କୁସୁମ ବରଷା କାହିଁ,
କାହିଁ ଏ କୁସୁମ ଆସିଲା ଦେଖନ୍ତେ
କେଣେ ଗଲା ଆଉ ନାହିଁ । ୧୩ ।
ଅଗୁରୁ ଚନ୍ଦନ କୁଙ୍କୁମର ଗନ୍ଧ
ଦେବ-ପୁଷ୍ପ ଗନ୍ଧ ସହ,
ଉଠଇ ସୌଦାମେ ମୃଦୁ ମଧୁ ଧୀରେ
ବହେ ଯେବେ ଗନ୍ଧବହ । ୧୪ ।
କି ସୁଗନ୍ଧ ତହିଁ ଉଠେ ନିରନ୍ତର
କେ କର ପାରେ ବର୍ଣ୍ଣନା,
ସ୍ୱର୍ଗୀୟ ସୌରଭେ ପାର୍ଥିବ ସୁଗନ୍ଧ
କାହିଁ ବା ତାର ତୁଳନା । ୧୫ ।
କର୍ଣ୍ଣ ରସାୟନ ଅତୀବ ମଧୁର
ଧ୍ୱନି ଉଠେ ନିରନ୍ତର,
ମନ ପ୍ରାଣ ଆଦ୍ୱା ତନ୍ମୟ ହୁଅଇ
ଶୁଣି ସେ ମଧୁର ସ୍ୱର । ୧୬ ।
କବିଙ୍କ ଉପମା ପିକ-କଣ୍ଠ କମ୍ପା
ବୀଣା କ୍ୱଣା ସ୍ୱର ସିନା,
ସେ ସ୍ୱର ଉପମା ଯେହି ସ୍ୱର ଆଉ
ନାହିଁ ଅନ୍ୟ ତାହା ବିନା । ୧୭ ।
କାହିଁ ବା ଅନ୍ଧାର, କାହିଁ ବା ଆଲୋକ
କାହିଁ ଆଲୋକ-ଅନ୍ଧାର,
ମିଶାମିଶି ହୋଇ ରହିଛି ସେ ଠାବେ
ସବୁ ଦୃଶ୍ୟ ମନୋହର । ୧୮ ।
କ୍ଷଣପ୍ରଭା ରୂପୀ କ୍ଷୀଣତନ୍ୱୀ କେତେ
ସୁନ୍ଦରୀଙ୍କ ଶିରୋମଣି,
ନବୀ ନବ ବେଶେ ଉଭେଇ ଯାଆନ୍ତି
କାହାର ସବେ ତକ୍ଷଣି । ୧୯ ।

ପୁଣି ଆସୁଛନ୍ତି ତାଙ୍କ ପଛେ କେତେ
ପଛେ ପଛେ କେତେ ପୁଣି,
ତରଙ୍ଗ ଆକାରେ ଉଠନ୍ତି ଗଗନେ
ଅସଂଖ୍ୟ ସ୍ୱର୍ଗ ତରୁଣୀ । ୨୦ ।
କେହୁ ସୁଧାପାନେ କେହୁ ନୃତ୍ୟ ଗୀତେ
କେହୁ ଅବା କ୍ରୀଡାରତ,
କେହୁ ବା ଭ୍ରମନ୍ତି ହର୍ଷିତେ ଚୌଦିଗେ
ମହାନନ୍ଦେ ସର୍ବେ ମତ୍ତ । ୨୧ ।
ନାଗରୀଙ୍କ ରୂପ କେତେ ମନୋହର
କେମନ୍ତେ ଅବା ବର୍ଣ୍ଣିବ,
ନାହିଁତ ଶବଦ ଶବ୍ଦକୋଷ ମଧ୍ୟେ
ସେ ସୌନ୍ଦର୍ଯ୍ୟ ପ୍ରକାଶିବ । ୨୨ ।
ରତି, ରୋହିଣୀ ବା ଚନ୍ଦ୍ରମଣି ଯେବେ
ଚନ୍ଦ୍ରରୂପା ଏ ନାଗରୀ,
ତୁଳନା ସ୍ଥଳରେ କହିଲି ଏତେକ
ହେବେତ ତହୁଁ ସୁନ୍ଦରୀ । ୨୩ ।
ଅକସ୍ମାତେ ଏକ ଦିଶିଲା ତଡାଗ
ସୁବିସ୍ତୀର୍ଣ୍ଣ ମନୋହର,
ସନ୍ତରନ୍ତି ରଙ୍ଗେ ମତ୍ସ୍ୟ କୂର୍ମ ଆଦି
ବହୁବିଧ ଜଳଚର । ୨୪ ।
ଉଡ଼ି ଉଡ଼ି ଆସି ବସନ୍ତି କୌତୁକେ
ସାରସ ସଙ୍ଗେ ସାରସୀ,
ବୁଡ଼ି ବୁଡ଼ି ବୁଲେ ପାଣିକୁଅ କାହିଁ
କ୍ରୀଡ଼ାମତ୍ତ ହଂସ-ହଂସୀ । ୨୫ ।
ପଲ ପଲ ପକ୍ଷୀ କେହୁ ଧଳା କଳା
କେହିବା ପୀତ, ଲୋହିତ,
ନୀଳ-ଇନ୍ଦ୍ରଧନୁ ଶୋଭି ଯାଉଛନ୍ତି
ଆକାଶ କରି ଚକିତ । ୨୬ ।
ନୀଳାମ୍ବର ପିନ୍ଧି କହ୍ଲାର ଆନନ୍ଦେ
ତରଙ୍ଗ ସଙ୍ଗେ ନାଚଇ,
ଲୋହିତ ବସନ ପିନ୍ଧି ସ୍ୱର୍ଣ୍ଣ ପ୍ରିୟା
ଆନନ୍ଦେ ନୀରେ ଭାସଇ । ୨୭ ।
ମୋ ଦଣ୍ଡ ତୋ ପଣ୍ଡ ପର ନୁହେଁ ସହ
ପଦ୍ମେ ଗୃହୁଁ କହେ କହିଁ,
ବସନ ଭୂଷଣେ ନୁହଇ ଭୂଷିତ
(ମୁଁ) ତେଣୁ ସଦା ସ୍ୱାଧ୍ୟମ୍ମୀ । ୨୮ ।
ଯେତେଣ ଅନାଉଛି ଅଶ୍ୱିନୀ ସେ ଦିଗେ
ଦେଖେ ନବ ନବ ଶୋଭା,
ଚକ୍ଷୁ-ପ୍ରୀତି-କର ହୃଦ-ମୁଦ-କର
ସମସ୍ତଙ୍କ ମନୋଲୋଭା । ୨୯ ।
ଶବଦ, ପରଶ, ରୂପ, ରସ, ଗନ୍ଧ,
ସରବେ ତହିଁ ସୁନ୍ଦର,
ମଧୁକାଳେ ଧରା, ଜୀବନ-ଯୌବନ
ସ୍ୱର୍ଗେ ଯଥା ସୁରୁଚିର । ୩୦ ।
ପ୍ରାବୃଟେ ବଢ଼ଇ ନଦୀଜଳ ଯେସନେ
ଗୃହୁଁ ଗୃହୁଁ କ୍ଷଣେ କ୍ଷଣେ,
ଅଶ୍ୱିନୀ ଆନନ୍ଦ ମୁହୂର୍ତ୍ତକୁ ବଢ଼େ
ତେସନ ଶୋଭା ଦର୍ଶନେ । ୩୧ ।
ଆଶ୍ଚର୍ଯ୍ୟ ମଧ୍ୟରେ ଅତ୍ୟାଶ୍ଚର୍ଯ୍ୟ ଏକ
ଦେଖିଲେ ଅଶ୍ୱିନୀ ତହିଁ,
ମନେ ଉଦେହୁଏ ଯାହା ଯେତେବେଳେ
ତତ୍କ୍ଷଣେ ତାହା ଦେଖଇ । ୩୨ ।
ମନ ବାସନାକୁ ଦୃଷ୍ଟିପଥେ ନେଇ
କିଏବା ସ୍ଥାପଇ ଆଣି,
ନ ପାରିଲେ କଳି ଦେଖି ସେହିରୂପ
କେମନ୍ତ ସେହି କାହାଣୀ । ୩୩ ।
ଭାବୁ ଭାବୁ ମନେ ଉଦେ ହେଲା ଆସି
ସବୁ କି ଏଥି ସୁନ୍ଦର,
ନାହିଁକି ଏ ପୁରେ ଆଉ ଅନ୍ୟ କିଛି
ଅଦଭୁତ, ଅସୁନ୍ଦର ? । ୩୪ ।

ଏକ ବୃକ୍ଷେ ଫଳେ ଭିନ୍ନ ଭିନ୍ନ ଫଳ
ଫଳରୁ ଫୁଲ ଫୁଟଇ,
ଦୁଇ-ପଦ ପଶୁ ଚତୁଷ୍ପଦ ପକ୍ଷୀ
ନରମୁଖ, ଦେହ ଅଛି । ୩୫ ।

କେହି ଲୋମ ଯୁକ୍ତ କେହି ଲୋମ ଶୂନ୍ୟ
ବହୁନଖ, ମୁଖ କାର,
କେହିବା କବନ୍ଧ ହସ୍ତ ପଦ ଶୂନ୍ୟ
କେହିବା ଭୀଷଣାକାର । ୩୬ ।

ଭୀଷଣ ଦଶନ ଭୀଷଣ ବଦନ
ବ୍ୟାଦାନ ଭୀଷଣତର,
ଚକ୍ଷୁ ମୁଦ୍ଦି ଭୟେ ଥରଲେ ଅଶ୍ୱିନୀ
ସ୍ୱେଦସିକ୍ତ କଳେବର । ୩୭ ।

ନେଇ ପୁନ ତୋଳ ଦେଖିଲେ ସମ୍ମୁଖେ
ସହସା ବିଶାଳ ବନ,
ସିଂହ ବ୍ୟାଘ୍ର ହସ୍ତୀ ଅଶ୍ୱ ମହିଷାଦି
ଅଗଣିତ ଜୀବଗଣ । ୩୮ ।

ଶୂନ୍ୟେ ରହିଛନ୍ତି ତରୁ ଲତାଗଣ
ଶୂନ୍ୟେ ଚତୁଷ୍ପଦ ପ୍ରାଣୀ,
ତର ବୁଲୁଛନ୍ତି କେମନ୍ତେ ଏ ଭବେ
ନ ପାରିଲେ ତାହା ଜାଣି । ୩୯ ।

ସ୍ତମ୍ଭୀଭୂତ ହୋଇ କେତେବେଳ ଯାଏ
ଦେଖିଲେ ସେ ଦୃଶ୍ୟ ତହିଁ,
ନ ପାରିଲେ କଳି ନିଜ ଜ୍ଞାନବଳେ
ଭାବି ଭାବି ଗଲେ ରହି । ୪୦ ।

କେତେ ସୌର ରାଜ୍ୟ ଗ୍ରହ ଉପଗ୍ରହ
ଚନ୍ଦ୍ର ତାରା ପ୍ରଭାକର,
ବିଭୀଷଣ ବେଗେ ଚକ୍ରାକାରେ ସର୍ବେ
ଭ୍ରମୁଛନ୍ତି ନିରନ୍ତର । ୪୧ ।

ଭୀମ ଧୂମକେତୁ ଭୀମ ପୁଚ୍ଛ ଟେକି
କାହିଁ ଗର୍ଜଇ ଭୈରବେ,
ଗ୍ରହଚ୍ୟୁତ ଉଲ୍କା ବିକଟ ଶବଦେ
ପଡ଼ଇ ସାଗର ଗର୍ଭେ । ୪୨ ।

ଅସଂଖ୍ୟ ଶୈଳ ନଦ ନଦୀ ସହ
ପ୍ରବାହିତ ଅଗଣନ,
କାହିଁବା ଆଗ୍ନେୟ— ଗିରି କରେ ଅଗ୍ନି
ମୁହୁର୍ମୁହୁ ଉଦ୍ଗୀରଣ । ୪୩ ।

ଭୀମ ଭୂମିକମ୍ପେ ବିଦରେ ଭୂଧର
ଟଳମଳ ବିଶ୍ୱ କ୍ଷଣେ,
ଶତ ଶତ ରାଜ୍ୟ ଭାସେ ଭୀମ ସ୍ରୋତେ
ଭୀଷଣ ଜଳପ୍ଲାବନେ । ୪୪ ।

ଭୀଷଣ ସଂଗ୍ରାମ ଲାଗିଅଛି କାହିଁ
ବହେ ନଦୀ ସ୍ରୋତ ରକ୍ତେ,
ଜଳବମ୍ବ ସମେ ଉଠେ କେତେ ଛବି
ଅଶ୍ୱିନୀ ଚକ୍ଷୁ ଅଗ୍ରତେ । ୪୫ ।

ସହସା ଆକାଶେ ନୀବିଡ଼ ନୀରଦ
ଘୋଟିଗଲା ଚଣ୍ଡବେଗେ,
ଘୋର ଅନ୍ଧକାରେ ନ ପାରିଲେ ଦେଖି
ବାଟ, ଘାଟ, କେଉଁ ଦିଗେ । ୪୬ ।

ହୁହୁଙ୍କାର ସ୍ୱନେ ଭୀମ ପ୍ରଭଞ୍ଜନ
ଗର୍ଜଇ ଭୈରବ ରବେ,
ବିଭୀଷଣ ହାସ୍ୟେ ହସେ କ୍ଷଣ-ପ୍ରଭା
ଦମ୍ଭୋଳୀ-ନାଦଇ ଦମ୍ଭେ । ୪୭ ।

ମେଘ ଘଡ଼ ଘଡ଼ କର କଡ଼ କଡ଼
ପଡଇ କରକା ରାଶି,
କମ୍ପେ ବସୁନ୍ଧରା ଥର ଥର ଥର
ଘର ଗ୍ରାମ ଯାଏ ଭସି । ୪୮ ।

ସମ୍ବର୍ତ୍ତ ସଦୃଶ ମନ୍ଦ୍ରଇ ଭୈରବେ
ବିଭୀଷଣ ପୟୋଧର,
ନିବିଡ଼ ତମସା ସୌଦାମିନୀ ହାସ୍ୟେ
ଦିଶଇ ନିବିଡ଼ତର । ୪୯

ସେ ବିକଟ ହାସ୍ୟ ଦେଖିଲେ ଅଶ୍ୱିନୀ
ପ୍ରକାଣ୍ଡ ସିଂହ କେଶରୀ,
ଶୃଙ୍ଗଧର ଶୃଙ୍ଗେ ଆସ୍ଫାଳି କେଶର
ବଦନ ବ୍ୟାଦାନ କରି । ୫୦ ।
ବିଦ୍ୟୁତ ଗତିରେ ଧାଉଁଛନ୍ତି ଦୁହେଁ
ଲକ୍ଷ୍ୟ ରଖି ତାହା ପ୍ରତି,
ନ ଦେଖିଲେ ଆଉ ପରକ୍ଷଣେ କିଛି
ନିବିଡ଼ ତମସେ ସତି । ୫୧ ।
ପୁଣି କ୍ଷଣପ୍ରଭା ଚମକେ ଅଶ୍ୱିନୀ
ସମ୍ମୁଖେ ବେନି କେଶରୀ,
ଦେଖି ଜ୍ଞାନ ଶୂନ୍ୟ ହୋଇଲେ ସହସା
ଭୀଷଣ ବେଗେ ଚିତ୍କାରି । ୫୨ ।
ଅଶ୍ୱିନୀର ଦଶା ଦେଖିଣ ଋଷିଣୀ
ସଧୀରେ ଟେକିଲେ ଯାଇ,
ଚେତାଇ ସାଦରେ ପୁଚ୍ଛିଲେ "କି ହେଲା !
ମୂର୍ଚ୍ଛା ଗଲ କାହିଁପାଇଁ ?" । ୫୩ ।
ଅଦ୍ୟ ପ୍ରାନ୍ତ କରି ଋଷିଣୀ ସମ୍ମୁଖେ
ସମସ୍ତ ବୃତ୍ତାନ୍ତ ଧୀରେ,
କହିଲେ ଅଶ୍ୱିନୀ ସ୍ୱପ୍ନଦେଶ ପୁରେ
ଦେଖିଲେ ଯାହା ଆଖିରେ । ୫୪ ।
"ଅନାଦି ଅନନ୍ତ ଏ ପୁର ମହିମା"
କହିଲେ ଋଷିଣୀ, "ସହି,
କୋଟି କୋଟି ଯୁଗ ଭ୍ରମିଲେ ଏ ରୂପେ
ଗୋଟିଏ ବୁଝି ନୁହଇ । ୫୫ ।
ଗାରୁଡ଼ିଆ ଖେଳେ ସର୍ପ ସଙ୍ଗେ, ଜାଣେ
କୁହୁକୀ ବାଜୀ * ମରମ,
ଅନ୍ୟ ପକ୍ଷେ ସଖି ଉପୁଦ ଅଦ୍ଭୁତ
ଏଥିବା କେଉଁ ଭରମ । ୫୬ ।
ପୁରବାସୀ ନେନେ ମହାମାୟା ଦୃଶ୍ୟ
ନୁହଇ କିଛି ନୂତନ,
ନ ବୁଝଇ ଅନ୍ୟ କେହି ଗୂଢ଼ ତତ୍ତ୍ୱ
ବିନା ବିଜ୍ଞାନ-ଅଞ୍ଜନ" । ୫୭ ।
ବ୍ୟାକୁଳିତ ଚିତ୍ତେ "କାହିଁ ସେ ମନ୍ଦିର
କେତେଦୂର ଅଛି ବୋଲି,"
ପୁଚ୍ଛନ୍ତେ ଅଶ୍ୱିନୀ କହିଲେ ଋଷିଣୀ
"ଚକ୍ଷୁ ବୁଜି ହୁଅ ଖୋଲି" । ୫୮ ।
ସହସ୍ର ସୁଧାଂଶୁ ଢାଳଇ ସୁଧାଂଶୁ
ଶାରଦ ନିର୍ମଳାକାଶେ,
କୌମୁଦୀ ବସନେ ଆବରି ଶ୍ରୀଅଙ୍ଗ
କୁମୁଦ ସଲିଳେ ହସେ । ୫୯ ।
ସୁଚାରୁ ସରସୀ କାଚ-ସ୍ୱଚ୍ଛ-ନୀର
ପୁଷ୍ପ-ମଣ୍ଡଳ-ମାଳିନୀ,
ସୁରମ୍ୟ ପ୍ରାସାଦ ଶୋଭଇ ତା ତୀରେ
ଫିଟାଇ ଚକ୍ଷୁ ଅଶ୍ୱିନୀ । ୬୦ ।
ଦେଖିଲେ ଫିଟିଲା କବାଟ ଦେଉଳୁଁ
ସ୍ୱର୍ଗୀୟ ସୌନ୍ଦର୍ଯ୍ୟ ରାଶି,
କୋକିଳ କୋମଳ କମନୀୟ କଣ୍ଠ-
ସ୍ୱରେ ପୁଣି ଯାଏ ଭାସି । ୬୧ ।
ବସନ୍ତ ସୌନ୍ଦର୍ଯ୍ୟ ସଖା ଶରଚ୍ଛଶୀ
ଅନିଳ ମଳୟାକୁଳ,
ମୂର୍ତ୍ତିମନ୍ତ ହୋଇ ବସିଛେ ଆନନ୍ଦେ
କୋଟି ଗୁଣେ ହୋଇ ଠୁଳ । ୬୨ ।
ପ୍ରଶାନ୍ତ ଗମ୍ଭୀର ପ୍ରସନ୍ନତା ମୟ
ଦୟାଧାର ବରାନନା,
ବିଶ୍ୱ-ବିମୋହିନୀ ବିଦ୍ୟୁତ-ବରଣା
ଗୁରୁ ନଳିନୀ ନୟନା । ୬୩ ।

* ବାଜୀ—ଖେଳ, ଇନ୍ଦ୍ରଜାଲ ।

ଗୁରୁ ବିମ୍ବାଧର ଲଲାଟେ ସିନ୍ଦୁର
ପୂର୍ଣ୍ଣ ଶରଦିନ୍ଦୁ ଆଭା,
ବିମୁକ୍ତ କୁଞ୍ଚିତ ସୁଗୁରୁ ଚିକୁର
ସୁନୀଳ-ଜଳଦ-ପ୍ରଭା । ୭୪ ।
ଶୋଭେ ଶିରୋପରେ ଉଜ୍ଜ୍ୱଳ କିରୀଟ
ଗଞ୍ଜି ମଧ୍ୟାହ୍ନ ତପନ,
ରତନେ ଖଚିତ ଅମ୍ବରେ ଆବୃତ
ଝଲସି ପଡ଼େ ନୟନ । ୭୫ ।
ବାମକରେ ଜାଲ ଦକ୍ଷିଣେ ଦର୍ପଣ
ଭୂଷିତା ସ୍ୱର୍ଣ୍ଣ ଭୂଷଣେ,
ରାଜ ରାଜେଶ୍ୱରୀ ରୂପେ ବିରାଜଇ
କେକୀ-ପୁଚ୍ଛ ସିଂହାସନେ । ୭୬ ।
ଧରେ କେ ତାମ୍ବୂଳ ଢାଳେ କେ ଚାମର
ଯୋଗାଏ କେହୁ ସୁଗନ୍ଧ,
ପ୍ରବେଶି ମନ୍ଦିରେ ପ୍ରଣମିଲେ ଦୁହେଁ
ଚୁମ୍ବି ଦେବୀ ପାଦଦ୍ୱନ୍ଦ୍ୱ । ୭୭ ।
ଆଶୀର୍ବାଦ କରି ଜିଜ୍ଞାସିଲେ ଦେବୀ —
"କହ କହ ଲୋ ଅମ୍ବିକା,
କୁଶଳ ତ ସବୁ ଚନ୍ଦ୍ର ପୁରେ ଅଛି
କେମନ୍ତ ସୁତା ସୌହ୍ମଣୀ । ୭୮ ।

ଗଦ ଗଦ କଣ୍ଠେ କହିଲେ ଅମ୍ବିକା
କଅବା ନଜାଣୁ ମାତଃ,
ଷୋଡ଼ଶ ବରଷ ଚନ୍ଦ୍ରପୁର ପତି
ଗର୍ଗମୁନି ଶାପଗ୍ରସ୍ତ । ୭୯ ।
ଏ ବିଶ୍ୱ ବ୍ରହ୍ମାଣ୍ଡେ ପତି ଭିନ୍ନ କାହିଁ
ପତି ପରାୟଣା ଗତି,
ଦିବାନିଶି ବସି କାନ୍ଦି କାନ୍ଦି ଆଉ
ଉଠିବାକୁ ନାହିଁ ଶକ୍ତି । ୮୦ ।
ଏକେତ ସୁତନ୍ୱୀ କ୍ଷୀଣାଙ୍ଗୀ ସୌହ୍ମଣୀ
କାନ୍ଦି କାନ୍ଦି କ୍ଷୀଣତର,
ହୋଇଲେଣି ଆଧା ସୁଦୀର୍ଘ ବିରହେ
ଅଛି ଜୀବନେ ମାତର । ୮୧ ।
ଅଳ୍ପ ଦିନେ ଆଉ ଜୀବନ ପ୍ରଦୀପ
ସୌହ୍ମଣୀର ଲିଭିଯିବ,
ତବ ଦରଶନ- ଆଶା-ତୈଳ ସିନା
ବଞ୍ଚାଇ ରଖିଛି ଜୀବ । ୮୨ ।
କର ଦୟା ବାରେ ଦୟାମୟୀ ମାଗୋ
ବନ୍ଧୁ ଦୁଃଖିନୀର ଜୀବ,
ଅଧିକ ବିଳମ୍ବେ ନୈରାଶ୍ୟ-ପବନେ
ନିଶ୍ଚେ ଦୀପ ଲିଭିଯିବ । ୮୩ ।

# ଅଷ୍ଟମ ସର୍ଗ ।

## ଭାରତର ଦୁର୍ଦ୍ଦଶା ବର୍ଣ୍ଣନ ।

ଚନ୍ଦ୍ରପୁର କଥା ଶୁଣି ଅଶ୍ୱିନୀ ମୁଖରୁ
*ମହାମାୟା ଚନ୍ଦ୍ରାନନ ହୋଇଲା ବିବର୍ଣ୍ଣ
ନିର୍ମଳ ଶାରଦ ଚନ୍ଦ୍ରେ ଆବରିଲା କିବା
ମେଘ ଖଣ୍ଡେ କ୍ଷଣପାଇଁ ଉଡ଼ିଆସି କାହିଁ;
ବିଷାଦେ ନିଶ୍ୱାସ ଛାଡ଼ି ମହାମାୟା ଧୀରେ
କହିଲେ "ଅଶ୍ୱିନି ! ମୁହିଁ, ଜାଣେଁ ସବୁ, ଝିନ୍ତୁ
କ ଦୁଃଖ ଯେ ଭୋଗୁଛନ୍ତି ସତୀଏ, ଭାରତେ,
ଯେ ଦେଶେ ଜନମିଛନ୍ତି ରୋହିଣୀର ସ୍ୱାମୀ;
ଶୁଣିବୁ ତୁ ଯେବେ, ଅତି ରୋହିଣୀକୁ ଦୁଃଖୀ
ବୋଲି ନ କହିବୁ କେଭେ । ଶୁଣିବାକୁ ଇଚ୍ଛା
ଯଦି ଶୁଣ କହେ ।" ଏତେ କହି ଆରମ୍ଭିଲେ,
"ଏକ ଚନ୍ଦ୍ର-ବିଜ-ଦୁଃଖେ କାନ୍ଦେ ଚନ୍ଦ୍ରପୁର,
ଲକ୍ଷ ରାଜା ଦୁଃଖେ କାନ୍ଦେ ଭାରତେ ଅନ୍ତର
ଚନ୍ଦ୍ରପୁରେ ଏକା ସତୀ କାନ୍ଦେ ପତିପାଇଁ
କେତେ ଯେ କାନ୍ଦନ୍ତି ମର୍ତ୍ତ୍ୟେ ସଂଖ୍ୟା ତାର ନାହିଁ;
ସତୀ ସାଧ୍ୱୀ ଆର୍ତ୍ତନାଦ ସାଧୁ ହାହାକାର
ଦୁର୍ବଳ କ୍ରନ୍ଦନ ନିତ୍ୟ ଉଠେ ନିରନ୍ତର
(ସର୍ବଂସହା, ସର୍ବଂସହା ଯଦ୍ୟପି ବୋଲାଏ
ଗୁରୁ ପାପ ଭାର କିନ୍ତୁ ନ ପାରଇ ସହି)
ନ ପାରି ସହିଣ ତେଣୁ ଅସହ୍ୟ ଯନ୍ତ୍ରଣା
ହୋଇଣ ଅନନ୍ୟୋପାୟ ଡ କ୍ରୁଛନ୍ତି ନିତି
ଶୋକ ଉଷ୍ଣ ଅଶ୍ରୁବାରି ବିଶ୍ୱପିତା ପଦେ
ଢାଳଇ ସରିତ ଯଥା ସ୍ରୋତ ଜଳଧିରେ ।
ଏକମାତ୍ର ଆଶ୍ରୟ ଯେ ନିରାଶ୍ରୟଙ୍କର
ଅରତ ଭଞ୍ଜନ ପ୍ରଭୁ ଦୀନବନ୍ଧୁ ହର

କେତେକାଳ ସହିବେ ଏ ଦୁଃଖ ଦୁଃଖୀଙ୍କର
ଉପଯୁକ୍ତ କାଳ ଏବେ ହୋଇଛି ଭାରତେ,
ପାପୀ ପାପ ପୂର୍ଣ୍ଣମାତ୍ରା ହୋଇଅଛି ତହିଁ,
କର୍ମତରୁ ଫଳବତୀ ଏତେକାଳେ ଆସି
ଉଶ୍ୱାସିବେ ଧରା ଭାର ମନାସି ହୃଦପ୍ରେ
ବିଶୁଦ୍ଧ କନକେ ରଖି ଅଶୁଦ୍ଧ କଳଙ୍କେ,
ନ ଶେ ହୁତାଶନ ଯଥା, ପୋଡ଼ାଇ, ତେସନ
ବିନାଶି ଦୁଷ୍କୃତ ସାଧି ରଖିବେ ଧରମ,
ଦୁଷ୍ଟର ଦମନ ଶିଷ୍ଟ ପାଳନ ସ୍ୱରୂପ,
ଏହିରୂପେ କର୍ମଫଳ ଦେବେ ବୋଲି ପରା
ଅଖିଳ ବ୍ରହ୍ମାଣ୍ଡ ପତି ସ୍ୱୟଂ ନାରାୟଣ
ଗୋଲୋକ ବିହାରୀ ହରି ପ୍ରଭୁ ଦୟାମୟ
ସୁଖ ଦୁଃଖାତୀତ, ତ୍ୟଜି ନିଜ ଧାମ ଏବେ
ଅବତୀର୍ଣ୍ଣ ମର୍ତ୍ତ୍ୟ ଲୋକେ ପବିତ୍ର ଭାରତେ,
ପ୍ରକୃତି ପ୍ରମଦୋଦ୍ୟାନ ଶାନ୍ତି ନିକେତନ;
ହିଂସା ଲୋଭ ଦୁଇ ଦୁଷ୍ଟ ଦସ୍ୟୁରୂପେ ପଶି
ଶାନ୍ତି ଦେବୀ ବରଭୂଷା ଦୟା ସ୍ନେହ ଆଦି
ହରିଛି ତା ଦୁହେଁ, ପୁଣି, କରିଛି ନିଃସ୍ୱାର୍ଥ-
ପର ଦ୍ୱିଜ ତଙ୍କୁ ସ୍ୱାର୍ଥେ ଅନ୍ଧ ତହିଁ ଅଙ୍ଗ
ସ୍ଥାନ ସ୍ଥାନେ ବିଦ୍ରୋହାଗ୍ନି ଦେଇଛି ଜଳାଇ
ଘରେ ଘରେ ହାହାକାର ଉଠେ ନିତି ନିତି,
ନିତ ନିତ ଶୀତ ଯେହ୍ନେ ବଢ଼େ ଶୀତକାଳେ
ବଢ଼େ ହିଂସା ରାଜ୍ୟ ଧର୍ମେ ସାମ୍ରାଜ୍ୟ ସମାଜେ
କାହିଁ ନାହିଁ ଶାନ୍ତି, ମତ୍ତ କରି ଅହମିକା-
ମଦେ ମସ୍ତକ୍କୁ ଆହା ! ଅନନ୍ତ ନରକ-

* ସ୍ୱପ୍ନଦେବୀ ।

ରାଜ୍ୟ ନେଉଛନ୍ତି ଓଠାଇ; ପାପାଗ୍ରସ୍ତ ଧର୍ମ-
ଭ୍ରଷ୍ଟ ହୋଇଛନ୍ତି ତେଣୁ ମାନବ ମାନବୀ
ବହୁଜୀବ କରି ଯାଙ୍କୁ ସୃଜିଛନ୍ତି ବ୍ରହ୍ମା
ବିଶ୍ୱ-ପିତା ଅବ୍ୟକ୍ତଯୋନି ବ୍ରହ୍ମାଣ୍ଡ କରତା,
ତାଙ୍କ ଅଧୋଗତି ଆହା ଦେଖିବେ କେମନ୍ତେ ?
ଧର୍ମର ପ୍ରକୃତ ତତ୍ତ୍ୱ ଯାଇଛନ୍ତି ଭୁଲି,
ଅହିଂସା ପରମ ଧର୍ମ ବେଦ ବାକ୍ୟ ତହିଁ,
ରହିଛି ନାମକୁ, କିନ୍ତୁ କି କହିବ, ହାୟ,
ଦମ୍ଭ ଦର୍ପ ଅଭିମାନ କ୍ରୋଧ ପାରୁଷ୍ୟାଦି
ଅସୁର ସମ୍ପଦେ ମତ୍ତ ଭାରତ ବାସୀଏ
ପୈଶାଚିକ ଯଜ୍ଞେ କରି ପଶୁ ନର ହତ୍ୟା
ମହାପାପ, ମହାଧର୍ମୀ ମଣନ୍ତି ଆପଣେ ।
ଅତି ପୂତ ବେଦ ଧର୍ମ ପୂଜା ପ୍ରକୃତିର
ଉକ୍ତ ଜୀବ ହନନରେ ପରିଣତ ଏବେ;
କି ଦୁର୍ଗତି ହୋଇଅଛି ଶୁଣ ପୁଣି ତହିଁ
ଏକତା ସୂତ୍ରରେ ବଦ୍ଧ ଥିଲେ ଯେଉଁ ଜାତି
ନିଃସ୍ୱାର୍ଥେ କର୍ତ୍ତବ୍ୟ ସର୍ବେ କରୁଥିଲେ ଯେହ୍ନୁ
ସମାଜ ଉନ୍ନତି ଥିଲା ଏକମାତ୍ର ଲକ୍ଷ୍ୟ
ପ୍ରାଣପଣେ ସାଧୁଥିଲେ ସମାଜର ହିତ
ନ ରଖି ପ୍ରଭେଦ କେହି ନିଜ ନିଜ ମଧ୍ୟେ
ଯଥା ଶକ୍ତି ଶସ୍ତ୍ରେ ଶାସ୍ତ୍ରେ କେହି ବା ବାଣିଜ୍ୟେ
କି କହିବ ପୁଣି ଗୁଣ ଅନୁଯାୟୀ କର୍ମ
କରୁଥିଲେ ଯେହ୍ନୁ, ଦେଖ ସେହି ଜାତି ଅଦ୍ୟ
ସ୍ୱାର୍ଥପର ହିଂସା ଦ୍ୱେଷ ବଶବର୍ତ୍ତୀ ହୋଇ
ଦୁର୍ବଳରୁ ଦୁର୍ବଳତର ହେଉଛି କି ରୂପେ;
ଗୁଣ ଭେଦେ ଗୁରୁ ବର୍ଣ୍ଣ ବ୍ରାହ୍ମଣ କ୍ଷତ୍ରିୟ
ବୈଶ୍ୟ ଶୂଦ୍ର ଥିଲେ ଯେହ୍ନୁ ଜନ୍ମ ଭେଦେ ଗୁରୁ-
ଜାତି ହେଲେ କାଳ କ୍ରମେ, ସେହି ଗୁରୁ ଏବେ
ଶହ ଲକ୍ଷ ଜାତି ମଧ୍ୟେ ବିଭକ୍ତ ଭାରତେ;
ତାଙ୍କ ମଧ୍ୟେ ଶାଖା ପୁଣି ପ୍ରଶାଖା ତାଙ୍କର
କୁଳୀନ ମୌଳିକ ଭେଦ ତାଙ୍କ ମଧ୍ୟେ ପୁଣି !
କହିବାର ନୁହେଁ ଯାହା ଘଟିଛି ଭାରତେ
ଏହିରୂପେ ଉପୁଜିଲା ଭେଦ ନିଜ ମଧ୍ୟେ
ଭାଙ୍ଗିଗଲା ଐକ୍ୟ ଗୁପ୍ତ ଶକ୍ତି ସମାଜର,
ହୋଇଲେ ଦୁର୍ବଳ କ୍ରମେ ଭାରତ ବାସୀଏ,
ସମଷ୍ଟିର ଶକ୍ତି କେବେ ଥାଏକି ବ୍ୟଷ୍ଟିରେ ?
ମତ୍ତହସ୍ତୀ ବନ୍ଧ ଯିବା ଗୁଣରେ ତୃଣର
ଗୁଣରୁ ଖୋଲନେ ତୃଣେ ଥାଏକି ସେ ବଳ ?
ଗୃହେଁ ଗୃହେଁ କୋଢ଼ ଶିଶୁ ଟିକି ଟିକି କରି
ଛିଣ୍ଡାଇ ଦିଅଇ ରଜ୍ଜୁ ଗଜ ବନ୍ଧନର
ବିଭକ୍ତ ହୋଇଲେ ତୃଣ ସଂଯୁକ୍ତ ରଜ୍ଜୁର
ଏକତ୍ୱେ ଭିନ୍ନତ୍ୱେ ଭେଦ ବୁଝିଲୁ କି କେତେ ।
ଆରମ୍ଭିଲେ ହିଂସିବାକୁ ପୁଣି ପରସ୍ପରେ
ଅଧର୍ମିକା ମଦେ ମତ୍ତ ହୋଇଣ ସର୍ବେ,
ଲକ୍ଷ୍ୟ ହେଲା ସ୍ୱାର୍ଥ ସିଦ୍ଧି ସମସ୍ତଙ୍କ ତହିଁ
ନ ଭାବିଲେ ନ୍ୟାୟ୍ୟାନ୍ୟାୟ୍ୟ ପାପ ପୁଣ୍ୟ କିଛି,
ସମାଜ ବା ଦେଶୋନ୍ନତି ନ ଭାବିଲେ କେହି
ନିଚନୋକି * ରୂପେ ଧର୍ମ ଅନ୍ତଃଦ୍ୱାର ସ୍ଥାନେ;
ରହିଲା ନାମକୁ, ପାପ ଏ ଛିଦ୍ରେ ପ୍ରବେଶି
ବୁଡ଼ାଇଲା ରାଜ୍ୟ, ରାଜ୍ୟ-ବାସୀ ସମସ୍ତଙ୍କୁ,
ବାୟୁ ପୂର୍ଣ୍ଣ-କୁମ୍ଭ-ଛିଦ୍ରେ ଜଳ ପଶି ଯଥା
ବୁଡ଼ାଏ କଳସ ଦ୍ରୁତ ସଲିଳ ଗରଭେ
ଧର୍ମଚ୍ଛିଦ୍ର ହିନ୍ଦୁ ଆହା ! ଘୋର ପାପେ ମଗ୍ନ
ସୁଜ୍ଞାନ-ବହ୍ନି-ରୂପୀ-ମନଶ୍ଚକ୍ଷୁ ହୀନ
ଜଡ଼ିତ ପଙ୍କିଳ ଜଳେ ପାପ ପଲ୍ୱଳର
ନିଜ ହିତାହିତ ତେଣୁ ନ ଜାଣନ୍ତି କିଛି
ନ ଦେଖେ ପଟଳାବୃତ ନେତ୍ର ଯାହା ଯଥା ।
କୁପଥ୍ୟରେ ରୋଗ ପରି କୁକର୍ମେ କୁଫଳ

* ସାପକାଟି ।

ଆସିବ ନିଶ୍ଚୟ କାଳ, ଆସିଛି ସେ କାଳ
ଏବେ ଭାରତ ଦୁର୍ଭାଗ୍ୟ ଯହିଁ କ୍ରମେ କ୍ରମେ
ମହାପାପ-ଅଭ୍ର ହୋଇ ଅତି ଗାଢ଼ତର
ସୁଧାଂଶୁ-ସୁନ୍ଦର-ଧର୍ମ କରଛି ନିଷ୍ପ୍ରଭ
ଧ୍ୱଂସିବେ ତୋଳି ଏ ଘନ ତମିର ଅଶାନ୍ତ
ଭାରତ ହୃଦୟୁ ସ୍ୱୟଂ ନାରାୟଣ, ଘୋର
ଯୁଦ୍ଧ ପ୍ରଭଞ୍ଜନ ତହିଁ ଉଠାଇବେ, ଯେତେ
ପୁରାତନ ରାଜ୍ୟ ହେବ ଛାରଖାର, ଉଡ଼ି
ଯିବ ରାଜ୍ୟ, ରାଜ ସିଂହାସନ ଆଦି, ତୁଳା
ରାଶି ବାୟୁଯୋଗେ ଯଥା, ଏହି ଯୁଦ୍ଧେ
ଲୋଡ଼ା ହେବେ ବିଶ୍ୱ ବୀର ବୃନ୍ଦ, ଚନ୍ଦ୍ରପତି
ପରି ଯେତେ ମହାରଥୀ ପଡ଼ି(କଲୁ) ଏହି ଝଡ଼
ଯେବେ ହୋଇବ ସ୍ତିମିତ, ଭାସିବ ଭାରତ
ନଭେ ଶାନ୍ତ ଶଶୀ ପୁନଃ, ପୂର୍ଣ୍ଣ ଶରଦିନ୍ଦୁ
ସମ, ଫେରିବେ ସ୍ୱସ୍ଥାନେ ସର୍ବ ବୀରବୃନ୍ଦ
ତେବେ, ହେଲେ ଶେଷ ଯୁଦ୍ଧ ଅଭିନୟ ପୁଣି
ସର୍ବ ଶେଷେ, ଶାନ୍ତ ରାଜ୍ୟ କରିଣ ସ୍ଥାପନ
ଫେରିବେ ବୈକୁଣ୍ଠେ ତେବେ ବୈକୁଣ୍ଠ ବିହାରୀ ।
କ୍ଷୁଦ୍ରବୁଦ୍ଧି ବିଶ୍ୱବାସୀ ପାରିବ କି ବୁଝି
ବିଶ୍ୱପିତାଙ୍କର ଏହି ଅନନ୍ତ ମହିମା ।
ମହାଜ୍ଞାନୀ ଜ୍ଞାନାଗମ୍ୟ ଅତି ଗୂଢ଼ ତତ୍ତ୍ୱ
ତାଙ୍କ ଭିନ୍ନ ଅନ୍ୟ କେହି ନ ଜାଣଇ ବିଶ୍ୱେ,
କି କହିବ ଅଶ୍ୱିନୀ ମୁଁ ମହା ମାୟା ହୋଇ
ତାଙ୍କ ମାୟା ଆବରଣେ ଥାଏଁ ଲୋ ସତତ
ଥାଉ ଅନ୍ୟ କଥା, ଆଉ କହିବାର ଦୂରେ ।

ଶୁଣି ଏହି ଗୁହ୍ୟ ତତ୍ତ୍ୱ ମହାମାୟା ମୁଖୁଁ
ମନ୍ତ୍ରମୁଗ୍ଧ ସମ ସ୍ତବ୍ଧ ହୋଇଲେ ଅଶ୍ୱିନୀ
ନିର୍ବାକ ନିଶ୍ଚଳ ଦେହ ଅନିଶ୍ୱାସ ନାସା

ବହେ କି ନ ବହେ ରକ୍ତ ଧମନୀ ଭିତରେ
କେ କହିବ ତାହା, ନେତ୍ର ନିଷ୍ପନ୍ଦ ନିଶ୍ଚଳ
ମନେ ହୁଏ ଦେଖି ଯେହ୍ନେ ଅନ୍ତର୍ଭେଦ-ଦୃଷ୍ଟି
ଦୁର୍ଭେଦ୍ୟ ତମସାଚ୍ଛନ୍ନ ବିଶ୍ୱ ମାୟା ଭେଦି
ପଶିଛି ଅନନ୍ତ ରାଜ୍ୟେ ବିଶ୍ୱ ନିୟନ୍ତାର;
ବିଧି-ବିଧି-ବୀଜ * ଯହିଁ ପ୍ରଚ୍ଛନ୍ନ ନିହିତ
ଚର୍ମ-ନେତ୍ରା ଦୃଷ୍ଟି ସେହି ଜ୍ୟୋତିର୍ମୟ ରାଜ୍ୟେ,
ଅଶ୍ୱିନୀ ଗମ୍ଭୀର ମୂର୍ତ୍ତି ସାକ୍ଷୀ ମାତ୍ର ତାର,
ଅଜ୍ଞାନତା ନୀରବତା ଭାଷା ବର୍ଣ୍ଣନାର
ଅଜ୍ଞାନ ନୀରବ ଯୋଗୀ ଯୋଗେ ମଗ୍ନ ଯେବେ,
ଏହି ରୂପେ ହୁଏ ସିନା ବାହ୍ୟ ମୂର୍ତ୍ତି ତାର ।
କ୍ଷଣ ପରେ ମହାମାୟା କହିଲେ "ଅଶ୍ୱିନି,
ଜଣା ଲୋ ସତ୍ୱରେ ଯାଇ ସ୍ନେହିଣୀକୁ ମୋର
ଅଚିରେ ହୋଇବ ପୂର୍ଣ୍ଣ ମନୋବାଞ୍ଛା ତାର
ଦୁଃଖ ନିଶି ଅବସାନ ହେବ ଅବିଳମ୍ବେ ।

* ବିଧି—ବିଧି ବୀଜ=ବ୍ରହ୍ମାଙ୍କର ନିୟମର ମୂଳ ବା ସୃଷ୍ଟି ରହସ୍ୟ ।

# ନବମ ସର୍ଗ ।

## କୌରବ ପକ୍ଷର ମନ୍ତ୍ରଣା ।

ବସିଛନ୍ତି ସର୍ବେ ଆଜ ଗମ୍ଭୀର ବଦନେ
ଦ୍ରୋଣ କର୍ଣ୍ଣ କୃପ ଶଲ୍ୟ ଆଦ ଅଶ୍ୱତ୍ଥାମା
ଶତ ଶତ ବୀରବୃନ୍ଦ ବେଷ୍ଟି ଦୁର୍ଯୋଧନେ;
ତାରକା ମଣ୍ଡିତ କିବା ଅଭ୍ରାନ୍ତ ଚନ୍ଦ୍ରମା
କୁଞ୍ଚିତ କପାଳ ନେତ୍ର, ଅବନତ ମୁଖେ
ଗଣ୍ଡେ କର ସ୍ଥାପି ସର୍ବେ ବିଷଣ୍ଣ ଅନ୍ତରେ
ଗ୍ରୀବା ତୋଳି ଦୀର୍ଘ ଶ୍ୱାସ ଛାଡି ମହାଦୁଃଖେ
ଅନିମେଷ ନେତ୍ରେ କେହି ନିରେଖେ ଉପରେ,
କେ କଳ୍ପନେ ଦୃଷ୍ଟି ତଳେ ଦେଖା ଯାଉ ଆଜ
କିପାଇଁ ବିଷଣ୍ଣ ଏତେ କୁରୁବୀର ରାଜ ।
ସିଂହାସନ ଉପବିଷ୍ଟ ରାଜା ଦୁର୍ଯୋଧନ
ସୁଦୀର୍ଘ ନିଃଶ୍ୱାସ ଛାଡ଼ି ଦ୍ରୋଣ ଆଡ଼େ ଚାହିଁ

କହିଲେ "କେମନ୍ତେ ଗୁରୁ ମନୋରଥ ମମ
ହୋଇବ ପୂରଣ, ଆଉ ଦିଶୁ ନାହିଁ ବୁଦ୍ଧି;
କହୁଁ କହୁଁ ଗଲା ବହି ଏକାଦଶ ଦିନ,
ନର ରକ୍ତ ମେଦ ସ୍ରୋତେ ବହେ ନଦୀ ନିତି
କୁରୁବଳ କ୍ଷୀଣବଳ ହେଲେ ଦିନୁ ଦିନ
କି କଲେ ସରବେ ହୋଇ ମହାରଥୀ ପତି

ନାମକୁ ହୋଇଛ ମାତ୍ର ମହା-ମହା ରଥୀ
ଅତି ଅଳ୍ପ ଶକ୍ତି କାର୍ଯ୍ୟରେ ଦେଖୁଛି ମାତ୍ର ।
ନିଦାଘ ସନ୍ତପ୍ତ ତରୁ ଦିନେ ଦିନେ ଆହା !
ଶୁଷ୍କପତ୍ର କ୍ଷୀଣ ଯେସନ୍ତେ ଆତପ ତାପରେ,
ବେଗବତୀ ସ୍ରୋତସ୍ୱତୀ କିମ୍ବା କ୍ଷୀଣତୋୟା
ହୁଅଇ ଯେସନେ ଗୁରୋ ! ଦେଖ ଧୀରେ ଧୀରେ,
କୁରୁବଳ କ୍ଷୀଣବଳ ହୁଅଇ ତେସନେ
କି କରିବ କହ ଏବେ ବୁଦ୍ଧି ଦିଶୁନାହିଁ,
କେମନ୍ତେ ପାଇବ ଶାନ୍ତି ଅଶାନ୍ତ ଜୀବନେ,
ସନ୍ତପ୍ତ ପରାଣ ଅବା ଶୀତଳିବ କାହିଁ;
କୃଷ୍ଣ ପକ୍ଷ ତମଃ ସମ ଦୁଃଖ ଅନ୍ତରର
ଉଣା ହେବା ଦୂରେ ଆଉ ବଢ଼େ ନିରନ୍ତର ।
ସର୍ବ ମୁଖେ ଏକ ଦୁଃଖ ପାଣ୍ଡବ ପ୍ରଶଂସା,
କର୍ଣ୍ଣଙ୍କ ସ୍ୱରୂପେ ଥିଲା ପ୍ରମୋଦ ଉଦ୍ୟାନେ,
ତୋଳିଣ କର୍ଣ୍ଣଙ୍କ ତହୁଁ କରିଥିଲି ଆଶା
ଭୁଞ୍ଜିବି-ଅକ୍ଷୟ ସୁଖ ଯାବତ ଜୀବନେ;
ଥାଉ ଦୂରେ ଭୁଞ୍ଜିବାର ସେ ଅକ୍ଷୟ ସୁଖ
କି ଉପାୟେ ରକ୍ଷା ହେବ ନନ୍ଦଶୀ ମୋହର;

ସୁହୃଦ ସୋଦର ବନ୍ଧୁ ବାନ୍ଧବଙ୍କ ଦୁଃଖ
ବୈଧବ୍ୟ ବେଦନା ପୁଣି ବନ୍ଧୁ-ବଧୂଙ୍କର,
ଦାବ-ତପ୍ତ ବାୟୁସମ ବହଇ ପ୍ରଖର
ଏକା ହିଂସା ରୋଗଜ୍ୱାଳା ନ ପାରିଲି ସହି
ଶତ ଉପସର୍ଗ ଅସି ତହିଁ ମିଳିଲେଣି ।"
ଦୁର୍ଯୋଧନେ ଚାହିଁ ଗୁରୁ କହିଲେ ବୁଝାଇ,

ନିବୃତ୍ତି ଶାନ୍ତିର ପଥ ପ୍ରଶସ୍ତ ସୁନ୍ଦର,
ନିର୍ବାପିତ ହୁତାଶନ ଇନ୍ଧନ ନ ପାଇ,
ଚିରନ୍ତନ ପ୍ରକୃତିର ଏ ବିଧି ଉଦାର,
ଇଚ୍ଛା ଯଦି ଶାନ୍ତି ଆଶା କର ଏହିକ୍ଷଣି,
କରିବ ସ୍ଥାପନ ସନ୍ଧି ପାଣ୍ଡବଙ୍କ ସହ;
ଭୁଞ୍ଜିବୁ ଅକ୍ଷୟ ସୁଖ ଯାବତ ଜୀବନେ,

ପଞ୍ଚ ଭ୍ରାତେ ପଞ୍ଚ ଗ୍ରାମ ଦେବୁ ଯେବେ କହି
ଲଭିବ ସମରାନଳ ଭାରତ ଗଗନେ
ଶାନ୍ତ-ଶଶୀ ବିରାଜିବ ଶୁଭ୍ରତର ବର୍ଣ୍ଣେ"
'ବନ୍ଧ ସନ୍ଧି' କହେ କ୍ରୋଧେ ରାଜା ଦୁର୍ଯ୍ୟୋଧନ
"ପୁଣି ସେହି ପୂର୍ବକଥା, ସ୍ୱପନରେ କେଁଭେ
ଭାବ ନାହିଁ ଯାହା, ହାୟ କେମନ୍ତେ ଏମନ
ସ୍ଥବିର କହିଲେ ସଭାରେ, ଦେଖିଛ କି କେବେ
କୌରବଙ୍କୁ କରିବାକୁ ପ୍ରତିଜ୍ଞା ଲଙ୍ଘନ,
ପ୍ରତିଜ୍ଞା ପାଳନ ଶ୍ରେଷ୍ଠ ଧର୍ମ ଯେ ବଂଶର
ଯେ ବଂଶେ ଶାନ୍ତନୁ ବୀର ଲଭିଣ ଜନମ
ପୁତ୍ରମାନଙ୍କ ନିଧନ ଅକାଳରେ ଦେଖି
କରି ନ ପାରିଲେ ପୂର୍ବ ପ୍ରତିଜ୍ଞା ଲଙ୍ଘନ,
ସେ ବଂଶ ଶୋଣିତେ ଦେହ ନୁହେ କି ଗଠନ ?
କି କହିବ ମୁହିଁ ଗୁରୁ ! ହେଲେ ଅନ୍ୟ କେହି
ଦେଖାଇ ଦିଅନ୍ତା ଆଜ ତାର ପ୍ରତିଫଳ
କି କହନ୍ତା ଏ ସଭାରେ । ଗୁରୁ ବୋଲି, ଏହି
କଷ୍ଟମୟ ବାକ୍ୟ ମୁହିଁ ସହିଲି ସକଳ,
ବୁଝିଛି ବୁଝିଛି ଅହୋ ଅଭିପ୍ରାୟ ତବ
ସମର-ଶଙ୍କିତ ତବ ହୋଇଛି ଜୀବନ,
କହି ହୃଦ ଫେଇ ଭୀତ, ପ୍ରାଣ ଲାଗି ଯେବେ,
କାପୁରୁଷ ନୁହେଁ କିଛି ରାଜା ଦୁର୍ଯ୍ୟୋଧନ,
କରିବ ଏକ୍ଷଣି ବୃଦ୍ଧ ବିପ୍ରେ ପ୍ରାଣଦାନ,
ନ ପେଷିଣ ତାଙ୍କୁ ଯୁଦ୍ଧେ ମହା ବିଭୀଷଣ ।
ଶିକ୍ଷା ଉପଦେଶ ବିପ୍ରେ ଅଟନ୍ତି ସୁଦକ୍ଷ,
କିନ୍ତୁ କାର୍ଯ୍ୟକାଳେ ସର୍ବ ସୁପଥ ଲୋଡନ୍ତି,
କି ଉପାୟେ ଏଡାଇବେ ବିଷମ ସଙ୍କଟ,
ନୀଚ ପୁଚ୍ଛ ଭୀତ ଶ୍ୱାନ ଯେରୂପେ ପଳାନ୍ତି,
ସଙ୍କୋଚି ସ୍ୱ-ବପୁ, ଧୀରେ ପଛଘୁଞ୍ଚା ମାରି,
ଦର୍ଶାଇ ଦଶନ ପଂକ୍ତି ସମ୍ମୁଖ ସମରେ;
ନ ଲୋଡ଼ିବେ କିପାଁ ଗୁରୁ ସୁପଥ ତାଙ୍କର;
କିଏ ଇଚ୍ଛେ ପ୍ରାଣେ ସ୍ୱର୍ଗ ପରାର୍ଥେ ଧରାରେ ?
ମୂର୍ଖ ମୁହିଁ ଭାବିଥିଲି ସମସ୍ତଙ୍କୁ ମୋର
ଜାଣିଲି ସ୍ୱାର୍ଥାର୍ଥୀ ସର୍ବେ, କେହି ନୁହେଁ କାର ।
ଯା ଅଙ୍ଗ ନୁଆଇ କ୍ଷତ ଯେ ବ୍ୟଥା ଜାଣଇ,
ଦର୍ଶକ ପ୍ରକାଶେ ଦୁଃଖ "ଆହା" "ଉହୁ" କହି,
ଯେଉଁ ପ୍ରତିହିଂସା ଅଗ୍ନି ହୃଦୟ ଦହଇ,
କେତେ ଯେ ଦୁଃସହ ତାହା କି କହିବ ମୁହିଁ ;
ଦାବାନଳ ରୂପୀ ଏହି ପ୍ରତିହିଂସାନଳ
ସବଂଶେ ପାଣ୍ଡବ ବଂଶ ଧ୍ୱଂସ ନ କରିବ
ଯାବଦବଧି, ନ ହୋଇବ କେବେହେଁ ଶୀତଳ,
ବର୍ଷା ମେଘ ବଜ୍ରାନଳ ନଷ୍ଟେ ଜଗାଇବ,
ନୁହେଁ ଦୀପଶିଖା ହେବ ଫୁତ୍କାରେ ନିର୍ବାଣ,
କିମ୍ବା ଶାରଦୀୟ ମେଘ ବିଫଳ ଗର୍ଜନ ।
ଏହିରୂପେ ଏକେ ଏକେ କର୍ଣ୍ଣ ଆଦି ଯେବେ,
ସର୍ବ ବୀରେ ଏ ବିପଦେ ଉଦାସୀନ ହେବେ,
କିମ୍ବା ସର୍ବେ ମିଳି ଯେବେ ବୈରି ପକ୍ଷ ନେବେ,
ଦୁର୍ଯ୍ୟୋଧନ ପଣ ତଳେ ନ ଠେଲିବ ତେବେ,
ସମ୍ଭବ ହୋଇଲେ ହେବ ଅସମ୍ଭବ ଭବେ,
ଅସ୍ତାଚଳେ ଉଇଁଲେ ବା ଉଇଁବେ ତପନ,
ତଥାପି ସୂଚ୍ୟଗ୍ର ଭୂମି ନ ଦେବ ପାଣ୍ଡବେ
ରାଜା ରଣେ, ଏ ପ୍ରତିଜ୍ଞା କରିବ ପାଳନ,
ଲଙ୍ଘନେ ତା ମହାପାପ ଜାଣେ ଦୁର୍ଯ୍ୟୋଧନ ।
ଯାବଦବଧି ରକ୍ତସ୍ରୋତ ବହେ ଧମନୀରେ
କ୍ଷୀଣ ଭାବେ ପ୍ରାଣବାୟୁ ବହେ ଦେହେ, ଗଲେ ଯିବ
ରାଜ୍ୟ, ବଂଶ ଧ୍ୱଂସ ହେଲେ ହେବ ଧରଣୀରେ,
ତଥାପି ଏ ଦୁର୍ଯ୍ୟୋଧନ ସନ୍ଧି ନ କରିବ,
ଯା ଥିବ ଘଟିବ କଷ୍ଟେ କପାଳ ଲେଖନ,
ନୋହିବ ନୋହିବ କେଁଭେ ପ୍ରତିଜ୍ଞା ଲଙ୍ଘନ
ପାଣ୍ଡବ ନିଧନ କିମ୍ବା ଶରୀର ପତନ
ଏଥୁଁ ଅନ୍ୟ ନ ଜାଣଇ ରାଜା ଦୁର୍ଯ୍ୟୋଧନ,

ବାର୍ଦ୍ଧକ୍ୟ ଯାହା କାର୍ଯ୍ୟ ତାହା କହିଲ ନିଶ୍ଚୟ
ନ କରିବ ସନ୍ଧି କେବେଁ ହୋଇଲେ ପ୍ରଳୟ ।
ନାଥ ଗୁରୁ ! ନ ପାରଇଁ ଆଶ୍ରା କେବେଁ, ହୀନ-
ବୀର୍ଯ୍ୟ ଜନେ ଏତେ ସଜା ଦୁର୍ଯ୍ୟୋଧନ ଭୀରୁ
କା-ପୁରୁଷ ନୀତି ସନ୍ଧି ଉପଦେଶ, ହୀନ-
ଦାସ ଯୋଗ୍ୟ, ଶିବା କମ୍ପ ଶ୍ୱାନୋଚିତ, କୁରୁ-
ପତି ଦୁର୍ଯ୍ୟୋଧନ ପକ୍ଷେ ବା ଅଯୋଗ୍ୟ ନିଶ୍ଚୟ ।"
କମ୍ପିତ ଅଧର ନାସା ଅଙ୍ଗ ଥର ଥର
କ୍ରୋଧ ବିସ୍ଫାରିତ ନେତ୍ର ତପ୍ତ ଲୌହ ସମ
ଗର୍ଜଇ ଗୋକ୍ଷୁର ଯଥା କ୍ରୋଧେ ଜର ଜର
ପ୍ରହାରିଲେ ପୁଚ୍ଛେ ତା'ର ଉଠେ ତୋଳି ଫଣା
ଗର୍ଜେ ଦୁର୍ଯ୍ୟୋଧନ ଶୁଣି ସନ୍ଧି ପ୍ରସ୍ତାବନା ।
କ୍ରୁଦ୍ଧ-କର୍କଶ-ସ୍ୱରେ, ସଭ୍ୟେ ଭୀତମନା ।
ହୋଇଲେ ନୀରବ ସ୍ଥିର ସଙ୍ଗେ କ୍ଷଣ କାଳ,
ହୋଇଲେ ସ୍ତିମିତ ସର୍ବ ସଭାସଦ ଯେତେ,
ସ୍ତିମିତ ବୋହିତ ଯଥା ସଲିଳେ ନିଶ୍ଚଳ,
ପାର୍ଶ୍ୱ ଫେରି ପୁଣି କହେ ଦୁର୍ଯ୍ୟୋଧନ "ଏତେ—
କାଳେ ଅହୋ ! ଜାଣିଲି ମୁଁ ଦମ୍ଭେ ସର୍ବେ
ସହାୟ ଜଗତେ. କିନ୍ତୁ ବିପଦ୍ପ୍ରାନ୍ତ ଯେବେ
ନାନା ବ୍ୟାଜେ ଖେଦି ପଥ ପଳାଇ ସର୍ବେ,
କେଉଁରୂପେ ହୋଇବେ ବନ୍ଧୁ ବାନ୍ଧବେ
ନ ସହିବ ସର୍ବଂସହା କୃତଘ୍ନତା ପାପ,
ଅଛି ଧର୍ମ, ଏହାର ନିଶ୍ଚେ ହେବ ମନସ୍ତାପ ।"
ଟଳିଲେ ଜଳଧି ଜଳେ ମୈନାକ ଅଚଳ
ଅଟଳ, ନ ଟଳେ ବାର ସହସ୍ର ହିଲ୍ଲୋଳେ
କିନ୍ତୁ ବାଡବାଗ୍ନି ଯେବେ ପଶେ ଅନ୍ତସ୍ଥଳେ
କମ୍ପି ଉଠେ ଗିରିଶୃଙ୍ଗ ଟଳଟଳ ଟଳେ ।
ଅଚଳ ମୈନାକ ସମ ଦ୍ରୋଣ ମହାବୀର
ଶତ ଅପମାନେ ଯାର ନ ଟଳିଲା ଧୃତି
କେବଳ ଗୋଟିଏ ଶବ୍ଦେ ହୋଇଲେ ଅଧୀର ।
ତିନୋଟି ଅକ୍ଷର ମାତ୍ର ହେଲା ଧୈର୍ଯ୍ୟ ଚ୍ୟୁତି,
'କୃତଘ୍ନ' ହୋଇଲା ଯେବେ ଶବଦ ଗୋଚର,
ଶବଦ ତ ନୁହେଁ ଏହା ଶବ୍ଦଭେଦୀ ଶର,
ଦୁଃସହ 'କୃତଘ୍ନ' ଶବ୍ଦ ଶୁଣି ବୀରବର
ବାଣବିଦ୍ଧ ବ୍ୟାଘ୍ର ସମ ତୀବ୍ର ଅଗ୍ରମାନେ
ହେଲେ ଛଟପଟ କ୍ଷଣେ, କିଛି କ୍ଷଣ ପରେ
ବାରିପୂର୍ଣ୍ଣ ମେଘ ଚକ୍ଷୁ ଅଙ୍ଗ ଥରଥର,
କହିଲେ ଗମ୍ଭୀରେ ଗୁରୁ ଜୀମୂତ ଗର୍ଜନେ,
ରୁଦ୍ଧ ନିର୍ଝରିଣୀ ସ୍ରୋତ, ପର୍ବତ ଗହ୍ୱରେ
ବିଶାଳ ପାଷାଣ ଖଣ୍ଡ ଖସିଯାଏ ହେଟେ ।
ଘର୍ଘରେ ଝରଇ ଯଥା ଭୈରବ ଗର୍ଜନେ
ଝଙ୍କାର କାନନ ଶ୍ରେଣୀ ଶ୍ୟାମ-ଭୀମ-ରବେ,
ବା ଆଗ୍ନେୟ ଗିରି ଗର୍ଭେ ପଶେ ଯଦି ଜଳ
କରଇ ଉଦ୍ଗାର ଯଥା ଗୈରିକ ତରଳ,
"କୃତଘ୍ନ' ହୋଇଲି ଅସି ଏତେ କାଳ ପରେ,
ଥିଲା ବାକି କହିବାର ଏତିକି ତୋହର
ଦୁର୍ଯ୍ୟୋଧନ ! କି କହିବି, କି ଦାରୁଣ ଅନ୍ତରେ
ଜଳେ ବାଡ଼ବାଗ୍ନି ସମ. ହୃଦ କାଣେ ମୋର,
କୃତଘ୍ନ,-କୃତଘ୍ନ, ନା-ନା ହୃଦଭେଦୀ ଶର
କେତେ ଦୁର୍ବିସହ ଆହା ! କି ଯନ୍ତ୍ରଣା ଦାୟୀ,
କେମନ୍ତେ ବୁଝିବ ଅନ୍ୟ, ଅହୋ ! କେଉଁ ଘୋର
ମହାପାପେ ଦ୍ରୋଣ ଆଜ ଭୁଞ୍ଜି ଏତେ କଷ୍ଟ
ନାହିଁ ବୁଝିବାକୁ ପ୍ରଭୋ ! କେହି ତୁମ୍ଭ ବିନା ।
ଯେଉଁ ଧର୍ମ ତରୁତଳେ ପ୍ରାଣ ପକ୍ଷୀ ବସେ
କାଟିଲୁ ତା' ମୂଳ ତୁହି ନିର୍ଦ୍ଦୟେ କଠୋର ।
କେ ବୁଝିବ ପ୍ରଭୁ ଲୀଳା ଏ ବିଶ୍ୱ ବ୍ରହ୍ମାଣ୍ଡେ
ଈଶ୍ୱରେଚ୍ଛା ନିରଙ୍କୁଶ।"—ଉଚ୍ଚାର ଗମ୍ଭୀରେ
କୃତଘ୍ନ-ସ୍ତବରେ ଆଜ ମୁକ୍ତ ହୃଦଦ୍ୱାର
ବିଦାର୍ଣ୍ଣ ଭୂଧର ଗର୍ଭ ବଜ୍ର ଯୋଗେ ହାୟ,
"ଦେଖ ଦୁର୍ଯ୍ୟୋଧନ ଦେଖ ସଭ୍ୟବୃନ୍ଦ ସର୍ବେ

ଦ୍ରୋଣ ହୃଦେ ସ୍ତରେ ସ୍ତରେ ରହିଛି କି ଲେଖା
ବାଲ୍ୟ କାଳୁ ଜାଣେ ମୁହିଁ—ନ ଜାଣଇ କେଉଁ-
ଗୁରୁ, ଶିଷ୍ୟ-ହୃଦ-କଥା-ଅନ୍ତର-ବିବାଦ
କୌରବ ପାଣ୍ଡବ ମଧ୍ୟେ ରହିଛି ଗୁପତେ
ଉଷ୍ମ ଆବରଣେ ଯଥା ଗୁପ୍ତ ଅଗ୍ନି-କଣା,
କିମ୍ବା ବିଷ-ବୀଜ ଯଥା ଉର୍ବର ଭୂମିରେ
ଘ୍ରାଣିଥିଲି ଏହାମଧ୍ୟ ବିବାଦର ଭାବି-
ଫଳ ବିଷମ ଅଶୁଭ: ଏ ବିବାଦ ବହ୍ନି
ଯେବେ ହୋଇବ ବର୍ଦ୍ଧିତ କ୍ରମେ କ୍ରମେ କ୍ରମେ,
କୌରବ ପାଣ୍ଡବ ବଂଶ ପୋଡ଼ାଇବ ନିଶ୍ଚେ
ଏହା ଜାଣି ପୁନଃ ପୁନଃ କେତେ ଯେ କରିଛି
ଯତ୍ନ ସାଧ୍ୟମତ ମୁହିଁ, କି କହିବ ତାହା
ଭାବିଥିଲି ବୁଝାଇଣ କୌରବ ପାଣ୍ଡବେ
ନିର୍ବାପିବି ସର୍ବ ଭକ୍ଷ୍ୟ ଅଗ୍ନି କଣା, କିମ୍ବା
ଉତ୍ପାଟିବି ହିଂସା-ବୀଜ-ଅଙ୍କୁର ପ୍ରଥମୁଁ,
କିନ୍ତୁ ବୃଥା ହେଲା ମୋର ସହସ୍ର ଯତନ
"ଯତ୍ନ କଲେ ରତ୍ନ ମିଳେ" ନୁହେ ସତ୍ୟ ସଦା,
ଜାଣିଲି ହୃଦୟେ ଜ୍ଞାନ ହେଲା ସ୍ପଷ୍ଟତର,
ସେହି ଦିନୁଁ "ଯଥା ଇଚ୍ଛା ପଥ ତଥା" ଜନ-
ଶ୍ରୁତମାନ, କିନ୍ତୁ ସବୁଠାରେ ଯୁକ୍ତ୍ୟ ନୁହେ
ଏ ନୀତି ଜୀବନେ ଗଜଗତ ଜାଣିଲି ମୁଁ
ନୁହେ ଗଜାଧୀନ, ନର ଇଚ୍ଛା ଯେହ୍ନପରି
ନୁହେ ନରାଧୀନ କେବେ, ଅଙ୍କୁଶ ଉଭୟ
ଶିରେ ଅଛି ବିଦ୍ୟମାନ, ଦୃଷ୍ଟ ଗଜାଙ୍କୁଶ
ଶୋଭେ ସାଦୀବର * କରେ, ମାନବ ଅଙ୍କୁଶ
କିନ୍ତୁ ଅଦୃଷ୍ଟେ ଗୁପତେ ଶୋଭେ ଦୈବକରେ
ଏତିକି ପ୍ରଭେଦ । ଦେଖୁ ଦେଖୁ ବଢିଗଲା
ଦିବାକର କାନ୍ତି ଗାଢ଼ୁଁ ଗାଢ଼ତର ହେଲା
ଦିନୁ ଦିନୁ କ୍ରମେ ଯଥା ନିଦାଘ ଗଗନେ
ଘନ କାଦମ୍ବିନୀ; ଗୃହ୍ନୁଁ ଗୃହ୍ନୁଁ ବଢିଯାଏ
ଅବନୀ ଅମ୍ବର, ଖଣ୍ଡ ଖଣ୍ଡ କ୍ଷୁଦ୍ର ମେଘ
ମିଳେ ଆସି ଯେବେ, ଘନୁଁ ଘନତର ହୁଏ
କାଦମ୍ବିନୀ ଦେହ, ଦେଲେ ଏ ସମରେ ଯୋଗ
ସମସ୍ତ ନୃପତି, ନିଜ ନିଜ ଇଚ୍ଛାମତେ
କୁରୁ ପାଣ୍ଡୁ ପକ୍ଷେ, ବାକି ନ ରହିଲେ କେହି
ଭାରତ ସମ୍ରାଜ୍ୟେ ଭାବି ଭାବ ଫଳ ହୃଦ-
ହେଲା ଅତି ବ୍ୟସ୍ତ, ମହା ପ୍ରଳୟ କି ଅସି
ହେଲା ଉପସ୍ଥିତ, ମହା ବିଭୀଷିକା ମୟ
ନରମେଧ ଯଜ୍ଞ, ଗାତ୍ର ରୋମାଞ୍ଚି ଉଠିଲା
କାନ୍ଦିଲି ନୀରବେ, କି କରିବି କାହିଁ ଯିବି
କାହିଁ ଗଲେ କେ କହିବ କେମନ୍ତେ ପାରିବି
ରକ୍ଷା ଭାରତ ସନ୍ତାନେ, ନ ଦେଖି ଉପାୟ
ମନେ ବିଚାରିଲି ପୁନଃ, କରିବି ମୁଁ ଶେଷ
ଚେଷ୍ଟା, ବୁଝାଇବି ଦୁର୍ଯ୍ୟୋଧନେ ଡାକି ଭୀଷ୍ମ-
ଦେବେ ମନେକି ପଡ଼ଇ ଯୁଦ୍ଧ ପୂର୍ବଦିନ
ଆଗେ, ସନ୍ଧ୍ୟାଗମେ ଭୀଷ୍ମ ସହ ପ୍ରବେଶିଲି
ମୁହିଁ ଶିବିରେ, ଗୁପତେ ତୋତେ ବୁଝାଇଲି
କହି, ଦେଖ୍ ଦୁର୍ଯ୍ୟୋଧନ !—ଗୁରୁ ଗୁରୁଜନ
ବାକ୍ୟ ସଦା ମାନନୀୟ, ବୃଥାରେ କାହିଁକି
ଏତେ ଲଗାଉଛୁ ହଠ, ଅଭିଜ୍ଞ ହୋଇଣ-
କିପାଁ ଅବିଜ୍ଞ ପରାୟେ କାର୍ଯ୍ୟ କରୁଅଛୁ
କହ, ଭାବ ଦେଖ ବାରେ, କି କହିବି ତୋତେ,
କି ପ୍ରଳୟ ପ୍ରଭଞ୍ଜନ ଆସନ୍ନ ଭାରତେ
ବହିବ ଯଦ୍ୟପି ଝଡ଼ ରହିବନି କିଛି,
ଛାର ଖାର ହୋଇ ଯିବ ଭାରତ ନିଶ୍ଚୟ,
ଭାରତରେ ଭାରତତ୍ୱ ନ ରହିବ ଆଉ
କେତେ ନରହତ୍ୟା, କେତେ ରକ୍ତଭକ୍ଷଣ କାଣ୍ଡ
କେତେ କୁଳସୀମନ୍ତିନୀ ହୋଇବେ ବିଧବା,

* ମାହୁନ୍ତ ।

ବିଭୀଷଣ ପରିଣାମ ଭାବି ଦେଖ ବା'ରେ,
ଭାବିଲେ କାହାର ହୃଦ ନ ଦରିବ କହ
ସାମାନ୍ୟ ଗୃହସ୍ଥ ଗୃହ ପତନର କଥା;
କିମ୍ବା କଣା ବନ୍ଧ ପଦେ ବେଦନା ନରର
ନ ଲାଗେ କି କଷ୍ଟ ତୋତେ ଭାବିଲେ ସେ କଥା;
ପୁଣି ଭାବି ଦେଖ ଜନସ୍ଥ କିମ୍ବା ପରିଜନସ୍ଥ
ଉଭୟରେ କ୍ଷତି, ନାହିଁ ଲାଭ କେଉଁ, ଯେବେ
ତୁ ହୋଇବୁ ଜୟୀ, ଧ୍ରୁବ ଅବା କେ କହିବ ?
ଭବିଷ୍ୟତ କଥା କେହି କହି ନ ପାରଇ,
କାହାକୁ ଯେଜନ ତୁ ରାଜ୍ୟ କରିବୁ ଭାରତେ
ନ ରହିବେ କେହି ଆଉ ଏ ମହା ଆହବେ
ଗୃହଗ୍ରାମ ସରିନାଶ ଯିବେ ସର୍ବେ ଉଡ଼ି
ଭୀମ ପ୍ରଭଞ୍ଜନ ରୂପୀ ଆସନ୍ନ ସଂଗ୍ରାମେ ।
ପୂର୍ବାପର ଭାବି କାର୍ଯ୍ୟ କରିବା ଉଚିତ
ସର୍ବଥା ଶାସ୍ତ୍ରୀୟ ଆଉ ସର୍ବ ବାଦୀମତ;
ସୁ-ବୁଦ୍ଧି ନ ତୋଲେ ପାଦ ପୂର୍ବାପର ଭାବି
ଅତଏବ କଥା ମାନ ମମ ଉପଦେଶେ
ପଞ୍ଚଭ୍ରାତେ ପଞ୍ଚ ଖଣ୍ଡି ଗ୍ରାମ ମା'ନ ଦେଇ
ଅତି ତୁଚ୍ଛ ତୁଳନାରେ ଭାରତ ସାମ୍ରାଜ୍ୟ-
ରାଜ ରାଜେଶ୍ୱର ରୂପେ ରହ ହସ୍ତିନାରେ;
ଭୀଷ୍ମ ମଧ ଏହିରୂପେ ବୁଝାଇଲେ କେତେ;
କି କହିଲୁ ମୋତେ ମନେ ପଡ଼େ କି ତୋହର?
ଦୀର୍ଘ ଶ୍ୱସି ଅଧୋମୁଖେ କହିଥିଲୁ ତୁହି
ଦେଇପରେ ପ୍ରାଣ ଦାସ ଗୁରୁଆଜ୍ଞା ହେଲେ,
ପାଣ୍ଡବେ ନ ଦେବ କିନ୍ତୁ ସୂଚ୍ୟଗ୍ର ପୃଥିବୀ
କିମ୍ବା ଦା'ସ ନ ପାରିବ ସନ୍ଧି କରି କେଭେ,
ଏତିକି ବିନତି ଦାସ କରେ ପଦ ଯୁଗେ,
ସନ୍ଧିକଥା ଅଉ କେଉଁ ନ ଆଣିବେ ମୁଖେ ।
ମନେ କି ପଡ଼ଇ ତୋର ସେହି ସବୁ କଥା
ତୁମ୍ଭ ମୁଖୁଁ ଶୁଣି ସେହି କଠୋର ବଚନ
ନିର୍ବାପିତ ସନ୍ଧି ଆଶା ହେଲା ଚିର ପାଇଁ;
ଜାଣିଲି ମୁଁ ତେବେ, ବିଷବୃକ୍ଷ ମୂଳେ କଲେ
ଅମୃତ ସିଞ୍ଚନ, ତେବେ ସୁଧା ନ ଫଳଇ
ସୁଫଳ ତହିଁରେ, ନ ସିନ୍ଧେ ପାଷାଣ କିମ୍ବା
ନ ବୁଝେ ଅବୁଝ, ଫଳେ ନୈରାଶ୍ୟ ଆଗାରେ
ଦୁଃଖ କାମନାରେ, ସତ୍ୟ ଯା କହନ୍ତି ବିଜ୍ଞେ
ନିନ୍ଦିଲି ମୁଁ ମନେ ମନେ ନିର୍ବୋଧ ମାନବ
ଭାବୁ ମନେ ମନେ ବୁଦ୍ଧ ଅତି ବଡ ବୋଲି
କିନ୍ତୁ ଭାବି ଦେଖ ନାହିଁ ସାଧ ତୋଳିବା'ର
ତୃଣଟିଏ ତୋର, ଧିକରେ ମାନବ ତୋ'ର
ଜ୍ଞାନେ ଅଧଃପତନ, ନ ପାରିଲୁ ବୁଝାଇ ତୁ
ଗୋ'ଟିଏ ମାନବେ, ତଥାପି ଗରିମା କରୁ
ଜ୍ଞାନୀ ଜ୍ଞାନୀ ବୋଲି, ବିଦ୍ୟା ପଢ଼ି ଜ୍ଞାନୀ ଯଦି
ହୁଅନ୍ତେ ଜଗତେ, ଏମନ୍ତ କି ଦୁର୍ଯ୍ୟୋଧନ
ହୋଇଥାନ୍ତା କେବେ ? ବିଦ୍ୟା ନାମ ଜାଣିଲି ମୁଁ
ଶାଣିତା ସେ ଧନ ଯା ଯୋଗେ କର୍ତ୍ତନ ଶକ୍ତି
ବଢ଼େ କୃପାଣର, ଦର୍ପଣ ପ୍ରତିବିମ୍ବ
ହୁଏ ସ୍ୱଚ୍ଛତର ସୁ-ବୁଦ୍ଧିର ସୁ-ବୁଦ୍ଧି ବା
ଦୁର୍ବୁଦ୍ଧି ଦୁଷ୍ଟର, ପାଏ ଭେଦେ ଦଉ ଶକ୍ତି
ଯାହା ବିଧାତାର, ବଢିଯାଏ ଏହାଯୋଗେ
ଜାଣିଲି ନିଶ୍ଚୟ । ଏହିରୂପେ ଅମ୍ଳାନ
କରି ଗୃହ ମୁଖେ ଭୀଷ୍ମ ସହ ଫେରିଲି ମୁଁ
ମହାଚିନ୍ତାନ୍ୱିତ । ଆସୁ ଆସୁ ପଥେ ଭୀଷ୍ମ
କହିଲେ ପ୍ରବୋଧି, ଗୁରୋ ! ବୃଥା ଭାବ କିପାଁ ?
ଯେପରି ସ୍ୱଭାବ ଯାର ଚଳେ ସେହି ପଥେ
କି ସାଧ କାହାର କରେ ପ୍ରକୃତି ଲଙ୍ଘନ
ଜନ୍ମେ ତରୁ ରାଜି ଯହିଁ ମିଳେ ବନ ଭୂମି
ନଦୀ ଦେଖ ବକ୍ର ପଥେ କରଇ ଗମନ
ସେହି ପରି ସିନା, ପାପି-ମନ ନିରନ୍ତର
ଧାଏଁ ପାପପଥେ, ଧର୍ମେ ମତି ବୁଝାଇଲେ

ନୁହଁ କି କଦାପି, ନର ବୋଇତର ଯାତ୍ରୀ
କର୍ଣ୍ଣଧାର ହର ଚଳେ ନୌକା କାଳ ସ୍ରୋତେ
ତରଙ୍ଗ ଉପରେ, ପାରେନି ଫେରାଇ ଗତି
ବିନା କର୍ଣ୍ଣଧାର, ଲକ୍ଷ ଚେଷ୍ଟା କରି କେବେ
ବୋଇତର ଯାତ୍ରୀ କର୍ଣ୍ଣଧାର ମତେ ତଥି
ଚଳିବ ନିଶ୍ଚୟ, ଯହିଁ ଇଚ୍ଛା ତହିଁ ସତ୍ୟ
ଜାଣ ନିଃସନ୍ଦେହ, ଦେଶ କାଳ ପାତ୍ର ଭେଦେ
ସ୍ୱଜ୍ଞାନାଲୋକେ ଯାହା ଦେଖିବ ଉଚିତ
ଚଳିବ ସେ ପଥେ, ଅଭିନେତା ଅଭିନୟେ
କରନ୍ତି ଯଥା, ନିର୍ଲିପ୍ତ ସରୋଜିନୀଦଳ
ସଲିଳେ ଯେସନ ଅର୍ପି କର୍ମରଫଳ
ବିଶ୍ୱପିତା ପଦେ ଫଳାକାଂକ୍ଷୀ ନ ହୋଇବ
କେବେହେଁ ସଂସାରେ ହୁଏ ଯେ ସେ କଷ୍ଟ ଭୋଗେ,
ଆଗେ କିମ୍ବା ପଛେ ଏହା ପ୍ରକୃତି ଧରମ
ନ ପାରଇ କେହି ଲଙ୍ଘି ଏ ବିଧି ଜଗତେ
ଧ୍ରୁବ ସତ୍ୟ ଏହା, ଏହି ମାନବ କର୍ତ୍ତବ୍ୟ
ଏହାର ପାଳନ ଅଟେ ପରମ ଧରମ
ମାନବର ଏକା, ନାହିଁ ତାର ଊର୍ଦ୍ଧ୍ୱେ ଆଉ
ନର ଅଧିକାର, କର୍ମ ନରାଧୀନ, କର୍ମ-
ଫଳ ଦୈବାଧୀନ, ଜାଣି ଶୁଣି କିମ୍ପା ଏତେ
ବିଷଣ୍ଣ ତଥାପି, ଶିଷ୍ୟ ପ୍ରତି ଗୁରୁରଚିତ
କରଛ କର୍ତ୍ତବ୍ୟ ତୁମ୍ଭେ ହେବା, ଏବେ ତବ
ଅବଶ୍ୟ ଉଚିତ; ଗତସ୍ୟ ଶୋଚନା ନାସ୍ତି
ଭାବ ଭବିଷ୍ୟତ ମହା ଯୁଦ୍ଧେ କି କରିବ
ଆସନ୍ନ ସମ୍ମୁଖେ । ତତ୍ପାଦୁ ଯାଇ ପୁନଃ
ଜ୍ୱଳନ୍ତ ବହ୍ନିରେ ପଡ଼ି, ଭାବିଲି ମୁ ତେବେ
କି କରିବି ଏବେ ? ଥିବି ନିରପେକ୍ଷ ମୁହିଁ
ଭାବିଲି ପ୍ରଥମେ, ତହିଁ ଦୁଇଟି ନିମିତ୍ତ
ବାଧା ଦେଲା ଅସି— ଶୁଣ ପ୍ରଥମ ନିମିତ୍ତ,
ରହିବି ମୁଁ କାହିଁ, ଘୋର ଭୀମ ବାତ୍ୟା ଯହିଁ
ବହଇ ପ୍ରବଳେ ତହିଁ ସାମାନ୍ୟ ତରୁ କି
ରହେ ସ୍ଥିର ଭାବେ ! କିମ୍ବା ଦାବାନଳ ଯେବେ
ଦହଇ ଅରଣ୍ୟ, ରହେକି ଅଦଗ୍ଧ କେବେ
କ୍ଷୁଦ୍ର ମୃଗ ଗୁଳ୍ମ ? ପୁଣି ଭାବିଲି ମୁ ଯାଇ
ହିମାଳୟେ ଋଷ୍ୟାଶ୍ରମେ ( ମରକତ ପୁର-
ସମ କ୍ଷୁଦ୍ର ସିନ୍ଧୁ ଗର୍ଭେ ) ରହିବି ନିର୍ବିଘ୍ନେ,
କିନ୍ତୁ, ଲୋକ ନିନ୍ଦା ଭୟ ମନେ ଉପୁଜିଲା
ଧୃଷ୍ଟ, ଦ୍ରୋଣ ଭୀତ, ପଳାତକ, ନ ହୋଇବାର
ନିରପେକ୍ଷ, ଏ ବିଶେଷ୍ୟ ହେତୁ, ମୃତ୍ୟୁ ଶତ—
ଗୁଣେ ଶ୍ରେୟ ନିନ୍ଦା ଠାରୁ, ଭାବିଲି ମୁ ତେବେ
ପଶିବି ସମରାନଳେ ଯା ଥିବ କପାଳେ
ନ ସହିବ ଲୋକ ନିନ୍ଦା କାପୁରୁଷ ପରି,
ହେବି ସମଦଶାପନ୍ନ ସମସ୍ତଙ୍କ ସଙ୍ଗେ,
ବିଷମ ସମସ୍ୟା ଏବେ ହେଲା ଉପସ୍ଥିତ
ଦୁର୍ଯ୍ୟୋଧନ ଅନ୍ନଦାତା, ପାଣ୍ଡବେ ନିର୍ଦ୍ଦୋଷ
କି ବୁଦ୍ଧି କରିବି ଏବେ, ନେବି କେଉଁ ପକ୍ଷ
ନାଗଗନ୍ଧ-ମୂଷା * ଭେଟ ହେଲା ଦୈବ ଯୋଗେ,
ଛାଡ଼ିଲେ ହୁଅଇ ଅନ୍ଧ, ଭକ୍ଷଣେ ମରଣ;
ପାଣ୍ଡବ ସହାୟ ହେଲେ ହୋଇବି କୃତଘ୍ନ,
କୌରବ ସହାୟ ହେବି ଅନ୍ୟାୟ କରମ,
କୃତଜ୍ଞତା ଆଉ ନ୍ୟାୟେ ପକ୍ଷେ ପ୍ରତି ପକ୍ଷେ,
ଯତନେ ଓଜନ କଲି ଜ୍ଞାନ ତୁଲା ଦଣ୍ଡେ,
ଏକ ପାର୍ଶ୍ୱେ କୃତଜ୍ଞତା, ଅନ୍ୟ ପାର୍ଶ୍ୱେ ନ୍ୟାୟ
ଉଠେ ଗଲା ନ୍ୟାୟ ନୀଚ ହେଲା କୃତଜ୍ଞତା,
ଜାଣିଲି ମହତ ନୀଚେ ଦେଖି କୃତଜ୍ଞତା,
କଲି ମୁ ସଂକଳ୍ପ ତେବେ ହୋଇବି ଅନ୍ୟାୟୀ,
ନ ହେବି କୃତଘ୍ନ କିନ୍ତୁ ଜୀବନେ କଦାପି,
ଅନୁଭବ କର, ଦ୍ରୋଣ ବୁଝିଛି ନିଶ୍ଚୟ

* ନାଗଗନ୍ଧ ମୂଷା=ଛୁଚୁନ୍ଦ୍ରା ।।

ଦ୍ରୋଣର ପରମ ଧର୍ମ କୃତଜ୍ଞତା ଏକା
ଦେଇଅଛି ଜଳାଞ୍ଜଳି ନ୍ୟାୟାନ୍ୟାୟ ପ୍ରତି
ଗୋଟିଏ ଆଶ୍ରୟ ଏହି ଜୀବନେ ଦ୍ରୋଣର,
ଅନନ୍ତ ଅର୍ଣ୍ଣବେ ଭଗ୍ନ ନାବିକର ଯଥା
ଧରିଛି ଏହାକୁ, ଧରି ରହିଥିବି ମୁହିଁ
ନ ଛାଡ଼ିବି ଦୁର୍ଯ୍ୟୋଧନ ! କଦାପି ଏହାକୁ
ଯଦବଧି ବହୁଥିବ ପ୍ରାଣବାୟୁ ଦେହେ
କରୁଛି ପ୍ରତିଜ୍ଞା ଆଜ ସଭା ସମକ୍ଷରେ
ଇନ୍ଦ୍ର, ଚନ୍ଦ୍ର, ଅଗ୍ନି, ବାୟୁ ସାକ୍ଷୀ ରଖି ମୁହିଁ
ଅନ୍ନଦାତା ଆଜ୍ଞା ନିଶ୍ଚେ କରିବି ପାଳନ,
ନ ଭାବିବି ପାପ ପୁଣ୍ୟ ନ୍ୟାୟାନ୍ୟାୟ କିଛି ।
କହ ଦୁର୍ଯ୍ୟୋଧନ କହ କି କରିବି ମୁହିଁ
କି କଲେ ନହେବ ଦ୍ରୋଣ କୃତଘ୍ନ ତୋ ଠାରେ
କରିବି ସନ୍ତୁଷ୍ଟ ନିଶ୍ଚେ ଇଚ୍ଛାମତେ ତୋର ।"
କ୍ଷଣପରେ ଶ୍ୟାମି ପାର୍ଥେ କହିଲେ ବ୍ୟାକୁଳେ
ଭଗ୍ନ ସ୍ୱରେ ରହି ରହି ଅସ୍ଫୁଟ ବଚନେ
"ଅଖିଳ ବ୍ରହ୍ମାଣ୍ଡେଶ୍ୱର ମାୟାମୟ ପ୍ରଭୋ !
ଧର୍ମ କି ଅଧର୍ମ ପଥେ କରେ ବିଚରଣ
ନ ପାରିଲି ବୁଝି ଏହି ଅଜ୍ଞାନ ସନ୍ତାନ
ହୃଷୀକେଶ ! ହୃଦେ ତୋତେ ଭାବି ଦ୍ରୋଣ ତବ
ଚଳେ ଯୁଦ୍ଧ ଅଭିନୟେ ଅଭିନେତା ରୂପେ
ଶ୍ରୀଚରଣେ ପାପ ପୁଣ୍ୟ କରି ସମର୍ପଣ
ଜ୍ଞାନ ଅନୁଯାୟୀ ଚଳେ କର୍ମ କ୍ଷେତ୍ରେ ଦ୍ରୋଣ
ରଖ କିମ୍ବା ମାର ହରି ଯାନ ଦୟାମୟ
ଯା ଇଚ୍ଛା ତା କର ପ୍ରଭୋ ନିରାଶ୍ରୟାଶ୍ରୟ ।"
ଏତେ କହି ନୀଚ ମୁଖେ ନ ଚାହିଁ କେଶୀକି
ଖଡ୍ଗେ କର ସ୍ଥାପି ମୌନେ ବସିଲେ ବିଷଣ୍ଣେ ।
ଖଳର ସହାୟ ଖଳ ମାତୁଳ ଶକୁନି
ଦୂରଦର୍ଶୀ ଶବଶଂସୀ ଶକୁନି ପରାୟେ
କ୍ରୂରଗତି ସର୍ପସମ କୂଟ-ମତି-ଗତି
ଭାବେ ମନେ ମନେ ଶୁଣି ଦ୍ରୋଣଙ୍କ ପ୍ରତିଜ୍ଞା
ପଡ଼ିଲା ବାରୁଣୀ ଯୋଗ ଏତେ କାଳ ପରେ
ଘଟାଇବି ସର୍ବନାଶ କୌରବଙ୍କ ତ୍ୱରା
ଚଳାଇ ଅନ୍ୟାୟ ପଥେ କୂଟ ମନ୍ତ୍ରେ ମୋର
ବିଷକୁମ୍ଭ ପୟୋମୁଖ, ସୁହୃଦ ପରାୟେ
କହିଲା ସଭାରୁ ଉଠି ସଧୀରେ ଗମ୍ଭୀରେ
ସୁବୁଦ୍ଧି ନିର୍ବୁଦ୍ଧି ହୁଏ ବିପତ୍ତି କାଳରେ
କହନ୍ତି, ଦେଖିଲି ଆଜି ସମ୍ମୁଖରେ ମୁହିଁ
ହୋଇଲା ବିଶ୍ୱାସ ଯାହା ଥିର ଅବିଶ୍ୱାସ
ରାମ ହେମ-ମୃଗ ପଛେ ଧାବମାନ କଥା
ପୁତ୍ରଶୋକେ ଅଶ୍ରଦ୍ଧେୟ ବୋଲି, ଥିଲା ମନେ
ଧାରଣା ଯା, ଦୂରୀଭୂତ ହେଲା ଆସି ଏତେ-
କାଳ ପରେ, ସର୍ବ ସମକ୍ଷରେ ଦେଖି, କୁରୁ-
ପତି, ବ୍ୟବହାର ଗୁରୁ ପ୍ରତି ଧନ୍ୟ ଧନ୍ୟ
ବିପତ୍ତି ତୁ ତୋ କବଳେ ପଡ଼ି ଆଜି ରାଜା
ଦୁର୍ଯ୍ୟୋଧନ, ମହାଯଶା ମହୀପତି ମହା-
ଜ୍ଞାନୀ ବିଖ୍ୟାତ ଜଗତେ, ମହାଜ୍ଞାନୀ ସମ
କାର୍ଯ୍ୟ କଲେ ଏ ସଭାରେ । ନ ଅସୁ ତୁ ଏକା
ଏହି ଜନ ଶ୍ରୁତ, ଶ୍ରୁତି ଉକ୍ତି ସମ ସତ୍ୟ
ଏତେକାଳ ପରେ ଆସି ବୁଝିଲି ମୁଁ ଧ୍ରୁବ ।
କହିଲେ ବୁଝାଇ ତେବେ ଚାହିଁ ଦୁର୍ଯ୍ୟୋଧନେ
କଦାଚ ଉତ୍ତାପେ ତପ୍ତ ହୁଏ ସିନା ହ୍ରଦ
କ୍ଷୁଦ୍ର ନଦନଦୀ କିନ୍ତୁ ଦେଖିଛ କି କେବେ
ନଦୀକୁଳେଶ୍ୱରେ କାହିଁ ହେବାକୁ ଉତପ୍ତ ?
ଅଧୀର ହୋଇବା ତବ ନୁହଇ ଉଚିତ,
ଭୀମ ପ୍ରଭଞ୍ଜନେ କେବେ ହୁଏ କି ଅଧୀର
କ୍ଷୁଦ୍ର ମହୀରୁହ ପରି ଉତ୍ତୁଙ୍ଗ ଭୂଧର
ବିପଦେ ଧୀରତା ନୀତି ଯାଅ କିପାଁ ଭୁଲି
ଅଜ୍ଞ ସମ ସ୍ୱଜାତିଙ୍କ ହୋଇ, ଧୈର୍ଯ୍ୟଧର
ପାଗଳ ଭର୍ତ୍ସିଲି ପ୍ରାୟେ ନ ଭର୍ତ୍ସି କାହାକୁ

ଦର୍ଶାଅ ଶ୍ରେଷ୍ଠତା ତବ ଦର୍ଶାଇ ନମ୍ରତା;
ସନାତନ କୁଳ ପ୍ରଥା ଗୁରୁଜନ ପ୍ରତି
କୁରୁ-ଶ୍ରେଷ୍ଠ, ସର୍ବେ ସର୍ବ ଗୁଣେ ଶ୍ରେଷ୍ଠ ବୋଲି
ଜାଣନ୍ତି ଭାରତେ, ଦ୍ରୋଣ ଆଡ଼େ ଚାହିଁ ପୁଣି
ଆରମ୍ଭିଲା ଏ ରୂପ କି କହିବ ମୂର୍ଖ ମୁହିଁ,
ବିଜ୍ଞବର ଗୁରୁ ତୁମ୍ଭେ, ଅଧିକ କହିବା
ହୁଲ୍ୟ ମାତର, ଶିଷ୍ୟ ଶତ ଅପରାଧ
ମାର୍ଜନୀୟ, ଏହି ନୀତି ବଶବର୍ତ୍ତୀ
ଗୁରୁ ବାରେ, କ୍ଷମାକର ଶିଷ୍ୟ ପ୍ରତି,
ର ଦୋଷ ଯଥା ଜନକ ନ ଧରେ;
ତ ପ୍ରତି ପୁଣି କରଇ ପ୍ରାର୍ଥନା
ନ ହୁଅ ବିମନା କିମ୍ବା ନ ଧର ହେ ଦୋଷ
ବିପତ୍ତି-ପୀଡ଼ିତ ଆହା ! ଦେଖ କୁରୁପତି
ଲୁପ୍ତ ପ୍ରାୟ ଜ୍ଞାନ, ଶକ୍ତି ପାଗଳ ପ୍ରତିମ
ସଦସ୍ୟେ ସରବେ ଭାବ ସ୍ୱକର୍ତ୍ତବ୍ୟ-ନୀତି
ବିପଦ୍‌ପ୍ରାପ୍ତ ବନ୍ଧୁ ପ୍ରତି ବନ୍ଧୁର ସାହାଯ୍ୟ,
ନ ଭାବିଣ ଦୋଷାଦୋଷ ବିପନ୍ନ ବନ୍ଧୁର ।
ଶୁଣ ସର୍ବେ କି କର୍ତ୍ତବ୍ୟ ଅଧୁନା ମୋ ମତେ
ଚକ୍ରବ୍ୟୂହ ଗୁରୁ କାଲି ରଚନ୍ତୁ ସମରେ
ଅଭୂତ ଅଜ୍ଞାତ ଯାହା ନ ଜାଣନ୍ତି କେହି
ପାର୍ଥ ଭିନ୍ନ, ଭେଦିବାକୁ, ଅଦ୍ୟାପି ଜଗତେ,
ନ ରହିବେ କୃଷ୍ଣ କିମ୍ବା ପାର୍ଥ କାଲି ରଣେ
ସଂଶପ୍ତକ ସେନାସହ ଯିବେ ଯୁଝିବାକୁ
ଇତି ଅବସରେ ଯୁଦ୍ଧେ ହୋଇବେ ପରାସ୍ତ
କିମ୍ବା ହେବ ଧ୍ରୁବ ବନ୍ଦୀ ଭୀମ ନିଃସନ୍ଦେହ,
ପାଣ୍ଡବ ଦୁର୍ଦ୍ଦାନ୍ତ ରଥୀ ଅନୀକିନୀ-ପତି,
ହେବେ ବନ୍ଦୀ କିମ୍ବା ମଲେ ଭୀମ ରଣାଙ୍ଗନେ
ଅଧୀର ହୋଇବେ ଶୋକେ ନିଶ୍ଚେ ଚାରିଭାଇ
ଦୁର୍ବଳ ହୋଇବ ତେଣୁ ପାଣ୍ଡୁବଳ ସମେ
ଶତାଙ୍ଗ * ପ୍ରଧାନ ଅଙ୍ଗ ଚକ୍ରଭଙ୍ଗେ ଯଥା,
ଏହିରୂପେ ଜୟୀ ହେବୁ ଆମ୍ଭେ ସର୍ବେ ନିଶ୍ଚେ
ଅମାତ୍ୟ ମଣ୍ଡଳି ! କହ ହେ-ସରବେ ସ୍ୱ ସ୍ୱ
ଅଭିମତ ଏବେ," କହେ ଜୟଦ୍ରଥ ତେବେ
ସଧୀର ବଚନେ; "ହୁଏ ଏହିପରି ଯଦି
ନିଃସନ୍ଦେହେ ହେବୁ ଜୟୀ, ନାହିଁ ଭ୍ରାନ୍ତି ତିଳେ
କିନ୍ତୁ ଭାବ ଦେଖି ବାରେ, ଅଭିମନ୍ୟୁ ଆସେ
ଯଦି ସେନାପତି ରୂପେ, ପିତାସମ ପୁତ୍ର-
ମହାରଣ ବିଶାରଦ, କି କରିବ ତେବେ
ବୟସେ ବାଳକ କିନ୍ତୁ କାର୍ଯ୍ୟେ ବୃଦ୍ଧ ପିତା,
ଶସ୍ତ୍ରଶାସ୍ତ୍ରେ ସୁପଣ୍ଡିତ-ଅଦ୍ୱିତୀୟ ଜଣେ
ନାହିଁ ଏଥି ଏକା, ରଣେ ଛଳିବ ତାହାକୁ
ସମକକ୍ଷ ଏ କୌରବ ବୀର ବୃନ୍ଦ ମଧ୍ୟେ"
"ଯା କହିଲ ସତ୍ୟ" ଶଲ୍ୟ ଚାହିଁ ଜୟଦ୍ରଥେ
କହିଲେ ଉତ୍ତମ ରୂପେ ଜାଣେ ମୁହିଁ ତାକୁ
ସମ ପ୍ରହରଣ ରଣେ ପିତା ସମ ପୁତ୍ର
ପୂର୍ବରୁ ଈଶ୍ୱର କାର୍ଯ୍ୟ କରିବା ଉଚିତ
ଭୂତ ଭବିଷ୍ୟତ ଭାବ ବୁଦ୍ଧି ଅନୁଯାୟୀ"
"ନ ପାରିଲେ ଏକ ରଥୀ ଏକାଧିକ ରଥୀ
ମିଳି ବିମୁଖିବା ରଣେ" କହନ୍ତେ ଶକୁନି
କୃପ କହିଲେ ସସ୍ମିତେ "ନୁହେଁ ରଥିକୁଳ-
ପ୍ରଥା ଯୁଝିବା ଏ ରୂପେ" "ନୁହେ ରଥିକୁଳ-
ରୀତି ରଥୀ ସଙ୍ଗେ ସତ୍ୟ, କିନ୍ତୁ ଶତ୍ରୁ ସଙ୍ଗେ
ଅବଶ୍ୟ ଉଚିତ, ମାରି ଅରି ପାରି ଯେଉଁ
ରୂପେ, କଳେବଳେ ଛଳେ ବା କୌଶଳେ, ଶଠେ
ଶାଠ୍ୟ ସମାଚର-ଏ ରୀତି ବା ଅବିଦିତ
କାହାକୁ ସଭାରେ, କଏ ବା ନ ଜାଣେ ଏହା;

* ରଥ ।

ଶତ୍ରୁ ସଙ୍ଗେ ଏହି ସତ୍ୟ ଅବଶ୍ୟ କର୍ତ୍ତବ୍ୟ”
ଏତେ କହି ନୀରବଲେ କୁଟିଳ ଶକୁନି
କହିଲେ ସର୍ପରେ ତେବେ ଅଙ୍ଗ ଅଧିପତି
“ଅଭିମନ୍ୟୁ ଶତ୍ରୁ ନା ନା ପୁତ୍ର ସମ ଲାଗେ
ମୋତେ ଭାବିଲେ ତା କଥା, ବାତ୍ସଲ୍ୟ ସ୍ନେହରେ
ହୃଦସ୍ଫୀତ ହୁଏ ମୋର” “ଯେ କଣ୍ଟର ଅରି
ହରି * ନୁହେ କି ତା ଶିଶୁ ଶତ୍ରୁ ସେ ହରିର
ପକ୍ଷେ, ନକୁଳ କି ସର୍ପପର, ସ୍ନେହ କରେ
ସର୍ପ ଶିଶୁ ପୁତ୍ର ଭାବେ, ଜନମ ଅରାତି ?
କେମନ୍ତେ କହିଲ କର୍ଣ୍ଣ ହାସ୍ୟ ଲାଗେ ମୋତେ,
ପୁତ୍ର ସ୍ନେହ ଅନୁଭବ ଅଭିମନ୍ୟୁ ଠାରେ
କହୁଛି ବୁଝାଇ ପୁଣି ଶକୁନି କର୍ଣ୍ଣଙ୍କୁ
ହସି ହସି ହୋଇ ( ହାସ୍ୟ ନୁହେ ଏହା ମାତ୍ର
କାଳକୂଟ, ବିଷ-ଯାଣ୍ଡି-ମହାକାଳି-ଫଳ
କବଳ-ଗରଳ-ମିଶ୍ର ଶ୍ୱେତ-ପଦ୍ମ ପୁଷ୍ପ
ପୁଷ୍ଟ କଲି, କାଳ ସର୍ପ ଗରଳେ ଯାହାର )
ହୃଦୟ ଦୌର୍ବଲ୍ୟ ଏହା ନୁହେ ସତ୍ୟ ସ୍ନେହ
କହିଲ ଯଥାର୍ଥ କର୍ଣ୍ଣ ଭାବ ଦେଖି ମନେ;
ଶୁଣ ତାହା ଏହିକ୍ଷଣି କରି, ହୃଦ, ବଜ୍ର-
ସମଦୃଢ଼, ଆଶା ଯେବେ ହେବ ଜୟୀ ଆଗୁ
କାଲି ରଣେ, ମିଳି ସର୍ବେ କରି ଆକ୍ରମଣ
ଭୀମ କିମ୍ବା ଅଭିମନ୍ୟୁ ଯେ ଆସିବ ରଣେ,
ମହାରଣ୍ୟେ କେଶରୀକୁ କିରାତେ ଯେ ରୂପେ
ନ କରିବ ଯେବେ ଏହା, ଜାଣ ନିଃସନ୍ଦେହ,
ସନ୍ଦେହ ଜଣିବା ରଣେ କୌରବ ପକ୍ଷରେ
ଗତ ତ୍ରୟୋଦଶ ଦିନ, ତ୍ରୟୋଦଶ ବର୍ଷ
ଗତ ହେଲେ ଏହିରୂପେ ନ ଲଭିବ କେଭେଁ
ସମର ଅନଳ, ସୂକ୍ଷ୍ମ ରୂପେ ଭାବ ଦେଖ
ଚଳେ ଯଦି ଏହିରୂପେ ଯୁଦ୍ଧ ବହୁକାଳ
କି ଦଶା ଘଟିବ ଦେଶେ, ଦେଶ ବାସୀଙ୍କର
ସର୍ବେ ମିଳି ଆକ୍ରମିଲେ ନିଃସନ୍ଦେହ ଜୟ,
ସାମାନ୍ୟ ଅନ୍ୟାୟ ହେବ, ଜାଣେ ମୁହିଁ, କିନ୍ତୁ
ଦୀର୍ଘ ଯୁଦ୍ଧ ତୁଳନାରେ ନୁହଇ ଅନ୍ୟାୟ,
ଅତଏବ ମମ ମତେ ସମବେତ ହୋଇ
ଆଶା ଯଦି ଜୟୀ ହେବ ଅଶ୍ୱ ମହାହବେ,
କରି ହେ ସହାର କାଲି ଚକ୍ରବ୍ୟୂହ ମଧ୍ୟେ
ଭୀମ କିମ୍ବା ଅଭିମନ୍ୟୁ ଯେ ଆସେ ସମରେ
ଶୃଙ୍ଖଳେ ଆବଦ୍ଧ ଯଥା ମହାବଳ ବ୍ୟାଘ୍ରେ ।”
ଶକୁନି ପ୍ରସ୍ତାବ ଶୁଣି କହେ ଦୁଃଶାସନ
“ଉତ୍ତମ ଏ ପରାମର୍ଶ, ଅବଶ୍ୟ କର୍ତ୍ତବ୍ୟ
ଏହି ଯୁକ୍ତି ଅନୁସାରେ ଚଳନ୍ତୁ ଯଦି ସର୍ବେ
ହୋଇବୁଁ ବିଜୟୀ ଧ୍ରୁବ, ନିଃସନ୍ଦେହ ଏହା
ଗୁରୁଦେବ ମତ କିନ୍ତୁ ଶୁଣିବାକୁ ଇଚ୍ଛା”
“ମୋର କେଉଁ ମତ କିଁଆ ଏ ଜିଜ୍ଞାସା ପୁଣି,
କରିଛି ପ୍ରତିଜ୍ଞା ଦୁର୍ଯ୍ୟୋଧନ ମତେ କାର୍ଯ୍ୟ
କରିବି ମୁଁ ନିଶ୍ଚେ” ଏତେ କହି ଦ୍ରୋଣ ଗୁରୁ
ବସିଲେ ନିଷ୍ଫଳ, ଦୁର୍ଯ୍ୟୋଧନ ମୁଖେ ତେବେ
ଶୁଣି କଲ ସରବେ, ଭାବ କ୍ଷଣେ ଦୁର୍ଯ୍ୟୋଧନ
ଟେକି ମଥା ତୋଳି, “ରଚି ବସ କାଲି ସର୍ବେ
ଭଗ୍ନ ଚକ୍ରବ୍ୟୂହ, ମାରି ଅରି ନ୍ୟାୟାନ୍ୟାୟେ
ଯେ ପ୍ରକାରେ ହେଉ, କରି ବନ୍ଦୀ ପଞ୍ଚ ଭ୍ରାତୃ
ଅସତୀ ଦ୍ରୌପଦୀ, ନାରୀକୁଳ କଳଙ୍କିନୀ
ସହ ଯୁଧିଷ୍ଠିରେ ହୀନ କାପୁରୁଷ ଙ୍କୁ
ଅଧର୍ମୀ କପଟୀ ଦାସଦାସୀ କରି ଦେବେ
ରଖିବ ତୁମ୍ଭଙ୍କୁ, ତେବେ ଯାଇ ପୂର୍ଣ୍ଣ ହେବ
ମନୋବାଞ୍ଛା ମୋର, କ୍ଷମି ଦାସ ଦୋଷ, ଗୁରୁ !

* ସିଂହ ।

ଯାଅ ତ୍ୱରା ଅବଲମ୍ବେ ରଚନ୍ତୁ ଗୁପତେ
ଅଦ୍ୟ ରାତେ ଚକ୍ରବ୍ୟୂହ ଅତି ସୁକୌଶଳେ
ସଭା ଭଙ୍ଗ କର ସର୍ବେ ଯାଅ ସ୍ୱ ସ୍ୱ ବାସେ,
ଗୁରୁ ମାତୁଳଙ୍କ ମତେ କର କାଲି ରଣ
ମମ ଆଜ୍ଞା, ସାବଧାନ ! ନୋହିବ ଅନ୍ୟଥା
ସୁତର୍କେ ସରବେ ମିଳି କର କାଲି ରଣ
କର ବନ୍ଦୀ ବଧ କିମ୍ବା ଭୀମ ଅଭିମନ୍ୟୁ
ଯେ ଅଛେ ଯେ ବ୍ୟୂହ ମଧ୍ୟେ ବେଢ଼ି ତାକୁ ସର୍ବେ
ପାଶବଦ୍ଧ ସିଂହେ ଯଥା ବ୍ୟାଧବୃନ୍ଦ ମିଳି ।

## ଦଶମ ସର୍ଗ ।

### ଚନ୍ଦ୍ରପୁରକୁ ସ୍ୱପ୍ନ ଦେବୀଙ୍କର ଆଗମନ ଓ ରୋହିଣୀ ସହିତ କଥୋପକଥନ ।

ସ୍ୱପ୍ନଦେବୀ ଆଜ୍ଞାପାଇ ମହାନନ୍ଦ ମନେ
ଚଳିଲେ ଅଶ୍ୱିନୀ ଶୂନ୍ୟେ ବିଦ୍ୟୁତ ଗତିରେ
ବିଦ୍ୟୁତ ପ୍ରତିମେ ଶୁଭ୍ର ପ୍ରକାଶି ଗଗନେ ?
କ୍ଷଣ ମଧ୍ୟେ ପ୍ରବେଶିଲେ କ୍ଷପାକର ପୁରେ ।
ଚନ୍ଦ୍ରବଧୂ ମହାଗ୍ରହେ ପୁଚ୍ଛିଲେ ସର୍ବାଗ୍ରେ
" କୁଶଳତ ଅଶ୍ୱିନୀ ତୋ ଗମନ କେମନେ ?"
"ଆସିବେତ ଦେବୀ" ? "ଆସୁଛନ୍ତି ପଛେ" ହସି
ଭାଷିଲେ ଅଶ୍ୱିନୀ, ନବାନନ୍ଦ ମନେ ହେଲା,
ଆନନ୍ଦ ସଞ୍ଚାର, ସଞ୍ଚରଇ ତରୁ ଯଥା,
ବସନ୍ତ ପରଶେ ଜୀବନମଳମସ୍ତକ୍ଷୁଣ୍ଣ —
ମଳୟ ଅନିଳେ, ଜ୍ୱଳିଲା ନିର୍ବାଣ-ପ୍ରାୟ
ଦୀପ ତୈଳ ଦାନେ, ତହୁଁ, "କେମନ୍ତେ ଏକାକୀ
ହେଥି ଗଲୁ ଦେବୀ ପୁରେ, ଏକା ଦେଖି ସ୍ୱପ୍ନ-
ଦେବୀ କି କହିଲେ ତୋତେ" ପଚାରନ୍ତେ କେହି
ତହିଁ କହିଲେ ରୋହିଣୀ "ଶୁଣିଲୋ ଅମୃତ
ହେବ କେହି ଜଣେ ଯାଇ, ଯାଇଅଛି ବନ୍ଧୁ—
କଷ୍ଟ ପଥ ଶ୍ରମ ହେତୁ, ଭୁଞ୍ଜାଅ ପ୍ରଥମେ
କିଛି, ପଚାରିବ ପଛେ, ମହାରାଣୀ ଆଜ୍ଞା —
କ୍ରମେ ଆସିଲା ଅମୃତ, ଝିଏଲେ ଚୌଦିଗେ
ବେଷ୍ଟି ଶଶୀପୁର ନାରୀ; କନକାଭ ସ୍ୱର୍ଣ୍ଣ —
ପାତ୍ରେ ଢାଳି ସ୍ୱୟଂ ରାଣୀ, ଅଶ୍ୱିନୀ ହସ୍ତକୁ
ଦେଲେ ବଢ଼ାଇ ସାଦରେ, ସମ୍ମାନ ସମ୍ଭ୍ରମେ
ପାନେ ଧରିଲେ ଅଶ୍ୱିନୀ, ଶୀତଳିଲା ସ୍ୱେଦ
ଅଙ୍ଗୁ, ବ୍ୟଜନ କେ ଚାମର, ଅଶ୍ୱିନୀ ପାନାନ୍ତେ
ପୁନଃ ସ୍ନିଗ୍ଧ ହେଲେ ଯେବେ, ପୁଛିଲେ ରୋହିଣୀ
ରାଣୀ ଧୀରେ ଧୀରେ ପୁନଃ "ପାଇଲେ ଚକିତ
ତୋଠାରୁ ସ୍ୱପ୍ନ ଦେବୀ ହବ, କେମନ୍ତେ ସେ ପୁରୀ
ଶୋଭେ?" "କେତେ ଦୂର ହେବ" ? ଇତ୍ୟାଦି ବିବିଧ
ପ୍ରଶ୍ନ ପଚାରି ଧୀରେ, ଶୁଣିଲେ ବୃତ୍ତାନ୍ତ
ସର୍ବେ ଅଶ୍ୱିନୀ ମୁଖରୁ, ପଚାରିଲେ ପୁଣି
ବ୍ୟଗ୍ରେ "ଆସିବେତ କଷ୍ଟେ" "କଷ୍ଟସ୍ତ ଆସିବେ"
ବୋଲି କହିଲେ ଅଶ୍ୱିନୀ, ଏହାପର କହୁଁ—

କହୁଁ ସହସା ତକ୍ଷଣେ, ହେଲେ ଉପସ୍ଥିତ
ଦେବୀ, ସସମ୍ଭ୍ରମେ ଉଠି ସର୍ବେ ପ୍ରଣମିଲେ
ପଦେ, ସସ୍ନେହେ ଚିବୁକ ଧରି ଚୁମ୍ବି ଶିରଃ,
ଏକେ ଏକେ ଆଶିଷିଲେ ସମସ୍ତଙ୍କୁ ଦେବୀ;
କହିଲେ ଅକ୍ଷୟ ସ୍ନେହ ପାଇ ସ୍ୱାମୀଙ୍କର
ଥାଅ ମା ସରବେ ନିଜ ନିଜ ଗୌରବରେ,
ବସାଇଣ ସିଂହାସନେ ଦେବୀଙ୍କୁ ସମ୍ରାଜ୍ଞୀ
ବାଷ୍ପ ଗଦ ଗଦ ସ୍ୱରେ କହିଲେ ବ୍ୟାକୁଳେ,
"ମୋ କପାଳେ ଏତେ କଷ୍ଟ ଲେଖିଥିଲେ ବିଧି
ଜ୍ଞାନ ସତ୍ତ୍ୱେ କିଛି ମୁଁ ତ କରିନାହିଁ ଦୋଷ
ହାୟ ମା ! କି ଦୋଷେ କହ ଭୋଗେ ଏତେ କଷ୍ଟ
ସ୍ୱପ୍ନଦେବୀ ପୁଚ୍ଛିକରି ସ୍ୱଅଞ୍ଚଳ ଧୀରେ
ପୋଛିଣ ରୋହିଣୀ ଅଶ୍ରୁ କହିଲେ ବୁଝାଇ
ପାଗଳିନୀ ସମ କହ କାନ୍ଦିଲେ କି ହେବ ?
ହେଲୁଣିତ କାନ୍ଦି କାନ୍ଦି ଅସ୍ଥି ଚର୍ମ ସାର
କହ ମା ଏମନ୍ତେ ଲଭ ପାଉଛୁ କି କିଛି ?
ତୋ ଲଲାଟ ରେଖା କିଏ ଲିଭାଇବ କହ,
ଯା ଅଛି କପାଳେ ତୋର ଅବଶ୍ୟ ଘଟିବ ।
ଦୋଷ କଲେ ଦଣ୍ଡ ହେବ ନ ହେଲେ ନ ହେବ
ସବୁ ବେଳେ ସତ୍ୟ ନୁହେଁ ଏକଥା କହ ପି,
ଏ ଅଥର କର୍ମ ସଙ୍ଗେ ସମ୍ବନ୍ଧ ଅଳପ
ବିନା ଦୋଷେ ଦଣ୍ଡ ଯଦି ନ ହୁଅନ୍ତା କେବେ
କି ଦୋଷେ ଗ୍ରାସଇ ରାହୁ କହ ତେବେ ସୂର୍ଯ୍ୟ ?
ଜଗତ ତାମସ ଧ୍ୱଂସୀ ସହସ୍ର କିରଣ,
କି ଦୋଷେ ଅପକ୍ୱ ଫଳ ଝଡ଼ରେ ତରୁକୋଳୁ
ଅକାଳେ ସହଇ ? କିଦୋଷେ ବା କମଳିନୀ
ପୋଡ଼ିତ ଶିଶିରରେ,ତୀବ୍ର ସୂର୍ଯ୍ୟ ତେଜେ ସଦା
ହୁଏ ଟେଂ ପ୍ରଫୁଲ୍ଲ, ସବୁ ଏ ପ୍ରାରବ୍ଧ ଲେଖା,
ପୂର୍ବ ଜନ୍ମ କୃତ କର୍ମ ଫଳ ଏ ସମସ୍ତ,
କଲେ ବା ନ କଲେ ଦୋଷ ଏ ଜନମେ କେହି,
ଅଭଙ୍ଗ୍ୟ ସମସ୍ତ ଏବେ ଫଳିବ ନିଶ୍ଚୟ,
ଏହାହିଁ ନିୟତି ବୋଲି ବୋଲଏ ଜଗତେ ।
ଅବିଶ୍ରାନ୍ତ ଚଳେ ବିଶ୍ୱ ଏ ନିୟତି ବଳେ
ଏନିୟତି ଗତି କେବେଁ ନୋହିବ ବ୍ୟତ୍ୟୟ,
ଯେତେବେଳେ ଯା ହେବାର ଘଟିବ ନିଶ୍ଚୟ
ନ ହୋଇବ ଏଣେ ତେଣେ ତିଳାର୍ଦ୍ଧେ କଦାପି,
ଲକ୍ଷାଂଶୁ ଏକାଂଶ ଯଦି ପଲଟିବ କେବେ
ହେବ ଇତସ୍ତତଃ ଏହି ନିୟତିର ଗତି,
ତକ୍ଷଣେ ପ୍ରଳୟ ହେବ ଅକାଳେ ଏ ବିଶ୍ୱ,
ଅଚିନ୍ତ୍ୟ-କଳ୍ପନାତୀତ-ଅନାଦି- ଅନନ୍ତ-
ସ୍ଥାବର-ଜଙ୍ଗମ-ପୂର୍ଣ୍ଣ- ଚରାଚର-ବାସ ।
ନାହିଁ ମା କାହାର ସାଧ ଏ ବିଶ୍ୱ ବ୍ରହ୍ମାଣ୍ଡେ,
ରୋଧିବ ନିୟତି ଗତି ମୁହୂର୍ତ୍ତେ ମାତର,
ଯେ ନିୟତି ପରିଚର୍ଯ୍ୟା ବ୍ରହ୍ମା ବିଷ୍ଣୁ ହର,
ଆଉ ଅନ୍ୟ କାହା କଥା କହିବାର ଦୂରେ,
ନରାମର ଯକ୍ଷ କିମ୍ବା ଗନ୍ଧର୍ବ କିନ୍ନର
କ୍ରୀତଦାସ ରୂପେ ଯହିଁ ସୃଜନ ପାଳନ
ଧ୍ୱଂସ ଅହର୍ନିଶ କରନ୍ତି, ସେ ନିୟତି ଲେଖା,
ବିନ୍ଦୁ ବା ବିସର୍ଗ କେହି ପାରେ କି ଟଳାଇ ?
କପାଳ, ଅଦୃଷ୍ଟ, ଭାଗ୍ୟ, ନାନା ନାମେ ଲୋକେ
କହନ୍ତି ଏହାକୁ ସର୍ବେ ନିଜ ଇଚ୍ଛା ମତ
ସର୍ବ ଜୀବ କଡ଼ ଭାଗ୍ୟେ ଅଛି ଏହି ଲେଖା
ଈଶ୍ୱରେଚ୍ଛା ବିଜଡ଼ିତ ସ୍ୱ କରମ ଫଳ
ରହିଛି ସଞ୍ଚିତ ଯାହା ଗୁପତେ ଅଲକ୍ଷେ
କାଳ କ୍ରମେ ଘଟିବ ତା ଯେତେବେଳେ ଯାହା,
ଲକ୍ଷ ଚେଷ୍ଟା କରି କେହି ପାରେ କି ଏଡ଼ାଇ
ଅବଶ୍ୟ ଘଟିବ ତାହା ଯା ଥିବ କପାଳେ ।"
"ଯାଥିବ କପାଳେ ତାହା ଅବଶ୍ୟ ଘଟିବ ।
ନ ହୁଏ ବିଶ୍ୱାସ ମୋର, ଏତେ ଆଶା ଏତେ
ଚେଷ୍ଟା ଏତେ ଯେ ଉଦ୍ୟୋଗ,ସବୁ ବୃଥା ହେବ?

ନାହିଁ କିଛି ପ୍ରୟୋଜନ କହିବାର ଆଉ
ସତ୍ୟ ବୋଲି ଏହି ଯୁକ୍ତି ନ ଆସେ ମନକୁ
ଅତି ଅସଙ୍ଗତ କଥା ନ ହୁଏ ପ୍ରତ୍ୟୟ ।”
କହନ୍ତେ ଅଶ୍ୱିନୀ, ହସ ହସ ହୋଇ ପୁନଃ
ଉତ୍ତରିଲେ ଦେବୀ, “ଝିଅ ! ବାଳିକା ତୁ, ଅଳ୍ପ—
ମତି, କେମନ୍ତେ ବୁଝିବୁ କହ ଅନନ୍ତ ଏ
ତତ୍ତ୍ୱ; ତ୍ରିକାଳଦରଶୀ ଋଷି ମହର୍ଷିଙ୍କ
ସୂର୍ଯ୍ୟ-ସମ ଜ୍ଞାନା-ଲୋକେ ନୁହେଁ ଯା ସୁସ୍ପଷ୍ଟ,
ଖଦ୍ୟୋତ-ଦୀପ୍ତି-ପ୍ରତିମ କ୍ଷୁଦ୍ର-ଜ୍ଞାନେ ତୋର,
ଅଶ୍ୱିନୀ ! କେମନ୍ତେ କହ ହେବ ପ୍ରକାଶିତ,
ଜଟିଳ ଗମ୍ଭୀର ଅତି ସୁ କଠିନ ତତ୍ତ୍ୱ,
କ୍ଷୁଦ୍ର କୂପ ଭେକ କେବେ, ପାରଇ କି ବୁଝି
ପାରାବାର ଗର୍ଭେ କେତେ କି ଭାବେ ରହିଛି ।
ନୁହେ ଅସଙ୍ଗତ କିମ୍ବା ନୁହେ ମିଥ୍ୟା କେବେଁ,
ଧ୍ରୁବ ସତ୍ୟ ସୁସଙ୍ଗତ ଯୁକ୍ତି ପୂର୍ଣ୍ଣ ଏହା,
ବୁଝିବାକୁ ସାଧ୍ୟ ନାହିଁ ତୋର, ତେଣୁ ମହା-
ଭ୍ରାନ୍ତ ବୋଲି ବୋଧ ହୁଏ ତୋତେ, ଇଚ୍ଛାଯଦି
ଶୁଣିବାକୁ ଶୁଣ ମନ ଦେଇ, ଅଜ୍ଞ ଭବ
ଦେଖ ବାଳେ; ପାରବୁ କି ରହି ତୁହି; କର୍ମ
ଚେଷ୍ଟା ଉଦ୍ୟୋଗ ବା ଯାହା କିଛି କରୁଅଛୁ
ନିତ୍ୟ କର୍ମ ଅହର୍ନିଶ ପ୍ରତି ମୁହୂର୍ତ୍ତରେ,
ନ ପାରିବୁ ରହି କେବେଁ, ଭବିତବ୍ୟ ମନେ
ଏ ନିୟତି ଗତି ତୋତେ କରାଇବ ବାଧ୍ୟ,
ଟାଣି ଆଣି କରାଇବ ଅବଶ୍ୟଙ୍କ ମତ,
ବାଧ୍ୟ ହୋଇ କରିବୁ ତୁ କ୍ରୀତ ଦାସୀ ପରି
ସାମାନ୍ୟ ଗୋଟିଏ ବାକ୍ୟ ବୁଝୁଥିଲ ଶୁଣ
କେତେ କାଳୁ ସ୍ନେହଶୀତ ଭୋଗୁଅଛି କଷ୍ଟ,
ସେହିତ ଅଶ୍ୱିନୀ ତୁହି ସଙ୍ଗେ ଅଛୁ ସଦା,
ଯେତେବେଳେ ଡାକଥିଲୁ, ଆସିଥାନ୍ତି ନିଶ୍ଚେ
ଜାଣୁତ ଏ କଥା, କିପାଁ ନ ଡାକିଲୁ କହ,
ଏ ବେଳେ ବା ମୋତେ, କିପାଁ ଡାକିଲୁ କହ
ଏତେକାଳ ପରେ, ଏବେ ନିୟତିର ଗତି,
କେତେ ସ୍ପଷ୍ଟ ବୁଝିଲୁ କି ? ବୁଝିଲୁତ ପୁଣି
ଯେତେବେଳେ ଯା ହେବାର କେମନ୍ତେ ଘଟଇ ।”
ବୁଝିଲି ମୁଁ ପୁତ୍ତଳିକା ସମ ସର୍ବେ, ବିଶ୍ୱେ,
ଖେଳନ୍ତି ନିୟତି କରେ ପରାଧୀନ ହୋଇ,
ସ୍ୱାଧୀନତା ବୋଲି ବୋଲି ନାହିଁ କାର ବିଶ୍ୱେ,
କହନ୍ତେ ଅଶ୍ୱିନୀ ପୁଣି ଆରମ୍ଭିଲେ ଦେବୀ
“ଠିକ୍ ତାହା ନୁହେ, କେବେ ବା ସ୍ୱାଧୀନ କେବେ
ପରାଧୀନ ପୁଣି, ଜ୍ଞାନ ଶକ୍ତି ଅନୁଯାୟୀ
ସ୍ୱାଧୀନ ପରିବେ, ଦେହଧାରୀ ଭବେ, ଭବେ,
ପୂର୍ଣ୍ଣ ଜ୍ଞାନ ଶକ୍ତି କେହି ଲଭି ନ ପାରଇ,
ଯେ ହେତୁ ଅସୀମ ଏହା, କେମନ୍ତେ ପାଇବ
ସୀମା କହ ଅସୀମର; ସର୍ବେ ଚରାଚର
ବିଶ୍ୱେ ସୀମ ବଦ୍ଧ ଯେଣୁ, ସମସ୍ତଙ୍କ ଜ୍ଞାନ
ଶକ୍ତି ସୀମାବଦ୍ଧ ତଥା, ବୁଝୁଛୁତ ? ତେଣୁ
ଊଣା ଅଧିକରେ ଭବେ ପରାଧୀନ ସର୍ବେ,
ବ୍ରହ୍ମା ଆଦି ଯକ୍ଷନର, ଗନ୍ଧର୍ବ, କିନ୍ନର,
ପାତ୍ର ଭେଦେ ଏହା ପୁଣି ଭିନ୍ନ ସଭିଙ୍କର
ପଶୁ ପକ୍ଷୀ କୀଟ ନର ସୁରାସୁର ଆଦି,
ଯେ ଯାହା କର୍ତ୍ତବ୍ୟ ଦେଖେ ସ୍ୱଜ୍ଞାନ ଆଲୋକେ
ସେହି ତାର ପୁଣ୍ୟ ଧର୍ମ ନୁହେଁ ଅନ୍ୟ କିଛି ।”
ବୋଇଲେ ଅଶ୍ୱିନୀ “ତେବେ, ସମସ୍ତଙ୍କ ପାପ
ପୁଣ୍ୟ ଭିନ୍ନ ଭିନ୍ନ ହେବ ?” “ଦେଶ କାଳ ପାତ୍ର
ଭେଦେ ଅବଶ୍ୟ ବିଭିନ୍ନ,” “ନିଃସନ୍ଦେହ ଏହା
ବ୍ୟାଧ ଧର୍ମ ଋଷି ଧର୍ମ ନୁହେ ଏକା କେବେଁ”
ସ୍ୱପ୍ନ ଦେଖି ଉତ୍ତରନ୍ତେ, କହିଲେ ଅଶ୍ୱିନୀ,
ବ୍ୟାଧ ହୋଇ ଧର୍ମ କେହି ପାରେ କି ଅର୍ଜିନ୍ତି?
“ବ୍ୟାଧ ଧର୍ମୀ” ନୁହେଁ କିଏଁ, କି ଆଶ୍ଚର୍ଯ୍ୟ ଥାଉ
ଅନ୍ୟ କଥା ନ ଥିଲେ କି, ରାମଚନ୍ଦ୍ର ବ୍ୟାଧ

ବ୍ୟବସାୟୀ, ପିତୃସତ୍ୟ ପାଳନାର୍ଥେ ଗଲେ
ଯେବେ ବନେ, ଭିକ୍ଷୁ ବେଶେ ରାଜ୍ୟ ତେଜି ପତ୍ନୀ
ଭ୍ରାତା ସହ, ମୃଗୟାରେ✝ ଉଦର ସେ ପୋଷୁ
କି ନ ଥିଲେ ? ସଂଖ୍ୟାତୀତ ରକ୍ଷ ଗ୍ରାମ* ନାଶି
ଯେ ସଂଗ୍ରାମେ ଉଦ୍ଧାରଣ ଯେ ସୀତାଙ୍କୁ ଲଙ୍କା—
କାରାଗାରୁ ପରୀକ୍ଷିଲେ ହୁତାଶନେ ସର୍ବ—
ସମକ୍ଷରେ, ପୁଣି, ରାମଚନ୍ଦ୍ର ଅଯୋଧ୍ୟାରେ
ହେଲେ ଯେବେ ରାଜଦଣ୍ଡଧାରୀ ସେ ସୀତାଙ୍କୁ
ସତୀ ଶିରୋମଣି, ମିଥ୍ୟା ଅପବାଦେ ( ଆହା !
କେତେ କଷ୍ଟ ନ ଭୋଗିଲେ ସତ୍ୟ ଲୋକ ପାଇଁ)
ଅନ୍ତଃ ସତ୍ତ୍ୱା ସତ୍ତ୍ୱେ ବନେ ନିର୍ଦ୍ଦୟେ ତ୍ୟଜିଲେ
କହିବୁ କି ରାମଚନ୍ଦ୍ର ଥିଲେ ମହାପାପୀ ?
"ବୁଝିଲୁ କି କିଛି" ବୋଲି ଉତ୍ତରନ୍ତେ ଦେବୀ
"ମିଥ୍ୟା ଅପବାଦେ ବନେ ସତୀଙ୍କୁ ପେଷିବା
"ଅନ୍ୟାୟ ନୁହେଁକି ଏହା?" ଭାଷିଲେ ଅଶ୍ୱିନୀ
"ଅନ୍ୟାୟ ଏ ସତ୍ୟ, କିନ୍ତୁ, ନୁହଇ ଅଧର୍ମ"
ଭାଷନ୍ତେ ସ୍ୱପନ ଦେବୀ, କହିଲେ ଅଶ୍ୱିନୀ
"ଅନ୍ୟାୟ ଅଧର୍ମ ନୁହେ ଏ କେମନ୍ତ କଥା"
"ନ୍ୟାୟ ଧର୍ମ ମଧ୍ୟେ ଶୁଣ ପ୍ରଭେଦ ପ୍ରଥମେ—
ତେବେ ତୁ ବୁଝିବୁ ଯାଇ ଅନ୍ୟାୟ ଅଧର୍ମ;
ଆତ୍ମହିତ ପରହିତ ସଦା ସମଭାବେ
ନିରପେକ୍ଷେ ଦୁଇପକ୍ଷ ଦେଖେ ନ୍ୟାୟ, କିନ୍ତୁ;
ଧର୍ମ ଦେଖେ ପରହିତ ନିଜଠାରୁ ଶ୍ରେଷ୍ଠ
ନିରପେକ୍ଷତାକୁ ଧରି ନ୍ୟାୟ ସଦା ଚଳେ
ଧର୍ମ ଏକା ଚଳେ କିନ୍ତୁ ସ୍ୱାର୍ଥ ତ୍ୟାଗ ବଳେ
ତେଣୁ ନ୍ୟାୟ ଠାରୁ ଧର୍ମ ଶ୍ରେଷ୍ଠ, ସବୁ କାଳେ
ଉତ୍ତରନ୍ତେ ଦେବୀ ପୁଣି ପୁଚ୍ଛିଲେ ଅଶ୍ୱିନୀ
"କିପାଁ କଲେ ଏ ଅନ୍ୟାୟ ଦେବ ରାମଚନ୍ଦ୍ର?"
କହନ୍ତେ ଅଶ୍ୱିନୀ ଦେବୀ କହିଲେ ବୁଝାଇ
ରାଜ ଧର୍ମ- ପ୍ରଜାପୁଞ୍ଜ ମନରକ୍ଷା ପାଇଁ।
ଅଶ୍ୱିନି ! ଏ ରାଜଧର୍ମ ଅତି ସୁ କଠିନ
ନିଜ ସୁଖେ ତୁଚ୍ଛ ମଣି ପ୍ରଜା ସୁଖ ପାଇଁ
ପ୍ରାଣ ଦାନେ ସୁଦ୍ଧା ହୁଏ କରିବାକୁ ଯତ୍ନ,
ବେଳେ ବେଳେ ଯେ ଧର୍ମରେ ନ୍ୟାୟ ନ ରହିବ
ଜଳ ପୁତ୍ତଳିକା ପରି ପ୍ରଜା ମନୋମତେ
କାର୍ଯ୍ୟ ହୁଏ କରିବାକୁ, ଏ ଧର୍ମ ଅଶ୍ୱିନୀ;
ମହା ଦାୟିତ୍ୱର ଚିହ୍ନ ନୁହେ ଅନ୍ୟ କିଛି,
ଆଉ ରାଜପଦେ, ଉଚ୍ଚତମ ପଦ ବୋଲି
ବୋଲନ୍ତି ଯାହାକୁ ଏକା ସେ କେବଳ ମାତ୍ର
ମହା-ଅଶାନ୍ତି-ଆସ୍ପଦ ଜାଣିଥା ଜଗତେ,
କପାଁ କଲେ ରାମଚନ୍ଦ୍ର ଏ ଅନ୍ୟାୟ ଶୁଣ,
ସୀତା ଯେବେ ଗ୍ରହଣୀୟା ହେଲେ ରାଜାଙ୍କର
ଚତୁର୍ଦ୍ଦଶ ମାସ ରହି ରାକ୍ଷସ ଗୃହରେ
ଅନ୍ୟ ନାରୀ ଗ୍ରହଣୀୟା ନ ହୋଇବେ କପାଁ ?
ଶ୍ରେଷ୍ଠ ଯା ଅଟଇ ତାହା ଆଦର୍ଶ ଅନ୍ୟର,
ଏହି ଯୁକ୍ତି ବଳେ କ୍ରମେ, ଅସତୀର ରାଜ୍ୟ

✝ ମୃଗଂ ହତ୍ୱାନୟ କ୍ଷିପ୍ରଂ ଲକ୍ଷ୍ମଣେହ ଶୁଭେକ୍ଷଣେ
ଜହନ୍ ମେଧ୍ୟାନ୍ ମୃଗାନ୍ ହତ୍ୱା ଚେର ଧର୍ମ୍ୟ ମୁନାବନେ"
"ଆଗ ମିଷ୍ୟତ ମେ ଭର୍ତ୍ତା ପୁଣ୍ୟ ମାଦାୟ ପୁଷ୍କଳଂ
ରୁରୂନ୍ ଗୋଧାନ୍ ବରାହାଂଶ୍ଚ ହତ୍ୱାଦାୟା ମିଷଂବହୁ"
ଏହା ଛଦ୍ମବେଶି ରାବଣ କୁ ସୀତାଦେବୀ କହିଥିଲେ"। ବାଲ୍ମିକୀ
ରାମାୟଣ ଦ୍ରଷ୍ଟବ୍ୟ ।

* ସମୂହ

ପ୍ରଧରନ୍ତି ପ୍ରଜା ମଧ୍ୟେ, ଜଳେ ତୈଳ ଯଥା
ତେଣୁ ରାମ ବାଧ ହୋଇ ନ ଥିଲେହେଁ ଇଚ୍ଛା
ବିସର୍ଜିଲେ ସୀତା, ପ୍ରଜା-ମନ-ରକ୍ଷାହେତୁ,
ବୁଝିବୁ କି ଧରମର କେଡ଼େ ସୂକ୍ଷ୍ମ ଗତି
ଆଉ ଦେଶ କାଳ ପାତ୍ର ଭେଦେ ଧର୍ମ ଭିନ୍ନ
କେତେ; ଏବେ ଶୁଣ ସର୍ବେ ସ୍ୱାଧୀନ କେମନ୍ତେ
ଇଚ୍ଛାମତ କାର୍ଯ୍ୟ କେହି ନ ପାରନ୍ତି କରି
ସବୁବେଳେ କିନ୍ତୁ ବେଳେବେଳେ ପାରେ ତାହା ।
ଏତକି କେବଳ ଦତ୍ତ ସ୍ୱାଧୀନତା ତାଙ୍କୁ
ମାତ୍ର କାର୍ଯ୍ୟ ସଫଳତା ନୁହେ ସ୍ୱେଚ୍ଛାଧୀନ
ତାର, ଶୁଣିଛୁତ ତୁହି, ଦଶାନନ ଗୟା*
ଆଦି କେତେ ମହାସୁର, ଇଚ୍ଛିଥିଲେ ସୃଷ୍ଟି
ମଧ୍ୟେ ରଖିବାକୁ ବଶେ, ପାରିଲେ କି କେହି ?
ଏହି ରୂପେ ପାପ ପୁଣ୍ୟ ସ୍ୱୀୟ କ୍ଷେତ୍ର ମଧ୍ୟେ
କରି ପାରେ କେବେ କେବେ ନିଜ ଇଚ୍ଛା ମତ
ବଧି ପାରେ ବନ୍ଧ ଜୀବେ ବ୍ୟାଧ ଶତ ଖଣ୍ଡେ
ନିର୍ଦ୍ଦୟେ, କିମ୍ବା ସଦୟେ ଏକ ଖଡ୍ଗାଘାତେ,
ଏହି ରୂପେ ସର୍ବେ ନିଜ ସ୍ୱୀୟ କ୍ଷେତ୍ର ମଧ୍ୟେ
ସ୍ୱେଚ୍ଛାମତ ପାପ ପୁଣ୍ୟ ପାରନ୍ତି କରିଣ
ଏଣୁ ସବୁ ପାପ ପୁଣ୍ୟ ହୋଇଣ ଏକତ୍ର;
ରହିଇ ସଞ୍ଚିତ ଗୁପ୍ତେ ନିୟତିର କରେ
କାଳ କ୍ରମେ ଆସେ ପୁଣି ସୁଖ ଦୁଃଖ ରୂପେ
ନିଦାଘ ସଞ୍ଚିତ ମେଘ ବର୍ଷାକାଳେ ଯଥା—
ଏହିହେତୁ ବେଳେବେଳେ ଚଳନ୍ତେ ସୁପଥ
ମଧ୍ୟ ହୁଏ ବିପଥଗ, ଲୁକ୍କାୟିତ ବୀଜ
ଯାର ଥାଏ ସ୍ୱ କରମେ, ଜ୍ଞାନାଜ୍ଞାତ ପୂର୍ବ-
କୃତ ବସ୍ତୁ ପୁରାତନ, ଅକ୍ଷୟ ଅମର
ବୀଜ କରମର ଧ୍ରୁବ, ଉପସ୍ଥିତ ହେଲେ
କାଳ ଅବଶ୍ୟ ଫଳିବ, ବୁଝିଲୁ କି କର୍ମ
କଲେ ଫଳ ମିଳେ, ନୁହେ ମିଥ୍ୟା କଥା, ପାପ
ପୁଣ୍ୟ ଧର୍ମାଧର୍ମ ସତ୍ୟ ସୁସଙ୍ଗତ, ମିଥ୍ୟା
ନୁହେ କେବେହିଁ? "ବୁଝିଲି ମୁଁ" କହିଲେ ଅଙ୍ଗିର
କପାଳ କେବଳ କର୍ମଫଳ ନାମାନ୍ତର
ମାତ୍ର, ନୁହେ ଅନ୍ୟ କିଛି," "କପାଳ ପେ—
ନ କରେ ବିଶ୍ୱାସ, ଈଶ ଇଚ୍ଛା ବଳବତ
ସ୍ୱ କରମ ଫଳ ଏହା, କରେ ମୁଁ ବିଶ୍ୱାସ ।
ଏହି ଈଶ୍ୱରେଚ୍ଛା କେବେଁ ନୁହେ ଦୁଃଖ ଦାୟୀ,
ଅଜ୍ଞାନ ହେତୁରୁ କିନ୍ତୁ ବୋଧ ହୁଏ ଦୁଃଖ ।
ଅଜ୍ଞାନ ତିମିରେ ଜୀବ ଥାଏ ଯେତେ କାଳ
ତେତେକାଳ ଦୁଃଖୀ ବୋଲି ଅନୁଭବେ ସେହି
କିନ୍ତୁ ଜ୍ଞାନାଲୋକ ଯେବେ ହୁଏ ସେ ପ୍ରାପତ
ପୂର୍ବ ଦୁଃଖ, ଦୁଃଖ ବୋଲି ନ ହୁଅଇ ମନେ;
ସ୍ୱପ୍ନ ଭୁକ୍ତ କଷ୍ଟ ଯଥା ଜାଗ୍ରତରେ, କିମ୍ବା
ରଜ୍ଜୁକୁ ଭୁଜଗ ଭାବି ଅନ୍ଧକାରେ ଯଥା
ଭ୍ରାନ୍ତ ହୁଏ ବୃଥା ମନ, ଆଲୋକ ଆଗତ
ଗଲେ ଯାଏ ସେହି ଦୁଃଖ ସହସା, ତେସନ
ସତ୍ୟ ବୋଲି ଜଡ଼ ବିଶ୍ୱେ, ଅନୁଭବୁ ଯାହା
ଜ୍ଞାନ ପ୍ରାପ୍ତି ପରେ, କିନ୍ତୁ ନିଶ୍ଚୟ ସେ ବିଶ୍ୱେ
ମହା ମାୟାମୟ ବୋଲି ବୋଧ ହେବ ତୋତେ
ମରୀଚିକା ପରି ଯହିଁ ନ ଥିଲେହିଁ ବାରି,
ଦିଶେ ନୟନକୁ ଯେସନେ ସ୍ଥିତ ବାରି ତହିଁ,
ତେସନ ଜ୍ଞାନାନ୍ତେ ସତ୍ୟ ଜଡ଼ାତ୍ମକ ବିଶ୍ୱ,
ଅସତ୍ୟ ଅସାର ବୋଲି ହେବ ଅନୁଭୂତ
ଇନ୍ଦ୍ରଜାଲ କୃତ ଦ୍ରବ୍ୟ ଅଳୀକ ସଦୃଶେ ।
ଅଉ ଏହି ବିଶ୍ୱ ମହା ନାଟ୍ୟ ଶାଳା ରୂପେ
ଦିଶିବ ନୟନେ, ସର୍ବେ ମଞ୍ଚମର ଯହିଁ

* ଗୟାସୁର ।

ଶାନ୍ତି ଅନୁସାରେ ଅଭିନେତା ରୂପେ କାର୍ଯ୍ୟ
କରନ୍ତି ସତତ, ସେତେବେଳେ ବୁଝିବୁ ତୁ
ସକଳେ ସମାନ, ଦୁଃଖୀ ନୁହେ କେହି, ମାତ୍ର
ଦୁଃଖୀ ରୂପେ ସାଜିଛନ୍ତି ବିଶ୍ୱ ଅଭିନୟେ
ଦୁଃଖୀ ହେବା ଠାରୁ ଦୁଃଖୀ ସାଜିବା ପ୍ରକୃତ
ନୁହେଁକି ଆନନ୍ଦକର ? ନଚେତ ଏ ସଂସାର
ମହା ନାଟ୍ୟଶାଳା ରୂପେ ହେବ ଅନୁଭୂତ
ଜୀବ ଭୁଲେ ଯେ ଖେଳେ ଯହିଁ ନିର୍ବିକାର ଆତ୍ମା
ସଚ୍ଚିଦାନନ୍ଦ ସ୍ୱରୂପ ନିଷ୍କ୍ରିୟ ନିଷ୍କଳ,
ସତ୍ତ୍ୱ ରଜ ତମ ଭେଦେ ପ୍ରକୃତି ଆଶ୍ରୟି ।
ଏହି ସେ ରୋହିଣୀ ଏବେ କାହିଁ ଅଛି ଦୁଃଖେ
ଦେଖିବ ଯେ ସେବେ ଯାଇ ଭାରତ ଦୁର୍ଦ୍ଦଶା
ଆପଣାକୁ ଦୁଃଖୀ ବୋଲି ନ କହିବ ଆଉ;
ଶିକ୍ଷାର ଉପାୟ ଏହି ସଂସାରିକ ଦୁଃଖ
ପିତାର ତାଡ଼ନା ଯଥା ପୁତ୍ର ପ୍ରତି ଦୁଃଖ
ବିଦ୍ୟା ଲାଭେ ଯେବେ ସେହି ନ ଦିଅଇ ମନ
ଦୁଃଖ ସୃଷ୍ଟି ସଂସାରରେ ସୁଖ ସ୍ୱାଦ ପାଇଁ,
ସୁଖାପୂର୍ବଦୁଃଖ, ସୁଖ ପୂର୍ବ-ଦୁଃଖ ସଙ୍ଗେ
ସମ ନୁହେ କେବେହେଁ, ସ୍ୱଚ୍ଛତର ଦଗ୍ଧ ସ୍ୱର୍ଣ୍ଣ
ଅଦଗ୍ଧ ଅପେକ୍ଷା, ଦୁଃଖି-ସୁଖ ସୁଖୀ ସୁଖୁଁ,
ଶ୍ରେଷ୍ଠ ବହୁଗୁଣେ; ନ ଭୋଗିଛି ଜୀବନେ ଯେ
କଷଣ କଦାପି, ନୁହେ ଜ୍ଞାତ ତାକୁ କେବେହେଁ
ସୁଖ-ସ୍ୱାଦ ସତ୍ୟ ନିଶ୍ଚେ ଏହା ଜାଣିଥିବୁ ।"
ପୁଚ୍ଛିଲେ କୁଣ୍ଡିକା ମାଗୋ ଦେବୀଙ୍କୁ ସାଗ୍ରହେ
"କି ଭାବେ ସେ ଦେଶେ ସର୍ବେ କାଟୁଛନ୍ତି କାଳ
ଯେ ଦେଶେ ଜନମିଛନ୍ତି ଶ୍ରୀଗୁରୁ ଅମର"
'ସେ ଦେଶ ଦୁର୍ଦ୍ଦଶା ମୁହିଁ କହିବି କେମନ୍ତେ
ବର୍ଣ୍ଣି ନହେବ କ୍ଷୁଦ୍ର କାହାର କୁଣ୍ଡିକା—
ଯୁଗ ସର୍ବେଁ ଯା ଘଟିଛି ଭାରତେ ଯଥାର୍ଥ,"
ଏତେକ କହି ସ୍ୱପ୍ନଦେବୀ ଭାଷିଲେ ବିଷଣ୍ଣେ
ଦୀର୍ଘ ଶ୍ୱାସ ତେଜି ଧୀରେ ଗମ୍ଭୀର ବଚନେ
"ଫାଟିଯାଏ ହୃଦ ଭାବି ଭାରତ ଦୁର୍ଦ୍ଦଶା—
ଥିଲା ଯହିଁ ସତ୍ୟ, ତ୍ୟାଗ, ଦୟା, ଉପକାର,
ଅହିଂସା, ଅକ୍ରୋଧ, ଧୃତି, ନିଃସ୍ୱାର୍ଥପରତା,
କ୍ଷମା, ତପଃ, ଶୌଚ, ନ୍ୟାୟ, ଅକ୍ରୂରତା ଆଦି
ବିବିଧ ସେବକେ ମନ୍ତ୍ରୀ ସଭାସଦ ରୂପେ
ଧର୍ମରାଜଙ୍କର, ଏବେ ସେହି ଦେଶେ ହାୟ !
ଅଧର୍ମ କରଇ ରାଜ୍ୟ ଘେନି ଦଳ ବଳ,
କାମ,କ୍ରୋଧ, ମିଥ୍ୟା,ଲୋଭ, ମୋହ,ଦ୍ୱେଷ ଆଦି
ମନ୍ତ୍ରୀ ରୂପେ ମଦ, ତହିଁ ହିଂସା ସେନାପତି,
ସେବକ ପଣରେ କାମ କ୍ରୋଧାଦି ଖଟନ୍ତି;
ନାହିଁ ସୁଖ ନାହିଁ, ଶାନ୍ତି ଭାରତରେ ଆଉ
ଯାଇଛି ବସନ୍ତ ଏବେ ଘୋର ଗ୍ରୀଷ୍ମ ତହିଁ !
ବଳୀ ଉତ୍ପୀଡ଼ନ ଗ୍ରୀଷ୍ମ ବହ୍ନି ହେତୁରୁ
ବ୍ୟାକୁଳ ସକଳେ, ତୀବ୍ର ଅଶାନ୍ତି ତାପରେ,
ଅତେବ ଭାରତବାସୀ କାଟୁଛନ୍ତି କାଳ;
ଦୃଢ଼ ସୂତ୍ରବତ ତହିଁ ରହିଅଛି ଧର୍ମ,
ସୃଜିଥିଲେ ବିଶ୍ୱ ପିତା ଦୟାକରି ଯାହା
ତରିବାକୁ ଏକା ତରୀ ଏ ଭବ ସାଗର
ମହା ମାୟାମୟ, ଯହିଁ ନ ଥିଲେହେଁ ସୁଖ
ସୁଖ ଅଛି ବୋଲି ସଦା ସତ୍ୟ ଜାଣେ ମନ ।
ମରୁ ମରୀଚିକା ଯଥା ମୃଗଗଣ ପକ୍ଷେ
ବୃଥା ଦୁଃଖ ହେତୁ ହୁଏ ତୃଷ୍ଣାରେ ଭ୍ରମାଇ;
ଦେଶ ଖାଣ୍ଟି ସୁନାପରି ନୁହଇ ଯେ ସୁନା
ମାତ୍ର ଅସାର ଟ୍ୟାମିକା * ଜାଣି ଶୁଣି ସ୍ୱେଚ୍ଛା
ସଂସାର ସମସ୍ତ ରୂପେ ଅସାର, ତଥାପି
ସରବେ ଭାବନ୍ତି ତାକୁ ସାରରୂପେ, ପୁଣି ।

* ଭେଲ୍

ଜାଣନ୍ତି ଯଦ୍ୟପି ଯହୁଁ ସହସ୍ର ଚେଷ୍ଟାରେ
ଶତଦୁଃଖ ବିଜଡ଼ିତ ମିଳେ ଏକ ସୁଖ,
ବିଷୟ ବାସନା-ତୃପ୍ତି-ରୂପୀ, କ୍ଷଣସ୍ଥାୟୀ
ନ ମିଳେ ସରବ ଭାଗ୍ୟେ ସୁଲଭେ ସେ ପୁଣି,
ମିଳେ ଯଦି କେବେ ଅଣେ ଆଗେ, କିମ୍ବା ଶେଷେ
ଆଧି✝ ବ୍ୟାଧି ମହାଦୁଃଖ ଚରିତାର୍ଥ ଯାର
ଅସିଧାର-ଲିପ୍ତ-ମଧୁ, ଆସ୍ୱାଦେ ଯେସନ
ରସନା କ୍ଷତର ଦୁଃଖ ସ୍ୱାଦୁ ସୁଖ ସଙ୍ଗେ
ଉଷ୍ଟ୍ର-କଣ୍ଟକ-ଭୋଜନ ନ୍ୟାୟଦୃଷ୍ଟାନ୍ତେ ଯାହା)
ତଥାପି ସେ ସୁଖ ଆଶେ ବାଇ ହୋଇ ଏତେ
ପୁନଃପୁନଃ କରୁଥାନ୍ତି ସେ ସୁଖ-ଲାଳସା
ବାରମ୍ବାର ହୋଇ ମୂଢ଼ା ମହା ଦୁଃଖ ଗ୍ରସ୍ତ
ଚିର କ୍ରୀତ-ଦାସ ରୂପେ କାମାଦି ରିପୁଙ୍କ
ନ କହୁଁ ଅଶକ୍ୟ ରୁହି ପାଳନ୍ତି ସେ ଆଜ୍ଞା;
ଏତେ ଯେ ମମତା ପୁଣି କି କହିବ ଆଉ
ମୋର ମୋର କହି ଯହୁଁ କାଟୁଛନ୍ତି କାଳ,
ଜାଣି ନ ଜାଣନ୍ତି ମୂଢ଼ା କେହି ନୁହେ କାର,
ବାଟର ବାଟୋଇ ଯଥା ଯାଉଁ ଯାଉଁ ବାଟେ,
କ୍ଷଣେ ଦେଖା ଚୁହାଁ କରି ନାନା ଲୋକ ସଙ୍ଗେ,
କାହାର ସଙ୍ଗେ ବା ପଦେ ଅଧେ କଥା କହି
ଫେରି ଯାଏ ଗୃହେ ପୁଣି ଯଥାକାଳେ ସେହି
ସାରି ସ୍ୱୀୟ ଅଭିନୟ; ସେହିପରି ସିନା
କେହି ଆଗେ କେହି ପଛେ ଚାଲିଯିବେ ସର୍ବେ,
ଯିବ ସେ ନିଶ୍ଚୟ ଯେବେ ଆସିଛି ଯେ ଭବେ
(ମରଣ ନିଶ୍ଚୟ ତାର ଜନ୍ମ ଅଛି ଯାର)
ଭବ ରଙ୍ଗ ମଞ୍ଚୁ ସର୍ବେ ସାରି ଅଭିନୟ;
ନିଜ ନିଜ ପିତା ମାତା ଶତ୍ରୁ ମିତ୍ର ସଙ୍ଗେ
ଯା ସଙ୍ଗେ ସମ୍ବନ୍ଧ ଯାର ଯେତେବେଳ ଯାଏ.

ଯବନିକା ଅନ୍ତରାଳେ ଅସିଥିଲେ ଯହୁଁ,
ତଥାପି, କୃଷ୍ଣତା ସମ ଅଙ୍ଗାରେ, ମମତା
ମୃତ୍ୟୁ କାଳେ ଥାଏ ମୂଢ଼ା ସୁଦୃଢ଼ ହୃଦୟେ,
ହୁଏ ଯଦି କେହି ତେବେ ସାଧୁ ଉପଦେଶ
ବାଟ ପାଇଁ ନିଜ ହାତେ କରିଯାଅ କିଛି
ପ୍ରାଣ ଥାଉଁ ଥାଉଁ, ଶୁଣି ନ ଶୁଣିଲା ପରି
ରହି ଥାନ୍ତି ଧୀରେ ପକାଇ ନାନାଦି କଥା
କି କରିବ ପୁତ୍ର ପୌତ୍ର କି କରିବ ପତ୍ନୀ—
କଣ୍ଠାଗତ ପ୍ରାଣ, ଭାବୁଥାନ୍ତି ତେବେ ମୂଢ଼ା;
ବିଷୟ ବାସନା ଅହୋ ! କେଡ଼େ ଦୃଢ଼ ଫାଶ
କାଢ଼ି ନେବେ ଅଙ୍ଗୁ ବସ୍ତ୍ର ଜାଣନ୍ତି ସେ ଯଦି
ମରଣାନ୍ତେ, ତେବେ ମୂଢ଼ା ନ ଭାବନ୍ତି ତିଳେ
ଜୀବ ମୋକ୍ଷଦାତା କର୍ତ୍ତା ଜଗତ ପିତାଙ୍କୁ,
ରେଶମର କୀଟ ଯଥା ଭାବି ଅନ୍ଧ ହାୟ !
ସ୍ୱୀୟ କୃତ ଜାଲେ, କରି ବନ୍ଧ ଆପଣାକୁ
ଘାଣ୍ଟି ହେଉଥାଏ ପଡ଼ି ଅମୁହାଁ ହୋଇଣ
(ଇଚ୍ଛା କଲେ ସେ ଜାଲକୁ କାଟି ଖଣ୍ଡେ ଖଣ୍ଡେ
ମୁକ୍ତ ହୋଇପାରେ କ୍ଷଣେ କିନ୍ତୁ, ତଥାପି ସେ
କହ କାହିଁ କି ଆଗେ ?) ସେହିପରି ସିନା
ଦୁଶ୍ଛେଦ୍ୟ ମମତା ଜାଲେ ପଡ଼ି ନିରନ୍ତର
ଧନ ଜନ ପ୍ରତି ଦୃଢ଼େ ଆକୃଷ୍ଟ ହୋଇଣ
ଘାଣ୍ଟି କାଳ କାଟୁଥାନ୍ତି ପ୍ରପଞ୍ଚ ଜଞ୍ଜାଳେ ।
କି ଅଛି ଆଶ୍ଚର୍ଯ୍ୟ ଆଉ ଏହାଠାରୁ ବଳି
ପାରନାହିଁ କାଟି କେହି ସେହଣି ! ମମତା-
ନୀରେ ରେଖା ସମ ଏହା, ଯେତେ କାଟୁଥିଲେ
ପୁଣି ମିଳିଯାଏ କ୍ଷଣେ; ଭବ-ଗୁପ୍ତ-ତତ୍ତ୍ୱ
ଏହା ଅତୀବ ଦୁର୍ବୋଧ୍ୟ, ଶୁଣ ପୁଣି, ଆଉ,
ଆସକ୍ତି ନାମରେ ଖ୍ୟାତ ଅତି ଦୁଷ୍ଟମତି

✝ ମନୋବ୍ୟଥା ।

ଆସେ କାଳ ଗୁଞ୍ଜିହୋଇ ନ ଡାକଲେ ସୁଦ୍ଧା
ନିଯତାଂ† ଲତିକା ସମ ମୂଳ ନାହିଁ ଯାର,
ଜୀବ ସ୍ୱା ଆଶ୍ରୟ କର ରହିଥାଏ ସଦା,
ବେଶ୍ୟା ସମ ମନୋହର ସୁଷମାରେ ବାହ୍ୟ,
ନାଗିନୀ ସଦୃଶ ମାତ୍ର ଭୀଷଣ ଅନ୍ତରେ;
ଅମୃତ ଭ୍ରମରେ ଯେ ରେ, ମୁହୁର୍ମୁହୁ ଲୋକେ
ପିଉଥାନ୍ତି ବିଷ, ହର୍ଷେ ସୋମରସ ସମ,
ଯେତେ ପିଉଥିଲେ ତେତେ ବଢୁଥାଏ ତୃଷା
ମଦ୍ୟପର ତୃଷା ସମ, ନା—ନା—ତତୋଧିକ
ଶତ ଗୁଣ ହେବ, ଯେତେ ବୃଦ୍ଧ ହୁଏ ତେତେ
ବଢଇ ମମତା, ଶୂନ୍ୟ ଯୋଗେ ଅଙ୍କ ଯଥା —
( ମନୁଷ୍ୟ ମନୁଷ୍ୟ ଥାଏ ବିବାହ ପର୍ଯ୍ୟନ୍ତ
ପରିଣୟେ ଚତୁଷ୍ପଦ ହୁଏ ପରିଣତ
ଆଉରେ ଷଟ୍‌ପଦ ସେ ଲଭିଲେ ସନ୍ତତି
ଲୂତା ସମ ଅଷ୍ଟପଦୀ ଜନମିଲେ ନାତି )
ମହା ଦୁଃଖେ ଘଣ୍ଟିହୋଇ କାଟୁଥାନ୍ତି କାଳ
କୁଟିଳା ପୁଂଶ୍ଚଳୀ* କରେ ପୁଂସ ଶୋଷଣ ଯଥା ।
ଏ ବିଷ ବିଷଘ୍ନ ଏକା ସେହି ମହୌଷଧି
ବିଶ୍ରୁତ ବୈରାଗ୍ୟ, ଦୂର ଉପାଦାନେ ଗଢ଼ା;
ଅନାସକ୍ତି ବୋଲି ଯାକୁ କହନ୍ତି ଜଗତେ
ଥିଲେ ପଦ୍ମଦଳ ସମ, ଜଳରୁ ଜନମ
ମାତ୍ର ନ ଲାଗଇ ଜଳେ । ଏ ଭବ ସାଗରେ
କିନ୍ତୁ ରହିବା ଏ ରୂପେ ନୁହଇ ସହଜ
ଯେ ରହେ ମୁକ୍ତ ସେ ଭବ ବନ୍ଧନୁ ନିଶ୍ଚୟ,
ଯାବତ୍ ନ ହୋଇବ ଅନାସକ୍ତ ଲୋକ
ନୋହିବ ପ୍ରକୃତ ସୁଖୀ ମୁକ୍ତ ବା କଦାପି;
ଏହି ଅନାସକ୍ତି ଶିକ୍ଷା ଦେବ ପାଇଁ ସିନା

ରହିଛି ସୋପାନ ରୂପୀ ନିଷ୍କାମ କରମ,
ଭକ୍ତି, ଜ୍ଞାନ ତଦୁପର, ଏକପରେ ଏକ-
କରି ତିନୋଟି ପାବନ୍ତି — ଜିଜ୍ଞାସୁ ପିପାସୁ,
ଯେହ୍ନୁ ପ୍ରକୃତ ଧର୍ମର, ଯିବାର ଉଚିତ
ତାର ସେ ଧାବନ୍ତି ଧରି, ସାଗରଭିଳାଷି—
ବାରି ବରଦର ଯଥା ସ୍ରୋତ ଅଗ୍ରେ ଯାଏ,
ଶୈଳ-ଶିରୁ ଝରଣାକୁ, ଝରୁ ପୁଣି ନଦୀ
ଏହିରୂପେ ଯାଇ ମିଶେ ସାଗର ସଙ୍ଗମ ।।
ଜାଣିଥିଲେ ଏହି ତତ୍ତ୍ୱ ଧରମର ସାର,
ଜାଣିଥିଲେ ପୂର୍ବେ ପୁଣି ଧ୍ରୁବ ବୋଲି ଏହା,
କଦାପି ନ ମିଳେ ସୁଖ ଅଧର୍ମ ପଥରେ,
ଚଳୁଥିଲେ ସଦା ତେଣୁ ସର୍ବେ ଧର୍ମ ପଥେ
ସୁବର୍ଣ୍ଣେ ଆଶ୍ରମ-ଧର୍ମ କରଣ ପାଳନ,
ଯଥାବିଧି ବ୍ରହ୍ମଚର୍ଯ୍ୟ ନିତ୍ୟକର୍ମ ଆଦି
ସାଧୁଥିଲେ ପରହିତ, ଦେହ ଦାନେ ସୁଦ୍ଧା ।।
ଥାଉ ଅନ୍ୟ କଥା ଜାଣୁ କି ସେହିଣି ତୁହି,
ଯାଲାଗି ହୋଇଛି ଇନ୍ଦ୍ର ବଜ୍ରଧାରୀ ଭବେ
କି ଦେଇ ନିର୍ମିତ ସେହି ବଜ୍ର ମହା ଅସ୍ତ୍ର
ଦୈତ୍ୟ-ଦାବାନଳ-ରୂପୀ ତ୍ରିପୁର-ଭସ୍ମଦ—
ବ୍ରାହ୍ମଣ-ପୁଙ୍ଗବ ଦେବ ଦଧୀଚି ଅସ୍ଥିରେ,
ଦେଇଥିଲେ ବାସବଙ୍କୁ ମହାଯଶା ଏହା
ତେଜି ଯୋଗ ବଳେ କାୟା ସମାଧିସ୍ଥ ହୋଇ
ବୀତ ବାରବତ ଆତ୍ମା ପରମାତ୍ମା ସଙ୍ଗେ
ମିଳାଇ ଜୀବାତ୍ମା ତର ଇଚ୍ଛାରେ ଶାଶ୍ୱତ;
ଦୈତ୍ୟ ଉପୀଡ଼ନ ଯେବେ ନ ପାରଣ ସହି
ଯାଚିଲେ ଆତୁରେ ଅସ୍ଥି ମୁନିଙ୍କୁ ଆସି
ସ୍ୱୟଂ ଦେବପତି ଯାଇ ଅତିଥି ରୂପରେ

† ଏକ ପ୍ରକାର ପତ୍ର ବିହୀନ ଲତା 'ନିର୍ମୂଳି ଲତା'
* ବେଶ୍ୟା ।

ଦୈତ୍ୟ କୁଳ ଦନମଣି ବୃତ୍ର ନିଧନାର୍ଥେ,
ସେବ ବହୁକାଳ ପାଇ ବର ବ୍ରହ୍ମା ଠାରୁ ।
କି ଥିଲା କି ହେଲା ହାୟ ! ଭାରତରେ ପୁଣି
ଦ୍ୱିଜ କୁଳ ଶିରୋମଣି ବ୍ରାହ୍ମଣ ଯେ ଦେଶେ
ମହା ଜ୍ଞାନୀ ହୋଇଥିଲେ ସର୍ବତ୍ୟାଗୀ ସଦା,
ହେଲେଣି ସେ ମହାଜ୍ଞାନୀ ସର୍ବାତ୍ୟାଗୀ ଏବେ
ଆସ୍ତି ହିଂସା ଲୋଭ ଅନ୍ଧ ପଥ ଅଧର୍ମର
ତ୍ୟକ୍ତ ଯାଗ ଯୋଗ ଆଦି ଧର୍ମକର୍ମ ମାନ,
ସର୍ବ ଭୂତ ହିତେ ରତ ଥିଲେ ଯେଉଁ ଜାତି
ସର୍ବ ଭୂତାହିତେ ରତ ହେଲେଣି ଏବେ ସେ,
ଯଜ୍ଞ ସୂତ୍ର ଛଳେ ଯେହ୍ନ ତ୍ରିଗୁଣ ଧାରଣ
କରୁଥିଲେ ପ୍ରକୃତର, ତାଙ୍କ ବଂଶଧରେ
ତ୍ରିଗୁଣୁଁ ତୃତୀୟ ଗୁଣ କରିଣ ଧାରଣ
ତ୍ରିଗର୍ତ୍ତି * ପୁକ୍ରାବ-କାସ୍ଥ ହୋଇଛନ୍ତି ଏବେ,
ଡିତ୍ଥ ଡବିତ୍ଥ ଯେସନ ନାମେ ହସ୍ତୀ ମୃଗ
ହବତେ ବର୍ଣ୍ଣିଜ ଦ୍ୱିଜ ହେଲେଣି ସେପରି;
ବୋଲାନ୍ତି ସେ ନାମେ ମାତ୍ର ଦ୍ୱିଜ ବା ବ୍ରାହ୍ମଣ
ଗୁଣେ ବା କର୍ମେ କିନ୍ତୁ ଶୂଦ୍ରାରୁଁ ଅଧମ
ଧାରଦ ବାରଦ ଯଥା ନାମକୁ ବାରଦ,
କିମ୍ବା ରଙ୍କ ପୁତ୍ର ନାମ ରଖିଲେ କୁବେର,
ଡାକନ୍ତି ଗ୍ରାମରେ ତାକୁ କୁବେର ବୋଲିଣ
କିନ୍ତୁ ଧନପତି ଗୁଣ ଥାଏ କି ତା ଠାରେ?
ନ ଥିଲେ ହେଁ ଗୁଣ ଦେହେ ଆପଣାକୁ ଗୁଣୀ
ବୋଲି ଜଣାନ୍ତି ଅପରେ କି କହିବ ଆଉ
ତୁଚ୍ଛ ଆଭିଜାତ୍ୟ ଗର୍ବ ଅହମିକା ସଙ୍ଗେ
ଶୂନ୍ୟ କୁମ୍ଭ ଶବ୍ଦ ସମ ଦେଖାଇ ଲୋକଙ୍କୁ
ବଡ ମଜା ଯୁକ୍ତି ଥୋକେ କରୁଥାନ୍ତି ପୁଣି
କମ୍ବୁ କମ୍ବ ଜାତି ପୁଣି ଅମ୍ଭ ଅମ୍ଭ ସଦା
ପ୍ରକୃତ ନିୟମ ଏହା ନ ଜାଣେ ବା କିଏ?
କିନ୍ତୁ କି ଜାଣନ୍ତି ମୂଢ଼େ ହାସ୍ୟ ଲାଗେ ମୋତେ
ରୂପେ ବର୍ଣ୍ଣେ ଗନ୍ଧେ ସ୍ୱାଦେ ନାନା ପରକାରେ
ଆମ୍ର ନିମ୍ବ ମଧ୍ୟେ ଭେଦ ରହିଛି ସର୍ବଦା
ମନୁଷ୍ୟେ ମନୁଷ୍ୟେ ଭେଦ ଅଛି କି ସେପରି
ବ୍ରାହ୍ମଣ କ୍ଷତ୍ରିୟ ବୈଶ୍ୟ ଶୂଦ୍ର ମ୍ଲେଚ୍ଛ ମଧ୍ୟେ ?"
ସସ୍ନେହେ ସାଗ୍ରହେ ରାଣୀ ପୁଚ୍ଛିଲେ ଦେବୀଙ୍କୁ
"ପ୍ରବଳ ବାସନା ମନେ ଦେଖିବାକୁ ମାତଗୋ !
ସେହି ମର୍ତ୍ତ୍ୟ ପୁରୀ ଯହିଁ ବସନ୍ତି ମୋର
ଜୀବର ଜୀବନ, ଆଉ ଆହାର ବିହାର
ସତ ମିତ ବା କପଟ, କପଟ ଜୀବନ
ସର୍ବେ କରନ୍ତି ଯାପନ, ଶୁଣି ଅଛି ପୁଣି
ଜନ୍ମ ମୃତ୍ୟୁ ଅହରହ ଲାଗିଅଛି ତହିଁ
ହେଉଛି ଉଦ୍‌ବେଗ ସଦା ଅତି ଆକୁଳିତ
ପିଞ୍ଜର-ଅବଦ୍ଧ-ପକ୍ଷୀ ସମ ପ୍ରାଣ-ମମ
ଦୟା କରି ବାରେ ମୋତେ ଦେଖା ମା ସେ ପୁର?
ଏତେକ କହିଇ ହିଅ ଅଳି ନେତ୍ରପଦ୍ମରେ
ତୋ ବିନା କାହାର ସାଧ୍ୟ ଅଛି ତ୍ରିଭୁବନେ
ଅନେକ ଅଦ୍ଭୁତେ ଦୃଷ୍ଟି ଅସମ୍ଭବ ପରି
ଏ ବାସନା କିଏ ମୋର କରିବ ପୂରଣ?"
"ପାଗଳୀ ପରି କାହିଁ ହେଉଛୁ ଅଧୀର"
ହସି ହସି ହୋଇ ଦେବୀ କହନ୍ତେ ସପ୍ରେମେ
ସସ୍ନେହେ ବୁଲାଇ କର ରୋହିଣୀ ପୃଷ୍ଠରେ,
"ଦେଖିବୁ କୌତୁକେ ତୁହି ନର ନାରୀଙ୍କର
ନାନା ବିଧ ଲୀଳା ଖେଳା ସେ ନବ ରାଜ୍ୟରେ;
କେତେ ନବ ନବ ଦୃଶ୍ୟ ଗୃରୁ ଅନୁପମ
ଅଦୃଷ୍ଟ-ପୂରବ ଆଉ ଅଶ୍ରୁତ-ପୂରବ,
କିନ୍ତୁ ମା ଗୋଟିଏ କଥା, ନ ପାରିବୁ ଯାଇ

* ଚୂଲ୍ଲୀ, ଶଙ୍ଖ, କାଚ ।

କେବେହେଁ ଏ ଶରୀର ଘେନି, ସ୍ୱର୍ଗ-ମର୍ତ୍ତ୍ୟ ଦେହ
ଭିନ୍ନ ବିଭିନ୍ନ ଭୁବନେ । ସ୍ଥାନ ଅନୁଯାୟୀ
ଦେହ ସୃଜିଛନ୍ତି ସ୍ରଷ୍ଟା ଜଳଜ ଜୀବର
ଦେହ ଜଳ ବାସ ଉକ୍ତ, ବାୟୁବାୟୁ ଲୋକେ
ସେ କି ପାରଇ ପ୍ରବେଶି? ସ୍ୱର୍ଗ-ସ୍ୱର୍ଗ ଏହା,
ନ ପାରଇ କେହି ଲଙ୍ଘି ଭଲେ ହେଲେ ତାକୁ"
କହନ୍ତେ ରୋହିଣୀ କାନ୍ତ ଉଜଳିଲା ବକ୍ଷ
ଚକ୍ଷୁ ଛଳ ଛଳ କରି, ମଥା ପୋତି ତଳେ
ଅନ୍ୟ ମନେ ଗଲୁଥିଲା ପାଦାଙ୍ଗୁଳି ଧୀରେ
ଭାବୁଥିଲା ମନେ ମନେ ରୋହିଣୀ କି ଅବା,
ଅଇଲା କିପାଇଁ ତେବେ? ଦେଖିବ କେମନ୍ତେ?
ଇତ୍ୟାଦି ବିବିଧ କଥା ନ ପ୍ରକାଶି ମୁଖେ,
ସେ ବେଳେ ରୋହିଣୀ ଚୁପ ଥାଇବେ କି ଅବା;
କରୁଥିଲା ସୁବର୍ଣ୍ଣିନୀ ବାତୁଳୀ ରୂପରେ
କ୍ରୋଧ ବିଷାଦର ମିଶ୍ର ଲକ୍ଷଣ ପ୍ରଭବ ।
ବନ୍ଧୁ କଷ୍ଟେ କରଗତ ଚିର ଦୁଃଖିନୀର
ପରଶ ମଣିକି ହେଲା ସାମାନ୍ୟ ସ୍ଫଟିକ,
ଆଶା ମଣି ଥିଲା ଯାକୁ ପାଇବାର ନୀର
ମରୁ ମରୀଚିକା ହେଲା କପାଳକୁ କ୍ଷଣେ
ଲିଭିଲା କି ଆଶାଦୀପ ଉଜ୍ଜ୍ୱଳ, କ୍ଷଣକେ
ନୈରାଶ୍ୟ ଝଟିକା ବେଗେ, ଭାଙ୍ଗିଗଲା ଆଶା
ସୁଖ ସ୍ୱପନ ସଦ୍ମ ମଣୁଥିଲା ଯାକୁ
ତାହା ଜଗତରେ ସତ୍ୟ "କଷ୍ଟେ ଦେଖାଇବ
ସସ୍ମିତେ ସମ୍ମୁଖେ ଦେବୀ କହିଲେ ସସ୍ନେହେ
କିପାଁ ଘୃଣା କରୁଅଛୁ ମନ ତୁ ତୁଚ୍ଛାରେ
ଏ ବିଶ୍ୱ ସଂସାର ମୋହଟାରୁ ଜନ୍ମ ଲଭି
ମୋ କୋଳେ ଲିଭଇ, ଯଥା ଜଳରୁ ବୁଦ୍‌ବୁଦ୍,
ଧୈର୍ଯ୍ୟ ଧର ଯୋଗବଳେ ଦେଖାଇବି ତୋତେ,
ଯେଉଁ ଯୋଗ ବଳେ ଯୋଗୀ ବଳୀ ହୋଇ ଅଳ୍ପେ
ପ୍ରକୃତିକୁ ଦାସୀ ରୂପେ ରଖନ୍ତି ସତତ,
ନାହିଁ ପ୍ରତିହତ ଗତି କାହିଁ ତାଙ୍କ ଭବେ
ସଦା ଅବାରିତ ଦ୍ୱାର ଅନଳେ ଅନିଳେ
ଜଳେ ସ୍ଥଳେ ବ୍ୟୋମ ମଧ୍ୟେ, ଅସାଧ୍ୟ ତାହାଙ୍କୁ
କିଛି ନାହିଁ ଏ ଜଗତେ, ଇଚ୍ଛିଲେ ସେ ରବି-
ରଥ ପାରନ୍ତି ରୋଧିଣ, ମୁହୂର୍ତ୍ତେ ଇଚ୍ଛିଲେ
ଥାଉ ଅନ୍ୟ କଥା ଦୂରେ, ପାରନ୍ତି ସୃଜିଣ
ନବ ବିଶ୍ୱ ସେ କ୍ଷଣକେ, ବିଶ୍ୱାମିତ୍ର ଯୋଗୀ
କଥା ନାହିଁ କଲେ ଶୁଣି; ଏ ମହା ମହିମ
(ଖ୍ୟାତ ମର ନର କୁଳେ ଅମର ଯା ନାମ)
ତପୋବଳେ ନବ ସ୍ୱର୍ଗ ସୃଜିଥିଲେ ଯେବେ
ସ୍ୱର୍ଗ ଚ୍ୟୁତ ହୋଇଲେ ଯେବେ ନୃପତି ତ୍ରିଶଙ୍କୁ,
ମୋତେ ସେବି ଲଭେ ଯୋଗୀ ଏହି ଯୋଗୈଶ୍ୱର୍ଯ୍ୟ
ଦେଖିବୁ ତୁ ଦେଖ ତେବେ" କହନ୍ତେ ଏତିକ;
ହଜିଗଲା ବାହ୍ୟଜ୍ଞାନ ସମସ୍ତଙ୍କ କାହିଁ
ଅଶ୍ୱିନୀ ଭରଣୀ ଆଦି ସହଚରୀଙ୍କର
ରୋହିଣୀ ସହିତ ଯେତେ ଥିଲେ ଉପସ୍ଥିତ
ନ ଦିଶିଲା ନ ଶୁଭିଲା କ୍ଷଣ କାଳ କିଛି
ଘନାବୃତ ସ୍ଥିର ଅମା ନିଶୀଥେ ଯେସନ
ଅକସ୍ମାତେ ଦୀପ ଯେବେ ହୁଏ ନିର୍ବାପିତ,
ପରକ୍ଷଣେ ଦେଖୁଛନ୍ତି ସ୍ୱଚ୍ଛ ସ୍ନିଗ୍ଧାଲୋକେ
ଅନୁପମ ଅଭିନବ ଅଦୃଷ୍ଟ-ପୂର୍ବ
ଯାଉଛନ୍ତି ଉଡ଼ି ଉଡ଼ି ଦିବ୍ୟ ଦିବ ମାର୍ଗେ
ମନୋହର ସୁସଜ୍ଜିତ ବିମାନେ ବସିଣ
ଖଚିତ ହୀରକ ନୀଳା ମଣି ମାଣିକ୍ୟାଦି
ବିବିଧ ରତନେ କେତେ ଅଦୃଷ୍ଟମହାର୍ଘ
କଳ୍ପନା ହୁଅଇ ବଣା କାରୁ କାର୍ଯ୍ୟ ଯାର,
ଭାବ ସ୍ତବ୍ଧ ଅଟକଳ ନ ପାରିଣ କିଛି
ସପ୍ତ ବର୍ଣ୍ଣ ସୁରଞ୍ଜିତ କମନୀୟ ଆଭା
ଯାର କରେ ଝଲମଲ, ଶକ୍ରଚାପ ଯଥା
ଆନ୍ଦୋଳିତ ତରଙ୍ଗର ଚଞ୍ଚଳ ହିଲ୍ଲୋଳେ

ଝଲସି ପଡ଼ଇ ଚକ୍ଷୁ ଉଜ୍ଜ୍ୱଳତା ଯୋଗୁଁ,
ବିବିଧ ସୁମନ ଗନ୍ଧ ନିର୍ଯ୍ୟାସ ସୌରଭେ;
ସୁବାସିତ ସେ ସ୍ୟନ୍ଦନ ହୋଇଅଛି ପୁଣି
ଅନଭ୍ର ଶାରଦ ନଭେ; କୁମୁଦିନୀ ଯଥା
ଆନନ୍ଦିତା ହାସ୍ୟମୟୀ ପୂର୍ଣ୍ଣିମା ନିଶିରେ,
ନାନା ହାସ୍ୟ କଉତୁକେ କେତେ କାଳ ଗଲା
କେତେ ଦୂର ଆସିଲେଣି ନ ଜାଣିଲେ କିଛି;
ସୁଖୀ ସୁଖ ଦିନ ଯିବା କାଳେ ଏହି ପରି
ଦୁଃଖୀ ଦୁଃଖ ସବୁଦିନେ ଅପରନ୍ତୁ ଭବେ
ଲମ୍ବାଇ ସ୍ୱକାପ୍ତ କାଳ ହଠ ଦେଖେ ତାର ।
ଚଳ-ଶିଖି-ଶିଖା-ପ୍ରଭା ପ୍ରକାଶି ଗଗନେ
ଉଡ଼ି ଆସୁଥିଲା ରଥ ଖଗେଶ ସଦୃଶ
ଯେଣେ ଅନାଉଁଲେ ଶୂନ୍ୟ ଦିଶେ ସେହି ଦିଗେ
ପୋତ ପାନ୍ଥ ଦେଖେ ଯଥା ଜଳଧି ବକ୍ଷରେ,
ଆସୁ ଆସୁ ଦେଖାଗଲା ସମ୍ମୁଖେ ବିଶାଳ
କୁହେଳି ଅସ୍ପଷ୍ଟ ଛବି, ଶଶୀ-ମଣି ସମ
ଉଚ୍ଚାବଚ ବହୁଦୂରେ, ଦୃଷ୍ଟ ନୟନ;
ଯେତେ ଶଶୀ ସୀମନ୍ତିନୀ ତରତରେ ସର୍ବେ
ବିମାନ ଗବାକ୍ଷ ଦେଇ ଦେଖନ୍ତି ଉଦ୍‌ଗ୍ରୀବେ
ସ୍ୱଭାବ ଅପର ମୂର୍ତ୍ତି ଥୋଇ କେ ଦେଖଇ
ଚକିତେ ଆଶ୍ଚର୍ଯ୍ୟ ଦୂରେ ସତୃଷ୍ଣ ନୟନେ ।
"କି ଦେଖୁଛ କହ କିଛି ବୁଝିଲ କି କେହି?"
ହସ ହସ ହୋଇ ଦେବୀ କହନ୍ତେ ସରବେ
ହସି ହସି 'ନା' 'ନା' ବୋଲି ଉତ୍ତର ସକଳେ
ପୁଚ୍ଛିଲେ ସାଗ୍ରହେ ବ୍ୟଗ୍ରେ "କହ ମା କିପରେ?"
"ଏହି ସେହି ଦେଶ, ଦରଶନ ଆଶେ ଯାର
ଆସିଛ ସରବେ, ଏହି ସେ, ସମ୍ମୁଖେ ଦିଶେ
ବିଶାଳ ମୂରତି, ଶୃଙ୍ଗ ମାଳ ଏହା, ନଭ-
ସ୍ପର୍ଶୀ ଚୂଡ଼ା, ବିରାଜଇ ଶିରେ ସେହି ଗିରି-
ବରଙ୍କର, ସମ୍ରାଟର ଶିରେ ଯଥା ବହୁ-
ମୂଲ୍ୟ ଚୂଡ଼ା, ଗଜେନ୍ଦ୍ର ଏ ଶୈଳ କୁଳେ, ଇନ୍ଦ୍ର
ଦେବ କୁଳେ ଯଥା, ନାମ ହିମାଳୟ ଯାର
ବିଖ୍ୟାତ ଜଗତେ; ଗୁଣପୁଞ୍ଜ ଶୋଭା ପୁଞ୍ଜ
ଯଦ୍ୟପି ନ ଥାଏ ସ୍ୱର୍ଗେ; ରହିଛି ଏକତ୍ରେ
ଏଥି ଚନ୍ଦନେ ସୁମନ ସମ, କମନୀୟ
ମହୀୟାନ ଆଦର୍ଶ ଏ ମହତର ଏକା
ଶୃଙ୍ଗ ପରେ ଶୃଙ୍ଗ ଦେଖି ଶୃଙ୍ଗ ତଦୁପରେ
ଅସଂଖ୍ୟ ଶଇଳ ଚୂଳ ଚନ୍ଦ୍ରବାଳ କୋଳେ
ମିଶାନ୍ତି ଶ୍ୟାମଳ କାନ୍ତି ସୁନୀଳ ଆକାଶେ;
ସେ ଗିରି ଛବି ଦର୍ଶନେ ମନେ ହୁଏ ଯେସନେ
ଉତ୍ତାଳ ତରଙ୍ଗ-ମାଳା-ସଙ୍କୁଳ ସିନ୍ଧୁକୁ
ଅନୁକରେ କିବା ଶୈଳ ଶ୍ୟାମଳ ଛବିଳ ।
ପ୍ରତୀଚୀରୁ ପ୍ରାଚୀ ଯାଏ ପ୍ରାଚୀର ଆକାରେ
ରହିଛି ଉତ୍ତର ପ୍ରାନ୍ତେ ଭାରତ ଖଣ୍ଡର
ଜମ୍ବୁଦ୍ୱୀପେ ସପ୍ତଦ୍ୱୀପା ମେଦିନୀ ମଧ୍ୟରେ ।
ଅକ୍ଷ ଯିବ ଜିହ୍ୱା ଯାର ମହିମା ବର୍ଣ୍ଣନେ
ବୀଣାପାଣିଙ୍କର ସ୍ୱୟଂ, ଆଉ ଅନ୍ୟ କଥା,
ସେ ଦେଶ ମହିମା ମୁହିଁ ବର୍ଣ୍ଣିବି କେମନ୍ତେ !
ଧରମ ପଞ୍ଜର ଯାର, ଧୈର୍ଯ୍ୟ ମଜ୍ଜା ଦେଇ
ଅମେଦ ଗଠିତ ମେଦ, କର୍ମ ମାଂସ ପେଶୀ,
ବିନିର୍ମିତ ଦୟା ସ୍ନେହେ, ସ୍ନାୟୁ ଦେହ ସାର,
ଭକତି-ଶୋଣିତ-ସ୍ରୋତ ବହେ ଧମନୀରେ
ଉତ୍ତମାଙ୍ଗ * ଗଢ଼ା ଯାର କେବଳ ସୁଜ୍ଞାନେ,
ଆବରିତ ଦେହ, କ୍ଷମା—ତିତିକ୍ଷା ଚରମେ
ଶାନ୍ତି ଯାର ସ୍ୱାସ୍ଥ୍ୟ, କାନ୍ତା ତାର ସହଚରୀ
କମନୀୟ କାନ୍ତି ଯାର ସ୍ୱାସ୍ଥ୍ୟ ଦେଇ ଗଢ଼ା,

* ମସ୍ତକ ।

ଦେଖନ୍ତେ ଯେ ରୂପ ରସ ସ୍ତବକ ଛନ୍ଦାରୁ
ମୃଗ ହୃଷ୍ଟ ପୁଷ୍ଟ ଦେଖି ବୃକର ଯେପରି,
ସୁଖାଦ୍ୟ ଦର୍ଶନେ ଯଥା ଉଦରମ୍ଭରିର,
କିମ୍ବା, ଘାରି ହୋଇ କାମୀ କୁସୁମେଷୁ ବଶେ,
ଅନ୍ତରେ ଅନ୍ତରେ ଯଥା ସଦା ହୁଏ ଦହି
ଲଳିତ ଲାବଣ୍ୟ ରୂପ ଦେଖି ଲଳନାର
ସ୍ୱାମିକୁ ନସ୍ତେଜ ଯଦି ଜାଣେ ତହିଁ ପୁଣି
ନ ପାରି ପ୍ରବେଶି ସୁଖେ କେତକୀ କୁସୁମେ
ଯଥା ଷଟ୍ପଦ ଲମ୍ପଟ, କିମ୍ବା ଶସ୍ତ୍ରାବୃତ
ଦ୍ୱାରୀ ଦେଖି ଧନାଗାରେ ଚୋର, ଅର୍ଥୀ ବ୍ୟାଧି
ସ୍ୱାସ୍ଥ୍ୟ ଦ୍ୱେଷୀ ପରମାରି ଦେହର ଯେ ସଦା
କାଟୁଛନ୍ତି କଷ୍ଟେ କାଳ ଖୁଣ୍ଟି ମନୋରଥେ
ଶତ୍ରୁହସ୍ତେ ଗୃହ ଦେଖି ଗୃହ ବାସୀ ଯଥା ।

ତୁଷାର ଆବୃତ ବପୁ ବିରାଟ ଲଲାଟେ
ସମ୍ରାଟ ଲଲାଟେ କିବା ଭାସ୍ୱର କିରୀଟ
ସମ ହିମାଳୟ ଯାର ଶୋଭେ ଭାରତର
ତୁଙ୍ଗ ଶୃଙ୍ଗଧର ଶୃଙ୍ଗ ଦିଶଇ ସମ୍ମୁଖେ,
ସେ କିରୀଟେ ଚୂଡ଼ା ସମ ପାର୍ବତୀ-ଶିଖର
(ଜଗତେ ପର୍ବତର ଉଚ୍ଚତମ ଚୂଡ଼ା )
ପ୍ରସିଦ୍ଧ ସିଦ୍ଧାଦି ଯେତେ ଗନ୍ଧର୍ବ ପ୍ରଧାନ
ବସନ୍ତ ସରବେ ଏଥି ସଦା ଶାନ୍ତ ସୁଖେ
ବିହରନ୍ତି ସଦାନନ୍ଦେ ଆନନ୍ଦ ଦାୟିନୀ

ହୈମବତୀ, ହିମାଚଳ ତନୟା ହେମାଙ୍ଗୀ
ସଦା ସଦାନନ୍ଦ ସଙ୍ଗେ, ଏ ଶିଖରେ ବିହରି
ନାହିଁ ବେଶି ଦୂର ଆଉ, ଅଳ୍ପ ଦୂର ମାତ୍ର
ଅଭ୍ର ବୃନ୍ଦ ବନ୍ଦନୀୟ ଉତ୍ତୁଙ୍ଗ ଶରୀର
ଦିଶଇ ଅସ୍ପଷ୍ଟ କୃଷ୍ଣ ଶ୍ୱେତ ବିଜଡ଼ିତ ।"
ଶୁଣୁଁ ଶୁଣୁଁ ଉପସ୍ଥିତ ରଥ ଶୈଳୋପର

"ଅବତରି ରଥୁଁ ସର୍ବେ ଚାଲ ପଦବ୍ରଜେ
ଭେଟିବାକୁ ହରଗୌରୀ କୈଳାସ କନ୍ଦରେ
ଯଥାବିଧି ପୂଜି ତାଙ୍କୁ ଫେରିବା ଏ ସ୍ଥାନେ"
କହନ୍ତେ ସ୍ୱପନ ଦେବୀ ମହାହର୍ଷ ଭରେ,
ଅବତରି ରଥୁଁ ସର୍ବେ ଦେଖନ୍ତି କୌତୁକେ
ଅଦୃଷ୍ଟ ପୂର୍ବ ଚାରୁ ଦୃଶ୍ୟ ନବ ନବ ।
ଚାଲନ୍ତି ସର୍ବାଗ୍ରେ ଦେବୀ ପଥ ପ୍ରଦର୍ଶିକା
ତାଙ୍କ ପଛେ ପଛେ ରାଣୀ, ତାଙ୍କ ପଛେ ସର୍ବେ ।

ଶୈଳଶୃଙ୍ଗ-ଚାରୁ-ମୃଗ-ନାଭି-କସ୍ତୁରୀର
ସୁଗନ୍ଧ ବହଇ ବାୟୁ ଚହଲଇ ସଧୀରେ
ନାତ୍ୟୁଷ୍ଣ ଶୀତଳ ଯାର ସ୍ପର୍ଶ ସ୍ନିଗ୍ଧକର
ବ୍ରତତୀ ବେଷ୍ଟିତ ତରୁ ସୁଚାରୁ ଦର୍ଶନ
କୋମଳ ପଲ୍ଲବାଙ୍କୁର ସୁମନେ ଶୋଭିତ,

କାହିଁ କୁଞ୍ଜାକାରେ କାହିଁ ପ୍ରାଚୀର ଆକାରେ
କାହିଁ ବା ବା'ରଦାକାରେ ଦିଶଇ ସୁଚାରୁ
ଘନ ସନ୍ନିଧାନ ହେତୁ ବିବିଧ ତରୁଟି;
ଶ୍ୟାମଳ ରସାଳ ଡାଳ ଅଢ଼େ ବସି ପିକ
ଢାଳଇ ଶ୍ରବଣେ ସୁଧା ସଙ୍ଗୀତ ସୁତାନେ,
ସେ ତାନେ କଜ୍ଜଳପକ୍ଷୀ ଦିଏ ତାଳ ତହିଁ
ଦାମ୍ପତ୍ୟ-ପ୍ରଣୟାଦର୍ଶ କପୋତ-କପୋତୀ
ଡାଳେ ବସି ଚୁମ୍ବୁଛନ୍ତି ପରସ୍ପର ମୁଖ,
ସୁ-ରସିକ କଷ୍ଟଫେଡ଼ା✝ ସମ୍ବୋଧେ କାହିଁ ବା

ସୋହାଗେ ବଧୂକୁ "ବହୁ କଥା କହ" ବୋଲି
ସୁକଣ୍ଠ ଗାୟକ ଶୁକ ବସି କାହିଁ ସୁଖେ
ଗାଉଛନ୍ତି ଦଳେ ଦଳେ ଉଚ୍ଚାଇ ଭ୍ରମ
ନର କଣ୍ଠ ବୋଲି ମନେ ନବ ଦର୍ଶକର,
ଇନ୍ଦ୍ର ଧନୁ-ବର୍ଣ୍ଣ-ପୁଚ୍ଛ ଗୁଚ୍ଛ କରି କେକୀ
ଉଚ୍ଚ କେକା ରବେ ରବେ ବସି ତରୁ ଡାଳେ,

✝ କଷ୍ଟଫେଡ଼ା—ଏକ ପ୍ରକାର ପକ୍ଷୀ ଏମାନେ 'ବଉ କଥା କହ' ବୋଲି ଡାକନ୍ତି ।

ବନ୍ୟ କୁକ୍କୁଟର ରବ ଥାଇ ଥାଇ କେବେ
ଶୋଭାଦର୍ଶୀ ମନେ ତୃପ୍ତି ଆକର୍ଷେ ଅଳକ୍ଷେ
ସୁମନ ସୁଗନ୍ଧାମୋଦେ ଆକୁଳିତ ଅଳି
ଭ୍ରମୁଛନ୍ତି ପୁଞ୍ଜେ ପୁଞ୍ଜେ କୁଞ୍ଜେ ଠାବେଠାବେ,
ତୁଙ୍ଗ ଗିରି ଦୁଇପାଶେ ମଧ୍ୟେ କଲ୍ଲୋଳିନୀ
ସଙ୍କଟେ ସଙ୍କୋଚି ବପୁ ନବୋଢ଼ା ପରାୟେ
କଳ ତାନେ ଧବା ଜଣି ବହେ ନିରନ୍ତର ।
ସୌର କର ପଡ଼ି କାହିଁ ନୀରସ୍ତର ପରେ
ପ୍ରପାତର ରୌପ୍ୟ ଜ୍ୟୋତି ଦିଶେ ଝଲମଲ
ନୟନ ଝଲସି ପଡ଼େ ସେ ଶୋଭା ଦର୍ଶନେ;
କେନ୍ତର ଚିକ୍କଣ କାହିଁ ପ୍ରଶସ୍ତ ଚଟାଣ
ବହୁଦୂର ବ୍ୟାପି ଦିଶେ ତରୁ-ଲତା-ହୀନ
ଗୁଣହୀନ ମୂର୍ଖ ପ୍ରାୟେ; କାହିଁବା ନିସ୍ତୃଣ
ଦିଶେ ଖଣ୍ଡେ ଖଣ୍ଡେ ତରୁ ଲତାଗୁଳ୍ମହୀନ
ବୃତ୍ତାକାର, ମଧ୍ୟେ ଗର୍ତ୍ତ କେନ୍ଦ୍ରାକାରେ ସାଜେ;
ବିଷଧର ବାସସ୍ଥଳୀ, ଛିଦ୍ର ବିଶେଷ ଯାର
ଜଳ ଯାଇଅଛି ଭୂମି ପରିଧି ଆକାରେ ।
ସ୍ଥଗ୍ରୁ-ଶ୍ମଶ୍ରୁ-ଶୋଭୀ ସୁଗ୍ରୀବ-ଗୁଚ୍ଛା,
ଭୂଇଁ ଛୁଇଁ ଯାଏ ଯାହା ଲମ୍ବିତ ଲାଙ୍ଗୁଳ,
ଦଳେ ଦଳେ ଦ୍ରୋଣୀ ତଟେ ଭ୍ରମନ୍ତି ଅରଣ୍ୟେ
ଆରଣ୍ୟ ମହିଷ ସଙ୍ଘ ସ୍ଥିତ ନେଇ କାହିଁ
ବ୍ୟଗ୍ର-ବିସ୍ଫାରିତ-ନେତ୍ରେ ଚାହାନ୍ତି ରୌଦ୍ରକେ
ଶ୍ୟାମଳ ଶିଖର ଶୃଙ୍ଗେ ଦଳ ଦଳ ହୋଇ ।
କ୍ରୀଡ଼ାଶୀଳ ମୃଗଗଣେ ଶ୍ୱେତାଭ ସରଭେ*
କୋମଳ ଗୋ-ବତ୍ସ ସମ ଡେଇଁ ଡେଇଁ କାହିଁ,
ପତଙ୍ଗ ପରାୟେ ରଙ୍ଗେ ଭ୍ରମନ୍ତି କୌତୁକେ,
କୁର୍ଦ୍ଦନ ତାଙ୍କର ଦେଖି ମନେ ହୁଏ ଯେହ୍ନେ
ଫେନିଳ ତରଙ୍ଗ ଖେଳେ ସୁନୀଳ ସାଗରେ ?

ମଖମଲ- ସୁକୋମଳ-ଶ୍ୟାମଳ ଶାଦ୍ୱଳେ†
ଅବମୂର୍ତ୍ତି ଯେତେକ କାହିଁ କୁରଙ୍ଗ-କୁରଙ୍ଗୀ
ଚଞ୍ଚଳ ତରଙ୍ଗେକ୍ଷଣୀ ଚାହିଁ ଏଣେତେଣେ
ଥରେ ତୃଣ ଭକ୍ଷି ଥରେ ଚାହାନ୍ତି ଚକିତେ ।
ଶଶକ ଶାବକ ସଙ୍ଗେ ଚରନ୍ତି ଅଦୂରେ
ସ୍ୱଜାତି-ସୁଲଭ-ଭୟ ନାହିଁ ମାତ୍ର ଦେହେ,
ଲୋଲ ଜିହ୍ୱା-ସ୍ଫୁରିତାଗ୍ର-କେଶର-କେଶରୀ
ଦାରୁଣଙ୍କ ଭୟପ୍ରଦ ଦର୍ଶନ ଯାହାର,
ସୁଶୀଳ ପୁଙ୍ଗବ ସମ ନ ହିଂସି କାହାକୁ
ନିକଟେ ବସିଣ ଗୃହେ ସୃକ୍କଣୀ ସ୍ୱଚ୍ଛନ୍ଦେ ।
ବଟ ବିଟପୀର ଶାଖା ଆକର୍ଷି ଅଦୂରେ
ଭକ୍ଷେ ସୁଖେ କପିବର ଭୁଲମ୍ବିତ ସ୍ତନେ
ଭଙ୍ଗେଦିଏ ନିସ୍ତବ୍ଧତା ସେ ଶବ୍ଦେ ବନର
ଚମତ୍କାର ଅନ୍ୟ ଜୀବ ସଭୟ ସ୍ୱଭାବ
ଚାହାନ୍ତି ଚକିତେ ମାତ୍ର ନ ପଳାନ୍ତି ଜବେ
ଜାଣନ୍ତି ଯଥାର୍ଥ ଯେଣୁ ନହିଂସିବେ କେହି
ନର୍ମଦାର ପୁଣ୍ୟ ଭୂମି କୈଳାସ କନ୍ଦରେ;
କଣ୍ଡୂଳ ବିଶାଳ କାୟ ଘର୍ଷଣେ କରିର
ହୋଇଛି ଚିକ୍କଣ ଭୂମି ଦୁର୍ବାହୀନ କାହିଁ
ଦ୍ରୁମାବଳୀ ଦୀର୍ଘ ଗ୍ରୀବା ବଲ୍କଳ ବିହୀନ ।
ଖଣ୍ଡେ ଦୂର ଯାଇଁ ଯାଇଁ ଦିଶିଲା ସମ୍ମୁଖେ
ସୁବିଶାଳ ସରୋବର ସୁଚାରୁ ସୁରୁଚ-
ରୁଚିର ଗିରି ପାଦତଳେ; ବାରି ନୁହେଁ ବାରି
ଯା'ର ବାରି କି ସ୍ଫଟିକ, ନବ ବିକଶିତ
କମଳ ଉତ୍ପଳ ଆଦି ଜଳଜ ସୁମନ,
ଟେକି ଛନ୍ତି ଶିର ଉଚ୍ଚେ ନୟନ-ନନ୍ଦନ,
ତେଣୁ ଜଣାଯାଏ ଏହା ସଲିଳ ନିଶ୍ଚୟ;
ଗୁଣ ପ୍ରଶ୍ରି ସର ଦିଶେ ଗୁଣହୀନ ପ୍ରାୟେ,

* ଏକ ପ୍ରକାର ମୃଗ

† କୋମଳ ଦୁବ ଘାସ ।

ପ୍ରକୃତ ମହତ ସିନା ଦିଶନ୍ତି ଏପରି ।
ଧାଉଁଛନ୍ତି ଅଳିକୁଳ ଗନ୍ଧାମୋଦିତ ମାତି
ସୁଗନ୍ଧ ଯାହାର ବାୟୁ ବହେ ଚତୁର୍ଦ୍ଦିଗେ
ପରର ମହତ୍ତ୍ୱ ଯଥା ପ୍ରଶଂସେ ମହତ ।
ଉଡ଼ି ଅଛନ୍ତି ଶୁଭ୍ର ରାଜହଂସ ପଂକ୍ତି
କୃତ୍ରିମ-ମଲ୍ଲିକା ମାଳା ନୂଜ ବ୍ୟୋମ ପଥେ ।
" ସମ୍ମୁଖେ ଦିଶଇ ଯେଉଁ ସରସୀ ବିଶାଳ
ମରାଳଙ୍କ କୋଳାହଳେ ସଦା ମୁଖରିତ,
ଶୁଭଇ ଶବ୍ଦ ଯାର ଶୁଣ କର୍ଣ୍ଣ ଡେରି
ଧଳା ଧଳା ଅଙ୍ଗ ଦେଖ ଦିଶଇ ଅସ୍ପଷ୍ଟ"
ସରୋବର ବକ୍ଷେ ଦେବୀ ଅଙ୍ଗୁଳି ନିର୍ଦ୍ଦେଶି,
କହିଲେ " ଏ ସର ନାମ ମାନ-ସରୋବର,
ସ୍ୱଭାବେ ମାନସୋଲ୍ଲାସୀ ଦର୍ଶକର ସଦା ।
ଭାରତ ଲଲାଟ ପଟେ ମୁକୁଟ ଏ ଚିର,
ସେ ମୁକୁଟେ ମଣି ରୂପେ ମହାର୍ଘ ସୁଚାରୁ
ଅସୀମ ଗୁଣର ଖଣି ଶୋଭାର ଭଣ୍ଡାର
ବିରାଜେ ଏ ସର ଶ୍ୱେତ ମରାଳ ମାଳିନୀ,
ଗନ୍ଧର୍ବ ଗନ୍ଧର୍ବୀ ସିଦ୍ଧ ସିଦ୍ଧ-ପତ୍ନୀ ଯା'ର,
କରନ୍ତି କୌତୁକେ କେଳି ନିର୍ମଳ ସଲିଳେ,
ସଦାନନ୍ଦ ସଦାନନ୍ଦ-ପତ୍ନୀ ସଙ୍ଗେ ସୁଖେ ।
ସ୍ୱଚ୍ଛ ପୁଣ୍ୟତୋୟା ଏହି ବିଖ୍ୟାତ ଜଗତେ
ମହାପାପୀ ସ୍ନାନ କରି ଥରେ ନୀରେ ଯା'ର
ହୋଇ ଯାଏ ମହାପାପୁଁ ମୁକ୍ତ ସେହିକ୍ଷଣେ
କନକ କଳଙ୍କ ଯଥା ଉଜ୍ଜ୍ୱଳ ଅନଳେ;
ପିଇଲେ ଯାହାର ବାରି ଚାଲିଯା'ଏ କେଣେ
କଲୁଷ-ତାମସ ଭାବ ମାନସ-କଳସୁଁ,
ବିଶୁଦ୍ଧ ସାତ୍ତ୍ୱିକ ଭାବ ହୃଦେ ହୁଏ ଉଦେ;
କତକ ସଲିଳୁଁ ଯଥା ପଙ୍କିଳତା ଚାର
ନିରମଳା ଫଳ ଯୋଗେ କଟି ଯାଇ କ୍ଷଣେ,
ହୋଇଯାଏ ଶୁଦ୍ଧ ଶୁଦ୍ଧ ନୀର କାଚ ସ୍ୱଚ୍ଛ ।
ଦେଖ ଦେଖ ଇନ୍ଦୁ-ନିଭ ଦିଶଇ ସରସୀ ।
ସ୍ଫଟିକ ସଦୃଶ ସ୍ୱଚ୍ଛ ସୁଦୀର୍ଘ ଦୀର୍ଘିକା
ଗଗନ ବିହାରୀ ଗ୍ରହ ଉପଗ୍ରହଙ୍କର
ସୁଚାରୁ ଦର୍ପଣ ଏହା, ସୁରାଙ୍ଗନା ଯହିଁ
ଦେଖନ୍ତି ବଦନାମ୍ବୁଜ ନିଭୃତେ ହରଷେ ।
କମଳ ଉତ୍ପଳ ଆଦି କୁମୁଦ କହ୍ଲାର
ଶ୍ୱେତ ପୀତ ରକ୍ତ ନୀଳ ବିବିଧ ବର୍ଣ୍ଣର
ପ୍ରସ୍ଫୁଟିତ ମନୋହର ବାରିଜ ସୁମନେ
ସୁଚାରୁ ଅଳଙ୍କାର କିବା ସୁଚାରୁ ବାଳା ଅଙ୍ଗେ
ଧାଉଁ ଧାଉଁ ଶ୍ୱେତ ତନୁ ସୁବଙ୍କିମ ଗ୍ରୀବ
କ୍ରୀଡ଼ା ରତ ତରସ୍ୱିନୀ* ମରାଳ ମରାଳୀ
ସ୍ୱଚ୍ଛ ସଲିଳରେ ଦେଖ ସୁଚାରୁ କେମନ୍ତ
ନିତମ୍ବେ ଦୁକୂଳୋପରି କାଞ୍ଚିଦାମ ସମ,
ତରଙ୍ଗେ ତରଙ୍ଗେ ଦେଖ ସୁଚାରୁ ପ୍ରତିବିମ୍ବ
ଆଶାର ଅଲୋକେ ଯଥା ଫୁଟେ କି ବାସନା
ଶଙ୍ଖ-ସ୍ତୂପ ଜିଣି ଶୋଭା ଦିଶଇ ଉଜ୍ଜ୍ୱଳ ।
ଚକୋର ଚକୋରୀ ଦେଖ ତାପ-ଦଗ୍ଧ ପରେ,
କଣ୍ଠାକାର ଛାୟା ଯାର ସରସୀ ଗରଭେ
ହିନ୍ଦୋଳା ଅକାଳେ ଦିଶେ ତରଙ୍ଗ ହିଲ୍ଲୋଳେ
ନିରେଖି ସରବେ ଦେଖ ସରୋବର ନୀରେ
ମନ୍ଦିରର ଚୂଡ଼ା ସେହି ହର-ଗୌରୀଙ୍କର
ଦରଶନ ଆଶେ ଯାର ଯାଉଛନ୍ତି ସକଳେ
ଦିଶଇ ପ୍ରତାପେ ବାରି ଗର୍ଭେ ସର୍ବ ତଳେ ।
ଚାଲ ଏବେ ଯିବା ତ୍ୱରା ମନ୍ଦିର ସମୀପେ,
ଯଦିବ ବନ୍ଧୁର ପଥ ଅତି ବିଶୃଙ୍ଖଳ
ଭଲାଞ୍ଜନପ୍ରଭ ତମେ ଅଛନ୍ତି କାହିଁ ବା;

* ଜଳ ସନ୍ତରଣକାରୀ ।

ମନେ ଭୈରବ ଦେଖି ଯେସନ୍ତେ ସେ ବିଜନ ସ୍ଥାନ
ତମୋ-ମୟୀ ଗଳି,"ଦିନେ ଲୁଚି ରହେ କବି;
ଚଳିଲ ଅତି ସାବଧାନେ, ପଦେ ପରେ ଧୀରେ,
ଦେଖ ତୁଙ୍ଗ ଶୃଙ୍ଗ କେତେ ଗଗନ ପରଶୀ
ଭଙ୍ଗିପଡ଼େ ଢେଙ୍କଣ୍ଠା ନିରୀକ୍ଷଣେ ଯା'ର,
ପତାକୀ ଆକାରେ ଯାହା ଉଦଗ ଶୃଙ୍ଗ ମୂଳେ
ପ୍ରଶସ୍ତ ସୁଦୀର୍ଘାକାର ମନ୍ଦର ସେହିଟି ।
ଊର୍ଦ୍ଧ୍ୱକୁ ଅନାଇଁ ସର୍ବେ ଦେଖନ୍ତି ସୁନ୍ଦରୀ
ଦର୍ଶନେ ସୁକ୍ଷୀନ ବାସ ଆକର୍ଷି ଶିରରୁ
ଥୋଇ ବାମହସ୍ତ ନିଜ ଗ୍ରୀବାର ପଶ୍ଚାତେ
ସମ୍ଭାଳନ୍ତି କୁନ୍ତଳକୁ ପିକାଳି କୁନ୍ତଳା;
ସମ୍ଭାଳୁ ସମ୍ଭାଳୁ ଶିରୁ ଭଉଣୀ ବେଣୀରୁ
ପଡ଼ିଗଲା ଅଳଙ୍କାର ଶିଥିଳ କୁନ୍ତଳୁ
ଫିଟିଯାଇ କେଶ ଗୁଚ୍ଛ ଖସି ଶିରୁଁ ବକ୍ଷେ;
ଯୁବତୀ-ସୁଲଭ ହାସ୍ୟେ ହସିଲେ ସରବେ
କଲେ ନାନା ରଙ୍ଗେ ବ୍ୟଙ୍ଗ ଭଉଣୀକୁ ତହିଁ;

ଆଗେ ଦେବୀ ପଛେ ପଛେ ଚଳନ୍ତି ସରବେ
ଜଣଙ୍କ ପଛରେ ଜଣେ ଧରାଧରି ହୋଇ
ବିଷମ ବନ୍ଧୁର ପଥ ଉଚ୍ଚାଟେ ଅତି
କାହିଁବା ସଳଖେ କାହିଁ ନଇଁ ନଇଁ ଖଣ୍ଡେ
ସଂକୋଚ ଶରୀର ଯେସନ୍ତେ ଦମ୍ଭୋଳି ବଦନ
ଚଳୁଛନ୍ତି ଅପ୍ରଶସ୍ତ ନୀଚ ପଥ ହେତୁ
ଏ ପଥେ ଅନ୍ତିମ୍ଭ ଅନ୍ତ ନାହିଁ ଅନ୍ୟ କେହ,
ଏକମାତ୍ର ପଥିକର ଶୈଳଜା ଲତିକା
ବାନ୍ଧବୀ ଆକାରେ କାର୍ଯ୍ୟ କରେ କାହିଁ କାହିଁ,
ଗଡ଼ାଣିଆଁ ସର୍ପାକାର ସୋପାନ ଆକାର,
ଉଚ୍ଚ ପଥ କାହିଁ ଅବା କୂପାକାରେ କାହିଁ,
ଯାଇଛି ପାତାଳେ, ଦେଖି ହୁଅଇ ପ୍ରତୀତ
ଗମ୍ଭୀର ସଳିଳେ ହେଉଛି ଅନ୍ଧ ସୃଷ୍ଟି କାଳୁ
ଆଲୋକ ଛଟିକା ଏଥି ପଡ଼ିନାହିଁ କେବେ,
କୃଷ୍ଣପକ୍ଷ ତମ ଯାକ ସବୁ କି ଏଠାରେ
ପୁଞ୍ଜୀଭୂତ ହୋଇ ବାଧା ଦିଅନ୍ତି ପଥିକେ?
ସେ ତମସେ ଜକ ଜକ ଦିଶେ କାହିଁ କାହିଁ
ହୀରା, ନୀଳା, ମାଣିକ୍ୟାଦି ମହାର୍ଘ ରତନ;
ବନ୍ଧୁର ବିଶାଳ ଶିଳା ତଳୁ କେବେ କେବେ
ଫଣୀ ବିବରେ ଝିର'ରୁ, ଜଳ ଉଠି ଲିଭେ
ଫଣୀ ଶିରୋମଣି-ଦୀପ୍ତ-ଆଲୋକ ସହସା;
ମୂର୍ତ୍ତିମନ୍ତ ହୋଇ କିବା ବାଧା ଦିଏ ଭୟ
ନିସ୍ତବ୍ଧତା ତାହାପୁଣି ବଢ଼ାଏ ଦ୍ୱିଗୁଣ
ନିଜ ଶ୍ୱାସ, ପାଦ ଶବ୍ଦ ହୁଏ ଭୟପ୍ରଦ
ପତଙ୍ଗ ଗମନେ ଶୁଣି କ୍ଷୀଣ ସ୍ୱନ ଯହିଁ
ବିଦ୍ୟୁଦ୍ବେଗ ସମ ହୃଦେ ଉଠଇ ଚମକ
ଉଡ଼ିଗଲା ପ୍ରାଣ-ପକ୍ଷୀ ପିଞ୍ଜରୁ ସହସା
ଅଜ୍ଞାତ ଏ ପଥ ଯହିଁ ନ ପାରିବ ଯାଇ
ନମଉ ସେ ପଥିକେ ଯେତେ ନିର୍ଭୀକ ହୃଦୟ,
ନ ଚଳଇ ପାଦ, ସ୍ୱତଃ ଦୁଃଖି ଅବେ ପଛେ
ଥରି ଉଠେ ପାଦ ଭଣ୍ଡା ଥର ଥର କରି,
ନ ସ୍ଫୁରଇ ବାକ୍ୟ ମୁଖୁଁ ଶୁଖି ଜିହ୍ୱା ଓଷ୍ଠ,
ଧଡ଼ ଧଡ଼ କରେ ଗାତ୍ର ଘର୍ମ ସିକ୍ତ ଅଙ୍ଗ;
ମନେ ମନେ ଇଷ୍ଟ ଦେବେ ଜପିଣ ସକଳେ
ଏକକୁ ଆରେକ ଦୃଢ଼ ଧରିଣ ସଭୟେ
ପାର ହେଲେ ଧୀରେ ଧୀରେ ସେ ବିଷମ ଘାଟି
ଏହି ରୂପେ ବହୁ କଷ୍ଟେ କେତେ ଦୂରେ ଯାଇ
ଉଠିଲେ ସରବେ ଏକ ଉଚ୍ଚ ଶୃଙ୍ଗୋପର
ସୁବର୍ଣ୍ଣ ଶ୍ରୀ ସୁଉଜ୍ଜ୍ୱଳ ହ୍ରଦ ସୁଦକର ।
ସ୍ୱଚ୍ଛ ହିଲ୍ଲୋଳକେ ଧୌତ ବନ କଳେବର
ନିର୍ଝରିଣୀ କ୍ଷୀଣ କଟି ଚଞ୍ଚଳ ହିଲ୍ଲୋଳେ
କାକ-ଚକ୍ଷୁ ପ୍ରଭ ସ୍ୱଚ୍ଛ ଉତ୍ସ ଗାମିନୀ
ଫେନ ପୁଞ୍ଜ ଛଳେ ହସି ବହିଯାଏ ଯହିଁ
ଝଙ୍କାର କାଞ୍ଚୀ ଶ୍ରେଣୀ ମଧୁର ନିନାଦେ,

ସ୍ୱର୍ଗୀୟ ସୁରଭି ବାୟୁ ବହଇ ଚୌଦିଗେ,
ତରୁ ମୁକୁଳିତାଙ୍କୁର, ପୁଷ୍ପିତା ବ୍ରତତୀ
ବାଣ ଧନୁର୍ଗୁଣ ଧରି ଯିବାର ନିଃସ୍ୱନେ
ବସନ୍ତ ସଙ୍ଗୀତ ଯହିଁ ଗାଏ ସୁମଧୁରେ ।
ହୋଇଲେ ହରଷ ସର୍ବେ, ସେ ଦୃଶ୍ୟ ନିରେଖି
ଶୀତାର୍ତ୍ତ ପ୍ରସନ୍ନ ଯେସନେ ସୂର୍ଯ୍ୟାଂଶୁ ଦର୍ଶନେ ।
ଏ କାଳେ ସ୍ୱପନଦେବୀ କହିଲେ ସମ୍ବୋଧି
"ତିଷ୍ଠି ଏଥି କିଛିକାଳ ସୁସ୍ଥ ହୁଅ ସର୍ବେ
ବନ ଉପବନ ଶୋଭା ଦେଖି ଇଚ୍ଛାମତ
ତତ୍ପରେ ଚାଲିବା ପୁଣି କୈଳାସ ଦର୍ଶନେ ।
ବାରମ୍ବାର ସାବଧାନ, ଶୁଣ ସର୍ବେ କିନ୍ତୁ
କୁମାର କାନନେ କେହି ନ ଯିବ କଦାଚି"।
ଅଙ୍ଗୁଳି ବଢ଼ାଇ ଦେବୀ କହନ୍ତି ଦେଖାଇ,
"ଉତ୍ତରେ ଦିଶଇ ସେହି ମଞ୍ଜୁଳ ଶ୍ୟାମଳ
ପ୍ରବେଶ ନିଷେଧ ଏଥି କାମିନୀଙ୍କ ପାଇଁ
ନ ଜାଣି ପ୍ରବେଶେ ଯେବେ କାମିନୀ କଦାପି
ତକ୍ଷଣେ ପାଲଟି ଯାଏ ଲତିକା ଆକାରେ ।"
"କିପାଁ ସେ ଲତିକାକାରେ ପାଲଟେ କାମିନୀ"
ପୁଚ୍ଛନ୍ତେ ଗେହିଣୀ ଗଣୀ ଉତ୍ତରିଲେ ଦେବୀ
"କୁମାର ଶଙ୍କରସୂନୁ, କୌମାରେ ଜୀବନ
କାଟୁଛନ୍ତି ଯେଣୁ ଏଥି ବ୍ରହ୍ମଚର୍ଯ୍ୟ ବ୍ରତେ
ଅତ୍ୟନ୍ତ କଠୋର ମାତ୍ର ଭାବୀ ସୁଖପ୍ରଦ,
କାମିନୀ ଦର୍ଶନ ମନା ଏ ଦୁଃସାଧ୍ୟ ବ୍ରତେ,
ତେଣୁ ତପୋବନେ ମନା କାମିନୀ ପ୍ରବେଶ ।
ଯାଅ ସର୍ବେ ଦେଖି, ମୁହିଁ ରହିଲି ଏଠାରେ
ଆସିବ ସତ୍ୱର ଫେରି ନ କର ବିଳମ୍ବ ।"
ମାୟା ବଳେ ମାୟା ଦେବୀ ବିରହ ବେଦନା
ପୂର୍ବରୁଁ ହରିଥିଲେ ଉଷା ଶିଶିରଶ୍ରୀ ଯଥା
ପଦ୍ମିନୀ ନୟନୁଁ, ତେଣୁ ନଥିଲା ହୃଦୟେ
ଦୁଃସହ ବିଚ୍ଛେଦ ଦୁଃଖ କାହାରି ସେବେଳେ,
ବନ ଉପବନ ଶୋଭା ନିରେଖି ସାନନ୍ଦେ
ଦଳେ ଦଳେ ଏଣେ ତେଣେ ଭ୍ରମନ୍ତି ନିର୍ବିଘ୍ନେ;
ଯାହାର ସହାୟେ ସ୍ୱୟଂ ଛନ୍ତି ସ୍ୱପ୍ନ ଦେବୀ
କି ଭୟ ତାହାଙ୍କୁ ଆଉ ଅଛି ଏ ସଂସାରେ ?
ଏକେ ତ ନିର୍ଜନ ବନ, ଗୁରୁଜନ କେହି
ଜଣେ ହେଲେ ନାହିଁ ସଙ୍ଗେ ତହିଁ ପୁଣି ଆଉ
ପୁଂସ ସମାଗମ ଭୟ ନଥିବାରୁ ତାଙ୍କୁ
ଘେରେ ବ୍ୟାଘ୍ର ଗୋଳ ସମ ପଡ଼ିଲା ସୁଯୋଗ ।
ଏ ମହା ବାରୁଣୀ ଯୋଗେ, ଯୌବନର ତର-
ସହତର, ହାସ୍ୟରସ, ବାମା ହୃଦେ ଯହିଁ
ଲଜ୍ଜା ଆବରଣେ ଥାଏ ପୂର୍ଣ୍ଣ ଇନ୍ଦୁ ଯଥା
ମେଘ ଅବରଣେ, କିମ୍ବା ମଧୁ ଯଥା ପୁଷ୍ପ-
ପୁଷ୍ପଦଳାବୃତ ହୋଇ ରହିଥାଏ ସଦା,
ଝଟିଲା ତରଙ୍ଗାକାରେ ପୂର୍ଣ୍ଣିମା ନିଶୀଥେ
କିବା ପାରାବାର ବାରି, କିମ୍ବା ଉତ୍ସସମ
ଉଦ୍ଘାଟନେ ଛୁଟଇ ବାରି ତାର ମହାନନ୍ଦେ
ଶଶୀ ସୀମନ୍ତିନୀ ରତ-ବିକଚ-ବଦନା
ପ୍ରସ୍ଫୁଟିତ-ପୁଷ୍ପ ହାସ୍ୟେ ତରୁଣ ମୃଗାକ୍ଷି
ସରଳ କୌତୁକେ ରତା ସରଳା ଦରବେ
ଯୁବତୀ-ସୁଲଭ-ବ୍ୟଙ୍ଗେ ରତ ହେଲେ ତହିଁ ।
ଧାଇଁ କେ ତୋଳଇ ପୁଷ୍ପ କେ ତୋଳଇ ଫଳ
ଅଳ୍ପ ଉଚ୍ଚ ତରୁଡାଳୁଁ ଚାହିଁ ଏଣେ ତେଣେ
ହସି ହସି ଝୁଲେ ତହିଁ ହଲାଇ ଡାଳକୁ
କୁନ୍ତଳୁ ଦୁକୂଳ ନେଇ ଭିଡଛି କଟିରେ,
ସେ ଦୃଶ୍ୟ ଦର୍ଶନେ କେହି ହସେ ହସି ହସି
ଉଦରେ ସ୍ଥାପି ତା ହସ୍ତ ବସିପଡ଼େ ତଳେ,
ଅପମାନେ କେହିହୁଏ କ୍ରନ୍ଦନ-ଉନ୍ମୁଖ,
ବ୍ରତତୀ ଦୋଳାରେ କେହି ଦୋଳୁଅଛି ହର୍ଷେ,
ଦୋଳାଏ ଅପର ସଖୀ ସଜୋରେ କାହାକୁ,
ସଂଗ୍ରହେ ଉପଳ କେହି କଳା ଧଳା ନୀଳ

ଉଚ୍ଚହାଙ୍ଗ ପତଙ୍ଗ କେ ଧରେ ଧରେ ଦୂରେ ।
ବୃକ୍ଷ ମୂଳେ ଛାୟା କୋଳେ ଭୂମି ଶଯ୍ୟା ପରେ
କ୍ରୀଡ଼ନ୍ତ କୌତୁକେ ଥୋକେ କ୍ରୀଡ଼ାଶୀଳା ବାଳା
ଅନନ୍ୟ ମାନସେ କେହି ନିରେଖେ ସେ ଖେଳ
ଅର୍ଦ୍ଧାବୃତ ଅଙ୍ଗେ ଶୋଇ ସ୍ୱଚ୍ଛନ୍ଦେ ସେଠାରେ;
କେହି ବା ଗୁନ୍ଥଇ ହାର ବନାସୂନେ ବସି
କେବଳ ଫୁଲକୁ ଫୁଲେ ଛନ୍ଦଣ କୌଶଳେ;
'କେହି ପୁଷ୍ପ ପରେ ଅଳି ଗୁଞ୍ଜନ ଦେଖାଇ
ହାସ୍ୟ ପ୍ରିୟା ସୁରସିକା ପଚାରଇ ତହିଁ
ଶାନ୍ତ ଛନ୍ଦେ "କହ ସଖି ! କିକରେ ଭ୍ରମର'?
ଦର ଦର ହସି ସଖୀ ଦିଅଇ ଉତ୍ତର
"ମନେ ହୁଏ ଭୃଙ୍ଗ ତାର ମାନିନୀର ମାନ
'କହ କେଉଁ ଦୋଷେ ପ୍ରିୟେ ! ଏତେ ତୋ ଗୁମାନ
ଦୟା ଚକ୍ଷେ ତଳେ ବୋଲ ଚାହିଁକ ତୋହର ।'
ଭାଷେ ତହୁଁ ଅନ୍ୟ ସଖୀ ହୋଇ ଅଗ୍ରସର
"କହୁ ଅଳି ପୁଷ୍ପେ ସଖି ଦେଖାଏ ଅନ୍ୟଙ୍କୁ
ପୁରୁଷ ଚପଳ ବାଣୀ କେତେ ସେ ବେଳକୁ ।
ଅନ୍ୟ ସଖି ହସି କହେ "ମୋମନେ ପ୍ରତ୍ୟୟ
କୁସୁମ କୁସୁମବତୀ ହୋଇଛି ନିଶ୍ଚୟ,
ସଲଜ୍ଜେ ଇଙ୍ଗିତେ ତେଣୁ ନମାଇ ଶିରକୁ
ଛୁଇଁ ନା ଚୁମ୍ବନ ପାଇଁ କହେ ତା କାନ୍ତକୁ,
ତେଣୁ ଥର ଦୋଳିଯାଇ ପଦ୍ମ ଅହେ ଲଚି
ଚତୁରୀ ଚତୁରେ ଭାଷେ 'ଦୂରେ ନାଥ ଦୁଃଖି'
ଅନ୍ୟ ସଖି ଭାଷେ ହସି "ମମ ଅନୁମାନେ
ସଦ୍ୟ ପ୍ରସ୍ଫୁଟିତ ନବକୁମାରୀ- ସୁମନେ
କାମାର୍ତ୍ତ ଭ୍ରମର ଛଳେ ମୃଦୁ ଗୁଞ୍ଜି ଗୀତରେ
କହଇ ଜଣାଇ କାମାଙ୍କୁର ହୃଦେ ଧୀରେ,
ସଙ୍କୋଚେ ନ ଖୋଲା ତେଣୁ ପଲ୍ଲବ ଗହଳେ
ଇତସ୍ତତଃ ଲୁଚି ବୁଲେ ନ ଛୁଇଁ ଭ୍ରମରେ"
ତାହା ନୁହେଁ ତାହା ନୁହେଁ" ଅନ୍ୟ ସଖି ଭାଷେ
"ଅନ୍ୟ ଫୁଲ-ଭୋଗ-ଗନ୍ଧ ଭୃଙ୍ଗ ଅଙ୍ଗ ବାସେ,
ମାନେ ମୁହଁ ମୋଡ଼ି ଟାଣି ପଲ୍ଲବ ଓଢ଼ଣୀ
ଶିଶିରାଶ୍ରୁଛଳେ କାନ୍ଦେ ମାନିନୀ ଲଳନା;
ସଖେ ଜର ଜର ତେଣୁ କମ୍ପେ ଫୁଲ ରାଣୀ
'ଖଣ୍ଡିତା' ଲକ୍ଷଣ ସିନା ଏହି ରୂପେ ଜାଣି ।"

'ନହୁଁ ହୁଁ ତାନହେ' କେହି କହେ ହସି,
ପ୍ରେମ ଅନୁରାଗେ ପୁଷ୍ପ ମଦାଳସୀ ।
ଆଉଟି ପୀରତି- ପୟ କ୍ଷୀର କରେ,
ବଢାଇ ଉଦ୍ବେଗ ନିଷେଧ ଭ୍ରମରେ ।
ସୁମନ ସୁନ୍ଦରୀ ପୀରତି ପ୍ରବୀଣା,
ତାକୁ ଜଣା ପ୍ରୀତି ମୂଲ୍ୟ ବଢ଼ା କଣା ।
ମଧୁର ପ୍ରୀତିର ମାଧୁର୍ଯ୍ୟ ଦ୍ୱିଗୁଣ,
ଉଦ୍ବେଗ ବଢ଼ଇ ଯେତେ ପୁଣ ପୁଣ ।
ପ୍ରୀତି ରସ ପସ ହେଉଥାଏ ଗାଢ ,
ଯେତେ କହୁଥିବ 'ଛାଡ଼' 'ଛାଡ଼' 'ଛାଡ଼'
ତେଣୁ ସେ କଣୋଣି ନ ଦିଅଇ ଯସ,
ଯେତେ ଅଳି ଅଳି କରେ ଧବପସ ।
ସଃପ୍ରଃ- ଚୂତ ଡାଳେ ବସି ପିକ ରବେ କିଆଁ ?
ସଃଉଃ- ଫୁଙ୍କି ଜାଳଦିଏ ବିରହିର ହିଆଁ
ସଃଉଃ- ଅମ୍ଭ ସ୍ୱର ସଙ୍ଗେ ଏ ସୁଯୋଗ ପରା ।
ମିଳାଇ ସେ ବାନ୍ଧେ ତା କର୍କଶ ଗଳା
ସଃପ୍ରଃ- କହିଁ ରବେ ତେବେ 'କୁହୁ' 'କୁହୁ' 'କୁହୁ'
ସଃଉଃ- ମୋ କଣ୍ଠ କେମନ୍ତ କର୍କଶ କୁ ଉହୁ
ତେଣୁ ଦୁଃଖେ ପିକ ରବେ 'କୁହୁ' 'କୁହୁ' ।
ବ୍ୟଙ୍ଗେ କହେ କେହି "କି କବି, ଅହାହାଃ"
ଅନ୍ୟ ହସି କହେ "ସାବାସ୍ ! ବାହାବାଃ"

ଏମନ୍ତ ସମୟେ ଦେବ ବିଳମ୍ବ ନ କରି
ଅଉ, ଅସ ଆସ ତୃଷା ହାକେନ୍ତି ସ୍ୱରବେ

ଅନିଚ୍ଛୁକ ମନେ ତେଜି କ୍ରୀଡ଼ା କଉତୁକେ
କେହି କହେ 'ରହ କ୍ଷଣେ' କେହି କହେ 'ଚାଲ
ନୋହିଲେ ବିମନା ହେବେ ଦେବୀ ବିଳମ୍ବରେ' ।
ଅସୁ ଅସୁ ପଥେ କେହି କ୍ରୀଡାରତ ବାଳା
ବସନ ଓଟାରି ପଛୁଁ ଖେଳେ ସଖୀ ସଙ୍ଗେ
ଉଭା ହେଲେ ଦେବୀ ଅଗ୍ରେ ଶଶୀପ୍ରିୟା ସର୍ବେ
ଅଙ୍ଗୁଳି ଦେଖାଇ ଦେବୀ କହିଲେ ସରବେ
"ଏହି ଯେ ପୁରତେ ଦିଶେ ଉତ୍ତୁଙ୍ଗ ଶିଖର
ମିଶେ ଅପଘନ ଯାର ଶ୍ୱେତ ଘନ ସଙ୍ଗେ
ସ୍ଫଟିକେ ଗଠିତ ସମ ଦିଶଇ ସୁଦୂରୁ
ଧବଳ ତୁଷାର ଶିଳା ଆବରଣ ହେତୁ
ଶତ ଶତ ସାନୁମାନ ଚତୁର୍ଦ୍ଦିଗେ ଯାର
ଶ୍ୱେତ ତମ୍ବୁ ସମ ଦିଶେ ଅଭ୍ର ଆବରଣେ
ବ୍ୟୋମ ସଙ୍ଗେ ମିଶି ଯାଇ ନ ଦିଶଇ ଚୂଡ଼ା
ସେ ଶିଖରେ ବ୍ୟୋମକେଶ ବିହରନ୍ତି ସଦା
ସ୍ୱପତ୍ନୀ ଶଙ୍କରୀ ସଙ୍ଗେ ଶୈଳେଶ୍ୱର ସୁତା ।
ଅସ ଅସ ପଛେ ମୋର ଧୀରେ ସାବଧାନେ
ନ ଅନାଇ ଏଣେ ତେଣେ ନିରେଖି ପଥକୁ,
ଅତ୍ୟୁଚ୍ଚ ସୋପାନ ଏକେ ଅପ୍ରଶସ୍ତ ପଥ
ଗଳିତ-ତୁଷାର-ନୀରେ ଧୋଇ ଅଛି ପୁଣି
ପିଚ୍ଛିଳ ପାବଚ୍ଛ ଯାର ପଦ-ସ୍ଖଳନାୟ
ସୁ ଚିକ୍କଣ ଶ୍ୱେତ ଶିଳା ସୋପାନ ଶ୍ରେଣୀରେ ।"
ଦେବୀଙ୍କ ଆଦେଶମତେ ସେ ଗନ୍ତବ୍ୟ ପଥେ
ଚଳନ୍ତି ମ[illegible]ଳୀ ଯଥା ଏକ ପଛେ ଏକ,
ଏ ରୂପେ ଉପରେ ଉଠି ହେଲେ ଉପସ୍ଥିତ
ମନ୍ଦିର ପାବଚ୍ଛ ତଳେ ପ୍ରଶସ୍ତ ମଣ୍ଡପେ ।
ନିରେଖନ୍ତି ରମଣୀଏ ରମଣୀୟ ଦୃଶ୍ୟ
ଚନ୍ଦ୍ରାକାରେ ଚତୁର୍ଦ୍ଦିକେ ସୁଶ୍ୟାମଳ ମଞ୍ଚ
ସିନ୍ଧୁ ସମ ଦିଶେ ଯହିଁ ଦିଗନ୍ତ ବିସ୍ତାରି
ଶୁଭ୍ର ହର୍ମ୍ୟ ରାଜି ଶୁଭ୍ର ନଦୀ ବାଲି ରାଶି,
ଫେନ ପୁଞ୍ଜ ଛବି ଧରେ ସେ ଜଳଧି ଜଳେ
ନୀରେ ଥାଇ ଉଚ୍ଚ ନୀଚ ଦିଶୁଥିଲା ଯାହା
ଗୃହ, ଗ୍ରାମ, ବନ, ଶୈଳ ଜଳାଶୟ ଆଦି,
ଉଚ୍ଚେ ଉଠି ଉଚ୍ଚ ନୀଚ ନ ଦିଶଇ ଆଉ
ସମତଳ ସମ ଦିଶେ ସମସ୍ତ ପୃଥିବୀ;
ଏକାକାର ଏକଦ୍ରବ୍ୟେ ଗଢ଼ା ଯେସନ୍ତେ ସର୍ବେ
(ବେଦାନ୍ତୀ ନୟନେ ଯେସନ୍ତେ ଏ ବିଶ୍ୱ-ସଂସାର)
ସୁବିଶାଳ ଦ୍ରୁମମାନ ଦିଶେ ତୃଣ ପ୍ରାୟେ
ସର୍ବ ବ୍ୟାପି ଆତ୍ମା ଯଥା ଅହଂ ଇତ୍ୟାକାରେ ।
କାକ-ଚକ୍ଷୁ-ପ୍ରଭ ସ୍ୱଚ୍ଛ ସଲିଳା ତଟିନୀ
ଭୁଜଙ୍ଗ ଗତିରେ ଏକ ବହିଯାଏ ତହିଁ
ଉପରୁ ତଳକୁ ଶ୍ୟାମ ଶଇଳ ବିଗ୍ରହେ,
ନିରନ୍ତରେ ଝରଝରେ ଶିଳା ଶଯ୍ୟାପରେ;
ଯେ ରବେ ମୁଖର ସଦା ସ୍ତବ୍ଧ ଶୈଳ ଶ୍ରେଣୀ ।
କହିଲେ ସମ୍ବୋଧି ଦେବୀ "ପତିତ ପାବନୀ
ଗଙ୍ଗା ନାମ ଏ ନଦୀର ପୀୟୁଷ-ସଲିଳା
ବ୍ୟୋମ-କେଶ-ଜଟା ଜାଳ-ପ୍ରସୂତା ତ୍ରିସ୍ରୋତା
ତ୍ରିଭୁବନେ ତିନି ସ୍ରୋତ ବହଇ ସତତ ।
ଦେଖ ଊର୍ଦ୍ଧ୍ୱେ ଏକ ସ୍ରୋତ ବହେ ଉଗ୍ରାକାରେ
ଉଦ୍ଭାସିତ ସୌରକରେ କେତେ କମନୀୟ
ସୁନୀଳ ନିର୍ମଳାକାଶେ ଶ୍ୱେତସ୍ରୋତ କିବା
ଶୁକ୍ଳ ଉତ୍ତରୀୟ ସମ ବସ୍ତ୍ର ନୀଳ ବକ୍ଷେ ।
ଛାୟା-ପଥ ସେହି ଦୂରୁ ବଙ୍କିମ ଗମନା
ବହିଯାଏ ନୀଳାକାଶେ ଦୂରୁ ଦୂରାନ୍ତରେ
'ମନ୍ଦାକିନୀ' ନାମେ ଖ୍ୟାତ ଏ ସ୍ରୋତ ସ୍ୱରଗେ
ସ୍ୱର୍ଲୋକ-ପାବନୀ ଏହି—ଦେଖ ଅନ୍ୟ ଦିଗେ
ଅନ୍ୟ ସ୍ରୋତ ବହେ ଯହିଁ ଭୂଗର୍ଭେ ପାତାଳେ
ଶାଶ୍ୱତ-ତମିସ୍ରାଗାର ବିଭୀଷଣ ସ୍ଥଳୀ
ବିଷଧର ବାସେ ପୁଣି ମହା ବିଭୀଷଣ;
ସେ ପୁରେ ଏ ସ୍ରୋତ ଖ୍ୟାତ 'ଭୋଗବତୀ' ନାମେ

ସ୍ନାନେ ଯହିଁ ମୁକ୍ତ ହୋନ୍ତି ନାରେ ନାଗ ଜନ୍ତୁ ।
ସମ୍ମୁଖେ ବହଇ ଯେଉଁ ସ୍ରୋତ ନିସ୍ରୋତରୁ
ଫେନିଳ ଚଞ୍ଚଳ କଳ-କଲ୍ଲୋଳିନୀ ଶୁକ୍ଳ ।
ଶ୍ୱେତ ଉପବୀତ ସମ ଶ୍ୟାମ ଶୈଳ ସ୍କନ୍ଧେ
ଏକମାତ୍ର କୁଳାଙ୍କୁର ସଗର ବଂଶରେ
ମୁନି ଶାପେ ଭସ୍ମୀଭୂତ ଭଗୀରଥ ନାମେ
ଧନ୍ୟ ବୀର୍ଯ୍ୟେ ଜନ୍ମ ଯାର ନାଶିବଙ୍କୁ ଏକା,
ଅଯତ୍ନ ଚ ଲଭେ ମାତ୍ର ନୁହେ ଅସମ୍ଭବ,
ନାହିଁ ଅସମ୍ଭବ କିଛି ଜାଣିବୁ ଏ ବିଶ୍ୱେ,
ତପସ୍ୟା ପ୍ରଭାବେ ଯାହା ନୁହଇ ସମ୍ଭବ
ବାଲ୍ୟାବଧି ମୁନିବରେ ହୋଇଥିଲା ଏହା
ସ୍ୱବଂଶ ସନ୍ତାପ ତାପେ ତାପିତ ହୃଦୟ
ପର ଦୁଃଖେ କାନ୍ଦେ ସିନା ପ୍ରକୃତ ଯେ ସାଧୁ,
ସର୍ବ ଭୂତ ହିତେ ରତା ତେଣୁ ଏ ବୋଲନ୍ତି
ସବଂଶ ସଦ୍‌ଗତି ଆଶେ ଅନଶନେ ବୀର
ସାଧିଲେ କଠୋର ତପ ଏହି ଶୈଳ ମୂଳେ.
ତପେ ତୋଷି ଆଶୁତୋଷେ ଆଶୁ ତୋଷ ପ୍ରିୟେ
ନେଇଥିଲେ ଏ ସ୍ରୋତକୁ ତାଙ୍କର ଆଦେଶେ
ବହୁ କଷ୍ଟେ ମର୍ତ୍ତ୍ୟ ପୁରେ କଳୁଷ ଆଳୟ ।
ଯାଉଁ ଯାଉଁ ପଥେ ତାଙ୍କ ରୋଧ ଦେଲା ଗତି
ସମ୍ମୁଖେ ଉତ୍ତୁଙ୍ଗ ଏହି ନିଃଶଙ୍କେ ଶୈଳେନ୍ଦ୍ର,
କି କରିବେ ହତବୁଦ୍ଧି ନ ହୋଇ ସେ ବୀର,
'କିଂ କର୍ତ୍ତବ୍ୟବିମୂଢ଼ତା' କ୍ଲୀବର ଲକ୍ଷଣ
ଜାଣିଥିଲେ ବୀର ଏହା ଅକ୍ଷରେ ଅକ୍ଷରେ
ଜାଣି ଥିଲେ ପୁଣି ଏହା ସ୍ଥିର ମନା ଧ୍ରୁବ,
କର୍ମ-ସଫଳତା-ବୀଜ ଲୁକ୍କାୟିତ ସଦା
ଦୃଢ଼ ପ୍ରତିଜ୍ଞତା ଆଉ ଅଧ୍ୟବସାୟରେ;
ସେବଲେ ଦେବୀଙ୍କୁ ତହିଁ ଅନଶନେ ପୁଣି
ଆଦେଶିଲେ ଦେବୀ ବୀରେ ସ୍ୱପନେ ନିଶୀଥେ
"ଯଦି-ବଶ ମନାଇ ତୁ ଆଣି ପାରୁ ଏଥି
ଐରାବତେ ଇନ୍ଦ୍ର, ବସି ସ୍ୱର୍ଗସ୍ଥ ମଣ୍ଡଳେ,
ଯେବେ ସେ ଶୈଳର ଅଙ୍ଗ ବିଦାରଣ ଦନ୍ତେ
କରିଦେବ ଛିଦ୍ର ତେବେ ସେ ଛିଦ୍ରେ ପ୍ରବେଶି
ଯାଇ ପରେ, ଏଥୁଁ ନାହିଁ ଅନ୍ୟୋପାୟ ଆଉ;
ତହୁଁ ପୁଣି ପୁଣ୍ୟଶ୍ଲୋକ ତୋଷି ତପୋବଳେ
ମହାବଳ ଐରାବତେ ଦେବେନ୍ଦ୍ର ବାହନେ
ଧ୍ୱଂସିବାର ଉପଲ ଶୈଳୁ ପଥ ଉନ୍ମୋଚନେ
କଲେ ଅନୁରୋଧ ତାଙ୍କୁ ସ୍ରୋତ ଗତି ହେତୁ,
ତପେ ତୁଷ୍ଟ ଐରାବତ କହିଲେ ଗରବେ
"ଅସାଧ୍ୟ ମୋଠାରେ କିଛି ନାହିଁ ଏ ଜଗତେ
ଅନାୟାସେ ବାଞ୍ଛା ତବ କରି ପାରେଁ ପୂର୍ଣ୍ଣ,
କିନ୍ତୁ ପୁରସ୍କାର ଅଛି ପ୍ରତ୍ୟେକ କର୍ମର,
'ପତି' ବୋଲି ସମ୍ଭାଷିବେ ଗଙ୍ଗା ଯେବେ ମୋତେ
କରିବି ଏ କାର୍ଯ୍ୟ, ଯାଅ ପଚାର ଦେବୀଙ୍କୁ ।"
ବଜ୍ରାହତ ପ୍ରାୟେ ହେଲେ ହତବୁଦ୍ଧି ବୀର
କେମନ୍ତେ କହିବେ ଅବା ଦେବୀଙ୍କୁ ଏ କଥା,
ମାତା ବୋଲି ସମ୍ବୋଧନ୍ତି ଯାହାଙ୍କୁ ସତତ;
ନ ପାରିଲେ ଭାବି କିଛି, ବିଫଳେ ସେ ଶୈଳେ
ରହିଲେ ନୀରବ; ଦେବୀ କହିଲେ ସ୍ୱପନେ
"ବୁଝିଛି ସକଳ ବତ୍ସ ନ ହୁଅ ବିଷଣ୍ଣ
ଯଦ୍ୟପି ପୂରଣ ବାଞ୍ଛା ନୀଚ ଠାରୁ ହୁଏ
ତଥାପି ଯାଚ୍ଞା କେଭେଁ ନକରି ତା ପାରେ
ବିଫଳ ହେଲେହେଁ ତବ ମନୋରଥ ଜାଣ
କରିବ ଯାଚ୍ଞା ଲଜ୍ଜା ଛାଡ଼ି ମହତକୁ
ନର ନୀଚ ଥାଏ ସଦା ମହତ ମହତ;
ଯେତେତ ହେଲେ ଗଜ ସେତ ଗଜବୁଦ୍ଧି ତାର
ସେ କାହୁଁ ଜାଣିବ କହ ମହତ ମହତ୍ତ୍ୱ?
ନୀଚ ଠାରେ କାର୍ଯ୍ୟ ତବ ପଡ଼ିଛି ଅଧୁନା,
ସ୍ୱ କାର୍ଯ୍ୟ ସାଧନ ପାଇଁ କେବେ କେବେ ଭବେ
ହୋଇଥାଏ ନୀଚ ଠାରୁ ମହତ ଲାଞ୍ଛିତ,

ନାହିଁ ନବୀନତ୍ୱ ଏଥି ଜନ୍ମ ଶୁଣା ଏହା;
ନ ହୁଅ ବିମନା ତମ୍ଭେ ଏଥି ପାଇଁ ବୃଥା,
ଯାଅ ବତ୍ସ ଐରାବତେ କହ ବେଗେ ଯାଇ
'ତିନି ବାର ଦନ୍ତାଘାତ ସହିଲେ ସେ ମୋର
ପତି ବୋଲି ତେବେ ତାଙ୍କୁ କରିବି ସ୍ୱୀକାର'
ଜଣାଇଲେ ଭଗୀରଥ ଐରାବତେ ଯାଇ,
କରୀନ୍ଦ୍ର କହିଲେ ଗର୍ବେ ହସ ହସ ହୋଇ
'ତିନି ବାର ପ୍ରହାର ଅହୋ ! ତିନ ଲକ୍ଷ ବାର
ପ୍ରହାରିଲେ ସହିପାରେ ବଜ୍ର ଦେହ ମୋର ।'
ଅବତରି ଇନ୍ଦ୍ର କରୀ ଗର୍ବେ ଗିରି ମୂଳେ
ଉପାନ୍ତ ସମୂଳେ ଦ୍ରୁମ ଶୁଣ୍ଢେ ଶୈଳ ମୂର୍ଦ୍ଧି
ବକ୍ରଦନ୍ତେ ବିଦାରଣ ବିଶାଳ ଉପଳ,
କଲେ ଧୂମ୍ରଗ୍ରସ୍ତ ପଥ ସୁଡଙ୍ଗ ଆକାର,
ହେଲା ସେତୁ ତୁଲ୍ୟ ଶୈଳ ତଳ ଦେଶେ ଯାର
ବହଇ ସଙ୍କୋଚ ବପୁ ତମଧ୍ୟେ ସେ ସ୍ରୋତ;
ବାର ପ୍ରହାରକୁ କରୀ ଅପେକ୍ଷା କରଣ
ପ୍ରବେଶିଲେ ଜଳ ମଧ୍ୟେ ପ୍ରଫୁଲ୍ଲିତ ମନେ,
ଉଠିଲା ଆକାଶେ ଊର୍ମି ଭୈରବ ହୁଙ୍କାରେ
(ଉଠେ ଯଥା ରୋଧିବାକୁ ବଣେ ବନ୍ୟ ରାଢ଼ୀ
ପ୍ରଳୟେ ପୟୋଧି ଗର୍ଭୁଁ ଉତ୍ତାଳ ତରଙ୍ଗ,
ଜଡ଼ିଲେ ଚମକି ସର୍ବେ, ଶୈଳବାସୀ ଜୀବ
'କି ହେଲା କି ହେଲା' କହି ନିଭଲେ ସଭୟେ
ଯେ ଯହିଁ ପାଇଲେ ତହିଁ ଜୀବନ ବଞ୍ଚିଲେ ।
କାହିଁ ଗଲା ଗଜବର ନ ମିଳିଲା ଅନ୍ତ
ଉଠିଲା କ୍ଷଣକେ ମାତ୍ର ତୀବ୍ର ଆର୍ତ୍ତନାଦ
'ରଖମ ରଖମା ପ୍ରାଣେ ମାରି ମଲି ମଲି'
ନିରୂର୍ମି ନିସ୍ତବ୍ଧ ଜଳ ହୋଇଲା ତକ୍ଷଣେ
ପଳାଇଲେ କରୀବର ସଙ୍କୋଚି ସ୍ୱ-ବପୁ
ଭୀତ ଶ୍ୱାନ ପରି ତହୁଁ ହତାଶା ଲଜ୍ଜାରେ ।
ଚଳିଲା ଏ ସ୍ରୋତ ଛାଡ଼ି ଶୈଳ ଗୁହା ତହୁଁ
ପ୍ରାନ୍ତର ନଗର କେତେ ଜନପଦ ଦେଇ
କରାଇ ପବିତ୍ର ତୀର୍ଥ ଉଭୟ ସ୍ଥଳୀ ମାନ,
ପତଙ୍ଗ ଆଲୋକ ଦେଖି ଧାବନ୍ତି ଯେସନ
ଦଳେ ଦଳେ ଶତ ଶତ ଆସିଲେ ଚୌଦିଗୁଁ
ଜଳଚର ବିହଙ୍ଗମେ ମହା କୋଳାହଳେ,
ଶାରଦ ବାରିଦ ଶୋଭା ପ୍ରକାଶି ଗଗନେ
କେହି ଉଡ଼େ କେହି ବୁଡ଼େ କେହି ଗାଏ ହର୍ଷେ
ଭାସି ଭାସି ଯାଏ କେହି ଜଳ ଦୋଳାସନେ
ଛଡ଼ ପଡ଼ ଊର୍ମି ସଙ୍ଗେ ସନ୍ତରଣ ପଟୁ
ଏହିରୂପେ ଯାଉଁ ଯଉଁ ପଥେ ସ୍ରୋତ ସୁଖେ
ଭାସିଗଲା ଜହ୍ନୁ ମୁନି କ୍ଷୁଦ୍ର କୁଟୀରଟି;
ମହାଯୋଗୀ ସିଦ୍ଧ ତପୀ ତପସ୍ୟା ପ୍ରଭାବେ
ଶୋଷିଲେ ଗଣ୍ଡୂଷେ ସ୍ରୋତ ଜଳ ଦଳ ସହ;
କାହିଁ ଗଲା ସ୍ରୋତ କାହିଁ ଗଲା ଏତେ ଜଳ
ଦେଖିଲେ ମାତର ଜଳଜୀବ କୋଳାହଳ
ସ୍ଥଳେ ପଡ଼ି ଛଟପଟ କରନ୍ତି କେବଳ ।
କାନ୍ଦିଲେ ବ୍ୟାକୁଳେ ବୀର ମୁନି ପାଦେ ପଡ଼ି,
ଆଦ୍ୟ ଅନ୍ତ ସ୍ୱ ବୃତ୍ତାନ୍ତ କହିଲେ ଉଦ୍ଦେଶ୍ୟ,
ଦୟା ବହି ଦୟାଶୀଳ ଚିରି ଦେଲେ ଜାନୁ
(ଉଦ୍ଗାରିଲେ ମୁଖେ ସ୍ରୋତ ଉଚ୍ଛିଷ୍ଟ କହିବେ
ଗୁହ୍ୟ ଶିଶ୍ନ ପଥେ ହେବ ମଳ ମୂତ୍ର ଜାଣି)
ହେଲା ବହିର୍ଗତ ସ୍ରୋତ ପୂର୍ବାପର ପୁଣି
ଚଳିଲା କଲ୍ଲୋଳେ ଊର୍ମି ଉଠିଲା ଫେନିଳ,
ମହା ହର୍ଷେ ପୁଲକିତ ହେଲେ ଭଗୀରଥ
(ହୃତ ଧନ ପ୍ରାପ୍ତି ସଦା ବଢ଼ାଏ ଆନନ୍ଦ)
ଯେ ହେତୁ ଏ ସ୍ରୋତ ନାମ ହୋଇଲା ଜାହ୍ନବୀ,
ଜୀବନ ଏହାର ଜୀବ-ପାପ-ତାପ-ହାରୀ
ଜୀବନ୍ତେ, ପ୍ରାଣାନ୍ତେ ପୁଣି ହୁଏ ମୁକ୍ତି ହେତୁ
ଅୟସ୍କାନ୍ତ ସ୍ପର୍ଶ ମଣି ପରଶେ ଯେସନ
କ୍ଷଣକେ କନକାକାରେ ହୁଏ ପରିଣତ,

ତେସନ ପରଶି ତାର ମହାଜ୍ଞାନୀ-ପାପୀ
ସହସା ପାଲଟି ଯାଏ ମହା ଜ୍ଞାନୀ ଧର୍ମୀ
ଅସ ସର୍ବେ ଅବଗାହି ପୂତ ସ୍ରୋତ ଜଳେ
ଶାଶ୍ୱତ ଶାସ୍ତ୍ରୀୟ ବିଧି ପୁଣ୍ୟ କର୍ମେ ଏହା
ପବନ୍ତି ସ୍ୱଦେହ, ପରେ ପ୍ରବେଶି ମନ୍ଦରେ
ଶଙ୍କର ଶଙ୍କରୀ ହର୍ଷେ କରିବା ଦର୍ଶନ ।"

ସ୍ୱପ୍ନଦେବୀ ସଙ୍ଗେ ସର୍ବେ ଚଳିଲେ, ସେ ସ୍ରୋତେ
ରଜତ ଉଜ୍ଜ୍ୱଳ କାନ୍ତି ପୀୟୂଷ ସଲିଳା
ପ୍ରକ୍ଷାଳିଲେ ଗୁରୁ ଅଙ୍ଗ ସୁଗୁରୁ ଦର୍ଶିତା,
ଉଲ୍ଲୋଳ-କଲ୍ଲୋଳ ମଞ୍ଜୁ-ମଙ୍ଗଳ-ମାଳିନୀ
ପୁଣ୍ୟତୋୟା ଜାହ୍ନବୀର ଗୁରୁ ସ୍ନିଗ୍ଧ ଜଳେ ।

ଦଶମ ସର୍ଗ ସମାପ୍ତ ।

# ଏକାଦଶ ସର୍ଗ ।

## କୈଳାସ—ଦର୍ଶନ ।

କାହିଁ ଶିବ-ପୁରୀ, କାହିଁ ଅର୍ବାଚୀନ ମୁହିଁ
କ୍ଷୁଦ୍ରାଦପି କ୍ଷୁଦ୍ର ହୀନ ଅକିଞ୍ଚନ ଅତି;
ଯୋଗୀନ୍ଦ୍ରେ କରନ୍ତି ଯୋଗ ଯୁଗେ ଯୁଗେ ବସି
ଲଭିବାକୁ ଯେ ଲୋକକୁ ପରମ ଦୁର୍ଲ୍ଲଭ,
କେମନ୍ତେ ମାନବାଧମ, ଅବୃତ ସତତ
ପୁଣି ବିଶ୍ୱ ମାୟା ପାଶେ, ଜରାୟୁ ବେଷ୍ଟିତ
ଭ୍ରୂଣ ସଦୃଶ ମୋହାନ୍ଧ, ପଶିବ ସେ ମୋକ୍ଷ-
ଧାମେ, ଲୂତା ତନ୍ତୁ ଆଶ୍ରି, କାହିଁ, ଅସମ୍ଭବ,
କେ ପାରେ ଯିବାକୁ ତୁଙ୍ଗ ହିମାଚଳ ଚୂଳ
କହ, ଗୋ ସାରଳେ, ଦେବି ! ଉତ୍କଳ ଭାରତୀ !
ତବ ବଳେ ବଳୀ ଯେ, ମା ! କି ଅସାଧ୍ୟ ତାର,
କହ ଏ ଜଗତେ; ଅୟି ବୀଣାପାଣି ଦେବି,
ଶ୍ୱେତାବ୍ଜ ବାସିନି, କର ହୃଦେ ଅଧିଷ୍ଠାନ

ଏ ହୀନ ଦାସର, ସଙ୍ଗେ ଘେନି ଅସମାତେ ,
କଳ୍ପନା ସୁନ୍ଦରୀ, କବିକୁଳ ବନ୍ଦନୀୟା
କାନ୍ତା ଛାୟା ସମ ତବ ଚିର ସହଚରୀ ।
ଏ ଦାସକୁ ବର ଯଦି ଦିଅ ଗୋ ବରଦେ !
ତବ ଅନୁଗ୍ରହେ ମାତଃ ଉତ୍କଳ ନିବାସୀ
ଶୁଣିବେ ଆନନ୍ଦାର୍ଣ୍ଣବେ ଭାସି ନିରନ୍ତରେ
ଏ ମମ କବିତା ଗାଥା ସୁଧା ସମ ମଣି
ହରଷିତ ଚିତ୍ତେ ସଦା ଅତୃପ୍ତ ହୃଦୟେ ।
ସ୍ନାନାନ୍ତେ ଆବରି ଅଙ୍ଗ ଶୁଦ୍ଧ ଶୁଷ୍କ ବାସେ
ବିବିଧ ବର୍ଣ୍ଣର ପୀତ ଲୋହିତ ହରିତ
ମନ୍ମଥ-ମନ-ମୋହିନୀ ବଧୂ--ବଧୂ-ବୃନ୍ଦ
ବୃନ୍ଦାବନେ ଯଥା ବ୍ରଜାଙ୍ଗନା ଗଣ
ଶ୍ୟାମ ଦରଶନ ଆଶେ ଯୋଷାହେ ଚଳନ୍ତି

କିମ୍ବା ନୀଳାଚଳେ ଯେସନ୍ତେ ସୁନୀଳ ସାଗରୁ
ଚଳନ୍ତି ଯୁବତୀ ଦଳ ଜଳ-କେଳି ଅନ୍ତେ,
ଗଳପୂ ଗଳପୂ ପଥେ ହାସ୍ୟ ଲାସ୍ୟ ମୟୀ
ଜଗନ୍ନାଥ ଦରଶନେ ସୁଗୃରୁ ଦର୍ଶନା,
ଚଳିଚଳି ତେସନ ଏବେ କପର୍ଦ୍ଦୀ ଦର୍ଶନେ,
କୈଳାସେ କୈବଲ୍ୟ ଧାମ ମୁମୁକ୍ଷୁ କାଙ୍କ୍ଷିତ ।
ପୀନ ପୟୋଧରା ରୂପ ଅହୋ ହେ ରସିକେ !
କେମନ୍ତେ ବର୍ଣ୍ଣିବ କହ ତାଙ୍କ ସ୍ୱର୍ଣ୍ଣ-କାନ୍ତି
ଝଟକେ ଦ୍ୱିଗୁଣ ପୁଣି ସଦ୍ୟ ସ୍ନାନ ହେତୁ
ପ୍ରଭାତ ଶିଶିର ଧୌତ ଫୁଲ୍ଲ ଅବ୍ଜ ନଭ;
କଳ୍ପନା ନୟନେ ଯଦି ପାର ଦେଖିବାକୁ
ପ୍ରବେଶି ସେ ରୂପ ଉପବନେ ଦେଖ ବାରେ,
କି ସୁନ୍ଦର କି ମଧୁର କେତେତ କମନୀୟ
କୁଞ୍ଚିତ ତରଙ୍ଗ ରଙ୍ଗେ କଜ୍ଜଳ ଉଜ୍ଜ୍ୱଳ
ସୁଦୀର୍ଘ ଚିକ୍କଣୋର୍ମି ସୁଗୃରୁ ଚିକୁର.
ଉଡ଼ତ ଫର ଫର ଦେଖ ଲଳିତ ଗମନେ,
ବିଜୟ କେତନ ରୂପେ ରତିପତିଙ୍କର;
ଅଳି ରୂପୀ ଅଳକାକୁ ଦେଖ ଇତସ୍ତତଃ
କପୋଳେ କମଳ ଭାବି ଲକ୍ଷ୍ୟ କରି ଉଡ଼େ;
ଚଳ ଗୃରୁ ଭୃରୁ ଦେଖି ମନେ ହୁଏ ନିଶ୍ଚେ
ଅଲକ୍ଷ୍ୟେ ଅନଙ୍ଗ ବସି ଝଙ୍କାରେ କୋଦଣ୍ଡ
ତା ମଧ୍ୟେ ସିନ୍ଦୂର ବିନ୍ଦୁ ଲାବଣ୍ୟ ଲଲାଟେ
କନ୍ଦର୍ପ-କୁସୁମ-କାନ୍ତି-ତୀକ୍ଷ୍ଣ-ଶର ପ୍ରାୟେ,
ଫୁଟଇ ଯୁବକ ବକ୍ଷେ ଦହି ତା ହୃଦୟ
ଚିକ୍କଣ କପୋଳ ଗୃରୁ ଚମ୍ପକ ବରଣ,
ଦର୍ପକ ଦର୍ପଣ ରୂପୀ ରୁଚିର ଉଜ୍ଜ୍ୱଳ ।
କେ ଅଛ ହେ ଯୁବାକୁଳେ, କହ ହୃଦ ଫେଇ
ନ ଫଳୋରେ ଓଷ୍ଠ ଯାର ଚୁମ୍ବନ ଆଶାରେ
ଦର୍ଶନ ମାତ୍ରକେ ସ୍ୱତଃ ଅଜ୍ଞାତେ ଅଲକ୍ଷେ,
ଦର୍ଶନ କିପାଇଁ, ଖାଲି ଶ୍ରବଣ ମାତର ।
ଯୁଗଳ କମଳ ନେତ୍ର ଖଞ୍ଜନ -ଗଞ୍ଜନ
ଫୁଲବାଣ କିବା ଏହା କାମ ଧନୁର୍ଗୁଣେ
ସନ୍ଧିତ କଟାକ୍ଷ ଯେବେ ଚଳେ ଏ ନୟନୁ,
ସୁତୀକ୍ଷ୍ଣ ବିଷାକ୍ତ ବାଣ ରତି ପତିଙ୍କର,
କେ ଅଛ ଏ ବିଶ୍ୱେ ପୁଂସ ଧୈର୍ଯ୍ୟଶାଳୀ ଏତେ
ନ ହେବ ଯା ଧୈର୍ଯ୍ୟଚ୍ୟୁତ ଏ ବିଷ ଅଗ୍ରେଗେ ?
ଥାଉ ଅନ୍ୟ କଥା ନିଜେ ଧୂର୍ଜଟି କହିଲ,
ହରାଇଣ ଧୈର୍ଯ୍ୟ ପର ଏ କଟାକ୍ଷ ଶରେ,
ଶୈଳ-ସୁତା ସତୀ ରୂପ ସୌନ୍ଦର୍ଯ୍ୟ ନିରେଖି,
ମାତିଥିଲେ କାମମଦେ, ଯୋଗ ଯାଗ ତ୍ୟାଗି,
ତେଜି ଭସ୍ମ ଲେପିଥିଲେ ସୁଚନ୍ଦନ ଅଙ୍ଗେ,
ଫିଙ୍ଗିଦୂରେ ଅସ୍ଥି ମାଳା, ପିନ୍ଧିଥିଲେ ପର
ନୀଳମଣି ରତ୍ନମାଳା ନୀଳକଣ୍ଠ ଗଳେ;
ଅଲକ୍ଷେ କଟାକ୍ଷ ଗୃଳି ଚଞ୍ଚଳାକ୍ଷି ଯେବେ
ଢୋଡ଼ାନ୍ତି ବଦନାମ୍ବୁଜ ବସନେ ସହସା
ଭୂତଳେ ନିବେଶି ଦୃଷ୍ଟି ଗୃଲୁଥାନ୍ତି ପଥେ,
ଦେଖି କି ନ ହୁଏ ମନେ, ଯୁବା ମନ ମୀନ,
ଆକର୍ଷି କଟାକ୍ଷ-ପାଶେ ଧୀବରଣୀ ରୂପେ
ମଦନ ଗନ୍ତିନୀ ଏହି ପ୍ରମଦା ପ୍ରମୋଦେ
ଦେଖନ୍ତି ପଡ଼ିତ କିମ୍ବା ଉନ୍ଧୃତ ଏ ଜାଲେ,
ତେଣୁ ନିରେଖନ୍ତି ଫେରେ ଅନନ୍ୟ ମାନସେ
ଭିରେ ଉରଜାଦି ସ୍ଥଳୀ ଯୁବାଙ୍କ ହିତାର୍ଥେ,
ଦୁକୂଳେ ଆବୃତ କରି ରଖନ୍ତି ସତତ,
ନୋହିଲେ କ ଥାନ୍ତା ବିଶ୍ୱେ ଯୁବାମନ କେଉଁ
ଭୀମ ପ୍ରଭଞ୍ଜନେ ଯଥା ଲଘୁ ତୂଳା ରାଶି
ଲବଣୀ ପିତୁଳା କିମ୍ବା ଅନଳ ପରଶେ ।
ବିଧି ସୃଷ୍ଟି ବନ୍ଧ ପୂର୍ବୁ ହୋଇ ଥାନ୍ତା ନାଶ ।
ବଳିହାରି ବାମା ଦଳ ତୁମ୍ଭଙ୍କୁ ସତତ
ନମେ କନ୍ଦ, କବି ଦୂରୁ ସେ କଟାକ୍ଷ ଶରେ ।
ସ୍ୱପ ଦେବୀ ଆଗେ ଆଗେ ତାଙ୍କ ପଛେ ପଛେ

ଏତେକ ଏତେକ ଚାଲୁଛନ୍ତି ଶଶୀ ସିମନ୍ତନୀ
ସନ୍ଧ୍ୟା ଆଗମନେ ଯଥା ରାଜହଂସୀ ସବୁ ।
ନବ ଦୁର୍ବାଦଳ ଦେଖି ଯାଉଁ ଯାଉଁ ପଥେ
ଆଦେଶିଲେ ତୋଳିବାକୁ ଦେବୀ ସମସ୍ତଙ୍କୁ,
କହିଲେ ବୃଷଭ ପାଇଁ ନେତା ଏ ହେଉଁନେ
ଶ୍ୟାମ ଦୁର୍ବାଦଳ ତୋଳି ଧରି ବାମ କରେ
ଚଳନ୍ତି ଚଳାକ୍ଷୀ ପଥେ ଚାହିଁ ଏଣେ ତେଣେ,
କେ କହେ ସୁମନେ ଦେଖ କେମନ୍ତ ସୁନ୍ଦର
ପ୍ରସ୍ଫୁଟିତ ସୁବାସିତ ଗନ୍ଧାମୋଦେ ଯାର
ଅଳିଏ ଆକୁଳ ହୋଇ ଭ୍ରମନ୍ତି ଚୌଦିକେ,
ଗୁଞ୍ଜନ କେମନ୍ତ ତାଙ୍କ କର୍ଣ୍ଣରସାୟନ,
ମୃଦୁଳ ମଳୟାନିଳ ବହଇ କେମନ୍ତ
ସୁରଭିତ ବନସ୍ଥଳୀ କୁସୁମ କୁନ୍ତଳା
ଅସିଲେ ଦ୍ୱିରେଫ ଦଳେ ମଞ୍ଜୁଳ ଗୁଞ୍ଜନେ,
(ମକରନ୍ଦ ଗନ୍ଧ ଲୋଭେ ମତ୍ତ ହୋଇ ଜବା)
ବେଢିଲେ ଚନ୍ଦ୍ରମା-ହ୍ରଦ-ସର-କୁମୁଦନୀ;
ଦେଖ ଦେଖ କହେ ଛନ୍ଦା ଭ୍ରମରର ଭ୍ରମ,
ଫୁଲ ଛାଡ଼ି ଉଡ଼ି ବସେ କପୋଳେ କେସନ
ନ ଶୁଣି ତା' କଥା ସଖୀ କହେ ଦେଖ ତାଳେ,
କେଡେ ମନୋହର ରଙ୍ଗ ଶଙ୍ଖ-ରୂପ ଜିଣି
ପକ୍ଷୀଟିର, ଗାଏ ପୁଣି କି ମଧୁର ତାନେ,
ମରମ ପରଶୀ ଅହା ଶୁଣ କର୍ଣ୍ଣ ଡେରି
ଦେଖ ଦେଖ କହେ ଚାହିଁ ରସିକା କୁଣ୍ଡିକା
ସଜାଇ ଶ୍ୟାମଳ ଅଙ୍ଗ ସୁମନେ ପଲ୍ଲବେ,
ନାଗର ନାଗରୀ ପ୍ରେମ ଲାଭି ଅଶେଷ ଯଥା
ତମାଳ ପ୍ରସାରେ ବାହୁ ସସ୍ନେହେ କେସନ
ଯୁବତୀ ବ୍ରତତୀ ପ୍ରତି ନବ ମଞ୍ଜରିତ
ଛନ୍ଦିବାକୁ ଗଳେ ତାର ପ୍ରେମ ଆଲିଙ୍ଗନେ;
ଶୃଙ୍ଖଳ ବିଟପୀ ବନ୍ଧ କଣ୍ଠେ ଦେଖ, ସଖି
ସୁ-କନକ କାନ୍ତି ଜଣା ପୁଷ୍ପିତା ଲତିକା
କହୁଥାଇ ସମଶୋଭେ ପ୍ରୀତି ବାସେ ରସେ;
ରସାଳସ୍ଥ ରସାଳରୁ ଉଠଇ ସଙ୍ଗୀତ
ସୁ-ଗାୟକ ପିକ କଣ୍ଠ ସୁଲଳିତ ତାନେ;
ଗୁଞ୍ଜରି ମଧୁର ମଧୁ-ମକ୍ଷିକା ସୁସ୍ୱରେ,
ଗୀତ ବୀଣା ଧ୍ୱନି ଯଥା ସଙ୍ଗୀତ ଅଳସୁ
ବଡ଼ ସୁଶୀତଳ କିନ୍ତୁ ଏ ସ୍ଥଳୀ ସଜନି ।
ବୋଲନ୍ତେ ରୋହିଣୀ ରାଣୀ କହିଲେ ଅମ୍ବିକା
ଯା କହିଲ ସତ୍ୟ ରାଣୀ ବଡ଼ ସୁଶୀତଳ,
ନିର୍ଜନତା ଦେଖି କିନ୍ତୁ ଭୟ ଲାଗେ ମୋତେ ।
କହନ୍ତେ ଯଶୋଦା ତହୁଁ କହିଲେ ଭଗିନୀ
ପ୍ରାଣାନ୍ତେ ଏପଥେ ଏକା ନ ପାରିବ ଯାଇ
ଘୋରାରଣ୍ୟ ଚତୁର୍ଦ୍ଦିକେ କେହି କେଣେନାହିଁ
ଧୂ-ଧୂ କରେ ବନସ୍ଥଳୀ ନିସ୍ତବ୍ଧ ନୀରବ,
ଏତେ ବିଭୀଷଣ ସ୍ଥଳୀ ଦେଖି ନାହିଁ କେବେ ।
ଘର୍ମାର୍ଦ୍ର ଶରୀରେ ଅର୍ଦ୍ରା କହଇ ସଭୟେ,
ବଡ଼ ବିଭୀଷଣ ସ୍ଥଳୀ ସତ୍ୟ ଗୋ ସଜନି !
କେତେ ଦୂର ଶିବ ପୁରୀ ଚାଲି ଦଣ୍ଡେ ଦଣ୍ଡେ
ସନ୍ନିହିତ ପ୍ରାୟେ ଦିଶେ ଦେଉଳ ପତାକା
ଚାଲି ଚାଲି ପଥ କିନ୍ତୁ ନ ହୁଅଇ ଶେଷ ।
ଥିଲା ଯା ନନ୍ଦନ ବନ ମୁହୂର୍ତ୍ତିକ ପୂର୍ବେ
ମୁହୂର୍ତ୍ତିକ ପରେ ହେଲା ଭୀଷଣ ଅରଣ୍ୟ
ମହାର୍ଘ ହୀରକ ହେଲା ସୁତୀକ୍ଷ୍ଣ କଣ୍ଟକ,
ସୁବର୍ଣ୍ଣ ସିକତାକାରେ ହେଲା ପରିଣତ ।
ସ୍ୱପ୍ନଦେବୀ ହସି ତହୁଁ କହିଲେ ବୁଝାଇ
"ମନଗଢ଼ା ଏ ପୃଥିବୀ କଳ୍ପନା ନିଳୟ
ଯେ ଯେମନ୍ତ ଭାବେ ତାକୁ ଦିଶଇ ତେମନ୍ତ
ସତ୍ୟ ଅନୁଭବ ଯାହା ଅଜ୍ଞାନ ଅନ୍ଧାରେ
ପରେ ହୁଏ ମିଥ୍ୟା ତାହା ଜ୍ଞାନାଲୋକେ ପୁଣି,
ଅଜ୍ଞାନୀ ନୟନେ ଯହିଁ ଧ୍ରୁବ ସତ୍ୟ ମାନ
ଜ୍ଞାନୀ ନେତ୍ରେ ମିଥ୍ୟା ଯଥା ମରୀଚିକା ବାରି,

ମନର ଅବସ୍ଥା ଭେଦେ ଭିନ୍ନ ଧରେ ରୂପ
ଦର୍ପଣ * ଆକୃତି ଭେଦେ ଛାୟା ଦିଶେ ଯଥା ।”

କାହିଁ କାହିଁ ଖଣ୍ଡ ପଥ ଗଲେ ଅତିକ୍ରମି
ଅଗ୍ରଭାଗେ କିଛି ଦୂର ଦେଖିଲେ ସହସା
ଚକ୍ରାକାରେ ଶୋଭେ ଏକ ଅତ୍ୟୁଚ୍ଚ-ପ୍ରାଚୀର
ମୃଣାଳେ କମଳ ସମ ସ୍ଥିତ ଶୈଳୋପର
ଅତି ମନୋହର ପୁରୀ ନୟନ ନନ୍ଦନ
ସାରକ କନକ ଆଦି ମହାର୍ଘ ରତନେ
ନିର୍ମିତ ପ୍ରାକାର ଯାର ସମୁଜ୍ଜ୍ୱଳ କାନ୍ତି
ଖର ସୌର କର ଯୋଗେ ଝଲସାଏ ଚକ୍ଷୁ,
ଦେଖି ହୁଏ ମନେ ଯେହ୍ନେ ପ୍ରତିଦ୍ୱନ୍ଦୀ ରୂପେ
ପ୍ରାକାର ଫେରଇ ଜ୍ୟୋତି ସୂର୍ଯ୍ୟ ପ୍ରତିକୂଳେ
କ୍ରମେ ଅଗ୍ରସର ଯେତେ ହୁଅନ୍ତି ବାଳିଏ
ସ୍ପଷ୍ଟତର ପୁରୀ ତେତେ ହେଉଥାଏ କ୍ରମେ

ସ୍ପଷ୍ଟତର ହୁଏ ଯଥା ସୁଶୀତଳ ମଣି
ଦିବାଲୋକେ, ଅସ୍ପଷ୍ଟ ଯା ଥାଏ ଉଷାକରେ;
ଦେଖିଲେ ତୋରଣ ଏକ କାଞ୍ଚନ ନିର୍ମିତ
ନୃପତି ତୋରଣ ଭଳି ଏ ତୋରଣ ପାଶେ
ଭଳି କାକ ପୁଚ୍ଛ ଯଥା କେକୀ-ପୁଚ୍ଛ ତୁଲେ,
କାରୁକାର୍ଯ୍ୟ ତଦୁପର ବିଚିତ୍ରତାମୟ
ବୈଦୁର୍ଯ୍ୟାଦି ବହୁମଣି ଜ୍ୱଳେ ଜକ ଜକ
ଆଦିତ୍ୟ ପ୍ରତିମ ପ୍ରଭା ପ୍ରକାଶି ସତତ

ଉଦ୍ଭାସିତ ପୁରୀ ଏକ ଅପୂର୍ବ ଆଲୋକେ
ଶତ ସୂର୍ଯ୍ୟ ଜ୍ୟୋତି ଯେବେ ହୋଇବ ଏକତ୍ର
ସେ ଆଲୋକ ଜ୍ୟୋତି ସଙ୍ଗେ ନୋହିବ ତୁଳନା
ଶତ ତାରା କର ଯଥା ସୌରକର ସଙ୍ଗେ;
ବିଚିତ୍ର ଏ ଜ୍ୟୋତି, ତେଜେ ସୂର୍ଯ୍ୟ ଜିଣେ କିନ୍ତୁ
ସୁସ୍ନିଗ୍ଧ ଶୀତଳ ଯେହ୍ନେ ପୂର୍ଣ୍ଣିମା କୌମୁଦୀ
ନାହିଁ ସମତୁଲ ଯାର ଏ ଭବ ମଣ୍ଡଳେ ।

ନ ଦେଖିଛି ନର ଚକ୍ଷୁ କଦାପି ଯାହାକୁ
କେମନ୍ତେ ବର୍ଣ୍ଣିବ ତାକୁ ଦୁର୍ବଳା ଲେଖନୀ ।
ଲାଗିଅଛି ଯାତାୟାତ ତୋରଣେ ଲୋକଙ୍କ
ଅଗୁରୁ ଚନ୍ଦନ ଯାର ରକ୍ତ ଚନ୍ଦନର
ତ୍ରିପୁଣ୍ଡ୍ରକ ଚିହ୍ନ ଭାଲେ ଶୋଭଇ ଉଜ୍ଜ୍ୱଳ,
ବାହୁ କଣ୍ଠେ ଗଳେ କରେ କଣ୍ଠେ ବା କାହାର
ଶୋଭେ ଧର୍ମ-ଭକ୍ତି-ପ୍ରଦ ରୁଦ୍ରାକ୍ଷର ମାଳା;
ଶୋଭେ ଶୁଭ୍ର ଉପବୀତ ଗୌରୋରସେ କାର

ସାର୍ଦ୍ଧ ଶିଖ ସ୍ଥୂଳୋଦର ସୁଗଭୀର ନାଭି
ଶିରେ ଜଟାଭାର କାର ଭସ୍ମ ଲେପ ଅଙ୍ଗେ,
କରେ କମଣ୍ଡଳୁ କାର ସୁଦୀର୍ଘ ଚିମୁଟା
ତ୍ରିଶୂଳ ଧରିଛି କେହି ନୃ-କପାଳ କରେ;

ଅଜିନ ଆସନ କାର ବସନ କଟିରେ ।
କେହି ଚୀର ଧାରୀ ମାତ୍ର ନାହିଁ ଅନ୍ୟ କିଛି
(ଶିବ ବୈରାଗ୍ୟର ଚିହ୍ନ ଏହିକି ପ୍ରକାର) ।

ଗହ୍ନି ଗହ୍ନି ପହୁଞ୍ଚିଲେ ତୋରଣ ସମ୍ମୁଖେ
କି ଅପୂର୍ବ ଦୃଶ୍ୟ ଅହା ! ଦେଖନ୍ତି ନାରଦ;
ଅତୃପ୍ତ ନୟନେ, ସର୍ବେ ନିର୍ବାକ ନିସ୍ପନ୍ଦ;
ଯେ ଯେଉଁଠି ରହିଛି ତେଣୁ ନ ଫେରଇ ଆଖି,
ପ୍ରସ୍ତର ଖୋଦିତ ମୂର୍ତ୍ତି ପରାୟେ ନିଶ୍ଚଳ ।

ଡାକିଲେ ଏ କାଳେ ତାଙ୍କୁ ସ୍ୱପ୍ନ ଦେବୀ, ତହିଁ
ସ୍ୱପ୍ନୋତ୍ଥିତ ପ୍ରାୟେ ସର୍ବେ ନିରେଖି ଦେବୀଙ୍କୁ
ଚଳିଲେ ଦେବୀଙ୍କ ସଙ୍ଗେ ମନ୍ଦିର ଭିତରେ,
ତାଙ୍କର ଆଦେଶ ମତେ ହୋଇ ଏକ ଠାଇ
ସୁଦୀର୍ଘ ପ୍ରାଙ୍ଗଣ ଉଚ୍ଚ ପ୍ରାଚୀର ଭିତର

* କୁବ୍ଜପୃଷ୍ଠ ଦର୍ପଣରେ ଛାୟା ବୃହତ ଓ ନ୍ୟୁବ୍ଜପୃଷ୍ଠ ଦର୍ପଣରେ ଛାୟା ଖର୍ବ ଦିଶେ ।

ଦେବାଳୟ ଅଗତଳ ସୁବର୍ଣ୍ଣ ନିର୍ମିତ
ମର୍ମର ଦ୍ୱିରଦ-ରଦ ଲାଗିଛି କାହିଁ ବା
ସ୍ଥାନେ ସ୍ଥାନେ ମଣିଶିଳା ବିଦ୍ରୁମ ପ୍ରବାଳେ
ତଦୁପରି କାରୁକାର୍ଯ୍ୟ ବିବିଧ ବିଧାନେ
ସରସୀ ଆକାରେ ଯହିଁ ଫୁଟିଛି କମଳ,
ଖେଳୁଛନ୍ତି ଜଳଚରେ ମୀନ କୂର୍ମ ଆଦି
ସନ୍ତରନ୍ତି-ହଂସ ହଂସୀ ତଦୁପରି ସୁଖେ
ମୃଦୁଳ ହିଲ୍ଲୋଳ ଯାର, ମନେ ହୁଏ ଦେଖି
ମନ୍ଦାନିଳେ ନାଚେ କିବା ସରସୀ ଶରଦେ
ପୂର୍ଣ୍ଣିମା ନିଶୀଥେ ସ୍ୱଚ୍ଛ କୌମୁଦୀ ଆଲୋକେ ।
ପାଣି ଭାବି ପାଣି ଯାଣୀ ରୋହିଣୀ ବଢ଼ାନ୍ତେ
ଠେକିଲା କୋମଳ କରେ କଠିନ ସ୍ଫଟିକ
ତା ଦେଖି ହସିଲେ ସର୍ବେ ଔଢ଼ଣା ଉହାଡ଼େ
ଆର୍ଦ୍ର। ଆର୍ଦ୍ର ହେବା ଭୟେ ଶ୍ୱପାଦୁ ଦୁକୂଳ
ଟୋଳି ଥିଲେ; କିନ୍ତୁ ଦେଖି ଧାଁଠ ସ୍ୱଣୀ ଦଶା
ଟୋଳି ନେଲେ ହସ୍ତ ବସ୍ତ୍ର ସହସା ତକ୍ଷଣେ ।
ଭାଗ୍ୟକ୍ରମେ କେହି ତାଙ୍କୁ ନ ଥିଲେ ନିରେଖି
ଯୁହିଁ ଏଣେ ତେଣେ ବ୍ୟସ୍ତେ ସେ ମଧ ହସିଲେ
ଉପହାସ ପାଶୀ ନିଜେ ନୁହନ୍ତି ଜାଣିଣ ।
କାହିଁ ଉପବନାକାର, ସହକାର ଡାଳେ
କୁସୁମ ସୁଗନ୍ଧେ ତାର ମତ୍ତ ଇତସ୍ତତଃ
ଭ୍ରମନ୍ତି ମଧୁପ ପଂକ୍ତି ମଧୁଗନ୍ଧଲୋଭି
ଉତ୍ଫୁଲ୍ଲ ହଳଦୀ ବର୍ଣ୍ଣ ହଳଦୀବସନ୍ତ
ପକ୍ୱ ବିମ୍ବଫଳ ସମ ଚଞ୍ଚୁଟି ଯାହାର
ବସିଛି ସେ ତରୁ ଡାଳେ, ଦେଖିଲେ ଯାହାଙ୍କୁ
ଦର୍ଶକେ ଭାବିବେ ସ୍ୱତଃ ଦେଖି ମୋତେ ପକ୍ଷୀ
ସଭୟେ ଇଛଇ ଉଡ଼ି ଯିବାକୁ ପଳାଇ ।
ସୁଶ୍ୟାମାଙ୍ଗ ଲୋହିତାକ୍ଷ ପକ୍ଷୀଟିଏ ତହିଁ
ବସି ଅଛି ଅନ୍ୟ ଡାଳେ ସୁବଙ୍କିମ ଠାଣି
ଯାର, ଦର୍ଶାଏ ଦର୍ଶକେ ଅପୂର୍ବ କୌଶଳ,
ଶିଳ୍ପ ବିଦ୍ୟାର ଜଗତେ, ଆଉ ଶିଳ୍ପକାର
କେମନ୍ତ ପ୍ରବୀଣ ଥିଲେ ଶିଳ୍ପ ଗଠନରେ ।
ମଞ୍ଜୁ କୁଞ୍ଜବନେ କାହିଁ, ପୁଷ୍ପିତା ଲତିକା,
ସପ୍ରେମେ ଛନ୍ଦିଛି ବାହୁ ତମାଳ ଗଳାରେ ।
ମଲ୍ଲୀ, ଚମ୍ପା, ଜାତି, ଯୁଥୀ, ମାଧବୀ ମାଳତୀ
ଫୁଟିଛି ବିବିଧ ପୁଷ୍ପ; ଭ୍ରମେ କେ ବଢ଼ାଏ
ହସ୍ତ-ଚପଳ ସହସା, ପ୍ରସାରିତ ହସ୍ତେ
ଝାଣି ନିଏ ଔତଣ କୁ କପଟେ ପଲକେ,
କାଳେ ଉପହାସ କେହି କରିବେ ତା ଜାଣି;
କାହିଁ ବା ସଂଗ୍ରାମ ଭୂମି, ଯୁଝୁଛନ୍ତି ଯହିଁ
ଅଶ୍ୱାରୋହୀ ଗଜାରୋହୀ ମଲ୍ଲ ତୀରନ୍ଦାଜେ,
ଅସି, ଚର୍ମ, ଧନୁର୍ବାଣ, ଭଲ୍ଲ ଶୂଳ, ଗଦା,
ଗଜ, ବାଜୀ, ରଥ, ଛତ୍ର ପତାକାଦି ଯେତେ
ନିର୍ମିତ ମହାର୍ଘ ରତ୍ନେ ବିବିଧ ବର୍ଣ୍ଣର
ଦିଶଇ ଭାସ୍ୱର ସର୍ବ ସତ୍ୟ ବସ୍ତୁ ପରି ।
ଦୂରୁ ଦେଖି ସେ ସଂଗ୍ରାମ ଯୁଦ୍ଧ-ଅଭିନୟ
ମୃଗଶିଶୁ ମୃଗୀ ସମ ସଭୟ ସ୍ୱଭାବା
ସ୍ୱପନ ଦେବୀଙ୍କୁ ଡ଼ାକି କହେ ଅନୁରୋଧି
ଭୟ ବିଜଡ଼ିତ କଣ୍ଠେ ବିଷଣ୍ଣ ବଦନେ
ନ ଚଳ ସେ ସ୍ଥାନୁ ଝାଣି ଅଶ୍ୱିନୀ ବଚନେ
"ଚାଲ ଅନ୍ୟ ପଥେ ମାଗୋ ଏ ପଥେ ନ ଯାଇ ।"
ହସୁ ହସୁ ସ୍ୱପ୍ନଦେବୀ କହିଲେ ତାହାକୁ
"କପାଁ ଡରୁ ମୃଗଶିଶୁ କହ ମା ! ବୃଥାରେ
ନୁହେଁତ ପ୍ରକୃତ ଯୁଦ୍ଧ ପ୍ରତିକୃତି ମାତ୍ର
କି କହିବେ ଲୋକେ, ଡରିଗଲା ମୃଗଶିଶୁ
ମୃଗଶିଶୁ ପ୍ରାୟେ, ଧାତୁ ପ୍ରସ୍ତର ନିର୍ମିତ
ମୂରତିକୁ ଦେଖି, ଯେ ଶୁଣିବ ସେ କହିବ
ଛି ! ଛି ! ଉପହାସେ, କହ ସହିବୁ ତ ଏହା ।"
ଏତେ କହି କର ଧରି ଘେନି ଗଲେ ସଙ୍ଗେ
ଯଦ୍ୟପି ପ୍ରତିମା ଦିଶେ ପ୍ରକୃତ ପରାୟେ

କହିଲେ ରୋହିଣୀ ପୁଣି "ଧନ୍ୟ ଚିତ୍ରକର
କେମନ୍ତ ଚିତ୍ରିଛି ଅହୋ ! କେଡ଼େ କମନୀୟ !"
"ସତ୍ୟ ଯା କହିଲ ସଖୀ ଧନ୍ୟ ଚିତ୍ରକର ।"
ଗୁରୁ ଚନ୍ଦ୍ରେ ମୁଗ୍ଧ ଚିତ୍ରା କହଇ ସଖୀଙ୍କୁ
"ଧନ୍ୟ ତା ବିଜ୍ଞାନୀ ପଣ ଧନ୍ୟ ତା ଜନମ
ଧନ୍ୟ ସେ ଜନନୀ, ଗର୍ଭେ ଧରିଛି ଯେ ତାଙ୍କୁ,
ଚିତ୍ରିତ ମୂରତି ଦିଶେ ଜୀବନ୍ତ କି ଏତେ !"
ବିଶାଖା କହିଲେ ତହୁଁ ଅଗ୍ରସର ହୋଇ
"କେମନ୍ତ ଚିତ୍ରିତ ଅହା ବାହାରେ ବିଜ୍ଞାନୀ
ଯେ ଦେଖିବ ସେ କହିବ ଜୀବନ୍ତ ଅବାଧେ
କିଏ ସେହି ଶିଳ୍ପୀ ଶ୍ରେଷ୍ଠ, କେମନ୍ତେ ଚିତ୍ରିଛି
ଜାଣୁ ଯଦି କହ ମାଗୋ ! ବୁଝାଇ ଆମ୍ଭଙ୍କୁ"
କହନ୍ତି ସ୍ୱପନ ଦେବୀ ବୁଝାଇ ସଖୀରେ,
"ଖ୍ୟାତ ବ୍ରହ୍ମାଣ୍ଡେ ନାମ ବିଶ୍ୱକର୍ମା ଯାର
ସ୍ୱୟଂ ସେହି ଗଢ଼ିଛନ୍ତି ସ୍ୱହସ୍ତେ ଦେଉଳ ।
କବି, କାର୍ଯ୍ୟ-ବିଶାରଦ ଜଗତେ ଯେପରି,
ଶିଳ୍ପ-କଳା-ପଟୁ ଶିଳ୍ପୀ ଜାଣିବୁ ତେସନ ।
କବି, ଚିତ୍ରକର ହୁଅନ୍ତି ସମ ଶକ୍ତି ଶାଳୀ
କେହି ନୁହେ ଊଣା, କିନ୍ତୁ ପ୍ରଭେଦ ଏତିକି
ସୁ-ଶବ୍ଦ ଯୋଜନା ଅବା ଉପମା ଛଟାରେ
ଆସେ ଯେଉଁ ଭାବ କବି ପାଠକ ମନରେ,
ଆଣେ ସେହି ଭାବ ଶିଳ୍ପୀ ଦର୍ଶକ ମନରେ
ଦେଖାଇ ବିବିଧ ଭଙ୍ଗୀ-ସୁଠାଣି କୌଶଳେ
ଫଳାଇ ନାନାବିଧ ରଙ୍ଗ ଯେତେବେ ଯେପରି
ଧଳା କଳା ଲୋହିତାଦି ଚିତ୍ର ଗଠନରେ ।
କବି ବୋଲି ତାଙ୍କୁ ଯାର ପଢ଼ନ୍ତେ କବିତା
ଭୁଲି ଯାଇ ଆପଣାକୁ ପାଠକ ତକ୍ଷଣେ,
ମଜ୍ଜେ ସେହି ଭାବେ କାବ୍ୟ ଯେ ଭାବେ ଲିଖିତ-
କେବେ ହସେ କେବେ କାନ୍ଦେ କରୁଣାର୍ଦ୍ର ଚିତ୍ତେ
କେବେ ବୀର ମଦେ ମାତି ତୁଚ୍ଛ ମଣେ ପ୍ରାଣ
କେବେ ବା ବିକାରଗ୍ରସ୍ତ ମଣେ ଆପଣାକୁ
ରସ ପୂର୍ଣ୍ଣ ଅବିରସ ପଡ଼ି କାହିଁ କାହିଁ;
ଆଣିପାରେ କବି ଏକା ସ୍ୱରଗ ମର୍ତ୍ତ୍ୟେ
ପାରିଜାତ ପରିମଳ ନନ୍ଦନ ବନର,
ମରୁଭୂମେ କଲ୍ଲୋଳିନୀ ନିଦାଘେ ବସନ୍ତ,
ଅଶାନ୍ତ ହୃଦୟେ ଶାନ୍ତି, କବି ପାରେ ଏକା ।
କବି ବିଷୟେ ପ୍ରସଙ୍ଗ ଠିକ ସେହି ପରି,
ଚିତ୍ରକାର ଯେବେ ଯାଏ ଦର୍ଶକଙ୍କୁ ଯେଣେ
ସେହି ଭାବ ରାଜ୍ୟେ ଯହିଁ କରଇ ବସତି,
ତା'ର ଗୁରୁ ପୁତ୍ତଳିକା ନୁହେଁ ଅନ୍ୟ କେହି,
ସେହି ଚିତ୍ରକାର ଯାର ଚିତ୍ର ଦେଖି ଲୋକେ
ଚିତ୍ର ବୋଲି ନ ଭାବିଣ ଭାବନ୍ତି ପ୍ରକୃତ ।
ନିଜ ସୁଖ ଦୁଃଖ କିଛି ଯା ଅଛି ସଂସାରେ
ଭୁଲି ଯାଇ ଆପଣାର ଦର୍ଶକ ସେ କାଳେ
ଚିତ୍ରାର୍ପିତ ପ୍ରାୟେ ହୁଏ ମଗ୍ନ ଭାବାବେଶେ ।
କବିତା କବିତା ନୁହେ ବନିତା ବନିତା
ପଦ ବିନ୍ୟାସେ ରସିକ ମନ ଯେ ନ ହରେ;
ଲେଖା, ଶିର, ଚିତ୍ର, ଯାର ନ ହରଣେ ହୃଦ
ବୃଥା ସେହି କବି, ଧନ୍ୱୀ, ବୃଥା ଚିତ୍ରକର ।"
କହିଁ କହୁଁ ଖଣ୍ଡେ ପଥ ଚଳେ-ଅତିକ୍ରମି
ଦେଖୁଁ ଦେଖୁଁ କେତେ ଛବି ନବୀନ ରୁଚିର
ରହିଯାଏ ପଛେ କ୍ଷଣେ; କାହାର ବା ପାଦ
ସ୍ୱତଃ ଘୁଞ୍ଚି ଅଟେ ଚକ୍ଷେ ନିରେଖି ସେ ପଟେ
ଛବି ବିବିଧ ଆକାର, ( କେ ଭଜେ କୁସୁମ-
ଦାମେ ଦଳିବାକୁ ପଦେ କମ୍ପା ଥୋଇବାକୁ-
ପାଦ ଫଣିମଣି ଶିରେ ଅବାଧେ ଧରିରେ ) ।
ଦେବାଳୟ ବେଢ଼ି ଶୋଭେ ଉଚ୍ଚ ଗୁରୁ ସ୍ତମ୍ଭ
ଶତ ଶତ ବିଜଡ଼ିତ ମାଣିକ୍ୟ ହୀରକେ
ତକୁପର ବହୁଛାବେ ଦେଉଳ କଳସ,
କଳସେ ଉଡ଼ଇ କେତୁ ତରଙ୍ଗ ଭଙ୍ଗେ

ନାତ୍ୟୁଷ୍ଣ ଶୀତଳ ମୃଦୁ ମଳୟ ଅନିଳେ ।
ଯା ଦେଖି ଯାତ୍ରିଏ ହୃଦୁ ହୁଅନ୍ତି ହରଷ
କୈଳାସ ଦର୍ଶନ ଆଶା ଫଳବତୀ ଜାଣି ।
ସେ ହର୍ଷ ସୂଚକ ରବେ "ବମ୍ ବମ୍ ହର"
କମ୍ପେ ବନ ଦିଗନ୍ତର କମ୍ପେ ହିମାଳୟ
ପ୍ରତିଧ୍ୱନି ଛଳେ କହି "ଓମ୍ ଓମ୍ ହର"
କେବେ କେବେ ହର୍ଯ୍ୟକ୍ଷର ଶୃଙ୍ଗ ଗୁହାଶାୟୀ
ଭୀଷଣ ଆରାବ ଆସି ମିଶଇ ସେ ରବେ ।
କିଛି ଦୂର ଯାଇ ଦ୍ୱାରେ ଦେଖିଲେ ସମ୍ମୁଖେ
ବିଶାଳ ବୃଷଭ ଏକ ଧବଳ ବରଣ
ଧବଳ ଅଚଳ ସମ ଆସେ ତାଙ୍କ ଅଗ୍ରେ
ବଙ୍କିମ ବିଷାଣ ଯାର ଉତ୍ତୁଙ୍ଗ କକୁଦ
ଅଂସ ପୃଷ୍ଠ ମଧ୍ୟେ ଶୋଭେ ମେଦେହଗିର ତୁଲେ;
ତା ଦେଖି ଦେବୀଙ୍କୁ ସଖୀ ପୁଚ୍ଛନ୍ତି ଆଶ୍ଚର୍ଯ୍ୟେ
"ସଚଳ ପ୍ରତିମା ମାଗୋ । କେମନ୍ତେ ଗଢ଼ିଛି
ବିଶାଳ ଶଇଳ ଏକ ବୃଷଭ ଆକାର
"ନୁହଇ ପ୍ରତିମା ଏହା ଶିବଙ୍କ ବାହନ-
ଜୀବନ୍ତ ବୃଷଭ ଶ୍ରେଷ୍ଠ ।" ଉଚ୍ଚାରନ୍ତେ ଦେବୀ
କେ କାହିଁ ଲୁଚିବେ ତହିଁ ନ ପାଇଣ ବାଟ
ଧରାଧର କର ଦୃଢ଼େ ଆପଣା ମଧ୍ୟରେ
ଦେବୀଙ୍କ ପଶ୍ଚାତେ ଯାଇ ରୁଣ୍ଡ ହେଲେ ଭୟେ
"ଡରନା, ଡ଼ରନା, ହାଁ, ହାଁ ! ସ୍ଥିର ହୁଅ ସବେ
କିପାଇଁ ଉଦ୍‌ବିଗ୍ନ ଏତେ ହେଉଅଛ ବୃଥା,
ହେଲେହେଁ ବିଷାଣଧାରୀ ନୁହଇ ହିଂସ୍ରକ
ନନ୍ଦୀଂସେ କାହାକୁ କେବେ ହିଂସିଲେ ବ ଚାଳୁ;
ଦୂର୍ବାଦଳ ଲାଳସାରେ ଆସଇ ଦଉଡ଼ି;"
ଏତେ କହି ଅଗ୍ରସର ବୃଷଭ ବଦନେ
ଧୀରେ ଧୀରେ ଦେଲେ ଦୂର୍ବା ଅତିସ ସସ୍ନେହେ
ଘଞ୍ଚି ଆସି ଦିଅ ଦୂର୍ବା ନିର୍ଭୟେ ବୃଷଭେ
ମୁଁ ଅଛି ଏଠାରେ କିଛି ଭୟ ନାହିଁ କା'ର ।

ଦେବୀ କଟି ଧର ଦୃଢ଼େ ଦେବୀଙ୍କ ପଶ୍ଚାତୁଁ
ଏକ ପାଦେ ଠିଆ ହୋଇ ଅନ୍ୟ ପାଦ ଟେକି
ଅତି ସାବଧାନେ ହସ୍ତ ବଢ଼ାଇ ସଭୟେ
ଅବନତେ କେହୁ କେହୁ ଦେଲେ ଦୂର୍ବା ବୃଷେ ।
ଦେଉଁ ଦେଉଁ ଦୂର୍ବା କ୍ରମେ ଭାଙ୍ଗିଗଲା ଭୟ
ବେଢ଼ିଲେ ସଖିଏ ସଙ୍ଗେ ବୃଷ ଚାରିପାଶେ
ଚିର ପରିଚିତ ପରି ଚିରପରିଚିତେ,
କ୍ଷଣେକେ କରଇ ସିନା ପ୍ରକୃତ ପୀରତି
ପ୍ରକୃତି ସ୍ୱପଦ ଶକ୍ତି ଉଦ୍ଧୃ ଗଞ୍ଜନର;
କେହୁ ଦିଏ ଦୂର୍ବା ମୁଖେ କେ ଚୁମ୍ବେ ସସ୍ନେହେ-
କେହୁବା ଅଉଁସେ କଣ୍ଠେ, ଆପୁଡ଼ାଏ କଣ୍ଠେ;
କେ ବୁଲାଇ ହାତ ତାର ଉତ୍ତୁଙ୍ଗ କକୁଦେ,
ବୋଲେ ସୁକୋମଳ କେଡ଼େ ଛୁଇଁ ଦେଖ ଆହା,
କେ ପରଶି ଶୃଙ୍ଗେ କହେ କି କର୍କଶ ବାବା ।
ପୋଡ଼ ଦେଲେ ଉର୍ଡ଼ି ଯିବ ପଷାଣ କ୍ଷଣକେ,
ସଙ୍ଗେ ସଙ୍ଗେ ପ୍ରଶଂସଇ କହି ପୁଣି ତହୁଁ
ସୁଗୋଲ ବଙ୍କିମ ଅତି ସୁ ତୀକ୍ଷ୍ଣ କିଲୁ ।
ପ୍ରଶଂସନ୍ତି ନାନାମତେ ସଖୀଏ ବୃଷଭ-
ଅଙ୍ଗ କୋମଳତା, କେହି କାୟ ବିଶାଳତା
ରୁଚିରତା କକୁଦର, ସୁଶୀଳତା କେହି ।
ସ୍ୱାତ ଉପହାସ ପ୍ରିୟା ଦେବୀଙ୍କୁ ଅଲକ୍ଷେ
ସ୍ମିତ ବଦନାମ୍ବୁଜ ଅବରି ବସନେ
ସଙ୍କେତେ ନୟନ ଠାରେ ବିଶାଖାଙ୍କୁ ତହିଁ
ଦର୍ଶାଏ ବୃଷଭ ନମ୍ର ଉଦର ପଶ୍ଚାତୁ
ଦେବୀଙ୍କ ଅଲକ୍ଷେ, ଚାହିଁ ଦେବୀଙ୍କୁ ବିଶାଖା
ଦନ୍ତେ ଚୁପି ଓଷ୍ଠ ଦିଏ ଉତ୍ତର ତାହାକୁ,
ଦେଖି ସେ ରହସ୍ୟ ଜ୍ୟେଷ୍ଠା ହାସ୍ୟପ୍ରିୟା ସଖୀ
ଠେଲି ଭୂଜେ ବିଶାଖାକୁ ଅପସରେ ତହୁଁ
କହେ ଚାଲ ଯିବା ଶୀଘ୍ର ନନ୍ଦନ କାନନେ,
ନା-ନା ଭୟ କହୁଥିଲ—ଶିବଙ୍କ ମନ୍ଦିରେ

ଗୁରୁଜନ ସମ୍ମୁଖରେ ଏହି ରୂପେ ସିନା—
ନୀରବେ ଚଳନ୍ତି ବ୍ୟଙ୍ଗ ତାଙ୍କର ଅଲକ୍ଷେ ।
ଭାଷା ଏହି ଉପହାସେ ଏକା ଅଙ୍ଗ ଭଙ୍ଗୀ,
ନୟନ ଅଗ୍ରୁଯ୍ୟ ଯହିଁ ଛୀକାକାର କର,
କର ଶାଖା, ଶିର ଅଉ ଦନ୍ତ ଓଷ୍ଠ ଆଦି ।
ଯଦ୍ୟପି ସଖୀଏ ସର୍ବେ ଜାଣନ୍ତି ନିଷ୍ଟପ୍ତେ
ସ୍ୱପ୍ନଦେବୀ ନ ଜାଣନ୍ତି ଧୁର୍ଣ୍ଣାକ୍ଷରେ ଏହା
ଅଙ୍କ ଗ୍ରନ୍ଥ ଜ୍ଞାନ ଯଥା ତାଙ୍କ ଚତୁରତା
ନ ଜାଣନ୍ତି ବୃଦ୍ଧ ଗୁରୁ, ଗୁରୁଜନ କମ୍ପା;
କିନ୍ତୁ ସୁଚତୁରୀ ସ୍ୱପ୍ନଦେବୀ, ଯେ ଦିଅଇ
ଧୂଳି ସର୍ବ ବିଶ୍ୱବାସୀ ନେତ୍ରେ; ସମ୍ପ୍ରତେ କି,
ତାଙ୍କ ନେତ୍ରେ ଧୂଳି ଦେବା; ଜାଣି ନ ଜାଣିଲା
ପରି ରହିଥିଲେ ଧୀରେ; ସ୍ୱାଭାବିକ ଭାବେ
ଯେତେକେ ନ ଜାଣନ୍ତି କିଛି । ଏହି ରୂପେ ସିନା,
ଗୁରୁଜନ ଦେଖେ ତାର ଗୁରୁତ୍ୱ ଗୁପତେ ।
ଦୂରୁଁ ଦେଖି ବୃଷ-ବର ନବଯାତ୍ରୀ ଦଳ
ଚଳନ୍ତି ଚତ୍ୱରେ ଗୁଡ଼ ବଧୂ-ବଧୂ-ବୃନ୍ଦେ,
ତାଙ୍କନ୍ତ ପଶ୍ଚାତେ ସ୍ୱର୍ଣ୍ଣୀ ରୋହିଣୀ ବୃଷଙ୍କୁ
ପଶ୍ଚାତେ ନିରେଖି ବୃଷ ରୋଧି ଗତି କ୍ଷଣେ
ରହି ଯାଏ ସ୍ରୋତ ଯଥା ଯାଉଁ ଯାଉଁ ପଥେ,
ବାଧାଦିଏ ଗତି ଯେବେ ସେପଥେ ଉପଳ;
ବିଶାଳ ପ୍ରକାଣ୍ଡାକାର ସ୍ରୋତ-ଗତି-ରୋଧି,
ହମ୍ବାଳି ସୁସ୍ୱରେ ଗଲା ପଳାଇ ସତ୍ୱର ।
ଅଗ୍ରସର ଖଣ୍ଡେ ସର୍ବେ ଦେଖିଲେ ସମ୍ମୁଖେ
ପ୍ରଶସ୍ତ ମଣ୍ଡପ ଏକ ଚହାଚ୍ଛାଦ ତଳେ
ସୁନିର୍ମିତ ସ୍ୱର୍ଣ୍ଣ ନୀଳା ମାଣିକ୍ୟ ମୁକ୍ତାରେ
ଭୂତଳେ ଅତୁଳନୀୟ ଯେ ମଣ୍ଡପ-ଶୋଭା
କେମନ୍ତେ ବର୍ଣ୍ଣିବ କହ ଏ ଛାର ରସନା;
ସେ ମଣ୍ଡପେ ବସିଛନ୍ତି ଶିବଭକ୍ତବୃନ୍ଦ
ଯତ ଖାତ ଉପାଶେ ମହୋଲ୍ଲାସ ମନେ ।

ବ୍ୟାଘ୍ରାସନେ, ପଦ୍ମାସନେ, ସିଦ୍ଧାସନେ କେହି
କୁଶାସନୋପରି କେହି ଅଜିନ ଆସନେ ।
ଶିରେ ଜଟାଭାର କାର କଣ୍ଠାଦି ଆକାର,
ବିଭୂତି ଭୂଷଣ ଅଙ୍ଗ ଗଳେ ଅକ୍ଷମାଳା,
ଦଗ୍ଧ ତାମ୍ର ରଙ୍ଗ କେହି ଚନ୍ଦନ ଚର୍ଚ୍ଚିତ,
ଶିବାଷ୍ଟକ ଶିବସ୍ତୁତି ପଢନ୍ତି ସୁସ୍ୱରେ ।
ଜଳେ ଧୂପ ଗୁଗ୍ଗୁଳାଦି ସୁବାସିତ ଦ୍ରବ୍ୟ,
କର୍ପୂର, ଚନ୍ଦନ, ଘୃତ, ପୁଷ୍ପ ରାଶି ରାଶି
କୃଷ୍ଣ, ପୀତ, ଶ୍ୱେତ ଆଦି ବିବିଧ ବର୍ଣ୍ଣର
ଧତୁରା ଗଇଣ ଚମ୍ପା ନାଗେଶ୍ୱର ଆଦି
ଅଗଣିତ ବିଲ୍ୱଦଳ ସ୍ତୂପାକାରେ କାହିଁ
ମିଶ୍ରିତ ଅକ୍ଷତ ସହ ଶୁଭ୍ର ସୁବାସିତ
ରହି ଅଛି ସ୍ଥାନେ ସ୍ଥାନେ; କି ସୁନ୍ଦର ଦୃଶ୍ୟ ।
ଉଠେ ଗନ୍ଧ ଧୂମ ସହ ପବନ ସଂଯୋଗେ
ଦିଗ ଦିଗନ୍ତର ହୁଏ ସୁରଭିତ ଗନ୍ଧେ ।
ପୁଣ୍ୟ-ପ୍ରକୃତି ଯାଙ୍କ ପୁରବାସୀ ଯେତେ,
ସର୍ବେ ଜିତେନ୍ଦ୍ରିୟ ଏଥି, ନଦୀ ଗଣ ଯଥା
ଲଭନ୍ତି କ୍ଷୀରତା ପଶି କ୍ଷୀରାବ୍ଧି ଗରଭେ ।
କାମ,—ସିନ୍ଧୁ-ବାଡବାଗ୍ନି ସଦୃଶ ମୋହାନ୍ଧ
ବିଶ୍ୱ-ବଶକାରୀ ମନ୍ତ୍ର କ୍ଷଣ ସୁଖ ଦାତା;
କ୍ରୋଧ,—ଲୋହିତାକ୍ଷ, କ୍ରୂର-କର୍ମା, ଉଗ୍ରମୂର୍ତ୍ତି,
ବିବେକ ମଜ୍ଜନକାରୀ ଜ୍ୱର-ଅନ୍ଧ-ଯୁବା;
ଲୋଭ,—ଅଗ୍ନି ସମ ସଦାତୃପ୍ତ ମିଷ୍ଟଭାଷୀ
ମସି-ବୁଦ୍ଧି-ଭ୍ରଷ୍ଟ, ରୋଗୀ ଜିହ୍ୱା ଲାଳସାରୁ;
ମୋହ,—ଯାହା ଲାଗେ ପୁଷ୍ପହାର ସମ କିନ୍ତୁ
ଭବ ଦୃଢ଼ ପାଶ, ମାୟା ଅମୋଘାସ୍ତ୍ର ଏକା;
ମଦ,—ବାୟୁ ପୂର୍ଣ୍ଣ ଭସ୍ତ୍ରା ସମ ସ୍ଫୀତମନା,
ଅଳ୍ପ ସତ୍ତ୍ୱେ ସର୍ବଜ୍ଞସେ, କ୍ଷୁଦ୍ର ହୋଇ ବଡ;
ଈର୍ଷା;— ବିଷ କଣ୍ଟକ ନିଜ ବିଷଦାନ୍ତେ ଦଂଶେ
ଶୁଷ୍କାସ୍ୟ, ବିମର୍ଷ ଯଥା ରାଜଯକ୍ଷ୍ମା ରୋଗୀ;

ସୁଖୀ ସଦା ପର ଦୁଃଖେ, ଦୁଃଖୀ ପର ସୁଖେ;
ଭୟ,—ସଙ୍କୁଚିତ ଯଥା ବସ୍ତ୍ରହୀନ ଶୀତେ
ଝଙ୍କୃତ ଜଡ଼ିତ କଣ୍ଠେ କହେ କାକୁ ବାଣୀ,
କହୁଁ କହୁଁ ଭୁଲି ଯାଏ କର୍ତ୍ତବ୍ୟ-ବିମୂଢ଼,
ଅଦୃଶ୍ୟ ଶବଦେ ଶୁଣେ ନିଃଶବ୍ଦ ଅଲକ୍ଷେ,
କେବେ ଫେର ଆସେ ପଛେ ଚାହିଁ ଏଣେତେଣେ
କେବେ ଖଣ୍ଡେ ଆଗେ ଗଲେ ବେଗେ ଧାଁରେ ଶ୍ୱାସ
ବାତଗ୍ରସ୍ତ ପ୍ରାୟେ ଥରେ ଅଙ୍ଗ ଉତ୍ତମାଙ୍ଗ
ଯଥା ଶାଲ୍ମଳୀ ବିଟପୀ, କେବେ ଘର୍ମସିକ୍ତ,
ଯଥା ସଦ୍ୟ ଜଳୋତ୍ଥିତ, କେବେ ସ୍ତମ୍ଭୀଭୂତ
ରକ୍ତହୀନ-ଶୀର୍ଣ୍ଣ ଯଥା ଶୁଷ୍କ ପୁଷ୍ପ ଆଦି;
ଘୃଣା,—କୁଞ୍ଚିତ ଲଲାଟ-ନାସା-ଭ୍ରୂ-ନେତ୍ର-
ଦ୍ୱୟ ଓଷ୍ଠ ବିସ୍ଫାରିତ ସଙ୍କୁଚିତ କେବେ,
କଦାକାର ଜୀବ ହେତୁ ସବୁ ତାହା ପାଶେ,
ପ୍ରତି ବାକ୍ୟ କହେ ଉହୁଁ ! ଛି ! ଛି ! ବା ଛୁଅଁ ନା;
ମିଥ୍ୟା,—ଅସ୍ୱଚ୍ଛ ଯା ରୂପ, ଶରଦ ବାରଦ,
ଯଥା ଗୋଧୂଳି ଗଗନେ ; କିମ୍ବା ନଟୀ ଯଥା
ଅଭିନୟେ ବଦଳାଏ କ୍ଷଣେ କ୍ଷଣେ ରୂପ
ସତତ ଘୋଡ଼ାଇ ଥାଏ ବ୍ୟସ୍ତେ ତାକୁ ରୂପେ
ତଥାପି ସେ ହସେ କିନ୍ତୁ ଅଜ୍ଞାତେ ତାହାର
ଓଢ଼ଣା ଉହାଡ଼େ ଯଥା ଚଞ୍ଚଳ ନୟନ,
ସ୍ୱଚ୍ଛ ନୀର ବୀଚି ମାଳେ ପ୍ରତିବିମ୍ବ କିମ୍ବା;
କପଟ,—କୁଟିମାଗ୍ରସ୍ତ, ମିଷ୍ଟଭାଷୀ କିନ୍ତୁ
ବିଷଗର୍ଭ ଗୁରୁ ଯଥା ମହାକାଳ ଫଳ,
ଭେଦମତି ଉତ୍ପାଦନେ ବିଚକ୍ଷଣ ସଦା,
ଅମ୍ଳ ଯଥା କ୍ଷୀର ନୀର ବିଭିନ୍ନ କରଣେ ।
ଏ ଆଦି ଯେତେକ ରିପୁ ନ ଥାନ୍ତି ଏ ପୁରେ
ମହୌଷଧାଗାରେ ଯଥା ମହୋରଗ ଗଣ;
ଦେହ ମନ ପରମାର ରୋଗ ଶୋକ ଯେତେ
ବ୍ୟାଘ୍ର ଚିତ୍ରବ ଭୟ, ବନ୍ଧୁ ବିୟୋଗାଦି କିମ୍ବା
ଦୁର୍ଭିକ୍ଷ, ରାଷ୍ଟ୍ର ବିପ୍ଳବ ମଡ଼କାଦି ଯେତେ,
କି ତାପର ଲେଶ ନାହିଁ ତ୍ରିପୁରାରି ପୁରେ;
ଶୀତ ଗ୍ରୀଷ୍ମ ବର୍ଷା ଯଥା ନ ଥାଏ ବସନ୍ତେ ।
ଅତଃପର ଏହି ଦୃଶ୍ୟ , କିଛିକ୍ଷଣ ପରେ
ମନ୍ଦିର ଦୁଆରେ ଆସି ହେଲେ ଉପସ୍ଥିତ ।
ଦେଖିଲେ ଦୁଆରେ ଦୁଇ ଜଟା-ଜୂଟ-ଧାରୀ
ବିଶାଳ ତ୍ରିଶୂଳ କରେ , ଶାଳ ବୃକ୍ଷ ସମ-
କାୟ, ସୁଦୀର୍ଘ ସରଳ, ଭସ୍ମ ବିଲେପିତ
ଅଙ୍ଗ, ତ୍ରିପୁଣ୍ଡ୍ରକ ଭାଳେ, ସିଂହଦ୍ୱାରେ ଦ୍ୱାରୀ
ଦ୍ୱୟ ଦେବୀଙ୍କୁ ନିରେଖି, ପ୍ରଣମିଲେ ଦେବୀ-
ପଦେ ସସମ୍ଭ୍ରମେ ଦ୍ୱୟ, ଆଶୀଷି ଦୁହିଙ୍କୁ
ଦେବୀ ପୁଚ୍ଛିଲେ ସସ୍ନେହେ "କୁଶଳତ ବତ୍ସେ"?
"କୁଶଳ ମା ତବ ଆଶୀର୍ବାଦେ" କରଯୋଡ଼
କହେ ନନ୍ଦୀ "କି ଆଜ୍ଞା ମା କହ ଦାସେ, ହେଲେ
ଜ୍ଞାତ ପାଳିବ ତ୍ୱରିତେ ।" "ମମ ଆଗମନ ବାର୍ତ୍ତା
ଜଣାଅ ସତୀଙ୍କୁ ।" ଚଳିଗଲା "ଯେ ଆଜ୍ଞା ମା"
ବୋଲି ନନ୍ଦୀ ତ୍ୱରେ, ଭୀଷଣ ଦର୍ଶନ ନନ୍ଦୀ
ହେଲେହେଁ ବିନୟୀ; ଭୀମ ରୂପେ ନମ୍ରଗୁଣ
ବିରୋଧି ଯଦ୍ୟପି ଅଗ୍ନି ଅଙ୍ଗେ ଶୀତଳତା
ପର କିମ୍ବା ଉପଳାନ୍ତେ କୋମଳତା ସମ;
ତଥାପି ଦୃଷ୍ଟାନ୍ତ ତା'ର ଊଣା ନୁହେଁ ଭବେ ।
ଊର୍ମି ମାଳା ସମାକୁଳ ପାରାବାର ବାହ୍ୟେ
ହେଲେହେଁ ଭୀଷଣ ଦର୍ଶୀ ନ ଥାଏ କି ଗର୍ଭେ
ମୁକୁତା ମାଣିକ୍ୟ ଆଦି ମହାର୍ଘ ରତନ,
କରିବାକୁ ରତ୍ନାକର ନାମର ସାର୍ଥକ—!
କ୍ଷଣ ପରେ ନନ୍ଦୀ ସଙ୍ଗେ ସିଂହଦ୍ୱାରେ ସତୀ
ସଖୀଙ୍କ ଗହଣେ ଆସି ହେଲେ ଉପସ୍ଥିତ
ସେ ମିଳନ ହାସ୍ୟଚ୍ଛଟା ବିଦ୍ୟୁଦ୍ଦାମ ସମ
ଦିଶିଲା ଶରଦାକାଶେ କାଦମ୍ବିନୀ ମେଳେ;
କିମ୍ବା ଫେନପୁଞ୍ଜ ଯଥା ନିମ୍ନଗା ସଂଯୋଗେ

ପ୍ରବାହିତ ଅନ୍ୟ ଦିଗେଁ ପ୍ରାବୃଟେ ଉଲ୍ଲସେ ।
ସମ୍ଭାଷାନ୍ତେ ପରସ୍ପରେ. ପ୍ରବେଶିଲେ ମୁନେ
ଏକେ ଏକେ ପ୍ରଣମିଲେ ଶଶୀ ସିମନ୍ତିନୀ
ସତୀ, ସତୀ-ସହଚରୀ, ସ୍ୱପନ ଦେବୀଙ୍କୁ;
ସସ୍ନେହେ ଈଶ୍ୱରୀ ସଙ୍ଗେ ସର୍ବ ସହଚରୀ ।
ଶିର ଚୁମ୍ବି ଆଶୀଷିଲେ " ମନୋବାଞ୍ଛା ପୂର୍ଣ୍ଣ
ହେଉ ଅଚିରେ ସଭିଙ୍କ "ମଙ୍ଗଳ ସୂଚକ
ସେହି ଆଶୀର୍ବାଦ ଶୁଣି, ଶୀଘ୍ର ପତିପ୍ରାପ୍ତି—
ଆଶା ସ୍ଫୁରିଲା ହୃଦୟେ, ଇନ୍ଦୀବରାନନା
ପତି ବିରହିଣୀଙ୍କର, ସନ୍ତ-ବାକ୍ୟ ମିଥ୍ୟା
କେବେ ନୋହିବ ଜାଣିଣ । ଏକେ ଏକେ ନାମ
ଧରି ଡାକିଲେ ସରବେ, ତତ୍ପରେ ଉଦ୍ଦେଶ୍ୟ
ଆଦି ସମସ୍ତ ବୃତ୍ତାନ୍ତ, କହିଲେ ସ୍ୱପନ
ଦେବୀ ସତୀଙ୍କୁ ବିସ୍ତାରି, ବିଷଣ୍ଣେ କହିଲେ
ତହୁଁ ଅଶୁତୋଷପ୍ରିୟା, "ଖଣ୍ଡିବାକୁ ବିଧି-
ବିଧି କେ ସମର୍ଥ ହେବେ ।" ଉତ୍ତରିଲେ ସ୍ୱପ୍ନ-
ଦେବୀ "କେହି ନୁହେ, ଦେବି ! ଯେ ଯାହା କରିଛି
ତାହା ଅବଶ୍ୟ ଭୋଗିବ, କିନ୍ତୁ ଏଇ ମାତ୍ର-
ଭେଦ, ଜ୍ଞାନୀ ଭୋଗେ ଜାଣି ଶୁଣି, ମୂର୍ଖ ଭୋଗେ
କାନ୍ଦି କାନ୍ଦି, କଦାପି ନୁହଇ କ୍ଷୟ କର୍ମ-ବୀଜ
ଉତ୍ତେ ଆରମ୍ଭିଲେ ପୁନଃ ସତୀ "ସତ୍ୟ ଦେବି !
କର୍ମ ଜଗତର ମୂଳ କର୍ମରୁ ଜନମ
କର୍ମରୁ ଭୋଗନ୍ତି ଲୋକେ ଦୁଃଖ ସୁଖ ଯେତେ;
ଏହି କର୍ମ ପାଶୁ ଯିବା ଆତ୍ମା ଦେହ ଧାରୀ
ନିର୍ବିକାର ନିରାକାର ସଦାନନ୍ଦ ରୂପୀ,
ଯେତେକାଳ ଦେହ ଦୁଃଖ-ସୁଖ ତେତେକାଳ,
ଛିଡେ ଯେବେ କର୍ମ ସୂତ୍ର ମହା ପୁଣ୍ୟ ଫଳୁଁ
ନିଷ୍କାମ କରମ, ଭକ୍ତି, ଜ୍ଞାନ ଯୋଗାଶ୍ରୟି
ନିର୍ବାଣ ହୁଅଇ ଆତ୍ମା ସ୍ୱରୂପେ ଶାଶ୍ୱତ
ସଚ୍ଚିଦାନନ୍ଦ ସାଗରେ ଶାନ୍ତିମୟ ଧାମେ,
କକ୍ଷଚ୍ୟୁତ ଗ୍ରହ ଯଥା ମଳଇ ଆକାଶେ
ଛିଡଯାଏ ଯେବେ ତାର ଶକ୍ତି ଆକର୍ଷିଣୀ,
କିବା ଅଗ୍ନି ଶାନ୍ତ ଯଥା ଇନ୍ଧନ ନ ପାଇ ।"
ଫିଟିଗଲା ସ୍ମୃତି ପଟ୍ଟ ସତୀଙ୍କ ବଚନେ
ପୂର୍ବ ଶୋକ କଥା ତାପ ଯୋଗେ ପୟଃ ଯଥା,
ସହସା ରୋହିଣୀ ହୃଦେ ପଡିଲା ଉଛୁଳି ।
"କି ଯେ ଲେଖିଛନ୍ତି ବିଧି ଏ ପୋଡା କପାଳେ
ହାୟ ! କେ କହିବ ମୋତେ ! ତୁମ୍ଭ ବିନା ମାଗୋ!
କେ ଅଛି ଏ ଦୁଃଖିନୀର ଏପାପ ସଂସାରେ ?"
ବାଷ୍ପ ଗଦ ଗଦ ସ୍ୱରେ କହିଲେ ରୋହିଣୀ
ଢାଳି ସତୀ-ପଦାମ୍ବୁଜେ, ଉଷ୍ଣ ଅଶ୍ରୁ ଧାର;
ଢାଳେ ଯଥା ସ୍ରୋତସ୍ୱତୀ ଜନପଦ ପଦେ
କୂଳ ଲଙ୍ଘି କଳ କଳେ ଅତିରିକ୍ତ ଜଳ
ଦୁର୍ବହ ଗରଭେ ତାର ପ୍ରାବୃଟେ ପ୍ଲାବନେ ।
"ପାହିଲଣି ଦୁଃଖନିଶି ଉଦୟ ପ୍ରଭାତ
ବୃଥା କିପାଁ କାନ୍ଦ ଆଉ କହମା କଲ୍ୟାଣି,"
ଅଶ୍ୱାସି ଶଙ୍କର ପ୍ରିୟା କହନ୍ତେ ରୋହିଣୀ
କହିଲା କମ୍ପିତ ସ୍ୱରେ ବହି କ୍ଷଣେ ପୁଣି
"ବିଶ୍ୱପିତା ପରା ବିଧି ବୋଲନ୍ତି ଜଗତେ
ଏହିକି ତାଙ୍କର ବିଧି ! ନିଜ ସୁତେ ଦୁଃଖ
ଦେବା, ପ୍ରୀତିରେ ବିଚ୍ଛେଦ-ଦୁଃଖ, ଭୋଗେ ରୋଗ
ପୁଣି, ଯହିଁ ଦେଖ ତହିଁ ଦୁଃଖ, ସିଂହାସନେ
ରାଜା ଦୁଃଖୀ; ପ୍ରଜା କଥା ଥାଉ ସର୍ବେ ବିଶ୍ୱ-
ବାସୀ ସଦା ତପ୍ତ ତ୍ରିତାପରେ, ଏ କେମନ୍ତ
ବିଧି ମାଗୋ ନ ପାରଇ ବୁଝି, ବଞ୍ଚିତମା
ଭୃତ ମାଗୋ ! ଜ୍ଞାନହୀନା ମୁହିଁ, କି କହିବ
ଅବାଧିକି ବିଧି ଏହା ଭାବିଦେଖ ବାରେ";
"କିପାଁ ନିନ୍ଦ ବିଧି-ବିଧି ବୃଥା ମା କଲ୍ୟାଣି ?
ଚକ୍ଷୁ ଦୋଷେ ଦୋଷୀ ଜନ ନ ଦେଖଇ ବୋଲି
ଦିନକରେ ଦୋଷ ଦେବା ଉଚିତ କି ତାର;

ଯେତେ ବୁଝାଇଲେ କେତେ ବୁଝେ କି ବାଳକ
ଯୌବନ ମାଧୁରୀ କିମ୍ବା ଜ୍ଞାନ ପ୍ରୌଢ଼ତାର;
କହ ତାକୁ ବୁଝାଇଲେ ନ ବୁଝଇ କିଆଁ !
କିପାଇଁ ନ ବୁଝେ ଶୁଣ କାରଣ ତାହାର,
ନ ଭକ୍ଷିଛି ଜୀବନେ ଯେ କଦାପି ଅମୃତ,
ସ୍ୱର୍ଗ ଉପମା ଛଳେ ଯଥାସାଧ୍ୟ କେହି
ପ୍ରାଞ୍ଜଳ ଭାଷାରେ ଯେବେ ବୁଝାଏ ତାହାକୁ
ପାଏକି ପ୍ରକୃତ ସ୍ୱାଦୁ ସେ ଜନ ସୁଧାର ?
ଯେହେତୁ ଅଶକ୍ତ ଭାଷା ଅନୁଭବ ଦାନେ,
ଅନୁଭବ ଅନୁଭବେ ମିଳଇ କେବଳ,
ଭାଷା ନିରପେକ୍ଷ ଏହା ସମ୍ବେଦ୍ୟ ସଦା ।
ବେଧି ବୃଦ୍ଧ ପ୍ରେହଣୀ ତୁ ନ ପାରୁ ବୁଝି
ଯେ ହେତୁ ବାଳିକା ତୁହି ଆଧ୍ୟାତ୍ମିକ ସତ୍ୟ ।
ସତ୍ୟ ବୋଲି ଜାଣେ ଶିଶୁ ନିଜ ପ୍ରତିବିମ୍ବେ
ମୁକୁରେ ନିରେଖି ଇଚ୍ଛେ ଧରିବାକୁ ତାକୁ
ବୟଃ ପ୍ରାପ୍ତେ ଭ୍ରମ ଏହା ଜାଣେ ନିଜେ ନିଜେ
ବୁଝାଇଲେ ଶିଶୁ କିନ୍ତୁ ବୁଝେ କି ଏ କଥା ?
ଜାଗ୍ରତ ସୁଷୁପ୍ତି ସ୍ୱପ୍ନ ଏ ତିନି ଅବସ୍ଥା
ପାର ହୋଇ ପ୍ରବେଶିଛି ତୁରୀୟରେ ଯେହୁ
(ଅଦ୍ଭୁତ ଅବସ୍ଥା ଏ ଯୋଗୀଜ୍ଞାନ ଗମ୍ୟ
ସଦ୍‌ଗୁରୁ ଦୟାରୁ ଲଭ୍ୟ ବହୁ ପୁଣ୍ୟ ଫଳୁ)
ଜାଣନ୍ତି ସେ ସଂସାରକୁ ଇନ୍ଦ୍ରଜାଲ ପ୍ରାୟେ,
ସତ୍ୟ ପ୍ରାୟେ ଦିଶେ ଯାହା ସତ୍ୟ ନୁହେଁ କିନ୍ତୁ
ଅନ୍ତଃସାରଶୂନ୍ୟ ଧ୍ରୁବ ଅଳୀକ ନିତାନ୍ତ;
କହନ୍ତୁ ଥାଏ କି ଗନ୍ଧ ! କଳିକାରେ କାହିଁ
ଯାବତ୍ ପ୍ରସ୍ଫୁଟିତ ନ ହୁଏ କୁସୁମ !
ତେସନ ପ୍ରକୃତ ଶାନ୍ତି ନ ଲଭଇ ଜୀବ
କିମ୍ବା ସେ ବିଶ୍ୱ ରହସ୍ୟ ନ ପାରଇ ବୁଝି
ଯାବତ୍ ନ ଭୋଗେ ସେ ତୁରୀୟ ଅବସ୍ଥା
ଏ ଅବସ୍ଥା ପ୍ରାପ୍ତ ଯୋଗୀ ମହାତ୍ମା ସକଳେ-
କହନ୍ତି ବୁଝାଇ ସର୍ବେ ଉପଦେଶ ଛଳେ,
ଏ ସଂସାର ଜୀବପକ୍ଷେ ସୁଦୀର୍ଘ ସ୍ୱପନ
ଯେ ପର୍ଯ୍ୟନ୍ତ ଥାଏ କେହି ସ୍ୱପନେ ମଗନ
ସତ୍ୟାସତ୍ୟ ବୁଝିବାର ନ ଥାଏ ଶକତି
ତୁଟିଯାଇ ସ୍ୱପ୍ନ ଯେବେ ହୁଏ ସେ ଜାଗ୍ରତ,
ଜାଣେ ପୁଣି ଧ୍ରୁବ ସେହି, ସେ ସ୍ୱପ୍ନ ରାଜ୍ୟର
ଏକମାତ୍ର ସ୍ରଷ୍ଟା, ସ୍ୱୟଂ, ନୁହେଁ ଅନ୍ୟ କେହି
ସୃଷ୍ଟିକରି ଯାକୁ ନିଜେ ଭୁଞ୍ଜୁ ଥିଲା ତହିଁ,
ତେସନ ଏ ବିଶ୍ୱେ ଜୀବ, ରଜ୍ଜୁକୁ ଭୁଜଙ୍ଗ-
ରୂପେ ଭାବି ଭୋଗେ ଦୁଃଖ, ମୃଗତୃଷ୍ଣା ଦେଖି
ଯଥା ମୃଗ ମରୁଭୂମେ, ଜଳ ଭାବି ତାକୁ
ଧାଆଁନ୍ତି ତା' ପଛେ ମାତ୍ର ଜଳ କାହିଁ ତହିଁ?
ଅନୁଭବେ ଯାକୁ ଜୀବ ପ୍ରକୃତ ଜାଗ୍ରତେ
ମିଥ୍ୟା ମାୟାମୟ ଦେଖେ ତୁରୀୟେ ସେତାକୁ
ତୁଟିଯାଏ ମହାଭ୍ରମ ପ୍ରପଞ୍ଚର ତାର
ଲଭଇ ସେ ଶାଶ୍ୱତ ସୁଖ ଜୀବନ୍ମୁକ୍ତ ହୋଇ
ସ୍ଥାଣୁରେ ଭୂତତ୍ୱ ପ୍ରାପ୍ତି ଅନ୍ଧକାରେ ଯଥା
ବିନଷ୍ଟ ଆଲୋକେ, ପୁଣି ସେଥି ସଙ୍ଗେସଙ୍ଗେ
କରଏ ଦର୍ଶକେ ହୃଷ୍ଟ ନାଶି ତାର ଭୟ ।"
ଶଙ୍କର ପ୍ରସାଦ ଘେନି ନନ୍ଦୀ ମହାନନ୍ଦେ
ହେଲେ ଉପସ୍ଥିତ, ତହୁଁ ଶଙ୍କରୀ ଇଙ୍ଗିତେ,
ଦେଲେ ନନ୍ଦୀ ସମସ୍ତଙ୍କୁ ପ୍ରସାଦ ସାଦରେ
ସାନନ୍ଦେ ଭକତିଭରେ ସେବି ସର୍ବେ ଭୋଗ,
ଚଳିଲେ ସଖୀଙ୍କ ସଙ୍ଗେ ଶିବ ଦରଶନେ ।
ଦେଖିଲେ ପୁରର ପୁରେ ମନ୍ଦିର ସମ୍ମୁଖେ
ଧୂପ ଜଳଇ ଦାନରେ ବସି ରାଶି ପୁଷ୍ପ
ଧୁତୁରା ଗଇଛ ଆଦି ପୀତ କଣିଅର,
ଅକ୍ଷତ ଶ୍ରୀଫଳ ଦଳ ବିଲ୍ୱ ନାରିକେଳ,
ବାଜେ ଶଙ୍ଖ ଘଣ୍ଟା ଆଦି ମଧୁର ନିନାଦେ,
କେ ବାଟଇ ସିଦ୍ଧି ତହୁଁ କେ ଘଷେ ଚନ୍ଦନ

ମିଶାଇ କେଶର ସଙ୍ଗେ କସ୍ତୁରୀ ସୁଗନ୍ଧ
ଦ୍ରବ୍ୟ ସୁ-ସୌରଭେ ଯାର ସୁଗନ୍ଧିତ ପୁର ।
ଯାଜ୍ଞିକେ କରନ୍ତି ଯଜ୍ଞ ବେଦ ମନ୍ତ୍ର ସହ
ସଘନ 'ଓଁ କାର' ଧ୍ୱନି 'ସ୍ୱାହା ସ୍ୱଧା' ସହ
ପବନେ ଦର୍ଶକ ମନ ହରଷେ ମୁଖାଳୁ
ବହନ୍ତି ନେତ୍ର ନୀର ତାଙ୍କ ହୋମଧୂମ ଲାଗି
କପୋଳେ କପାଳେ ଶୋଭେ ବିନ୍ଦୁ ବିନ୍ଦୁ ଘର୍ମ
ଫୁଲ୍ଲ ଅରବିନ୍ଦୋପରେ ହିମ ବିନ୍ଦୁ କିବା;
ଦର ଦର ଧାରେ ଘର୍ମ ବହି ସର୍ବ ଅଙ୍ଗୁ
ଶୈଳୁଁ ନିର୍ଝରିଣୀ ପ୍ରାୟେ; ହୋମାନଳ ତାପେ
ଧୋଇ ନିଏ ଋତ୍ୱିଜଙ୍କ ତିଳକ ଚନ୍ଦନ
କି ଉତ୍କଳ-ଜଳ-ପଙ୍କ-ଗାତ୍ର-ମାର୍ଜନାରେ
ପୋଛନ୍ତି ଯେ ସ୍ୱେଦ ଧାରା ଥାଇ ଥାଇ ଦ୍ୱିଜେ;
ଯଜ୍ଞ ଧୂମ ଘୂରି ଘୂରି ଉଠେ ଊର୍ଦ୍ଧ୍ୱ ମୁଖେ
ବାସଇ ସୁଗନ୍ଧୁ-ପୁର ମହକଇ ବାସେ
ପ୍ରସରି ଅନିଳ ଯୋଗେ ଦିଗ ଦିଗନ୍ତରେ
ପବନଇ ସର୍ବ ଲୋକେ ଯହିଁ ଯାଏ ତହିଁ;
ବସିଛନ୍ତି ସିଂହାସନେ ଅଜିନ ଆସନେ
ସିଦ୍ଧାସନେ ଯୋଗମଗ୍ନ ଯୋଗୀବର ହର,
ପାବକ ଲଲାଟ ପଟେ ଦିଶେ ଧକ ଧକ ।
ତୃତୀୟ ଲୋଚନେ ଦେବ ତ୍ରିଲୋଚନଙ୍କର
ଶିରେ ବହେ ସୁରଧୁନୀ ଜଟା କଟାହରୁ,
ହିଲ୍ଲୋଳି କଲ୍ଲୋଳମୟୀ ଯାର ଶ୍ୱେତ ଧାରା,
ଦିଶେ ଶୁଭ୍ରତର ଜିଣି ହୀରକ ରଜତ ।
ସୁ-ସିତ ବିଶାଳ ଅଙ୍ଗେ ଅସିତ ଉରଗେ,
ଶୋଭନ୍ତି ଭୂଷଣ ପ୍ରାୟେ ଉର ଶିର କରେ,
ଗଳେ ହାର ରୂପେ, ସ୍କନ୍ଧେ ଉପବୀତାକାରେ
ମହେଶ ଶ୍ୱେତାଙ୍ଗେ କୃଷ୍ଣ ସର୍ପେ ବିଭୂଷିତ;
ଭାସ୍ୱର ସେ ସର୍ପ ଶିରେ ମଣି ଶୋଭେ ପୁଣି
ଶାରଦ ନୀରଦାକାଶେ ତାରକା କି ଅବା,
ଅଙ୍ଗ ଅଭ୍ର, ସର୍ପ ନଭ, ମଣି ତାରକାରେ ।
କରେ ଅକ୍ଷମାଳା ଦୃଷ୍ଟି ତ୍ରିକୁଟି ନିହିତ ।
ବିଞ୍ଚନ୍ତି ଚାମର ଜୟା ବିଜୟା ଦ୍ୱିପାଶେ ।
ପ୍ରଣମିଲେ ଭକ୍ତିଭରେ ମହେଶ୍ୱର ପଦେ
ସ୍ୱପ୍ନଦେବୀ ସହ ସର୍ବେ ଶଶି ସୀମନ୍ତିନୀ
କହିଲେ ସମ୍ବୋଧି ସତୀ ଭବାନୀ ଭବେଶେ
"ଅୟି ! ଆସିଛନ୍ତି ସ୍ୱପ୍ନଦେବୀ ଦୟାକର
ପୁରେ, ଦରଶନ ଆଶା ତବ ଅଭିଳଷି
ମନେ, ଦେଖ, ପ୍ରଣମନ୍ତି ପଦେ ତବ ଶଶି-
ସୀମନ୍ତିନୀ, ଆଶୀର୍ବାଦ ଅଭିଳଷି ତବ ।"
ଉନ୍ମୀଳି ନୟନ ହର ଆଶୁ ତୋଷ ତହୁଁ
ଆଶୀଷିଲେ ଶିରକମ୍ପେ ତୋଳି ଦକ୍ଷ କର ।
ହୋଇଲେ ଧ୍ୟାନସ୍ଥ ପୁଣି ନେତ୍ର ମୁଦ୍ରି କ୍ଷଣେ
ସୁପ୍ତ ଜଳଚର ସର ନିଶ୍ଚଳ ପରାୟେ
ଚଳ ଘନାବରେ ଯଥା ସୂର୍ଯ୍ୟ ଦିଶେ କ୍ଷଣେ
ଗମ୍ଭୀର ବିଷଣ୍ଣ ଶମ୍ଭୁ ହେଲେ ସେହି ରୂପେ
"ଧନ୍ୟ ଧନ୍ୟ କୃଷ୍ଣ ତବ ଲୀଳା ଭୂ ଭାରତେ
ମହା ନରମେଧ ଯଜ୍ଞ" ଉଚ୍ଚାରି ଗମ୍ଭୀରେ
ସସ୍ମିତେ କହିଲେ ହର ପୁନଃ ନେତ୍ର ମେଲି,
ବଧୂ ବଧୂ ପ୍ରତି ଦୃଷ୍ଟି ନିକ୍ଷେପି ସସ୍ନେହେ,
"ନାହିଁ ତ କଳଙ୍କ ଆଉ, ସହାୟ ଯାହାର
ସଦା ସ୍ୱପ୍ନ ଦେବୀ ସ୍ୱୟଂ ମହାମାୟା ରୂପୀ
କି ଭୟ ତାହାର ଭବେ କହ ଅୟି ବତ୍ସେ ?"
"ତବ ଆଶୀର୍ବାଦେ ଦାସୀ କରଇରେ ଦିନୁ,
ନାହିଁ କାର୍ଯ୍ୟ ବିଶ୍ୱେ ଯାହା ନ ପାରଇ ମୁହିଁ
କିନ୍ତୁ, ପ୍ରାରବ୍ଧର ଗତି ରୋଧେ ଅକ୍ଷମା ଏ
ସଦା ।" କହନ୍ତେ ସ୍ୱପନ ଦେବୀ, "ସତ୍ୟ ବତ୍ସେ,
ପ୍ରାରବ୍ଧ ଅଖଣ୍ଡନୀୟ ହସ୍ତଚ୍ୟୁତ ତ୍ୟକ୍ତ
ଶର ନ ଫେରଇ କେବେ, ଯାଅ ସର୍ବେ ସୁଖେ
ଥାଅ," ଆଶୀଷି ଏତକ ମହା ଯୋଗେଶ୍ୱର

ହର ନିର୍ବ୍ବାଣଙ୍କ ବିଭୁ ପୁନଶ୍ଚ ଧ୍ୟାନସ୍ଥ
ହେଲେ ସ୍ତିମିତ ଲୋଚନେ, ପ୍ରଣମି ସରବେ
ତହୁଁ ଚଳିଲେ ଅନ୍ୟେ । ସତୀ ଆଗେ ଆଗେ
ତାଙ୍କ ପଛେ ପଛେ ସର୍ବେ, ସଙ୍ଗେ ସଙ୍ଗେ ଗଲେ
ନନ୍ଦୀ ଦେବୀଙ୍କ ଆଦେଶେ; ସମ୍ମୁଖେ ଦିଶିଲା
ଏକ ଉତ୍ତୁଙ୍ଗ ପ୍ରାସାଦ ଶୃଙ୍ଗ ଯଥା ଶୈଳ-
ଶିରେ, ବର୍ଣ୍ଣିବାକୁ ନୁହେ ଯାର କମନୀୟ-
କାନ୍ତି, ବୁଝାପଡ଼େ ନେତ୍ରପଥ ଉର୍ଦ୍ଧ୍ୱସ୍ଥଳ
ଯୋଗ୍ୟ, ମନ୍ଦ ମନ୍ଦ ବାୟୁ ବହେ ତହିଁ, ସଙ୍ଗେ
ସଙ୍ଗେ ସୁସୌରଭ ବହିଆସେ ହର୍ମ୍ମ୍ୟ । ଅହୋ !
ଅନାଘ୍ରାତ-ପୂର୍ବ,ଗୃହରୁ ସୁସ୍ନିଗ୍ଧ ସୌରଭ
ସୁବାସ ଯାହାର ମର୍ତ୍ତ୍ୟେ ନୁହେ ତୁଳନୀୟ
ପଥ ପାର୍ଶ୍ୱେ ଉପବନ ଗୃହରୁ ମନୋହର
ହସନ୍ତେ ସରସୀ ଯହିଁ ପୀୟୂଷ ସଲିଳା,
ମରକତ ପତ୍ର ମଧ୍ୟ ସ୍ୱର୍ଣ୍ଣ ତରୁ ବନ୍ତ
ନାନା ମଣି ଫୁଲ ଫଳ ପୀୟୂଷ ପୂରିତ ।
ସତୀଙ୍କ ସହିତେ ସର୍ବେ ପ୍ରବେଶି ଆଶ୍ରମେ
ତୋଳିଲେ ମାଣିକ୍ୟ ଫୁଲ ସୁଗନ୍ଧ ସୁନ୍ଦର;
ମଧୁର ଅମୃତ ଫଳ ଭକ୍ଷିଲା କେ ସୁଖେ
ପିଇଲା କେ ଇଚ୍ଛାମତ ସୁଧା ସରସୀରୁ;
ଯାଇଁ ଯାଇଁ ଖଣ୍ଡେ ପୁଣି ଶୁଣାଗଲା ତହିଁ
ସୁତନ୍ତ୍ରୀ ସଙ୍ଗୀତ ସଙ୍ଗେ ମଧୁର କାକଳୀ
ବହିଆସେ ବାୟୁ ସଙ୍ଗେ ଶ୍ରୁତ ମୂର୍ଚ୍ଛନାସ୍
ଅଶ୍ରୁତ-ପୂର୍ବ ସେହି ମଧୁର ନିଃସ୍ୱନେ
ମନ୍ତ୍ରମୁଗ୍ଧ ବତ ହେଲେ ଗଣୀ-ସୁନ୍ଦରୀଏ ।
ଗୃହୁଁ ଗୃହୁଁ ହର୍ମ୍ମ୍ୟ ଦ୍ୱାରେ ହେଲେ ଉପସ୍ଥିତ ।
ପୁଞ୍ଜୀକୃତ ପୁର ଗୃହରୁ ଗୋପୁର* ମହିମା
କେ ପାରିବ ବର୍ଣ୍ଣି କବ କେଏବେ ସମର୍ଥ

ମାନବ କଳ୍ପନା କଥା ଛାଡ଼ିଦିଅ ଦୂରେ,
ଦେବ କବି ଭାବନାକୁ ପାରିବ କଳପି ?
ବିଭୂତି ବିଭୂତି-ଭୂଷ ବିଶ୍ୱମ୍ଭରଙ୍କର
ବର୍ଣ୍ଣନା କରିବା କଥା ଥାଉ ତେଣେ ଦୂରେ ।
ସତୀଙ୍କ ଆଦେଶେ ନନ୍ଦୀ ଆଗେ ଆଗେ ଯାଇ
ଖୋଲିଲେ ତୋରଣ ଦ୍ୱାର,ଦିଶିଲା ଯେସନ
ବାଳ ରବି ଛବି ବକ୍ଷେ ପୂର୍ବ ଦିଶା ବାରିଦ
କମନୀୟ ହସେ ଯଥା ଇନ୍ଦ୍ରଗୃହ ଛଣି
ଉଦ୍‌ଘାଟିତ ଦ୍ୱାର ଯେବେ ଉଦୟ ଅଚଳେ;
ସୌନ୍ଦର୍ଯ୍ୟ ଶାଳିନୀ ଦେବୀ ଭୂଷାସନୀଙ୍କର
କମଳ-କୁନ୍ତଳା ଦିବ୍ୟ-ବାଳ-ଯଉବନା ।
ସିଂହ ଦ୍ୱାରେ ସିଂହ ଏକ ଭୀଷଣ ରୂପୀ
ନନ୍ଦୀଙ୍କ ଆଦେଶେ ଦ୍ୱାରୁ ଅପାର ବାହାର,
ନିରେଖି ଅଦୂରେ ତହୁଁ ସତୀ ଆଗମନେ
ହରଷ ଉତ୍ସୁକ ପୁଣ ହୁଙ୍କାରି ଜୃମ୍ଭଣେ
ଲୋଟିଲ ଭୂତଳେ ମୃଦୁ ଅସ୍ଫୁଟ ନିନାଦେ
ଦୂର ଏଣେ ତେଣେ ତହିଁ ନନ୍ଦୀଆଡ଼େ ଚାହିଁ
ଅଗ୍ରସର ଫେରି ଯାଏ ସ୍ୱସ୍ଥାନେ ଭଙ୍ଗ୍ରେଷ୍ଟି
ପ୍ରିୟ ପ୍ରଭୁ ଦରଶନେ ବଶ ଶ୍ୱାନ ଯଥା ।
କେଶରୀ ଭୀଷଣ ଅସ୍ୟ ଦେଖି ସଖୀ ସର୍ବେ
ଭୟେ ତ୍ରସ୍ତ ପାଦ ତାଙ୍କ ନ ଚଳିଲା ଆଗେ
ଅଗ୍ରସର ହୁଅ ଦେବୀ ସତୀ ସଙ୍ଗେ ଖଣ୍ଡେ
ନିରେଖି ପଶ୍ଚାତେ କେହି ନ ଆସନ୍ତି ଯହୁଁ
ସସ୍ନେହେ କହିଲେ ତାଙ୍କ "ଭୟ ! ବୃଥା କର
ଭସ୍ମ ପବନ କୈଳାସେ, ସିଂହବାହିନୀଙ୍କ
ସିଂହ ଏହି ପଶୁ ବସେ ! ହେଲେହେଁ ଶ୍ୱାପଦ-
କୁଳେ, ସିଂହ ହିଂସ୍ର ଶୀଳ ନ ହିଂସେ କାହାକୁ
କଲ୍ପ ସତୀ ଆଜ୍ଞା ବିନା, ବିଖ୍ୟାତ ପ୍ରଶାନ୍ତ

* ଗୋପୁର—ତୋରଣ ।

ନାମେ ଗୁଣେ ପୁଣି ତଥା ( ବାକ୍ୟ ସଙ୍ଗେ ଅର୍ଥ
ଯଥା ଯୁକ୍ତ ପରସ୍ପର ) ସୁଶୀଳ ବାଳକ
ସମ ସ୍ୱଭାବ ଏହାର, ନିର୍ଭୟେ ସରବେ ଆସ
ସଙ୍ଗେ ସଙ୍ଗେ ମୋର";ସ୍ମିତେ ଶଙ୍କରୀ ତହୁଁ
କହିଲେ ସସ୍ନେହେ । "ମୋ ପୁରେ କିବା ମା
ଭୟ ! ଅନ୍ଧକାର ସୂର୍ଯ୍ୟାଲୋକେ ଦେଖିଛ କି
କେବେ ? ଶିଶୁ ଭାବ ଦେଖି ତବ ହାସ୍ୟ ଲାଗେ
ମୋତେ, ବତ୍ସେ କି ଭୟ ମା ଏ ଭବ ସଂସାରେ
ସଙ୍ଗେ ଥାଉଁ ସ୍ୱପ୍ନଦେବୀ ସୃଷ୍ଟି ପ୍ରକାଶିନୀ;"
ତେଜସ୍ୱିନୀ କରି ତାଙ୍କୁ ସ୍ୱତେଜେ କଞ୍ଚିତ,
ଢଏତାପ ଅଗ୍ନି ଯଥା ସନ୍ନିହିତ ଜନେ,
ଅଙ୍କିତେ ହୃଦୟୁ ତାଙ୍କ ହରି ନେଇ ଭୟ,
ନିଏ ଯଥା ଊଷାରାଣୀ ତାମସୀ ତାମସେ
ଚପଳା ସ୍ଫୁରଣେ କିମ୍ବା ଘନାବୃତ ତମେ,
ପଦ୍ମ ହୃଦୁ ବାଳରଶ୍ମି ତୁଷାର ଯେସନ;
ବୋଇଲେ "ଆସମା ସର୍ବେ ନିର୍ଭୟେ ମୋ ସଙ୍ଗେ
ବୈଶ୍ୱାନର ଧୂମ ରାଶି ଜଳ ଉଠେ ଯଥା
ଅଳକ୍ଷେ ଅନିଳ ଯୋଗେ ଅଲୋକ ସହସା
ତେସନ ସଖୀଏ ସର୍ବେ ହେଲେ ତେଜସ୍ୱିନୀ
ନିର୍ଭୟ ହୃଦୟା, କ୍ଷଣେ ଭୀତଗୀଳା ସର୍ବେ
ପଶୁ କୁଳେଶ୍ୱର ସିଂହେ ପଶୁ କୁଳାଗାର
ଖର ପରିଏ ନିରେଖି ଚଳିଲେ ସିଂହିନୀ
ସମ ନିର୍ଭୟେ ସଖୀଏ, ବୀରାଙ୍ଗନା ଯଥା
ସିଂହବାହିନୀଙ୍କ ପଛେ ଉଲ୍ଲାସେ ନିଶ୍ଚିନ୍ତେ ।
ମଧ୍ୟରେ ପ୍ରବେଶି ସର୍ବେ ଦେଖନ୍ତି କୌତୁକେ
ହେମବର୍ଣ୍ଣ ଅନ୍ତଃପୁର, ଶୋଭେ ଧାଡ଼ି ଧାଡ଼ି
କନକ ହୀରକ ସ୍ତମ୍ଭ ହର୍ମ୍ୟ ପରେ ହର୍ମ୍ୟ,
ପୁଣି ହର୍ମ୍ୟ ତଦୁପର, ଶୈଳ ଶୃଙ୍ଗ ସମ
ପ୍ରାସାଦେ ପ୍ରାସାଦେ ଦିବ୍ୟ ପ୍ରଶସ୍ତ ଗବାକ୍ଷ
ସ୍ୱର୍ଣ୍ଣରୁ ମୁକ୍ତର, ଖଣ୍ଡା ଚଉପାଶେ ଯାର
ହୀର ମାଳା ଅଛି. ସ୍ୱଚ୍ଛ ଚଉପାଶେ ଶୋଭେ
ଶତ ଶତ, ସ୍ତରେ ସ୍ତରେ ତରଙ୍ଗ ଆକାରେ
ପ୍ରସ୍ତରମ୍ଭ ପଡ଼ି ଯହିଁ ଛତମିଶି କର
କୁରଙ୍ଗ ତରଙ୍ଗେକ୍ଷଣୀ, ପ୍ରଭାର ଝଲକେ
ତାଙ୍କ, ସୌନ୍ଦର୍ଯ୍ୟ ତରଙ୍ଗ ଆହା ଖେଳି ଗଲା
କ୍ଷଣେ;-ସୁସଜ୍ଜିତ ଚିତ୍ରପଟେ କେଳି ଗୃହେ,
କାହିଁବା ମନାନ୍ତ୍ର ମୁନି ବିଶ୍ୱାମିତ୍ର ବ୍ୟସ୍ତେ
ମେନକାକୁ, ଚାଲ ଗୃରୁ ଅନନ୍ତ ଯୌବନା,
ତ୍ୟଜି ଯୋଗ ତପଃ ଆଦି କାମାର୍ତ୍ତ ଲପନେ;
ନୃପବର ପୁରୁରବା ମନାନ୍ତ୍ର କାହିଁବା
ଅପ୍ସରା-କୁଳ-ଶେଖରୀ ଉର୍ବଶୀଙ୍କୁ ବୃଥା ।
ବନବାଳା ଶକୁନ୍ତଳା ଅମର୍ତ୍ତ୍ୟ ସୁନ୍ଦରୀ
ନବ ପ୍ରେମ ଭୋଳ କାହିଁ ଗୃରୁ ଚିତ୍ରପଟେ
ଏକାକିନୀ ବସି ବସି ଗଣ୍ଡେ ସ୍ଥାପି କର
ଭାବୁଅଛି କଣ୍ୱ ମୁନି ପୁଣ୍ୟ ତପୋବନେ,
କ୍ଷୁଦ୍ର ମୃଗ ଶିଶୁଟିଏ ଠିଆ ହୋଇ ପାଶେ.
ହଲାଏ ବାଳକ ଶିରେ ଶୃଙ୍ଗ ଥାଇ ଥାଇ
ଅଭ୍ୟସ୍ତ ଚୁମ୍ବନାଶ୍ଳେଷ ନ ପାଇ ସେ ଆଜ
ମୁଖ ପ୍ରାନ୍ତ ସ୍ପର୍ଶେ ତାର କୌତୁକେ କେସନ,
ବନ ଅନ୍ତରାଳେ ଥାଇ ଦୁଷ୍ମନ୍ତ ନୃପତି
ଅଲକ୍ଷେ, ଅତୃପ୍ତ ନେତ୍ରେ ଗୃରୁ ରୂପାମୃତ
ପିଅନ୍ତ ସୋତ୍ସୁକେ କେତେ ସେ ବାଳା ଅଙ୍ଗରୁ,
ସୌନ୍ଦର୍ଯ୍ୟ ମଦିରା ମୁଗ୍ଧ ରୂପ ନୃପଙ୍କର;
ଚିନ୍ତାମଗ୍ନ ଶକୁନ୍ତଳା ମୁଖ ଛବି ଆଉ
ଦିଶେ ମନୋହର କେତେ ଦେଖ ସେ ଛବିରେ;
ବସ୍ତ୍ର ହରଣର ଚିତ୍ର ଯମୁନା ପୁଳିନେ
ଭୂ-ଗୋଲକେ ବୃନ୍ଦାବନେ କଦମ୍ବ ଶାଖାରେ,
ବସେ ହଟିଅ କହ୍ନାଇ, ଶିରେ ଶିଖି ପୁଚ୍ଛ-
ଚୂଡା ଅଧରେ ମୁରଲୀ, ହଠ ଦେଖେ ଗୋପ-
ବଧୂ ବସନ ଶୈବଲ ଜଳ କ୍ରୀଡ଼ା ରତ

ବାଳା ଧନଞ୍ଜୟନାଙ୍କ, ପୀନ ପୟୋଧରା
ଗୃହୁ ନିର୍ଗମିଲା ଗଣେ, କେହି କର ଯୋଡ଼ି
କେହି ଧରି କର ତୋଳି ଦକ୍ଷେତର କରେ
ଘୋଡ଼ାଇ ଉରଜ ନଗ୍ନ ସଲଜ୍ଜେ ଯାଆନ୍ତି
ବସ୍ତ୍ର କ୍ଷୁଣ୍ଣେ ଜଳେ ଥାଇ, ଲଜ୍ଜା-ଘୃଣା-ଭୟ-
ହାସ୍ୟ ଏକେକେ ମିଶ୍ରିତ ଏ ରଙ୍ଗେ, ଏ ଢଙ୍ଗେ
ରସିକ ପ୍ରବର ହର ଝଟକନ୍ତି ସବଯେ
ରସିକା ଶେଖରୀ ଗୋପ ବାଳାଙ୍କୁ ରସାଇ ।
କୁସୁମ ନିର୍ଯ୍ୟାସେ କକ୍ଷ ସୁବାସିତ ଅତି
ସୁ-ଶୋଭିତ ନାନାବିଧ-ମନୋହର ଦ୍ରବ୍ୟେ
ଦ୍ୱିରଦ-ରଦ-ପର୍ଯ୍ୟଙ୍କେ, ସୁବର୍ଣ୍ଣ ହିନ୍ଦୋଳା
ଆବେଷ୍ଟିତ ଇଚ୍ଛାଗାମୀ ପର୍ଯ୍ୟଙ୍କ ସମ୍ମୁଖେ;
ଗୃହୁ ଚିତ୍ର ପଟେ ଶୋଭେ ସତୀଙ୍କ ମୂରତି
ତପସ୍ୱିନୀ ରୂପେ ଯେବେ ମନ୍ମଥ-ମୋହିନୀ
ନେଇଥିଲେ ମହେଶ୍ୱରେ ମନ୍ମଥନାଶନ
ସ୍ୱସ୍ଥାନେ, କୈଳାସୁ ଟାଣି ଘୋର ତପୋବଳେ ।
ଜଟା ଧାରିଣୀ ଉମାର ଜଟାଧର ହର
ବଦନ ଓଷ୍ଠାରେ ଚୁମ୍ବେ, ଚିତ୍ର କି ସୁନ୍ଦର !
ବାହାରି ସେ ପୁରୁ ଯାଇ କିଛି ଦୂର ଅଗ୍ରେ
ଦେଖିଲେ ସମ୍ମୁଖେ, ଏକ ବିସ୍ତୀର୍ଣ୍ଣ ପ୍ରାନ୍ତର
ପ୍ରାଚୀର ବେଷ୍ଟିତ ଚଉପାଶେ । ନୃକରୋଟି,
ନର ଅସ୍ଥି ନରଶିର ଦଶନ ସଂଯୁକ୍ତ
ମାଳ ମାଳ ସ୍ଥିତ କାହିଁ ସ୍ତୁପାକାରେ ଭସ୍ମ
ଡମ୍ବରୁ ବିଷାଣ ଆଉ ବିଶାଳ ତ୍ରିଶୂଳ
ରହିଛି ପ୍ରକୋଷ୍ଠେ ଏକ ସେ ପ୍ରାନ୍ତର କୋଣେ ।
ତାଣ୍ଡବ ନର୍ତ୍ତନେ ଡଉ ବଜାନ୍ତି ସେ ଯେବେ
ଭୈରବର ବେଶେ ସାଜି ଭୈରବୀ ସଙ୍ଗତେ
କ୍ରୀଡ଼ନ୍ତି ଏ ପୁରେ ଅୟି," ଭାଷିଲେ ଶଙ୍କରୀ,
"ଯେ ନୃତ୍ୟେ ଭୂଷଣ ଏହା ଦେଖୁଛ ଯା ଏଥି ।"
ଅଦୂରେ ବାହାର ଦ୍ୱାରେ ଶୁଣିଲେ ଶବଦ
ମହା କୋଳାହଳପୂର୍ଣ୍ଣ ଢକ୍କାର ନିନାଦ
ପୁଛିଲେ ଯାଗହେତୁ ରାଣୀ ସତୀଙ୍କୁ ଆଶ୍ଚର୍ଯ୍ୟେ
"ଏକି ଶବ୍ଦ ମାଗୋ," "ଆସ ଦେଖିବ ମୋ ସଙ୍ଗେ"
ଉତ୍ତର ସମ୍ମତି ସତୀ ନେଇଗଲେ ପୁରେ;
ଦୂରୁ ଦେଖି ଦ୍ୱାରପାଳ ବୀରଭଦ୍ର ବୀର
ଚଣ୍ଡତେଜା ଉଗ୍ରମୂର୍ତ୍ତି, ଦେଖି ଯଥା ଦୂରୁ
ଦ୍ୱାରୀ ରାଜ ଆଗମନ ସଶଙ୍କେ, ତେସନେ
ପ୍ରଣମନ୍ତେ "କି ଆଦେଶ କହ ମା ଏ ଦାସେ"
କହନ୍ତେ, କହିଲେ ସତୀ "ଅନର୍ଗଳ କର
ତ୍ୱରା ଦ୍ୱାର, ପ୍ରବେଶିବ ପୁରେ" "ଯେ ଆଜ୍ଞା ମା"
ବୋଲି ଦ୍ୱାରୀ ଖୋଲି ଦେଲା ଦ୍ୱାର ପୂତଗନ୍ଧ
ତହୁଁ ନାସାରନ୍ଧ୍ର ବେଧି, ଆସନ୍ତେ ରୋଧିଲେ
ସତୀ ମାତ୍ର ବଳେ ନାସା ପଥ ସମସ୍ତଙ୍କ,
ପ୍ରବେଶନ୍ତେ ଦ୍ୱାରେ ଦୂରୁ ଆସିଲେ ଦଉଡ଼ି
ପୁରୁଁ, ମକ୍ଷିକା ଆମିଷ ଗନ୍ଧେ ଯଥା, କିମ୍ବା
ଶ୍ମଶାନେ ଶକୁନ ଶିବା! ଶବ ଦେଖି ଦୂରୁ
ଆସନ୍ତି ଦଉଡ଼ି ଯଥା ଗନ୍ଧ ପାଇ ଲୋଭେ
ଡାକିନୀ ଯୋଗିନୀ ଅବା ପିଶାଚିନୀ ଦଳ,
କିନ୍ତୁ ତାଙ୍କ ସଙ୍ଗେ ଦେଖି ସତୀଙ୍କୁ ସହସା
ପଳାଇଲେ ତ୍ୱରା ତହୁଁ ପଳାନ୍ତି ଯେସନେ
ଉତ୍ଫଣା ଫଣିନୀ ଦେଖି ବନିତା ନନ୍ଦନେ ।
ଦେଖିଲେ କୌତୁକେ ସର୍ବେ ସତୀଙ୍କ ପ୍ରସାଦେ
ଇନ୍ଦୁମୁଖୀ ଇନ୍ଦୁ ବଧୂ ନିର୍ଭୟେ ସରବେ ।
ଉଲ୍ଲଙ୍ଗିନୀ ଯୋଗିନୀଙ୍କ ବିଭତ୍ସ ରହସ୍ୟ—
ଗଳେ କାର ସଦ୍ୟ ଛିନ୍ନ ନରଶିର ମାଳା
ରକ୍ତ ସ୍ରାବୀ, ନୃକରୋଟି ପ୍ରକୋଷ୍ଠେ ବଳୟ;
ବାହୁ ଯୁଗ୍ମେ ନର ଅନ୍ତ୍ର ଅନନ୍ତ ଆକାର
ନର ହୃଦପିଣ୍ଡ କର୍ଣ୍ଣେ କୁଣ୍ଡଳ କାହାର ।
କେହି ଦୋଳାଇଛି କର୍ଣ୍ଣେ କର୍ଣ୍ଣଫୁଲ କରି
ନର ଫୁଲକଲିଜାକୁ ଫୁଲ୍ଲାର ଫୁତ୍କାରେ ।

ସୁବାସିତ ତୈଳ ସିକ୍ତେ ନରରକ୍ତ ନର-
ମେଦ କାହାର ବା, ରକ୍ତ ବିନ୍ଦୁ ସୁଶୋଭିତ
ସିନ୍ଦୁର ସୀମନ୍ତେ, ନର ଅନ୍ତ୍ର ବିଲମ୍ବିତ
ଉନ୍ନତ ନିତମ୍ବେ । ସମେଦ ଝିଲ୍ଲୀକୁ କେହି
ସୂକ୍ଷ୍ମ ବସନ କରି, ଲଜ୍ଜାଶୀଳା ପ୍ରାୟେ
ଆବରିଛି ଯୋନି ଜାନୁ ଊରୁ ଯୁଗଳ ।
(ମରି ଯାଉଥାଏଁ ଦେଖି ନିର୍ଲଜ୍ଜର ଲଜ୍ଜା ।)
ପିନ୍ଧିଛି କେ ଗଳେ କେହି ମାଂସ ପୟୋଧରେ
ଅନ୍ତ୍ରକୁ ହାର, ମଳ ମୂତ୍ର କ୍ଲେଦ ଆଦି
ସୁବାସିତ ସୁଶୀତଳ ଚନ୍ଦନ ସମାନ.
ଦୁର୍ଗନ୍ଧେ ଯାହାର ମାଛି ସ୍ୱ ସୌରଭେ ଅଳି
ଯଥା ଆସନ୍ତି ଦଉଡ଼ି ଭଣ ଭଣ କରି,
ସକଳ ପଲେ ରଙ୍ଗପାଶ୍ୱ ଇତସ୍ତତଃ ତହିଁ,
ଓଠର ତାଙ୍କୁ ବ୍ୟସ୍ତବ୍ୟସ୍ତ କରନ୍ତି ନିତାନ୍ତ;
ରୂପଚ୍ଛଟାକୁ ବା କାହି ପଟାନ୍ତର ଭବେ
ଅନୁପମ ରୂପର ବା କି ଦେବି ଉପମା
କାନ୍ତି ମଞ୍ଜି ପ୍ରାୟେ କେହି ତହିଁ ତତୋଧିକ
ହାଣ୍ଡି ତଳ କଳା ଜିଣି ଗୌରାଙ୍ଗୀ ରୂପସୀ
ବଙ୍କିମ ମୁଖର ଭଙ୍ଗୀ ବର୍ଣ୍ଣନା ଅତୀତ
ଆକର୍ଣ୍ଣ ବିସ୍ତୃତ ପାଟି ଅଧରୋଷ୍ଠ ମୋଟ
ସୁରମ୍ୟ ଦଶନ ଛଟା ସେ ମୁଖ ଗହ୍ୱରେ
ଗୋଜିଆ ଗୋଜର ପ୍ରାୟେ ଦନ୍ତୁରୀଙ୍କୁ ଦେଖି
ଶୂକର ସରମେ ଭୟେ ଅରଣ୍ୟେ ପଳାଇ
ଭୂତଳେ ପାତନ୍ତି ମୁଖ ପଙ୍କିଳ ସଲିଳେ ?
ଏ ଛବି ଦର୍ଶନେ ମନେ ଏସନ ଆସଇ
ଜିହ୍ୱା ଖାଦ୍ୟ ସ୍ୱାଦେ ରତ, ଚଳେ ଅବିରତ
ନଦୀ ଜଳ ଚଞ୍ଚଳ ଯଥା, ଡାକିନୀଙ୍କ ମୁଖେ,
ଡମା ଡ଼ମା ଚକ୍ଷୁ ଦେଖି ଅରକ୍ତ ବରଣ
ମନେ ହୁଏ ସ୍ରଷ୍ଟା ତାଙ୍କ ମନୋହର ନେତ୍ରେ
ସୃଜି ଥିଲେ ପରେ ସଞ୍ଜି ନନ୍ଦ ମହୋଷର

ଖର୍ପନାସା, ନାସାଅଗ୍ର ସ୍ଥୂଳ; ସଠା ପ୍ରାୟେ
କେଶ କାଳ କଉକଶ ଅନ୍ତ ଜଟା ପ୍ରାଂଶୁ
ଗୋ । ଯୋଗୀ ହୋଇଅଛି କାହିଁ, ମନେ ହୁଏ
ଦେଖି ଛୁଇଁ ନାହିଁ ପ୍ରସାଧନୀ ଏ କେଶକୁ
କେବେ ଜନମ ଦିନରୁ ଅଙ୍ଗ ଯାଏ ତାର
ନଷ୍ଟେ; ଅହୋ ! କି କନ୍ଦର୍ପ ବିକଟାଳ ରୂପ ।
ଭୀଷଣ ଦଶନ ଓଳେ ଭୀଷଣ ଦର୍ଶନା,
ନଚାଏ ଆନନ୍ଦେ କେହି ନର ଶିର ହସ୍ତେ
ଅଶ୍ୱିକ ପଣ୍ଡିତ ଯଥା ସଧବା ମରଣେ
ଅଟ୍ଟ ଅଟ୍ଟ ହାସ ହସି ବିକଟେ ବିଭ୍ରମେ,
ଗାଏ କେହି ଶ୍ରୁତିକଟୁ ଗର୍ଦ୍ଦଭର ସ୍ୱରେ,
ଗରଜେ ଚିତ୍କାରେ, କେହି କ୍ଷୁଧାତେ ବଦ୍ଧନେ
ହୁହୁଙ୍କାରେ ଗଡ ଦେଇ ଉନ୍ମାଦିନୀ କେହି
ଲକ୍ଷ୍ୟ ଶୂନ୍ୟ ଏବେଶ ଚେତନେ ଦାଉଡ଼ ବୁଲଇ,
ଚଳ ଢଳ ନେନେ କାରି ସୁରାପାନ ହେତୁ
ପ୍ରମତ୍ତ ପ୍ରମଦା କେହି ଉଦ୍‌ଗାର ଗିଳୁଛି
ପୁନଃ ପୁନଃ ଦୁଇ କରେ, ରୁଧିର କର୍ଦ୍ଦମେ
ଲିପ୍ତ ସର୍ବ କଳେବର ବିକ୍ଷିପ୍ତ କୁନ୍ତଳ-
ରାଶି କାହାର ପଡ଼ିଛି ଇତସ୍ତତ ମୁଖେ
ପୃଷ୍ଠେ, ନୃ କପାଳେ ମୁହୁର୍ମୁହୁ ସୁରା ପିଏ
ଦକ୍ଷକରେ କେହି, ବାମକରେ ମହାମାଂସ
ବକ୍ର ଦନ୍ତେ ଝିଙ୍କି, ଅସ୍ଥି ସହ ମାଂସ ପିଣ୍ଡ
ଭକ୍ଷେ କଡ଼ ମଡ଼େ, ପିଇ ଉଲ୍ଲାସେ କେହି
ସୁରା ସଙ୍ଗେ ମଳ ମୂତ୍ର ଘୃଣା ଶୂନ୍ୟ ଚିତ୍ତେ,
ଧାଇଁ ଶିରୁ କାଟି ଦେହ ସଡ଼ ସଡ଼ ଖାଏ ।
ବିକୃତ-ବଦନା କେହି ଯକୃତ-ଲାଳସୀ
ଯକୃତ ଆଶାରେ, ନଖାଘାତେ ସୂର୍ପଣଖା-
ଶବୋଦର ଚିରେ, କେହି ଅଦୂରେ ନଷ୍ଟଚିତ୍ତ
ଦମଲ ଅନ୍ତ୍ରକୁ ଖାଏ କରାଳ ଲୋଚନା
ନିର୍ମଳ ବଦନେ ବସି ଚୈବ ଚୈବାରି

ଘାଣ୍ଟିଆ ବନାଇ ଖାଏ ହାମୁଡ଼ି ହୁଙ୍କାଙ୍କେ ।
କି ବିଭତ୍ସ ମହୋତ୍ସବ ଅହୋ ! ଦେଖିବାର
ଥାଉ, ଶୁଣିଲେ ଶାଙ୍କୁଳ ହୃଦେ କଣ୍ଟକିତ
ତନୁ ପ୍ରାୟେ ରୋମ ମୂଳ ମାନ, ଯେଃ ମୋଡ଼
ବାନ୍ତ ମାତ୍ରେ ଶୁଣିଲେ ସେ କଦର୍ଯ୍ୟ ଭୋଜନ;
ଦେଖିଲେ ଅଦୂରେ କାହିଁ ପଡ଼ିଅଛି ଶବ-
ରାଶି, ପର୍ବତ ଆକାରେ । ସଦ୍ୟ ମୃତ କେହି
ଅଦ୍ୟାପି ରହିଛି ଅଙ୍ଗେ ବେଶ ଭୂଷା ଆହା !
ମଦନ ହୁଏ ଦେଖି ଯେହ୍ନେ ସଂଖେ ସୁପ୍ତ ଛବା,
ମୁକ୍ତା-ଶୁକ୍ତିକା ମୃତ ମୁକ୍ତା ଯୁକ୍ତ ଯଥା
ବିକ୍ଷିପ୍ତ ପଡ଼ିଛି କେତେ ସେ ପୁର ପ୍ରାନ୍ତରେ
ଛିନ୍ନ ଅଙ୍ଗ ବାହୁ ଦର ପାଦ ଅଦ୍ଧ,ଶିର
ସଣି ରକ୍ତ, କାହିଁ କଣ୍ଠ ଅଙ୍ଗ କାଯ୍ୟ ସଙ୍ଗେ
ସଂଲଗ୍ନ ଶିଥିଳେ ମାଂସ ବିଗଳିତ ଧଡ଼
ପଡ଼ିଛି କା ପାଶେ ଦେଇ ଖୋଲ ପ୍ରାୟେ ଫୁଲି
ସଡ଼ୁଛି କେ କାହିଁ, କାର ବାହାର ପଡ଼ିଛି
ମଳ ଭିସ୍ତ୍ର ମଳଦ୍ୱାରୁ. ଯୋନି ଯୋନି ମୁଖୁ
ରକ୍ତ ଜନ୍ତୁ ନିଜ ନିଜ କୁକ୍ଷିରୁ ବାହାରେ;
ଲକ୍ଷ ଲକ୍ଷ କୀଟ ହଳ ହଲେ ଖେଳୁଛନ୍ତି
ମଳଦ୍ୱାର ମୁଖେ, ସାଧ୍ୟ କାର ତିଷ୍ଠେ ତହିଁ
ଉତ୍କଟ ଦୁର୍ଗନ୍ଧେ, ଅସଂଖ୍ୟ ମକ୍ଷିକା ବୃନ୍ଦ,
ଭଣ ଭଣ କରି ଉଡ଼ି ବସନ୍ତି ତା ପରେ
କି କଦର୍ଯ୍ୟ ଦୃଶ୍ୟ ଅହୋ ! ଦେଖିଲେ ଯାହାକୁ
ନ ରୁଚିବ ଅନ୍ନଜଳ କିଛି କ୍ଷଣ ଯାଏ
ସ୍ମୃତି ପଥେ ପୁନଃ ପୁନଃ ବେଧିଲେହେଁ ତାକୁ
ପଡ଼ିବ ସେ ଗନ୍ଧ ମନେ ଆସି ଜାଗରଣେ,
ଲାଗି ରହିଥିଲା ପ୍ରାୟେ ନାସାରନ୍ଧ୍ରେ ତାର,
ନିଦ୍ରା କାଳେ ସ୍ୱପ୍ନ ସୁଦ୍ଧା ଦେଖୁଥିବ ପୁଣି
ଚମକି ସଭୟେ ସେହି ଲୋମହର୍ଷ ଦୃଶ୍ୟ ।
ସ୍ତମ୍ଭୀଭୂତ ପ୍ରାୟ ହୋଇ ବିସ୍ମୟେ ଆଶ୍ଚର୍ଯ୍ୟ,
କରି ସେ ତ ଶଙ୍କରୀଙ୍କୁ କହିଲେ ରୋହିଣୀ
"କ୍ଷମା କର କ୍ଷେମଙ୍କରି ! ଗଲେ ଅନ୍ୟପଥେ
ନ ପାରିବ ଦେଖି ଆଉ ଏ ବିଭତ୍ସ ଦୃଶ୍ୟ ।
ନିଜେ ଯାଇ ନ ଦେଖିଲେ ଏ ଅଦ୍ଭୁତ ପୁରୀ,
କରି ନ ପାରିବ କେଉଁ କଳ୍ପନା ଏହାର
ଶୁଣିଲେ ହେଁ ସୁବିସ୍ତାରେ ବର୍ଣ୍ଣାଯୀ ମୁଖରୁ;
ଭାବିତ ନ ଥିଲି ମାଗୋ ! ସ୍ୱପନରେ କେଉଁ
ଏମନ୍ତ ଯେ ପୁରୀ ଅଛି ବିଧାତା ସୃଷ୍ଟିରେ ।
ଏ ଦୃଶ୍ୟ ଦର୍ଶନେ ଜ୍ଞାନ ହେଲା ହୃଦେ ଧ୍ରୁବ
ଅସମ୍ଭବ ବୋଲି କିଛି ନାହିଁ ଏ ସଂସାରେ,
ଶୁଣିବାକୁ "ଅସମ୍ଭବ" ଶବ୍ଦ ମାତ୍ର କିନ୍ତୁ
ଛାଗ ଗଳ ସ୍ତନ ପ୍ରାୟେ ନିରର୍ଥକ ଏହା ।'
"ଯା କହିଲୁ ସତ୍ୟ ଝିଅ" କହିଲେ ଶଙ୍କରୀ,
"ଅସମ୍ଭବ ବୋଲି କିଛି ନାହିଁ ଏ ସଂସାରେ,
ପ୍ରକୃତରେ ଅସମ୍ଭବ ନୁହେ କିଛି ଭବେ,
ବୁଝି ନ ପାରଇ ଯେହୁ ଅଳ୍ପମତି ହେତୁ
ଅପକ୍ୱ ଜ୍ଞାନର ବଶେ କହେ 'ଅସମ୍ଭବ',
ପକ୍ୱ ଜ୍ଞାନୀ ନ କହଇ 'ଅସମ୍ଭବ' କେବେ";
"କାହାର ଏ ପୁରୀ ମାଗୋ ! କାହୁଁବା ଅସନ୍ତି
ଏତେ ଶବ; କିଏ ବା ଏ ବାମାଦଳ ( ଛି ଛି
ମୁହଁ ଖୋଲୁ ନାହିଁ ଜାଙ୍କ ) ନ ପାରଇ ଭେଦି
କିଛି ଏ ଗୂଢ଼ ରହସ୍ୟ, କହ ଅମ୍ବା ବୁଝାଇ
ଦୟାମୟି ! ଦୟାକରି ଏ ଦାସୀକୁ ହାରେ"।
କହନ୍ତେ ରୋହିଣୀ ହସି ଉତ୍ତରିଲେ ସତୀ
"କ୍ରମେ କ୍ରମେ ବୁଝିବୁ ମା ଧୈର୍ଯ୍ୟ ଧରି ରହ ।"
ଏତେ କହି ସତୀ ଏକ ଦିବ୍ୟ ଦେବାଳୟେ
ଘେନି ଗଲେ ସମସ୍ତଙ୍କୁ ଅନ୍ୟ ପଥେ ଯାଇ ।
'କଙ୍କାଳିନୀ' ନାମେ କାଳୀ ପ୍ରିୟ ସହଚରୀ
କଙ୍କାଳ-ଭୂଷଣ-ପ୍ରିୟା, ମନ୍ଦିର ଦୁଆରେ
ଦେଖି ସତୀଙ୍କୁ ସହସା, ସମ୍ମୁଖେ ନମି,

ଜଣାଇଲା ଦାସୀ ପେଶି ସମ୍ବାଦ ଅମ୍ବାଙ୍କୁ,
"ବହୁ ଭାଗ୍ୟ ବଳେ ଅହୋ ।" ସ୍ୱପ୍ନ ଦେବୀ ପୁଣି
'ସ୍ୱାଗତ ସ୍ୱାଗତ' କହି, ଦେବୀଙ୍କୁ ସମ୍ଭାଷି,
ପୁଚ୍ଛିଲେ ସଙ୍କେତେ "ସର୍ବେ ସିଦ୍ଧେତ ଦେଖୁଛେ ?
ଶିରଃ କମ୍ପେ ଜଣାଇଲେ ସମ୍ମତ ଶଙ୍କରୀ !
ପ୍ରବେଶି ମନ୍ଦିରେ ସର୍ବେ ଦେଖିଲେ କୌତୁକେ
ସାମାନ୍ୟ ରମଣୀ ବେଶେ ମସୀ-ଶ୍ୟାମ-ଶ୍ୟାମା
ଆସନ୍ତି ବାହାରି ପୁରୁ ତ୍ୟଜି ନିଜ ବେଶ;
ନିରେଖି ଏ ବେଶେ ଦୂରୁ ଶ୍ୟାମାଙ୍କୁ ହର୍ଷିତେ
ଭାଷିଲେ ସପତ୍ନୀ ସତୀ "ଏ ମୋହିନୀ ବେଶ,
କାହିଁ ଅଜି, ରୂପ ଦେଖି ମାତି ଯିବେ ରତି-
ପତି ସଦ" ? "ଉପହାସ କଥା କିପାଁ କହ
ଗୋ ସୁନ୍ଦରୀ । ଏ ରୂପେ କି ରସିବେ ସେ" ସତୀ
ପ୍ରତି ଅଙ୍ଗୁଳି ନିର୍ଦ୍ଦେଶି, ସ୍ୱପ୍ନଦେବୀ ଅଡ଼େ
ଚାହିଁ ଭାଷିଲେ ଶ୍ୟାମାଙ୍ଗୀ, "କହଗୋ ସ୍ୱପ୍ନର
ଦେବି, କାହା କଥା ସତ ? ରସିବେ ଭଗବନ୍ତ
ଦେଖି ଗୋରୀ କିବା କାଳୀ;" ଅଲିଙ୍ଗିଲେ ହସୁ-
ହସୁ ପରସ୍ପରେ ତହୁଁ, ପ୍ରଣମିଲେ ସଖୀ-
ସର୍ବେ, ଆଶିଷିଲେ ଶ୍ୟାମା, ଚାହାଁଇଲେ ସଖୀ
ସର୍ବେ ଏକ ଏକ କରି ଆଗମନ ହେତୁ
ଅତି ସଂକ୍ଷେପେ ଜଣାଇ । ଘେନି ଗଲେ ସଙ୍ଗେ,
ଶ୍ୟାମା ନୃତ୍ୟାଳୟେ ସର୍ବେ ଦୂତୀ 'ଉଗ୍ରଚଣ୍ଡା'
ନାମେ ମାର୍ତ୍ତଣ୍ଡ-ନନ୍ଦନା; ଖୋଲି ଦେଲା ରୁଦ୍ଧ-
ଦ୍ୱାର ଦେବୀଙ୍କ ଆଦେଶେ; ନାନାଜାତି ସର୍ପ
ଦୀର୍ଘକାୟ ସ୍ଥୂଳ କ୍ଷୀଣ କୃଷ୍ଣ ପୀତ ଆଦି
ଶିରେ ମଣି ଦୀପ ପ୍ରାୟେ ଉଜ୍ଜ୍ୱଳ ଜ୍ୱଳନ୍ତ;
ଫୋଁ ଫୋଁ ସ୍ୱନେ ମୁହୁର୍ମୁହୁ ରସନା ଦର୍ଶାଇ
ଚାହିଁଲେ ଚକିତେ ସର୍ବେ ଫଣା ଟେକି ଦ୍ୱାରେ
ଝଲସିରେ ମଣିତାଙ୍କ ଶୋଭିଲା ଯେସନ,
ତାରକା ଗୁମ୍ଫିତ ନଭ ପ୍ରତିବିମ୍ବ ଯଥା
ସ୍ୱଚ୍ଛ ସରୋବର ଗର୍ଭେ ମୃଦୁଳ ହିଲ୍ଲୋଳେ ।
ସ୍ତମ୍ଭୀଭୂତ ହୋଇ ଦୃଶ୍ୟ ଦେଖନ୍ତି ସଖୀଏ
ଡାକିଲେ ଏକାଳେ ଶ୍ୟାମା "ସରଳା" "ସରଳା,"
ସଫଣ ଫଣିନୀ ଏକ ଫଣୀ ସଙ୍ଗେ ତାର
ସରଳା ବାଳିକା ପ୍ରାୟେ ଆସିଲା ଝଟପଟ
ଲଟପଟି ଶ୍ୟାମା ପଦେ ଟେକିଦେଲା ଫଣା
ମଣିମୟ ଛତ୍ର ଯଥା, ସ୍ୱର୍ଣ୍ଣ ଶିରେ ଶୋଭେ,
ଶୋଭିଲା ତେସନ; ତହୁଁ ଆଲିଙ୍ଗି ସସ୍ନେହେ
ସଙ୍କେତେ ବୋଇଲେ ଶ୍ୟାମା ଯିବାକୁ ବନରେ;
ସର୍ପ ସଙ୍ଗେ ସର୍ପ ବଧୂ ଦୋଳି ଦୋଳି ଘେନି
ଚାଲିଗଲା ସ୍ୱ ଭବନେ ସେ ସଙ୍କେତ ମତେ ।
ତହୁଁ ଖଣ୍ଡେ ଅଗ୍ରସରି ଶ୍ୟାମା ସଙ୍ଗେ ସର୍ବେ
ପକ୍ଷୀ କୋଳାହଳ ରବ ଶୁଣିଲେ ଅଦୂରେ;
ଯାଉଁ ଯାଉଁ କ୍ଷଣ ପରେ, ଦେଖିଲେ ସମ୍ମୁଖେ
ବିସ୍ତୀର୍ଣ୍ଣ ପ୍ରାନ୍ତରେ ଏକ, ମହୀରୁହ ଗଣ
ବହୁବାହୁ, ଜରାଜୀର୍ଣ୍ଣ, ପୁରାତନ, କେହି;
ପକ୍ଷୀ ଚଞ୍ଚୁ, ପୁଚ୍ଛ, ନଖ, ରକ୍ତ କ୍ଲେଦ ପଙ୍କ
କେହି ତାଙ୍କ ମଳ ତ୍ୟାଗେ ଧରନ୍ତି କଦର୍ଯ୍ୟ,
ଭଙ୍ଗାକାଣ୍ଡେ ଝୁଣ୍ଟି ପ୍ରାୟେ ଚହିତ କୁତ୍ସିତେ ।
ଅସଂଖ୍ୟ ପେଚକ, ଚିଲ, ବାୟସ, ଶକୁନି,
ଶବାହାରୀ ପକ୍ଷୀ ଯେତେ ହାତଗିଳା ଆଦି,
ମନେ ହୁଏ ଦେଖି ଯେତେକ ସାରା ସଂସାରର
ରୁଣ୍ଡ ହୋଇଛନ୍ତି ଆସି ଏକଥେ ଏଠାରେ;
ମହା କୋଳାହଳେ ସବ ତେଣା ମେଲି କେହୁ
ଘଷେ କେହି ଶାଖେ ତାର କ୍ଲେଦଲଗ୍ନ ଚଞ୍ଚୁ
ବସିଛନ୍ତି ଶାଖା ଲମ୍ବି ଗୁଞ୍ଜା ଗୁଞ୍ଜି ହୋଇ !
ଭୀଷଣ ପ୍ରାନ୍ତର ଏବେ ପକ୍ଷୀରବେ ପୂର୍ଣ୍ଣ,
ଅମା ଯାମିନୀରେ ଯଥା ନୀରଧର ରବ
ହୁଅଇ ଭୀଷଣତର, ସେ ଘୋର କାନ୍ତାରେ
ଶ୍ୟାମାଙ୍କୁ ନିରେଖି ହର୍ଷେ ନାଚ଼ ଛାଡ଼ ପକ୍ଷୀ

ଉଡ଼ିଲେ ଆକାଶେ ସର୍ବେ କିଳିକିଳା ରବେ
ସୃଜଣ କୃତ୍ରିମ-ମେଘ ରୋଧି ରବି-ରଶ୍ମି ।
'ଛିନ୍ନ-ତଣ୍ଡା' ଖଣ୍ଡା ତୋଳି ଦେଖାନ୍ତେ ସମ୍ମୁଖେ
ଉଡ଼ିଗଲେ ପକ୍ଷୀଗଣ ବୃକ୍ଷ ଛାଡ଼ି ତହୁଁ
ଦଳେ ଦଳେ ସେ ସଙ୍କେତେ ଦୂରୁ ଦୂରାନ୍ତରେ ;
ବାୟୁ ଯୋଗେ ମେଘ ଯଥା ଖଣ୍ଡ ଖଣ୍ଡ ହୋଇ;
ଅଭିନବ ଦୃଶ୍ୟ ଏକ ଅତି ଅଦ୍ଭୁତ,
ଆସିଲା ଏ ଅଭିନୟେ । ଦେଖିଲେ ସମ୍ମୁଖେ
ପ୍ରାଚୀର ବେଷ୍ଟିତ ପୁରୀ ମଧ୍ୟେ ନାରୀ ଜଣେ
କରାଳ ବଦନୀ ନାମ 'କପାଳିନୀ' ଯାର
ତପ୍ତ ଘର୍ମୀକର ସମ ପ୍ରଚଣ୍ଡ ନୟନା,
ଘନ କୃଷ୍ଣ କାନ୍ତି, ଗଳେ ନୃ-କପାଳ ହାରେ,
ଶୋଭନ୍ତି ବଲାକା ପଂକ୍ତି ଜୀମୂତେ ଯେସନ,
ବସନ ଭୂଷଣ ଅଙ୍ଗେ ଭୁଜଙ୍ଗ ନିର୍ମ୍ମୋକ-
ଖଣ୍ଡ ଖଣ୍ଡ ଶ୍ୱେତ ମେଘ ନୀଳ ନଭେ ଯଥା;
ପ୍ରଣମି ସାଷ୍ଟାଙ୍ଗେ ଉଠି ଖୋଲିଦେଲା ଦ୍ୱାର
ପ୍ରବେଶିଲେ ପୁରେ ସର୍ବେ ରକ୍ଷିଣୀ ସହିତେ ।
ପଡ଼ି ଅଛି ଶୂନ୍ୟ ପୁର କେହି କେଣେ ନାହିଁ
ଶୂନ୍ୟ ରଙ୍ଗାଳୟ ଯଥା ଅଭିନୟ-ବିନା;
ଶ୍ୟାମାଙ୍କ ସଂକେତ ପାଇ କପାଳିନୀ ତହୁଁ
ଫୁଙ୍କିଲା ବିଷାଣ ଏକ ଗମ୍ଭୀର ନିର୍ଘୋଷେ,
ସେ ଭୈରବ ରବ ଶୁଣି, ଯେ ଯେଠାରେ ଥିଲେ;
ଭେରୀ ରବେ, ଶୁଣି ଯଥା ପୂର୍ବତ ସଂକେତ
ସୈନ୍ୟ ସୈନ୍ୟ-ବାସୁ ଯଥା ଆସନ୍ତି ଦଉଡ଼ି
ତ୍ୟଜି ନିଦ୍ରା, ଖାଦ୍ୟ, କ୍ରୀଡ଼ା, ମଳ ତ୍ୟାଗ କେହି
ଆସିଲେ ଯୋଗିନୀ ଆଦି ଡାକିନୀ ପିଶାଚୀ
ବାୟୁ ବେଗେ ହୁହୁଙ୍କାର ବଢ଼ି ଛାଡ଼ି ଦୂରୁ
ପକ୍ଷୀତାଡ଼ିତ ଶୂନ୍ୟ ଆଦ୍ୟ ବିମାନ ମାର୍ଗରେ;
ବିମାନ ଗୃହିଣୀ ସର୍ବେ ବିଦ୍ୟୁତ ଗମନା,
ବୁଣି ହୋଇଗଲେ କ୍ଷଣେ ଅଗ୍ନି ବୃଷ୍ଟି ନ୍ୟାୟେ,
କେନ୍ଦ୍ର ଛାଡ଼ି ଉଲ୍କାଗଣ ପଡ଼ିଲେକ ଛିଡ଼ି ।
ଆକାଶରୁ ଧରାମୁଖେ ସନ ସନ ଶବ୍ଦେ
ଯୁଗପତେ ତ୍ୟକ୍ତ କମ୍ବା ଅସଂଖ୍ୟ ହାବେଲି;
କମ୍ପିଲା ମେଦିନୀ ତାଙ୍କ ବିକଟ କୁହାଟେ
ଚମକିଲା ଦଶଦିଗ ଚକ ମକ କରି,
ମନେ ହେଲା ଦେଖି ଯେହ୍ନେ ଭୀମ ଘନ ଘୋଷେ
ସତାରକା-ଆକାଶ କି ପଡ଼ି ଯିବ ଟୁଟି ।
ପ୍ରଦର୍ଶାଇ ଯଥାବିଧି ସମ୍ମାନ ଶ୍ୟାମାଙ୍କୁ
ସଖୀ, ସଖୀ ସହଚରୀ ସ୍ୱପ୍ନଦେଖା-ଆଦି
ବସିଗଲେ ଏକେ ଏକେ ପୁର ମଧ୍ୟେ ସର୍ବେ
ଆପଣା ଆପଣା ସ୍ଥାନେ ଯଥାଯୋଗ୍ୟ ହର୍ଷେ,
ନିମନ୍ତ୍ରିତ ବ୍ୟକ୍ତି ଯଥା ଉତ୍ସବ ଆଳୟେ
ଭବ-ଉତ୍ସବ-ଦର୍ଶନ-ଆଶାରେ ଉଲ୍ଲାସୀ ।
'ଶ୍ୱାନମୁଖୀ' ନାମେ, ଏକ ଶ୍ୱାନମୁଖାକୃତି-
ବାଳା, ଶ୍ୟାମାଙ୍କ ସଙ୍କେତେ, ଭୁକିଲା କୁକ୍କୁର
ପ୍ରାୟେ ଭୋ ଭୋ ରବ କରି, ଆସିଲେ ଦଉଡ଼ି,
ଫେରୁ ଶୃଗାଳ ଶ୍ୱାନାଦି ଶବାହାରୀ ପଶୁ
ପଲେ ପଲେ ଲେଳ ଜିହ୍ୱା ଧକେଇ ଧକେଇ
ହଲାଇ ବଦନ ପୁଚ୍ଛ ବେଢ଼ିଲେ ତାହାଙ୍କୁ ।
ଅନ୍ୟ ଏକ ଦିଶ ଚାମୀ ଶ୍ୟାମାଙ୍କ ସଙ୍କେତେ
ଉଡ଼ାଇଲା, 'ଜେକୁଡ଼ଶୁଣି' ✤ ନାମେ ଖ୍ୟାତ ତହୁଁ;
ଆବରିତ ସର୍ବ ଅଙ୍ଗ ଛିଣ୍ଡା କନା ଦେଇ
ଧଳା, କଳା, ପୀତ, ଛିଟ ବିବିଧ ବର୍ଣ୍ଣର
ବାୟୁ ଯୋଗେ ଶୋଭେ ଚୀର କେତନ ପରାୟେ;
ଗୃହୁଁ ଗୃହୁଁ ପୂରିଗଲା ନଭ କୋଳାହଳେ
ଗୃଧ୍ର ଚିଲ ଧାଉଁଗଲା କିଳିକିଳା ରବେ ।

✤ ଡାକିନୀର ନାମ ।

ଶବ ଖନୀ 'ଶବାସନ' ନାମେ ପିଶାଚୀ
ଉଡ଼ିଯାଇ ଶୂନ୍ୟେ ଚକ୍ଷୁଁ ଶ୍ୟାମାଙ୍କ ସଙ୍କେତେ
କ୍ଷଣେ କ୍ଷଣ-ପ୍ରଭା ପ୍ରାୟେ ମିଶିଗଲା ନଭେ,
ଦେଖୁଁ ୨ ଶୂନ୍ୟମାର୍ଗୁ ଲକ୍ଷ ଲକ୍ଷ ଶବ
ପ୍ରଭଞ୍ଜନ ବଳେ ଯଥା ସୁପକ୍ୱ ରସାଳ
ବିଚ୍ୟୁତ ପଡ଼ିଲା କ୍ଷଣେ ପୃଥ୍ୱୀବକ୍ଷେ ପୂରି,
ରାଜ୍ୟକର ରାଜ୍ୟ ପ୍ରାୟେ କାହୁଁ ଏ ଅସନ୍ତ
କିଛି ନ ଦେଖିଲ ଜଣା । ବିସ୍ମୟେ ସାଶ୍ଚର୍ଯ୍ୟେ
ସର୍ବେ ବିସ୍ଫାରିତ ନେତ୍ରେ, ଦେଖନ୍ତି ଅଦ୍ଭୁତ-
ଦୃଶ୍ୟ ଅପଲକ ନେତ୍ରୀ ଚିତ୍ର ପୁତ୍ତଳିକା-
ତୁଲେ ଅନନ୍ୟ ମାନସେ । ସଦ୍ୟମୃତ ଶବ
ବୃକ୍ଷଚ୍ୟୁତ ସଦ୍ୟ ପୁଷ୍ପ ପ୍ରାୟେ ପ୍ରାଣ ଛାଡ଼ି
ଛଡ଼ ନାହିଁ କାର ଶେଷ ଶ୍ୱାସ ଶ୍ୱସି କେହି
ଅହା ! ଦୁର୍ବଳ ପିଞ୍ଜରୁ ପକ୍ଷୀ ଉଡ଼ିଗଲା
ପ୍ରାୟେ ଥିବଲେ ସହସ୍ରା, ଉଡ଼ିଗଲା ପିଣ୍ଡୁ
ଛାଡ଼ି ଚିରକାଳ ପାଇଁ, ଶେଷ ଦର୍ଶନର
ଆଶା ମେଣ୍ଟାଇ କେହିବା ମୁଦିଲା ନୟନ
ହୃଷ୍ଟଚିତ୍ତେ ମହାନିଦ୍ରା କୋଳେ; ବହିଲା ନୟନୁ
ଧାରେ ଉଷ୍ଣ ଅଶ୍ରୁ ଅହା ! ହୋଇଲା ବିବର୍ଣ୍ଣ
କାନ୍ତ ସୁବର୍ଣ୍ଣ କାୟର, ହୋଇଲା ବିକୃତ
ମୁଖ ନାସିକା ନୟନ, ଅଗ୍ନିତାପେ ଫୁଲ୍ଲ-
ପୁଷ୍ପ ଯଥା; ତର୍ଜିଣୀ ବିକଟେ କେହି ତୋଳା-
ତୋଳି ଊର୍ଦ୍ଧ୍ୱେ, ଥରଥର ରହିଗଲା ମୁଷ୍ଟି
ବନ୍ଧ କରେ, ଶୁନ୍ଧୁଁ ଶୁନ୍ଧୁଁ ପଡ଼ିଗଲା କଳା
ସର୍ବ ଅଙ୍ଗ, ତପ୍ତ ଲୌହ ବାଯୁ ଯୋଗେ ଯଥା
ଦେଖୁ ଦେଖୁଁ ହୋଇଯାଏ କୃଷ୍ଣ ବର୍ଣ୍ଣ କ୍ଷଣେ,
ହିଗତ ହାଟକ କାନ୍ତି ତଟିକା ଶବକୁ
ଦେଖି ମନେ ହୁଏ ଅହା ଶୋଇଛନ୍ତି କିବା !
ଶ୍ରବଣେ କୁଣ୍ଡଳ, ଗଳେ ଗଜ ମୋତି ମାଳା
ସୁବର୍ଣ୍ଣ କାଞ୍ଚୁକ ଅଙ୍ଗେ ରାଜେନ୍ଦ୍ର ଭୂଷଣ

ରଜତ ରଞ୍ଜନେ ଅଙ୍ଗ ରଞ୍ଜିତ କାହାର
ଛିନ୍ନ ଧ୍ୱାର ଶବଙ୍କର ରକ୍ତ ବିନ୍ଦୁ ଧାର
ପ୍ରବାଳର ହାର ପ୍ରାୟେ ଗୃରୁ ବକ୍ଷେ ଶୋଭେ
ସେ ବକ୍ଷେ ଥିଦକ ପ୍ରାୟେ ବକ୍ଷଭେଦୀ ଶର ।
ତୂଣୀର କାହାର ପୃଷ୍ଠେ ଶରପୂର୍ଣ୍ଣ ଦୋଳେ
ଭଲ୍ଲ, ଶୂଳ, ଗଦା, ଶର; କୋଦଣ୍ଡ, ତୋମର,
ଦକ୍ଷ ଦକ୍ଷିଣର କରେ କରବାଳ ଢାଲ,
ଧରି କେ ପଡ଼ିଛି ତହିଁ, ଉତ୍ତାନେ, କେହିବା,
ଅଣ୍ଡୁ ମାଡ଼ି ଧାନ୍ୟକାଟେ ହସନା କାମୁଡ଼ି,
କେହିବା କବନ୍ଧ, କେହି ଛିନ୍ନ ଜାନୁ କର
ବାହାର ପଡ଼ିଛି ବଣ ମସ୍ତକୁ କାହାର,
ଅନୁଭୂତ ପେଟରୁ ଫୁଟି ଦୁର୍ଭେଦ୍ୟ କବଚ
ଗ୍ରୀବା ମୂଳେ, ବକ୍ଷେ ଶର ଲାଗିଛି କାହାର
ସଂବଦ୍ଧ ସେ ଶର ସଙ୍ଗେ ଦୃଢ଼େ କର ଯାର;
ଅଦ୍ୟାପି ସେ ଦୃଶ୍ୟ ଦେଖି ମନେ ହୁଏ କିବା॥
ବିଶଲ୍ୟ କରିବା ଅଙ୍ଗେ ସେ ଶରକୁ, ଯାର
କରଥିଲା ଯତ୍ନ କରେ ଉପାଡ଼ିବ ବୋଲି
ନପାରି ବିପାଡ଼ କିନ୍ତୁ ପ୍ରାଣ ପକ୍ଷୀ ଆହା !
ଉଡ଼ ଯାଇଅଛି ତାର ପିଣ୍ଡ ପିଞ୍ଜରରୁ।
ବଙ୍କିମ ବିକୃତ ମୁଖ, ସାଙ୍କେତିକ ଚକ୍ଷୁ
କିମ୍ବା ମୂକ ସାକ୍ଷୀ ପ୍ରାୟେ (ମୁଖ ସିନା ଏକା
ସ୍ପଷ୍ଟ ମନ-ବିମ୍ବଧାରୀ, ଯହିଁରୁ ପଢ଼ଇ
ଜଣା ମନର ସ୍ୱଭାବ) ଦିଅଇ ଜଣାଇ,
ଭୋଗିଥିଲା କି ଯନ୍ତ୍ରଣା ସେ ବୀର ମରଣେ ।
ବକ୍ଷାବେ ନିଃଶ୍ୱାସ ଛାଡ଼ି ରୋହିଣୀ ଶ୍ୟାମାଙ୍କୁ
ପୁଚ୍ଛିଲେ ବିସ୍ମୟେ ଦେଖି ମର୍ମଭେଦୀ ଦୃଶ୍ୟ
"ସତ୍ୟ କରି କହ ମାଗୋ ! ସତ୍ୟ କି ଏ ମିଥ୍ୟା,
ମିଥ୍ୟା, ଇନ୍ଦ୍ରଜାଲ ଅବା ବୋଲିବ କେମନ୍ତେ
ଶ୍ରୀତାଲେଖେ ସମନସ୍କ ଇନ୍ଦ୍ରିୟ ସାହାଯ୍ୟେ
ସ୍ପଷ୍ଟ ଦେଖୁଅଛୁ ଯାହା ପୁଣି ନିଃସନ୍ଦେହେ

ସତ୍ୟ, ନ ମାନଇ ମନ, ଯେହେତୁ ଅଯେବେ
କାହିଁ କହ ଏତେ ଶବ, ଯୁଗପତେ ପୁରେ,
ରଣ କ୍ଷେତ୍ରେ ମୃତ ପ୍ରାୟେ ଦିଶନ୍ତି ସରବେ,
ନ ପାଉଛି ଦେଖି କିନ୍ତୁ ରଣକ୍ଷେତ୍ର ପାଶେ
ନ ପାରଇ ଭେଦ କରି ଏ ମାୟା କୁହୁକ
ସନ୍ଦେହ ଦୋଳାରେ, ମନ ଦୋଳେ ଇତସ୍ତତଃ
ମାୟା ତେଜ ମାୟାମୟି କହ ଏ ଦାସୀକୁ,
ଦୟା କରି, ଏ ଦୃଶ୍ୟର ପ୍ରକୃତ ରହସ୍ୟ ।"
ମୋହିନୀକୁ ଶ୍ୟାମାଦେବୀ କହନ୍ତି ବୁଝାଇ,
"ମିଥ୍ୟା ନୁହେଁ ସତ୍ୟ-ମାଗୋ ! ଦେଖୁଛ ଯା ଏଥି
ରଣକ୍ଷେତ୍ରେ ମୃତ ସର୍ବ ଏହା ମଧ୍ୟ ସତ୍ୟ,
କିନ୍ତୁ ରଣକ୍ଷେତ୍ର ଯହିଁ ଅଛନ୍ତି ଏ ସବେ,
ନୁହେ ସେ ନିକଟେ, ବହୁଦୂରେ, କୁରୁକ୍ଷେତ୍ରେ,
ସ୍ୱପ୍ନଦେବୀ ସଙ୍ଗେ ଯହିଁ ଯାଉଛ ସକାଳେ ।
ତହିଁ ଦେଖିବ ଭୀଷଣତର ରଣଚଣ୍ଡୀ-
କ୍ରୀଡ଼ା, ଅସଂଖ୍ୟ ଶବର ସଂଖ୍ୟା ବାରିବାରି
ପ୍ରାୟେ, ଗୃହେଁ ଗୃହେଁ ଯାଉଛନ୍ତି ଯମାଳୟେ
ଅସଂଖ୍ୟ ମାନବ । ଆର୍ତ୍ତନାଦ ଅବିରତ,
ଦମ୍ଭ ଘାତକର, ରଣ ବାଦ୍ୟ ସଙ୍ଗେ ମିଶି
କମ୍ପାଏ ମେଦିନୀ, ମର୍ମ ବିଦାରକ ଦୃଶ୍ୟ,
ସ୍ୱପ୍ନଦେବୀ ପ୍ରସାଦରୁ ଦେଖିବ ପ୍ରତ୍ୟକ୍ଷ;
ଡାକିନୀ ଯୋଗିନୀ ଆଦି ଦେଖୁଛ ଯା ଏଥି
କରିଛନ୍ତି ସ୍ୱୈରଭାବେ ମହୋରଗ ମନ୍ତ୍ର-
ବଶେ ଯଥା ବିଷଧର ହିଂସ୍ରକ ପ୍ରଧାନ ।
ଏ ବେଶେ ତାହାଙ୍କୁ ତହିଁ ନ ପାଇବୁ ଦେଖି,
ଇଚ୍ଛାରୂପୀ ସର୍ବେ ବାହ୍ୟବାୟୁ ଉପାଦାନେ
ଗଢ଼ା ତାଙ୍କ କାୟ, ଇଚ୍ଛା ଅନୁଯାୟୀ ରୂପ
ଧରନ୍ତି ସତତ, କେବେ ବା ସୁନ୍ଦରୀ ବେଶେ
ଅନଙ୍ଗ ମୋହିନୀ, ସୁଧାଧରେ ମଧୁହାସ୍ୟ
ଶୃଙ୍ଗ କଟାକ୍ଷେ କେନ୍ଦ୍ରୀଭୂତ, ଯୋଗୀ ମନେ
ପାରନ୍ତି ଏ ମୋହି, ଆଉ ଅନ୍ୟ କଥା ଦୂରେ ।
ଉଲଙ୍ଗ କୁତ୍ସିତା କେବେ ଦିଗମ୍ବରୀ ହୋଇ
ବିଭ୍ରମେ ଭ୍ରମନ୍ତି ବାମା ଉନ୍ମାଦିନୀ ବେଶେ
ଯଥା ଇଚ୍ଛା ତଥା ସୁଖେ ହରଷେ ନିର୍ଭୟେ,
ଦେଖାଦେଇ କ୍ଷଣେ କେବେ କ୍ଷଣପ୍ରଭା ପ୍ରାୟେ
ଅଭେଇ ଯାଆନ୍ତି ପୁଣି ଗୃହେଁ ଗୃହେଁ ତହିଁ
ଅଭକ୍ଷ ଭକ୍ଷଣେ ରତା, ଚିର ନିର୍ବିକାର ।
ମଳ ମୂତ୍ର କ୍ଳେଦ ଆଦି ଦୂଷିତେ ସକଳେ,
ପୀୟୂଷୁଁ ଅଧିକାଦରେ କରନ୍ତି ଆହାର,
ଅତି ପୂତ ଖାଦ୍ୟ ତାଙ୍କ ପୂତ ଗନ୍ଧ-ଶବ,
ନ ଜାଣନ୍ତି ସ୍ୱପ୍ନେ ସୁଦ୍ଧା ଦୟା କ୍ଷମା କିସ ।
ନିର୍ଭୟା ସରବେ କିନ୍ତୁ ଡରନ୍ତି ଏ ଦେବ-
କୁଳେ ଯେଣେ, ପ୍ରଜା ରାଜକୁଳେ ଯଥା, ତେଣୁ,
ତାଙ୍କ ଭକ୍ତ ପାଶୁ ସଦା, ଭୟେ ଥାନ୍ତି ଦୂରେ,
କୁଶକ୍ତି ଶାଳିନୀ ସର୍ବେ ପରହିଂସା-ରତା;
ପରେ ଦୁଃଖ ଦେଇ କିମ୍ବା ପର ଦୁଃଖ ଦେଖି
ଲଭନ୍ତି ଆନନ୍ଦ ସଦା ତେଣୁ ଏ ଘଟାନ୍ତି
ଦୁଃଖ ନାନା ଭାବେ, ପରେ ନିରନ୍ତର କେହି,
ସୁନ୍ଦର ସୁନ୍ଦରୀ ଶିଶୁ ନର ନାରୀ ଦେଖି
ଅଲକ୍ଷେ ଶୋଷନ୍ତି ପ୍ରାଣ ରକ୍ତ ସଙ୍ଗେ ତାର,
ଆର୍ଦ୍ରତା ବସ୍ତ୍ରର ଯଥା ରବି କର ରଶ୍ମି ।
ବିଷ ସମ ଖରଦୃଷ୍ଟି ପଡ଼େ ଯଦି ଖାଦ୍ୟେ
ଉପୁଜାଏ ଭେଦୋଦ୍ଗାର ସେ ଖାଦ୍ୟ ଭୋଜନେ
କଞ୍ଚା ଖାଏ ବୋଲି 'କଞ୍ଚା ଡାହାଣୀ' ଏ ନାମେ
ବିଖ୍ୟାତ ଜଗତେ, ଖର ଦୃଷ୍ଟି ଯାହାର
ଉଦ୍ଧାର ହୁଅଇ ଅନ୍ୟେ ବାତୁଳ ସ୍ୱରୂପେ ।
ବସିଛି ସମ୍ମୁଖେ ଦେଖ ଦକ୍ଷିଣେ କ୍ଷୀରିଣୀ
ମୁହୁର୍ମୁହୁ ଦେଖ ବଦନେ ଅନାଏ କେତେନେ
କଙ୍କାଳୀ 'ରସ ବାସୁଳୀ' ବସିଛି ତା ପାଶେ
ବାମେ, ବାମା ମଦୋନ୍ମତ୍ତା ସଦା ଦିଗମ୍ବରୀ

ନିଶୀଥେ ଶ୍ମଶାନେ ତରୁ ତଳ ପ୍ରଦେଶେ ଘୂର୍ଣ୍ଣି
ଅଧୋମୁଖେ ଊର୍ଦ୍ଧ୍ୱପଦେ ମୁକୁଳିତ କେଶେ
ଭକ୍ଷେ ମଳ କ୍ଲେଦ ଆଦ ସଡ଼ ସଡ଼ କରି
ବିକୃତ ଶବଦ ଯାର ଶୁଣାଯାଏ ଦୂରୁଁ ;
କଦାଚିତେ କେହି ଯେବେ ପଡ଼େ ତା ହାତୁଡେ
ବୁଡ଼ଇ ଭେକାଳ ତାର ଜାଣିବୁ ସେବେଳେ ;
ଯମ ପୁରୁ ଫେରିବା ବା ତା ମୁଖୁଁ ଫେରିବା,
ଏକ କଥା ; ବହୁ ଭାଗ୍ୟେ କେବେ କେହି ଫେରେ,
ଯେ ଫେରେ ଜାଣିବୁ ହେଲା ପୁନର୍ଜନ୍ମ ତାର ।
ତା' ପଛେ ବସିଛି ଉଚ୍ଚେ ଦେଖ ଦୂର କୋଣେ
ଜଟାଛାଦସି, ଶୀର୍ଣ୍ଣକାୟା ଏକ କଳା ବାଳା
ଗୋଡ଼ ପରେ ଗୋଡ଼ ରଖି ଲମ୍ବାଇ ଭୂତଳେ
ଚାକୁ ଚାକୁ କରେ ପାଟ ତୃଷାତୁର ପ୍ରାୟେ,
ଖସି ପଡୁଅଛି ଯାର ବସନ କଟିରୁ
ସେହି 'ଭରକୁଣୀ' ନାମେ ଖ୍ୟାତ ମର୍ତ୍ତ୍ୟଲୋକେ
ଶ୍ମଶାନ ବସିନୀ ସଦା, ଜଳ ପିଇ ଯାଇ
ଯେବେ ଶ୍ମଶାନ ଘାଟରେ କେହି ଅବା ଭେଟେ
ତାକୁ ଏବେଳେ ଅଭଗା, ଆସନ୍ନ ମରଣ
ତାର ଜାଣିଥା ନିଶ୍ଚୟ ; ବସିଛି ଦକ୍ଷିଣେ—
ତାର ଦେଖ ଅନ୍ୟ ନାରୀ, ଶାଖା ମୃଗୀ ପ୍ରାୟେ
ସଦ୍ୟ ଜାତ ଶିଶୁଟିଏ ଧରିଅଛି କୋଳେ,
ଯେତେ ପିଇଲେହେଁ ପାଣି ନ ଛାଡ଼ଇ ତୃଷା
ଏହି 'ପିତାପୁଣୀ' ଯେତ୍କେ ସନ୍ତାନକେ ସେତ୍କେ
ପ୍ରତି ସନ୍ଧେ ନିଜ ଶିଶୁ ଶ୍ମଶାନେ ମାସେବେଳେ ;
ଶନି ବା ମଙ୍ଗଳ ବାରେ ଅମାବାସ୍ୟା ସନ୍ଧେ
ପଡ଼ିଯାଏ କେହି ଅବା ତା ପାଶେ ଏକାକୀ
ନ ଲେଉଟେ କଦାପି ସେ ପ୍ରାଣ ଘେନି ତହୁଁ ।
ଅଦୂରେ ନିରେଖି ଦେଖ 'ଡ଼ାକିନୀ'ଙ୍କ ଦଳ
ଭ୍ରମନ୍ତି ଏ ଦଳ ସତେ ଅବାଟେ ଶ୍ମଶାନେ
ଉଗାରି ଅଲୋକ ମୁଖୁଁ ନିଜ ଇଚ୍ଛାମତେ,
ହେଲେହେଁ ସ୍ୱଭାବ ଦୁଷ୍ଟା ନ ମାରନ୍ତି ପ୍ରାଣେ ;
କେବଳ ଦେଖାନ୍ତି ଭୟ ଦେଖିଲେ ଲୋକଙ୍କୁ,
ଆମିଷ-ଲଳସୀ ବାଳା ଲୋକ ହସ୍ତୁ କେବେ
ଆମିଷ ଛଡ଼ାଇ ଖାନ୍ତି, କେବେ ବା ସେପନ୍ତି
ଅସ୍ଥି ମଳ କ୍ଲେଦ ଆଦ ଲୋକଙ୍କ ଗୃହରେ,
ସଙ୍କାମଙ୍କ ସଙ୍ଗେ ଯାଅ ଦଳ ବଳ ଘେନି
ମହା ମାୟାବିନୀ—ଛାୟାମୟ ରୂପ ଯାର,
ଚଳାଚଳେ ପ୍ରବାହ ପବନେ ଚଞ୍ଚଳ,
କେବେ ବା ଦଶେ ଦୃଷ୍ଟି, କେବେ ଅଦୃଷ୍ଟେ ଦଶଇ,
ପରନ୍ତେ ନ ହୁଏ ତାକୁ ଦେଖିଲେହେଁ ଚିହ୍ନେ,
ବଳି ଅବଶ୍ୟାସିନୀ ଯେ ଦାଗଦେଇ ଲୋକେ
ତେଜ ତ୍ୟଜ ଗୃହଭୂତେ ଭ୍ରମେ ସଦା ବାମା,
ପବନ ସହିତେ କେବେ ପକ୍ଷୀ ଧରି ଉଡ଼େ,
ଜଳେ ବୁଡ଼ି ଚଳେ କେବେ ଜଳଚର ପ୍ରାୟେ,
କେବେ ବା ଭ୍ରମନ୍ତି ସ୍ଥଳେ, ଫଳେ ମୂଳେ ପଟେ
ରହି ସ୍ୱପନ ଅଲକ୍ଷେ, ସାଧନ୍ତି ଅହିତ
ସଦା ପ୍ରାଣୀଙ୍କର ଭବେ, ଖାଦ୍ୟ ପେୟ ବାୟୁ
ସଙ୍ଗେ ମିଶି ଏହିରୂପେ, ନାଶନ୍ତି ପ୍ରାଣ ଆହା !
ଅସହ୍ୟ ଯନ୍ତ୍ରଣା ତାଙ୍କୁ ଭୋଗାଇ ଶରୀରେ
ପ୍ରବେଶି ଅନ୍ତରେ ତାଙ୍କ ଶୋଷି ରକ୍ତ ଅଙ୍ଗୁ
କ୍ରମେ କ୍ରମେ ସହଜ ବା ଇଚ୍ଛା ଅନୁଯାୟୀ ।
ଅନୁଚରୀ ବୃନ୍ଦେ ତାର ଦେଖ ଚଉପାଶେ ।
କେହି କୃଷ୍ଣ ବସ୍ତ୍ରାବୃତା, ରକ୍ତବସ୍ତ୍ରା କେହି,
କେହି ଉଲଙ୍ଗିନୀ ଚୀର ଧାରଣୀ କେହି ବା,
ବୃଦ୍ଧ ଜରାଗ୍ରସ୍ତା କେହି ଯୁବତୀ ତା ମଧ୍ୟେ
କେହିବା ବାତୁଳୀ କେହି ମୌନାବଲମ୍ବିନୀ,
ଗୁନ୍ଥି ହୋଇଛନ୍ତି ବକ୍ଷେ କାହାରି ବା-ଜୋକ,
ରକ୍ତ ଶୋଷୀ ଲକ୍ଷ ଲକ୍ଷ ଅସଂଖ୍ୟ ଜଳୁଣୀ
କା'ର ଝଡ଼ପଡ଼େ ଶିରୁ, କରସ୍ପର୍ଶେ ଝଡ଼େ
ଯଥା ପକ୍ୱ ବରକୋଳି, ଉଡ଼େ ଧ୍ୱଜା ଦଳେ

ତାଙ୍କ ଗୃଧ୍ର ଲାଞ୍ଛିତ ଆଉ ଧ୍ୱଜା ଦେଖି,
ମଳ ଘାଣ ବେଢ଼ି ଯଥା ଭ୍ରମନ୍ତି ଅସଂଖ୍ୟ
ମାଛି ମଶା ପତଙ୍ଗାଦି, ସ୍ୱେଦଜ କୀଟାଣୁ
ବେଷ୍ଟିତକା ଧୂଷ୍ଟ ଖସଖସ ଅଦୃଷ୍ଟ ନୟନେ ।”
ପୁଛିଲେ ରୋହିଣୀ ପୁନଃ “କହମା ବିସ୍ତାରି
କିଏ କେଉଁ ବେଶ ଥାଇ ଭ୍ରମେ ପୃଥ୍ୱୀପୁର ?
ମହାମାରୀ, ମିଳିମିଳା, ବସନ୍ତ, ପ୍ରମେହ
ମହାରୋଗ କୁଷ୍ଠ, ଯକ୍ଷ୍ମା, ଉପଦଂଶ ଆଦି
ମାନବ ସଂହାର କାରୀ ଯେତେ ରୋଗ ବୃନ୍ଦ”
ଉତ୍ତରିଲେ ଶ୍ୟାମ “ଦେଖ କୋଟରସ୍ଥ ଚକ୍ଷୁ
ଯାର ଅର୍ଦ୍ଧଝଲ୍ଲିତ ଅଙ୍ଗ କାନ୍ତି ଶୀର୍ଣ୍ଣ
ଶୁଷ୍କ ଆମ୍ର ଖଣ୍ଡ ପ୍ରାୟେ ପାତଳ କପୋଳ
କପାଳ ଫୁଟି ଉଠି, ଅଙ୍ଗେ କର୍ଦ୍ଦମ ଲେପିତ
ଏଣେ ତେଣେ କେଶ ଗୁଛି ପଡ଼ିଛି ମୁକୁଳି
‘ବିସୂଚିକା’ ନାମ ଯାର ମହାମାରୀ ଏହି
‘ହଙ୍କାଣୀ ବୁଢ଼ି ଡାକୁଣୀ’ ନାମେ ଖ୍ୟାତ ଲୋକେ;
ଅତି ଜଳପ୍ରିୟା ବାଳ ଜଳେ ତା ବସତି,
ସର୍ବ ଅଙ୍ଗୁ ବହେ ଜଳ ଝର ଝର ଝରେ,
ଘର୍ମ ଜାତେ ଜଳ ବହେ ବଦନ ମଣ୍ଡଳୁ,
ଜଳସ୍ରୋତ ରୂପେ ବହେ ମଳଦ୍ୱାରୁ, ମୁହଁ
ମଳଦ୍ୱାର ପୁନଃ ପୁନଃ କଳସୀ କଳସୀ;
ମୁହୁର୍ମୁହୁ ପିଏ ପାଣି ଅତୃପ୍ତ ତୃଷାରେ
ଦେଖ ଦେଖ ଉଲ୍ଲଙ୍ଗିନୀ ଆକର୍ଷେ କେମନ୍ତେ
ଥାଇ ଥାଇ ହସ୍ତ ପଦେ ବିକୃତ ବଦନେ,
ବ୍ୟାଘ୍ର ଯଥା ମୃତପ୍ରାୟ ଶୀକାରେ କୌତୁକେ,
ଗ୍ରାମେ ଗ୍ରାମେ ଭ୍ରମେ ଭୀମା ଅଦୃଶ୍ୟେ ଚଳନେ,
ଆକ୍ରମେ ଯାହାକୁ ତାର ରକ୍ଷା ନାହିଁ ଆଉ ।
କଙ୍କାଳୀ କାଳୀ ‘ବସନ୍ତୀ’ ବସିଛି ତା ପାଶେ
କେବେ ଦିଗମ୍ବରୀ କେବେ ବସନ ଧାରିଣୀ
ଗୋଟା ଗୋଟା ଗୁଟି ପ୍ରାୟେ କଳା କଳା ରଙ୍ଗ

ପୁଞ୍ଜେ ପୁଞ୍ଜେ ଦିଶେ କାୟେ ଚକଡ଼ା ଚକଡ଼ା
ପକ୍ୱ ଜାମୁକୋଳି ଥୋପା ଡାଳେ ଡାଳେ ଯଥା
ଶୀତେ ଥରି ବସ୍ତ୍ରେ କେବେ ଆବରେ ସର୍ବାଙ୍ଗ
ଶୋଇପଡ଼େ ଭୂମି ପରେ ଅବଶେ କେବେ ବା
ପୁଣି, ଘୋର ଦାହେ ଜଳ ସିଞ୍ଚିଦିଏ ବସ୍ତ୍ର,
କ୍ଷଣେ ଉଠେ କ୍ଷଣେ ବସେ ଏଣେ ତେଣେ ଗୃହ,
କେବେ ଜ୍ଞାନ ଶୂନ୍ୟ ବାଳା ପାଗଳୀ ପ୍ରାୟେ
ପ୍ରଳାପେ ଚିତ୍କାରେ କେବେ ଭୀଷଣ ହୁଙ୍କାର
ଆକର୍ଷଇ କେଶଗୁଛି ଦନ୍ତ କଡ଼ମଡ଼
ବିଦାରଇ ନଖେ ଅଙ୍ଗ ଆମ୍ପୁଡ଼ି ଆମ୍ପୁଡ଼ି,
ବିଦାରେ କ୍ରୁରଦେ ଯଥା ସିଂହ ପଶୁରାଜ;
ବହିଯାଏ ରକ୍ତ ସ୍ରୋତ ଦର ଦର ଧାରେ
ଗେରୁଆ ସଲିଳ ସ୍ରୋତ ନିର୍ଝରୁ ଶୈଳ ଯଥା,
ପିଅଇ ସେ ରକ୍ତେ ଭୀମା ମୁଖେ ଶୋଷି ସୁଖେ
ଥାଇ ଥାଇ ଅବଲେହେ ରକ୍ତ ହସ୍ତ କେବେ,
ସ୍ୱୀୟ ଅଙ୍ଗ ମାଂସ କେବେ ଦନ୍ତେ କାଟି ଖାଏ
ଶୃଗାଳ ଯଥା ମୃତ ଶବ କାମୁଡ଼ି କାମୁଡ଼ି;
ଏ ଯାକୁ ଆକ୍ରମେ ରକ୍ଷି ନ ପାରଇ କେହି
ପୃଥ୍ୱୀତଳେ ତାକୁ; ପାଶେ ତାର ସହଚରୀ
ରକ୍ତ ଛିଟ ବସ୍ତ୍ରାବୃତା ‘ମିଳିମିଳା’ ନାମେ
କ୍ଷୁଦ୍ର ବାଳକାଟି ପରି ବସିଛି ଅଦୂରେ
ବହିର୍ଗତ ଶ୍ଳେଷ୍ମା ଧାର ନାସିକା ପୁଡ଼ାରୁ,
ମଧ୍ୟେ ମଧ୍ୟେ ଟାଣିନିଏ ସୁଡ଼ୁ ସୁଡ଼ୁ କରି;
ଦୁଃଖ ଦେଇ ଶିଶୁଙ୍କୁ ଏ ଲଭେ ମହାସୁଖ,
ତେଣୁ ବାଳା ଆକ୍ରମଇ ଶିଶୁଙ୍କୁ ସତତ ।
ଦଣ୍ଡ ଦିଅ କିନ୍ତୁ ତାଙ୍କୁ ନ ମାରଇ ପ୍ରାଣେ ।
‘ହାଡ଼ ଫୁଟିଆଣୀ’ ଯେହି ଭଉଣୀ ତାହାର
ବସିଛି ନିକଟେ ପାଶେ, ହରଡ଼ ପରାଏ
ସ୍ଫୀତ ଗୋଟା ଗୋଟା ଅଙ୍ଗେ; ଏ ଯାକୁ ଆକ୍ରମେ
ତାକୁ ଦିଏ କଷ୍ଟ ବ୍ୟଥା ମାତ୍ର ନ ମାରଇ

ସ୍ଥାଣେ; ଏ ତନ ଭଉଣୀ; ଠାକୁରାଣୀ ନାମେ
ଖ୍ୟାତ ମର୍ତ୍ତ୍ୟଧାମେ ସଦ, ଭ୍ରମନ୍ତ ଏ ସ୍ଥାନ-
ପ୍ରାୟେ ଗ୍ରାମୁଁ ଗ୍ରାମାନ୍ତରେ ଅଦୃଶ୍ୟେ ଗୁପତେ
ସଦା ବାୟୁ ସଙ୍ଗେ ଥାଇ । ଗ୍ରାମ ବାସୀ ନର-
ନାରୀ. ଯେ ଗ୍ରାମେ ପଶନ୍ତ, ପୂଜନ୍ତ ସଭୟେ,
ଯିବାପାଇଁ ଗ୍ରାମୁଁ ତାଙ୍କୁ ଷୋଡ଼ଶୋପଚାରେ ।
ତା ପଛେ ବସିଛି ଦେଖ, ଖଣ୍ଡି ୨ ଅସ୍ଥି
ଯାର ଚର୍ମେ ମାତ୍ର ବେଢ଼ା, ସବ ଅଙ୍ଗେ, ଗଣା
ଯାଏ ଦୂରୁ, କ୍ଷୀଣକଣ୍ଠ ଗତକୌମାର୍ଯ୍ୟ ଯଥା
କୌମୁଦୀ ପାଣ୍ଡୁର ଚକ୍ଷୁ ଶେଷ ଶବଶ୍ୱାସ,
ଘନ ଘନ କାଶେ ସଦା ହବା ନଶି ବସି
ଭଗାରେ ରକତ କେବେ ରକ୍ତ ମିଶା ଶ୍ଳେଷ୍ମା,
'ଯକ୍ଷ୍ମା' ନାମେ ଖ୍ୟାତ ସେହୁ ଅତି ଦୁଷ୍ଟାମତ,
ବସେ ହସ୍ତ ସ୍ଥାପି ଦେଖ ଶ୍ୱସଇ ସବଳାରେ
ଅର୍ଦ୍ଧ ନିମିଳତ କେବେ ମୁଦ୍ରିତ ନୟନେ;
ପୁଷ୍ଟେ କୀଟ ପ୍ରାୟେ ଦେହେ ପ୍ରବେଶି କୌଶଳେ
କ୍ରମେ କ୍ରମେ ନାଶେ ଦୁଷ୍ଟା ଜୀବନ ଦେହୀର
ମୃତ୍ତିକା ଆଧାରେ ଯଥା ନାଶଇ ଲବଣ ।
ଅବିଶ୍ରାନ୍ତ ଭ୍ରମେ କ୍ରୂର ସର୍ବଦା ଜଗତେ
ଆସେବନ୍ତୁ ପବନ ରଥେ ଅବାଧେ ଅଲକ୍ଷେ ।
"ଏହ୍ଵ କ ମା ! ସେହି ଯକ୍ଷ୍ମା*" କହନ୍ତେ ରୋହିଣୀ
ସ୍ଥିରଃ କମ୍ପେ ଜଣାଇଲେ "ଏହି" ବୋଲି ଦେବୀ
ଆରମ୍ଭିଲେ ପୁନଃ ବାଣୀ "ମାଗୋ ! ନାମଶୁଣି
ଭୟ ଲାଗେ ମୋତେ, କେତେ କଷ୍ଟ ଭୁଞ୍ଜିଛନ୍ତି
ଏହାଲାଗି ଆର୍ଯ୍ୟ-ଅହା ! ନ ଥାନ୍ତେ ଯଦ୍ୟପି
ଅଶ୍ୱିନୀ କୁମାର ଦ୍ୱୟ—କରମା କଲ୍ୟାଣ
ଚିର ସୁଖୀ ହୁଅନ୍ତ ହୋଇଥା'ନ୍ତୁ ସଦା—
ମୁକ୍ତ ହୋଇଥାନ୍ତେ କି ସେ ଦକ୍ଷ ଶାପୁଁ ଆଜ ?"

"ମାଗୋ ! ସେହୁ ଯେ ବସିଛି ଉଚ୍ଚେ ଅଙ୍ଗ ଯାର
ସ୍ଥାନେ ସ୍ଥାନେ ଦଗ୍ଧେ ତାମ୍ରବର୍ଣ୍ଣ, ମୁଖାକୃତି
କଦର୍ଯ୍ୟ ନିତାନ୍ତ, ଖର୍ବ-ନାସା ସ୍ଥୂଳ-ଓଷ୍ଠ,
ବିବର୍ଣ୍ଣ କପୋଳ ଦିଶେ ଅମସୃଣ ପୁଣି,
ଛିଡ଼ ପଡ଼ଅଛି କରୁ ଅଙ୍ଗୁଳି ଯାହାର
ଖଣ୍ଡେ ୨ କାହିଁ; କ୍ଷତଯୁକ୍ତ କରେ ଆହା
ବେଢିଜନ୍ତି ମାଛିପଲ ପୂତିଗନ୍ଧ ପାଇ,
ଦେଖ ୨ କେମନ୍ତ ସେ ଘଉଡ଼ାଏ ମାଛି !
କହମା ! କିଏ ସେ ?" ପୁଚ୍ଛନ୍ତେ ଅଶ୍ୱିନୀ, "ଏହି
'କୁଷ୍ଠେଶ୍ୱରୀ' ରୋଗରାଣୀ ବିଖ୍ୟାତ ଜଗତେ,
ହର୍ମ୍ମ୍ୟଶିରେ ତରୁ ଯଥା ଜନ୍ମି କ୍ରମେ କ୍ରମେ
ଅବଶେଷେ ଭୂମିସାତ୍ କରାଏ ହର୍ମ୍ମ୍ୟକୁ
ସେହିରୂପେ ଏ କବଳୀ ଆକ୍ରମେ ଯାହାକୁ
ନାଶଇ ଜୀବନ ଶେଷେ ନାଶି ତା ସୌନ୍ଦର୍ଯ୍ୟ
ଭୁଞ୍ଜାଇ ଅଶେଷ ଶାସ୍ତି ଯାବତି ଜୀବନ;
କୁଧାତୁ କଳଙ୍କ ଯୋଗେ ନଷ୍ଟ ହେଲାପ୍ରାୟେ
ଏ ରୋଗ ପରଶେ ନର ନଷ୍ଟହୁଏ କ୍ରମେ ।
ଆକ୍ରମିବା ଦୂରେ ଥାଉ ନାମ ଶୁଣି ଯାର
ମୃତ୍ୟୁରୁ ଅଧିକ ଭୟେ କମ୍ପେ ଧରା ବାସୀ ।"
"ସେହୁ ଯେ ବସିଛି ପାଶେ ହସ୍ତପଦ ଯାର
କଶ୍ୱିବର ପଦ ଠାରୁ ଦିଶେ ସ୍ଥୂଳତର
ପାଦାଙ୍ଗୁଳି ସ୍ଥାନେ ସ୍ଥାନେ ହୋଇଛି ବିକ୍ଷତ
ଯା' ବିକୃତ ରୂପ ଦେଖି ହାସ୍ୟ ଆସେ ସ୍ୱତଃ
କହମା କିଏ ସେ," ପୁଣି ପୁଚ୍ଛନ୍ତେ ରୋହିଣୀ
ଉତ୍ତରିଲେ ଶ୍ୟାମା 'ଗଜାଙ୍ଗିନୀ' ନାମ ତାର
ଅତୀବ ଦୁଃଶୀଳା ବାଳା ଯା ଅଙ୍ଗେ ପ୍ରବେଶେ
କରଇଏ ରୂପ ତାର ନିଜ ରୂପ ତୁଲେ
ପୂର୍ଣ୍ଣିମା ବା ଅମାବାସ୍ୟା ତିଥି ଯୋଗେ ପୁଣି

* ଦକ୍ଷ ମୁନି ଅଭିଶାପରେ ଚନ୍ଦ୍ରଙ୍କୁ ଯକ୍ଷ୍ମାକାଶ ରୋଗ ହୋଇଥିବାର ପୁରାଣରେ ଶୁଣାଯାଏ

ଅଗ୍ନି ଯଥା କାଷ୍ଠ ଯୋଗେ, କୋପାନଳେ ଜଳି
ଭୀଷଣେ ଆବମେ ରୋଗୀ, ଅଟଇ ବ୍ୟାକୁଳେ
ଥର ଥର କମ୍ପୁ ଥାଏ ସେ ଭୀମ ଆକ୍ରମେ;
ନାନା ବେଶେ ସୁସଜ୍ଜିତ ହୋଇଲେହେଁ ତଥାପି
ହେନ୍ତେ ଷୋଡ଼ଶୀ ବୃଦ୍ଧ ହବାଉନ୍ତେ ସବ,
ଯୌବନ-ଚନ୍ଦନ ବନେ କାଳ ଭୁଜଙ୍ଗିନୀ-
ସମ, ଏ ଦୁଇ ଭଉଣୀ 'ମେହ, ଉପଦଂଶ'-
ରୂପେ ଆକ୍ରମନ୍ତି ଯାକୁ, ନ ଛାଡ଼ନ୍ତି ତାକୁ
ତା'ର ପୁନ ଯୌବନ ଯାଏ, ଭୁଷାର ନାଶଇ
ଯଥା ସରୋଜେ ସର୍ବାଂଶେ ହୀନ ବୀର୍ଯ୍ୟ ହୀନ-
ବଳ ଅନ୍ତଃସାର ହୀନ, ହୋଇଯାଏ କ୍ରମେ-
କ୍ରମେ ଏ ରୋଗ ପରଶେ, ଦାରୁ ଯଥା ଘୁଣ-
ଯୋଗେ କଠିନ ବଶ ନ; ବସିଛନ୍ତି ଦେଖ
ରୋଗ ଉପସର୍ଗ ରୂପା ସଙ୍ଗିନୀ ଗହଣେ
ଜରା ବିନା ବୃଦ୍ଧା କେହ୍ବ କଦାକାର ରୂପା
ଅଣ୍ଡ ଗଣ୍ଡି ସ୍ଫୀତ କାର, କାର କ୍ଷତ ନାସା
ସର୍ବ ଅଙ୍ଗେ କ୍ଷତ କାର ସଙ୍ଗିନୀଙ୍କ ମଧ୍ୟେ
ସର୍ବରୋଗ ପ୍ରସବିନୀ ଏ ଦୁଇ ଭଉଣୀ,
ନୋହିବ ଅତ୍ୟୁକ୍ତି କେହ୍ବ କହିଲେ ଏ କଥା ।
ଅସଂଖ୍ୟ ଯୋଗିନୀ ରୂପ କେତେ ମୁଁ କହିବି
ଏଥାନେ ଦକ୍ଷିଣେ ଯେତେ ବସିଛନ୍ତି ଦେଖ
ସମସ୍ତେ ଏ ରୋଗରୂପା ଜାଣି ନିଅ ସ୍ଥୂଳେ
ସେହି ଯେ ଉତ୍ତରେ ଦେଖ ଉଚ୍ଚେ ଶ୍ୱେତକେତୁ
ଅଳଂଚ ଛଦ ଗୃମର ଜୀର୍ଣ୍ଣ ପୁରାତନ,
ଜୀର୍ଣ୍ଣ ଦ୍ରୁମାବଳୀ ଯଥା ନିଦାଘ ଅନଳେ,
ବସିଛନ୍ତି ତଳେ ଦେଖ ଦଳ ଦଳ ହୋଇ,
ଅପ୍ରସନ୍ନ ମୁଖ ତାଙ୍କ ଦେଉଅଛି କହି
ମହାଦୁଃଖେ ମଗ୍ନ କେହ୍ବ ଶରୀର ଚିନ୍ତାରେ
କେହ୍ବା ମାନସ ତାପେ ଜର୍ଜ୍ଜରିତ ପ୍ରାୟେ
ଲୋଳ-ଚର୍ମ୍ମ, କ୍ଷୀଣ-ଦୃଷ୍ଟି, ସୁପକ୍ୱ-ଚିକୁର,
ଦନ୍ତହୀନ-ବଧିର କେ ଭୂସ୍ପର୍ଶ ମସ୍ତକା
କୁବ୍ଜ ପୃଷ୍ଠ ହେତୁ କେହ୍ବ ଯଷ୍ଟି ଅବଲମ୍ବି
ବସିଅଛି ଦେଖ, କମ୍ପେ ସର୍ବ କଳେବର;
କରଧୃତ ଯଷ୍ଟି ମଧ୍ୟ କମ୍ପେ ସଙ୍ଗେ ସଙ୍ଗେ;
ଖୁଁ-ଖୁଁ କରି କାଶେ କେହ୍ବ ରହି ବାଳା,
ଏ ଦଳ ଈଶ୍ୱରୀ ସେହି ବସିଛନ୍ତି ଉଚ୍ଚେ
'ଜରା' ନାମେ ବିଖ୍ୟାତ ଜଗତେ ଏ ବାଳା
ରସାଳ କଦଳୀ ବନେ ହସ୍ତିନୀ ଯେ ରୂପେ
କମ୍ପା ବସନ୍ତ କୁସୁମ ବନେ, ଖର ରଶ୍ମି
ନିଦାଘର ଯଥା; ଅହୋ, ଯୌବନ-ନନ୍ଦନ-
ବନେ ପ୍ରବେଶି ଏ ଜରା, ଛିନ୍ନଭିନ୍ନ କରି
ଦିଏ ସୁଗ୍ଧରୁତା ତାର ସୁଗ୍ଧରୁ ଅସ୍ରମ;
ପିକ ବିଳାସ ଅଗାର, ହୁଏ ପରିଣତ,
ଶକୁନ ସେବିତ ଆହା ଭୀଷଣ ଶ୍ମଶାନେ ।
ପଶ୍ଚିମେ ବସିଛି ଦେଖ ସଙ୍ଗିନୀ ଗହଣେ
'ଦୁର୍ଭିକ୍ଷ ଦାୟିନୀ' ନାମେ ଯୋଗିନୀ ବିଶୀର୍ଣ୍ଣା
କୁଣ୍ଡାଉଛି ରୁକ୍ଷ କେଶ ଥାଇ ଥାଇ ନଖେ
ଗଡ଼ଧୂଳ ପ୍ରାୟେ ଧୂଳି ଉଡ଼େ ଯାର ଅଙ୍ଗୁ;
ସଙ୍ଗିନୀଙ୍କ ରୂପ ପୁଣି ତହୁଁ ତତୋଧିକ
ଅସ୍ଥି ଚର୍ମ୍ମ ଯାର ଅଙ୍ଗେ କାଙ୍ଗାଳିନୀ ସର୍ବେ,
ଉଦର ସଙ୍ଗେ ସମତଳେ ପଶିଛି ଉରଜ
ନାସିକାଗ୍ର ଉଚ୍ଚ କୁଚ ଅସ୍ପଷ୍ଟତା ହେତୁ,
ବାଳୀ ଏ ସହଜେ ତେଣୁ ନାୟିକା ପୁରୁଷ
ନ ପଡ଼ନ୍ତି ଜଣା; ପିଠି ସଙ୍ଗେ ପେଟ ତାଙ୍କ
ଯାଇଅଛି ଲଗି, ଚୀର ଧାରିଣୀ ସରବେ
ଭିକ୍ଷା ପାତ୍ର କରେ, ଅର୍ଦ୍ଧ ଚୀର ଉଦରେ କ୍ଷୋ-
ଷ୍ଟାପେ ପୁନଃ ପୁନଃ ପେଟେ କର ବୁଲାଇ କେ
ପାଣି ପିଏ ପୁଣି, ଭକ୍ଷାଭକ୍ଷ ନ ବିଚାର
ଯାହା ପାଉଅଛି ତାହା ଖାଉଅଛି କେହ୍ବ
ତଣ୍ଡୁଳ କଣିକା ଅଶେ ଝୁଲି ଝାଡ଼େ କେହ୍ବ

ତାଙ୍କ ଦକ୍ଷି ସନ୍ତୁଷ୍ଟ ନୟନେ ଅନ୍ୟାନ୍ୟ ବାଳଏ
କେମନ୍ତେ ଅଛନ୍ତି ଗୃହେଁ, ଦେଖ ତାଙ୍କୁ ଆହା !
ଭୀମ ପୁଚ୍ଛ ଧୂମକେତୁ ଧ୍ୱଜା ଏ ଉଜଳ
ଉଡ଼ଇ ଉପରର ଦେଖ ଫର ଫର କରି;
ଯେ ଦେଶେ ଏ ପ୍ରବେଶନ୍ତି ଧ୍ୱଜା ବେଗ ସଙ୍ଗେ
ଅନାବୃଷ୍ଟି, ଅତିବୃଷ୍ଟି, ଶିଳାବୃଷ୍ଟି ଆଦି,
କୌଣସି କାରଣୁ ଘୋର ଦୁର୍ଭିକ୍ଷ ସେ ଦେଶେ,
ଅକାଳ-ବୃଦ୍ଧ-ବନିତା ସେ ଦେଶର ସର୍ବେ
ଭୁଞ୍ଜନ୍ତି ଅଶେଷ ଦୁଃଖ, ଅନାହାର ହେତୁ,
ବୁଭୁକ୍ଷୁଙ୍କ ପରାଏ ଯେ ବଦଳାଏ ରୂପ
କ୍ଷଣେ କ୍ଷଣେ, ଦେଖ ସେହି ମହା କପଟିନୀ
ବସିଛି ପୂରବେ 'ରକ୍ତ ବିପ୍ଳବ କାରିଣୀ'
ଚଣ୍ଡତେଜା ରକ୍ତନେତ୍ରା କରାଳ ଦଶନା
କଟିର କରବାଳ ତାର ବସ୍ତ୍ରାଞ୍ଚଳେ ବନ୍ଧ;
ତହିଁ ଜଣି ତୀକ୍ଷ୍ଣ ବିଷ ରସନା ନୟନେ
ଆରକ୍ତ ଘୂର୍ଣ୍ଣିତ ନେତ୍ରେ ଭ୍ରୂକୁଟି କଟାକ୍ଷେ

ଶୋଷିବାଏ ରକ୍ତ ଅଙ୍ଗୁ, ପ୍ରଚଣ୍ଡ ନିଦାଘେ,
ସରୋବରୁ ଯାର ଯଥା ଖର ସୌରକର;
ସସ୍ମିତ ଚଳ କଟାକ୍ଷେ କେବେ ବା କପଟେ.
ମୋହି ନିଏ ମନ ଗୁରୁ ବାରାଙ୍ଗନା ପ୍ରାୟେ;
ପ୍ରିୟ ସହଚରୀ ଯାର 'କଳହିନୀ' ଦେଖ
ସର୍ବଦା ଉଧନୁକା ପ୍ରାୟେ ଜର ଜର କ୍ରୋଧେ,
ବସନ୍ତି ତା ପାଶେ 'ହିଂସା, ପ୍ରତିହିଂସା' ସଙ୍ଗେ,
ମହା ମାୟାବିନୀ ବାଳା ସୂକ୍ଷ୍ମ କଉଶଳେ
ନାଶି ରୂପେ ପଶି. କେବେ ଭୁକାଂଶନ ମଧ୍ୟେ
ରାଜା ରାଜା, ପ୍ରଜା ପ୍ରଜା, ରାଜା ପ୍ରଜା ମଧ୍ୟେ
ଭିଆଏ ଅନର୍ଥ ଯେତେ ସାର ବୁଦ୍ଧିଅରେ;
କେବେ ଧର୍ମ ମଧ୍ୟେ ପଶି ସାଧଇ ଅଧର୍ମ
ସମ୍ପ୍ରଦାୟେ ସମ୍ପ୍ରଦାୟେ ଘଟାଏ ଅନର୍ଥ ।
ଭୀଷଣ ପରିଣାମ ହିଂସାର ଭାରତେ
କୁରୁକ୍ଷେତ୍ରେ ଯାଇ ସର୍ବେ ଦେଖିବ ସ୍ୱଚକ୍ଷେ ॥

ଏକାଦଶ ସର୍ଗ ସମାପ୍ତ ।

## ଦ୍ୱାଦଶ ସର୍ଗ ।

### ଭାରତ ବର୍ଣ୍ଣନା ।

ହେ ସାରଳା-ବର-ପୁତ୍ର, ନମେ ମୂର୍ଖ ମୁହିଁ
ଜଡ-ଗୁରୁ ରାଧାନାଥ ତବ ପଦାମ୍ବୁଜେ ।
ଦୁଃଖିନୀ ଉତ୍କଳ ଭାଷା ତବ ଲାଗି ଯିନା
ଭାଷା ବୋଲି ଗଣ୍ୟ ହେଲା ଭାଷାକୁଳେ ଦେବ

ନୋହିଲେ କେ ଅଛି ଯାଏ ଜାଣନ୍ତା ବା ତାକୁ;
ହେ କାବ୍ୟ କାନନ କୁଞ୍ଜ ବିହାରୀ ରସିକ
ତୁମ୍ଭେ ନିନ୍ଦ ନ ଶିଖାଅ ଦୟା କର ଦାସେ
କିଏ ଶିଖାଇବ କହ ଲେଖିବା ଧାରଣ

ସୁସ୍ୱରେ କବିତା ଗାଥା ଗାଇବାକୁ ଅଛି
କାହିଁ ଯଶୋମନ୍ଦିରର ଉଚ୍ଚତମାସନ
ଦୁର୍ଲଭ ସୁକବି ଲଭ୍ୟ, ବସିଛନ୍ତି ଯେ ଠାରେ,
କାହିଁ ଅର୍ବାଚୀନ ମୁହିଁ ନଗଣ୍ୟ ଅଧମ !
ତଥାପି ହେ ଦେବ ! ନଦୀ ସ୍ରୋତ ଅବଲମ୍ବି
କ୍ଷୁଦ୍ର ତୃଣଖଣ୍ଡ, ପଶେ ନାହିଁ ସାଗରର
ଅନନ୍ତ ଗରଭେ, କିମ୍ବା ଯକାତ୍ୟ ସଙ୍ଗମେ
ଯାଏ ନାକି ତୀର୍ଥ ସ୍ଥାନେ ପାପ-ଦୁଃଖି-ନର ?
ତେଣୁ ମୋ ଭରସା ସ୍ୱରେ ! ଚଳିବି ସେ ପଥେ
ତବ ଅନୁଗାମୀ ହୋଇ ଯଥା ସାଧ୍ୟ ମୁହିଁ,
କର୍ମ କରି ଯିବି ମୋର, କର୍ମ ଅଧିକାର
ଶୁଭାଶୁଭ ଫଳ ତାର ଅର୍ପି ବିଷ୍ଣୁ ପଦେ ।
ଝଙ୍କୃତ ବାସିଲା ଦେବ ଜଙ୍ଗଲ ଭିତର !
କବି କାହିଁ ଗଲେ ତହିଁ ବଧୂବଧୂବୃନ୍ଦ
କୈଳାସ ଦର୍ଶନ ଶେଷେ ସ୍ୱପ୍ନଦେବୀ ସଙ୍ଗେ
ଶ୍ୟାମା ଶ୍ୟାମା-ସହଚରୀ ସଖୀ ଆଦି ଠାରୁ
ଆନନ୍ଦେ ବିଦାୟ ନେଇ ତ୍ୟଜି ନୃତ୍ୟାଳୟ
ଚଳିଲେ ଗଗନ ମାର୍ଗେ ବିମାନେ ଅରୋହି ।
ଉଡ଼ିଲା ବିମାନ ଉର୍ଦ୍ଧେ ସନ ସନ ସନେ
ପକ୍ଷୀନ୍ଦ୍ର ଗରୁଡ଼ ଯଥା ଉପେନ୍ଦ୍ରଙ୍କୁ ଘେନି ।
ସ୍ୱପ୍ନଦେବୀ ଇଚ୍ଛା ଜାଣି ଇଚ୍ଛାଗାମୀ ରଥ
ଅତିକ୍ରମି ଶିବପୁରୀ ପ୍ରବେଶିଲା ଯାଇ
ନଗରୀ-ଅଳକା ପୁରୁ ଅଳକାରେ ଭୂରି
ଧନାଧୀଶ ଯକ୍ଷପତି କୁବେର ଭବନେ,
ପ୍ରାସାଦ ପ୍ରାଚୀର ଯାର ମାଣିକ୍ୟରେ ଗଢ଼ା
ନଭସ୍ପର୍ଶୀ ଉଚ୍ଚ ସେହି ପ୍ରାସାଦର ଚୂଡ଼ା
ଅଭ୍ରଂକଷେ ଗଢ଼ା ପ୍ରାୟେ ଦିଶେ ଦୂରୁ ଦୂରୁ
ସେ ହର୍ମ୍ୟ ସୁରମ୍ୟ ଚିନ୍ତ, ଶତସ୍ତୁପ ପ୍ରାୟେ
ଅମ୍ବୁଦ ଗମ୍ଭୀର ରବ ପରାଜ୍ୟେ ମଧୁର
ନିତ୍ୟ ନିରନ୍ତର ହର୍ମ୍ୟ କାକଳୀ ଲହରୀ
କେକାରବ ସଙ୍ଗେ ମିଶି ପାଳିତ କେକୀର ।
ଛବିଳ ବାରିଦ କୋଳେ କ୍ଷଣପ୍ରଭା ପ୍ରାୟେ
ଅପରୂପ ଦୀପ୍ତିମତୀ ଦନ୍ତକାନ୍ତ ସେ ସୌଧେ
ଚଞ୍ଚଳା ଯଦ୍ୟପି ନାମେ ଅଚଞ୍ଚଳେ ଲକ୍ଷ୍ମୀ,
ଯକ୍ଷରାଜ ପୁରେ ଚିର କରନ୍ତି ବସତି
ନିର୍ମିତ ଭୂତଳ ଯହିଁ ବୃହନ୍ନୀଳି ଦେଇ
ସ୍ଥାନେ ସ୍ଥାନେ କର୍କେତନ ଇନ୍ଦ୍ରନୀଳ ଯୋଗେ
ହୀରକ କନକ ଦୃଷ୍ଟି ମାର୍ଗରଜ ଯାର
କନ୍ଦୁକାର୍ଥ କ୍ରୀଡ଼ନକ ସ୍ୱର୍ଣ୍ଣ ମଣିବ୍ରଜ
ବାଳିକା କର୍କଶକରେ ପତିତ ଏ ପୁରେ ।
ଚିରସୁଖାଳୟ ଏହି ଅଳକା ନଗରୀ
ପ୍ରଣୟ କଳହ ଆଦି କନ୍ଦର୍ପ ସନ୍ତାପ
ଯଦ୍ୟପି ରହିଛି ଏଥି କିଛି କିଛି ଦୁଃଖ
ସେ କେବଳ ଉତ୍କର୍ଷଣ ସୁଖର ବର୍ଦ୍ଧନେ
ମାନ ଭିନ୍ନ ନାହିଁ ଆନ କଳହ ଏ ପୁରେ,
କନ୍ଦର୍ପ ସନ୍ତାପ ଛାଡ଼ି ନାହିଁ ଆନ ତାପ
ସେ ତାପ ମଧୁର ପୁଣି ପ୍ରତିକାର ଯୋଗେ ।
ଶାଶ୍ୱତ ସୁନ୍ଦର ରୂପ ଋତୁ ପତି ମଧୁ
ରତି ପତି ସଖା ସ୍ୱୟଂ ଦଳ ବଳ ଘେନି
ସେନାପତି ରୂପେ ଏଥି ଭ୍ରମନ୍ତି ଶାଶ୍ୱତ
ଭିନ୍ନ ଭିନ୍ନ ପୁଷ୍ପଗନ୍ଧ ମୃଦୁଳ ଅନିଳେ
ଚକସୈନ୍ୟ ପ୍ରାୟେ ଶୋଭେ ଋତୁରାଜଙ୍କର
ସେ ଅନିଳେ ପ୍ରକମ୍ପିତ ତରୁ ଲତା ଗୁଳ୍ମ
ଗଜ ବାଜୀ ରଥାକାରେ ଦିଶନ୍ତି ସକଳ
କୋକିଳ କୂଜନେ ବାଜେ ରଣ ବାଦ୍ୟ ତହିଁ
ଶ୍ୱେତ ଛତ୍ରାକାରେ ଶୋଭେ ସ୍ୱଚ୍ଛ ସ୍ନିଗ୍ଧ ଜ୍ୟୋତ୍ସ୍ନା,
ରସାଳ ମଞ୍ଜରୀ ମଞ୍ଜୁ ସୁତୀକ୍ଷ୍ଣ ସାୟକ
ବଙ୍କିମ କିଂଶୁକ ପୁଷ୍ପ ଧନୁ ଧନୁର୍ଗୁଣ
ଭ୍ରାମ୍ୟମାଣ ଅଳିକୁଳ ଇତସ୍ତତଃ ପୁଷ୍ପେ
ଏହି ଧନୁ ଶର ଶୋଭେ ବସନ୍ତଙ୍କ କରେ

ବିଟପୀ ବ୍ରତତି ତହିଁ ପୁଷ୍ପିଣୀ ସତତ
ସ୍ୱଚ୍ଛ ସରେ ସରୋଜିନୀ ସଦା ପ୍ରସ୍ଫୁଟିତା
ପ୍ରସାରେ ସୁରଭି ଯହିଁ ଦୂରୁ ଦୂରାନ୍ତରେ
ଆଣିଦିଏ ଅଳିକୁଳେ କମଳିନୀ ପାଶେ
ଦୂତୀ ଯଥା ବରବର୍ଣ୍ଣୀ ପର୍ଯ୍ୟଙ୍କ-ଛଳରେ ।
ଦେବ ପୁଷ୍ପ-ପାରିଜାତ ଗନ୍ଧ ହୃଦେ ଧରି
ସୁସ୍ନିଗ୍ଧ ମଳୟାନିଳ ବହଇ ସତତ
ପୂରିତ ସେ ପୁରୀ ସଦା ସ୍ନିଗ୍ଧ ସୁଗନ୍ଧରେ
ସୁରମ୍ୟ ହର୍ମ୍ୟ ଯହିଁ, ରଜନି ଜ୍ୟୋତ୍ସ୍ନାମୟୀ,
ଉଷା ହାସ୍ୟମୟୀ ସନ୍ଧ୍ୟା ସ୍ନିଗ୍ଧବର୍ଣ୍ଣା ସଦା
ସରସୀ ସହଂସା ନିତ୍ୟ ନିର୍ମଳ ସଲିଳା
ସର୍ବେ ସୁରୁଚିର ଏହି ଯକ୍ଷପତି ପୁରେ ।
ଚିର ସ୍ଥିର ଯୌବନର ନିଳୟ ଏ ପୁରୀ
ତେଣୁ ରମଣୀଏ ସଦା ଅନନ୍ତ ଯୌବନା
କ୍ରୀଡ଼ନ୍ତ କୌତୁକେ ତହିଁ ପୁଷ୍ପପ୍ରିୟା ବାଳା
ସଜାଡ ସୁରୁଚିରୁ ଅଙ୍ଗ କୁସୁମ ଭୂଷଣେ
ଦୃଷ୍ଟିମା କୌମୁଦୀ-ଜିତ ଶ୍ୱେତ ସୁରଭିତ
ନିଦାଘ ମଲ୍ଲିକା ମାଳା ଲମ୍ବିତ ଉରସେ
ବର୍ଷାଜାତ ରୋମାଞ୍ଚିତ କଦମ୍ବ କୁସୁମ
ପ୍ରଭାତ ତାରକା ଯଥା ସୀମନ୍ତେ ଉଷାର
ସୀମନ୍ତ ପ୍ରଦେଶେ ଶୋଭେ, ସୁରୁ କରେ ବାଳା
ଧୂସରେ ଲଲାଟେ ଗେଲେ ପ୍ରଫୁଲ୍ଲ ନନ୍ଦନୀ
ଶାରଦ ସରସୀ ଜାତ ଫୁଲ ପଦ୍ମରାଣୀ
ହେମନ୍ତ ନବୀନ କୁନ୍ଦ କୁସୁମ ସୁଦାମେ
ସୁରୁଚିରୁ ଅଳକାବଳୀ ଗ୍ରଥିତ କୌଶଳେ
ଗଣ୍ଡ ପାଣ୍ଡୁ ଶିଶିରଜ ଲୋଧ୍ର ପୁଷ୍ପ ରଜେ
ଶିରୀଷ କୁସୁମ କର୍ଣ୍ଣେ ଶିଶିର ଋତୁର
ବସନ୍ତ ସଂଜାତ ନବ କୁରୁବକ ଫୁଲେ
ଚରଣ ଚୁମ୍ବିତ ସୁରୁ ଚିକୁର ରଞ୍ଜିତ ।
ଧନାଧୀଶ ବାସ ଏହି ଅଳକା ନଗରେ
ଶୋଭା ବିଭବରେ କରେ ଉପହାସ କରି
ଅମର ଆବାସ ସ୍ୱର୍ଗେ ଅମରାବତୀକି ?
ଗୃହୁଁ ଗୃହୁଁ ଉପସ୍ଥିତ ହେଲା ଆସି ରଥ
କେଳି ଉପବନେ, ନାମ ଚୈତ୍ରରଥ-ଯହିଁ
ଯକ୍ଷ ପତି ପତ୍ନୀ ଯହିଁ କ୍ରୀଡ଼ନ୍ତି କୌତୁକେ ।
ସୌନ୍ଦର୍ଯ୍ୟ ମୋହିତ ଚିତ୍ତେ କହିଲେ ରୋହିଣୀ
"ନନ୍ଦନ କାନନେ କାଁ ଆଣିଲୁ ମା ରଥ" ?
ସ୍ମିତେ ଭାଷିଲେ ଦେବୀ "ନୁହେ ଏ ନନ୍ଦନ
ବନ, ଯକ୍ଷ କେଳି ଉପବନ ଚୈତ୍ରରଥ
ଏହି ।" "ଧନାଢ୍ୟ ଅଳକା ପୁରୀ ଏହି କି ମା ?
ଯକ୍ଷ ପତି କୁବେରଙ୍କ ନିବାସ ଭବନ ?"
ପୁଚ୍ଛନ୍ତେ ରୋହିଣୀ ଶିର କମ୍ପେ ଦୋଳାଇଲେ
"ଏହି" ବୋଲି ଦେବୀ "ଦୋଳି କ୍ରୀଡ଼ାରତ ଦେଖ
ଯକ୍ଷପତି ପତ୍ନୀ" "ଯିବୁ କି ମା ତାଙ୍କ ପୁରେ"
କହନ୍ତେ ରୋହିଣୀ "ଚାଲ ଅଗ୍ରେ କୁରୁକ୍ଷେତ୍ରେ"
ଉତ୍ତରିଲେ ଦେବୀ, ଉଡ଼ି ଗଲା ରଥ ତହୁଁ,
ଅଳକା ନଗରୀ ଛାଡ଼ି ଶୂନ୍ୟ ପଥେ ନଭେ ।
"ଏହି ସେହି ପୁଣ୍ୟ ଭୂମି ଆର୍ଯ୍ୟ ଗୌରବର
ତେଜ-ବୀର୍ଯ୍ୟ-ଜ୍ଞାନ-ଶିଳ୍ପ-ସତୀତ୍ୱ ପ୍ରସୂତୀ
ନିଃସ୍ୱାର୍ଥ-ପରତା-ଭକ୍ତି-ମୂଳକା-ଅଟାରି
ଆର୍ଯ୍ୟାବର୍ତ୍ତ ନାମ ଯାର ଧରାର ସମ୍ମୁଖେ ।
ପୁଣ୍ୟ ନିର୍ଝରିଣୀ ଏହି କ୍ଷୀଣାଙ୍ଗୀ ରୋହିଣୀ
ଯାଙ୍କ କୂଳେ ବସିଲ ମୁନି ଯୋଗେଶ୍ୱରଙ୍କର
( ସୁଗନ୍ଧର ଭାବଗର୍ଭ ବାକ୍ୟ ପ୍ରଣେତା )
ଏଣେ କ୍ଷୁଦ୍ରାଶ୍ରମ ଦୂରେ ପଲ୍ଲବ ଗହନେ ।
ଇନ୍ଦ୍ରଙ୍କ କୌଶଳେ ଏହି ମୁନି କୋପାନଳେ
ନିର୍ବଂଶ ସଗର ବଂଶ ହୋଇଥିଲା ଏଠାରେ ।
ପୂତ ସ୍ଥଳ ଜାଣି ଏଥି ବହୁକାଳପରେ
ଧର୍ମାତ୍ମା ଭାରତବାସୀ ଭୁଲି ଧର୍ମପଥ
ଧର୍ମନାମେ ଅଟକ୍ରେ, ମହାପାପ [illegible]

ଯଜ୍ଞସ୍ଥଳେ ବଧ ଅହୋ ! ନିରୀହ ପଶୁଙ୍କୁ
ଅବତୀର୍ଣ୍ଣ ହେବେ ତେବେ ଦୟା ଅବତାର
ଶାକ୍ୟବଂଶେ ଶାକ୍ୟସିଂହ ଶୁଦ୍ଧ-ସତ୍ତ୍ୱ-ଗୁଣୀ ।
ଧର୍ମର ନିଗୂଢ଼ ତତ୍ତ୍ୱ ବୁଝାଇବେ ଲୋକେ
ଧର୍ମରାଜ୍ୟେ ନବଯୁଗ ଆସିବ ସେ ବେଳେ ।
ଅସାର ସଂସାର ସୁଖ କ୍ଷଣିକ ଜାଣିଣ
ଭୁଞ୍ଜି ରାଜସିଂହାସନେ ପଦେ ଠେଲି ଘର
ସତୀ ପତ୍ନୀ ପ୍ରେମ ପୁତ୍ର, ମମତା-ଶୃଙ୍ଖଳ
( ଯାହେର ଅବଦ୍ଧ ଦୃଢ଼େ ନରନର ଭବେ )
ଚାଲିଯିବେ କାଟି ତୀବ୍ର ବୈରାଗ୍ୟ ଖଡ଼ଗେ
ଶାଶ୍ୱତ ସୁଖର ପଥ ଲୋଡ଼ିବା ନିମନ୍ତେ
ତୀବ୍ର ତପୋବଳେ ପାଇ ସେପଥେ ସନ୍ଧାନ
ଧର୍ମନଭେ ଉଜ୍ଜ୍ୱଳ ନବଜ୍ୟୋତିଷ୍କର
ଅଧର୍ମ ତାମସ ଧ୍ୱଂସୀ ବୁଦ୍ଧ ଆଖ୍ୟା ଲଭି
"ଅହିଂସା ପରମ ଧର୍ମ" ଏହି ମୂଳ ମନ୍ତ୍ରେ
ପ୍ରଚାରିବେ ନବଧର୍ମ ଦିଗ ଦିଗନ୍ତରେ
ସାମ୍ୟ ମନ୍ତ୍ରେ ମିଶାଇବେ ମିଳାଇ ସବଙ୍କେ
ବ୍ରାହ୍ମଣ ଚଣ୍ଡାଳ ଯାଏଁ ଏକତା ବନ୍ଧନେ
ଉଡ଼ାଇଣ ଭେଦ ବାଧା ଭେଦବାଦୀଙ୍କର
ଉଠାଇବେ ଜାତିଭେଦ ପଥର କଣ୍ଟକ
ସାମ୍ରାଜ୍ୟ ସମାଜେ ଧର୍ମେ ହୋଇଣ ବିରୋଧୀ
ସମଗ୍ର ପୂରବ ଧରା ସେଧର୍ମ ଆଲୋକେ
ତହିଁ ସ୍ତମ୍ଭେ ଛନ୍ଦପଟେ ଧୃତ "ତ୍ରିପିଟକେ" ✝
ଶାଶ୍ୱତ ସୁଖର ପଥ ନିରେଖି ପ୍ରଶସ୍ତ
ଚଳିବେ ସେ ପଥଧରି ନିର୍ବାଣ ପ୍ରଦେଶେ
ହେବେ କୃତକୃତ୍ୟ ଲଭି ସେହି ଶାନ୍ତିଧାମ
ଚରମ ପରମ ଲକ୍ଷ୍ୟ ଶାନ୍ତିର ଜଗତେ ।
ରାମଙ୍କ ମାତୁଳାଳୟ କୋଶଳ ପ୍ରଦେଶ
ଦିଶଇ ସମ୍ମୁଖେ ଦେଖ, ଏଦେଶ ରାଜନ
ପ୍ରକୃତି-ରଞ୍ଜନ ବ୍ରତେ ସଦାଶାନ୍ତ ଚିତ୍ତ;
ନୀରଦ ଯେସନ ନୀର ବାଷ୍ପାକାରେ ନେଇ
ବର୍ଷାକାଳେ ଧରାପରେ ବରଷନ୍ତି ପୁଣି
ତେସନ କେବଳ ଭୂପ ପ୍ରଜାଙ୍କ ହିତ ଯେଁ
ନିଅନ୍ତି ପ୍ରଜାଙ୍କ ଠାରୁ କରରୂପେ ଅର୍ଥ ।
ହଂସ-ଶ୍ରେଣୀ-ବିରଚିତ ରସନା ସରଯୂ
ମାନସ ପ୍ରସୂତା-ନଦୀ ଚାରୁ ଊର୍ମ୍ମିମୟୀ
ଚିର ଯୋଧ-ପ୍ରସବିନୀ ପୁଳିନେ ଯାହାର,
ଶୋଭଇ ଅଯୋଧ୍ୟା, ଦେଖ, ସୁରମ୍ୟ କେମନ୍ତ
ଅବତରି-ଥିଲେ ଏଥି ବୈକୁଣ୍ଠ ବିହାରୀ,
ଦୈତ୍ୟକୁଳ ଦାବାନଳ ରାମରୂପେ ହରି
ତ୍ରେତାଯୁଗେ ଧରାଭାର ଉଶ୍ୱାସିବେ ବୋଲି
କରୁଥିଲା ଟଳମଳ ବସୁଧାକୁ ଯେବେଳେ
ମୃତ୍ୟୁଞ୍ଜୟ ବରେ ପାପୀ ପ୍ରତାପୀ ରାବଣ
ପରଦାର ପରଧନ ହରିଣ, ଯେବେଳେ
ଦୁଷ୍ଟ ଦର୍ପହାରୀ ତା'ର ନିଧନ ସକାଶେ ।
କି ନ କଲେ ଧର୍ମ୍ମ ଲାଗି ଧର୍ମପ୍ରାଣ ରାମ
କୈକେୟୀ କପଟେ ମନ୍ତ୍ରେ ପିତୃସତ୍ୟ ପାଇଁ
ଦର୍ଶାଇ ଚରମାଦର୍ଶ ସୁପୁତ୍ରର ଭବେ
ହାସ୍ୟ ମୁଖେ ନିଜ ସୁଖେ ଜଳାଞ୍ଜଳି ଦେଇ
ଦୀର୍ଘ ଚତୁର୍ଦ୍ଦଶ ବର୍ଷ ହେଲେ ବନବାସୀ ।
ଲକ୍ଷ୍ମଣ ଭ୍ରାତୃବତ୍ସଳ, ସୀତା ପତିବ୍ରତା
ନିଷେଧ ନମାନି ତାଙ୍କ ହେଲେ ଅନୁଗାମୀ

ତ୍ରିପିଟକ ✝ ୧ମ—ସୂତ୍ର,-ବା ଶିଷ୍ୟ ମାନଙ୍କପ୍ରତି ଉପଦେଶ ।
୨ୟ — ନିୟମ ବା ବୌଦ୍ଧ ଶାସନ ଓ ସମାଜ ସମ୍ବନ୍ଧରେ ନିୟମାବଳୀ ।
୩ୟ — ଅଭିଧର୍ମ ବା ଧର୍ମ୍ମନୀତି, ଦାର୍ଶନିକ ବିଷୟର ମୀମାଂସା ।

ସ୍ନେହ ବଶେ କହ ତାଙ୍କୁ "ନ ଜାଣ କି ଆର୍ଯ୍ୟ,
ତୁମ୍ଭ ସୁଖ ଦୁଃଖେ ସଦା ସୁଖୀ ଦୁଃଖୀ ଅମ୍ଭେ,
ହେଉଅଛ ନିଷ୍ଠୁରେ କିପାଁ ଜାଣି ଶୁଣି ଏହା ?"
ଏତେ ବଡ଼ ଆଦରଶ କେ ଦେଖିଛ ଅହୋ !
ପିତୃଭକ୍ତି ଭ୍ରାତୃସ୍ନେହ ସତପ୍ରଣୟର
ଭାରତରେ ଛାଡ଼ି ଅନ୍ୟ ଦେଶେ କାହିଁ କହ !
ଯା ଅଛି ଜଗତେ ତାହା ରହିଛି ଭାରତେ ।
ଯା ନାହିଁ ଭାରତେ ତାହା କାହିଁ ଛି ଜଗତେ ?
ଦେଖ ଏ ଦଣ୍ଡକାରଣ୍ୟ ହତ ହେଲା ଯହିଁ
ପ୍ରଚଣ୍ଡ ତାଡ଼କା ଦୁଷ୍ଟା ନୃମୁଣ୍ଡମାଳିନୀ
ନରାସ୍ଥି ମେଖଳା କଳା ଅମାନିଶି ଜିଣି
ରାମ ଶରେ ଯଜ୍ଞ ବିଘ୍ନକାରିଣୀ ଦୁଃଶୀଳା ।
ବିଶ୍ୱାମିତ୍ର ସିଦ୍ଧାଶ୍ରମ ଦିଶଇ ଅଗ୍ରତେ,
ତପୋବଳେ ନବ ସୃଷ୍ଟି ସୃଜି ମହାଯଶା
ଇଚ୍ଛିଥିଲେ ପୁଣି ଜଗେ ନାରିକେଳାକାରେ
ଫଳାଇବେ ବୋଲି, କିନ୍ତୁ ବ୍ରହ୍ମା ଅନୁରୋଧେ
କ୍ଷାନ୍ତ ହେଲେ ସେ ସଙ୍କଳ୍ପୁ ସୃଜନ-ବିରୋଧୀ ।
ଦେଖ ଏ ଗୌତମାଶ୍ରମ ରାମ ପାଦ ସ୍ପର୍ଶେ
ଅହଲ୍ୟା ଲଭିଲେ ମୁକ୍ତି ପତି ଶାପେ ଯେହୁ
ଥିଲେ ହତଚେତ ଏଥି ପାଷାଣ ଆକାରେ,
ଗୁପତ ପ୍ରଣୟ ଫଳେ ନାରୀଧର୍ମ ଧ୍ୱଂସୀ
କନ୍ଦର୍ପ ମୋହନ ମନ୍ତ୍ରେ ଶିଷ୍ୟ ଇନ୍ଦ୍ର ସଙ୍ଗେ
(ଧନ୍ୟ କାମଦେବ ତବ ମହିମା ଜଗତେ
ଅଘଟଣ ଘଟଣାରେ ଏକା ତୁ ସୁପଟୁ),
ଶତ ଯୋନି ହେଲେ ଇନ୍ଦ୍ର ସେ ପାପେ ଶାପରୁ
ଶିଷ୍ୟଙ୍କ ବିକଳେ ମୁନି ଦୟା ବହି ଚିତ୍ତେ
ଯୋନିକୁ ନୟନାକାରେ କଲେ ପରିଣତ
ତେଣୁ ସହସ୍ରାକ୍ଷ ଇନ୍ଦ୍ର ବୋଲାନ୍ତି ଜଗତେ ;
ସୀତା ସତୀ ଜନ୍ମସ୍ଥଳୀ ଦେଖ ଏ ମିଥିଳା
ବ୍ରହ୍ମଦର୍ଶୀ ଜୀବନ୍ମୁକ୍ତ ରାଜର୍ଷି ଜନକ
ଏକାଧାରେ ଯୋଗ ତ୍ୟାଗ ଆଦର୍ଶ ଦ୍ୱିତୀୟ,
ଏଭଳି ଆଦର୍ଶ କେବେ ନ ମିଳଇ କାହିଁ ।
ତ୍ୟାଗୀ ହୋଇ ଭୋଗୀ ଥିଲେ ରାଜା ଏ ନଗରେ,
ଦେହେ ରାଜା, ମନେ କିନ୍ତୁ ନିଷ୍ଠ ସନ୍ନ୍ୟାସୀ
ଅବ୍ଜ ଯଥା ଜଳେ ଥାଇ ନିର୍ଲିପ୍ତ ସେ ଜଳେ ।
ବୃନ୍ଦାବନ ଭୂ-ବୈକୁଣ୍ଠ-କଣ୍ଠହାରରୂପା-
ତପନତନୟା ଏହି ଯମୁନା ତଟିନୀ
ସଳିଳେ ସଲୀଳେ ଯାର ବ୍ରଜ କିଶୋରୀଏ
ଶ୍ୟାମ ସଙ୍ଗେ ନାନାରଙ୍ଗେ ସନ୍ତରି ସନ୍ତରି
ଅନୁକରି ରାଜହଂସ, ରାଜହଂସ ଗତି
ଖେଳୁଥିଲେ ମହାହର୍ଷେ ପୁଲକେ ଯାହାର;
ନିକୁଞ୍ଜ କାନନ ଦେଖ, ଇନ୍ଦ୍ରର ନନ୍ଦନ-
ବନ ଏ ବନ ସମ୍ମୁଖେ, ମୋହୁଥିଲେ ଏଥି,
ବଜାଇ ମୋହନ ବଂଶୀ ବଂଶୀଧାରୀ ହରି
ପ୍ରେମଶୀଳା ବ୍ରଜକୁଳବାଳାଙ୍କ ମନେ
ରାସକ୍ରୀଡ଼ା ରସେ ଭାସି ରସିକ ଶେଖର
କୋମଳ ପଲ୍ଲବ ଶୋଭେ ବନପୁଷ୍ପ ପିନ୍ଧି
ଶିରେ ଶିଖିପୁଚ୍ଛ ଚୂଡ଼ା କଟି ତଟେ ଧଡ଼ା
ସୌନ୍ଦର୍ଯ୍ୟ ହେଲେକି ମ୍ଳାନ ନିକୁଞ୍ଜ କାନନ
କାଟୁଥିଲେ ନିଶି ସୁଖେ ରାଧିକା ସହିତେ
ରାଧିକା କୁଳ-ଶେଖରୀ ସଖୀ ଶିରୋମଣି
ମନ୍ମଥ-ମନ-ମୋହିନୀ ରଙ୍ଗିନୀ ଗହଣେ ।
ଯେ ଶୋଭା ଦର୍ଶନେ ସ୍ୱର୍ଗୁ ଦେବେ ତାଙ୍କ ସଙ୍ଗେ
ଆସୁଥିଲେ ଅବତରି କୌତୁକେ ସେବେଳେ ।
ଏହି ସେ ମଞ୍ଜୁଳ କୁଞ୍ଜ ବଲ୍ଲରୀ ବେଷ୍ଟିତ
ଶ୍ୟାମଳ ତମାଳେ ବେଢ଼ି ଦିଶଇ ସମ୍ମୁଖେ
ଅହେତୁକୀ ପ୍ରେମ ମାଖି ବ୍ରଜାଙ୍ଗନା ଗଣେ
ସରଳ ସ୍ୱଭାବା ସର୍ବେ ପୀରତି ବିହ୍ୱଳା
ରମଣୀ ସୁଲଭ ଲଜ୍ଜା ତ୍ୟଜି ଲଜ୍ଜାଶୀଳେ
ପତ୍ନୀଭାବେ ସଖୀଭାବେ ଦାସୀଭାବେ କେହି

କାୟମନୋବାକ୍ୟେ କଲେ ଆତ୍ମସମର୍ପଣ
କୃଷ୍ଣ ପଦେ କୁଳ ମାନ ଦେଇ ଜଳାଞ୍ଜଳି
ଯେଉଁମାନେ, ଏହି ସେ ଦେଖ ପୁଣ୍ୟ କାନ୍ତିବନ;
ଅତି ପୂତ ପ୍ରୀତି ଏହି ଦେବତା ଦୁର୍ଲଭ
ଅପାର୍ଥିବ ପ୍ରାପ୍ତି ହେଲେ କ୍ଷୁଦ୍ର ଗୋପୀମାନେ କେନ୍ତୁ,
ନୁହେ ଅପାର୍ଥିବ ମାତ୍ର ଏଭଳି ପୀରତି
ଭକତ ସୃଜନାଗାର ଏହି ବୃନ୍ଦାବନ
ଅବନୀ କୌସ୍ତୁଭମଣି କୃଷ୍ଣ ଲୀଳାଭୂମି
ଯହିଁ ଭକ୍ତିସ୍ରୋତ ବହି ପ୍ଲାବିଲା ପୃଥିବୀ
ଅନଳେ ଅନିଳେ ନଭେ ଜଳେ ସ୍ଥଳେ, ଏଥି
ପ୍ରତିଭୂତେ ପ୍ରତିରେଣୁ ବହଇ ଭକତି
ବୈକୁଣ୍ଠ-ବର-ବିଭବ ମୁକ୍ତି-ପ୍ରଦାୟିନୀ
କୃଷ୍ଣପ୍ରେମେ ହୋଇଲା ସର୍ବେ ଜଡ଼ କଲେବରେ,
ତରୁ ଲତା ଶିଳା ଅଙ୍ଗେ ଦେଖ କୃଷ୍ଣ ନାମ
ପଶୁ ପକ୍ଷୀ ନର ନାରୀ କୀଟ ପତଙ୍ଗାଦି
ପ୍ରେମେ ଗଦ ଗଦ ସର୍ବେ 'ରାଧାକୃଷ୍ଣ' ମୁଖେ,
ଯମୁନା କଲ୍ଲୋଳେ ଉଠେ ମୃଦୁଳ ଅନିଳେ
ମେଘ ମନ୍ଦ୍ର ରବେ ଗାଏ ହସି ବିଦ୍ୟୁଲ୍ଲତାଳେ
ଶୁଣ 'ରାଧା କୃଷ୍ଣ' ନାମ କେମନ୍ତ ମଧୁର ।
ଏହି ଗିରି ଗୋବର୍ଦ୍ଧନ ଯାର ଚୂଳେ ବସି
ଶ୍ରୀଦାମ ସୁଦାମ ଆଦି ସଖା ସଙ୍ଗେ ବାଲ୍ୟେ
ଖେଳୁଥିଲେ ନଟବର ଗୋଚାରଣ କାଳେ
ବଜାଇ ମୋହନ ବେଣୁ ସ୍ୱର୍ଗୀୟ ସୁସ୍ୱରେ,
ଯେଉଁ ନାଦ ଶ୍ରବଣେ ଊର୍ଦ୍ଧ୍ୱ ସ୍ରୋତେ ବହୁଥିଲା
ଯମୁନା ଉଲ୍ଲାସେ, ତାଳେ ମତ୍ତ ତାଳେ ତାଳେ
ତରୁ ଝୁମିଥିଲେ, ଗତିହୀନ ହୋଇଥିଲା
ଗତିଶୀଳ ବାୟୁ, ଚଳ ପ୍ରାଣୀଏ ସ୍ଥିର ଥିଲେ
ବଧୀର ସର୍ବେ, ଶିଳାଅଙ୍ଗ ଅଚଳର
ବିଗଳିତ ହୋଇଥିଲା କର୍ଦ୍ଦମ ପରାୟେ
ଶ୍ରୀପଦପଙ୍କଜ ସଙ୍ଗେ ପଶୁ ପାଦଚିହ୍ନ,
ସେତେବେଳେ ପତିତ ବୃକ୍ଷ ଗୋବର୍ଦ୍ଧନ ଅଙ୍ଗେ
ଶୋଭଇ ଅଦ୍ୟାପି ଦେଖ ସୁନ୍ଦର କେମନ୍ତ ।
ଇନ୍ଦ୍ର ଯଜ୍ଞ ଭଗ୍ନ ହେତୁ ହରି ପ୍ରବଳିତ
ରୁଷ୍ଟ ହୋଇ ବଜ୍ରୀ ଯେବେ ବରଷିଲେ ଶିଳା
ଅବିରତ ବୃଷ୍ଟି ଏଣେ ସପ୍ତ ଦିବାନିଶି
ଚମକାଇ ଦଶଦିଗ ଦାମିନୀ ଚମକେ
ଘନ ଘନ ବଜ୍ରନାଦେ ଭୀଷଣ ହୁଙ୍କାରେ
ଅନ୍ଧକାର ଖଣ୍ଡ ବାୟୁ ମେଘ ସଙ୍ଗେ ମିଶି
ଅକାଳେ ପ୍ରଳୟାକାରେ କମ୍ପାଇ ମେଦିନୀ
ତୋଳିଥିଲେ ଏ ଗିରିକୁ ସେତେବେଳେ ଶ୍ରୀହରି
ନଖ ରେ, ହେଳାରେ ଯଥ କନ୍ଦୁକେ ବାଳକେ ।
ଛତ୍ରାକାରେ ଯାର ତଳେ ବ୍ରଜବାସୀ ଜୀବେ
ଆବାଳବୃଦ୍ଧବନିତା ପଶୁ ପକ୍ଷୀ ଆଦି
ଲଭିଲେ ବିଶ୍ରାମ ସର୍ବେ ସେ ଘୋର ସଙ୍କଟେ ।
ମଘବା ମେଘବାହନ ରଣେ ଭଙ୍ଗଦେଇ
ଚଳିଗଲା ଆଗପୁଚ୍ଛ ଭୀତ ଶ୍ୱାନ ପ୍ରାୟେ,
ଅବଶେଷେ ଶ୍ରୀଚରଣେ ପଶିଲା ଶରଣ ।
ଏହି ସେ କାଳୀୟହ୍ରଦ ଗର୍ଭୁ ଯାର ହରି
କାଳକୂଟ ବିଷ ପୂର୍ଣ୍ଣ କାଳୀୟ ଭୁଜଗେ
ବିନାଶି ନିଃଶଙ୍କ କଲେ ବ୍ରଜ ଜୀବଗଣେ ।
କେଶୀଘାଟ ବଂଶୀବଟ ଯମୁନା ପୁଳିନେ
କଦମ୍ବ ଭଣ୍ଡୀର ଆଦି ଦେଖ ବନରାଜି
ଗୋଚାରଣ କ୍ରୀଡ଼ାଭୂମି ବାଲ୍ୟ ଜୀବନର,
କ୍ରୀଡା ଛଳେ ନରହରି ବଧି ଥିଲେ ଯହିଁ
ବକ ଶକଟାଦି ଦୈତ୍ୟେ ଯାମଳ ଅର୍ଜୁନ
ପାପାଶୟ ଗୁପ୍ତଚର କଂସ ନୃପଙ୍କର ।
ଏହି ସେହି ପୂତ ସ୍ଥଳୀ ମଥୁରା ନଗରୀ
ଧର୍ମର କ୍ଳୀବତ୍ୱ ଆଉ ଅଧର୍ମର ବୃଦ୍ଧି
ରୋଧିବାକୁ ଦୁଷ୍ଟେ ଦଳି ଶିଷ୍ଟେ ପାଳିବାକୁ
ଜନ୍ମିଥିଲେ ଯହିଁ କୃଷ୍ଣ ଭଗବାନ ସ୍ୱୟଂ

ଜନ୍ମ ମ ପରମଧର୍ମ ପ୍ରବର୍ତ୍ତକ ରୂପେ
ଦେବକୀ ଗରଭେ, ଦେଖ ବନ୍ଦୀଘର, ଏଥି
ବସୁଦେବ ଯେବେ ଯହୁଁ କୃଷ୍ଣଙ୍କୁ କୌଶଳେ
ନନ୍ଦଗୃହେ ରଖି ଆଣି ଯଶୋଦାଙ୍କ କୋଳରୁ
ଦେବକୀ କୋଳରେ ଦେଲେ ନପାନ୍ତୁଣୁ ସତ
ଗୁପତେ କଂସ ଦୂରଭେସ୍ତ, ଦୁର୍ଦ୍ଦାନ୍ତ ପ୍ରତାପୀ
ଯମ ସମ ଭୟଦର୍ଶୀ, ନାମ ଶୁଣି ଯାର
ବ୍ରଜବାସୀ ହୃଦ କମ୍ପ ହେଉଥିଲା ଭୟେ
( ଯାନାମ ଅଦ୍ୟାପି ଲୋକେ ଦୁର୍ଦ୍ଦମ ଜଦମା )
ସେହି କଂସ ସିଂହାସନ ଜଡ଼ ଦଶେ ଅଛେ
ଯହିଁ ବସି ଦୁଇଭାଇ କୃଷ୍ଣ ବଳରାମ
ବଧିବାରୁ ହତକାରୀ ପ୍ରିୟ ମାତୁଳଙ୍କୁ
ରାହୁମୁକ୍ତ ଶଶୀ ସମ ହେଲା ବ୍ରଜପୁର
ଲଭିଲେ ଆନନ୍ଦେ ଶାନ୍ତି ବ୍ରଜବାସୀ ସର୍ବେ ।
ବଧାନ୍ତେ ବିଶ୍ରାମିଥିଲେ ଯହିଁ ବସି ଆସି
ଏହି ସେ "ବିଶ୍ରାମ ଘାଟ" କଚ୍ଛପାଚ୍ଛାଦିତ;
ଦେଖ ସୁରୁ ଦୃଶ୍ୟ ଏଥି କଚ୍ଛପେ କପିର
✝ କ୍ରୀଡ଼ା-ରଳ ସ୍ପନ୍ଦନର କରୁଛନ୍ତି କାର୍ଯ୍ୟ ।
କଦର୍ଯ୍ୟ କୁବୁଜା ରୂପେ ଦାସ୍ୟା ବହି ହରି
ସୁନ୍ଦରୁ ଅପ୍‌ସରାକାର କରିଥିଲେ ଏଥି ।
ପଞ୍ଚନଦ ଘଟେ ଏହି ପଞ୍ଚଗିରି* ମଧ୍ୟେ
ପ୍ରକୃତ ରକ୍ଷିତା ସ୍ୱତଃ ଅଚଳ ବେଷ୍ଟନେ ।
ଜରାସନ୍ଧ ଜଗତୀ ଏ ମଗଧ ରାଜ୍ୟର

ଦୈବୀଶକ୍ତି ବୃଦ୍ଧି ଅବଶ ଅଧର୍ମ ଅଗ୍ରସର
ବହୁ ନୃପେ ବନ୍ଦୀ କରି ରଖିଥିଲା ଏଥି ।
ଭୈରବ ଭୈରବୀ ପାଦେ ଶୃଙ୍ଗାଳେ ନର୍ଗିଥେ
ବଳୀ ଦେଇ ଶତ ନୃପେ ନରମେଧ ଯଜ୍ଞେ
ଅର୍ଜ୍ଜିବ ସେ ମହା ଶକ୍ତି, କିନ୍ତୁ ସେ ନୃଶଂସ
କୃଷ୍ଣଦ୍ୱେଷୀ ମୃଷାଗ୍ରସ୍ତ ଅର୍ଜ୍ଜୁନ ପୂର୍ବରୁ
ହତ ହେଲା ଭୀମ ହସ୍ତେ କେଶବ କୌଶଳେ ।
ମୁକ୍ତି ଲଭି ବନ୍ଦୀ ନୃପେ,—ନା-ନା ମୃତ୍ୟୁ ମୁଖୁଁ
ଯମ ଦ୍ୱାରୁ ଫେରି ଆସି, ଆନନ୍ଦେ ଗାଇଲେ
କୃଷ୍ଣ ବୃକୋଦର ଯଶ, ବଞ୍ଚିଥିବା ଯାଏ
କୃତଜ୍ଞତା ପାଶେ ବଦ୍ଧ ରହି ତାଙ୍କଠାରେ ।
କିବା ରାଜା କିବା ପ୍ରଜା କି ଧନୀ ଦରିଦ୍ର
ଆବାଳବୃଦ୍ଧବନିତା ପଶ୍ଚିମାଞ୍ଚଳର
ସବବେ ହୋଇଲେ ହର୍ଷ ସେ ମୃତ୍ୟୁ ସଂବାଦେ
ଆସାର-ଅମୃତ ପାଇ ନବ ମେଘୁଁ ବନେ
ଗ୍ରୀଷ୍ମ ସନ୍ତାପତପ୍ତ ତରୁ ଲତା ଯଥା ।
ଏହି ସେହି ଚେଦୀ ରାଜ୍ୟ ମହୀପାଳ ଯାର
ଶିଶୁପାଳ ନାମେ ଖ୍ୟାତ ଅତି ପାପାଚାରୀ
ସୁନ୍ଦରୀ ରୁକ୍ମିଣୀଙ୍କର ସ୍ୱୟମ୍ବର ବେଳେ
ସ୍ୱର୍ଗୀୟ ସୌନ୍ଦର୍ଯ୍ୟେ ତାଙ୍କ ମୁଗ୍ଧ ହୋଇ ପାପୀ
ଇଚ୍ଛିଥିଲା ସ୍ୱୟମ୍ବରୁ ହରି ପଶ୍ଚାତେ
ନିଜ ଅଙ୍କ ପ୍ରଣୟିନୀ କରିବାକୁ ତ୍ୱରି
ସତୀ ମନୋବାଞ୍ଛା କିନ୍ତୁ ଜାଣି ବାଞ୍ଛାନିଧି

✝ ଏଠାରେ ମର୍କଟ ଓ କଚ୍ଛପ ଙ୍କର ସଂଖ୍ୟା ଅତ୍ୟନ୍ତ ଅଧିକ ଯାତ୍ରୀ ମାନେ ଚଣା ଆଦି ଖାଦ୍ୟ ପଦାର୍ଥ ଶୁଷ୍କ ଘାଟୋପରି ପକାଇଦେଲେ ଉଭୟ ମର୍କଟ ଓ କଚ୍ଛପ ମାନେ ଖାଇବା ପାଇଁ ବ୍ୟସ୍ତ ହୁଅନ୍ତି ମର୍କଟମାନେ କଚ୍ଛପୋପରି ଆରୋହଣ କରି ସ୍ୱଚ୍ଛନ୍ଦରେ ଚଣା ଖାଉଥାନ୍ତି । କଚ୍ଛପମାନେ କିଛିକାଳ ନିମନ୍ତେ ଷଣ୍ଢାଙ୍କୁ ଉତରକୁ ନେଇ ଶୁଷ୍କ ସ୍ଥାନରୁ ଜଳ ଭିତରକୁ ପ୍ରବେଶ କଲେ ମର୍କଟ ଅନ୍ୟ କଚ୍ଛପ ଉପରକୁ ଡେଇଁ ପଡ଼େ ।

ବରାହ, ବୃଷଭ, ଚୈତ୍ୟକ, ଋଷିଗିରି, ବୈଭାରଚଳ ।

ତାଙ୍କ ପ୍ରତି ଆକର୍ଷଣୀ କାମ୍ୟ ମନେ ବାକ୍ୟେ,
ପୂର୍ଣ୍ଣ କଲେ ସେ ସକଳ ରୁକ୍ମିଣୀ ଦେବୀଙ୍କ,
ପୁରାଣସ୍ଥ ସୂଚକ ତାଙ୍କୁ ପାଠଗଣୀ କର
ପରିଭବ ପରପୂର କ୍ରୂର କର୍ମା ଖାଟେ,
ଅବଶେଷେ ସଂହାରିଲେ ସଂଗ୍ରାମେ ତାହାଙ୍କୁ ।
ଦେଖି ଦେଶ ହନ୍ତିହୃତ ପୁରବାସୀ ସର୍ବେ
ହେଲେ ହର୍ଷ ଗ୍ରାମବାସୀ ବନ ପାର୍ଶ୍ୱେ ଯଥା
ସେ ବନର ନରହନ୍ତା ଶାର୍ଦ୍ଦୂଳ ବିନାଶେ ।
ପବିତ୍ର ପ୍ରାଚୀନ ସ୍ଥଳୀ ଏହି ସେ ପୁଷ୍କର
ଆରମ୍ଭିଲେ ସତ୍ୟ ଯୁଗେ ବିଶ୍ୱପିତା ଯହିଁ
ସଂସାର ହିତାର୍ଥ ଯଜ୍ଞ ବ୍ରହ୍ମର୍ଷି ସହିତେ;
ଯଜ୍ଞାରମ୍ଭ ଶୁଭ ବେଳେ ବିଳମ୍ବ ନ ଦେଖି
ଗାୟତ୍ରୀଙ୍କୁ ପତ୍ନୀ ରୂପେ ଘେନି ବ୍ରହ୍ମା ତହିଁ
ସମାଧାନ କଲେ ଯଜ୍ଞ ସସ୍ତ୍ରୀକ ସେ ବେଳେ
ଯଥାବିଧି କିନ୍ତୁ ସ୍ୱର୍ଗୁ ଅବତରି ସତୀ
ସାବିତ୍ରୀ ତହିଁ ପରେ, ପତି ସଙ୍ଗେ ସପତ୍ନୀଙ୍କୁ
ଦେଖି ଅଭିମାନେ, ତହୁଁ ସକ୍ରୋଧେ ଭଷିଲେ
"ଅନାଦୋଷେ ହତାଦର କଲ ମୋତେ ନାଥ !
ମୋହପର ହତାଦର ହୁଅ ଅନ୍ୟ ତୀର୍ଥେ;"
ଏତେ ବୋଲି ଗଲେ ଯାଇ ରହିଲେ ଅନ୍ୟତ୍ର
ଶୈଳ ଚୂଳେ ଦେଖ ସେହି ସାବିତ୍ରୀ ମନ୍ଦିରେ,
ବ୍ରହ୍ମା ପୂଜା ଅନ୍ୟ ତୀର୍ଥେ ଉଠିଲା ସେ ଦିନୁଁ ।
ନ ଜାଣନ୍ତି ପ୍ରାଣୀ ଏଥି ହିଂସା କି ପଦାର୍ଥ
ବନସ୍ଥ ପଶୁ ପକ୍ଷୀ ମୃଗ ମୟୂରାଦି
ଭ୍ରମନ୍ତି ନିର୍ଭୟେ ଦେଖ ଲୋକାଳୟେ ଗ୍ରାମେ;
ପୁଷ୍କର ତଟପାଶେ ପୂତ ଅବୁ ଗିରେ
ଶତ ଶତ ଋଷ୍ୟାଶ୍ରମ, ବଶିଷ୍ଠ ଅଙ୍ଗିରା
ଯାଜ୍ଞବଳ୍କ୍ୟ ଆଦି କରି ମହର୍ଷି ମଣ୍ଡଳୀ
ମହାତ୍ମା ମହର୍ଷି ଅବା ରାଜର୍ଷି ଦେବର୍ଷି
ବାନପ୍ରସ୍ଥାଶ୍ରମୀ କେବା ରହିଛି ସସ୍ତ୍ରୀକ,
କେହିବା ଜ୍ଞାନାଗ୍ନି ଧାତୁ ଦଗ୍ଧପୂର୍ବ ପ୍ରାୟେ,
ଦେହଯାତ୍ରା ହୋଇ ଭ୍ରମେ ଦେଶେଦେଶେ, ସନ୍ନ୍ୟାସୀ
କେହି ବ୍ରହ୍ମଚର୍ଯ୍ୟ ବ୍ରତେ ଶିଷ୍ୟ ରୂପେ ରହି
ଯମ ନିୟମାଦି ସାଧେ ଅଷ୍ଟାଙ୍ଗ ଯୋଗର,
ମୌନବ୍ରତେ ବ୍ରତୀ କେହି ନ କହଇ କଥା ।
ଶିଶିର ନିଶୀଥେ ସରେ ଶୀତଳ ସଲିଳେ,
ନିଦାଘ ମଧ୍ୟାହ୍ନେ ଜାଳି ଅଗ୍ନି ଚତୁଃପାର୍ଶ୍ୱେ,
ଊର୍ଦ୍ଧ୍ୱବାହୁ ଊର୍ଦ୍ଧ୍ୱ ପଦେ କଣ୍ଟକ ଆସନେ
ଅନାହାରେ ଅନିଦ୍ରାରେ ନାନାମତେ ଦେହ
କଷ୍ଟ ଦେଇ ଘୋର ତପ ସାଧନ୍ତି ସକାମୀ
ବିଧିମତେ ମନୋବାଞ୍ଛା ପୂରଣ ସକାଶେ ।
ନେତି, ଧୌତି; ବସ୍ତି, ଆଦି କ୍ରିୟାରତ କେହି
ହଠ ଯୋଗେ, ଭକ୍ତି ଯୋଗେ ପୂଜେ କେହି ପୁଣି
ଇଷ୍ଟ ଦେବେ ଯଥାବିଧି, ଶିବ ବିଷ୍ଣୁ ଆଦି
ପ୍ରେମେ ଗଦ ଗଦ ଚିତ୍ତେ ପାଦ୍ୟ ଅର୍ଘ୍ୟ ଦେଇ
ଧୂପ ଦୀପ ନଇବେଦ୍ୟ ଆରତି ସହିତେ ।
ରାଜଯୋଗେ ଅନ୍ତ ଦୃଷ୍ଟି ପକ୍ଷୀ ମାର୍ଗେ କେହି
ଜ୍ଞାନ ପଥେ ସୁମେଧାବୀ ସୁବିଦ୍ୱାନ ରତ;
ନିଷ୍କାମ କରମ ଯୋଗେ ସେବୀ ଧର୍ମେ କେହି
ଫଳ ଫୁଲ ସମିଧାଦି ସଲିଳ ଯୋଗାଇ,
ଗୋଚାରଣ ଗୋପାଳନ କୃଷି କର୍ମ କରେ ।
ତନ୍ତ୍ରୋକ୍ତ ଉପାସ୍ୟେ କେହି ଶ୍ମଶାନେ ନିଶୀଥେ
ଏକାକୀ ନିର୍ଭୀକ ଚିତ୍ତେ ଅମା-ଅନ୍ଧକାରେ
ଶବାସନେ ବସି ସାଧେ ଶବାସନା କାଳୀ
ଦୈବୀଶକ୍ତି ଲଭି ଆଶେ କେହି ପୁଣି ତହିଁ
ସାଧଇ ଭୈରବୀ ଚକ୍ର ନିର୍ବିକାର ଚିତ୍ତେ
*ପଞ୍ଚ "ମ"କାର ସଂଯୋଗେ ବିଧି ଅନୁଯାୟୀ ।
ପୂରବ ସଂସ୍କାର ବଶେ ଅଧିକାରୀ ଭେଦେ

*ପଞ୍ଚ "ମ"କାର—ମଦ୍ୟ, ମାଂସ, ମୈଥୁନ, ମତ୍ସ୍ୟ, ମୁଦ୍ରା,

ଗ୍ରଂ ଛନ୍ତି ଭିନ୍ନ ମାର୍ଗେ ଭିନ୍ନ ସୋପାନସ୍ଥି
ଭିନ୍ନ ଭିନ୍ନ ଗୁରୁ ଯେନି ଉନ୍ନତ ପଥରେ,
ବିଭିନ୍ନ ତଟିନୀ ଯଥା ଭିନ୍ନ ଶୈଳୁଁ ଆସି
ସାଗର ସଙ୍ଗମ ଆଶେ ଗମନ୍ତି ସରବେ
ସଳଖେ ଅବା ବଙ୍କିମେ କେହି ଦୂର ଦୁର,
ପ୍ରଭେଦ ଏତିକି ମାତ୍ର, ନାହିଁ ଅନ୍ୟ କିଛି ।
ଅଗ୍ନିହୋତ୍ରୀ କରନ୍ତି; ନଳିକୁଣ୍ଡ ଧୂମ୍ର
ପରିହରି ଅନଳକୁ ସ୍ୱାହ୍ୟ ସୁଯୌଗିଭେ ।
ସ୍ଥାଣୁ ପ୍ରାୟେ ବସିଛନ୍ତି କେ ନିର୍ଜୀବ ଯେସନ
ନିର୍ବିକଳ୍ପ ସମାଧିରେ, ବାହ୍ୟଜ୍ଞାନ ଶୂନ୍ୟ
ଅନନ୍ତ ନିର୍ବାଣ ସାଯୁଜ୍ୟ ତର ଶାନ୍ତି ମୟ
ମିଶାଇ ଶାଶ୍ୱତ ଆତ୍ମା ପରମାତ୍ମା ସଙ୍ଗେ ;
ନିର୍ମଳ ସଲିଳା ଯଥା ନିରୂର୍ମି ନିଶ୍ଚଳ ।
ଚରମ ପରମ ଲକ୍ଷ୍ୟ ଜୀବନର ଏକା
କୃତକୃତ୍ୟ ହୋଇଛନ୍ତି ଜୀବନେ ଜଗତେ ।
ନବ ଦାର୍ଶନିକ କେହି ତାର୍କିକ ବିଦ୍ୟାର୍ଥୀ
ଈଶ୍ୱର ଅସ୍ତିତ୍ୱ ଯେନି ଯୁଝୁଛନ୍ତି ଥୋକେ
ନାସ୍ତିତ୍ୱ ସପକ୍ଷେ, କେହୁ ବିପକ୍ଷେ ତାହାର;
ନିରୀଶ୍ୱରବାଦୀ ସଙ୍ଗେ ସେଶ୍ୱରବାଦୀର
ଲାଗି ଅଛି ମହା ତର୍କ—ବେଦାନ୍ତ ପ୍ରମାଣ,
ସୂତ୍ର ଭାଷ୍ୟ ବ୍ୟାଖ୍ୟା କରି ବାକ୍ୟ ଅନୁଯାୟୀ ।
ସ୍ୱ ସ୍ୱ ଅନୁକୂଳେ ଦୁହେଁ ଦୁହିଁଙ୍କ ଶାସ୍ତ୍ରରୁ
ସାଂଖ୍ୟବାଦୀ ଦୁଇ ପକ୍ଷେ କହଇ ବୁଝାଇ
"ବୃଥା ତର୍କେ ମତ୍ତ କିପାଁ ହୋଇଅଛ ଭାଇ
ପ୍ରକୃତି ପୁରୁଷ ଭିନ୍ନ ନାହିଁ ଅନ୍ୟ କିଛି
ବିଭିନ୍ନେ ଉଭୟ ଜଡ଼; ସଂଯୋଗେ ଚେତନ
କୁଧାତୁ ଚୁମ୍ବକ ଯୋଗେ ଗତି ବିଧି ଯଥା
ପଙ୍ଗୁ ଅନ୍ଧ ନ୍ୟାୟେ ବୁଝ ଏକଥା ବିଚାରି ।"
ବେଦାନ୍ତ ବିଦ୍ୟାର୍ଥୀ ତହୁଁ ଉପଗତ ହୋଇ
"ପ୍ରକୃତି ପୁରୁଷ ଯେବେ ଦୁହିଁଙ୍କୁ ମାନିବ
'ଏକମେବ, ଅଦ୍ୱିତୀୟ' ବେଦ ଉକ୍ତ ବାଣୀ
'ସର୍ବଂ ଖଲୁ ଇଦଂ ବ୍ରହ୍ମ' ହୋଇବ କେମନ୍ତେ ?
'ବ୍ରହ୍ମ' ଭିନ୍ନ ଅନ୍ୟ କିଛି ନାହିଁ ଏ ଜଗତେ
'ଆକ୍ଷେପ ବିକ୍ଷେପାତ୍ମିକା' ମାୟାଶକ୍ତି ହେତୁ
ଆଦି ଅନ୍ତ ବ୍ରହ୍ମ ମଧ୍ୟେ ବିଶ୍ୱାକାର ଦିଶେ ।
ସ୍ଥାଣୁରେ ପୁରୁଷ ଭ୍ରାନ୍ତି ଅନ୍ଧକାରେ ଯଥା,
ଆଦ୍ୟେ ଯେଉଁ ସ୍ଥାଣୁ, ଅନ୍ତେ ସେହି ସ୍ଥାଣୁ ଥାଏ
ତମ ହେତୁ କ୍ଷଣେ ମଧ୍ୟ ନରାକାରେ ଦିଶେ,
ଅନ୍ଧକାର ଗଲେ ପୁଣି ସେହି ସ୍ଥାଣୁ ଶେଷେ;"
ଅଧ୍ୟାସ, ଅଧ୍ୟାରୋପରେ କହଇ ବୁଝାଇ ।
ମହା କୋଳାହଳେ, ଶୁଣ, କରନ୍ତି ବଟୁକ
ପୂତ ବେଦ ଧ୍ୱନି, ଯହୁଁ କର୍ଣ୍ଣରସାୟନ
ପବିତ୍ର 'ଓଁ' କାର ଶବ୍ଦ ପଡ଼ଇ ଉଛୁଳି ।
ସମ୍ମୁଖେ ଦିଶଇ ଯେଉଁ ରମ୍ୟ ଉପବନ
ସ୍ନିଗ୍ଧ ଛାୟା ତରୁଶୋଭି ପଞ୍ଚବଟୀ ଏହି
ପୂତ କଲା ସତୀ ସୀତା ସତି ରାମ ସ୍ଥାନେ;
କୁଟୀର ନିର୍ମାଣି ଏଥି ରଘୁକୁଳ ମଣି
ଭ୍ରାତୃପ୍ରିୟ ଭ୍ରାତା, ଭାର୍ଯ୍ୟା ପତିବ୍ରତା ସହ
ପିତୃ ସତ୍ୟ ପାଳନାର୍ଥେ ଏ ଅଞ୍ଚଳେ ଆସି
ରହିଥିଲେ କିଛିକାଳ, ତାଙ୍କ ସଙ୍ଗ ହେତୁ
(ସୁସଙ୍ଗ ପ୍ରଭାବେ ଅହୋ ! କି ନହୁଏ ଭବେ
ତକ୍ର ନମ୍ର ତୁଚ୍ଛ ଯାକୁ ନ ପୁଛନ୍ତି କେହି
ଚଢ଼େ ବିଷ୍ଣୁ ଶିବ ଶିରେ ଜଗତ ପୂଜିତ
ମଳୟ ପରଶେ ହୋଇ ପୂତ ସୁଚନ୍ଦନ ।
ଅୟସ ପରଶମଣି ପରଶେ ସୁବର୍ଣ୍ଣେ
ହୁଏ ପରିଣତ, ଅଛି କଏବା ନଜାଣେ
ପୟଃ ସଙ୍ଗେ ପାଣି ମିଶି ପୟଃ ରୂପ ଧରେ)
ଅପ୍ରସିଦ୍ଧ କାନନ ଏ ଭୀଷଣ କାନ୍ତାର
ପୁଣ୍ୟ ତପୋବନ ରୂପେ ହେଲା ପରିଣତ ;
ଗୁରୁ ପୁଚ୍ଛ-ଆଗ୍ର ଶିଖୀ ଉଚ୍ଚ ଶାଖୀ ଶିରୁ

ସୁବର୍ଣ୍ଣମୃଙ୍ଗରେ କୃଷ୍ଣସାର ବର୍ଗେ
କାନନ ଭୂମିରୁ ଦେଖ ସ୍ପନ୍ଦନ ଅଙ୍ଗକୁ
ଗ୍ରୀବା ତୋଳି ବ୍ୟଗ୍ର ନେତ୍ରେ ଗୃହକ୍ରୀଡ଼ାମୃଗେ !
ବୃକ୍ଷ ତରୁଲତା ଏଥି କେତେ ବା ମଲେଣି
ସର୍ବଗ୍ରାସୀ କାଳବଶେ କେତେ ଜୀବଜନ୍ତୁ
ସନ୍ତାନ ପର୍ଯ୍ୟେ ସୀତା ସ୍ୱୀୟ ଗୃହକରେ
ଯା'ନ୍ତୁ ଥିଲେ ପାଣିଦେଇ ଏ ଉଦ୍ଭିଦ ଗଣେ,
ବନଧ୍ୱଂସୀ ଦାବାଗ୍ନିକୁ ମନାଥିଲ ଏଥି
ତାଙ୍କ ବରେ ଏ କାନନେ ପଶିବାକୁ କେବେ ।
ନାରୀକୁଳ କଳଙ୍କିନୀ ଛି, ଛି, ସୂର୍ପଣଖା
ଯହିଁ ପୋଡ଼ ଭାର, ବନେ ପ୍ରଥମରେ, ପୁଣି
ତାହାଙ୍କ ନିକଟେ ନକ୍ଷ ସୀତା, ଲକ୍ଷ୍ମଣଙ୍କୁ—
କି କହିବ ହାସ୍ୟ ଲାଗେ ଥିଲ ତାଙ୍କୁ, ତହିଁ
ଲକ୍ଷ୍ମଣନିକଟେ ପୁଣି ରାମପାଶେ ଆସି
ନିଜମୁଖେ ବିବାହାର୍ଥେ କଲା ପ୍ରସ୍ତାବନା ।
ଏକପତ୍ନୀବ୍ରତ ରାମ ଭଣିଲେ ସସ୍ମିତେ
"ସମ୍ପୂର୍ଣ୍ଣ ବିବାହ ଇଚ୍ଛା ତୁମ୍ଭଙ୍କୁ ମୋହର
କିନ୍ତୁ ଏ ସପତ୍ନୀ ଶିଖି ନ ପାରଇ ଦେଖି"
ଲକ୍ଷ୍ୟ କର ସୀତା ଅଡ଼େ ଭଣନ୍ତେ ଏମନ,
ଭଷ୍କୁଳା ପର୍ଯ୍ୟେ ନଖ ଦଶନ ବିସ୍ତାରି
ଆସିଲା ଦଉଡ଼ି ଦୁଷ୍ଟା ଦେବୀଙ୍କୁ ଭକ୍ଷଣେ ।
ଛେଦିଲେ ତା ନାସା କର୍ଣ୍ଣ ତା ଦେଖି ଲକ୍ଷ୍ମଣ;
ଜାଣିଣ ରାକ୍ଷସେ ଏହା ଆସିଲେ ଦଉଡ଼ି
ଲାଗିଲା ତୁମୁଳ ଯୁଦ୍ଧ, କେତେ ମଲେ କେତେ
ତହିଁ ପଳାଇଲେ ଛାଡ଼ି, କିଛି କାଳ ପରେ,
ଦୁର୍ମତି ରାବଣ ଦେଖି ଭଗିନୀ ଦୁର୍ଗତି,
ସୀତା ଦେବୀଙ୍କର ଗୁରୁ ନିରୁପମ ରୂପ
ଶୁଣିଣ ତାଠାରୁ, ହରିବାର ମୁଣ୍ଡ, ସୀତା
ହରଣ ମନାସି, ଢଙ୍ଗେ ବେନି ମାରୀଚକୁ
ଥସିଲା ଏ ବନେ—ରକ୍ଷ ମାଭରର ମା ।

ସ୍ୱର୍ଣ୍ଣ-ମୃଗ ରୂପ ଧରି କୁଟୀର ସମ୍ମୁଖେ,
ଭ୍ରମିଲା, ତା ଦେଖି ସୀତା ସୌନ୍ଦର୍ଯ୍ୟ ଲାଳସୀ
କହିଲେ ପତିଙ୍କୁ ମୃଗେ ଧରି ଦେବା ପାଇଁ ।
ସ୍ୱର୍ଣ୍ଣ ମୃଗ ସମ୍ଭବନ ଅସମ୍ଭବ ଜାଣି
ତଥାପି ଚଳିଲେ ରାମ ସ୍ୱୟଂ ଭଗବାନ
ଧରଣ ଆନାଶେ; ଆଉ ଅନ୍ୟ କଥା ଦୂରେ
(ଥାନ୍ତେ ବିପତ୍ତି ବେଳେ ପ୍ରାରବ୍ଧର ବଳେ
ପୂର୍ବକୃତ କର୍ମଫଳ ଭୋଗିବା ନିମନ୍ତେ
ଜଡ଼ୀଭୂତ ହୁଏ ବୁଦ୍ଧି ତଦାକାରେ, ତେଣୁ
ସୁବୁଦ୍ଧି କରଇ କାର୍ଯ୍ୟ ଦୁର୍ବୁଦ୍ଧି ପରାୟେ)
କିଛିକ୍ଷଣ ପରେ ସୀତା ଶୁଣି ଆର୍ତ୍ତନାଦ-
'ଲକ୍ଷ୍ମଣ, ଲକ୍ଷ୍ମଣ ଆସି ପ୍ରାଣ ରଖ ମୋର'-
( ପ୍ରୀତି ଯହିଁ ଭୟ ତହିଁ ପ୍ରକୃତି ନିୟମ )
ପତିଙ୍କୁ ବିପଦାପନ୍ନ ଭାବି ମନେ ମନେ
(ସତତ ଶଙ୍କିତ ପ୍ରୀତି କିଂକର୍ତ୍ତବ୍ୟ ମୂଢ଼
ଅମଙ୍ଗଳ ଅଟଙ୍କାରେ ପ୍ରିୟର ବିପଦେ)
କହିଲେ ଲକ୍ଷ୍ମଣେ "ଯାଅ ଆର୍ଯ୍ୟଙ୍କ ସାହାଯ୍ୟେ"
ସୌମିତ୍ରି ଭଣିଲେ ହସି ସୀତା ପ୍ରତି ଚାହିଁ
"କିପାଁ ବୃଥା ଭାବ ଦେବି, ଅର୍ଯ୍ୟଙ୍କ ବିପଦ !
ବିପଦ ବାରଣେ କେବେ ହୁଏ କି ବିପଦ ?
ତମ କେବେ ଅଲୋକକୁ ନ ପାରେ ପରଶି ।"
ସୀତାଙ୍କୁ ଏକାକୀ ଛାଡ଼ି ଯିବାକୁ ଲକ୍ଷ୍ମଣ
ହେଲେ ଅନିଚ୍ଛୁକ, ତହୁଁ କ୍ରୋଧେ ସୀତା ଦେବୀ
ଭର୍ତ୍ସିଲେ ସୌମିତ୍ରି ଦେବର, କ୍ରୋଧ ଅପମାନେ
ଚକ୍ଷୁ ଛଳ ଛଳ କରି, କହିଲେ ଲକ୍ଷ୍ମଣ
"ତବାଦେଶେ ତୁମ୍ଭଙ୍କୁ ମୁଁ ଛାଡ଼ିଲି ଏକାକୀ
ଭୁଞ୍ଜ କର୍ମଫଳ ଏବେ ଯାଅଛି ଏପାଟେ
ଚଳିଲି ମୁଁ ନାହିଁ ଦୋଷ ମୋର ।" କ୍ଷଣପରେ
ଭିକ୍ଷୁ ବେଶେ ତହୁଁ, ରକ୍ଷ ଶ୍ରେଷ୍ଠ ଆତତାୟୀ
ଆସିଲା ରାବଣ ପୁଣ୍ୟ ପର୍ଣ୍ଣ ପ୍ରାନ୍ତେ ଦୁଷ୍ଟ

ବିଭୂତ ଭୂଷିତ ଅଙ୍ଗ ଜଟା-କୂଟ ଶିରେ
କରେ କମଣ୍ଡଳୁ ( ବେଶ ଦେଖି ଗୁଣୀବୋଲି
ଭାବିଥିଲେ ସୀତା, କିନ୍ତୁ ଜାଣିଥା ରୋହିଣି
ବେଶ ଦେଖି ଗୁଣ ସଦା ନ ଥାଏ ଜଗତେ)
ଅତି ବିନୟରେ ଆସି ମାଗିଲା ଦୁଆରେ
"ଭିକ୍ଷ ଦିଅ ରଘୁବଧୂ କ୍ଷୁଧାର୍ତ୍ତ ଭିକ୍ଷୁକେ;"
କବାଟ ଓହ୍ଲାଡେ ଥାଇ ବଦନ ଅବରି
ସଲଜ୍ଜେ ପ୍ରଣମି ଦେବୀ କହିଲେ ସଙ୍କୋଚେ
"ନାହାନ୍ତି ଆଶ୍ରମେ କେହି ଅସିଲେ ସେ ଦେବେ
ବସନ୍ତୁ ଅଙ୍ଗନାସନେ ତରୁମୂଳେ ଦଣ୍ଡେ;"
"ଏତେ ଲଜ୍ଜା ସନ୍ନ୍ୟାସୀକୁ ଭିକ୍ଷା ଦେବାପାଇଁ
ନ ଜାଣି ଜନକ ସୁତା ତୁମ୍ଭେ କି କ ଭଦ୍ରେ !
ଏହି ଶିକ୍ଷା ତବ ? ଏଥିପାଇଁ ବୋଲୁଅଛ
ରଘୁକୁଳେ ଲକ୍ଷ୍ମୀ ? ଥାଅ ତେବେ ଚଳିଲି ମୁଁ"
ଏରୂପେ ମଧୁରେ ଭର୍ତ୍ସି ଉଠନ୍ତେ କପଟୀ
ଚିତ୍ତ-ଶଙ୍କା-କୁଳେ ଜାଗି, ଧାଇଁ ଭଦ୍ର ଭାବ
(ଭାବିଥିଲେ ମନେ ଯାହା ଫଳ ହେଲା ଆନ
ନିୟତି ନିର୍ବନ୍ଧ କିଏ କେ ପାରେ ଏଡ଼ାଇ )
ଭିକ୍ଷା ଦେଲେ ତରତରେ ଦିଅନ୍ତେ ତା କରେ
କପୋତକୁ ଶ୍ୟେନ ପ୍ରାୟେ ସୀତାଙ୍କୁ ମାୟାବୀ
କରଷିଲା ହଠଗଣ୍ଡ କର୍ଷଣ ରଥେ ।
କୁରରୀ ଶବର ଜାଲେ ପଡ଼ିଲା ପରାୟେ
କାନ୍ଦିଲେ ବ୍ୟାକୁଳେ ବୃଥା ଛଟପଟ ହେବା,
ରଥେ ଯାଉଁ ଯାଉଁ ପଥେ ଫିଙ୍ଗି ଅଳଙ୍କାର
ବିଭୂଷିତ ଅଙ୍ଗେ କଲେ ଭୂଷଣ ବର୍ଜନ
ଧିକ୍କାରିଣ ନିଜ ରୂପେ ସୌନ୍ଦର୍ଯ୍ୟ-ଦର୍ପଣ
କହିଲେ ବିଧିଙ୍କୁ କହି "କାହିଁ ଦେଲ ରୂପ
ନ ଦେଇ ଶକତି ପିତଃ ! ଯେ ରୂପ ରକ୍ଷଣେ,"
ବସୁଧାଙ୍କୁ କାନ୍ଦି ପୁଣି ସମ୍ବୋଧିଲେ ସତୀ
"ଦୁହିତା ଲକ୍ଷ୍ମଣା ମାଗୋ ଦେଖୁ ତୁ କେମନ୍ତେ

ଦିଅନ୍ତା ଗରଭେ ସ୍ଥାନ ଦୁଃଖିନୀକୁ ତୋର
ଲୁପ୍ତ ହେଉ ଆଜଠାରୁ ସୀତା ନାମ ଭବେ,"
ଡାକିଲେ ବିକଳେ ବନ-ଇଷ୍ଟଦେବେ, କିନ୍ତୁ
( ଭାଗ୍ୟେ ଥିଲେ ଦୁଃଖ କେହି ନ ଶୁଣେ ରୋହିଣି!)
କେହି ନ ଶୁଣିଲେ, ରଥ- ଲିଭି ଅକାଶେ;
ଏଣେ ସ୍ବର୍ଣ୍ଣ ମୃଗ ମାରି ରାମ ଆଶ୍ରମେ ଲେଉଟି
ସୀତାଙ୍କୁ ନ ପାଇ ତହୁଁ କାନ୍ଦିଲେ ବିକଳେ;
ଚେତନାଚେତନେ ଭେଦ ନ ରହି ସକଳେ
ଯାହାକୁ ଦେଖନ୍ତି ତାକୁ ପଚାରନ୍ତି "କହ
କାହିଁ ଗଲା ସୀତା ମୋର ପ୍ରାଣାଧିକା ପ୍ରିୟା;"
ପାଗଳ ପରାୟେ କେବେ ପୁଚ୍ଛନ୍ତି ପାଷାଣେ
କେବେ ତରୁଲତା ପଶୁପକ୍ଷୀଙ୍କୁ ନିରେଖି
"ପ୍ରାଣାଧିକା ସୀତା ମୋର କାହିଁ ଅଛି କହ;"
କ୍ଷୁଦ୍ର ନର ପ୍ରାୟେ ଦେଖି ରାମଙ୍କୁ ବିକଳ
ଶଙ୍କରୀ ପୁଚ୍ଛିଲେ ଶିବେ "ବୈକୁଣ୍ଠ ବିହାରୀ
ହର ଏହିକି ହେ ରାମ ? ସାମାନ୍ୟ ମାନବ
ପ୍ରାୟେ କାନ୍ଦେ ସେ-ବିକଳେ" "ସେହି ପରଂବ୍ରହ୍ମ
ଏହି ପରିପୂର୍ଣ୍ଣ ରାମ ଦିଶନ୍ତି ସେ ଦୁଃଖୀ
ପ୍ରାୟେ, କିନ୍ତୁ ବାସ୍ତବରେ ନୁହନ୍ତି ସେ ଦୁଃଖୀ,
ନିଶ୍ଚେ ଜାଣ ପ୍ରିୟେ ! ଏହା ଅବତାର ଲୀଳା;
ଦୁଷ୍ଟଙ୍କ ସ୍ବ ଅପରେ" ବୋଲି ବୋଇଲେ ମହେଶ
ନ ବିଶ୍ୱାସି ପତି ବାକ୍ୟ ଉଥାପି ଶଙ୍କରୀ,
ମାୟା ସୀତା ରୂପ ଧରି ପରଖିଲେ ରାମେ
(ଦେବୀ ସୁଖ-ଦୁଃଖ ଦ୍ୱାରେ ଏହିରୂପେ ଭବେ
ଘଟଣା ଚକ୍ରରେ ଜୀଏ ସଦା ଘୂର୍ଣ୍ଣାୟମାନ
ରୋହିଣି ! ନୋହିଲେ ଶିବ ବାକ୍ୟ ପାର୍ବତୀଙ୍କ
କେବେ, ଅବିଶ୍ୱାସ କରିଆନ୍ତେ, କହ, ହାୟ,
ପ୍ରାରବ୍ଧର ଗତି ରୋଧ ସାଧ୍ୟ କାର ଭବେ)
ଦୂରୁ ଦେଖି ରାମଚନ୍ଦ୍ର ସମ୍ଭାଷି ସହର୍ଷେ
ପୁଛିଲେ ସତୀଙ୍କୁ "କାହିଁ କୁଶଳ ତ ଦେବି

ସୀତାରୂପେ ଅବଭୂତା କାହିଁ ଅଛ ଏଥି ?”
ସଲଜ୍ଜେ ଶର୍ବାଣୀ ତହୁଁ ଧରି ନିଜ ରୂପ
ଆସନ୍ତେ ଶଙ୍କର ପାଶେ, କହିଲେ ଶଙ୍କର
“ଜଗତ ଜନନୀ ରୂପ ଧରିଛ ଯେ ଦେବୀ!
କେମନ୍ତେ ମୁଁ ସମ୍ଭାଷିବି ‘ପ୍ରିୟେ’ ବୋଲି ତାକୁ
ଏ ଜନମେ ତବ ସଙ୍ଗେ ଦେଖା ନାହିଁ ଆଉ,”
ଏତେ କହି ଅନ୍ତର୍ଦ୍ଧାନ ହୋଇଲେ ଶଙ୍କର;
ଶର୍ବାଣୀ ତେଜିଣ ତନୁ ସେ ଶୋକେ ତତକ୍ଷଣେ
ଜନ୍ମିଲେ ମେନକା ଗର୍ଭେ ହିମାଚଳେ ଯାଇ ।
ଏହି ସେହି ବନ ଯହିଁ ଜଟାୟୁ ପକ୍ଷୀନ୍ଦ୍ର
ଯୁଝିଥିଲା ରକ୍ଷ ସଙ୍ଗେ ସୀତାଙ୍କ ରକ୍ଷାର୍ଥେ
ଜାଣି ଅପ୍ରମେୟ ବଳ ରାବଣର ଯୁଦ୍ଧା,
ପାପବ୍ରତ ପିଶୁନଙ୍କୁ ଏହିରୂପେ ସିନା
ବାଧା ଦିଏ ଯଥାସାଧ୍ୟ ପ୍ରାଣ ମଣି ତୁଚ୍ଛ
ସୁକୃତ ଧରମୀ ଯେହୁ କର୍ମବୀର ଭବେ ।
ପକ୍ଷୀକୁଳେ ପୁଣ୍ୟଶୀଳ ଅରୁଣ ତନୟ
ତ୍ୟଜିଲା ପବନ ପ୍ରାଣ ରାମ ପଦେ କହି
‘ସୀତାହର୍ତ୍ତା ଆତତାୟୀ ଲଙ୍କାର ରାବଣ ।’
ସୀତା ଶ୍ରୀଚରଣୁ ଏଥି ପତିତ ନୂପୁର
ଜଣାଇଲା ଶ୍ରୀରାମଙ୍କୁ ମୂକ ସାକ୍ଷୀ ପ୍ରାୟେ
‘ସୀତାହର୍ତ୍ତା ଯାଇଅଛି ଏହି ପଥ ଦେଇ ।’
ଅରଣ୍ୟ ନଭେ ତାରା ପ୍ରାୟେ ସୁନ୍ଦର କିଷ୍କିନ୍ଧ୍ୟା
ପାର୍ବତ୍ୟ ପ୍ରଦେଶ ଦେଖ କପି-ବାସ-ସ୍ଥଳୀ
ସଂହାରି ବାଳୀକୁ ଏଥି ମହା ବଳଶାଳୀ
କୋଶଳେଶ ସୁଗ୍ରୀବେ କଲେ ଏ ନଗରେ ଭୂପ
ସ୍ଥାପିଲେ ଚିର ମିତ୍ରତ୍ୱ ରାମ ତାଙ୍କ ସଙ୍ଗେ;
ହନୁମାନ ଭକ୍ତ ଶ୍ରେଷ୍ଠ ସୁଷେଣ ସୁବୈଦ୍ୟ
ଜାମ୍ବୁବାନ ବୁଦ୍ଧିମାନ, ନଳ, ଅଙ୍ଗଦାଦି
ବହୁ କପିବୀର ହେଲେ ରାମଙ୍କ ସହାୟ ।
ମର୍କଟ କଟକ ବଳେ ସିନ୍ଧୁ ବାନ୍ଧି ରାମ
(ମସୀରେଖା ପ୍ରାୟେ ଦିଶେ, ସେତୁ ଦେଖ ଦୂରେ
ସ୍ପଷ୍ଟ ଛାୟାପଥ ଯଥା ସୁନୀଳ ଗଗନେ)
ଦୁର୍ଦ୍ଦାନ୍ତ ଦାନବକୁଳ-ଗର୍ବ-ଖର୍ବ କାରୀ,
ପ୍ରବେଶି ଲଙ୍କାରେ ନାଶି ସଂଘେ ରାବଣେ
*ଅତରୁ ଗୌରବ ରବି ତ୍ରିଭୁବନ-ବ୍ୟାପୀ
ଉଦ୍ଧାରିଲେ ସୀତା ସତୀ ହେଲେ ଧନ୍ୟ ଧନ୍ୟ
ରଘୁରେ ତ୍ରିପୁରଅରି ମାରି ଦଶାନନେ ।
ରମ୍ୟ ଦ୍ୱାରବତୀ ଶୋଭେ ନୀଳ ସିନ୍ଧୁନୀରେ
ସୁନୀଳ ନିର୍ମଳାକାଶେ ଶଶୀପୂର୍ଣ୍ଣ ପ୍ରାୟେ
ନକ୍ଷତ୍ରରେ ଚତୁର୍ଦ୍ଦିଗେ ପ୍ରାଚୀର ସଦୃଶ
ଫେନଶୁଭ୍ର ବୀଚିମାଳା ଜଳଧି ରଚଇ
କୌମୁଦୀ-ଧବଳ-ହର୍ମ୍ମ୍ୟ-ମାଳିନୀ ଦ୍ୱାରକା
ଶୋଭଇ ତା ମଧ୍ୟେ ଯଥା ସମୁଜ୍ଜ୍ୱଳ ମଣି
ଫଣୀନ୍ଦ୍ର ବାସୁକୀ ଶିରେ ଲକ୍ଷ ଫଣାଧାରୀ;
ଜଗତରେ ବସି ଯାର ଯାଦବ ଯୁବତୀ
ସୁନ୍ଦରୀ ଅପ୍ସରୂପା ଅମରାବତୀର
କ୍ରୀଡ଼ନ୍ତି କୌତୁକେ ଦେଖ ତୁଙ୍ଗ ସୌଧ ଶିରେ
ହରଷେ ପ୍ରେମିକା ସର୍ବେ କୌମୁଦୀ-ହାସିନୀ ।
ସମ୍ମୁଖେ ଗୋମତୀ ତୀର୍ଥ, ଜଳ ଯାହାର
ଯଦୁକୁଳବାଳା ସ୍ନାନେ ପରମ ପବିତ୍ର

* ଅସ୍ତୁର

ନର ଅସ୍ଥି ପଡ଼ି ଏଥି ହୁଏ ପରିଣତ
*ଚକ୍ରାକାରେ, ଅସ୍ଥିଧାରୀ ସ୍ୱର୍ଗ ପଦ ପାଏ ।
ଅମର ମହର୍ଷି ଦେବ ବେଦ-ଭାଷ୍ୟକାର
ଅଧ୍ୟାତ୍ମଜ୍ଞାନ ଜନ୍ମଦାତା ବେଦବ୍ୟାସଙ୍କର
ପବିତ୍ର ପୁରୁଷାଶ୍ରମ ଧରଣୀ ଅଗ୍ରତେ
ଅଜ୍ଞାନ ତାମସ ଧ୍ୱଂସୀ, ଜ୍ଞାନ ସୂର୍ଯ୍ୟ ଯହିଁ
ପାରିଜାତ-କଳ୍ପତରୁ ଅର୍ଘ୍ୟ ଜ୍ଞାନୋଦ୍ୟାନେ
ଗୀତାକାରେ ପ୍ରକଟିଲା ସମଗ୍ର ଭାରତେ,
ମୁକ୍ତିପ୍ରଦ ସେ ଆଲୋକ ଅନୁସରି କେତେ
ଯାଉଛନ୍ତି ମୋକ୍ଷଧାମେ ଚିର ଶାନ୍ତିମୟ-
ସୁଖର ଶାଶ୍ୱତାଶ୍ରମ ନିର୍ବାଣ ପ୍ରଦେଶେ,
ନରର ପରମ ଲକ୍ଷ୍ୟ ସକଳ ଧର୍ମର ।
ଦେଖ ଏ ଅନନ୍ତ ସିନ୍ଧୁ, ମନ୍ଥିଥିଲେ ଯାକୁ
ମନ୍ଦର ମନ୍ଥନ ଦଣ୍ଡେ ଓ ବାସୁକି ମଳ
ସର୍ପରାଜ ବାସୁକୀକୁ ରଜ୍ଜୁରୂପେ ଧରି ।
ଉଠିଲା ବାରିଧିଗର୍ଭୁ ସେ ଭୀମ ମନ୍ଥନେ
ମତଙ୍ଗ ପର୍ବତୋପମ ଶ୍ୱେତ ଐରାବତ
ମହାର୍ଣ୍ଣବ ବାଜୀବର ଗର୍ଭୁ ଉଚ୍ଚୈଃଶ୍ରବା,
ସିଦ୍ଧଙ୍କ ବର ବୈଭବ ପାରିଜାତ ତରୁ
ବଡ଼ ଆଦରର ଯାର ସୁମନ ମାଳାର
ସୁଗନ୍ଧ-ସୁମନ ପ୍ରିୟା ପୁରନ୍ଦରଙ୍କର ।
ଭୂଷଣ କୌସ୍ତୁଭମଣି ଅମୂଲ୍ୟ ରତନ,
ଜଗତ ମୋହନ କୃଷ୍ଣ ପରମ ଆଦରେ
ଯା ସୌନ୍ଦର୍ଯ୍ୟେ ମୁଗ୍ଧ ହୋଇ ନ ସମ୍ଭାଳି ଲୋଭ
ବହନ୍ତି ସାଦରେ ତାକୁ ହୃଦେ ଅହର୍ନିଶ ।

ନୀଳ ଇନ୍ଦୀବର ନେତ୍ରା ଇନ୍ଦିରା ସୁନ୍ଦରୀ
ରମଣୀ-ସୀମନ୍ତ-ମଣି ଐଶ୍ୱର୍ଯ୍ୟ ଦାତ୍ରୀ
ସୌନ୍ଦର୍ଯ୍ୟ-ଉପମା-ସୀମା ତବ ସ୍ୱାମୀ ସଙ୍ଗେ
ଉଠିଲେ ଯେତେବେଳେ ସିନ୍ଧୁ ଗର୍ଭ ସମାଲୋଡ଼ି,
ସେ ରୂପ ତରଙ୍ଗାଲୋକ ଢଳ ଢଳ ହୋଇ
ବ୍ୟାପିଗଲା ଜଳେ ସ୍ଥଳେ ବ୍ୟୋମେ ଚରାଚରେ
ଶଙ୍ଖୁଁ ଶଙ୍ଖୁଁ ଚତୁର୍ଦ୍ଦିଗେ ହର୍ଷେ ହୃଦନ୍ତରେ
ପ୍ରଥମ ପ୍ରତ୍ୟକ୍ଷେ ମୁଗ୍ଧ ଜୀବନେ ଅଥବା
ଜନ୍ମାନ୍ଧ ନୟନ ଦୃଷ୍ଟି ପାଇଲା ପରାୟେ
'କହେଲୁ କହେଲୁ' କହି ବିଶ୍ୱବାସୀ ସବେ
ମତ୍ତ ହେଲେ କୋଳାହଳେ ଅପୂର୍ବ ଆନନ୍ଦେ,
ସହସା ସେ ହର୍ଷଧ୍ୱନି ( ଜନ୍ମୀର ଚିଳସ୍ତୁ
ରବ ଜାତ କଣ୍ଠେ ଯଥା ) ପଶି ପଶି କର୍ଣ୍ଣେ
ପୂର୍ବୁ ବ୍ୟାକୁଳିତ ଚିତ୍ତ ସମୁଦ୍ର ମନ୍ଥନେ
ହସାନ୍ତେ ଐଶ୍ୱର୍ଯ୍ୟ ରାଶି ଥିଲେ ଅଧୈର୍ଯ୍ୟ
ବେଗଗ୍ରସ୍ତ ପ୍ରସ୍ତେ ଆଶା ତରଙ୍ଗ ଛଟାଳ, ସେ
ନ ସମ୍ଭାଳି ପୁଚ୍ଛ ଶୋକ ହୃଦ ବିଦାରକ ।
ଅଦ୍ୟାପି ନମତା ତାଙ୍କ ଯାଇ ନାହିଁ ମନୁଁ
ନରେଶ୍ଚନ୍ଦ୍ର ମାରପିଟ ନଭେ ଯେବେ ଇନ୍ଦୁ
ଲୋଟିପାନ୍ତି ବେଳା ପରେ ପାଗଳ ପରାୟେ ।
ଶ୍ରୀଅଙ୍ଗୁ ଉଦ୍ଧୃତ ସେହି ସ୍ନିଗ୍ଧ ଗୁରୁ ଜ୍ୟୋତି
ରଖିଲେ କୌତୁକେ ସବେ ଯତନେ ସମ୍ପାଦି
ଯଥାସାଧ୍ୟ ବର୍ଷା ବାରି କୃଷକେ ଯେସନ
ଖଣିରେ ରଖିଲେ ଜ୍ୟୋତି ରତନ ଆକାରେ
ହୀରା ନୀଳା ମୋତି ଆଦି ମଣିଗଣ ମଧ୍ୟେ

* ପ୍ରବାଦ ଅଛି, ଗୋମତୀ ନଦୀରେ ନର ଅସ୍ଥି ପତିତ ହେଲେ ଚକ୍ର ଆକାରରେ ପରିଣତ ହୁଏ, ତାହାକୁ "ଗୋମତୀ ଚକ୍ର" କହନ୍ତି । ଆଜିକାଲି ମଧ୍ୟ ଏକ ପ୍ରକାର ଚକ୍ରାକାର ଅସ୍ଥି ମୁଁ ଗୋମତୀ କୂଳରେ ଦ୍ୱାରକାରେ ଦେଖିଅଛି । ଅନୁମାନରେ ଏଗୁଡ଼ିକ ନରାସ୍ଥି ନୁହେଁ; ସାମୁଦ୍ରିକ ଜୀବାସ୍ଥି ।

ଚକ୍ଷୁର ଶୀତଳ ଶୋଭା ମର୍ମର ଆକାରେ
ରକ୍ଷିଲେ ପର୍ବତେ, ବନେ, ବନସ୍ଥିତ କୂଳେ,
ମହୌଷଧି ରୂପେ, ପୁଷ୍ପେ, ତରୁ ଲତା ଦଳେ,
ପକ୍ଷୀଗଣେ ମଣି ରୂପେ ରହିଲ, ଅସ୍ତ୍ରକେ
ମଣ୍ଡିଲେ ବିହଙ୍ଗ କୁଳେ, ସୁନୀଳ ଗଗନେ
ନୀରଦେ ରଚିଲେ ଜ୍ୟୋତି ଯତନେ ଆଦରେ
ତାଙ୍କ ପ୍ରିୟ ପ୍ରଣୟିନୀ ସୌଦାମିନୀ ମଧ୍ୟେ ।
ଦେବାସୁର ଆରମ୍ଭିଲେ ପୁଣି ମନ୍ଥିବାକୁ
ସିନ୍ଧୁକୁ ନିର୍ଦ୍ଦୟେ, ଜାତରତ୍ନ ଲୋଭୀ ନୃପେ
ଧନତୃଷ୍ଣ ଯେସନେ ଦୁଃଖସାର କରି ସୁଦ୍ଧା
ହରି ତା ବିଭବ, ପୁନଃ ପୁନଃ ସେ ପୀଡ଼ନେ
ରାଜା ପ୍ରଜା ଅବା ଯେତେ ସେ ରାଜ୍ୟ ନିବାସୀ
ଲଭନ୍ତି ଅଶେଷ କଷ୍ଟ, ତେସନ ମନ୍ଥନେ
ଜଳ ଦଳପତି ଆଉ ସିନ୍ଧୁ ଜଳଚରେ
ଲଭିଲେ ବିଶେଷ ଦୁଃଖ, ଅବଶେଷେ ସିନ୍ଧୁ
ଦେବାସୁର ପଦେ ଆସି ଯାଚିଲେ ଶରଣ,
ମୃତ-ପ୍ରାଣ-ସଞ୍ଚାରିଣୀ ପ୍ରାଣାଧିକା ପ୍ରିୟ
ଅମର ମହା ଔଷଧି ଅମୃତ ଦେଇଣ;
ସେ ଅମୃତ ଦେଖି ସର୍ବେ ଲଭିଲେ ହରଷ
କିନ୍ତୁ ସେ ହରଷ ହେଲା କ୍ଷଣେ ପରିଣତ
ଅମୃତ ବଣ୍ଟନ ଘେନି ବିଷମ ବିବାଦେ;
ଲାଗିଲା ତୁମୂଳ କଳି ଦେବା-ସୁର ମଧ୍ୟେ;
ମନ୍ମଥ-ମୋହନ କୃଷ୍ଣ ମୋହିନୀ ବେଶରେ
ଭ୍ରମିଲେ ଏକାଳେ ଏକା ବେଳା କୁଞ୍ଜ ପାଶେ
କନକ ନୂପୁର ରୁଚ ଗୁଂରୁ ଭ୍ରମରୁ ହର୍ଷେ
ଉଡି ଯାଉ ଥିଲା ତାଙ୍କ ଅଞ୍ଚଳ ଶ୍ରୀଅଙ୍ଗୁ
ମଧ୍ୟେ ମଧ୍ୟେ ସିନ୍ଧୁ ବାତେ, ଝଡୁ ଥିଲେ ତହିଁ
ଅଳିଗଣେ ରୂପେ ଗନ୍ଧେ ପଦ୍ମ ଭାବି ଭ୍ରମେ,
ସେ ଗୂଢ଼ ମୂରତି ଦେଖି ମନ୍ତ୍ରମୁଗ୍ଧ ବତ
ଦେବାସୁର ସର୍ବେ ମିଳି ମଧ୍ୟସ୍ଥା କରିବେ-
ବୋଲି ତାଙ୍କୁ ଏ ବିବାଦେ; ଏହି ବ୍ୟାଜେ ଛଳେ
ଆସିଣ ସମୀପେ କଲେ ଅନୁରୋଧ ତାଙ୍କୁ
ଅମୃତ ବଣ୍ଟନେ; ହସି ହସି ଲାଜେ ଲାଜେ
ଭଷିଲେ ସୁନ୍ଦରୀ "କର ସତ୍ୟ ମୋ ବଣ୍ଟନେ
ହେବ ଯଦି ରାଜି ।" "ସତ୍ୟ କଲୁଁ ନେଲୁ ସର୍ବେ
ଦେବି ! ଯାହାକୁ ଯା ଦେବ କହୁଛୁ ଯଥାର୍ଥ"
ଏତେ କହି ବସିଗଲେ ଦୁଇ ଧାଡ଼ି ହୋଇ ।
ଚତୁରକରେ ସୁଧାପାତ୍ର ଘେନିଣ ସୁନ୍ଦରୀ
ଦେବେ ଦେଇଁ ଦେଇଁ ସୁଧା କରିଦେଲେ ଶେଷ;
ମହାଦୁଃଖେ ଦଇତ୍ୟେ ରହିଲେ ବିମର୍ଷେ
ନପାଇ ଅସୁରେ ଭାଗ କଲେ ଅନୁରୋଧ
ଦେବତାଙ୍କ ଅଗୋଚରେ ମନ୍ଥିବାକୁ ସିନ୍ଧୁ,
ରୁଦ୍ଧ ପାତ୍ରେ ଜଳ ରଖି ଜାଳିଲେ ଯେସନ
ବହୁକାଳ ଅବଶେଷେ ବିଦରେ ସେ ପାତ୍ର;
ମହାଦୁଃଖେ ଦୀର୍ଘଶ୍ୱାସ ଫୁତ୍କାର ପରଶେ
ତପ୍ତ ଧୂମରାଶି ଉଠେ ଚତୁର୍ଦ୍ଦିଗେ ତହିଁ,
ଦୈତ୍ୟଙ୍କ ସିନ୍ଧୁ, ଶ୍ରାନ୍ତ ନଗେନ୍ଦ୍ର ତେସନ
ସେ ମନ୍ଥନେ ଦୀର୍ଘଶ୍ୱାସ ତ୍ୟଜିଲେ ଅଥୟେ ।
ଫେନଚୂଡ଼ ଉଚ୍ଚ ଊର୍ମି ପର୍ବତ ପ୍ରତିମ
ଆବର୍ତ୍ତ ସହିତ ଘୋର-ଭୀମନାଦ-ନାଦୀ
ସିନ୍ଧୁ ଗର୍ଭୁ, କାଳକୂଟ କରାଳ ଗରଳ
ତପ୍ତ ଖରଶ୍ୱାସ ସଙ୍ଗେ ମହା ଜ୍ୱାଳାମୟ
ମିଶି ଶେଷ ନାଗଙ୍କର ଉଠିଲା ରୌଦ୍ରବେଗ;
ଅସହ୍ୟ ସେ ଜ୍ୱାଳା ବେଗେ ଦେବାସୁର ଯେତେ
'ତ୍ରାହି ତ୍ରାହି' ଡାକ ସର୍ବେ ଛାଡ଼ିଲେ ବିକଳେ
ଅବଶେଷେ ସଙ୍କର୍ଷଣ ଦୟା ବହି ଚିତ୍ତେ
ଦେବଦୈତ୍ୟ ହିତ ଅର୍ଥେ ପିଇ ସେ ଗରଳ
'ନୀଳକଣ୍ଠ' ନାମେ ଖ୍ୟାତ ହେଲେ ତ୍ରିଭୁବନେ ।
କୂର୍ମ ପୃଷ୍ଠ ପ୍ରାୟେ ଦେଖ ଚନ୍ଦ୍ରଚାଳ ଯାଏ
ବୃତ୍ତାକାରେ ଘନରାଶି ଘେରୁଛି ରୌଦ୍ରକେ,

ଅସୀମ ଏ ସିନ୍ଧୁ ରୂପ ନୁହେ କଳନୀୟ
ଗୁଣ ମଧ୍ୟ ପ୍ରଚେତାଙ୍କ ଅନନ୍ତ ଅପାର
ଅନନ୍ତ ରତନ ଖଣି ଧରନ୍ତି ଗରଭେ
ତେଣୁ 'ରତ୍ନାକର' ନାମ ବିଖ୍ୟାତ ତ୍ରିଲୋକେ;
ବାରି ରାଶି ଦେଇ ଗର୍ଭୁ ମିହିର ଯାହାର
ଉଠନ୍ତି ନୀରଦ ଧରି-ଜୀବ-ଶାନ୍ତି-କାରୀ,
ସଦା ପରାଶ୍ରୟ ଦାତା ପର ଉପକାରୀ
ବସନ୍ତି ନିଶ୍ଚିନ୍ତେ ତେଣୁ ଗରଭେ ତାଙ୍କର
ଶୈଳେ, ଇନ୍ଦ୍ର ଭୟେ ଛାଡ଼ି ନିଜ ବାସସ୍ଥଳୀ
ବିଷୟ ବିକାରେ ଯଥା ସ୍ଥିତ-ପ୍ରଜ୍ଞ-ଚିତ୍ତ
ନ ହୋଇ ଚଞ୍ଚଳ ସଦା ଥାଏ ସୁପ୍ରଶାନ୍ତ,
ତେସନ ପ୍ରସନ୍ନ ସଦା ସିନ୍ଧୁ ଜଳପତି
ଅସଂଖ୍ୟ ସରିତ ଗର୍ଭେ ପଶିଲେହେଁ ତାର ।
ମହତ ଆଶ୍ରୟ ଦାତା ମହତ ସତତ

ତେଣୁ ପ୍ରଳୟାନ୍ତକାରୀ ବିଷ୍ଣୁଙ୍କ ସ୍ୱପୁରେ
ପ୍ରଳୟାନ୍ତେ ଶାନ୍ତି ପାଇଁ ଦିଅନ୍ତି ଆଶ୍ରୟ ।
ଦେଖି ଦେଖି ଦୂରେ ଏକ ଶ୍ୟାମ ତମୋଗିରି
ଚଳେ ଶୈଳାଗ୍ରରେ ଚଳେ ସ୍ରୋତ ପତିକୂଳେ ।
ମତେ ଲଇ ବିମାନ ତହିଁ ଚଳିଲା ସୁଦୂରେ,
କହିଲେ ସ୍ୱପନ ଦେବୀ "ଦେଖ ଏ ପ୍ରଦେଶ
✢ପଞ୍ଚାପ ସଂଯୋଗେ ନାମ ପଞ୍ଜାବ ଏହାର;
ଜନ୍ମିବେ ✣ନାନକ ନାମେ ମହାତ୍ମା ଏ ଦେଶେ
ଧର୍ମବୀର ଦୂରଦର୍ଶୀ ଏକ-ଆତ୍ମାବାଦୀ,
ଭବ-ଆର୍ଯ୍ୟ ପତନର ଏକମାତ୍ର ହେତୁ
ଜାତିଭେଦ, ଜାଣି ଏହି ମହାତ୍ମା କୌଶଳେ
ପଞ୍ଚ✱'କ'କାର ସଂଯୋଗେ ନବ୍ୟ ଧରଣର
ଧର୍ମ ରାଜ୍ୟେ ନବ ପନ୍ଥା ସୃଜି ଏ ଆର୍ଯ୍ୟଙ୍କୁ
ବାନ୍ଧିବେ ଏକତା ସୂତ୍ରେ ନବ ❦'ଶିଖ' ଧର୍ମେ

✢ ବିତସ୍ତା, ଚନ୍ଦ୍ରଭାଗା, ଇରାବତୀ, ଶତଦ୍ରୁ ବିପାଶା ଏହି ୫ଟି ନଦୀ ସଂଯୋଗରେ ପଞ୍ଜାବ ହୋଇଅଛି

✣ ଶିଖଧର୍ମ ପ୍ରଚାରକ ।

✱ ପଞ୍ଚ "କ" କାର-କେଶ, କଙ୍କଣ, କୃପାଣ, କାଛା (ଜଙ୍ଘିଆ) କଙ୍ଗେଇ (ପାନିଆ) ଏପାଞ୍ଚୋଟି ଶିଖ୍ ମାନଙ୍କର ସାମାଜିକ ପୋଷାକ; କେଶ କର୍ତ୍ତନ ନିଷିଦ୍ଧ, ହାତରେ ପଟେ ଲୌହ କଙ୍କଣ; ପୋଷାକ ତଳେ ଜଙ୍ଘିଆ, କରବାଳ ଅଭାବରେ ଛୁରୀ, ଓ ମୁଣ୍ଡରେ ପାନିଆ ସଦାବେଳେ ଥାଏ ।

❦ ଶିଖ୍ ଧର୍ମ—ଏ ଧର୍ମରେ ଜାତି ଭେଦ ନାହିଁ ବ୍ରାହ୍ମଣ ଠାରୁ ଚଣ୍ଡାଳ ଯାଏ ସମସ୍ତେ ଦୀକ୍ଷିତ ହୋଇ ପାରନ୍ତି । ଉପରୋକ୍ତ ପ୍ରକାର ପୋଷାକ ଏମାନଙ୍କର ସବୁବେଳେ ସଙ୍ଗେ ସଙ୍ଗେ ଥାଏ । ତାମ୍ରକୂଟ ସେବନ ଏ ଧର୍ମରେ ଅତ୍ୟନ୍ତ ନିଷିଦ୍ଧ, ଏମାନଙ୍କ ମଧ୍ୟରେ ନିଷ୍ଠାପର ବ୍ୟକ୍ତିମାନେ ତମାଖୁ କ୍ଷେତରେ ମଧ୍ୟ ଗତାୟାତ କରନ୍ତିନାହିଁ, କିନ୍ତୁ ମଦ୍ୟ ଓ ଅନ୍ୟାନ୍ୟ ନିଶା ପଦାର୍ଥକୁ ପ୍ରାୟ ଏମାନେ ନିଷିଦ୍ଧ ପଦାର୍ଥ ମଧ୍ୟରେ ଗଣ୍ୟ କରନ୍ତି ନାହିଁ । ଗୁରୁ ଓ ନିରାକାର ବ୍ରହ୍ମ ଭିନ୍ନ ଅନ୍ୟ ଦେବତାଙ୍କୁ ପୂଜନ୍ତି ନାହିଁ, ଏମାନେ ଖୁବ ବଳଶାଳୀ ଏମାନେ ଶୂକର ମାଂସ କୁକ୍କୁଟ ମାଂସ ଭୋଜନ କରନ୍ତି । ଅନ୍ୟ ସମସ୍ତ ଆଚରଣ ପ୍ରାୟ ହିନ୍ଦୁଙ୍କ ପରି ।

'ମହମ୍ମଦ' ନାମେ ଏକ ଧର୍ମ ପ୍ରଚାରକ
ପ୍ରଚାରିବେ ନବ ଧର୍ମ ପଶ୍ଚିମରୁ ଆସି,
ବହୁ ଆର୍ଯ୍ୟ-ପୁତ୍ର ହେବେ ସେ ଧର୍ମେ ଦୀକ୍ଷିତ
ଭୀଷଣ ବିପ୍ଳବ ତେଣୁ ଧର୍ମ ସାମ୍ରାଜ୍ୟ ପରେ
ଲାଗିବ ଆର୍ଯ୍ୟଙ୍କ ମଧ୍ୟେ, ସେ କାଳେ 'କବୀର'-
ନାମେ ଧର୍ମ ବୀରାଗ୍ରଣୀ ଜନ୍ମି ଏ ପଞ୍ଜାବେ
ସ୍ୱୀୟ ପ୍ରଭାବରେ ସୃଜି ନବ ପନ୍ଥା ଧର୍ମେ
ମିଳାଇବେ ଦୁଇ ଦଳେ ହିନ୍ଦୁ ମୁସଲ୍‌ମାନେ ।
କିନ୍ତୁ ଏ ମିଳନ ହେବ ଅଳ୍ପକ୍ଷଣ ସ୍ଥାୟୀ
ସ୍ରୋତ ମୁଖେ ବାଲିବନ୍ଧ କ୍ଷଣିକ ଯେସନ
କିମ୍ବା ପଦଚିହ୍ନ ଯଥା ବାଲୁକା ସ୍ତୂପରେ ।
ଭୀଷଣ କାନ୍ତାର ଦେଖ ମରୁମୟ ଭୂମି
ମରୀଚିକା ଖେଳ ଯହିଁ କଲ୍ଲୋଳିନୀ ରୂପେ
ଭ୍ରମାଏ ଦିବସେ ପାନ୍ଥେ ମହା ମାୟାବିନୀ
ନୃପତି 'ପ୍ରତାପ ସିଂହ' ନାମେ ସୁପ୍ରତାପୀ
ଜନ୍ମିବେ କ୍ଷତ୍ରିୟ କୁଳେ କାଳେ କର୍ମବୀର
ଦେଶ-ହିତ ବ୍ରତେ ପ୍ରାଣ ବିସର୍ଜିବେ କିନ୍ତୁ
ନ ହେବେ ଏ ପରାଧୀନ ଜୀବନେ କଦାପି ।
'ଶାହାଜାହାଁ' ନାମେ ନୃପ ଇସ୍‌ଲାମ ଧର୍ମୀ
ସୌନ୍ଦର୍ଯ୍ୟ-ମର୍ଯ୍ୟାଦା ଜ୍ଞାତା ନିର୍ମାଣିବେ ପୁରୀ
ବିଚକ୍ଷଣ କାରୁକାର୍ଯ୍ୟ, ସୌନ୍ଦର୍ଯ୍ୟ ଯାହାର
ବିଶ୍ୱଶିଳ୍ପୀ ବିଶ୍ୱକର୍ମା ହେବେ ଅଧୋମୁଖ,
ଆଶ୍ଚର୍ଯ୍ୟ, ମୋହିତ ହେବେ ବିଶ୍ୱବାସୀ ସର୍ବେ ।
କ୍ଷିପ୍ରଗତି ସ୍ରୋତସ୍ୱତୀ କ୍ଷୁଦ୍ର ସିପ୍ରାତୀରେ
ନିତ୍ୟ ନବ ଶୋଭା ଭସ୍ମେ ପୂଜା ହୁଏ ଯାର
ସେହି ମହାକାଳେଶ୍ୱର ସୁରକ୍ଷିତ ପୁରୀ
ନଗରୀ ଅଗ୍ରଣୀ ଦେଖ ଶୁଭ୍ର 'ଉଜ୍ଜୟିନୀ',
ରାଜଧାନୀ କରି ଯାକୁ ବିରାଜିବେ ଭୂପ

ଅଦ୍ୱିତୀୟ ପ୍ରତାପ ପ୍ରଭୁ ଶ୍ରୀ ବିକ୍ରମାଦିତ୍ୟ
ରାଜଚକ୍ରବର୍ତ୍ତୀ, କବି, ଗୁଣୀ, ଗୁଣଗ୍ରାହୀ;
କବି କାଳିଦାସ କାବ୍ୟ-ସୁକୌଶଳୀ ଆଦି
ନବରତ୍ନ 'ଖନା' ଜ୍ୟୋତିଷ-ଶାସ୍ତ୍ରଜ୍ଞା ସହିତେ
ବଙ୍ଗଦେଶୁ ନୃପ ଏକ ଭର୍ତ୍ତୃହରି ନାମେ
ଦାମ୍ପତ୍ୟ-ପ୍ରଣୟ-ପଥେ ବିଷ ମିଶ୍ର ଦେଖି,
ତ୍ୟଜି ରାଜ୍ୟ ପତ୍ନୀ ଆଦି ବିଷୟ ବାସନା
ସିଦ୍ଧ ହେବେ ସାଧି ଏଥି କଠୋର ତପସ୍ୟା ।
ନର୍ମଦା-ନିର୍ମଳନୀରା, ତଟେ ଯାର ଦୂରେ
*କେରଳ ବନଭୂମି ଦେଖ ପୂର୍ଣ୍ଣା ନଦୀ
ଜନ୍ମିବେ ଯା କୂଳେ କାଳେ କୈଳାସ ନିବାସୀ
ଶଙ୍କର 'ଶଙ୍କରାଚାର୍ଯ୍ୟ ଜଗଦ୍‌ଗୁରୁ' ବୋଲି
ବୋଲାଇବେ ଲୋକେ, ହେବେ ଜ୍ଞାନୀଗଣାଗ୍ରଣୀ,
ଧର୍ମ ନଭେ ଉଇଁବେ ଏ ଭାସ୍କର ସ୍ୱରୂପ
ଉଜ୍ଜ୍ୱଳିବେ ଦଶଦିଶ ସ୍ୱୀୟ ପ୍ରଜ୍ଞାଲୋକେ,
ଯେ ଆଲୋକେ ଧରା ହେବେ ଭବାର୍ଣ୍ଣବ ପାରି
ଅଜ୍ଞଜନେ ଅବିଦ୍ୟାନ୍ଧ ଅନ୍ଧକାରମୟ,
ଦୀପ୍ତ ସୂର୍ଯ୍ୟାଲୋକେ ଯଥା ବୋଇତ ଯାତ୍ରୀଏ
ହୁଅନ୍ତି ତାମସୀ ତମେ ସୁଖେ ସିନ୍ଧୁ ପାରି ।
ଭେଦବାଦୀ-କୁସଂସ୍କାର-ତାମସ ଜଡ଼ିତ
ଭାରତର ଧର୍ମପଥ ଦିଶିବ ଶାଶ୍ୱତ
ସମୁଜ୍ଜ୍ୱଳ, ଉଜ୍ଜ୍ୱଳିତ ତାଙ୍କ ପ୍ରଜ୍ଞାଲୋକେ,
ଲୁପ୍ତ ପ୍ରାୟ ସନାତନ ଧର୍ମେ ଏ ମହାତ୍ମା
ଉଦ୍ଧାରି ସ୍ଥାପିବେ ସ୍ୱୀୟ ସୁ-ପ୍ରତିଭା ବଳେ
ଜ୍ଞାନଗର୍ଭ ବେଦାନ୍ତର ଉଚ୍ଚତମ ଧର୍ମ,
ସିଦ୍ଧାନ୍ତ ଅଦ୍ୱୈତମତେ ପ୍ରଜ୍ଞା ଜ୍ୟୋତି ଯୋଗେ
ଖଣ୍ଡି ନାସ୍ତିକାଦି ବହୁ ଭେଦବାଦୀ ମତେ
ହରାଇ ସୁଯୁକ୍ତି ତର୍କେ ନୈୟାୟିକ ଗଣେ

* ଶଙ୍କରାଚାର୍ଯ୍ୟଙ୍କ ଜନ୍ମସ୍ଥଳୀ

ଅକାଟ୍ୟ କୁଟିଳ ଯୁକ୍ତି ପ୍ରଦର୍ଶନକାରୀ
କରଦେବେ ମୁକ୍ତି ପଥ ସହଜ ସରଳ
ଧର୍ମରାଜ୍ୟେ ଅଦ୍ୱିତୀୟ ଚକ୍ରବର୍ତ୍ତୀ ହେବେ
ବିରଚି ପ୍ରସ୍ଥାନତ୍ରୟ* ଟୀକା ସୁବୋଧିନୀ ।
ବିଜୟୀର ବୈଜୟନ୍ତୀ ଉଡ଼ିବ ଭାରତେ
ତାଙ୍କ ନାମେ ପ୍ରତି ତୀର୍ଥେ ପ୍ରତି ପୀଠ ସ୍ଥଳେ
ହିମାଳୟୁ କୁମାରିକା ପର୍ଯ୍ୟନ୍ତ ସର୍ବତ୍ର ।
ସେତୁବନ୍ଧେ ରାମେଶ୍ୱର ରାମ ପ୍ରତିଷ୍ଠିତ,
କମଳ କଳିକା ଦେଇ ସ୍ୱର୍ଣ୍ଣ ଲଙ୍କା ପୁର
ବାରିଧି ଧୌତ ପାଦ ପୂଜିଅଛି ଯାର ।"
ଏହିରୂପେ ନାନା ତୀର୍ଥ ଆଶ୍ରମ ଅରଣ୍ୟ
କେତେ ମନୋହର କେତେ ଭୟପ୍ରଦ ସ୍ଥଳୀ
ଜନପଦ, ବନ ଆଦି ଦାକ୍ଷିଣାତ୍ୟ ନଭେ
ଭ୍ରମିଣ ଆସିଲେ ତହୁଁ ଉତ୍କଳ ଅଞ୍ଚଳେ,
ପୁଣ୍ୟ ଭୂମି ଭାରତର ମନୋହର ପୁରୀ;
"ଫେନଚୂଡ଼ ଗୁରୁ ଊର୍ମି ଉତ୍ତାଳ ସଙ୍କୁଳ
ଭୀଷଣ ସୁନ୍ଦର ଏହି ପୟୋଧି ପୁଳିନେ
ସୁଖ୍ୟାତ ନୀଳାଦ୍ରି ନାମେ, ଏ ଅଦ୍ରି ଶିଖରେ"
କହିଲେ ସ୍ୱପନ ଦେବୀ "ଦେଖ ଏହି ସ୍ଥାନେ
ଦାରୁବ୍ରହ୍ମରୂପେ କୃଷ୍ଣ ଭଗବାନ ସ୍ୱୟଂ
କୁରୁ ଯୁଦ୍ଧ ଶେଷେ ପୁଣି ସ୍ୱବଂଶ ବିନାଶି,
ଭୂଭାର-ହରଣ-କାର୍ଯ୍ୟ ନିଃଶେଷି ଏ ରୂପେ
ସିନ୍ଧୁ-ସ୍ରୋତ ସଙ୍ଗେ ଆସି ପ୍ରତ୍ୟୁଷ ସେବେଳେ
ବିରାଜିବେ "ଜଗନ୍ନାଥ" ନାମବହି ଭବେ ।
ଗହଣେ ଆସିବେ ତାଙ୍କ ସର୍ବ ଦେବଦେବୀ
ଭୂପ ସଙ୍ଗେ ଭୃତ୍ୟ ପରି, ଖଟଣି ନିମନ୍ତେ
ଏ ତୀର୍ଥ ଦର୍ଶନେ ତେଣୁ ଲଭିବେ ମାନବେ
ସର୍ବ ତୀର୍ଥ ଦର୍ଶନର ପୁଣ୍ୟ ଏକାବେଳେ

ଶ୍ୱାପଦ ସଙ୍କୁଳେ ଏହି ଭୀମ ନୀଳାଚଳ
ହେବ କାଳେ ପରିଣତ ମହାତୀର୍ଥ ରୂପେ,
ଧର୍ମାଗ୍ରଣୀ 'ପୁରୀ' ନାମେ ବୋଲାଇବ ଲୋକେ,
ଧରମର ମୂଳମନ୍ତ୍ର 'ସାମ୍ୟନୀତି' ଏଥି
ପ୍ରତିଷ୍ଠିବେ ବହୁକାଳ ରହିବ ଏଠବେ,
ଯଶଧ୍ୱଂସୀ କାଳ ବଶେ ନବୀନ ଭାବଦ,
କୁଟିଳ କୁନୀତି ପ୍ରିୟ କଳି ଗୁଣେ କଳୁ
ସେହି ସାମ୍ୟନୀତି କ୍ରମେ ଲଭିବ ଦୁର୍ଗତି
ଅନୀତି ଓ ଅନାଚାରେ ହୋଇ ପରିଣତ,
ଉଚ୍ଛିଷ୍ଟ ଭୋଜନେ ରହି ହେବ ହାସ୍ୟାସ୍ପଦ
ଜନ୍ମିବେ ଯେବେ ଏଥି ଭେଦବାଦୀ ଗଣେ
ଜାତୀୟ ବିଦ୍ୱେଷ ବହ୍ନି ଜଳାଇ ପ୍ରଚଣ୍ଡେ
ଏନୀତି ବିରୋଧୀ ଅତି ତୁଚ୍ଛ ଭାବ ଯେନ ।
ଲୋଭ କାମାସକ୍ତ ଚିତ୍ତ, କୁସଂସ୍କାର ପ୍ରିୟ
ଧର୍ମଧ୍ୱଜୀ ଧରି ହେବେ ମହା ପାପାଚାରୀ
ପେଚକ ଚକୋର ବୀର୍ଯ୍ୟ ଜନ୍ମ ହେଲା ପ୍ରାୟେ
ଶୁଦ୍ଧ ସତ୍ତ୍ୱ-ଗୁଣଧାରୀ ବ୍ରାହ୍ମଣ ଔରସେ
ଜନ୍ମିବେ ଚଣ୍ଡାଳ, କୁଳ-ପାଂଶୁଳ ତାମସୀ,
ସ୍ୱର୍ଗପ୍ରାୟ ପୁରୀ ହେବ ନର୍କେ ପରିଣତ ।
ପ୍ରତି ତୀର୍ଥେ ଭାରତରେ ଏହି ଅଧୋଗତି
ଦେଖି, ସେବେଳେ ଶ୍ରୀହରି, କରୁଣାସାଗର,
ପାପ ସ୍ରୋତ ରୋଧିବାକୁ ଧରିବେ ମୂରତି
ଭୀତିପ୍ରଦ କଳ୍କୀରୂପେ ବିନାଶି ଦୁଷ୍ଟଙ୍କୁ
ସ୍ଥାପି ଶାନ୍ତିରାଜ୍ୟ ପୁନଃ ଚଳିବେ ବୈକୁଣ୍ଠେ ।
ସୁନୀଳ ଫେନିଳ ତୁଙ୍ଗ ତରଙ୍ଗ ମାଳିନୀ
ଉତ୍କଳ ଶିଖର କୂଳ ସୁଗୁରୁ ଦର୍ପଣ,
ଚିର ଗୁରୁ ରୂପା ଦେଖି ଚିଲିକା ସାର୍ଥିକା
ଉତ୍କଳର ପାଦମୂଳେ ପୂଜଇ କେମନ ।"

* ଦଶ ଉପନିଷଦ, ବେଦାନ୍ତ ଦର୍ଶନ, ଭଗବଦ୍ଗୀତା

କ୍ଷଣେ ଦୂର ଯାଇ ଦେବୀ ଖଣ୍ଡ ଗିରି ଦେଖି
କହିଲେ "ଏ ଅପ୍ରସିଦ୍ଧ ଶୈଳ ହେବ କାଳେ
ସୁପ୍ରସିଦ୍ଧ ଅନଶ୍ୱର ବୌଦ୍ଧ-କୀର୍ତ୍ତି ବହି ।
ଏସ୍ଥଳୀ କୋଣାର୍କ କ୍ଷେତ୍ର ବୋଲାଇବ ଲୋକେ
ରମ୍ୟ ହର୍ମ୍ମ୍ୟେ ବସିବେ ସୂର୍ଯ୍ୟଦେବ ଏଥି,
ହର୍ମ୍ମ୍ୟ କାରୁ-କାର୍ଯ୍ୟ ଶିଳ୍ପ-ସୁଚାତୁର୍ଯ୍ୟ ଦେଖି
ସ୍ୱର୍ଗେ ଦେବ-ଶିଳ୍ପୀ ହେବେ ଈର୍ଷାଲାଞ୍ଛିତ ।
ଏହି ଗିରି ବେଳାଭୂମି ହେବ ଯାହା କାଳେ
ଶ୍ରୀଫଳ ନିକୁଞ୍ଜେ ପୂର୍ଣ୍ଣ, ନାମ 'ସତ୍ୟବାଦୀ'
ଭକ୍ତବାଞ୍ଛା ପୂର୍ଣ୍ଣ ଲାଗି ବୃନ୍ଦାବନୁଁ ଆସି
ଗୋପାଳ ରହିବେ 'ସାକ୍ଷୀ-ଗୋପାଳ' ସ୍ୱରୂପେ ।
ପୁଣ୍ୟ ତପୋବନ, ପୁରେ, ଏକାମ୍ର କାନନ
ତ୍ରିଭୁବନେଶ୍ୱର ଶିବ ବସିବେ ଏଥି
ତେଣୁ ଏ 'ଭୁବନେଶ୍ୱର' ବୋଲାଇବ ଲୋକେ ।
ଉତ୍କଳ ମୁକୁଟମଣି, କାଳୀ ବାସସ୍ଥଳୀ,
ଚଣ୍ଡୀ ସୁରକ୍ଷିତ ଏହି କଟକ ନଗର,
ମହାନଦୀ କାଠଯୋଡ଼ି ବୃତ୍ତାକାରେ ଯାର
ବେଷ୍ଟିଛନ୍ତି ଉଭୟପାଶେ, ଚନ୍ଦ୍ରଙ୍କୁ ଯେସନେ
ନିର୍ମ୍ମଳ ଗଗନେ ଚନ୍ଦ୍ରମଣ୍ଡଳ ବେଢ଼ଇ;
କଟକର କୁଟିହାର ପ୍ରଶସ୍ତ ତଟିନୀ,
ମହାନଦୀ ପରପାରେ କପିଳାସ ଶୈଳେ
ସୁଗନ୍ଧ୍ୟା ତରୁ ପୁଞ୍ଜେ ଗିରିକୁଞ୍ଜାକୃତ
ନିରେଖିଲେ ଯହିଁ ଦିଶେ ଅତି ଅପ୍ରଶସ୍ତ,
ସମୁଜ୍ଜ୍ୱଳ ସୌର କରେ ସୂକ୍ଷ୍ମରେଖା ପ୍ରାୟେ
ପ୍ରଶସ୍ତ ସୈକତ ଶଯ୍ୟା ମହାନଦୀ ଗର୍ଭେ ।"
ଅଭ୍ରଗର୍ଭ ସେ ଶିଖରେ ଶଶାଙ୍କ-ଶେଖରେ
ଝର-ଉରଗମ ଧାମେ ପାର୍ବ୍ବତୀ ସହିତେ,
ପ୍ରଣମିଲେ ଭକ୍ତିଭରେ ସ୍ୟନ୍ଦନୁ ସରବେ ।
"ଉତ୍କଳ ନଗରୀ ଶିଖା ଗିରିଗଣାଗ୍ରଣୀ
ତୁଙ୍ଗ ଗିରି ମାଲ୍ୟଗିରି, ଚଉପାଶେ ଯାର,
ଭ୍ରମନ୍ତି ଜଳଦ ଦଳ ଚକ୍ରାକାରେ ଦେଖ
କ୍ରୀଡନ୍ତି ବାଳକେ ଯଥା ସ୍ତମ୍ଭ ଥୋଇ ମଧ୍ୟେ ।
ପତିତପାବନୀ ପୂତ ଗୋନାସା ପ୍ରସୂତା
ବୈତରଣୀ ନିର୍ଝରଣୀ ଯା କୂଳେ ସୁଯୋଗେ
ଦାନ ଦେଇ କଳିଯୁଗେ ପାରହେବେ ଲୋକେ
ଦୃପ୍ତ ବୈତରଣୀ, ପରେ ପ୍ରେତପଥ ରୋଧୀ
ପୂତ ସ୍ଥଳୀ ଜାଣି ତାର ମନୋହର ତୀରେ
ରାଜିବେ ବିରଜାଦେବୀ ଯଜ୍ଞକୁଣ୍ଡୋଦ୍ଭବା
ଶ୍ରୀବରାହନାଥ ଦେବ ସଙ୍ଗେ ପୁଣ୍ୟ ପୀଠେ ।
ବହୁଶତ ବର୍ଷ ଅନ୍ତେ ଲଭିବେ ଜନମ
ଯଯାତିକେଶରୀ ନାମେ ନୃପତି କେଶରୀ;
ଯଶୋସ୍ତମ୍ଭ ରୂପେ ଏହି ମହାଯଶାଙ୍କର
ବସିବ ରାଜଧାନୀ ପୂତ କୀର୍ତ୍ତିଧାରୀ
'ଯାଜପୁର' ନାମେ ଖ୍ୟାତ ଉତ୍କଳ ମଣ୍ଡଳେ ।
ଗୁପ୍ତ ନାଭିଗୟା ଏହି, ପିଣ୍ଡ ଦେଲେ ଯହିଁ
ତରିବେ ପିତୃଲୋକେ ପ୍ରେତପଙ୍କ ପୁରୁ ।
'ସାଳନ୍ଦୀ' ମେଖଳା, ଦେଶ ଚାରି ଗିରିରୂପା
'ଭଦ୍ରକାଳୀ' ସୁରକ୍ଷିତ ଭଦ୍ରକ ନଗରୀ,
ମେଘାସନ ସୃତା ଏହି ସୁଜଳା ସାଳନ୍ଦୀ,
ସଫଟି-ରଜତ-କସି ଗିରି ନୀରାଂଶୁକ
ଅଞ୍ଚଳ ଆକାରେ ଉଡ଼େ ତରଙ୍ଗେ ଯାହାର,
ସରଳା ବଳିକାଦମ ବହଇ କୌତୁକେ
ଶ୍ୱେତ ସିକତାଳ କାଳୀ ମୁଖରିତ ଯାର;
ତୀରବାସୀ ସୁସଙ୍ଗୀତେ ନିନାଦ ନିଶୀଥେ
'ବାବା ଆଖଣ୍ଡଳେଶ୍ୱର' ବାଞ୍ଛା ପୂର୍ଣ୍ଣକାରୀ
ପୂତସ୍ଥଳୀ ଜାଣି ଏଥି ବସନ୍ତି ସୁଖେ ।
ସ୍ୱର୍ଣ୍ଣପ୍ରସୂ *ସ୍ୱର୍ଣ୍ଣରେଖା, ଶ୍ୟାମଳ †ଶାଲ୍ମଳୀ
ମେଘାକାର ମେଘାସନ ମେଘାବୃତ ବପୁ ।"

*ସୁବର୍ଣ୍ଣ ରେଖା । † ଶିମୁଳ ପାହାଡ଼ ।

ପ୍ରଣମନ୍ତେ ଏଥି ଦେବୀ କୀଚକେଶ୍ୱରୀଙ୍କୁ
କହିଲେ ବୈଦେହୀ ରାଣୀ 'କେଉଁ ଦେଶ ମା ଏ?
ଶୈଳବେଢା ରଙ୍ଗପାଶେ ଗୃରୁ ହର୍ମ୍ମ୍ୟମୟୀ ?"
ସସ୍ମିତେ ଭାଷିଲେ ଦେବୀ "ସମ୍ବନ୍ଧେ ଏ ପିତୃ-
ଦେଶ ତବ, ଏ ଜନମେ ତବ ସ୍ୱାମୀ ଶ୍ୱଶୁ-
ଗୃହ ଏହି" ବ୍ୟଗ୍ର ନେତ୍ରେ ନରେଶନ୍ତେ ସର୍ବେ
"ବେଳ ନାହିଁ ଦେଖିବାକୁ, କୁରୁକ୍ଷେତ୍ରେ ଯିବା"
ଏତେ କହି ଚଳାଇଲେ ରଥ ଦେବୀ ଅଗ୍ରେ ।
ସୁନ୍ଦର ଗନ୍ଧମାର୍ଦ୍ଦନ ଅଗମ୍ୟ ଗହନ
ସୁଗ୍ରୁ ପ୍ରଧାନପାଟ ପ୍ରପାତ ପ୍ରଧାନ
ସୌରଙ୍ଗରେ ସୁନ୍ଦପତ୍ର କୋଦଣ୍ଡ ଆକାର
ବାମଣ୍ଡା ଲକ୍ଷ୍ମୀଙ୍କ କିବା ମହାର୍ଦ୍ଧ ମହୁଡ଼ ?
ପ୍ରାନ୍ତ-ଅନାବୃତ ଜାତି *କେରୁଆ *ଉରାଓଁ
ଶୈଳ ଖୋଲ ବାସୀ, ଭିଲ, *ଜୁଅନ*ଭୂୟାଁ*କୋହ୍ଲ
ଲକ୍ଷ୍ୟଭେଦେ ଲଘୁହସ୍ତ ତୀର ସଙ୍ଗୃହନେ;
ସାନ୍ତାଳ ବଣାଳକାୟ ସ୍ୱାସ୍ଥ୍ୟ ପ୍ରତିମୂର୍ତ୍ତି,
କୁଞ୍ଚିତ ବାବୁରୀକେଶ ଶୁଦ୍ଧ ସତ୍ୟବାଦୀ,
ସତତ ହାଣ୍ଡିଆ ପାନେ ରତ ନୃତ୍ୟଗୀତେ,
ଚିର ଗୃଚୁସଉବଣୀ ଅନାର୍ଯ୍ୟ ଯୁବତୀ
ସଦା ହାସ୍ୟ ଲାସ୍ୟମୟୀ କୁସୁମ ବାସନା,
କୂଟ କପଟ ବା ମିଥ୍ୟା ଅଜଣା ଯାହାଙ୍କୁ,
ସୁଗ୍ରୁ ଉରଜ ଦେଖି ଘନଜଘନାଙ୍କ
କେଉଁ ଯୁବା କର ସ୍ୱତଃ ନହେ ପ୍ରସାରିତ ?
କୁରଙ୍ଗ-ତରଙ୍ଗ-ନେତ୍ରୀ ‡ତୁରଗ ଗାମିନୀ
ଯାବନଶି ସୁରା ପିଇ କାଟନ୍ତି ନର୍ତ୍ତନେ
ନାହିଁ ଅପବାଦ ଅଙ୍ଗେ ଦରବେ ତଥାପି ।
ନାଗପୁର ଗୃତୁଦୃଶ୍ୟ ପ୍ରପାତ ପ୍ରଧାନ
†'ହୁଡ୍ରୁ' ଯହିଁ ହଡ଼୍ ହଡ଼େ ପଡ଼ୁଛି ମଣି
ତରଳ ରଜତ ଧାରେ ମୋତି ବନ୍ଧୁ ବହୀ
ଝଙ୍କାର କାନନ ଶ୍ରେଣୀ ଶୈଳଶିର ପାଦେ
ଧୂର୍ଜଟି ଜଟିଳ ଜନ୍ହୁ କୈଳାସରୁ କିବା
ପାତାଳକୁ ବହେ ସ୍ରୋତ ଭୋଗବତୀ ରୂପେ ?
ଜଳରାଶି ଛୁଟାରାଶି ଉଡୁଥିଲା ପ୍ରାୟେ
ବାଷ୍ପକଣେ ପରିଣତ ହସେ କି ସୁନ୍ଦର ।"
ଏହିରୂପେ ଭ୍ରମି ଭ୍ରମି ଅନାର୍ଯ୍ୟ ଅଞ୍ଚଳେ
ଚଳି ଲା ଜାହ୍ନବୀ କୂଳେ ବରାଜନ୍ତ ଯହିଁ
ନୃକପୋଳ-କଣ୍ଠ ଦେବୀ କାଳୀ କଙ୍କାଳିନୀ ।
ଭକ୍ତିଭରେ ନମି ଦେବୀ କହିଲେ ଗମ୍ଭୀରେ,
"ଦେଖ ଏହି ବଙ୍ଗଦେଶ ହସଇ ସମ୍ମୁଖେ,
ବେଦାନ୍ତ ସିଦ୍ଧାନ୍ତ ମତ ଅଦ୍ୱୈତ ବାଦକୁ
ସୂକ୍ଷ୍ମ ତତ୍ତ୍ୱ ହେତୁ ଯେବେ ଅଳ୍ପଜ୍ଞାନୀ ଲୋକେ
ନ ପାରିବେ ବୁଝି ତାର ପରମ ମହତ୍ତ୍ୱ,
କାଚର ବେପାରୀ ଯଥା ମାଣିକର ମୂଲ୍ୟ,
ତେସନେ କଳିରେ ଆହା ! ବଢ଼ିଯିବ ତେବେ
ନାସ୍ତିକତା, ତେଣୁ, ପାପେ ରତ ହୋଇ ସୁଦ୍ଧା
ନଭାବିବେ ଆପଣଙ୍କୁ ପାପୀ ବୋଲି କେହି ।
ଶାସ୍ତ୍ର ପଢ଼ି ହେବେ ପୁଣି ଅଶାସ୍ତ୍ର ଆଗ୍ରହୀ
ପାପ ସତ୍ତ୍ୱେ ଚଳିବେ ସେ କୁପଥେ ତାମସେ
ଜ୍ଞାନ ନାମେ ଜ୍ଞାନ ଚକ୍ଷୁ କୁଟି ଅହର୍ନିଶ
ଅଜ୍ଞାନ-କଳୁଷ-ତମେ କଟାଇବେ କାଳ;
ପଣ୍ଡିତାଭିମାନୀ ମୂର୍ଖେ ସ୍ୱାର୍ଥପର ହୋଇ
କହିବେ ବ୍ରହ୍ମାସ୍ମି ଅହଂ" 'ସୋଽହଂ' ଆପଣାକୁ,
କଭନ୍ତି କାହାକୁ ଅଜ ଏ ବିଶ୍ୱ ପ୍ରପଞ୍ଚେ
ଧର୍ମାଧର୍ମ ପାପ ପୁଣ୍ୟ ସୁଖ ଦୁଃଖ ନାହିଁ
ଦୃଶ୍ୟ ଦ୍ରଷ୍ଟା ବସ୍ତୁ ସମ ଅସତ୍ୟ ଅଳୀକ,
ଜିହ୍ୱାରେ କହନ୍ତି ମାତ୍ର ଜାଣନ୍ତି ମନରେ

* ଅନାର୍ଯ୍ୟ ଜାତି । ‡ ପୁରୁଷ ପରି ଏମାନେ ଘୋଡ଼ା ଦୌଡ଼ି ପାରନ୍ତି । † ନଦୀ 'ହୁଡ୍ରୁ' ପ୍ରପାତ

ହିମାଳୟ ସମତୁଲ ନୁହେ ପରମାଣୁ,
ଜୀବ ଶିବ ସମକକ୍ଷ ନୁହଇ କଦାପି ।
ଏଣେ ନୈୟାୟିକେ କ୍ଷୁଦ୍ର ଖଦ୍ୟୋତ ପରାୟେ
ଇଚ୍ଛନ୍ତି ଯେ ପ୍ରକାଶିବେ କୂଟ ତର୍କ ବାକ୍ୟେ
ହସ୍ତ-ଆମଳକ ପରି ପ୍ରଜ୍ଞାଲୋକେ ବୃଥା
ଅବାଙ୍ମନସ ଗୋଚର ତର୍କାତୀତ ଆତ୍ମା ।
ତାନ୍ତ୍ରିକଙ୍କ ଅତ୍ୟାଗ୍ରହ ହେବ ଅନ୍ୟ ଦିଗେ
ନିର୍ମମ ନୃଶଂସ ପୂଜା ପ୍ରବୃତ୍ତି ମାର୍ଗର;
ପଶୁ ନର ନାରୀ କେହି ଗର୍ଭବତୀ ବଧି
ଖାଇବେ ଶ୍ମଶାନେ ଚକ୍ରେ ମଦ୍ୟ ମାଂସ ଦାନେ ।
ବର୍ତ୍ତମାନ ଦର୍ଶୀ ସ୍ୱାର୍ଥୀ ସଂସ୍କାରକ ବୃନ୍ଦେ,
ନବ ନବ ବିଧି ସୃଜି ବାନ୍ଧିବେ ସମାଜେ;
ଶାସ୍ତ୍ରଜୀବୀ ମତ୍ସ୍ୟଜୀବୀ ଧୀବର ପରାୟେ
ଶାସ୍ତ୍ର ଗୁଣ୍ଠିବେ ଜାଲପାତି ଛନ୍ଦିଣ ଯେମାନେ
ରୋଧିବେ ଉନ୍ନତି ପଥ ଭାବ-ଅନ୍ଧ ବୃନ୍ଦେ;
ଏଛନ୍ଦେ ପ୍ରବେଶି ତେବେ ଘୃଣା ଗର୍ବ ଦୁଇ
(ଭେଦ ଉତ୍ପାଦନେ ଯେହ୍ନୁ ସୁପଟୁ ଦୁହେଁ)
ଖଣ୍ଡଖଣ୍ଡ କରିଦେବେ ସମାଜ ବିଗ୍ରହେ
କୀଟ ଯଥା କ୍ରମେ କ୍ରମେ ବସ୍ତ୍ର ମୂଲ୍ୟ ନଷ୍ଟେ;
ଏରୂପେ ସଂହତି-ନାଶ, ଅଯୋଗ୍ୟାନ୍ନତି ହେବ
ବାଲ୍ୟ ଧର୍ମ ପରିଣତ ସଂହତି-ବିରୋଧୀ,
ନର,ନରଛାୟା ସ୍ପର୍ଶେ ମଣିବେ ଅଶୁଚି ।
ହାୟ ! କି କହିବି ଶ୍ୱାନଠାରୁ ଘୃଣ୍ୟହେବେ
ଦ୍ୱିଜେତର ଜାତି, ସର୍ବଗୁଣେ ହେଲେହେଁ ସେ
ଶ୍ରେଷ୍ଠ ଦ୍ୱିଜଠାରୁ, ଅଉ ବର୍ତ୍ତିଜ ଦ୍ୱିଜଙ୍କ
ହେଉପଛେ ମୂର୍ଖ, ଚୋର,କପଟୀ ଲମ୍ପଟ
ପାଷଣ୍ଡ ଅଧମ ଅବା ଆତତାୟୀ ସୁଦ୍ଧା
ତଥାପି ସେ ଦେବୋପମ ହୋଇବେ ପୂଜିତ
ନାରୀ ଜାତି ଦୁଃଖ ପୁଣି କି କହିବ ଅହୋ !
ପାଷାଣ ବିଦୀର୍ଣ୍ଣ ହେବ ସେଦୁଃଖ ସ୍ମରଣେ

ଅତି ଘୃଣ୍ୟ ହେୟ ହେବେ ସମାଜ ଲୋଚନେ
କଠୋର ବିଧାନେ ତାଙ୍କୁ ବାନ୍ଧି ଶାସ୍ତ୍ରକାରେ
କରିବେଣ ମାନବର ଚିର କ୍ରୀତଦାସୀ
ଜୀବନ୍ତ ନରକ ଭୋଗ କରାଇବେ ବଳେ
କାଢ଼ି ନେଇ ସ୍ୱାଧୀନତା ସର୍ବ ବିଷୟରେ
ଗୃହ କାରାଗାରେ ତାଙ୍କୁ ରଖିବେ ଆକଟି
ବିହଗେ ପିଞ୍ଜରେ ଯଥା, ନା, ନା, ତାହାଠାରୁ
ହୀନକରି ରଖିଥିବେ ଜନମ, ପୁଣି, ଦେଖ ,
ଶତ ଉପପତ୍ନୀ ସଙ୍ଗେ ନର, ନାରୀ ପୂଜ୍ୟ
ମାନି ନାରୀ, ପରପୁଂସ ଲୋକନେ କେବଳ
ଚରିତ୍ୟଜ୍ୟା ହୋଇବ ସେ ଜୀବନେ ନରର,
ମରଣାନ୍ତେ ପୁଣି ନର୍କ ବିଧାନ ତା ପାଇଁ;
ପତିର ମରଣେ ପତ୍ନୀ ସହ-ମୃତା ହେବ
ଅଥବା ଭୋଗିବ ଚିର ବୈଧବ୍ୟ ବେଦନା
ଆମରଣ ଅର୍ଦ୍ଧାଶନେ ଜୀବନ୍ମୃତ ବତ;
ପୁରୁଷ ଶବଦ କିନ୍ତୁ ମୁକ୍ତ ସେ ଶୃଙ୍ଖଳୁ ।”
ଗଭୀର ବିଷାଦେ ତହୁଁ ଭାଷିଲେ ମେଦିନୀ
“ଯେ ଜାତି ଧରନ୍ତି ତାଙ୍କୁ ଗର୍ଭେ ଦଶମାସ
ସ୍ତନ୍ୟଦାନେ ପାଳନ୍ତି ଯେ ଶୈଶବେ, କୈଶୋରେ
କେତେ କଷ୍ଟ ମାତାରୂପେ, ଯୌବନରେ ପୁଣି
ଭୋଗାଏ ଯେ ସ୍ୱର୍ଗସୁଖ ସଙ୍ଗିନୀ ସ୍ୱରୂପେ
ବାର୍ଦ୍ଧକ୍ୟେ ଯେ ଶୁଶ୍ରୂଷନ୍ତି ଦାସୀରୂପେ ଯେବେ
ଆଜୀବନ ନିଜ ସୁଖେ ଜଳାଞ୍ଜଳି ଦେଇ
ଲକ୍ଷ୍ମୀ ସରସ୍ୱତୀ ଅଂଶେ ଜନ୍ମ ଯେ ଜାତିର
ପ୍ରକୃତି ସ୍ୱରୂପା ସୃଷ୍ଟି ସାହାଯ୍ୟ କାରିଣୀ,
ତାଙ୍କପ୍ରତି ହତାଦର, ଏତେ ଅତ୍ୟାଚାର
ସମ୍ଭବ କି ଅଛି ? ଏତେ କୃତଘ୍ନତା ପାପେ
ନାହିଁ ପ୍ରାୟଶ୍ଚିତ ?” “ଅଛି, କେ କହିଲା ନାହିଁ
କର୍ମଫଳ ଛଡ଼ି ନାହିଁ କାହାକୁ ସଂସାରେ”,
ସ୍ୱପ୍ନଦେବୀ ଧୀରେ ଧୀରେ କହିଲେ ବୁଝାଇ

"ଅଚିରେ ଭୋଗିବେ ଆର୍ଯ୍ୟେ କୃତଘ୍ନତା ଫଳ
ଦେଶ ଛାଡ଼ି ଚାଲିଯିବେ ଲକ୍ଷ୍ମୀ ସରସ୍ୱତୀ
ଶୁଷ୍କହ୍ରଦ ହୁଡୁଁ ଯଥା କମଳିନୀ ହଂସୀ
ହତଶିଷ୍ଟ ବିଦ୍ୟାହୀନ ହେବେ ଆର୍ଯ୍ୟ ସୁତ,
ଶକ୍ତି-ଅପବ୍ୟୟ-ରୂପୀ ପାପ-ଫଳେ ପୁଣି
ଘର ଦରଦନା ହେବ ତାଙ୍କ ଭାଲେ ଲେଖା,
ପରାଧୀନେ ସହିବେ ସେ ଅସହ୍ୟ ଯାତନା,
ପର-ମୁଖାପେକ୍ଷୀ ହୋଇ କଟାଇବେ କାଳ
ଶୃଙ୍ଖଳବଦ୍ଧ ଶ୍ୱାନ ଯଥା, ଭାରତ ସନ୍ତାନେ ।
ନିରୁତ୍ସାହ କାପୁରୁଷ ମହାଭୀରୁ ଦ୍ୱିଜେ
ଅଯୋଗ୍ୟ ବହନେ ହୋଇ ଆର୍ଯ୍ୟ ଏହି ନାମ
ଭୋଗିବେ ତ୍ରିତାପ ପୁଣି ଅଜ୍ଞାନ ସମ୍ଭୂତ,
ମହା ଘୋର ଅନ୍ଧକାରେ ରହି ଆର୍ଯ୍ୟ ସୁତେ;
ଦୁଷ୍କ୍ରିୟାର ପ୍ରତିକ୍ରିୟା ଫଳିବ ଏରୂପେ ।
ଏଣେ ଧର୍ମ ରାଜ୍ୟେ ହେବ ଭୀଷଣ ବିପ୍ଳବ
ଧୃତ ଇସ୍ଲାମ ଧର୍ମର* ଅମୃତ ସନ୍ତାନେ
ଧର୍ମ ନାମେ ମହାଧର୍ମ* ଆଚରିବେ ତେବେ
କୋରାନ୍† କୃପାଣ ଦୁଇ, ଦୁଇ କରେ ଧରି
ଦେଖାଇବେ ଭୟ କହି 'ଦିଅ ନଚେ ମଥା
ନତୁବା ଗ୍ରହଣ କର ପୂତ ନବ ଧର୍ମ ।'
ତାନ୍ତ୍ରିକଙ୍କ ବାମାଚାର$ କଳୁଷ ପୂରିତ
ଏକଦିଗେ, ଅନ୍ୟଦିଗେ ଶୁଷ୍କ ମାୟାବାଦ
ମରୁ ମରୀଚିକା ସମ ସଂସାର ତୃଷାର୍ତ୍ତେ
ନ ମିଳଇ ଜଳ ଯହିଁ ଜଳାଭାସ ଛାଡ଼ି;

ପୁଣି ଅନ୍ୟ ଦିଗେ ହେବ ଭୀଷଣ ପୀଡ଼ନ
ଧର୍ମ ନାମେ ଯବନଙ୍କ ଅଧର୍ମାଚରଣ ।
ଏରୂପେ ଧର୍ମର ଗ୍ଳାନି, ଦୁଷ୍କୃତର ବୃଦ୍ଧି
ନିରେଖି ଶ୍ରୀହରି ତେବେ ହେବେ ଅବତୀର୍ଣ୍ଣ
କଳିରେ ଚୈତନ୍ୟ ରୂପେ ଜାହ୍ନବୀ ପୁଳିନେ;
ଦ୍ୱାପରେ ଯମୁନା ତୀରେ ପୂର୍ବେ ବୃନ୍ଦାବନେ
ନେପାଳରେ କପିଳବାସ୍ତୁ କଲେ ଯେ ପବିତ୍ର
ବୁଦ୍ଧରୂପେ, ଶିବରୂପେ ଜ୍ଞାନ ଅବତାର
ପୂର୍ଣ୍ଣା‡କୂଳେ କେରଳେ§ ଯେ ଜନ୍ମିଥିଲେ ପୂର୍ବେ,
ପବିତ୍ର କ୍ଷତ୍ରିୟ କୁଳେ ଜନ୍ମି ରାଜବଂଶେ
ରାମ ସୀତା ନର ନାରୀ ଆଦର୍ଶ ସ୍ୱରୂପେ
ଶିଖାଇଲେ ମାନବଙ୍କୁ ମାନବର ଧର୍ମ;
କୃଷ୍ଣ ରୂପେ ବୃନ୍ଦାବନେ କଲେ ଯେ ରୋପଣ
କଠୋର କଣୋଷ୍ଣ ହୃଦେ ନିଃସ୍ୱାର୍ଥ ଉର୍ବର
ପ୍ରେମ ବୀଜ, କାଳେ ହେଲା ମହା ଦ୍ରୁମାକାର,
ଛାୟାତଳେ ବସି ଯାର ଲଭିଲେ ବିଶ୍ରାମ
ଫଳେ ନିବାରିଲେ ତୃଷା ତ୍ରିତାପ ତାପିତେ,
ଶିଖାଇଲେ ଗୀତାଚ୍ଛଳେ ମାନବଙ୍କୁ ପୁଣି
କର୍ତ୍ତବ୍ୟର ଗୂଢ଼ ତତ୍ତ୍ୱ ନିଷ୍କାମ ଧରମ ।
ଧର୍ମ-କୀର୍ତ୍ତି-ସ୍ତୂପ-ଧ୍ୱଂସୀ ଭୀମକାଳ-ସ୍ରୋତେ
ଧର୍ମ କର୍ମ ପ୍ରେମ ଅଦ୍ୟ ଧୋଇଯିବ ମାତ୍ର
ମୂର୍ତ୍ତି ଯୋଗେ ଛାୟା ପ୍ରାୟେ ରହିବ କେବଳ
କାମନା ପରମ ଅର୍ଥ ନରର ଜୀବନେ;
ସେ କାମାଗ୍ନି ତାପେ ଯେବେ ଦଗ୍ଧ ହେବେ ନର

* ମୁସଲମାନ ଧର୍ମ ।
* ମହା+ଅଧର୍ମ=ମହାଧର୍ମ ।
† ମୁସଲମାନ ମାନଙ୍କ ଧର୍ମ ପୁସ୍ତକ ।
$ ଶକ୍ତି ଉପାସକ ମାନଙ୍କର ଏକ ପ୍ରକାର କୁତ୍ସିତ ପନ୍ଥା ।
‡ ନଦୀ ବିଶେଷ ।
§ ଯେଉଁଠାରେ ଶଙ୍କରାଚାର୍ଯ୍ୟ ଜନ୍ମ ଗ୍ରହଣ କରିଥିଲେ ।

ଶିଖାଇବେ ଆସିତେବେ ବୁଦ୍ଧରୂପେ ପ୍ରଭୁ
ରାଜ୍ୟ ତେଜି ଯୋଗୀ ହୋଇ ପୂର୍ଣ୍ଣ ଯୌବନରେ
ତାଙ୍କେ ଶାନ୍ତି, ଜାତି ଭେଦ ଉନ୍ନତି ବିରୋଧୀ
ଅହିଂସା ପରମ ଧର୍ମ, ସାମ୍ୟନୀତି, ଆଉ
କାମନା ବିନାଶେ ଚିର ଦୁଃଖର ବିନାଶ,
ସମ୍ୟକ ଦର୍ଶନ-ଜ୍ଞାନ ଚରଣରେ ମୋକ୍ଷ ।
ଶଙ୍କରାବତାରେ ଆସି ଶିଖାଇବେ ପୁଣି
ଜୀବ ଜନ୍ମ-ମୃତ୍ୟୁ ଚକ୍ର ଅଜ୍ଞାନେ ନିହିତ,
ଅନିର୍ବଚନୀୟ ସାନ୍ତ ଅନାଦି ଅଜ୍ଞାନ;
ଅଜ୍ଞାନରୁ ଅବିବେକ, ଅହଂକାର ଜନ୍ମେ,
ଅହଂକାର ସଙ୍ଗେ ସଙ୍ଗେ ଆସଇ ଆସକ୍ତି
ଆସକ୍ତିରୁ ବାଧ୍ୟ ହୋଇ କର୍ମ କରେ ଜୀବ,
କର୍ମରୁ ଶରୀର ପ୍ରାପ୍ତି ସୁଖ ଦୁଃଖାଧାର,
ଜ୍ଞାନ ବିନା ଜୀବ ମୁକ୍ତ ନ ହୁଏ ସେ ଚକ୍ରୁ,
ବୈରାଗ୍ୟ ବିବେକ ବିନା ନ ଉଦେ ସେ ଜ୍ଞାନ;
ମଧ୍ୟାହ୍ନ ଭାସ୍କର ଜ୍ଞା ନହେବ ପରିଣତ
କାଳେ ଅମା ଘନ-ତମେ; କାଳକ୍ରମେ ପୁଣି
କପିଳ ବଲ୍ମୀକ କାଳ,ଯଶସ୍ତମ୍ଭ ଧ୍ୱଂସୀ,
ବ୍ରହ୍ମାଣ୍ଡ ରଖିବ ପ୍ରେମେ ଅନୁସାର କରି,
ନିଃସ୍ୱାର୍ଥ ଈଶ୍ୱର ପ୍ରେମ ହେବ ପରିଣତ
ଅଯବକ ନାରୀ ପ୍ରେମେ ତୁଚ୍ଛ କାମମୟ ।
ଧରା ଦୁଃଖ ଦଶା ଦେଖି ଭକତ ବତ୍ସଳ
ଜନ୍ମି ଥିଲେ ଯହିଁ ଦେଖ ଏହି ସେ ନଦୀୟା,
ବଙ୍ଗାକାଶେ ଊଷା ତାରା, ପ୍ରବହିଲା ଯହିଁ
ଭକ୍ତି ଭଗୀରଥୀ ସ୍ରୋତ ଗୌରାଙ୍ଗ ଶ୍ରୀପାଦୁ
କ୍ରମେ କ୍ରମେ ପ୍ଲାବିଗଲା ସମଗ୍ର ଭାରତେ ।
ଦର୍ଶନ-ହିମାଦ୍ରି-ଷଡ଼ ଶୃଙ୍ଗ ମନ୍ଥାଇଣ,
ସେ ସ୍ୱର୍ଗୀୟ ଭୂତ ସ୍ରୋତେ ଅବଗାହି ସବେ

ତ୍ରିତାପ--ତାପିତ ଜୀବେ ଲଭିବେ ସୁଶାନ୍ତି
"ନାମେ ରୁଚି ଜୀବେ ଦୟା" ଏହି ମହାମନ୍ତ୍ରେ
ରାଗମର୍ଗେ ନବ ପନ୍ଥା ସୃଜି ବେଦ ମତେ
ଭୁକ୍ତି ମୁକ୍ତି-ସ୍ପୃହା କର୍ମଜ୍ଞାନ ଉନ୍ନା ତ୍ୟଜି
ଚଖାଇବେ ନବ ସୁଧା ବୈକୁଣ୍ଠ-ଦୁର୍ଲ୍ଲଭ
* ପଞ୍ଚ ବର୍ଗ ଫଳ ପ୍ରେମ ଅଜ୍ଞାତ ଜଗତେ;
ପ୍ରଭୁ ଆବିର୍ଭାବେ କଳି ପାପମୟ ପ୍ରାଣ
ନିଷ୍ପାପ ହୋଇବ ନୀର ନିର୍ମଳ ଯେସନ
ଅଗସ୍ତି ନକ୍ଷତ୍ରୋଦୟେ ଶରତ ଆକାଶେ;
ସଂକୀର୍ତ୍ତନ ଛଳେ ନରେ ଶିଖାଇବେ ପ୍ରେମ
ମଧୁର ବାତ୍ସଲ୍ୟ, ସଖ୍ୟ, ଦାସ୍ୟ, ଶାନ୍ତ ଭାବେ
ଶାନ୍ତି-ପୁଷ୍ଟି-ତୁଷ୍ଟି-ଦାୟୀ, ସଂସାର ଜୀବନେ
ମିଶି ଭବେ ମିଳାଇଣ ଅମ୍ଳେଚ୍ଛ ବ୍ରାହ୍ମଣେ
ଉଦ୍ଧାରିବେ ବନ୍ଧଜୀବେ ବୁଦ୍ଧ ଶ୍ରୀଚୈତନ୍ୟ ।
କିଛିକାଳ ଅନ୍ତେ ପୁଣି ଜନ୍ମିବେ ଏଠାରେ
ରାମ କୃଷ୍ଣ ନାମେ ଏକ ମହାତ୍ମା ପ୍ରବର
ପରମହଂସ ବୋଲିଣ ବୋଲାଇବେ ଲୋକେ
ବିବେକାନନ୍ଦ ନାମରେ ତାଙ୍କ ଶିଷ୍ୟାଗ୍ରଣୀ
ପୃଥିବୀ ପ୍ରସିଦ୍ଧ ହେବେ ଧର୍ମ ସାମ୍ରାଜ୍ୟରେ
ମହାତ୍ମା ବିଜୟ-କୃଷ୍ଣ ରାମମୋହନାଦି
ଧର୍ମ ପ୍ରବର୍ତ୍ତକେ କେତେ ଜନ୍ମିବେ ଏ ବଙ୍ଗେ ।"
ସୁପ୍ରଶସ୍ତ ପଦ୍ମାତଟେ ଜଳମୟ ସ୍ଥଳୀ
ଦ୍ୱୀପାକାରେ ଖଣ୍ଡେ ଖଣ୍ଡେ ଦିଶେ ଗ୍ରାମ ଯହିଁ,
ଆସାମେ କାମାଖ୍ୟା ଦେବୀ ବ୍ରହ୍ମପୁତ୍ର ତଟେ
ମହାଶକ୍ତି ପୀଠ ସ୍ଥଳୀ କରି ଦରଶନ
ଚଳିଲା ଉତ୍ତର ମୁଖେ କୁରୁକ୍ଷେତ୍ର ଦିଗେ
ଆରୋହିଣ ଇଚ୍ଛାଗାମୀ ବିମାନ ସେଠାରୁ ।
ଯଉଁ ଯାଉଁ ପଥେ ସବେ ଦେଖନ୍ତି କୌତୁକେ

* ଚୈତନ୍ୟଦେବଙ୍କ ମତେ ଧର୍ମ, ଅର୍ଥ, କାମ, ମୋକ୍ଷ ଚତୁର୍ବର୍ଗ; ପ୍ରେମ ପଞ୍ଚମବର୍ଗ ।

କେତେ ନବଜଳ ଦୃଶ୍ୟ ସୁନ୍ଦର ଭୀଷଣ
ଚିର-ବିଚିତ୍ରତାମୟୀ ପ୍ରକୃତିର ଲୀଳା,
ସୁଶ୍ୟାମଳ ଶସ୍ୟ କ୍ଷେତ୍ର ଦିଗନ୍ତ ବିସ୍ତାରୀ
କୁସୁମ କୁନ୍ତଳା ତରୁ ସ୍ନିଗ୍ଧ ବନ ଛବି,
ମାଧବୀ କେତକୀ ମଲ୍ଲୀ ମାଳତୀ ସେବତୀ
ଗୋଲାପ ଜାଆଳି ଚମ୍ପା ମୁଚୁକୁନ୍ଦ କୁନ୍ଦ
ପୁନ୍ନାଗ ସୁରପୁନ୍ନାଗ କିଂଶୁକ ବକୁଳ
କୁସୁମ ଅଜ୍ଞାତନାମା କେତେ ଭିନ୍ନ ଭିନ୍ନ
ସୁଗନ୍ଧ ନିର୍ଗନ୍ଧ ତରୁ ବିବିଧ ବର୍ଣ୍ଣର,
ମୁକୁଳିତ ତରୁଡାଳେ ପିକ 'କୁହୁ' 'କୁହୁ'
ସୁମନ ସ୍ତବକେ ଅଳି ଗୁଣ୍ଡୁ ଗୁଣ୍ଡୁ ବ୍ୟାଜେ
ବନଦେବୀ ବଜାନ୍ତି କି ବିପଞ୍ଚି ମଧୁରେ ?
ଶ୍ରୀଫଳ ବଦରୀ ଜାମୁ ଜମ୍ବୀର ଦାଡ଼ିମ୍ବ
ପଣସ ରମ୍ଭାଦି ଆମ୍ର ନମ୍ର ଫଳଭରେ
କୋଳଦେ ବନଶ୍ରୀ ଯଥା ପକ୍ୱ କାଞ୍ଚନ-ଫଳେ,
ସ୍ୱଚ୍ଛୋଦକ ସରୋବର ସେବନେ ସୁଦୂରୁ
କାନନ କମଳା ବକ୍ଷେ ପଦକ କି ଅବା ?
ବନଗଜବ୍ରଜ କାହିଁ ସନ୍ତରନ୍ତି ସରେ
ଫୁତ୍କାରେ ପୃଷ୍ଠକୁ ଫିଙ୍ଗି ସଲିଳେ, ସଲୀଳେ
ଆବିଳ କରନ୍ତି ନୀରେ ନାଶି ପୁଷ୍ପ ସରେ
ଉଦ୍ବ୍ୟସ୍ତ କରାଇ ମତ୍ସ୍ୟ ଆଦି ଜଳଜୀବେ;
ସର୍ବତ୍ରାସୀ ବିହଙ୍ଗମେ ପଳାନ୍ତି ସତ୍ରାସେ
ହତଶ୍ରୀ କରନ୍ତି ସରେ ଗୃହୁଁ ଗୃହୁଁ ଗଜେ
ଜୟୀ ସେନାଦଳ ଯଥା ଜିତପୁର ଶିରୀ ।
କଳକଣ୍ଠ ଖଗଦଳ ବିବିଧ ବର୍ଣ୍ଣର,
ଏମାନଙ୍କୁ ଦେଖି ଦୂରେ ଉଡ଼ିଯାନ୍ତି ଭୟେ
ମେଘ ଭ୍ରମେ କେକୀ କିନ୍ତୁ ନାଚେ ପୁଚ୍ଛ ଟେକି,
ସିଂହ ବ୍ୟାଘ୍ର ରଥ ଶବ୍ଦେ ଅନାଇ ଚକିତେ
ବାପୁ ଭ୍ରମେ ଅନ୍ୟମନେ ରହେ କେହି, ପୁଣି
ଶମ୍ଭୁ ଭ୍ରମେ ଗର୍ଜେ କ୍ରୋଧେ ଫୁଲାଇ କେଶର,
ବନିତା ନନ୍ଦନ ଭ୍ରମେ ଫଣୀଗଣ ତାଙ୍କୁ
କେ କାହିଁ ଲୁଚିବ ବ୍ୟସ୍ତେ ବାଟ ପାଇ ନାହିଁ ।
ଇତର ପ୍ରାଣୀଏ ଭୟେ ଲୁଚିଲେ କେ କାହିଁ,
ତୁଙ୍ଗ ଶୃଙ୍ଗଧର ଶୃଙ୍ଗ ଜଟିଳ କାହିଁ ବା
ବ୍ୟୋମକେଶ ଜଟା ସମ ଦିଶଇ ବିକଟ
ତୁଙ୍ଗ ଉତ୍ତୁଙ୍ଗ ଶୃଙ୍ଗପର୍ବତ ବିଗ୍ରହେ
ମାନଦଣ୍ଡ ରେଖା ସମ ଦିଶେ ବଡ଼ ଯାନ;
ବଲ୍ଲରୀ ବେଷ୍ଟିତ ଦେଖ ବନସ୍ପତି ମାଳା
ରୋଗଘ୍ନ ବିଷଘ୍ନ କେହି ବିଷପୂର୍ଣ୍ଣ ଅବା
ଫଳ-ପୁଷ୍ପ-ପ୍ରଦ କେତେ ଫଳପୁଷ୍ପ ହୀନ
ଅପୁଷ୍ପ-ଫଳଦ କେତେ ଅଫଳ-ପୁଷ୍ପଦ ।
କୂର୍ମପୃଷ୍ଠାକାର ଶୈଳ ଉଠି ସ୍ତରେ ସ୍ତରେ
ଚକ୍ରବାଳ କୋଳେ ମିଳି ଉପୁଜଏ ମନେ
ସ୍ତବ୍ଧ ବୀଚିମାଳା-ନୀଳ-ସିନ୍ଧୁ-ଦୂର-ଦୃଶ୍ୟ;
କିମ୍ବା ସେନା ବସ୍ତ୍ରାବାସ ଅସଂଖ୍ୟ ସେନାଙ୍କ ।
ଅଧିତ୍ୟକା ଉପତ୍ୟକା ଭୃଗୁ ଗୁମ୍ଫା ନାଳୀ
କୋଟର, ଟାଙ୍ଗର, ଟେଙ୍କ, ଗୋଦନ୍ତ କାନ୍ଦରା
ଦୁର୍ଗମ ସଂକଟ ଦ୍ରୋଣୀ ଖୋଲ ଗମ୍ଭୀରାଦି
ମହାବିଭୀଷଣ ସ୍ଥଳୀ କଳ୍ପନା ଯାହାଙ୍କ
ନପାରି ପ୍ରବେଶି ଭୟେ ସଂକୋଚଇ ସ୍ୱତଃ ।
ନାନାରଙ୍ଗ ପୁଷ୍ପାବୃତ ସମତଳ କାହିଁ
ଚିତ୍ରିତ-ଗାଲିଚ-ଗୁରୁ-କାରୁକାର୍ଯ୍ୟ କିମ୍ବା
ବନଦେବୀ ବକ୍ଷସ୍ଥଳେ ଫୁଲ ପ୍ରାୟେ ଦିଶେ,
ବଙ୍କିମ ଅସ୍ପଷ୍ଟ ଝର, ବର୍ତ୍ମ ଅଦ୍ରି ଦେହେ
ଭୁଜଙ୍ଗର ଭ୍ରାନ୍ତି ଦୂରୁ ଉପୁଜାଏ ମନେ
କଳ୍ପନା ନୟନେ କିମ୍ବା ଦିଶଇ ଯେସନେ
ବନଦେବୀ ଶାଢ଼ୀ ପରେ ଗୁରୁ ଜରି ଧଡ଼ୀ ।
ଗିରିଅଙ୍ଗେ ଶୁଷ୍କଝର କ୍ଷତଚିହ୍ନ ବତେ
ସ୍ମୃତିପଥେ ଭାବୁକର ଆଣଇ ଅଲକ୍ଷେ
ନିରନ୍ତର ଅଭ୍ୟାସର କି ଶକ୍ତି ପ୍ରବଳ ।

ଅନ୍ତଃପୁର-ନବବଧୂ-ଚରଣ ନୂପୁର,
ମଞ୍ଜୀର-କଙ୍କଣ ପ୍ରାୟେ ଶୁଭଇ ନିଃସ୍ୱନ
ନିର୍ଝରିଣୀ ପ୍ରବାହର ବନାନ୍ତେ ଅଦୃଶ୍ୟ ।
ଦରୀ ଗର୍ଭେ ଝର କାହିଁ ଘର ଘର ବହେ
ଅସ୍ଫୁଟ ନିଃସ୍ୱନ ମାତ୍ର ଶୁଭଇ ବାହାରେ
ନବୋଢ଼ା କନ୍ଦନ ଧ୍ୱନି ଅନ୍ତଃପୁରୁ ଯଥା ,
କାହିଁ ଶୈଳ ଭାଲେ ବହେ ଦୁଇପାଶେ ଝର
( ମହତ ଉପମା କ୍ଷୁଦ୍ରେ ଦିଆ ଯାଏ ଯଦି)
ଦିଶେ ମତ୍ତ କରୀ ଶିରୁ ମଦ ଧାରା ପ୍ରାୟେ ।
ସ୍ୱଚ୍ଛନ୍ଦା ରମଣୀ ପ୍ରାୟେ ନିର୍ଝରିଣୀ କାହିଁ
ଶୃଙ୍ଗୁ ଶୃଙ୍ଗେ ଡେଇଁ, ଚାଲେ ଗର୍ବ ବହି ମନେ
ତରୁ ଗୁଳ୍ମ ଲତାକୀର୍ଣ୍ଣ ଶୈଳ ସାନୁଦେଶେ ।
ଅଗମ୍ୟ ଗହନ ସ୍ଥଳୀ ନିରାପଦ ଜାଣି
ରଚନ୍ତି ମକ୍ଷିକା ଦଳ ମଧୁଚକ୍ର ତହିଁ
କୃପଣେ ଗୁପତେ ଧନ ରଖନ୍ତି ଯେସନେ
କିମ୍ବା ଧର୍ମୀ ଧର୍ମ ଯଥା ଆଚରେ ଗୁପତେ ।
କାହିଁ ଘନ ତରୁ ଲତା, ଯାର ରନ୍ଧ୍ର ଭେଦି
ବିକ୍ଷିପ୍ତ ଆଲୋକ ରଶ୍ମି ଛାୟା ସଙ୍ଗେ ଦିଶେ
କୃଷ୍ଣସାର ମୃଗ ଚର୍ମେ ଶ୍ୱେତ ବିନ୍ଦୁ ବତ,
ତିଳ ମଧ୍ୟେ ଗୋଟି ଗୋଟି ଅକ୍ଷତ ମିଶ୍ରିତ
କିମ୍ବା ପାପୀ ପାପ ପୁଞ୍ଜେ ବିକ୍ଷିପ୍ତ ସୁକୃତ ।
କାହିଁ ଦନ୍ତାବଳ ଦଳ ଚଳ ମେଘାକାର,
ଝସ୍ତ-କୁରଙ୍ଗ-ଚକ୍ରତ-ଶୃଙ୍ଗାଣି-ଦାମିନୀ,
ଫଣୀ ମଣି-ତାରା, ନଦୀ, ଛାୟାପଥ ପ୍ରାୟେ
ନୀଳ-ନଭ-ନିଭ ଶ୍ୟାମ ଶଇଳେ ଶୋଭନ୍ତି ।
ବଜ୍ରୀ ବଜ୍ରାଘାତେ କାହିଁ ବିଦାର୍ଣ୍ଣ ଭୂଧର
ବିଶାଳ ପ୍ରକାଣ୍ଡ ଶିଳା ଖଣ୍ଡ ଖଣ୍ଡ ଯହିଁ
ବିଶୃଙ୍ଖଳେ ଇତସ୍ତତଃ ପଡ଼ିଛି ଚୌଦିଗେ ।
ଶୈଳ ଭେଦି ଲତା ବୃକ୍ଷ ବେଢ଼ିଛି ପାଷାଣେ
ଲତା କି ଭୁଜଗ ତାହା ନହୁଅଇ ବାରି;
ପତନ ଉନ୍ମୁଖ ହୋଇ କି ପଡ଼ି ରହିଛି
ବିଶାଳ ଆକାର ଶିଳା ଆଦିସୃଷ୍ଟି କାଳୁ,
ଶତ ଝଞ୍ଜାବାତୁ ଯାକୁ ନ ପାରେ ଟଳାଇ ।
ଯେ ଦୃଶ୍ୟେ ଚମକେ ମନ, ସଂକୋଚେ ଶରୀର;
ନୀରବ ନିସ୍ତବ୍ଧ ସ୍ଥଳୀ କାହିଁବା ରହିଛି
ଫୁଲ ଫଳ ଜଳେ ପୂର୍ଣ୍ଣ ହୋଇଛି ଚୌଦିଗେ
ଯୋଗୀ ଜନ ଉପଯୋଗୀ ସତ୍ତ୍ୱଗୁଣ ଧାରୀ
ମୂର୍ତ୍ତିମତୀ ହୋଇ ଶାନ୍ତି ବିରାଜଇ ଯହିଁ ।
ସୁପ୍ରସନ୍ନ ପଞ୍ଚଭୂତ ବନସ୍ପତି ଆଦି
ପଞ୍ଚଭୂତ ବିକୃତିରେ ଗଢ଼ା ଯେତେ ସର୍ବେ
ପ୍ରପଞ୍ଚ ଜଞ୍ଜାଳ ରଜ-ତାମସ-ପ୍ରଧାନ
ନଥାଏ ଏଠାରେ ଯଥା ସମାଧିରେ ସୃଷ୍ଟି ।
ଚଳ ମେଘଦଳ ଛାୟା ତା ପଛେ, ତା ପଛେ
ଗଜ ବ୍ରଜ ଭାବି ତାକୁ ଗଜବ୍ରଜ ଦୂରୁ
ଗୃହାନ୍ତି ଚକିତେ, କେହି ନାଦନ୍ତି ଗମ୍ଭୀରେ;
ଶିଖାଏ ଅଲକ୍ଷ୍ୟେ ବୃଥେ ଚଳଶ୍ରୀ ଯୌବନ ।
ଗଳିତ ରଜତ-ଦ୍ୟୁତି ରୁଚିର ପ୍ରପାତ
ଜଳ-ଅର୍ଘ୍ୟ ଧାରା କି ସେ ବନଦେବୀଙ୍କର !
ପାରାବତେ ପ୍ରପାତର ନୀର ସ୍ତର ଭେଦି
ବସନ୍ତି ନିଃଶଙ୍କେ ଖୋଲେ ନୀର ଆବରଣେ ।
ଦୀର୍ଘ ତୃଣପୂର୍ଣ୍ଣ ପାଟ ଗିରି ପାଦେ କାହିଁ
ନରାଗମ୍ୟ ନିରାପଦ ଜାଣିଣ ସେ ସ୍ଥଳୀ
ଶୀକାର ଉଦ୍ଦେଶ୍ୟେ ବ୍ୟାଘ୍ରେ ଛକି ଥାନ୍ତି ବସି
କେବେ କେବେ ମହୋରଗ ଯିବାରୁ ସେ ତୃଣେ
ପଥ ପ୍ରାୟେ ଦିଶେ ତୃଣ ନଇଁ ଦୁଇପାଶେ
ଜଣା ପଡ଼େ ସେଥିରୁ ଯେ କେଡ଼େ ଦୀର୍ଘ ସ୍ଥୂଳ;
ଘନ ଗୁଳ୍ମାବୃତ ପାଟେ କାହିଁବା ବସାହ
ବକଦନ୍ତ ବକ୍ରତୁଣ୍ଡ ସୁ-ଗମ୍ଭୀର-ବେଦୀ *

* ଯାହାକୁ ପେଂଡଲେ କାଟେ ନାହିଁ ।

ସ୍ୱଚ୍ଛନ୍ଦେ ଖେଳା ) ଶିଶୁ ବନ୍ଧ ନାଡି ତହିଁ ।
ଦାବାନଳ ଦଗ୍ଧ କାହିଁ ଖଣ୍ଡ ଖଣ୍ଡ ବନ
ଦଗ୍ଧାଞ୍ଚଳ ପ୍ରାୟେ ଦିଶେ ବନ ସୁନ୍ଦରୀର ।
ଶିଳା ଅଙ୍ଗୁ ଶିଳାଜତୁ ଘର୍ମାକାରେ କାହିଁ
ଶାଳ ବୃକ୍ଷୁଁ ଝୁଣା ପ୍ରାୟେ ବହି ଲାଗିଅଛି,
ସ୍ୱର୍ଣ୍ଣ ରୌପ୍ୟ ଅଭ୍ରକଣ ଶିଳା ସଙ୍ଗେ ମିଶି
ଦିଶେ ଜକ ଜକ କାହିଁ ନୟନ-ରଞ୍ଜନ ।
ଧରା ଗର୍ଭେ ଶୀତୋତ୍ତାପ ବିଷମତା ହେତୁ
ପ୍ରକୃତି ସୁନ୍ଦରୀ କ୍ରୀଡ଼ା ଭୂମିକମ୍ପ ଫଳେ
ଫାଟି ଯାଇ ଅଛି ଶୈଳ କାହିଁ କ୍ରୋଶବ୍ୟାପୀ ।
ବିଶାଳ ଉପଲରାଶି-ସ୍ତୂପ ସୌଧାକାରେ
କାହିଁବା ମନ୍ଦିରାକାରେ ରହିଛି ସଜ୍ଜିତ
ଗୋଟି ପରେ ଗୋଟି ପୁଣି ତା ପରେ ତା ପରେ
ସଜାଏ ଶିଳ୍ପୀଏ କେତେ ବିଭିନ୍ନ ପ୍ରକାରେ,
କେ କେଉଁବେ ରଖିଛି ତାକୁ ସଜାଡ଼ି ଯତନେ;
କେମନ୍ତେ ରହିଛି ତାହା କେ ପାରିବ କହି
ଏହିପରି କେତେ ଦୃଶ୍ୟ ରହିଛି ଏ ବିଶ୍ୱେ
ବିଜ୍ଞାନ ଅକ୍ଷମ ଯାର ଭେଦ ଉନ୍ମୋଚନେ
( ବିଜ୍ଞାନ ବିଜ୍ଞାନ ବୋଲି କହନ୍ତି ଯାହାକୁ
ସେ ସିନା ଶୈଶବ କ୍ରୀଡ଼ା ପ୍ରକୃତି ସତୀର
କିମ୍ବା ସେ ପ୍ରକୃତି ଗ୍ରନ୍ଥେ ଅ, ଆ, କ, ଖ ପରି) ।
କାନ୍ତ କୋଳାହଳେ କାହିଁ କମ୍ପେ ଅରଣ୍ୟାନୀ;
ବୃକ୍ଷ ପଂକ୍ତି ଭଷ୍ଟୁ ଭଷ୍ଟୁ ଜାମୁ ଊର୍ଦ୍ଧ୍ୱମୁଖେ,
କାଚ ସ୍ଥିରେ ଉଞ୍ଚ ନୀଚେ ଖସନ୍ତି ଭୂତଳେ ।
କାହିଁ ମୂଷା ପଛେ ଅହି ତା ପଛେ ନକୁଳ
ତା ପଛେ ଶୃଗାଳ ପୁଣି ତା ପଛେ ଶାର୍ଦ୍ଦୂଳ
ମୃତ ଲୁଚ ଲକ୍ଷ କରି ପଛେ ପଛେ ଧାଏଁ;
କୁରଙ୍ଗ କଣ୍ଡୁଳ ଶୃଙ୍ଗ ଘର୍ଷଣେ କାହିଁବା,
ବଲ୍କଳ ବିହୀନ ଶାଖା, କାହିଁବା ଭୂତଳେ
ରୋମନ୍ଥ କରନ୍ତି ମୃଗେ ଛାୟାତଳେ ଲୁଚି;
ସିଂହ ଗଜ ଯୁଦ୍ଧ ଚିହ୍ନେ ଲାଗିଛି ତୁମୁଳ,
ଦୂରୁ ଶୈଳ ବାସୀ ଭିଲ୍ଲ କିରାତ ତା ଦେଖି,
ଗମନ୍ତି ସେଠାରେ ପଛେ ମୁକ୍ତା ଦନ୍ତ ଲୋଭେ;
ଗଜ ବୃନ୍ଦ କ୍ରୀଡ଼ନେ ବା ଝଞ୍ଜା ବାତେ କାହିଁ
ଛିନ୍ନ ଭିନ୍ନ ହୋଇ ଅଛି ତରୁ ଲତା ଶିଳା,
ସେ ଦୃଶ୍ୟ ଦର୍ଶନେ କବି ସ୍ମୃତି ପଥେ ଉଦେ
ଅକାଳ ଯୌବନ-ଗତା ଯୁବତୀ-ସୌନ୍ଦର୍ଯ୍ୟ ।
ମେଘ ମାଳ ବ୍ୟୋମ ମାର୍ଗେ ଆସୁ ଆସୁ ବେଗେ
ହାରି ବାଡ଼ି ପର୍ବତଶୃଙ୍ଗେ ବାଧା ହେତୁ ଥୋକେ
ବସିଛନ୍ତି ସାନୁଦେଶେ, କ୍ରମେ କ୍ରମେ କେତେ
ଉଠୁଛନ୍ତି ଶୈଳ ଅଙ୍ଗ ଊର୍ଦ୍ଧ୍ୱକୁ ସଧୀରେ,
ଆଶ୍ରୟାର୍ଥୀ ହୋଇ ଥୋକେ ଶୈଳବାସୀ ଗୃହେ
ପ୍ରଗଳ୍ଭେ ପଶନ୍ତି ଦ୍ୱାର ବାତାୟନ ପଥେ ।
ଧୂମ୍ର ରାଶି ପ୍ରାୟେ ମେଘ ପର୍ବତ ଜଠରେ
ଘୋଟିଅଛି କାହିଁ ମେଘ ଉଡ଼ି ଉଡ଼ି ଯାଏ
ତୁଳା ରାଶି ପ୍ରାୟେ ଦୂରୁ ହୁଅଇ ପ୍ରତ୍ୟୟ ।
କେତେ ବକ ରେଖା ପ୍ରାୟେ ବିକ୍ଷିପ୍ତ ଶିଖରେ
ଗର୍ଭବତୀ ସ୍ତନ ପ୍ରାୟେ ଦିଶଇ ଶିଖର ।
ଶସ୍ୟକ୍ଷେତେ ମଞ୍ଚେ କାହିଁ ଶାଳୀ ଗୋପେ ବସି
ଶସ୍ୟାହାରୀ ଜୀବେ କ୍ଷେତ୍ରୁ ତଡ଼ନ୍ତି ଜାଗିରେ
ନିର୍ଭୟେ ବଜାଇ ତୁଣୀ ବିକଟ କୁହାଟେ,
ଅଗ୍ନି, ଧନୁ ଶର, ଯଷ୍ଟି ସହାୟେ ଏକାକୀ;
କାହିଁ ପାଠ କୂଳେ ବାନ୍ଧି ମହିଷାଳ ପଲ
ଲଗିଛି ମହିଷ ପଲ ସୋଠା ହୋଇ କଲେ,
ଖରା ବର୍ଷା ମଶା ଡାଂଶେ ନ କରି ଭ୍ରୂକ୍ଷେପ ।
ଦୁର୍ଗମ ଅରଣ୍ୟେ ଶୁଭେ କୁଠାର ଶବଦ,
ମୂଳଚ୍ଛେଦ ଛେଦନ ଶିରେ ଆସନ୍ତି ତା ମଧ୍ୟ
କେହିବା ବିକୃତ ମୁଖ ଭଲ୍ଲୁକାଳିଙ୍ଗନେ;
ବନ୍ୟ ଜାତି ଯୁବତୀଏ ଉନ୍ମତ୍ତ ଉରଜା,
ଗୁଞ୍ଜା ଶିଳା ମାଳା ପିନ୍ଧି ଗଳପୁ ଗଳପୁ

ଅଁଳା, କୋଚଳା, କୋଳ, କେନ୍ଦୁ, ହରିତକୀ,
ଝୁଣା, ଶାଳ ପତ୍ର ଆଦି କରନ୍ତି ସଂଗ୍ରହ;
ପୁଚ୍ଛହୀନ ପକ୍ଷ ଯୁକ୍ତ ବିଷଧର ସର୍ପେ
ସୁଗନ୍ଧ ଚନ୍ଦନ ବନେ ଅଛନ୍ତି ଆଶ୍ରୟି,
ଭାସ୍ୱର ସେ ସର୍ପଶିରେ ମଣି ଜକ ଜକ
ଚଳ ମେଘେ ତାରା ଆଭା, ପଲ୍ଲବ ଗହ୍ୱଳେ ।
କାହିଁ ଭଗ୍ନ ଦୁର୍ଗ ସୌଧ ଉର୍ଣ୍ଣନାଭି ଜାଲେ
ତରୁ ଲତା ଗୁଳ୍ମାକୀର୍ଣ୍ଣ ପ୍ରାଚୀନ ରାଜ୍ୟର
( ଉରଗ, ବିହଗ, ବ୍ୟାଘ୍ର ବାସସ୍ଥଳୀ ଏବେ )
ଭବୈଶ୍ୱର୍ଯ୍ୟ ନଶ୍ୱରତା ମୂକ ସାକ୍ଷୀ ରୂପ
ଦିଅନ୍ତି ଚାହାଁଇ ପାନ୍ଥେ, କିମ୍ବା ସେ ଭାବୁକେ
ବୁଝାଇ ବିଷାଦେ ତାକୁ ଦେଖାଏ କ୍ଷଣକେ
( କ୍ଷଣକେ ସ୍ୱପନ ଯେସନେ ଦୀର୍ଘ କାଳ କଥା
ଅଥବା ଇଙ୍ଗିତେ ଯେସନେ ଗୁପତ ବୃତ୍ତାନ୍ତ )
ଚିତ୍ର ରୂପେ ପୂର୍ବକାଳ ଘଟିତ ଜାତ ମାନ,
କି ଥିଲା କି ହେଲା ପୁଣି ସୌଧର ଦୁର୍ଦ୍ଦଶା
ସର୍ବ ଗ୍ରାସୀ କାଳ ବଶେ ଏହିପରି ସିନା
ଧ୍ୱଂସ ହୋଇ ଯିବ ସର୍ବ ଏହି ଭବ ଭାର
ସ୍ମୃତି ପଥେ ଉଦେ ହୋଇ ଶୁଣାଇ ସେ ସର୍ବେ ।
ତରୁ ଶୂନ୍ୟ ମରୁ କାହିଁ ଦଗ୍ଧ ସିକତାଳ,
ମାୟାବିନୀ ମରୀଚିକା ତପ୍ତାନିଳ ସଙ୍ଗେ
ମତ୍ତ ହଲ୍ଲୀଷକେ ଯହିଁ ଖର ସୌରକରେ ।
କେତେ ଗୁରୁ ରୁଦ୍ର ଦୃଶ୍ୟ କୋମଳ କର୍କଶ
ସାଧ୍ୟ କାହିଁ କଳ୍ପନାର ପଶିବ ସେ ଦୃଶ୍ୟେ;
ଅନନ୍ତ ଐଶ୍ୱର୍ଯ୍ୟ ରାଶି ଦେଖି ପ୍ରକୃତିର
ଥକ୍କ ପଡ଼େ ଚକ୍ଷୁ ବୁଦ୍ଧି ସ୍ତବ୍ଧ ପ୍ରାୟ ହୁଏ,
ଭାବେ ହୁଏ ମନେ ଯେବେ ସେ କେତେ ମହାନ
ତାର ଅନୁଚରୀ ଯାର ପ୍ରକୃତି ସୁନ୍ଦରୀ;
ଶିଥିଳ ହୁଅଇ ଗାତ୍ର ରୋମାଞ୍ଚି ପୁଲକେ
ଅସ୍ମିତା ବିଲୟ; କୂପେ ମଗ୍ନ କୁମ୍ଭ ପରି ।

ତହିଁ ସ୍ୱପ୍ନ ଦେବୀ ତାଙ୍କୁ ଦେଖାଇଲେ କ୍ରମେ
ଗୟା, କାଶୀ, ପ୍ରୟାଗାଦି ତୀର୍ଥ ହରିଦ୍ୱାର ।
ମହା ପୂତସ୍ଥଳୀ ଏହି ଗୟାସୁର ପୃଷ୍ଠ
ବିଷ୍ଣୁ-ପାଦ-ପଦ୍ମ ଧୋଇ ବହେ ଯହିଁ ଫଲ୍ଗୁ,
ପିତୃ ପିଣ୍ଡ-ଦାନ ବ୍ୟତ୍ୟେ ଶୁଷ୍କନୀରା ନଦୀ
ପ୍ରେତ ରୂପେ ପିତୃ ଲୋକେ ଯାର ବ୍ୟୋମଦେଶେ
ପିଣ୍ଡ ପ୍ରତିଗ୍ରହ ଅର୍ଥେ ରୁଣ୍ଡ କରନ୍ତିର ।
ଭୂକୈଳାସ, ବାରାଣସୀ ଜାହ୍ନବୀ ପୁଳିନେ
ଦେହତ୍ୟାଗେ ଜୀବ ଯହିଁ ଲଭଇ ନିର୍ବାଣ,
ତୁଙ୍ଗ ଶୁଭ୍ର ସୌଧ ପଂକ୍ତି, ପାନ୍ଥ ବୃନ୍ଦେ ଯହିଁ
ଶ୍ୱେତ ମେଘାଙ୍କୁର ଭ୍ରାନ୍ତ ଉପୁଜାନ୍ତି ଦୂରୁ,
ବନ୍ଦନ୍ତି ପ୍ରଣମି ଅଗ୍ରେ ଚଳିଲେ ପ୍ରୟାଗେ
ମୁମୂର୍ଷୁ ବାଞ୍ଛିତ ସ୍ଥଳୀ ପରମ ପବିତ୍ର
ଗଙ୍ଗା ଯମୁନା ସଙ୍ଗମେ, ଯହିଁ ଊର୍ମ୍ମି ମାଳା
ଶ୍ୟାମଳ ଧବଳ ବର୍ଣ୍ଣେ, ପବନ ହିଲ୍ଲୋଳେ
ତରୁ ତଳ ଛାୟା ରନ୍ଧ୍ରେ ଚନ୍ଦ୍ରିକା ଯେସନ ।
ବିଚିତ୍ର ପ୍ରକୃତିମୟ ଚିତ୍ରକୂଟ ଗିରି,
ହରିଦ୍ୱାରେ ସ୍ୱର୍ଗ ଦ୍ୱାର ରୂପୀ ହିମାଚଳେ
ଧବଳ ଜଳଦ ବସ୍ତ୍ରେ ଅଙ୍ଗାବୃତ ଯାର
ଧବଳ ତୁଷାର ଶିରେ ଶୁକ୍ଳ କେଶ ଭାର
ତରୁ ଲତା ରୋମ ରାଜି ଗଙ୍ଗା ଆଦି ନଦୀ
ସ୍ୱେଦ ବିନ୍ଦୁ ବତ ଝରେ ଯାର ଅବୟବୁ,
ହିମ ଯୋଗେ ଗିରି ଯହିଁ ସ୍ୱାରକ ଜଙ୍ଗଳ;
ଚିର ଶାନ୍ତିମୟ ଜାଣି ଯେ ଅଦ୍ରି କନ୍ଦରେ
ନିବସନ୍ତି ଊର୍ଦ୍ଧ୍ୱ ରେତା ତତ୍ତ୍ୱ ଜ୍ଞାନୀ ଗଣେ;
ସେହି ହିମାଚଳୁ ଯଥା ନିଃସରେ ତୁଷାର
ତରଳ ରଜତ ଧାରେ ଜାହ୍ନବୀ ଜୀବନେ
ତେସନ ତାପସ ଗଣ ମୁଖ ପଦ୍ମୁ ଏଥୁ
ଝରଇ ଅମୃତୋପମେ-ତତ୍ତ୍ୱ ଜ୍ଞାନଧାରା
ବିଷୟ ବାସନା-ଦାବ କାଦମ୍ବିନୀ ରୂପା

ତ୍ରିତାପ ତାପିତ ଜୀବ-ତାପ ନିବାରିଣୀ
ଇହ-ପର-କାଳ-ସୁଖ-ପଥ ପ୍ରଦର୍ଶିକା —
ସଂସାରରେ ଜିଜ୍ଞାସୁ ଜୀବେ, ଅଶ୍ରୁନ୍ତି ଯାହାକୁ
ଲଭନ୍ତି ପରମ ଶାନ୍ତି ସୁଖ ଆଜୀବନ
ମରଣେ କୃତାନ୍ତ ପାରି ଭବ ମାୟା ସିନ୍ଧୁ

ବିଷୟ-ସଲିଳ ଯହିଁ ଆଶା ଊର୍ମି ରୂପା
ମୋହ ଫେନ, ତରଳତା ସେଇଠାରେ ମମତା
ସେ ଅଦ୍ରି ଶିଖରେ ଦେଖି ବଦ୍ରୀନାଥେ ଦୂରୁ
ପ୍ରଣମି ଚଳିଲେ ସର୍ବେ କୁରୁ କ୍ଷେତ୍ର ଦିଗେ ।

ଦ୍ୱାଦଶ ସର୍ଗ ସମାପ୍ତ ।

## ତ୍ରୟୋଦଶ ସର୍ଗ ।

### "କୁରୁକ୍ଷେତ୍ର ।"

ସୁବିସ୍ତୀର୍ଣ୍ଣ କୁରୁକ୍ଷେତ୍ର ହସ୍ତିନା ଦେଶ ପାଶେ
ଦେଖି ଆଜ ଶୋଭେ କୋଟି କୋଟି ବସ୍ତ୍ରାବାସ ।
ଗୋଟି ଗୋଟି ହୋଇ ଯେଣେ ଖଣ୍ଡ ଶୈଳ ପ୍ରାୟେ
ଦୂର ଦରଶକ ମନେ ଭ୍ରାନ୍ତି ଜନ୍ମାଏ ।
ତୁଙ୍ଗ-ଶୁଭ୍ର-ସୌଧ-ଶୋଭି-ହସ୍ତିନା ଭୁବନ
ପ୍ରଚେତାଙ୍କ କି ସେ ସିନ୍ଧୁ ଗର୍ଭେ ନିକେତନ !
କୁରୁ କୁଳ ଜନ୍ମ ଦାତା ନୃପ କୁରୁ ନାମେ,
ଯତନେ କର୍ଷଣ କରୁଥିଲେ ଏହି ସ୍ଥାନେ,
ଏ ପ୍ରାନ୍ତର ପରିଣତ ହେଲା କ୍ଷେତ୍ରାକାରେ,
ତେଣୁ କୁରୁ-କ୍ଷେତ୍ର ବୋଲି ବିଖ୍ୟାତ ସଂସାରେ ।

ତୁଷ୍ଟ ହୋଇ କୁରୁ ନୃପ ପ୍ରତି ସୁରପତି,
ବର ଦେଲେ ହେବ ତାର ସ୍ୱରଗ ପ୍ରାପତି,
ତପ କରୁ କରୁ ଅବା ସମରେ ଯେ ଜନ
ତ୍ୟଜିବ ଏଠାରେ ତାର ନଶ୍ୱର ଜୀବନ ।
ନକଲେ କର୍ଷଣ ନୃପ ସେହି ଦିନୁ ତହିଁ
ଖ୍ୟାତ ହେଲା ବିଶ୍ୱେ ଧର୍ମ-କ୍ଷେତ୍ର ନାମ ବହି ।
କ୍ଷତ୍ରକୁଳ-ଦାବାନଳ-ରୂପୀ ପର୍ଶୁରାମ
କ୍ରମେ ଏକବିଂଶବାର ଧ୍ୱଂସି କ୍ଷତ୍ରଗ୍ରାମ,
ଅବଶେଷେ ଏଥି ଅସି ଜୀବନ ସାନ୍ତ୍ୱନେ
ସନ୍ତୋଷିଲେ ପିତୃ ଲୋକେ ତରପଣ ଦାନେ ।

କୁରୁ-କ୍ଷେତ୍ର ଶବ୍ଦ ଶୁଣି ଭାରତବାସୀର
ଚମକେ ହୃଦୟ, କମ୍ପେ ଅଚରଣ ଶିର ।
ଭାଗ୍ୟ ପରିବର୍ତ୍ତନର କ୍ଷେତ୍ର ବିଲକ୍ଷଣ
ଐତିହାସିକ ପ୍ରସଙ୍ଗ ଘଟଣା ଭୀଷଣ,
ସହସା ତମିସ୍ରାତମେ ବିଜୁଳି ପରାଏ
ସ୍ମୃତି ପଟେ ଏକାବେଳେ ସବୁ ଦେଖାଯାଏ ।
ଗର୍ବ ଭୟ ଅବସାଦ ଆଦି ବୃତ୍ତି ମନ
ଏକର ହୃଦୟେ ଉଠେ ତରଙ୍ଗ ସମାନ ।
ଅବର ଗୁଭର କୁରୁକ୍ଷେତ୍ର କେତେ ଲୀଳା
ଦେଖିଲୁ ତୋ କୋଳେ କାଳେକାଳେ ଯା ଘଟିଲା
ମୂକ ସାକ୍ଷୀ ପ୍ରାୟେ ତୁହି ଜଣାଉ ନୀରବେ
ଅତୀତର ଇତିହାସ ଅଛି ତୋ ଗରଭେ
ଯବ ମୃତକାୟେ ତୋର ମୃତ୍ତିକା ନିର୍ମିତ
ଗୋଟି ଗୋଟି ତୃଣ ଛଳେ ଘଟଣା ବେଷ୍ଟିତ ।
ମୂର୍ଦ୍ଧବା ପୂର୍ବରୁ କାଳ ଉଡ଼ିଲି ଲୋଚନ
କେତେ ଜାତି ଉଠି ହୁଏ ତୋକୋଳେ ପତନ ।
ସ୍ୱପ୍ନଦେବୀ ମୋହିନୀଙ୍କୁ ଅଙ୍ଗୁଳି ବଢ଼ାଇ
ଦୂରୁ ଦେଖାଇଲେ କ୍ଷେତ୍ର ବିମାନରେ ଥାଇ,
ଦେଖ କୁରୁକ୍ଷେତ୍ର ଦେଖ କେମନ୍ତ ଭୀଷଣ
କୌରବ ପାଣ୍ଡବ ବଳ ଏକତ୍ର ମିଳନ ।
ସିନ୍ଧୁ ରୂପେ କ୍ଷେତ୍ର ଯହିଁ ସେନା ମୀନ ଗଣ
ତହିଁ ମଧ୍ୟେ ଦ୍ୱୀପାକାର ହସ୍ତିନାଭୁବନ,
ମକର କୁମ୍ଭୀର ପ୍ରାୟେ ତୁରଙ୍ଗ ମାତଙ୍ଗ,
ରଥ ବୋଇତ ସାରଥୀ ଯହିଁରେ ସାରଙ୍ଗ;
ରଥୀ ମହାରଥୀ ମାନେ ଭ୍ରମି ଭ୍ରମିଗଲ
ଜୀବରକ୍ତ ନଦୀ ସ୍ରୋତେ ବହାଇ ଅବଳ,
ଅଗଣିତ ମୃତକାୟ ସାରଥି ପଦାତି,
ଭଲି ଭଲି ବାଜି ଗଜ ଭୀମକାୟ ହାତୀ,
କେତେ ଗୋଟା ଗୋଟା କେତେ ଖଣ୍ଡିତ ଅଙ୍ଗେ
ଭଗ୍ନ ଭଗ୍ନ କେତେ ଅବା ଭାସେ ଏକ ସଙ୍ଗେ ।
ରଥ ଛତ୍ର ଚାମ୍ଭୁ ଆଦି ଧନୁ ଧନୁର୍ଗୁଣ
ଭାସନ୍ତି ତହିଁରେ ଯେସନ୍ତେ ଫେନ କାଷ୍ଠ ତୃଣ ।
ବାୟୁ ବିକମ୍ପିତ କେତୁ ତରଙ୍ଗ ଆକାରେ
କୋଳାହଳ ଗୁରୁଭର ସିନ୍ଧୁ ଶବ୍ଦ ନିରକାରେ
ଭାସ୍ୱର ଅସ୍ତ୍ର ଶୂଳନ ସେ ଚଞ୍ଚଳ ଜଳେ
ସିନ୍ଧୁ ଗର୍ଭେ ରତ୍ନବୃନ୍ଦବତ ଝଲମଲେ;
ଶ୍ୱେତ ସେନାବାସ ସବ ଧଡ଼ର ରୂପ ଭ୍ରାନ୍ତ
ରଜତ-ବନ୍ଧନ*-ପାଳ-ପ୍ରତିମ ସୁକାନ୍ତ
ଆୟୁଧ ତ୍ରିଶୂଳ ଖଡ୍ଗ ଶାବଳ ଭୀଷଣ
ତୂଣୀ ଭେରୀ ଆଦି ବାଦ୍ୟ ବୀର ବିଭୂଷଣ,
କବଚ ଉଷ୍ଣୀଷ ହାର କିରୀଟ ଭାସ୍ୱର,
ବାର ଗର୍ଭେ ପୁଷ୍ପ ପ୍ରାୟେ ଦିଶେ ଚକଥିର ।"
ଶୁଣୁଁ ଶୁଣୁଁ ରଥ ହେଲା ନିକଟୁ ନିକଟ
ଅସ୍ପଷ୍ଟ ଯା ଦିଶୁଥିଲା, ଦିଶିଲା ସୁସ୍ପଷ୍ଟ ।
ଅରବୀ ସୈନ୍ଧବୀ ବାଜୀ ରାଜିବଳ ଗତି
ପଦବ୍ୟୂହ ଭେଦ ସଦା ବଶୀଭୂତ ଅତି ।
ଶବ୍ଦ ଶୁଣି କର୍ଣ୍ଣ ଉଠେ ଯାର ହ୍ରେଷାରବେ
ଧାଇଁ ଧାଇଁ ମନ୍ଦୁରାରେ ଆବଦ୍ଧ ସରବେ ।
ଅଶ୍ୱାଦାତ ଦନ୍ତାବଳ ବୃନ୍ଦ ପ୍ରଦେଶର
ନେପାଳି ଗୁଣ୍ଡୁଣି‡ ଆଦି ଧୂସରକଳର ।
ବାଳଶ ବୃହତ କାୟ ବାରଣ ନମାନ
ବୈର ବ୍ୟୂହ ଭେଦିବାକୁ ବ୍ୟସ୍ତ ଅଗ୍ରଗାମୀ;
କର୍କଶ ସୁଦୀର୍ଘ ଦନ୍ତ ହେମ ବିମଣ୍ଡିତ
ମୂଳ ବୋଲି ହେଉଛନ୍ତି ଶୁଣ୍ଡେ ଭୂଲମ୍ବିତ ।
ସ୍ତବ୍ଧ ଅଙ୍କୁଶାଘାତ-ଶଙ୍କୁ ମଧ୍ୟ ଗଣେ
ତତନ୍ତ ସନ୍ତତ ବ୍ୟସ୍ତ ଶ୍ରବଣ-ବ୍ୟଜନେ;

* ନୌକା । ‡ ଚଳିତ କଥାରେ ଏକ ଜାତୀୟ ଶ୍ରେଷ୍ଠ ହାତୀକୁ ଗୁଣ୍ଡୁଣି ହାତୀ କହନ୍ତି ।

ଦୋଲୁଛନ୍ତି ଝୋଲୁଛନ୍ତି ଶାଖା ଲହସାଇ
କେହୁ ତରୁ ମୂଳେ ଖେଳେ ଶୁଣ୍ଡ ଦୋହଲାଇ;
ବାରି ମଧ୍ୟେ ବନ୍ଧ ଉକଟେ ବନ୍ଧ-ତରୁ ପାଶେ
ବୃକ୍ଷ ଶାଖା ଭଙ୍ଗି ଶୁଣ୍ଡେ ସଖେ ତାକୁ ଗ୍ରାସେ ।
ମଦ ଧାର କ୍ଷର କାର ଶିରୁ ପଡ଼େ ଗଣ୍ଡେ
କରଣୀକୁ ଦେଖି ନାଦେ ବୃଂହିତେ ପ୍ରଚଣ୍ଡେ ।
ନାନା ଦେଶୀ ସୈନ୍ୟ ଆଜି କୁରୁକ୍ଷେତ୍ରେ ରଣ୍ଡେ
ମଣ୍ଡପ ମଣ୍ଡିତ ଯଥା ଦେଇ ପଞ୍ଚ-ଗୁଣ୍ଡ;
କିମ୍ବା ସୂର୍ଯ୍ୟ ଅସ୍ତ କାଳେ ଗୋଧୂଳି-ଗଗନେ
ଦିଶନ୍ତି ରଞ୍ଜିତ ଯଥା ଶୁଭ୍ର ମେଘ ଗଣେ ।
ଅଥବା ଶରତ କାଳେ ବନ-ସରୋବର
ନାନାବର୍ଣ୍ଣ ଶୁଭ୍ର ପୁଷ୍ପେ ଦିଶେ ମନୋହର ।
ଅଙ୍ଗପତି ଅନୀକିନୀ† ବୃଷାଙ୍କ କେତନ
ବୃଷସ୍କନ୍ଧ ଉରଶିଳ ବଳିଷ୍ଠ ଗଠନ
ବାମସ୍କନ୍ଧେ ଧନୁ କରେ ତୀର ତେଶାଣ
ନିଷଙ୍ଗେ ପୂରିତ ପୃଷ୍ଠେ ସୁଶାଣିତ ବାଣ,
ଗଙ୍ଗା ପଦ୍ମା ତୀର ବାସୀ ସେନା ବଙ୍ଗଦେଶୀ
କ୍ଷେପଣୀ କ୍ଷେପଏ ଦେଖ ପୁଷ୍ଟ ବାହୁ ପେଶୀ
ଦୃଢ ଗାତ୍ର ବ୍ୟୂହେ‡ ଜମ୍ବୁ ଶମ୍ବୁ ନାସୀ ବଳୀ
ସମର ନିପୁଣ ବୁଦ୍ଧିମନ୍ତ ସୁକୌଶଳୀ;
ବୀର ଭଟ୍ଟ ତଟେର * ଭିନ୍ଦିପାଳ ଧର
ଭ୍ରମନ୍ତି ଏ ରଣ କ୍ଷେତ୍ରେ କ୍ରୀଡାକ୍ଷେତ୍ର ପର;
ରଣରଙ୍ଗ ବୀର୍ଯ୍ୟବନ୍ତ ଦୁର୍ଦ୍ଧର୍ଷ ସମରେ
ମତ୍ସ୍ୟାଙ୍କିତ କେତୁ ତାଙ୍କ ଉଡ଼େ ରଥେ ଦରେ,
✤ କାଳିନ୍ଦୀ ବେଳା ନିବାସୀ ବୀର ସୌରସେନା
ସବ୍ୟ କରେ ଧନୁ ସବେ ତରେ ଶର ଘେନି,
ଧାଡ ଧାଡ ହୋଇ ଦେଖ ଭ୍ରମନ୍ତି କେସନେ
ମରଣେ ମାରଣେ ଭୟ କରେ ନାହିଁ ମନେ;
ସରଯୂ ତମସା ବାସୀ ସୂର୍ଯ୍ୟବଂଶୀ ବୀରେ
ସୁଦୃଢ $ଅୟସ-ସେହ୍ନା-ସନ୍ନଦ୍ଧ ଶରୀରେ,
ଶୋଭେ ଦକ୍ଷ ଦିଗେ ଜାନୁଲମ୍ବ କରବାଳ
ବାମକରେ ଧୃତ ଗଣ୍ଡାରଚର୍ମେ ଗଢ଼ା ଢାଲ
ସିନ୍ଧୁଦେଶୀ ଅଶ୍ୱାରୋହୀ ସୁପଟୁ ପୃତନା ❦
✣ବରବର୍ଣ୍ଣେ ଯେ ଶିଶୁ ମେଷେ କରନ୍ତି ଗଣନା.
କ୍ରୀଡନକ ପାଶ୍ୱେ ହସ୍ତେ ଖେଳାନ୍ତି ଯେ ଗେଲେ,
ଭୂମିଷ୍ଠଲେ ଅଶ୍ୱପୃଷ୍ଠେ ମଣନ୍ତି ସେ ହେଳେ;
ମଗଧର ଜରାସନ୍ଧୀ ଚମୂ ବୀର୍ଯ୍ୟବନ୍ତ
ଶତ୍ରୁଙ୍କୁ ଯେ ତୃଣ ପ୍ରାୟେ ମଣନ୍ତି ସତତ
ଶିର ଯାଉ ପଛେ ଗର୍ବ ଥାଉ ତାଙ୍କ ମନେ
ନ ଜାଣନ୍ତି ନମ୍ରତା ଏ କେସନ ସ୍ୱପନେ ।
ଲାଙ୍ଗଳ- ଲାଞ୍ଛିତ କେତୁ ଉଡାଇ କୌତୁକେ
ମୈଥିଳ ସୈନ୍ୟଙ୍କ ଶିଖା ପ୍ରାୟେ ହୁତଭୁକେ
ଶୂର ଶ୍ରେଷ୍ଠ ସୁବଳିଷ୍ଠ ଶୈଳୋପମ ରଣେ
ନ ମାରନ୍ତି କାହାକୁ ଏ,ରଣେ ଅକାରଣେ ।
ସୁକୌଶଳୀ ଗୁଳ୍ମ❋ ବୀର୍ଯ୍ୟଶାଳୀ କୋଶଳର
ଅଦ୍ଭୁତ ଶାର୍ଦ୍ଦୂଳ ପ୍ରାୟେ କ୍ରୋଧେ ଜର ଜର
ଭୀଷଣ କୃପାଣ ତାଙ୍କ ଶ୍ୱାପଦ ଲେକେ
ଭସାଏ ଲୋହିତ ନୀରେ ଅରାତିକୁଳେ ଶୋକେ;
ପ୍ରାନ୍ତର ଅପର ପାର୍ଶ୍ୱେ ଦେଖ ବ୍ୟୂହ ମୂଳେ
ଚକ୍ରାଙ୍କିତ ଧ୍ୱଜାଯାଙ୍କ ଉଡ଼େ ରଥ ଚୂଳେ,

† ସେନାଦଳ ।
‡ ଲକ୍ଷର ଦୁଇ ପାର୍ଶ୍ୱସ୍ଥ ଅସ୍ଥିଦ୍ୱୟ ।
* ଅସ୍ତ୍ର ବିଶେଷ ।
✤ ଯମୁନା ।
$ ଲୌହମୟୀ ସାଞ୍ଜୁ ।
✣ ଶ୍ରେଷ୍ଠ ଜାତୀୟ ଘୋଡ଼ାକେ ।
❦ ସେନାଦଳ ।
❋ ସେନା ।

ଯୁଝନ୍ତି ଏ ପାର୍ଥ ସଙ୍ଗେ କୁରୁ ଅନୁକୂଳେ ।
କୃଷ୍ଣସେନା *ସଂଶପ୍ତକ କୃଷ୍ଣ ପ୍ରତିକୂଳେ ।
ଉତ୍କଣ୍ଠିତା ✢ଅନୀକିନୀ ଜୟାଜୟ ପ୍ରତି
ଲକ୍ଷ୍ୟଶୂନ୍ୟ, କର୍ତ୍ତବ୍ୟର ପାଳନେ ଯୁଝନ୍ତି;
ପ୍ରଶାନ୍ତ-ଗମ୍ଭୀର ସର୍ବେ ରଣଦକ୍ଷ ବୀର
ପ୍ରାଣାନ୍ତେ ଦୁହନ୍ତି ପୃଷ୍ଠ ସମରେ ଅଧୀର ।
ବିଶାଳ ଆୟସୀ ଗଦା ଥୋଇ ସ୍କନ୍ଧଦେଶେ
ସ୍ଥାପନ୍ତି କରକୁ ଥରେ ଥରେ ¶ଶିରକେଶେ;
ରକ୍ତ ଚନ୍ଦନ ଚିତା ଉଚ୍ଚ ଭାଲ ପଟେ
ଉଜ୍ଜ୍ୱଳ ତ୍ରିଶୂଳ ଦେଖି ଶୋଭେ ଧ୍ୱଜ ପଟେ;
ଶୋଭଇ ସିନ୍ଦୂର ବିନ୍ଦୁ ଯେ $ବାହିନୀ ଶିରେ
ସିଂହବାହିନୀ ଭବାନୀ ଭକତ ଏ ବୀରେ,
କାମାକ୍ଷୀ ପାଳିତ ଦେଶୁ ଆସିଛନ୍ତି ଥୋକେ,
ଶକ୍ତି ଉପାସକ ତହିଁ ଛନ୍ତି କେତେ ଲୋକେ,
କଟିରେ କଟାରି କାର ସ୍କନ୍ଧରେ ସାବେଳ,
ଉଜ୍ଜ୍ୱଳ ବିଶାଳ ଯେହ୍ନେ ଜ୍ୱଳନ୍ତ ହାବେଳି,
ବଳି କାଟି କାଟି ତାଙ୍କ କଠୋର କଠିନ
ହୃଦର କେମନ୍ତ ଦେଖ ଘୃଣ୍ଣତର କ୍ଷୀଣ ।
ଦଶଭୁଜା ଜଗଦ୍ଧାତ୍ରୀ ଆଇ ଧ୍ୱଜପଟେ
ସଂକଟତାରଣୀ ତାଙ୍କୁ ରଖନ୍ତି ସଂକଟେ ।
ବିକଟ କଟକ ଦେଖ ✢ଘଟୋତ୍କଚଙ୍କର
ଭୀମ ପରାକ୍ରମୀ ଭୀମ-ହିଡ଼ମ୍ବା କୁମର;
ବିପକ୍ଷ ଦଳନେ ଦକ୍ଷ ଃପ୍ରକ୍ଷେପ୍ତଡ଼ନ ଧାରୀ
ଅକାଟ୍ୟ ଗମ୍ଭୀରବେଶୀ ମହାମାୟାକାଶୀ ।
ପରଦର୍ପ ଚନ୍ଦ୍ରକାଶୀ ପୌ ❦ବରୁଥିନୀ
ଖରଶାଣଶାଣିତାସିହୀନ ବରାସ୍ତ୍ର ଧାରଣୀ ।
ଧୁରନ୍ଧର ଯୋଧ ବୃନ୍ଦ ଗାନ୍ଧାର ଦେଶର
ଡମ୍ଭ ପ୍ରାୟେ କମ୍ପପ୍ରଦ ଭୀଷଣ ସୁନ୍ଦର,
ପ୍ରାଣ-ମାୟାହୀନ ଅଗ୍ନିଶର୍ମା ଅଦଭୁତ
କଥାକେ କଥାକେ ମଥା ନେବାକୁ ପ୍ରସ୍ତୁତ,
ଦ୍ୱିଧାର ସୁତୀକ୍ଷ୍ଣ ଛୁରୀ ମୁନିଆ ଭାସ୍ୱର
ବୈରି ବକ୍ଷ ଲକ୍ଷି ଭୁଷିବାକୁ ଅଗ୍ରସର ।
ଶୂରମଣି ମଣିପୁର ହସ୍ତୀ ସେନାଦଳ
ଚାଳକ ପ୍ରବୀର ଯହିଁ ପ୍ରତାପୀ ପ୍ରବଳ ।
ଯୁଗ୍ମଭ୍ରୂଲା ବଦନ କେହି ଗାଲମୋଚ୍ଛ ଧାରୀ
ଚର୍ମବର୍ମାବୃତ ସର୍ବେ ଅସ୍ତ୍ର ସହାରୀ ।
ନାଦନ୍ତି ଦନ୍ତୀଏ ଭୀମେ ଶୁଭଇ ଦିଗନ୍ତେ
ଘନ ଘନ ଘଣ୍ଟାରବ ବାଜେ କଣ୍ଠି ତଟେ,
କେକୀ ପୁଚ୍ଛ ବର୍ଣ୍ଣ ଝଣି ✱ପ୍ରବେଣୀ ମଣ୍ଡିତ
ବୃହତ୍କାୟ ବୃହଦ୍ଭାଲ ସିନ୍ଦୂର ଶୋଭିତ ।
ଗଦା, ପର୍ଶୁ, ଶୂଳ, କୁନ୍ତ କେହି ଧନୁର୍ଦ୍ଧାରୀ
ସୁଭାସ୍ୱର ‡ଚନ୍ଦ୍ରହାସ କା'କରେ କଟାରି ।
ହସ୍ତୀପକ କରେ କରି ଚାଳକ ପ୍ରବୀଣ
ଶୋଭେ ଦ୍ୱିରଦ ଉଦ୍ଭୂତ ଅଙ୍କୁଶ ସୁତୀକ୍ଷ୍ଣ ।
ଖର୍ବ କୁଣ୍ଡ ଖର୍ବ ନାସା ନେପାଳ ସୈନିକେ
ଭାସ୍ୱର †ଭୁଜାଲି କରେ ଭ୍ରମନ୍ତି ନିର୍ଭୀକେ
ସତ ୨ ତତ୍ପର ପ୍ରଭୁ-ଆଜ୍ଞା ପାଳନରେ
ନ୍ୟାୟାନ୍ୟାୟ ପ୍ରାଣପ୍ରତି ନବିଚାର ଥରେ ।
କଳିପ୍ରିୟ କଳିଙ୍ଗର ବଳିଷ୍ଠ ପଦାତି
ମହୋଦ୍ଧତ ନତ ମରଣ ପ୍ରିୟ ଜାତି

* କୃଷ୍ଣଙ୍କର ସୈନିକ ମାନେ । ✢ ସେନାଦଳ । ✱ ହସ୍ତୀ ପୃଷ୍ଠସ୍ଥ ବିଛଣା ।
¶ କେଶ । $ ସେନାଦଳ । ‡ ତରବାରି ।
✢ ଭୀମ ଔରସରେ ହିଡ଼ମ୍ବା ରାକ୍ଷସୀ ଗର୍ଭଜ ପୁତ୍ର । † କଟାରି ।
ଃ ଅସ୍ତ୍ର ବିଶେଷ । ❦ ସେନା ଦଳ ।

ମହେନ୍ଦ୍ର-ମଳୟ- ସେବୀ ମାତଙ୍ଗେ ଆରୋହି
ନାଗଙ୍କେ ଭ୍ରମନ୍ତି ଶତ୍ରୁ ଦ୍ରୋହେ ଭୀତ ନୋହି ।
ଦୃଢ଼ ଗାତ୍ର ଦ୍ରାବିଡ଼ର ସୁଦୃଢ଼ ବାହିନୀ
ଦୁର୍ଦ୍ଧର୍ଷ ସମରେ * ଦ୍ରୂଣ ✤ ଦ୍ରୂଘଣ ଧାରଣୀ;
ଧୂରନ୍ଧର ଅନ୍ଧ୍ର ସେନା ଭ୍ରମନ୍ତି ❦ ଅସ୍କନ୍ଦେ
ଅମନ୍ଦ $ ଅସ୍କନ୍ଧେ ଥୋଇ ଶକ୍ତି ଶେଲ ସ୍କନ୍ଧେ ।
ଦୁର୍ଗଭେଦୀ ବୈରଛେଦୀ ଯୁଦ୍ଧେ ରେଖାତଳ
ଅଟଳ ସମୁଦ୍ରେ ଯେସନ୍ତେ ମୈନାକ ଅଚଳ ।
† ଧୂପଖଣ୍ଡାଧାରୀ ଖଣ୍ଡାୟତେ ଉତ୍କଳର
ମକର-କୁଣ୍ଡଳ କର୍ଣ୍ଣେ ସହିଷ୍ଣୁ ପ୍ରବର
କପାଳେ ସିନ୍ଦୂରଧର ତାମ୍ବୂଳ ବୋଳିତ
କେଶ ବେଣ୍ଡା ବଙ୍କ କାର ବାବୁର କୁଞ୍ଚିତ ।
⁂ ବଣା ବଣତୋଳୀ ଗୋଆଁ କେଉଁ କଣ୍ଟିଗିଲ
ଟୈଣ୍ଡ୍ରା ଗୁଳ୍ମେ ଯେଉଁ ବେଳା ହସଇ ଜଟିଳ;
ସେହି ବେଳା ଗୁଳ୍ମେ ଖାର-ପସଖୀ ନିବାସୀ
କେତେ ପୁଣି ସେନା ତହିଁ ଗିରି-ଦୁର୍ଗ ବାସୀ,
ସର୍ବେ ଦୁର୍ନିବାର ରଣେ ଦୁର୍ଜୟ ପ୍ରତାପୀ
ସମରେ ଅପ୍ରତିହତ ଅଦ୍ଭୁତ ସନ୍ତାପୀ ।
ପୃତ ନୀରପାତ୍ରୀ ପୁଷ୍ପିପୁର ସେନାଗଣେ
ସରବେ ସକ୍ଷମ ଧୀର ମହାଦକ୍ଷ ରଣେ ।
ମଲ୍ଲ ଯୁଦ୍ଧେ ବିଶାରଦ ମାଳବ ନିବାସୀ
ସହିଷ୍ଣୁ ହର୍ଯ୍ୟକ୍ଷ ମହ୍ୟସେନା ଶତ୍ରୁ ନାଶୀ;

କାଶୀବାସୀ ନିଚ୍ଛଦସ୍ତ ତ୍ରିଶୂଳ ଗ୍ରହଣେ,
ରଜୋଗୁଣୀ ଭୋଜପୁରୀ ମଣି ଯୋଧଗଣେ
ବୈଦେହି ଅଜାମିଳ ଗ୍ରଲ୍ ଜଗତେ ଅଜେୟ,
ଶତ୍ରୁଙ୍କୁ ଶଶ ସଦୃଶ ମଣନ୍ତି ଯେ ହେୟ;
କନୌଜ ଜିଘ ସାପ୍ରିୟ ଜିଷ୍ଣୁ ସେନା ଦଳ;
ମହେଷ୍ୱାସ ମହାବକ୍ଷ ଚମୂ ମହାବଳ
ବିନ୍ଧ୍ୟବାସୀ ସେନା ଅତି ଜର୍ମନ ନିଷ୍ଠୁର
କର୍ମନାଶା କୂଳାନୀକ ଜୂରକର୍ମା ଶୂର ।
କେତେ ଗଣ୍ଡକୀ ଗୋମତୀ ଗୋଦାବରୀ ତୀରୁ
ଅଶ୍ୱ ହସ୍ତୀ ଉଷ୍ଟ୍ର ପୃଷ୍ଠେ ରଣରଙ୍ଗୀରୁ;
ଆସିଛନ୍ତି ଦଳେ ଦଳେ ସେନା ଲକ୍ଷ ଲକ୍ଷ,
ସିନ୍ଧୁ ତଟୀ ନଭେ ତାସ ପସାଏ ଅସଂଖ୍ୟ;
ବିବିଧ ଆୟୁଧ ଧରିଛନ୍ତି ନାନା ରଙ୍ଗେ,
ଉଷ୍ଣୀଷ ପୋଷାକ ପିନ୍ଧିଛନ୍ତି କେତେ ଢଙ୍ଗେ,
ଦେବଦତ୍ତ ଅସ୍ତ୍ର କେହି ରଖିଛନ୍ତି ଗୁପ୍ତ,
ଟେକି ନାଣି ଛାଡ଼ିବାକୁ କରି ମନ୍ତ୍ରପୂତ;
କାହାର କର୍କଶ କର କାର୍ମୁକାକର୍ଷଣେ,
ଭୂଷିତ କାହାର ଅଙ୍ଗ ଅସ୍ତ୍ରକ୍ଷତ ବ୍ରଣେ,
ଚଣ୍ଡୀ ଯତ୍ନେ ❈ବଳି ଦେବେ କାମ୍ୟା ହେବେ ବଳି
ହଦାଇ କହାଇ ତାଙ୍କ କୁଳବାଳାବଳି
ଦୁର୍ଗରୂଳେ ଦୂରଗାମୀ ଭୀଷଣ କମାଣ
ଶୋଭେ ପ୍ରାଚୀରରେ ‡ଦେବ ନାମା ତୋପମାନ

* ଖଡ୍ଗ ଧନୁ । ✤ ଲୌହ ଗଦା । $ ଘୋଡ଼ାର ଗତି । ❦ ଯୁଦ୍ଧ ।
† ଏକ ପ୍ରକାର ଖଡ୍ଗ । ⁂ ସମୁଦ୍ର କୂଳସ୍ଥ ବୃକ୍ଷମାନଙ୍କର ନାମ, କୁଳଙ୍ଗରେ ବହୁତ ଦେଖାଯାଏ ।
❈ ପୂଜା ସାମଗ୍ରୀ ।
‡ ମୁଁ Ellora Cave ନିକଟବର୍ତ୍ତୀ ଦଉଲତା ବାଗ କଲ୍ଲାର ଉପର ଭାଗରେ ଗୋଟିଏ ବୃହତ୍ କମାଣ ( ୨୨ ହାତ ଲମ୍ବା ) ଦେଖିଥିଲି । ତାହାର ନାମ " ଶ୍ରୀ ଜୟ ମଙ୍ଗଳ ଦୁର୍ଗା ତୋପ " ଏହାଛଡ଼ା ଏଠାରେ ପ୍ରାଚୀର ପରେ ଅନେକ କମାଣ ରକ୍ଷିତ ଅଛି ।

କେ କହି ପାଣ୍ଡବ ବ୍ୟୂହ ରଚନା କୌଶଳ
ସର୍ପ, ବୃତ୍ତ, କୋଣାକାର ବଙ୍କିମ ସରଳ;
ବଜ୍ର, ଦଣ୍ଡ, ଚକ୍ର ଆଦି ବ୍ୟୂହ ନାନା ନାମେ
ରଚି ଛକି ବସିଛନ୍ତି ସେନା ସ୍ଥାନେ ସ୍ଥାନେ;
ଜ୍ଞାତ ନୁହେ ସର୍ବେ ପଥ ପ୍ରବେଶ ନିର୍ଗମ
କଟିଛନ୍ତି ଦ୍ୱାରେ ମହାରଥୀ ଯମ ସମ;
ସଂଗୃହିତ ନାନା ଅସ୍ତ୍ର ବୀର ବର୍ଗ କରେ
ବାୟୁ ଯୁକ୍ତ-ଦାବ ବହ୍ନି ଶିଖା ଶୋଭା ଧରେ;
କାକ ଶକୁନି ଶ୍ୟେନାଦି ଶବାଶନ ପକ୍ଷୀ
ସଞ୍ଚରନ୍ତି ବାୟୁ ସ୍ରୋତେ ଶବ ପ୍ରତି ଲକ୍ଷି;
ପ୍ରୀତ ନେତ୍ରେ ନିରେଖନ୍ତି ଭୋଜ ଅୟୋଜନ
କିଳିକିଳି ରବେ ତାଙ୍କ କମ୍ପଇ ଗଗନ ।
ଥାଇ ଥାଇ ଚଲ କାହିଁ ଚିଲମାନ ନଖେ
ମାଂସ-ଖଣ୍ଡ ଧରି ବେଗେ ପଳାଏ ସଶଙ୍କେ;
ବଜ୍ର-ନଖ ପକ୍ଷୀରାଜ ଶ୍ୟେନ ଦେଖି ତାକୁ
ତିର୍ଯ୍ୟକେ ଖସଇ ଝଟେ କ୍ରୋଧେ ଧରିବାକୁ;
ତା ଦେଖି ଇତର ପକ୍ଷୀ ଭୟେ କୋଳାହଳେ
କେ କାହିଁ ଲୁଚଇ ବ୍ୟସ୍ତେ ପଳାଇ ଚଞ୍ଚଳେ ।
ଅସଂଖ୍ୟ ବିହଗେ ଉଡ଼ି ସେଥି ନିକଟରେ
ସେନା-ଚକ୍ର-ଛିଦ୍ର କାର୍ଯ୍ୟ କରନ୍ତି ସତତେ ।
ଗୋମାୟୁ, ଗୋଧିକା, ଫେରୁ ପଶୁ ଶବାହାରୀ
ଘେନି ଯାନ୍ତି ଖେଦି ଶବ ଲୁଚି ତମସ୍ତାରୀ ।
ଭୀଷଣ ଶ୍ମଶାନ ଦୂରେ ଜଳେ ଚିତା ଯହିଁ
ଲକ୍ଷ ଲକ୍ଷ ଚତୁର୍ଦ୍ଦିଗେ ଧୂମ ପ୍ରସରଇ;
କାହିଁ ପର୍ବତ ପ୍ରମାଣ ଭସ୍ମ ସ୍ତୂପ-ଶ୍ରେଣି
କାହିଁ ଜ୍ୱଳଇ ଅନଳେ ଶବ ସର୍ବଗ୍ରାସୀ;
ମେଘାକାର ଦିଶେ ତହିଁ ଧୂମ ଭସ୍ମ ସ୍ତୂପ
ଦପ ଦପ ଚିତାନଳ ବିଜୁଳି ସ୍ୱରୂପ ।
ଅଗଣିତ ପୂତି ଶବ ପଡ଼ିଛି ଅଦୂରେ
ବିକଳାଙ୍ଗ କ୍ଷତ ନାଭି ପାଦ ଶିର ଉରେ,
ବିଷମ ଦୁର୍ଗନ୍ଧ ଦୃଶ୍ୟ ଅତି ବିଭୀଷଣ
ସ୍ୱପନେ ସ୍ମରିଲେ କରେ ରୋମ ହରଷଣ ।
ଡାକିନୀ ଯୋଗିନୀ ଭୂତ ପିଶାଚ କବନ୍ଧ
ମହା କୋଳାହଳେ ନୃତ୍ୟ କରନ୍ତି ଆନନ୍ଦେ,
ଶବାହାରୀ ପଶୁ ପକ୍ଷୀ କୀଟ ଲକ୍ଷ ଲକ୍ଷ
ଦର୍ଶନେ ଯାହାର ହୃଦେ ଉଠଇ ଚମକ ।
ଇଚ୍ଛାଗାମୀ ରଥ ତହୁଁ ଗଲା ଅନ୍ୟ ପଥେ
ବିସ୍ତୀର୍ଣ୍ଣ ସୁଦୂରୁ ହର୍ମ୍ମ୍ୟ ଦିଶିଲା ଅଗ୍ରତେ,
ସହସ୍ର ସହସ୍ର ରୋଗୀ ଶଯ୍ୟାଶାୟୀ ତହିଁ
ଶୋକ ମଗ୍ନ ସର୍ବେ କେହି କାନ୍ଦେ ରହି ରହି,
ଅସହ୍ୟ ଯନ୍ତ୍ରଣା ହେତୁ କେହିବା ଚିତ୍କାରେ
ଛଟି ପଟି କରେ କେହି ପତିତ ଶଯ୍ୟାରେ ।
ଅନ୍ଧ ଖଞ୍ଜ କୁବ୍ଜ କାଣ ବଧିର କ୍ଷତାଙ୍ଗ
ଅଚେଷ୍ଟ ବିଷବ୍ରଣେ କେହି ଦଗ୍ଧ ବିକଳାଙ୍ଗ ।
ବୈଦ୍ୟ ସେବାକାରୀ ଶତ ଚିକିତ୍ସକ ଆଦି
ଔଷଧ ପ୍ରଦାନେ ରତ ହରିବାକୁ ବ୍ୟାଧି ।
ଅଦୂରେ ଦିଶିଲା ଉଚ୍ଚ ପ୍ରାଚୀର ପ୍ରଶସ୍ତ
ଏକମାତ୍ର ଦ୍ୱାର ତହିଁ ପ୍ରହରୀ ବିଶ୍ୱସ୍ତ ।
ଯଶସ୍ୱୀ ଭୂପତି ସଦା ସଶଙ୍କିତ ଚିତ୍ତେ
"ଦେଖ ବାମ ନେ ନିରେଖେ କେମନ୍ତେ କେଉଟେ
କହିଲେ ସ୍ୱପନ ଦେବୀ "ଏହି କାରାବାସ
କି ଅଛୁ କାଭ୍ରଗେ୍ୟ ଦେଖି ମତନ ଲାଗେ ହାସ,
ସୌନ୍ଦର୍ଯ୍ୟ ସ୍ୱାସ୍ଥ୍ୟ ନାଶିନୀ ନିଦ୍ରାସଞ୍ଚାନୀ
ମୂର୍ତ୍ତିମତୀ ଚିନ୍ତା ଏଥି ଦିବସ ରଜନୀ;
ପ୍ରାଚୀର ମଧ୍ୟରେ ଦେଖ ସ୍ଥିତ ସ୍ଥାନେ ସ୍ଥାନେ
ପ୍ରକୋଷ୍ଠ ଅର୍ଗଳ ବଦ୍ଧ, ଯହିଁ ବନ୍ଦୀମାନେ
ମହାଶୋକେ କାଟୁଛନ୍ତି କାଳ କାତରରେ,
ଭାଗ୍ୟକୁ ଆଦରି ଅନଶନେ ଅର୍ଦ୍ଧାଶନେ,
ମୁଷ୍ଟେ କର ଦେଇ କେହି କାନ୍ଦେ ଝର ଝର
ଦୀର୍ଘ ଲୋମ ନଖ ହେତୁ ଦିଶେ ଅସୁନ୍ଦର ।

କର ପାଦ କାହାର ବା ଶୃଙ୍ଖଳା ଆବଦ୍ଧ”
ତମୋମୟ ପ୍ରକୋଷ୍ଠେ କେ ଏକାକୀ ନିବଦ୍ଧ;
କେହି ଇଷ୍ଟ ଦେବେ ଭାବେ ଏକାଗ୍ରଧ୍ୟାନ ମନେ
କେହୁ ଭାଗ୍ୟ ନିନ୍ଦି ପୁଣି ଭାବେ ପରକ୍ଷଣେ;
ଯା କରନ୍ତି ଈଶ୍ୱର ସେ ମଙ୍ଗଳ ନିମିତ୍ତ
କିଫଳ ଫଳାବ ବୃଥା ହେଲେହେଁ ଚିନ୍ତିତ;
କପାଳ ଲେଖନ କହ କେ କରିବ ଆନ
ଏତେ ବୋଲି ମନେ ମନେ ଚିନ୍ତେ ଭଗବାନ ।
କେହି ପ୍ରିୟତମ ପୁତ୍ର ପ୍ରିୟତମା କଥା
ଭାବୁ ଭାବୁ ବାଷ୍ପାକୁଳେ ନଇଁ ଦିଏ ମଥା;
କେହି ଭାବେ ଚିନ୍ତା ନାହିଁ ମୋ ପାଇଁ ମୋହର
କହେବ ଯୁଦ୍ଧରେ ଅହା ଭ୍ରାତା ତନୟର ।
ବୃଦ୍ଧ ପିତା ମାତା ପାଇଁ କେହି ଭାବେ ବସି
ଥରେ ଥରେ ହାୟ ହାୟ କହେ ଦୀର୍ଘ ଶ୍ୱସି ।

ଅବିଶ୍ୱାସୀ ପଳାତକ ଗୁପ୍ତ ଚରଗଣେ
ବଟାଗ୍ରର୍ଥୀ ଯେତେ ଛନ୍ତି ଅନ୍ୟାନ୍ୟ ବିଷୟେ,
ବଗୃର ହୋଇଛି କାର ହେବ ଉଦ୍‌ବନ୍ଧନ
ଜ୍ୱଳନ୍ତ ଅନଳ କୁଣ୍ଡେ କାହାକୁ ପାତନ ।
ଅନଶନେ ଅସ୍ତ୍ରାଘାତେ ହିଂସ୍ର ଜନ୍ତୁ ମୁଖେ
ଶୂଳ ଗୁଳେ କାହାକୁବା, ବାନ୍ଧି ଦେଇ ବୃକ୍ଷେ
ଆକର୍ଷି ସତେଜରେ ଦୁଇ ପାଦେ ଦୁଇ ଡାଳେ,
ମାରିବାକୁ କାହାକୁ ବା ଚିର ଦେନ ଫାଳେ ।
ଏହିପରି ବନ୍ଦୀ ଯେତେ ଛନ୍ତି ସ୍ଥାନାନ୍ତରେ
ଜଣେ ଜଣେ କରି ଏକ ଏକ ପ୍ରକୋଷ୍ଠରେ,
ମରିବା ପୂର୍ବରୁ ମୃତ୍ୟୁ ବିକଟ ବଦନେ
ଭୟେ ମାରୁଥାଏ ତାଙ୍କୁ ସ୍ୱପ୍ନେ ଜାଗରଣେ,
ବଞ୍ଚି ଥାଉଁ ଥାଉଁ ମୃତ୍ୟୁ-ବିଷମ-ଯନ୍ତ୍ରଣା
କେତେ ଯେ ଭୋଗନ୍ତି କିଏ କରିବ କଳ୍ପନା ।

ତ୍ରୟୋଦଶ ସର୍ଗ ସମାପ୍ତ

# ଚତୁର୍ଦ୍ଦଶ ସର୍ଗ ।

## ଯୁଧିଷ୍ଠିରଙ୍କର ଭାବନା ।

ଭଞ୍ଜ କୁଳ କଞ୍ଜରବ କବୀନ୍ଦ୍ର ଉପେନ୍ଦ୍ର !
ଯୋଗ୍ୟ ପୁତ୍ର ବୋଲି ଜାଣି ତୁମ୍ଭଙ୍କୁ ଭାରତୀ,
ତବ ଆରାଧନା ମତେ ସସ୍ନେହେ ସଦୟେ
ଚିର ମୃଦୁରୂପା ତାଙ୍କ ନନ୍ଦନ କାନନୁ
କବିତା ଅମୃତ ବଲ୍ଲୀ, ଫୁଟେ ପାରିଜାତ
ଯହିଁ ଫଳଇ ପୀୟୂଷ ଶାଶ୍ୱତ ଦେଲେହେ
ରସିକ ବର ! ଶ୍ରୀକରେ ତୁମ୍ଭର, ସେ ବଲ୍ଲୀ
ଉତ୍କଳ ସାହିତ୍ୟୋଦ୍ୟାନେ, ଶୁଭ ଯମ୍ଭ ତୁମ୍ଭେ
ରୋପିଲ ପ୍ରଥମେ ତୁମ୍ଭେ; ତାଦେଖି ଅନ୍ୟାନ୍ୟେ
ଜଗନ୍ନାଥ, ବଳଦେବ, ଅଭିମନ୍ୟୁ ଆଦି
ଦେବଦୁର୍ଲ୍ଲଭ, ସାରଳା ଦାସ, ରାଧାନାଥ
ରୋପିଲେ ଅନେକ ତରୁ ଲତା, ସେ କାନନେ;
ମଧୁ, ଗଙ୍ଗାଧର, ପୁଣି ଚିନ୍ତାମଣି ଯୋଗେ
କ୍ରମେ ସେ କାନନ ପୁଣି ହେଉଛି ବର୍ଦ୍ଧିଷ୍ଣୁ,
ବହୁ ମୃଦୁ ଫୁଲ ଫଳେ ପୂର୍ଣ୍ଣ ସେ କାନନ,
ସାହିତ୍ୟ-ରସିକ- ସ୍ୱାଦୁଶୀଳ ରସନାର
ପରିବର୍ତ୍ତନାର୍ଥେ ତହିଁ ନ ଥିବାରୁ ଅମ୍ଳ,
ତେନ୍ତୁଳି ପାଦପ ମୁହିଁ ରୋପୁଛି ସଭୟେ ।
ଏକାକୀ ବସିଣ ମୌନେ ବୀର ଯୁଧିଷ୍ଠିର
ହସ୍ତତଳେ ନ୍ୟସ୍ତ ତାଙ୍କ ବଙ୍କିମ କପୋଳ
ଭାବୁଛନ୍ତି ଗୁପ୍ତଚର ନ ଆସିଲା କିପାଁ ?
ଶୁଣୁଅଛି ନବ ବ୍ୟୂହ ରଚଛନ୍ତି ଗୁରୁ
ସତ୍ୟକି ଏକଥା, କିପାଁ ନ ଆସିଲା ଦୂତ
ସତ୍ୟ ଅବା ମିଥ୍ୟା ଏହା କେ କହିବ ମୋତେ;
ଏହି ରୂପେ ଭାବୁ ଭାବୁ ତରଙ୍ଗ ଆକାରେ
ଚିତ୍ତହ୍ରଦେ ଉପୁଜିଲା ନାନା କଥା ମାନ—
ପ୍ରପଞ୍ଚ ଜଞ୍ଜାଳ ଏଥି ନାହିଁ ସୁଖ ତିଳେ
ସଂସାର ଅନିତ୍ୟ, ମିଥ୍ୟା ଯଥା ଇନ୍ଦ୍ରଜାଲ,
ଏଇ ଅଛି ଏଇ ନାହିଁ ଜାଣି ଶୁଣି ମୂଢ଼
ବୃଥା ଅହଂକାରେ ମତ୍ତ ହୁଅନ୍ତି ସରବେ
କେହି କେହି ତହିଁ ଯଦି ହୁଅନ୍ତି ବିରାଗୀ
ତଥାପି ନଛାଡ଼େ ତାଙ୍କୁ ପାରବ୍ଧ କଦାପି;
ମହା ବଳବାନ ରୋଗ, ଛାଡ଼ିଲେହେଁ ତାକୁ
କିନ୍ତୁ ନ ଛାଡେ ସେ କେବେଁ, କହେବ ସମରେ
କିପାଁ ନଆସିଲା ଦୂତ ହୋଇଲା କି ଧୃତା
ପ୍ରାତେ ପାର୍ଥ କୃଷ୍ଣ ସଙ୍ଗେ, ସଂଶପ୍ତକ ସେନା
ସଙ୍ଗେ ଗଲେ ଯୁଝିବାକୁ, ଭୀମ ହେଲେହେଁ ସେ
ମହାବଳୀ, ନୁହେଁ ବୁଦ୍ଧିଶାଳୀ; କି କରିବ
ରଚିଥାନ୍ତି ଯଦି ବ୍ୟୂହ କହିବ ଉପାୟ !
ଏମନ୍ତ ସମୟେ ଦ୍ୱାରୀ ଜଣାଇଲା ଆସି
ଗୁପ୍ତଚର ବାର୍ତ୍ତାବେଦନ ଉପସ୍ଥିତ ଦ୍ୱାରେ,
ଆଦେଶିଲେ ଯୁଧିଷ୍ଠିର 'ଆଣ ତାକୁ ହେଥି'
ସସମ୍ଭ୍ରମେ କରଯୋଡ଼ି ହୁଅନ୍ତେ ଆଗତ
'କହ କିପାଁ ନ ଆସିଲୁ କାଲି ନିଶା ଯୋଗେ
କହ କହ ସମାଚାର କି ଆଣିଛୁ ହେଥି ?'
ପଚାରନ୍ତେ ଯୁଧିଷ୍ଠିର, କହିଲା, "ଶ୍ରୀସ୍ୱାମି !
ଶୁଣିବା ହେଉ ମୁଁ କିପାଁ ନ ଆସିଲି କାଲି;
ଭିକ୍ଷୁ ବେଶେ ଉତ୍କଣ୍ଠେ ମୁଁ ଯାଉଥିଲି ପଥେ

କହୁଥିଲେ ପରସ୍ପରେ ପଥିକେ ପଥରେ
ଚକ୍ରବ୍ୟୂହ ରଚନାର କଥା ଚୁପେ ଚୁପେ,
କିନ୍ତୁ ମୋତେ ଦେଖି ମୌନ ହୋଇଲେ ସଭୟେ
ଧରିଲି ପାଗଳ ବେଶ କଦର୍ଯ୍ୟ କୁତ୍ସିତ
ଛିନ୍ନ ବସ୍ତ୍ରେ ଅର୍ଦ୍ଧାବୃତ ଅଙ୍ଗ ଉପାଙ୍ଗାଦି ।
ଗଳେ ସାପ-କାଉ ସଙ୍ଗେ ଅସ୍ଥି ଫୁଲମାଳା,
କର୍ଦ୍ଦମାକ୍ତ ଅଙ୍ଗ ହସ୍ତେ ଭଙ୍ଗା ହାଣ୍ଡି ଧରି,
ସିନ୍ଦୁର, କଜ୍ଜ୍ୱଳ, ଖଡ଼ି ସ୍ଥାନେ ସ୍ଥାନେ ଲେପି,
ଜଳ୍ପୁଥାଏଁ ଅସଲଗ୍ନ କଥା ମାନ ମୁଖେ
କେବେଉଚ୍ଚେହସେ, କେବେ ମୌନହୋଇଥାଏ
ପଛେ ପଛେ ଧାଉଁ ଥାନ୍ତି ବାଳକେ କୌତୁକେ,
ଶୁଣିଲି ପଥିକ ମୁଖୁଁ ଯାଉଁ ଯାଉଁ ପଥେ
ଚକ୍ରବ୍ୟୂହ ରଚନାର ସାମାନ୍ୟ ଆଭାସ;
ବଦଳାଇ ତହୁଁ ମୁହିଁ ଏ ବେଶ ସତ୍ୱର
ବଧିର ମୂକ ଭିକ୍ଷୁକ ବେଶ ଧରି, ଗ୍ରାମେ
ଶୁଣିଲି ପ୍ରାସାଦ ପାର୍ଶ୍ୱେ ଦୁଇ ପହ୍ରୀ ଦୁହେଁ
ଚକ୍ରବ୍ୟୂହ କଥା ବସି କହୁଥାନ୍ତି ଗୁପ୍ତେ;
ସତ୍ୟ କି ମିଥ୍ୟା ସେ ଏହା ଜାଣିବା ନିମନ୍ତେ
କୁରୁକୁଳବାଳା ସ୍ନାନ ଘାଟେ ଯାଇ ଗୁପ୍ତେ
ନାରୀ ବେଶେ ପ୍ରବେଶିଲି ଯମୁନା ନଦୀରେ,
ଶୁଣିଲି ଅସ୍ଫୁଟେ ତହିଁ ପରସ୍ପର ମଧ୍ୟେ
ରଚିଣ ଅଦ୍ଭୁତ ବ୍ୟୂହ ଗୁରୁ ଅଦ୍ୟ ରଣେ
ନାଶିବେ ପାଣ୍ଡବେ କାଲି ସବଂଶେ ସମରେ
କହୁଥିଲେ ସ୍ୱାମୀ ମୋର ଗୁପତେ ମୋଠାରେ
ନିଷେଧିଲେ କହି ମୋତେ ନ କହ କାହାକୁ,
ସାବଧାନେ ଥିବ ସଦା, ବଡ଼ ଗୁପ୍ତ କଥା ।
ନାରୀଙ୍କ କଥାକୁ ମୋର ତର ଅବିଶ୍ୱାସ
ତେଣୁ ମୁଁ ଭବିଲି ପୁଣି ବ୍ରହ୍ମଚାରୀ ବେଶେ
ଜଟା କଟାହ ମସ୍ତକେ କରେ କମଣ୍ଡଳୁ
ଭସ୍ମଲିପ୍ତ ଅଙ୍ଗ କରେ ସୁଦୀର୍ଘ ଚିମୁଟା

ଶିବୋହଂ ଶିବୋହଂ ମୁଖେ କଥାକେ କଥାକେ
( ଏବେଶ ଶଠର ଏକା ମର୍ଯ୍ୟାଦା ରକ୍ଷକ
ଠକ-କାର୍ଯ୍ୟ-ସାଧକର ଅମୋଘାସ୍ତ୍ର ପୁଣି )
ଶିବାଳୟେ ପ୍ରବେଶିଲି କହି ବମ୍ ବମ୍
ସଜାଡି ଗଞ୍ଜିକା ଅତି ଯତନେ ସେଠାରେ
ବମ୍ ବମ୍ କହି ଉଚେ ତ୍ୟଜନ୍ତେ ମୁଁ ଧୂମ,
ଗଞ୍ଜିକା ସେବନ କାରୀ ଆସିଲେ ଦଉଡ଼ି
ଆମିଷର ଗନ୍ଧ ପାଇ ମକ୍ଷିକା ଯେସନେ,
ଧୂମ ପାନ ଶେଷେ ମୋତେ କେହି କେହି ତହିଁ
ପୁଛିଲେ ଯୁଦ୍ଧର ଫଳ ସର୍ବଜ୍ଞ ସମଝି
ଏହିରୂପେ ବାର୍ତ୍ତାଳାପେ ତାଙ୍କଠାରୁ ପୁଣି
ନବ ବ୍ୟୂହ ରଚନାର ପାଇଲି ଆଭାସ
କିନ୍ତୁ, ନକଣିଲି ପୂର୍ଣ୍ଣ ଭାବେ, ତହୁଁ ପୁଣି
ସାଜିଲି ମଦ୍ୟପ ବେଶ ତ୍ୟଜି ଜଟା ଭସ୍ମ,
ଓଲଟଇ ଅଙ୍ଗ ଜାଣ ବୋତାମ ବସ୍ତ୍ରିକ
ବଗଲେ ବୋତଲ ପାଦ ଟଳ ଟଳ କରି
ମତୁଆଲା ପ୍ରାୟେ କହି ଅର୍ଦ୍ଧସ୍ଫୁଟ କଥା
ପାଦେ ଛିଣ୍ଡି ଜୋତା ଯାର ମଧ୍ୟେ ଦଶ ନଂ
( ନିରର୍ଥକ ହାସ୍ୟ ସମ ଉପମା ଯାହାର )
ଲୋଟୁଥାଏ କୁଞ୍ଜ ତଳେ ଅଯତ୍ନେ ଶିଥିଳେ,
ବନ୍ଧାଥିଲା ମୁଦ୍ରା ଦୁଇ ତହିଁ ଦେଖି ଦୂରୁ
ସୈନ୍ୟାବାସୁଁ-ସୈନ୍ୟ ଦୁଇ ଆସିଲେ ଚୁପ ଚା
ପୁଛିଲେ ପୁଲକି ଗୃଲେ "କୋନ୍ ହସ୍ତୁ ତୁମ୍"
ଦା-ଦା ଦାରୁଖାନା" ଉଚ୍ଚାରନ୍ତେ ମୋତେ
( ପରସ୍ପରେ ଠରାଠରି ହୋଇ ଦୁଇଜଣେ )
ଆସ ଆମ୍ଭ ସଙ୍ଗେ ଯିବ ବୋଇଲେ ସୈନ୍ୟେକେ;
ଏତେ ବୋଲି ଘେନିଗଲେ ବେଶ୍ୟାଳୟେ ସଙ୍ଗେ
ମିଳିଗଲି ତାଙ୍କ ସଙ୍ଗେ କ୍ଷୀରେ ନୀର ପ୍ରାୟେ
ମିଥ୍ୟାରେ ଉଦ୍ଧାରି ମୁହିଁ ଶୋଇନି କପଟେ
ଖୋଲି ନେଇ ମୁଦ୍ରା ଦୁଇ ସୈନିକେ ତକ୍ଷଣେ

ଆଳାପି ବସିଲେ ସୁତଗ ବେଣ୍ୟା ସଙ୍ଗେ ଦୁହେଁ
ଏକଥା ସେକଥା ସଙ୍ଗେ ପଡ଼ିଗଲା ତହୁଁ
କାଲି ଯୁଦ୍ଧେ ବଞ୍ଚିବାର ନାହିଁତ ଭରସା,
ରଚଛନ୍ତି ଚକ୍ରବ୍ୟୂହ ଦ୍ରୋଣ ଗୁରୁ ଅଦ୍ୟ,
ପ୍ରବେଶ ନିର୍ଗମ ଯହିଁ, ପାର୍ଥ ବିନା କେହି
ନ ଜାଣନ୍ତି ଏ ଜଗତେ; ନ ରହିବେ ପାର୍ଥ,
ସଂଶପ୍ତକ ସେନା ସଙ୍ଗେ ଯିବେ ଯୁଝିବାକୁ
କାଲି ନିଶ୍ଚେ ବନ୍ଦୀ ହେବ ସେନାପତି ଭୀମ
ଅଥବା ଯେ ଅସିବ ସେ ବ୍ୟୂହ ଭେଦିବାକୁ;
ପ୍ରଥମ ଦୁଆରେ ଆମ୍ଭେ ଜୟଦ୍ରଥ ସଙ୍ଗେ
ରହିବୁ ବୋଲିଣ ଆଜ୍ଞା ପାଇ ଅଛୁଁ ଅଜ
ଶେଷ ଦେଖା ଏହି ପ୍ରିୟେ ଜାଣିଥା ଅମ୍ଭର ।
ଶୁଣିଣ ଏକଥା ମୁହିଁ ମୂର୍ଚ୍ଛା ତ୍ୟାଗ ଛଳେ
ଚଳ ଚଞ୍ଚଳେ ଗଲି ତହୁଁ ହୋଇଲି ବାହାର
ନଦେଉଁ ପ୍ରଭାତ ଆସି ପ୍ରବେଶିଲି ଦୁର୍ଗେ
କିନ୍ତୁ ନ ଛାଡ଼ିଲେ ଦ୍ୱାରୀ ପଥ ଯିବାକୁ ଭିତରେ,
ମୋଠାରୁ ସଙ୍କେତ ଯେବେ ପୁଚ୍ଛିଲେ ନାୟକେ
ନାୟକ ଆଦେଶ ମତେ ଛାଡ଼ିଲେ ତକ୍ଷଣେ,
ତେଣୁ ଏ ବିଳମ୍ବ ମୋର କ୍ଷମିବେ ସୁଜନ;
ଦିଅନ୍ତୁ ମେଲାଣି ଏବେ ଯାଉଛି ସ୍ୱବାସେ
ଏତେ କହି ବାହୁଡ଼ିଲା ସମ୍ମାନ ସରବେ ।
ଗୁପ୍ତଚର ଆଗମନ ଶୁଣି ସଭାସଦେ
ଭୀମ ଅଭିମନ୍ୟୁ ଅବା ବନ୍ଧୁ ବୀର ଗଣେ
ଥିଲେ ଉପସ୍ଥିତ ତହିଁ ଶୁଣିବାକୁ ବାର୍ତ୍ତା,
ଦୂତ ମୁଖୁଁ ବାର୍ତ୍ତା ଶୁଣି ହୋଇଲେ ବିସ୍ମିତ
ଯୁଧିଷ୍ଠିର ମୁଖ ତେବେ ଦିଶିଲା ବିବର୍ଣ୍ଣ
ଭବ-ବିଷାଦର ଭୟେ ସହସା ମନରେ
ସଭା ସ୍ତବ୍ଧ ହୋଇଗଲା କିଛିକାଳ ପାଇଁ
ହେମ୍ଭ କ୍ଷଣେ ଭୀମ ତେବେ ଭାଷିଲେ ସଭାରେ
"କହିବ କିଏ ଚକ୍ରବ୍ୟୂହେ-କଣ୍ଟକର ଥାଣ
ଭୀମ ମାତଙ୍ଗମ ପାଣ୍ଡବ ବନ ଲତା ସମ;"
"ତବ ଇଚ୍ଛା ପ୍ରଭୁ ! ଆଉ ନାହିଁ ବୁଦ୍ଧି ମୋର"
ଯୁଧିଷ୍ଠିର ପାର୍ଶ୍ୱେ ଭାଷନ୍ତେ ଏସନ
ଅଗ୍ରସର ଅଭିମନ୍ୟୁ କହଇ ବିନୟେ
ଚକ୍ରବ୍ୟୂହ-ଭେଦ ପଥ ଜଣା ଅଛି ମୋତେ
ମୋ ସଙ୍ଗେ ଦିଅନ୍ତୁ ସେନା ମୁଁ ଭେଦିବି ବ୍ୟୂହ
ନାଶିବି କୌରବେ ଆଜି ଦ୍ରୋଣ ଗୁରୁ ସହ;
କହେ ତହୁଁ ଧୃଷ୍ଟଦ୍ୟୁମ୍ନ ଅଭିମନ୍ୟୁ ପ୍ରତି
ଏକା ପାର୍ଥ ଭିନ୍ନ ଅନ୍ୟେ କାହାକୁତ ଗୁରୁ
ଶିଖାଇ ନାହାନ୍ତି ତୁମ୍ଭେ ଜାଣିଲ କିପରି ?
"ଜାଣିଅଛି ମାତା ଠାରୁ ବ୍ୟୂହ ଭେଦ ପଥ
ନିର୍ଗମନ ପଥ କିନ୍ତୁ ଜଣାନାହିଁ ମୋତେ,"
କହେ ଅଭିମନ୍ୟୁ ତହିଁ ରହି କ୍ଷଣକାଳ
ରୋଷ କଷାୟିତ ନେତ୍ରେ ଗର୍ବେ ଅହଂକାରେ
"ଭାବଛନ୍ତି ଗୁରୁ କେହି ନ ପାରିବେ ଭେଦି
ସଂଶପ୍ତକ ଯୁଦ୍ଧେ ବ୍ୟସ୍ତ ଜାଣିଣ ପିତାଙ୍କୁ
କପଟେ ସେ ରଚଛନ୍ତି ବ୍ୟୂହ ପର ଯୁକ୍ତେ,
ଦେଖିବି କେମନ୍ତେ ମୋତେ ରୋଧିବେ ସମରେ;
କରୁଛି ପ୍ରତିଜ୍ଞା ମୁହିଁ ଛୁଇଁ ତରବାରି
ଯା ଥିବ କପାଳେ ମୁହିଁ ପଶିବି ସେ ବ୍ୟୂହେ
ଦିଅନ୍ତୁ ଆଦେଶ ପିତୃବ୍ୟ ସାନନ୍ଦ ବାହିନୀ"
ଅଭିମନ୍ୟୁ, କପିଠେ ଯା ମୁଖ ମୋ ସମ୍ମୁଖେ
ଯେ ଯେବେ ପ୍ରତିଜ୍ଞା ଆଜି କଲାଣି ଯୁଦ୍ଧରେ
ନିଶ୍ଚେ ଯେତ ଯିବ ରଣେ, କି କରିବ ଏବେ,
ନ ଜାଣିବେ ଲୋକେତ ଏ ଗୁପତ ରହସ୍ୟ,
ଅଭିମନ୍ୟୁ ବ୍ୟୂହ ଭେଦେ ଯାଉଅଛି ଶୁଣି
ସରବେ ଦୂଷିବେ ମୋତେ, ଯେହେତୁ ଜଗତେ
କହିଙ୍କ ଅନେକ ମାନ ମର୍ମଙ୍କ ଅଳପ,
ପାର୍ଥ ଥିଲେ ଏକଥାରେ ନୁହନ୍ତି ମୁଁ ଭାଗୀ;
ଏହି ରୂପେ ନାନା ଚିନ୍ତା ଭାବିଣ ସହସା

ଲୀନ ହେଲା ହ୍ରଦ ମଧ୍ୟେ ଲୀନ ହୁଏ ଯଥା
ଚଳ-ପକ୍ଷୀ-ଦଳ-ଶୁଭ୍ରା ନଦୀଗର୍ଭେ, କିନ୍ତୁ
ରହିଗଲା ଏକ ଚିନ୍ତା ( ବ୍ରଣେ ବ୍ୟଥା ଯଥା )
କି ଦେବ ଉତ୍ତର ତାକୁ ସଖି ସମକ୍ଷରେ ।
ତାକୁ ବୁଝାଇବା ସ୍ରୋତେ ବାଲି ବନ୍ଧ ଜାଣି
ନପାରି ନିଷ୍ପନ୍ଦ କରି ରହିଲେ ମଉନେ ।
ଚଳମୁଖ ଯୁଧିଷ୍ଠିର ନ ଭଣିଲେ ଯହୁଁ
ଧୃଷ୍ଟଦ୍ୟୁମ୍ନ କହେ ତେବେ "ନାହିଁ ବେଳ ଆଉ
କୁରୁ କୋଳାହଳ ତେଣେ ଶୁଣ, ପୁଣି ଏଣେ
ଆମ୍ଭ ସୈନ୍ୟ ନୋହୁଛନ୍ତି ଅବଧି ସଜ୍ଜିତ
କି କରିବୁଁ କିଛି ସର୍ବେ ବୁଝିପାରୁ ନାହୁଁ" ।
କ୍ଷତ୍ରିୟ ପ୍ରତିଜ୍ଞା ପୁଣି ନଦୀ ଜନ୍ମ ଗତି
ନ ମାନନ୍ତି ବାରଣ ତା ଜାଣି ଯୁଧିଷ୍ଠିର,
କପାଳେ ଲେଖନ ପୁଣି ନୁହେଁ ଆନ ଭାବ
କୃଷ୍ଣେ ସ୍ମରି ଦୀର୍ଘେ ଶ୍ୱସି ଭଣିଲେ ସଧୀରେ
"ଯାଅ ତେବେ ସର୍ବେ ମିଳି ଅଭିମନ୍ୟୁ ସଙ୍ଗେ
ନେନେ ନେତ୍ରପତ୍ର ପରି ରଖିବ ସତର୍କେ" ।
ସେନାଧ୍ୟକ୍ଷେ ଡାକି ଭୀମ କହିଲେ ତକ୍ଷଣେ
"ଅର୍ଦ୍ଧଦଣ୍ଡେ ସୈନ୍ୟଗଣେ କରହ ପ୍ରସ୍ତୁତ"
ଜାଗିଲ ଶୈଳ କମ୍ପା ଚଣ୍ଡ ବାୟୁ ଯୋଗେ ଯଥା
ପ୍ରସରିଲା କ୍ଷଣ ମଧ୍ୟେ ତେସନ ସେ ବାର୍ତ୍ତା
ହାଟେ ଘାଟେ ଗୋଠେ ବାଟେ ଅଳିନ୍ଦ ମନ୍ଦିରେ
ସୈନ୍ୟାବାସୁ ଅନ୍ତଃପୁର ଯାଏ ସବୁଠାରେ
ପ୍ରସରିଲା ଚତୁର୍ଦ୍ଦିଗେ, ହେଲେ କୁହାକୁହି
ନରନାରୀ ବାଳ ବୃଦ୍ଧ ସର୍ବେ ପରସ୍ପର
ଚକ୍ରବ୍ୟୂହ ଭେଦିବାକୁ ଯିବ ଅଭିମନ୍ୟୁ;
କେହି କହେ ପିତା ସମ ପୁତ୍ର ମହାରଥୀ
ଜିଣିବେ କ୍ଷଣକେ ଦ୍ରୋଣ ଦୁର୍ଭେଦ୍ୟ ଚକ୍ରବ୍ୟୂହ;
କେହି କହେ ଶିକ୍ଷାରେ ହୃଦୟେ ସେପାରେ
ହେଲେହେଁ ସେ ମହାରଥୀ ଅଟନ୍ତି ବାଳକ,
କାହିଁ ଅଭିମନ୍ୟୁ କାହିଁ ଦ୍ରୋଣ ଯୁଦ୍ଧଗୁରୁ !
ବସୁଧା ହାରିତ ନେଇ କେହି କହେ ତହିଁ
କେମନ୍ତେ ପେଷିଲେ ତାଙ୍କୁ ଜ୍ଞାନୀ ଯୁଧିଷ୍ଠିର !
ସତ୍ୟ ବୋଲି ଏ ସମ୍ବାଦ ନଆସେ ମନକୁ,
ଆନ କହେ ତୁମ୍ଭଠାରେ ସବୁ ତ ଅସତ୍ୟ
କହୁଛି ମୁଁ ଧ୍ରୁବ ସତ୍ୟ ନକର ସନ୍ଦେହ
ଚାଲ ଭାଇ ଉଚ୍ଚ ସ୍ଥାନେ ବସିବା ପ୍ରଥମେ,
ଦେଖିବା କେମନ୍ତେ ବ୍ୟୂହ ଭେଦେ ଅଭିମନ୍ୟୁ
ନୋହିଲେ ପଛକୁ ସ୍ଥାନ ମିଳିବା ଦୁଷ୍କର ।
ମନ୍ଦିରେ ମନ୍ଦିରେ ବାଜେ ବିବିଧ ବାଜଣା
ଚଣ୍ଡୀମଣ୍ଡପରେ ପୁଣି ଶିବାଳୟେ ଦ୍ୱିଜେ
ଚଣ୍ଡୀପାଠେ ବଳିଦାନେ ମୃତ୍ୟୁଞ୍ଜୟ ଜପେ
ଶିବାଣୀ ଶିବଙ୍କ ପାଶେ ପୂଜି ଯଥାବିଧି
ମନାସିଲେ ଶୁଭ ସର୍ବେ ଯୁବରାଜଙ୍କର ।
ବାଜିଲା ସଙ୍କେତ ଭେରୀ "ସାଜ ହରିବୋଲ"
ତରଙ୍ଗରେ ସେନା ଚାଲେ ସାଜନ୍ତି ସୈନିକେ
ଯଥା ଯୋଗ୍ୟ ପରିଛଦେ ସୁର ଇଷ୍ଟଦେବେ
ଅଶ୍ୱବୃନ୍ଦ ଅଶ୍ୱପାଳେ ଦ୍ୱିରଦେ ମାହୁନ୍ତେ
ସାରଥି ଯତନେ ରଥେ ଆଣିଲେ ସଜାଇ
ଅଶ୍ୱାରୋହୀ ଗଜାରୋହୀ ରଥୀଏ ସତ୍ୱର
ଦେଖିନେଲେ ଅଶ୍ୱ ହସ୍ତୀ ରଣ-ସାଜ ସଜ୍ଜା
ସେନାଧ୍ୟକ୍ଷ ସର୍ବ ଶେଷେ ଅସନ୍ତେ ସେଠାରେ
ଅସ୍ତ୍ର ଦରଶନ ଛଳେ ସମ୍ମାନିଲେ ତାଙ୍କୁ
"ଆସୁଛନ୍ତି ଯୁବରାଜ ଥାଅ ଏହିଭାବେ"
ଏତେ କହି ସେନାଧ୍ୟକ୍ଷ ଚଳିଲେ ଅନ୍ୟତ୍ର ।

**ଚତୁର୍ଦ୍ଦଶ ସର୍ଗ ସମାପ୍ତ ।**

# ପଞ୍ଚଦଶ ସର୍ଗ ।

ରାଗ—ଖଣ୍ଡଗୈଡ଼ୀ ।

ଭବ ଉତ୍ସବ ସମ୍ବେଶ,*
ଘନାଛନ୍ନେ ଯାନ ବେଶ-
ଧରି ଉଷା ପରିବେଶ,
ଜଳି ପ୍ରଭାତେ,
ଶୋକ କୁମୁଦିନୀ ନିଃସ୍ୱନେ
କାନ୍ଦଦୁଃଖ ଜଣାଇଲା ସଦନେ ବନେ । ୧ ।
ପ୍ରଭାତ ମନ୍ଦ ମରୁତ,
ତହିଁ ବହୁଥିବାରୁ ତ,
ଜଣାଗଲା ଉଷାରୁତ,-
ଦୁଃଖ-ନିଃଶ୍ୱାସ
ପଙ୍କଜ ଶିଶିର ପତନ-
ଛଳେ କରୁଥିଲା ନେତ୍ର ଅଶ୍ରୁ ବର୍ଷଣ । ୨ ।
ଏକାଳେ ଆଳିଏ ଆସି,
ସ୍ନେହେ ଉତ୍ତରେ ! ସମ୍ଭାଷି
ଉଠ ଉଠ ପିକଭାଷି !
ହେଲାଣି ଦିନ
ଡାକିଲେ ନ ଛାଡ଼େ କି ମନ
କେଳି ଶଯ୍ୟା ତେଜିବାକୁ ଅଳି ବହନ । ୩ ।
କେଉଁ ସଖୀ ହସି ଅଳ୍ପ
ଭାଷେ କାହୁଁ କରୁଁ ଗଳ୍ପ,
ହେଲା ନିଶି ଶେଷ ତଳ୍ପ*
ତେଜିବା ପାଇଁ
ତେଣୁ ହୁଏ ବିଳମ୍ବ ଏତେ
ଉନ୍ନିଦ୍ରେ ପାଉଛି ନିଶା ପଥରୁ କେତେ । ୪ ।

ପଞ୍ଚ ମାସ ଗର୍ଭବାସ
ଅଯତ୍ନେ ଜଡ଼ିତ ବାସ
ଧରି ଅଳସେ ଆବାସ
ତେଜି ଉତ୍ତରା
ଆସିଲା ତା' ପୃଷ୍ଠେ କବରୀ
ଯେସନ୍ତେ ନୀଳ ମେଘ ଅଛି ଚନ୍ଦ୍ର ଆବରି । ୫
ଉତ୍ତରା ସଖୀ-ରଜନୀ-
କର ମୁଣ୍ଡି "ଗୋସଜନୀ !
କି ଯୋଗେ ଆଜି ରଜନୀ
ପାହିଲା ମୋର"
ଭାଷିଲା ବିଷଣ୍ଣ ବଦନେ
ଢଳ ଢଳ ଅଶ୍ରୁ ତାର ବେନି ନୟନେ । ୬
"ମନ ଛନ ଛନ ମମ
ଧୃତ ବନ ବିହଙ୍ଗମ
ପିଞ୍ଜରେ ଅବଦ୍ଧ ସମ
ହୁଅଇ କାହିଁ
ଥାଇ ଥାଇ ଉଠେ ବେଦନ
ଯେତେ ବୁଝାଇଲେ ସଖି ! ନବୁଝେ ମନ । ୭
କାଲି ନିଶିଥେ ସ୍ୱପନ
ଦେଖିଲି ବେଳୁ କମ୍ପନ
ହୃଦେ ଉଠୁଛି, †ଲପନ
ଯାଉଛି ଶୁଖି,
କି କହିବ ସ୍ୱପନ କଥା
ତରାଉଛି ମୋତେ ଯେସନ୍ତେ ଜୀବନ୍ତ ମୂର୍ତ୍ତି । ୮ ।

---

* ସ୍ୱପ୍ନ ।    * ଖଟ ।    † ମୁଖ ।

ଭାଙ୍ଗିଗଲା ହାସ୍ୟ ରସ
ସହସା ହେଲେ ବିରସ
ରସିକା ସଖୀଏ ରସ-
ବତୀ, ଆବର,
ବିନା ମେଘେ ବଜ୍ର ପତନ
ହେଲା ପ୍ରାୟେ ହେଲେ ସର୍ବେ ବିସ୍ମୟାପନ୍ନ ।୯।
ସଖୀଏ ଉଦ୍‌ବେଗେ ତ୍ୱରା
ନିରେଖି ଦୁଃଖେ କାତରା
ପଙ୍କଜ ମୁଖୀ ଉତ୍ତରା
ପୁଚ୍ଛିଲେ "କାଲି
ଦେଖିଲୁ ତୁ କେଉଁ ସ୍ୱପନ
ଯା ଯୋଗୁଁ କରୁଛୁ ଏଡ଼େ ମନ ବିଷଣ୍ଣ ।୧୦।"
ଉତ୍ତରା ତହୁଁ ଉତ୍ତରେ
କ୍ଷଣେ ରହି ନିରୁତ୍ତରେ
ଭାଷିଲେ ଧୀର ସ୍ୱରରେ
"ଶୁଣ କିହେଲା,
ଭ୍ରମୁଥିଲି ଶୂନ୍ୟ ପଥରେ
ତାଙ୍କ ସଙ୍ଗେ ହର୍ଷ ଦେହେ ସ୍ୱପ୍ନେ ରଥରେ"।୧୧
"ଏକାଳେ ଅକାଶୁଁ ଅସି
ଅପ୍ସରାଏ ଗୃହବାସୀ
ସୌନ୍ଦର୍ଯ୍ୟେ ହସ ପ୍ରକାଶି
ମୋର ଅଗତେ,
ସରସତା ପ୍ରାୟେ ସମସ୍ତେ
ମାତିଲେ ହାସ୍ୟକୌତୁକେ କାନ୍ତ ସଙ୍ଗତେ" ।୧୨।
"ମୋ ରଥରୁ ଅପସର
କାନ୍ତ ସେହି ଅପସରୀ
ରଥେ ଚଢ଼ି କରେ ଧର

ଚାଳିଲେ ଛୁଡ଼ି
ଶଙ୍କିଲେ ସେ ବୋଇଲେ ଶୋକେ
ତୋସଙ୍ଗେ ଏଶେଷ ଦେଖା ପ୍ରିୟେ ! ଏଲୋକେ' ॥
"ଦେଖିଲି ମୁଁ ଦିବ୍ୟାଲୋକେ,
ଚାଳିଲେ ସେ ଊର୍ଦ୍ଧ୍ୱ ଲୋକେ
ଛାଡ଼ି ମୋତେ ମର୍ତ୍ତ୍ୟଲୋକେ,
ଚେତକି ବେଳୁ
ଭାଙ୍ଗି ଯାଇ ନିଦ୍ରା, ହୃଦସ୍ଥ
ଭାବ ଭାବୀ-ଅମଙ୍ଗଳ ନୋହୁଛି ଥିର" ।୧୪
"ଦକ୍ଷିଣ ନେତ୍ର ସ୍ପନ୍ଦନ
ହେଉଛି ପୁଣି," ବଦନ
ତଳେ ପୋଛିଣ କ୍ରନ୍ଦନ
କଲେ ନୟନେ,
ଲୋତକ ପୋଛିଣ ଅଞ୍ଚଳେ
"କି ଅଛି ଯୋଡ଼ା କପାଳେ" କହି ବିକଳେ ।୧୫॥
'ତୁଚ୍ଛା କଥାଟ'କୁ *ଭାବ
ଅଧୀର ହେଉଛ †ଭାବ
କେବେ କି ସ୍ୱପ୍ନର ଭାବୀ —
ଫଳ ଘଟଇ ?"
ବୋଲନ୍ତି ସଙ୍ଗିନୀ ନିକର
"ଜାଣି ଶୁଣି କପାଁ ଖେଦ ବୃଥା ଗୋ କର" ।୧୬॥
"ମାତୁଳ ଯାହାର ଜିଷ୍ଣୁ ‡
ପିତା ପିତାମହ ଜିଷ୍ଣୁ *
ସ୍ୱୟଂ ତେଜଶୀଳ ଜିଷ୍ଣୁ –
ସମ ତା' ପାଇଁ,
ଡରୁଅଛ କପାଁ ବୃଥାରେ
ଅମଙ୍ଗଳ-ଛାୟା ତାଙ୍କୁ ଛୁଇଁ କି ପାରେ" ।୧୭।

* କଳ୍ପନା କର ।    † ଚନ୍ଦ୍ରାକର ।
‡ ଶ୍ରୀକୃଷ୍ଣ ।    * ଅର୍ଜ୍ଜୁନ, ଇନ୍ଦ୍ର ।

ସହାନୁଭୂତି ପ୍ରକାଶି
କେହବା ଭାଷିଲେ "କାଶୀ-
ଶ୍ୱର ଦୟା ପରକାଶି
ନାଶ ହେବ ଦୁଃଖ,
ମଙ୍ଗଳେ !" କେ ଡାକେ ଅବଳା
"ସ୍ୱପ୍ନ ଦୋଷ ନାଶ ହେବ ସିନ୍ଦୂର କଳା" । ୧୮ ।
କେହୁ କହେ "ଦିବାକର
ଅସ୍ତ ସର୍ବେ ସ୍ନାନ କର
ପୂଜିବା ଶିବ ଶଙ୍କର
କଟିବ ଦୋଷ",
ଏ ରୂପେ ଉତ୍ତରା ମଙ୍ଗଳ
ପାଞ୍ଚିଲେ ସରବେ ତହିଁ ମନ ଚଞ୍ଚଳ । ୧୯ ।
କୁମାରେ ଆସିବା ବାର୍ତ୍ତା
ବେଗେ ଅନ୍ତଃପୁର ବାର୍ତ୍ତା-
ବହ ଜଣାନ୍ତେ, ଏ ବାର୍ତ୍ତା
ଶୁଣି ସଖୀଏ
ଅପସରି ଗଲେ ସରବେ
ଉତ୍ତରାକୁ ଛାଡ଼ି ଏକା ପୁରେ, ନୀରବେ । ୨୦ ।
ଅଶ୍ରୁ ପୋଛି ପଣନ୍ତରେ
କାନ୍ତ ଆସେ ଏକାନ୍ତରେ
ଗୃହେ ବିଷଣ୍ଣ ଅନ୍ତରେ
ବାସ ସମ୍ଭାଳି,
ଉଦାସୀନେ ବସିଲେ ଯାଇ
ଅବଗୁଣ୍ଠନେ ବଦନାମ୍ବୁଜ ଘୋଡ଼ାଇ । ୨୧ ।
ପୁରେ ପ୍ରବେଶି ସତ୍ୱରେ
ଅଭିମନ୍ୟୁ ତରତରେ
ସମ୍ବୋଧି ପ୍ରେମେ "ଉତ୍ତରେ !
ପ୍ରିୟେ ! ସମରେ
ଯିବ ତେଣୁ ବିଦାୟ ପାଇଁ
ଆସିଛି" ଭାଷିଲେ "ଆଉ ବିଳମ୍ବ ନାହିଁ" । ୨୨ ।
କୁମାର ମନ ଚଞ୍ଚଳ
ଯୁଦ୍ଧେ ଯିବାକୁ ଚଞ୍ଚଳ
ଦେଖି, ଉତ୍ତରା ଅଞ୍ଚଳ
ବଦନେ ଦେଇ,
କର ଧରି ବିକୃତ ସ୍ୱରେ
ଭାଷିଲେ "ନଯାଅ ନାଥ ଆଜି ସମରେ" । ୨୩
ସ୍ୱପ୍ନକଥା ମନେ ଭାଳି
ନପାରି ତହିଁ ସମ୍ଭାଳି
କାନ୍ଦିଣ ବିକଳେ ବାଳୀ
ଗଦ୍‌ଗଦ କଣ୍ଠେ,
ବୋଇଲେ "ନଛାଡ଼ିବ ନାଥ !
ରଖ ଏ ଦାସୀ ପ୍ରାର୍ଥନା ମୋର ଶପଥ" । ୨୪ ।
କୁମାର ସ୍ମିତ ବଦନେ
"କିପାଁ ଗୋ କୁନ୍ଦରଦନେ
କାନ୍ଦୁଛ ଏଡ଼େ କଦନେ ?"
ପ୍ରେମେ ଭାଷିଲେ,
"ନକର ଗୋ ଖେଦ ମନରେ
ଦିଅ ବିଦାୟ ହରଷେ ଯିବି ସମରେ" । ୨୫
"ଜନମି କ୍ଷତ୍ରିୟ କୁଳେ
ଡ଼ରିଲେ ଏଡ଼େ ବ୍ୟାକୁଳେ
ରଣ କ୍ଷେତ୍ରେ ଅରିକୁଳେ
ଚଳେ କି ପ୍ରିୟେ !
ନଜାଣ କି କ୍ଷତ୍ର ଜୀବନ,
ପରହିତ ପାଇଁ ବିଧି କଲେ ସୃଜନ" । ୨୬ ।
"ଜୀବନେ ପରମ ଧର୍ମ
ପାଳନ ସ୍ୱ-ବର୍ଣ୍ଣ-ଧର୍ମ
ନକଲେ ହେବ ଅଧର୍ମ,
ଏକଥା ପ୍ରିୟେ !
ନ ଜାଣ କି ?" ସୁହାଗେ କହି,
ପ୍ରେମ ବୋଳା ତତ୍ତ୍ୱ କଥା ଦେଲେ ବୁଝାଇ । ୨୭

ଅଭିମନ୍ୟୁ ସେନାପତି
ହେବା କଥା, ପୁଣି ପତି
ନ ଥିବା ଶୁଣି, ଶ୍ରୀପତି
ଧାର୍ତ୍ତିଣ ମନେ,
ସୁଭଦ୍ରା ବିଷଣ୍ଣ ଅନ୍ତରେ
ଖୋଜନ୍ତି ସୁତେ ଉଦ୍‌ବେଗେ ପୁରେ, ଚତ୍ୱରେ

ଶୁଣି ଜନନୀ ବଚନେ
କୁମାର ମୃଦୁ ବଚନେ
ଭଣିଲେ "ପିକ ବଚନେ!
ଯାଉଛି, ଥାଅ—"
କିଂ କର୍ତ୍ତବ୍ୟ ମୂଢ଼ା ଉତ୍ତର
ଶୁଣି ସ୍ତମ୍ଭୀଭୂତା ଶୋକେ ରହିଲେ ଧର । ୨୯ ।

ପୁରୁ ବାହାର ପ୍ରାଙ୍ଗଣେ
କୁମାର ମାତା ଚରଣେ
ପ୍ରଣମି କହିଲେ ରଣେ
ଯିବ ବିଦାୟ
ଦିଅ, ଚକ୍ରବ୍ୟୂହ ଭେଦନେ
ଜ୍ୟେଷ୍ଠ ତାତ ସଙ୍ଗେ ଯିବେ ମୋର ରକ୍ଷଣେ।୩୦।

"କାହିଁ ଯିବୁରେ କୁମର"
ଭଣିଲେ ମାତା "ଅମର
ବିପକ୍ଷ ହୋଇ, ସମର
ଯେ ଗୁରୁ ସଙ୍ଗେ
କରିବାକୁ ଡରନ୍ତି ମନେ
ତାଙ୍କ ସଙ୍ଗେ କି ସାହସେ ଯୁଝିବୁ ରଣେ" ।୩୧।

"ହୋଇଛି ପ୍ରତିଜ୍ଞା--ବନ୍ଧ
ନ ହୋଇବ ସ୍ନେହ ବନ୍ଧ
କ୍ଷମ ମାତଃ ! କେବେ ବନ୍ଧ
ହୁଏ କି ଭବେ,"
କହେ ବୀର ଦ୍ରୁତେ ନିର୍ମମ
"ସିନ୍ଧୁ-ମୁଖୀ-ନଦୀ, ଦୃଢ଼-ପ୍ରତିଜ୍ଞ-ମନ" । ୩୨ ।

ତହୁଁ କୁମର ସତ୍ୱରେ
ମାତାଙ୍କୁ ସ୍ତୁତି ଚତ୍ୱରେ
ଗର୍ବୀ ହୋଇ ବୀରତ୍ୱରେ
ଚଳିଲେ ଯୁଦ୍ଧେ
ସୁଭଦ୍ରା ବିଷଣ୍ଣ ଅନ୍ତରେ
ଅଶ୍ରୁ ସ୍ତମ୍ଭିଣ ରହିଲେ ବ୍ୟସ୍ତ କୁମରେ । ୩୩ ।

ପଞ୍ଚଦଶ ସର୍ଗ ସମାପ୍ତ ।

# ଷୋଡ଼ଶ ସର୍ଗ ।

## "କୁରୁକ୍ଷେତ୍ର ।"

ବିଷଣ୍ଣେ ଉତ୍ତରା ପାଶୁ ଦେଖି ବିଭାବରୀ,
ଉଷାଧାଟେଶ ସ୍ତୁତ ତାଙ୍କୁ ମଳିନ ବଦନେ
ଚଳି ଗଲେ କୁରୁକ୍ଷେତ୍ରୁ ଶିଶିରାଶ୍ରୁ ମୁଞ୍ଚି;
ଯେ ଅଶ୍ରୁ ସଲିଳେ ସିକ୍ତ ହେଲା ବସୁନ୍ଧରା ।
ଉଦିଲେ ଉଦୟାଚଳେ ଆରକ୍ତ ଆଦିତ୍ୟ;
ମନେ ହେଲା ଦେଖି ଯେହ୍ନେ ଦେବ ବିକର୍ତ୍ତନ,*
ରୋଷ କଷାୟିତ ନେତ୍ରେ କୁରୁ ବୀର ପ୍ରତି,
ଭାବି ତାଙ୍କ ବିଗର୍ହିତ ଗୁପତ ମନ୍ତ୍ରଣା
ଭୀରୁ-କାପୁରୁଷ-ଯୋଗ୍ୟ, ଗତ ଯାମିନୀର
ଚାହିଁଛନ୍ତି ଘୃଣା ଭରେ, ନ ପାରି ତା ସହି ।
ପତି ରୁଷ୍ଟ ମୁଖେ ଚାହିଁ ଚାରୁ ସୂର୍ଯ୍ୟ-ମୁଖୀ
ସ୍ଥଳ-କମଳିନୀ ସ୍ଥଳେ, କମଳିନୀ ଜଳେ,
ନିସ୍ପନ୍ଦେ ଅଛନ୍ତି ଯେହ୍ନେ ବିସ୍ମୟେ; ସଶଙ୍କେ
ଟଳ ଟଳ ନେତ୍ର କରି ଶିଶିରାଶ୍ରୁ ଛଳେ !
ଏଣେ ସ୍ନେହମୟୀ ମାତା, ପ୍ରାଣପ୍ରିୟାଠାରୁ
ଘେନି ବୀର ଅଭିମନ୍ୟୁ ସତ୍ୱରେ ବିଦାୟ,
ନା-ନା—ଛିନ୍ନ କରି ଚିର ପାଇଁ ମମତା ବନ୍ଧନ,
( ବିଧିର ବିଧାନ ହାୟ ! କେକରେ ଲଙ୍ଘନ )
ସାଜି ସେନାପତି ବେଶେ ବାହାରନ୍ତେ, ତହୁଁ
ସଧବା ଯୁବତୀ ଘେନି ଅର୍ଘ୍ୟ-ଥାଳୀ କରେ
କୁଳ ପ୍ରଥା ଅନୁଯାୟୀ କୃତ୍ରିମ ହରଷେ,
ବନ୍ଦିଲେ; ବନ୍ଦୀଏ ଉଚେ ଗାଇଲେ ମଙ୍ଗଳ,
ଟଙ୍ଗ, ଘଣ୍ଟା, ତୁରୀ ଭେରୀ ବାଜିଲା ସଘନେ,
ବେଦ ମନ୍ତ୍ରେ ଆଶୀର୍ବାଦ ଦ୍ୱିଜବର୍ଗଙ୍କର
ହୁଳାହୁଳି ସହ ମିଶି ପଡ଼ିଲା ଉଚ୍ଛୁଳି ।
ରସାଳ-ପଲ୍ଲବ ଶୋଭି ସିନ୍ଦୁର ମଣ୍ଡିତ,
ପୂର୍ଣ୍ଣ-ସ୍ୱର୍ଣ୍ଣ-କୁମ୍ଭ ଶୋଭେ ଧାନ୍ୟ ରାଶି ପରେ,
ରମ୍ଭାବୃକ୍ଷ ଧାଡି ଧାଡି ହୋଇଛି ରୋପିତ,
ସୁଉଚ୍ଚ ତୋରଣ ଅଗ୍ରେ ପତାକା ବେଷ୍ଟିତ;
"ଜୟ ଅଭିମନ୍ୟୁ ଜୟ" ଲେଖା ତଦୁପର ।
ପ୍ରଣମି ସାଷ୍ଟାଙ୍ଗେ ବୀର ଇଷ୍ଟ ଦେବେ ପୁଣି
ଦର୍ଶାଇ ସମ୍ମାନ ସର୍ବେ ଯଥା ଯୋଗ୍ୟ ତହିଁ
ଚଳନ୍ତେ ସମରେ, ତହୁଁ ଫେରିଲେ ନାରୀଏ
ପୂର୍ଣ୍ଣଚନ୍ଦ୍ର-ନିଭାନନା, ଅଶ୍ରୁ ପୂର୍ଣ୍ଣ ନେତ୍ରେ;
ଅତୃପ୍ତ ଦର୍ଶନ ଆଶା ପୂରଣେ କେହିବା
ପଣନ୍ତ ଟାଣିବା ଛଳେ ଚାହିଁଲେ ପଶ୍ଚାତେ ।
ଉଦାୟୁଧ ଯୋଧ ବୃନ୍ଦେ ଚାହିଁ ଯୁଧିଷ୍ଠିର
କହିଲେ ସମ୍ବୋଧି ତହୁଁ, "ହେ ବୀର ମଣ୍ଡଳ !
ଅର୍ପିଲି ତୁମ୍ଭର କରେ ହୃତ୍ପିଣ୍ଡ ମୋହର,
ମୋହର କି ପାଇଁ, ଏହି ପାଣ୍ଡବ ବଂଶର;
ଜୀବନ ସର୍ବସ୍ୱ ମୋର କିଶୋର କୁମାରେ,
ନେତ୍ରେ ନେତ୍ରପତ୍ର ଯଥା ରଖଇ ଘୋଡ଼ାଇ,
ସେହି ପରି ସର୍ବେ ମିଳି ରଖିବ ବତ୍ସକୁ,
ଏତିକି ମିନତି ଆଜି କରେ ଯୁଧିଷ୍ଠିର;
ଧନ, ପ୍ରାଣ ଦେଇ ସର୍ବେ ସାଧୁ ଅଛ ହିତ
କୁରୁ ପ୍ରତିକୂଳେ ଯୁଝି, ପାଣ୍ଡବ ବଂଶର,

* ସୂର୍ଯ୍ୟ

ଅଯୈର୍ଯ୍ୟାଚିତ ନ୍ୟାୟ ପାଇଁ, ହେଲେହେଁ ହେୟାରେ
ଋଣପାଶେ ତୁମ୍ଭ ପାଶେ ଚିରବଦ୍ଧ ମୁହିଁ;
ହେଉନାହିଁ ମନ ବଶେ ଛାଡ଼ିବାକୁ ରଣେ
କିନ୍ତୁ କି କହିବ କହ, ଜାଣୁଛତ ସର୍ବେ,
ଅବସ୍ଥାର ଦାସ ନର, ଚର ଏ ସଂସାରେ
ନୁହେଁ ସେ ସ୍ୱାଧୀନ କେବେଁ, ଅବସ୍ଥା ନିରେଖି
କରେ ବ୍ୟବସ୍ଥା ସତତ, ଯାହା ହେଉ ଆଜ;
ତୁମ୍ଭର ଭରସା ବଳେ ଛାଡ଼ିଲି କୁମରେ,
ଯା' ଥାଉ କପାଳେ ତା'ର ଯା' କରନ୍ତୁ ହର ।
କହୁଁ କହୁଁ ନେତ୍ର ତାଙ୍କ ହେଲା ଅଶ୍ରୁସିକ୍ତ;
"ଜୟ ଅଭିମନ୍ୟୁ ଜୟ" ଏ ସମୟେ ପୁଣି
ବୋଇଲେ ସକଳେ ଉଚ୍ଚେ ସୈନିକେ, ଦର୍ଶକେ;
ବାଜିଲା ସଂଗ୍ରାମ-ଶିଙ୍ଗା, ଦାମାମା, ଦୁନ୍ଦୁଭି,
କାହାଳି, ମହୁରି, ଢକ୍କା, ତୁରୀ, ଭେରୀ, ଢୋଲ,
ଝରଝରି, ଜଗଝମ୍ପା, ଆଦି ଘନ ଘୋଷେ;
ବାରଣ ବୃଂହଣ, ପୁଣି ଅଶ୍ୱ ହ୍ରେଷାରବ
ବୀର-ବାଦ୍ୟ ରୋଳ ସଙ୍ଗେ ମିଶି ସେ ସମୟେ
ନିସ୍ତେଜ ହୃଦୟେ ତେଜ ଆଣେ ଯଥା ସୁରା—
ସେହିପରି ଭୀରୁ ହୃଦେ ଆଣିଦେଲା ତେଜ,
ବୀର ହୃଦ କଥା ଅବା କି କହିବ ଆଉ;
ତୀବ୍ର ବେଗେ ରକ୍ତ ସ୍ରୋତ ସଞ୍ଚରିଲା ଦେହେ,
ଆରକ୍ତ ଦିଶିଲା ନେତ୍ର; କି କହିବ ପୁଣି,
ହାବେଳ ଗରଭେ ଅଗ୍ନି ପ୍ରବେଶିଲା ପ୍ରାୟେ
ଗର୍ଜିଲେ ସୈନିକେ ତେଜି ପ୍ରାଣର ମମତା,
ଉଠାଇ କୋଦଣ୍ଡ, କାଣ୍ଡ, ଅସି, ଶୂଳ, ଗଦା,
ମୂଷଳ, ତୋମର, କେହି କୁନ୍ତ, ପର୍ଶୁ ଆଦି
ମହାଦର୍ପେ ତାଳ ଠୁକି ବାହୁ ଜାନୁପରେ ।
ବ୍ୟଗ୍ରହେଲେ ଅଗ୍ରେ ସର୍ବେ ଯିବାକୁ ବେଗହେ;
ଫୁଟିଲା ଏକାଳେ ତୋପ ପାଣ୍ଡବ ପକ୍ଷରୁ
ମଙ୍ଗଳ-ଗମନ-ଶଂସୀ, ସଙ୍ଗେ ସଙ୍ଗେ ପୁଣି
ସମର ସଙ୍କେତ ବାଦ୍ୟ ବାଜନ୍ତେ ସହସା,
ଦିଗ୍‌ବଳୟ ମୁଖରିତ ହେଲା ସେ ଆରବେ ।
ଚଳିଲା ବାହିନୀ ଯେହ୍ନେ ଦାବାନଳ ବନେ
ରଥ ଚୂଡ଼ା, ଶୂଳ, ଭଲ୍ଲ, ସୁତୀକ୍ଷ୍ଣ ଖଡ଼ଗ
ଶିଖାରୂପେ ସମୁଜ୍ଜ୍ୱଳ ଦିଶେ ସେ ଅନଳେ,
ଧୂସର କୁଞ୍ଜର ପୁଞ୍ଜ ଧୂମରାଶି ସମ,
ଦିଶିଲା ଉତ୍ଥିତ ଯେହ୍ନେ ସେ ଦାବାଗ୍ନି ଗର୍ଭୁ ।
ଅଶ୍ୱାରୋହୀ, ଗଜାରୋହୀ, ଦଳପତି ସହ
ଦଳେ ଦଳେ ଚଳୁଛନ୍ତି ଆଗପଛ ହୋଇ;
ଘର୍ଘର ଚଳଇ ରଥ ଉଡ଼ାଇ ପତାକା,
ପଥ ରୋଧି ଧାଡ଼ି ଧାଡ଼ି ଚଳନ୍ତି ପଦାତି ।
ଅଗଣିତ ସୈନ୍ୟରାଶି ନଭେ ତାରା ସମ,
ତହିଁ ମଧ୍ୟେ ଅଭିମନ୍ୟୁ ବୀରେନ୍ଦ୍ର କେଶରୀ
ରତି-ଧୃତହାସୀ ଯାର ତୋରା ଗୋରା ବପୁ,
ଦିଶନ୍ତି ଯେସନେ ତାରାଦଳେ ତାରାପତି,
ସେନାଗ୍ରଣୀ ହୋଇ ଅଜ ଚଳନ୍ତି ସମରେ
କାର୍ତ୍ତିକ ଯେସନେ ରଣେ ତାରକାରି ବଧେ ।
ପ୍ରାସାଦ ଶିଖରେ ପୁଣି ପ୍ରାଚୀରେ, ଗବାକ୍ଷେ
ଉଚ୍ଚ-ବୃକ୍ଷ ଚୂଡ଼େ, କେହି ଧାନଗଦାପରେ,
ନିରେଖନ୍ତି ବୃନ୍ଦ ହୋଇ ନାରୀ ବାଳବୃଦ୍ଧେ,
ସତୃଷ୍ଣ ନୟନେ ଯାଚି ବିଜୟ ବାହୁଡ଼ା
ଇଷ୍ଟଦେବ ପଦେ, କେହି ମନାସନ୍ତି ବ୍ରତ,
କାଳି ରଣଚଣ୍ଡୀ ପଦେ ରଣଯାତ୍ରୀ ପାଇଁ ।
ଯୁବତୀ କୋମଳ କରୁଁ ପାଉଁ ଯାଉଁ ପଥେ,
ଲାଜାଞ୍ଜଳି, ପୁଷ୍ପାଞ୍ଜଳି, ରଣଯାତ୍ରୀ ଶିରେ
ଆସାର ସ୍ୱରୂପେ ବର୍ଷେ ପ୍ରାସାଦ ଶିଖରୁ ।
ରଣଯାତ୍ରୀ ପ୍ରତି ଗୃହେଁ କାହିଁ ବା କାନ୍ଦନ୍ତି
ମାତା, ମାତାମହୀ, ପତ୍ନୀ ସନ୍ତାନାଦି ଆର୍ତ୍ତେ
ବଧୂକୁ ଦାରୁଣ କହି ନିନ୍ଦି ନିଜ କପାଳେ;
କାହିଁ ବା ପଲ୍ଲୀରେ ଶିଶୁ ସରଳ ନିର୍ବୋଧ

ଛଳ ଛଳ ମାତା ନେତ୍ରେ ନିରେଖି କରୁଣେ
'କପାଇଁ କାନ୍ଦୁଛୁ ମାତଃ ? କାହିଁଗଲେ ପିତା,
ଆଣିବେତ ମୋହପାଇଁ କଣି ପୁତ୍ତଳିକା ?,
ଉତ୍ତରା ଅତୃପ୍ତ ନେତ୍ରେ ସଖୀଗଣ ସଙ୍ଗେ,
ନିରେଖନ୍ତି ପତି ରଥେ ଅନିମିଷ ନେତ୍ରେ,
ବହୁଯାଏ ଅଶ୍ରୁଧାର ଅବଷ ନୀରବେ
ଅଜ୍ଞାତେ ଚାଳାଇ; ଆହା ! ଦୃଷ୍ଟି ଅଗୋଚର
ଯହୁଁ ହେଲା ପତି ରଥ, ଦେଖିଲେ ସହସା,
ପଡ଼ିଛି କଙ୍କଣ ପଟେ, କରୁ ଖସି ତଳେ,
ତା' ଦେଖି ବିସ୍ମୟେ, ତହୁଁ ସମ୍ଭାଳି ନପାରି
ବାଷ୍ପଗଦଗଦ ସ୍ୱରେ କହିଲା ଉତ୍ତରା
"ସରଗଲା ଖେଳା ଲୀଳା ଆଜଠାରୁ ମୋର
କିବା ପ୍ରୟୋଜନ ଆଉ ଏ ପୋଡ଼ା ଜୀବନେ"
କହୁଁ କହୁଁ ମୂର୍ଚ୍ଛାଗ୍ରସ୍ତେ ପଡ଼ିଲେ ଭୂତଳେ,
ଯତନେ ସଖୀଏ ତାଙ୍କୁ ସେବିଲେ ସେବେଳେ ।
ଏଣେ ରଣୋତ୍ସବ ମୁଖେ ଚଳିଲା ବାହିନୀ
ଉଡ଼ାଇ ଆକାଶେ ଧୂଳି ମେଘ ସ୍ତର ପରି;
ଭାସ୍କର ତ୍ରିଶୂଳ ଖଡ୍ଗ ଚୂଡ଼ା ସ୍ୱର୍ଣ୍ଣମୟ,
ବିଚିତ୍ର ପତାକା ଉଡ଼େ କରେ ଝଲମଲ,
ଚଞ୍ଚଳ ଚପଳା ରୂପେ, ଦିଶିଲା ସେ ମେଘେ,
ହସ୍ତୀ-କଣ୍ଠୋତ୍ଥିତ ଅତି ଉତ୍କଟ ବୃଂହିତ,
ବାଦ୍ୟ ଘୋଷ ସଙ୍ଗେ ମିଶି ଉଚ୍ଚ ହ୍ରେଷାରବ,
ବଜ୍ରରବ ସମ ହେଲା ସେ ମେଘେ ସେବେଳେ;
ସେ ଭୈରବ ରବେ ମିଶି "ଜୟ ଅଭିମନ୍ୟୁ"
ରଣୋନ୍ମତ୍ତ ସୈନ୍ୟ କଣ୍ଠୁ ଉଲ୍ଲାସ ଶବଦ,
କମ୍ପିଲା ମେଦିନୀ ନଭ ଦିଗନ୍ତ ପଟଳ;
ଘନ ଧୂଳି ରାଶି ହେତୁ ଘୋର ଅନ୍ଧକାରେ
ଏକପରେ ଅନ୍ୟେ ତହିଁ ପଡ଼ନ୍ତି ହାବୋଡ଼ ।
କସ୍ତ କର୍ଣ୍ଣ ପ୍ରସାରଣେ, କ୍ରମେ ଧୂଳି ରାଶି
ସ୍ତରେ ସ୍ତରେ ମେଘାକାରେ ଉଠିଲା ଗଗନେ
ଭିବଲେ ଦୈବଜ୍ଞେ ଦେଖି ସବିସ୍ମୟେ ତାଙ୍କୁ
ଭାବି-ଅମଙ୍ଗଳ-ଶଂସୀ-ରଣ-କୁହେଳିକା ।
ଏକାଳେ ଅଶୁଭଶଂସୀ ଦୁର୍ନିମିତ୍ତ ଗଣ
ମରଣ କେତନ ରୂପୀ, ଦେଖିଲେ ସୈନିକେ;
ଉଡ଼ନ୍ତି ଆକାଶେ ଗୃଧ୍ର, ଶ୍ୟେନ, ପେଚ, ଚିଲ,
ଶବାହାରୀ ପକ୍ଷୀଗଣ ଘୋର ରବ କରି,
ଚଳ ଚନ୍ଦ୍ରାତପ ପ୍ରାୟେ ସୃଜି ସେନାଶିରେ,
କେବେ ବା ବସନ୍ତି କେହି ଚୂଡ଼ା ଛତ୍ର ପରେ;
ହଠ ମୁଖେ ଶିବାପଲ ରବନ୍ତି ବିକଳେ;
ସହସା କୁମାର ରଥେ ଲାଗିଲା ଏକାଳେ
ଚକ୍ରୋତ୍ଥିତ ଅଗ୍ନି ଅତି ବଘୂର୍ଣ୍ଣନ ହେତୁ ।
ଏହି ରୂପେ ଗୌଣଭାବେ ପ୍ରକୃତି କେବଳ
ନଜଣାଇ ମୁଖ୍ୟଭାବେ ଜଣାଇଲା ତହିଁ,
ବୁହାଇ ପବନ ଗତି ପ୍ରତିକୂଳ ପଥେ ।
ଅଶୁଭ ସଂକେତ ଦେଖି ସୈନିକଙ୍କ ମନ,
ଚଳଇ ପଶ୍ଚାତେ ଯେହ୍ନେ ଚଳ ରଥେ କେତୁ
କର୍ତ୍ତବ୍ୟାନୁରୋଧେ କିନ୍ତୁ ଦେହ ରଥ ପରି,
ଅନିଚ୍ଛାରେ ଚଲେ ଅଗ୍ରେ; ମାତ୍ର ଅଭିମନ୍ୟୁ
"ଈଶ୍ୱରେଚ୍ଛା ନିରଙ୍କୁଶା" ସର୍ବୋପରି ଭାବି
ଚଳାଇଲେ ପୂର୍ବପରି ରଥ ଦୃଢ଼ ଭାବେ ।
ଦେଖୁ ଦେଖୁ ସୈନ୍ୟ ସଙ୍ଗ ଯୁଦ୍ଧ ଭୂମି ପାଶେ
ହେଲେ ଉପସ୍ଥିତ ଯହିଁ କୁରୁ ସେନାବୃନ୍ଦ
ଅଗଣିତ ତରୁଶିଳା ଗିରି ଅଙ୍ଗେ ଯଥା—
ଘନ ସନ୍ନିବେଶେ ଉଭା ଗୁରୁକୃତ ବ୍ୟୂହେ ।
"ଜୟ ଅଭିମନ୍ୟୁ" ବୋଲି ନାଦନ୍ତେ ପାଣ୍ଡବେ
"ଜୟ ଦୁର୍ଯ୍ୟୋଧନ ଜୟ" କୁରୁ ସେନା କହି
ବେନି ବରୁଥିନୀ କ୍ରମେ ହେଲେ ସମ୍ମୁଖୀନ;
ସେ ଦୃଶ୍ୟ ଦର୍ଶନେ ମନେ ଉଦେ ହେଲା ଯେତେ
ବିଭିନ୍ନ ସାଗରୁ ଜଳ ତରଙ୍ଗ ସଂକୁଳ
ମିଳିଲେ କି ଭୀମ ବେଗେ ପୂର୍ଣ୍ଣିମା ଜୁଆରେ !,

ବାଜିଲା ଏକାଳେ ବାଦ୍ୟ, ଭୀମ ଘନ ଘୋଷେ
ସମର-ସଂକେତ-ଶଂସୀ ବିଦାରି କକୁଭ ।
ଅମ୍ବୁଧି ନିର୍ଘୋଷ ସମ ଘନ କମ୍ବୁ ରବ,
ସୈନିକ 'କୁହାଃ' ସଙ୍ଗେ ବାରଣ ବୃଂହଣ
ଅଶ୍ୱ ହ୍ରେଷାରବ ମିଶି ଭୀମ ବାଦ୍ୟ ସେନେ
ଉପୁଜିଲା ଘୋର ରଡ଼ି କର୍ଣ୍ଣ ବିଦାରକ,
ମନେ ହେଲା 'ଗର୍ଜିଲାକି ପ୍ରଭଞ୍ଜନ ସହ
ଅମ୍ବୁଧି ଗରଭେ ପଶି ଅକାଳେ ସଂବର୍ତ୍ତ
ବିଶ୍ୱଗ୍ରାସୀ; ଟଳମଳ ହେଲା ବସୁନ୍ଧରା
ଶୈଳ ସହ, ଭାଙ୍ଗିଗଲା ଅକସ୍ମାତେ ନିଦ୍ରା
ହର୍ମ୍ୟସ୍ଥର ଗୃହାଶାୟୀ, ସହସା ଗର୍ଜିଲା
ସେତେ ଗୁହା ମୁଖେ ଆସି, ଭମକ ପଶୁଏ,
ଶଶକ, ଶଗାଳ, ମୃଗ, ବ୍ୟାଘ୍ର ଏକ ସଙ୍ଗେ,
ଭକ୍ଷ୍ୟ ଭକ୍ଷକର ଭାବ ଭୁଲି ଯାଇ ଭୟେ,
ପଳାଇଲେ ବଣାହୋଇ ଏଣେ ତେଣେ ସର୍ବେ
ଭାଙ୍ଗିଗଲା ନିର୍ବିକଳ୍ପ ସମାଧି ଯୋଗୀର,
ଗର୍ଭିଣୀର ଗର୍ଭପାତ ହେଲା ଛନକାରେ,
ନୀଡ଼ ଛାଡ଼ି ଉଡ଼ି ଗଲେ ସତ୍ରାସେ ପକ୍ଷୀଏ;
ପଶି ସେ ନିର୍ଘୋଷ ଜଳେ ମନ୍ଥି ମହାସିନ୍ଧୁ
ଉଠିଲା ତରଙ୍ଗ ମାଳା ପର୍ବତ ପ୍ରତିମ,
ଜଳ ଜୀବେ ମହାଭୟେ ଗଣିଲେ ପ୍ରମାଦ;
କିଂକର୍ତ୍ତବ୍ୟମୂଢ଼ ହେଲେ ସର୍ବେ ବିଶ୍ୱବାସୀ,
ଜଳଚର ସ୍ଥଳଚର ନଭଶ୍ଚର ଯେତେ ।
ଥରିଲେ ତ୍ରିଦିବେ ଦେବ, ପାତାଳେ ବାସୁକୀ,
ବରୁଣ ବରୁଣାଳୟେ ଯକ୍ଷେ ଯକ୍ଷପୁରେ,
କମ୍ପିଥିଲେ ବିଶ୍ୱବାସୀ ଦୈତ୍ୟ ଯୁଦ୍ଧେ ଯଥା
ପ୍ରଳମ୍ବ କୁନ୍ତଳା କାଳୀ ରଣ ରଙ୍ଗିଣୀର
ଘନ ଘନ ହାସ୍ୟୋଚ୍ଛ୍ୱାସେ ବିକଟ କୁହାଟେ ।
ହିମାଚଳେ ହୈମବତୀ ଗୃହାନ୍ତେ ଚକିତେ,
ହସି ଟେକସଙ୍କୁ ଶମ୍ଭୁ କହିଲେ ସଂକେତେ,
ଉନ୍ମିଳିନୟନ ତ୍ୟଜି ସମାଧି ସେ ବେଳେ,
"ଅଭିମନ୍ୟୁ ତାସପତି ସେନାପତି ବେଶେ
ଉପସ୍ଥିତ କୁରୁକ୍ଷେତ୍ରେ ବ୍ୟୂହ ଭେଦିବାକୁ,
ତେଣୁ ଯୁଦ୍ଧ କୋଳାହଳେ କମ୍ପେ ବିଶ୍ୱ ଆଜି"
ତୋଳିଲେ ଏକାଳେ ଉଚ୍ଚେ ସୈନିକେ ପତାକା
ବାୟୁ ବିକମ୍ପିତ କେତୁ ଦିଶିଲା ଯେସନ
ବିକଟାଳ କାଳ ଆସ୍ୟେ ଲହ ଲହ ଜିହ୍ୱା
ଉଦାୟୁଧ ପ୍ରତିପକ୍ଷେ ଦେଖି ଯୋଧ ବୃନ୍ଦେ
ପରସ୍ପର ପ୍ରାଣନାଶେ ଅଟଳ ପ୍ରତିଜ୍ଞା,
କତ୍ରଦ୍ରୁତ-ହୃଦ ତାଙ୍କ ହେଲା ଦକଦକ.
ଥରିଲା ସର୍ବାଙ୍ଗ, ଘନେ ବହିଲା ନିଃଶ୍ୱାସ,
ଝରିଲା ଶୀତଳ ସ୍ୱେଦ, କଳା ପଡ଼ି ଦେହ,
ଖିନ୍ନ ମାତ୍ରେ ନେଲା ପାଣ୍ଟି ଶୁଖି କଣ୍ଠ ଜିହ୍ୱା,
ଦେଖିଲେ ଅନ୍ଧାର ମଥା ଘୁରିବାରୁ, ମାତ୍ର
ସେ ଦୌର୍ବଲ୍ୟ, ଘୋଡ଼ାଇଲେ ବାହ୍ୟ ଦମ୍ଭେ ସର୍ବେ
ମୃତ୍ୟୁ ମୁଖେ ପଡ଼ି ଆଜ ମୃତ୍ୟୁରେ କି ଭୟ
ବୁଝିଲେକି ବୀରଗଣେ ବାକ୍ୟେ କାର୍ଯ୍ୟେ ଭେଦ?
କୁମାରଙ୍କ ଆଜ୍ଞାକ୍ରମେ ଦ୍ରୋଣ ପାଶେ ତ୍ୱରା,
ସାରଥୀ ସ୍ୟନ୍ଦନ ନେଲା ପ୍ରହାରଣ ହସ୍ତେ ।
ଅଭିମନ୍ୟୁ ପଛେ ପଛେ, ପାଣ୍ଡବ ବାହିନୀ
ବ୍ୟୂହ ମୁଖେ ଦ୍ରୋଣ ଅଗ୍ରେ ଚଳିଲେ ସଦର୍ପେ;
ମହାନଦୀ ଭୀମ ସ୍ରୋତ ଭୀମାବର୍ତ୍ତି ସହ,
ପଶିଲାକି ସିନ୍ଧୁ ଗର୍ଭେ ଖରତର ବେଗେ !
କଷ୍ଟପଥ ମଧ୍ୟେ ଯଥା କେଶରୀ କିଶୋର,
ପ୍ରବେଶି ତେସନ ସୈନ୍ୟେ ନିର୍ଭୀକ କୁମାର,
ଗୁରୁ ସ୍ୱର୍ଣ୍ଣ ବର୍ମାବୃତ, ଧ୍ୱଜ-ଦଣ୍ଡ-ଶାଳୀ
ପ୍ରଣମିଲେ ବାଣ ଦେଇ ଯୁଗ୍ମ ଗୁରୁ ପାଦେ,
ପ୍ରତିବାଣେ ଗୁରୁ ବୀରେ ଚୁମ୍ବିଲେ କପୋଳେ,
ଶାଶ୍ୱତ ଶାସ୍ତ୍ରୀୟ ବିଧି ଶସ୍ତ୍ରବିଦ୍ୟାଛନ୍ଦେ ।
ଲାଗିଲା ତୁମୁଳ ଯୁଦ୍ଧ, ଲୋମହର୍ଷକାରୀ,

ଗୃହ୍ମଁ ଗୃହ୍ମଁ ପରସ୍ପରେ ଆକ୍ରମିଲେ ବେଗେ,
ଅସି, ଶୂଳ, ଗଦା, ଭଲ୍ଲ, କୁନ୍ତ, ଖର ଧେନ,
ଅଶ୍ୱାରୋହୀ ଅଶ୍ୱାରୋହୀ, ପଦାତି ପଦାତି,
ଗଜାରୋହୀ ଗଜାରୋହୀ, ରଥୀ ରଥୀ ସଙ୍ଗେ,
ଭଙ୍ଗେ ଭଙ୍ଗେ ଭଡ ଭୂମେ ରଡ ଛାଡ଼ି କୋପେ,
ମରାମର ଧରାଧର କଲେ ପରସ୍ପରେ ।
ଘାତକର କ୍ରୂର ହାସ୍ୟ ଭୀଷଣ ହୁଙ୍କାର,
ଆହତର ମର୍ମଭେଦୀ କରୁଣ କ୍ରନ୍ଦନ,
ଅଶ୍ୱ ହ୍ରେଷା କ୍ଷଣ କ୍ଷଣ ସଙ୍ଗେ ବାହୁ ଆସ୍ଫୋଟନ,
"ମାର ମାର" "ଧର ଧର" ବକଠ କୁହାଟେ
ରୋଧିଲା ଶ୍ରବଣ ପଥ; ଉଡ଼ିଲା ଅମ୍ବରେ
ବହ୍ନ୍ୟୁଦ୍‌ଗର୍ଭ ଖରଶାଣ ଅସଂଖ୍ୟ ବିଶିଖ,
ତ୍ରିଶୂଳ, ସାଂବେଲ, ବର୍ଚ୍ଛା, ଯମଜିହ୍ୱା ସମ
ଭେଦି ଚର୍ମ ବର୍ମ ଦେହ ବହିଲା ଶୋଣିତ
ଝରଶ୍ରେଣୀ ଶୈଳୁ ଯଥା, ଦର ଦର ଧାରେ;
ଅସଂଖ୍ୟ ସୈନିକ ସହ ଗଜ-ବାଜୀ ରାଜି,
କେହୁ ଅସି କେହୁ ପର୍ଶୁ ଶୂଳ ଗଦାଘାତେ
ବାତ୍ୟାଘାତେ ବୃକ୍ଷ ବତ, ହତହେଲେ କ୍ଷଣେ ।
ଦିଶିଲା ସମର ଭୂମି ଶବାବୃତ, ଯଥା
କୁଷ୍ମାକାର୍ଣ୍ଣ ଅମସୃଣ ଯଜ୍ଞ-କୁଣ୍ଡ ବେଦୀ,
ତୃଣ ପୂର୍ଣ୍ଣ ନଦୀ ଶଯ୍ୟା ବନ୍ୟା ଶେଷେ ଯଥା ।
ସେନା ଛିନ୍ନ ହସ୍ତ ପଦ ରକ୍ତାକ୍ତ ସ୍କନ୍ଧତ
ଦିଶିଲା ଭୀଷଣ ସୌମ୍ୟ କଲ୍ପନା ନୟନେ,
ପକ୍ଷ-ଫଣ-ଫଣୀ ସମ ଛିନ୍ନ-ପୁଚ୍ଛ-ଶୀର୍ଷ ।
ସଦ୍ୟ ଭିନ୍ନ ବ୍ରଣ ଶୂନ୍ୟ ବୀର ଶିର ରାଜି,
କୁଞ୍ଚିତ ସୁଦୀର୍ଘ କେଶ ଯୁକ୍ତ କେହୁବା ଶ୍ମଶ୍ରୁଳ,
ପଡ଼ିତ ଭୂତଳେ ଯଥା ବନାଳ କମଳ
ଭ୍ରମର ନିକରେ ଘେରା; ପଡ଼ିତ ଚୌପାଶେ,
ବକ୍ଷିନ ଜଙ୍ଘାଗ୍ରି ନାସା ଦଶନ ରସନା
ଗଜ ବାଜୀ ରଥ ରଥୀ, ରଥୋପକରଣ,

କଙ୍କଟ ମୁକୁଟ ମଣି ଉଷ୍ଣୀଷ ମହାର୍ହ
ବଳୟ, କୁଣ୍ଡଳ, ହାର, ଛତ୍ର, କେତୁ, ରଜ୍ଜୁ,
ଚାମର, ତୋମର, ଶର, ଶରାସନ, ଅସି
ନାନା ଅସ୍ତ୍ର, ଶସ୍ତ୍ର, ବସ୍ତ୍ର, ଶଙ୍ଖ, ସଂଖ୍ୟାତୀତ,
ଇତସ୍ତତଃ କ୍ଷିପ୍ତ କେତେ କେ ପାରିବ କଳି !
ନିଦାଘ-ନୀରଦ ସମ ଗମ୍ଭୀରେ ହୁଙ୍କାର
ଆକ୍ରମିଲେ କୁରୁ ଚମୂ ଚତୁରଙ୍ଗ ବଳେ,
ପାଣ୍ଡୁବଳ ମହାବଳ ଯମ ସମ ଭୀମେ;
ପ୍ରଭଞ୍ଜନ ବେଗେ ଗଦା ପ୍ରଭଞ୍ଜନାଙ୍ଗଜ
ଭ୍ରମାଇ ମାଇଲା ସୈନ୍ୟେ ପଶି କୁରୁ-ବ୍ୟୂହେ,
ପଡ଼ିଲେ ସୈନିକେ ଯେଷ୍ଟେ ତୁଫାନେ ବଦରୀ,
ରଡ଼ି ଛାଡ଼ି ପଳାଇଲେ କୁରୁ ବଳ ଦୂରେ,
ଊର୍ଦ୍ଧ୍ୱଶ୍ୱାସେ ଇତସ୍ତତଃ ଛିନ୍ନଭିନ୍ନ ହୋଇ
ବାୟୁ ବଳେ ମେଘମାଳା ଖଣ୍ଡ ଖଣ୍ଡ ଯଥା ।
ଛନ୍ନ ଭଙ୍ଗ ଦେଖି କୁରୁ ଶଲ୍ୟ, ଦୁଃଶାସନ
ଅଶ୍ୱାସି ଫେରାଇ ସୈନ୍ୟେ, ଆକ୍ରମିଲେ କୋପେ
ମହାପରାକ୍ରମୀ ଭୀମେ, ଦ୍ୱିଗୁଣ ଉତ୍ସାହେ;
ଘେରିଲେ ଚୌପାଶେ ସୈନ୍ୟ, ଘନ ଘନ ଅସ୍ତ୍ର-
ବୃଷ୍ଟି କରି ଭୀମପରେ, ପବନ ନନ୍ଦନ
ଭୀମ ହୁଙ୍କାର ସମରେ, ନାଶିଲେ ସୈନିକେ,
ମତ୍ତ ମାତଙ୍ଗମ ଯଥା ନଳିନୀ ପଦ୍ମବନ,
ମର୍ଦ୍ଦି ସରେ ସରସ୍ତରେ ଦେଇ ମହାନନ୍ଦ ।
ସେନା ନାଶ ଦେଖି କୋପେ କ୍ରୂର ଦୁଃଶାସନ
ଭୀମଙ୍କ ଅଲକ୍ଷେ ଛକ ବୋଇଲା "ବର୍ବର !
କେ ରଖିବ ତୋତେ ଆଜ ଦେଖିବ ସମରେ",
ଏତେ କହି ଭୀମ ପୃଷ୍ଠେ ପ୍ରହାରିଲା ଗଦା
ବଜ୍ର ତୁଲେ, ବଜ୍ର ଯଥା ଶୃଙ୍ଗଧର ପୃଷ୍ଠେ;
ସେ ବିଷମାଘାତେ ଭୀମ ହେଲେ ଭୂପତିତ;
ଧୃଷ୍ଟଦ୍ୟୁମ୍ନ, ଚେକିତାନ, ନକୁଳାଦି ମିଳି
ସକଳେ ରଖିଲେ ଭୀମେ ସବଳେ ସେବେଳେ

ନେନେ ନେଇପନ୍ତ ପ୍ରାନ୍ତେ ଘେର ତାଙ୍କୁ ଦୃଢ଼େ ।
କୁରୁବଳ ସିଂହନାଦେ କମ୍ପିଲା ମେଦିନୀ ।
କ୍ଷଣପରେ ଭୀମ ଉଠି ପ୍ରତିହିଂସା ବଶେ,
ଅହତ କେଶରୀ ପ୍ରାନ୍ତେ କ୍ରୋଧେ ଅପମାନେ,
ବିଦ୍ୟୁଦ୍‌ବେଗେ, ଗଦାବଳେ ଭେଦି ଦୃଢ ବ୍ୟୂହ,
ଭ୍ରୂକୁଟି କୁଟିଳ ମୁଖେ, ହୁଙ୍କାର ଭୀଷଣେ,
ସବଳେ ଭୂତଳେ ଦେଲା କଗୃଢ଼ ଦୁଃଶାକୁ,
କ୍ଷୁଧାତୁର ସିଂହ ଯଥା ଗୋ-ଗୋଷ୍ଠେ ବୃଷଭେ ।
କୁରୁବଳେ ହାହାକାର ପଡ଼ିଲା ତା ଦେଖି
ଭୂରିଶ୍ରବା, କୃପ, ଶଲ୍ୟ, କର୍ଣ୍ଣ, ଚିତ୍ରସେନ,
କୃତବର୍ମା, ବୃହଦ୍‌ବଳ, ସବଳେ ଦଉଡ଼ି
କାଢ଼ିନେଲେ ଦୁଃଶାସନେ, ଭୀମ ମୁଖୁଁ, ପୁଣି,
ଫିଙ୍ଗିଦେଇ ଗଦା ତାଙ୍କ, ମିଳି ସର୍ବେ ତହିଁ,
ଘେରିଲେ ଭୀମଙ୍କୁ ପାଇ ନିରସ୍ତ୍ର ଏକାକୀ,
କାନନେ ଯେସନେ ଶୈଳେ ମହାବଳ ବ୍ୟାଘ୍ରେ
ମାତ୍ର ଭରସିଲେ ନାହିଁ ମାରିବାକୁ କେହି;
ଭୀମଙ୍କୁ ଏକାକୀ ଦେଖି ଅଗ୍ରତ କବଳେ,
ବୀର ସହଦେବ ଦେଲେ ଦ୍ରୁତ ଝଂପକାଇ
ବାୟୁଗତି ଅଶ୍ୱ, ସଙ୍ଗେ ଆସିଲେ ନକୁଳ
ଶତ୍ରୁକୁଳ ନାଶି, ଚଢି ଗଜରାଜ ପୃଷ୍ଠେ,
ଦଳି ବଳ ଯେନ ତ୍ୱରା ବିଜୁଳି ଝଂପଟେ ।
ଧୃଷ୍ଟଦ୍ୟୁମ୍ନ, ଚେକିତାନ ଆଦି ବହୁ ବୀରେ
କେହି ଗଜେ, ଅଶ୍ୱେ କେହି ଆସିଲେ ସ୍ୟନ୍ଦନେ
ରୁଧିର ପିଚ୍ଛିଳ ପଥେ ପଙ୍କିଳ, ବନ୍ଧୁର
ଠାବେ ଠାବେ ଶବ ଯୋଗେ, ନକୁଳ ସଙ୍କେତେ
ଆସିଲେ ସୈନ୍ୟେ ମାତ୍ର ଗାଢ଼ ଘୋର ରଡ଼
ସିନ୍ଧୁ ମୁଖେ ସ୍ରୋତଗଣ ବର୍ଷାକାଳେ ଯଥା ।
ପ୍ରଚଣ୍ଡ ପାଣ୍ଡବଯୋଧେ ଆୟୁଧ ଆସ୍ଫାଳି
ଆକ୍ରମିଲେ କୁରୁବୀରେ ପ୍ରଚଣ୍ଡ ବିକ୍ରମେ ।
କୁରୁବୀର ବୃନ୍ଦେ ତହୁଁ ଦୃଢ଼େ ଥାଇ ବ୍ୟୂହେ,
ରୋଧିଲେ ପଥ ପୁରେ ଅଦମ୍ୟ ସାହସେ ।
ଦୁଇଦଳେ ପରସ୍ପର ସମ ବଳ ହେତୁ
ନ ହଟିଲେ କେହି ତଳେ, ଇତିମଧ୍ୟେ ଭୀମ
ହେଲେହେଁ ନିରସ୍ତ୍ର, ହସ୍ତୀଯୂଥେ ସିଂହ ସମ
ବାହୁବଳେ ବାଟ କାଟି ପଶିଲେ ସ୍ୱଦଳେ ।
କୁରୁ-କୁଟ-ମନ୍ତ୍ରଦାତା, ପ୍ରତ୍ୟୁତ୍ପନ୍ନ ମତି
ଶକୁନି, ଏକାଳେ ଦେଖି ସମର ଅବସ୍ଥା
ଜୟଦ୍ରଥ ରଥେ ଉଠି କହିଲେ ତା' କର୍ଣ୍ଣେ
"ଏକା ଅଛି ଅଭିମନ୍ୟୁ ଦେଖ ଚକ୍ରବ୍ୟୂହେ,
ଏ ସୁଯୋଗେ ରୋଧି ରଖ ପାଣ୍ଡବ-ବାହିନୀ,
ମାରିବା କୁମାରେ ବ୍ୟୂହେ ଘେରି ଚଉପାଶ୍ୱ;
ଗଲେ ଗଲେ ଶୁଭ ବେଳ ନ ମିଳଇ ଆଉ
ତପ୍ତ ଥାଉଁ ଲୌହେ ସିନା ଯୋଡ଼େ ଲୌହକାର"
ଉପଯୁକ୍ତ ଏ ମନ୍ତ୍ରଣା ଭାବି ଜୟଦ୍ରଥ
କୁରୁ ମହାରଥୀଗଣେ ଡ଼ାକିଲେ ସଂକେତେ ।
ଆସିଲେ ତା ଜାଣି ଦ୍ରୁତ ବୀର ଅଶ୍ୱତ୍ଥାମା,
ପର୍ବତପ୍ରତିମ ରଣେ, ପ୍ରତିପକ୍ଷରୋଧୀ,
ସିଂହ-ପୁଚ୍ଛ-କେତୁ ରଥେ, ଆସିଲା ଦୁର୍ଦ୍ଧର୍ଷ
ବର୍ଚ୍ଛାଧାରୀ ହସ୍ତୀ ପୃଷ୍ଠେ ପ୍ରଚେଣୀ ମଣ୍ଡିତ;
ଦର୍ପେ ପ୍ରକମ୍ପିତ ଧରା, ଆସେ କ୍ଷେମଧନ୍ୱା,
ଘଟୋତ୍କଚସହ ରଣେ ମତ୍ତ ଥିଲେ ଯେହ୍ନ;
କମ୍ବୋଜ-ରାଜନ ଜାଣି, ବାଜୀବରେ ଦେଲେ
ଝଂପକାଇ, ସଙ୍ଗେ ସଙ୍ଗେ ଅଶ୍ୱାରୋହୀ ଦଳ,
ବିଦ୍ୟୁଦ୍‌ଗତି ହସ୍ତେ ଚଢି ଆସିଲେ ସବେବେଷେ
ତାଙ୍କ ପଛେ, କରେ ଧରି ଉଲଗ୍ନ ଖଡ଼୍‌ଗ ।
ଆସିଲା ବାହ୍ଲୀକ ଭଲ୍ଲ ଧରି ପଛେ ପଛେ
ତୀରନ୍ଦାଜ ଦଳ ସହ ଦେ ପୁରଞ୍ଜୟୀ ।
ମିଳିଲେ କଳିଙ୍ଗ-ରାଜ ଗଜରାଜ ପୃଷ୍ଠେ
ଝୁଲି ଝୁଲି, ଗଜାରୋହୀ ସହ ହସ୍ତୀ ସେନା,
ଚଳଶୈଳ ସମ ଦ୍ରୁତ ହଟିଲେ ଭୀଷଣ ।

ଶକୁନିଙ୍କୁ ସଙ୍ଗେ ଘେନି ରଜା ଦୁର୍ଯ୍ୟୋଧନ,
ଉରଗ ଲାଞ୍ଛିତ କେତୁ ସ୍ୱର୍ଣ୍ଣଚୂଡ଼ ରଥେ,
ମେଘାରୂଢ଼ ଇନ୍ଦ୍ର ସମ ଆସିଲେ ସେଠାରେ
ଦଳେ ବଳେ, ମେଘଦଳ ନିଦାଘାନ୍ତେ ଯଥା ।
ରଣକୌଶଳେ ମିଳି ସର୍ବେ ଯୋଧବର ପାଣ୍ଡବେ
ଜୟଦ୍ରଥ ସଙ୍ଗେ ଯୋଧେ ସ୍ଥିର କରି ଶେଷେ
ହେଲେ ଅଗ୍ରସର, ତହୁଁ ରଙ୍ଗି ପୁରୋଭାଗେ
ଜୟଦ୍ରଥେ ରଥେ ଯାର ଉଡ଼େ ଫର ଫର
ବରାହ ଲାଞ୍ଛିତ କେତୁ ରଜତ ଉଜ୍ଜ୍ୱଳ ।
ମେଘଗଣ ସଙ୍ଗେ ଘେନି ମଘବା କି ଅବା !
ଜୟଦ୍ରଥ ସେନା ଦଳେ ଦିଶିଲେ ତେସନ ।
ଅଲଙ୍ଘ୍ୟ ନିରନ୍ଧ୍ର ବ୍ୟୂହ ରଚି ସେ ତକ୍ଷଣେ
ବୃତ୍ତାକାରେ ପାଣ୍ଡୁ ସୈନ୍ୟେ ଘେରିଲେ ସୁଦୃଢ଼େ
ସମୁଦ୍ରକୁ ବେଳା ପ୍ରାୟେ, ବୀର ଅଭିମନ୍ୟୁ,
ସ୍ୱଦଳୁ ବିଶ୍ଳିଷ୍ଟ ହୋଇ ଚକ୍ରବ୍ୟୂହେ ତେଣୁ
ରହିଗଲା ନକ୍ର ଯଥା ଜୁଆରାନ୍ତେ ହ୍ରଦେ ।
ଚକ୍ରବ୍ୟୂହେ କୁମାରକୁ ଏକା ଜାଣି ଭୀମ,
କରିଣୀ କରଭେ ଯଥା ଦେଖି ବ୍ୟାଧ ବେଢ଼ା,
ଗଦାତଳେ ପଦା କରୁ ପରପତ୍ତୀ ଦଳେ,
ପରସ୍ପର କଲେ ପଥ ମତ୍ତ ହସ୍ତୀ ଯଥା,
ଅଗମ୍ୟ ଅରଣ୍ୟ ଶୁଣ୍ଡେ ଭାଙ୍ଗି ତରୁଗଣେ
ପଥରୋଧୀ ଶିଳାରାଶି ଫିଙ୍ଗି ପାଦେ ପୁଣି;
ପଶିଲେ ପାଣ୍ଡବ ସେନା ସବେଗେ ସେ ପଥେ
ନିମ୍ନଭୂମେ ଜଳ ସମ; ଭୀମ ଗଦାଘାତେ,
ପଡ଼ିଲା ଭୂତଳେ କାର ମୁଣ୍ଡ ଫାଟି ରସା
ଦଧିଭାଣ୍ଡ ଦଧି ସମ ଥପ ଥପ ହୋଇ;
ଉଡ଼ିଗଲା ଛିଡ଼ି କାଲେ ହସ୍ତ ମୁଖ ପାଦ
ରୌଦ୍ରାତପେ ଫଟା ଶିମ୍ବୁ ତୁଳା ବୀଜ ଯଥା,
କାହାରବା, ନଭ ମାର୍ଗୁ ଚିଲ ଶ୍ୟେନେ ନେଲେ
ଚିଲମାର ଛିନ୍ନ ଅଙ୍ଗ ନ ପଡ଼ୁଁ ଭୂତଳେ ।

ଅଶ୍ୱତ୍ଥାମା କ୍ଷେମଧନ୍ୱା ଜୟଦ୍ରଥ ସହ
ଏକଧେ ବରଷି ଶର ଆଶୀବିଷ ସମ,
ସରୋଷେ ବିନ୍ଧିଲେ ଭୀମେ କାଷ୍ଟ ଗଦା ହସ୍ତୁ;
ଅସ୍ତ ବ୍ୟସ୍ତ ହେଲେ ଯହୁଁ ଭୀମ ଅସ୍ତ୍ରାଘାତେ,
ସହସା ସହାୟ ପାଇଁ ସହଦେବ ଆଉ
ଧୃଷ୍ଟକେତୁ ଘଟୋତ୍କଚ ଆସି ପଛେ ପଛେ
ଯୁଝିଲେ କୌରବ ସଙ୍ଗେ ଅସୀମ ସାହସେ ।
ଭୀଷଣ ହୁଙ୍କାରେ ଗର୍ଜି ପ୍ରଭଞ୍ଜନ ସମ
ପଡ଼ିଲେ ପ୍ରଚଣ୍ଡ ବେଗେ ପରସ୍ପର ପରେ ।
ଅତୁଳ ସେ ଯୁଦ୍ଧ, କଳି ନୁହଇ କଦାପି;
ଇତସ୍ତତଃ ବାତ୍ୟାଘାତେ ସିନ୍ଧୁ ବୀଚିସମ
ନିଅନ୍ତି ଗୋଡ଼ାଇ କେବେ ପାଣ୍ଡବେ କୌରବେ,
କେବେବା କୌରବେ ପୁଣି ତଡ଼ନ୍ତି ପାଣ୍ଡବେ
ବିମର୍ଦ୍ଦି ଅରାତି ଦଳେ କର୍ଦ୍ଦମେ ନିଷ୍ଠୁରେ ।
ସମଶକ୍ତି ଶାଳୀ ହେତୁ ନ ହଟିଲେ କେହି
ଧୃଷ୍ଟକେତୁ ଧୂମକେତୁ ସମ ଯୁଦ୍ଧଜନେ
ଶ୍ରୁତାୟୁଧେ ତୀକ୍ଷ୍ଣ ଶରେ ବିନ୍ଧିଲେ ନିଷ୍ଠୁରେ ।
ପଶିଲା ସେ ଶର ଦୂରେ ଅଶ୍ୱତ୍ଥାମା ପଦେ
ଶ୍ରୁତାୟୁଧ ଶୂଳ ମୂଳେ ଗ୍ରୀବା ଜନୁ ଭେଦ;
କିନ୍ତୁ ପ୍ରତିଫଳ ତାର ପାଇଲେ ତକ୍ଷଣେ
ଅଶ୍ୱତ୍ଥାମା ବାଣାଘାତେ ଅଚେତନ ହୋଇ,
ବୃହଦ୍‌ବଳ ନକୁଳର ଶୂଳାଘାତେ ତଳେ
ରଥୁପଡ଼ି ଗଡ଼ି ଗୁଡ଼ି ପଡ଼ିଲେ ଉତ୍ସନେ,
ଦୂରୁଁ ଦେଖି ଭୂରିଶ୍ରବା ନକୁଳେ ସବଳେ
ଫିଙ୍ଗିଲେ ସାବେଳି ବେଗେ, ଭାଗ୍ୟେ ସେ ସାବେଳି
ଦିଶିଲା ଯା ଶୂନ୍ୟ ପଥେ ହାବେଳି ସଦୃଶ
ଭେଦିଲା କୁଞ୍ଜରେ ତାଙ୍କ କର୍ଣ୍ଣ ପାଶେ ଯାଇ
ନବାଙ୍କ ନକୁଳ ଅଙ୍ଗେ ସ୍ପର୍ଶି ମାତ୍ର ବର୍ମ,
ସେ ଘାତେ ପଡ଼ିଲା ଗଜ, ଗଜୁ ବୀର ତଳେ ।
ଜୟତ୍ସେନ ବାଣାଘାତେ ବୀର ସହଦେବ

ଅହତ ଶାର୍ଦ୍ଦୂଳ ପ୍ରାୟେ ପ୍ରଚଣ୍ଡବାଣାଘାତେ
ପକାଇଲେ ପୋତି ତାଙ୍କୁ ଆପାଦ ମସ୍ତକ ।
ଭଗଦତ୍ତ ସହଦେବ ଭଲ୍ଲପାଳ କ୍ଷେପି
ଶରାସନ ହସ୍ତୁ ତାଙ୍କ ଫିଙ୍ଗି ଦେଲେ ଦୂରେ;
ଏକାଳେ କଳିଙ୍ଗ ରାଜ ଅର୍ଦ୍ଧ ଭଲ୍ଲ ମାରି
ସହଦେବ ଅଶ୍ୱ ପୃଷ୍ଠେ ବାଜନ୍ତେ ସବେଗେ
ସହଦେବେ ଫିଙ୍ଗି ପୃଷ୍ଠୁ ସେ ବିଷମାଘାତେ
ପଳାଇଲା ଅଶ୍ୱ ନେଇ ବିମର୍ଦ୍ଦି ସ୍ୱଦଳେ;
ମହାଦ୍ରୁମ ଘଟୋତ୍କଚ ଉପାଡ଼ି ସମୂଳେ,
ଭ୍ରୂକୁଟି କୁଟିଳ ନେତ୍ରେ, ବଡ଼ ରୁଡ଼ କୋପେ,
ଆସିଲା ଦଉଡ଼ି ଯେସନେ ସଚଳ ଅଚଳ;
ପଳାଇଲେ କୁରୁସେନା ଦୂରୁ ଡରି ତାକୁ
ମୂର୍ତ୍ତିମନ୍ତ ମୃତ୍ୟୁ ପ୍ରାୟେ ଅଦ୍ଭୁତ ଉଦ୍ଭବ ।
ହେଲା ସମ୍ମୁଖୀନ ଯହୁଁ ଜୟଦ୍ରଥ ଦୃଢେ
ଉତ୍ତୋଳି ପିଟିଲା ତରୁ ରଥେ ତାର ବେଗେ.
ଚୂର୍ଣ୍ଣୀଭୂତ ହେଲା ରଥ ତରୁ ଗୁରୁ ଘାତେ ।
ଅଶ୍ୱତ୍ଥାମା, କୃତବର୍ମା ଶ୍ରୁତାୟୁଧ ମିଳି
ଘଟୋତ୍କଚ ରଣକଣ୍ଡୁ ଶମିଲେ ସହସା
ପକାଇ ତା କରୁ ତରୁ ଅସ୍ତ୍ର ବର୍ଷାଘାତେ ।
ଇତି ମଧ୍ୟେ ଜୟଦ୍ରଥ ନବ ରଥେ ଆସି
ଘେରିଲେ ପାଣ୍ଡବେ, ଦେଖି ମନେ ହେଲା ଯେସନେ
ବର୍ଦ୍ଧିଷ୍ଣୁ ଉଚ୍ଛଳ ସ୍ରୋତ ବନ୍ୟା କାଳେ ଯଥା
ନଦୀ ଗର୍ଭେ ଶିଳାଘାତେ ଲେଉଟି ପଛକୁ
ଫେରି ମହାବଳେ ପୁଣି ବୁଡାଏ ଶିଳାକୁ,
ତେସନେ କୌରବ ବୀରେ ଘଟୋତ୍କଚାଘାତେ
ଘୁଞ୍ଚି ଯାଇ ପଛେ ପୁଣି, ଦ୍ୱିଗୁଣ ସାହସେ
ପାଣ୍ଡବଙ୍କୁ ପ୍ରଚଣ୍ଡଘାତେ ଆକ୍ରମିଲେ ବେଗେ ।
କୌରବ ବୀରଙ୍କ ତୀବ୍ର ଅସ୍ତ୍ର ବର୍ଷାଘାତେ ,
ପଡ଼ିଲେ ପାଣ୍ଡବ ସେନା ପକ୍ୱ ପତ୍ର ଯଥା
ବାୟୁ ବେଗେ ପଡ଼େ ଝଡ଼ କାନନେ ଅସଂଖ୍ୟ

ବିମର୍ଦ୍ଦି ତୁରଗ ଗଜେ. ରିପୁରକ୍ତପାତେ
ବୁହାଇଲେ କୁରୁବୀରେ ଶୋଣିତ ତଟିନୀ,
ରକ୍ତୋଷ୍ମୁକା-ରଣଚଣ୍ଡୀ-ନାବକେଳି-ଯୋଗ୍ୟା !
ଶୁଷ୍କ ରଣାଙ୍ଗନେ ହେଲା ଅଗମ୍ୟା ସେ ନଦୀ,
ମହାନଦୀ ଠାବେ ଠାବେ ଶିଳା ଯୋଗେ ଯଥା,
ଭଗ୍ନ ରଥ, ଅସ୍ତ୍ର—ମୃତ ହସ୍ତୀ ଅଶ୍ୱ ଯୋଗେ ।
ହାହାକାର ପଡ଼ିଗଲା ପାଣ୍ଡୁ ଦଳେ କ୍ଷଣେ;
ବିଷମ ସେ ଘାତ ସହି ନ ପାରି ପାଣ୍ଡବେ
ପଳାଇଲେ ରଣ ଛାଡ଼ି ହୃତା ବୁଦ୍ଧି ହୋଇ
କଚୂଡ଼ ହାବୋଡ଼, କେହି ହସ୍ତୀ ଅଶ୍ୱ ପଦେ
ଦଳି ହୋଇଗଲେ, କେହି ଚପା ପଡ଼ି ଝଡ଼େ
ଅସ୍ଥିଶୂନ୍ୟ ମାଂସପିଣ୍ଡେ ହେଲେ ପରିଣତ
ବସ୍ତ୍ରାବୃତ ତୁଳା ପ୍ରାୟେ ଚର୍ମାବୃତ ରହି ।
ରଥ ଆଗେ ପଡ଼ି କେହି ପେଷି ହେଲେ ଯେସନେ
ଯନ୍ତ୍ରା ମଧ୍ୟେ ଶସ୍ୟ, କେହିବା ସେ ରଥ ଚକ୍ରେ
ଲପଟାଇ ଶେଷେ, ଛିନ୍ନ ହୋଇ ତହୁଁ, ଦୂରେ,
ପଡ଼ିଲେ ବିପକ୍ଷ ଦଳେ, ମନେ ହେଲା ଯେସନେ
ବେଧିବାକୁ ଅରିକୁଳେ ପଡ଼ିଲା କି ତେଇଁ !
ଭଗ୍ନ ରଥ ସ୍ତମ୍ଭେ ଥୋକେ ମୁକ୍ତ ଅସ୍ତ୍ର ମୁନେ
ଗୁନ୍ଥି ହୋଇ ସେ ଗହଳେ ହେଲେ ଛଟପଟ;
ମାହୁନ୍ତ ବାରଣ ଆଉ ନ ମାନି ବାରଣେ,
ତୀକ୍ଷ୍ଣାଙ୍କୁଶ ଘାତେ ତାଙ୍କ ଭ୍ରୂକ୍ଷେପ ନ କରି
ନାସେ ଶୁଣ୍ଡ ମୁଖେ ରଖି, ଫିଙ୍ଗି ଆରୋହୀଙ୍କୁ
ପଳାଇଲେ ବଣା ହୋଇ ଭୀମ ଘନ ଘୋଷେ
ଗଜ ଚକ୍ଷୁ ଧରି ଦୃଢ଼େ ଜୀବନ ବଳଲେ;
କାହିଁବା ମାହୁନ୍ତ ଝୁଲି ଗଲେ ହସ୍ତୀ ସଙ୍ଗେ ।
ଶୁଣ୍ଡହୀନ ହସ୍ତୀ କାହିଁ ଖଣ୍ଡେ ଦୂର ଯାଇ
ପଡ଼ିଲା ପର୍ବତାକାରେ ବିକଟ ଚିତ୍କାରି
ଶତ ଶତ ସେନା ମାରି ସେ ପତନ ସଙ୍ଗେ ।
ବଲ୍ଗାଧାରୀ ବଲ୍ଗାରୋଧ ନମାନି ଘୋଟକେ,

ଉଚ୍ଛନ୍ନେ ଉଲ୍ଲଙ୍ଘେ ଫିଙ୍ଗି ଆରୋହକ ଦୂରେ
ସଫେଣ ଶୋଣିତ ମୁଖେ, ମଳ ମୂତ୍ର ତ୍ୟଜି
ମୁହୁର୍ମୁହୁ କେହୁ ଘୋଣ ନିଃସୃତ ଫୁତ୍କାରେ
ସ୍ୱେଦାର୍ଦ୍ର ଶରୀରେ, ଯେହ୍ନେ ସଦ୍ୟ ଜଳୋତ୍ଥିତ,
ପଳାଇଲେ ରଣ ସ୍ଥଳୁ କର୍ଣ୍ଣିକଣ୍ଠୁ ରବେ ।
ସମ୍ଭାଳି ନପାରି କାହିଁ ପଡ଼ିଗଲା ସାଦୀ
ଭ୍ରମମାଣ ଅଶ୍ୱ ପୃଷ୍ଠୁ, ମାତ୍ର ପାଦ ତାର
ରେକାବ ସଂଲଗ୍ନ ହେତୁ, ଦେହ ସେ ସାଦୀର,
ଘୋଟକ ଝମ୍ପଟ ସଙ୍ଗେ ଘଷି ହୋଇ ଭୂମେ,
ଛିନ୍ନ ଭିନ୍ନ ହୋଇଗଲା ସ୍ଥଳ ସ୍ଥଡ଼ ଅଙ୍ଗୁ ।
ପଳାଇଲେ ରଣ ସ୍ଥଳ ପାଣ୍ଡବେ ସତ୍ରାସେ,
ପ୍ରଭଞ୍ଜନ ଆଗେ ଯଥା ଶୁଷ୍କ ପତ୍ରାବଳୀ ।

ବିଜୟ ବାହୁଡ଼ା ଲଭି କୌରବ ବାହିନୀ
ଗର୍ଜିଲେ ଭୈରବେ, ଯେହ୍ନେ ମେଘେ ଘଡ଼ଘଡ଼,
ଉପୁଜାଇ କର୍ଣ୍ଣଶୂଳ ପାଣ୍ଡୁ ସେନାଙ୍କର ।
ଦୈବ ପ୍ରତିକୂଳ ଯେବେ ନିଷ୍ଫଳ ସକଳ
ଉଦ୍ୟୋଗ, ପୁରୁଷକାର, ବଳ, ବିଦ୍ୟା ଆଦି;
ହେ ପାଣ୍ଡବେ ! ରଣ ଲକ୍ଷ୍ମୀ ପ୍ରତିକୂଳ ଆଜି
ତୁମ୍ଭଙ୍କୁ, ଯାଅ ହେ ଫେରି ସ୍ୱଗୃହେ ମଉନେ,
କିପାଁ ମନୋଦୁଃଖେ ବୃଥା ସନ୍ତପ୍ତ ସକଳେ ?
ଯଶାଯଶ, ଜନ୍ମ-ମୃତ୍ୟୁ, ଲଭ କ୍ଷତ ଆଦି
ଜୟ-ପରାଜୟ-କୁଞ୍ଜି ବିଧି ହସ୍ତେ ଜାଣି,
ତଥାପି କିପାଇଁ ଦୁଃଖ କର ଅକାରଣେ ?
ଅଭିମନ୍ୟୁ କଥା ମନୁ ଛାଡ଼ ହେ ସକଳେ,
ବଞ୍ଚିବାର ଥିଲେ ତା'ର, ଏକ ବ୍ୟୂହୁ କିପାଁ
ଏହୁପରି ଚିତ ବ୍ୟୂହୁ ଫେରିବ ଅକ୍ଷତେ ।

ଗୋ କଳ୍ପନେ ! ଶୂଳ ଦ୍ୱିଷ ଚକ୍ରବ୍ୟୂହେ ଫେରି
ଅଭିମନ୍ୟୁ ଯୁଦ୍ଧେ ଯହିଁ ଏକାକୀ ନିର୍ଭୀକେ,
ଦେଖିବା ତା ଭାଗ୍ୟେ ଆଜ କି ଲେଖିଛି ବିଧି !

ପଶିଲା ଅଗ୍ରତେ ବ୍ୟୂହ, ସିନ୍ଧୁ ସମ ଯହିଁ
ରଥୀ ମହାରଥୀ, ତିମି ତିମିଙ୍ଗିଳାକାରେ,
ମୀନବତ୍ ପଦାତିକେ, ରଥ ବାଜୀ ଗଜ,
ମକର କୁମ୍ଭୀର କୂର୍ମ ପରାୟେ ଶୋଭନ୍ତି;
ମହାଗ୍ରାହ ସମ ଏକା ସେ ବ୍ୟୂହ ସାଗରେ
ପଶିଲା ଭୀଷଣ-ସୌମ୍ୟ ସୁଭଦ୍ରା-ନନ୍ଦନ !
ଭୀଷଣ ସେ ଚକ୍ରବ୍ୟୂହ, ଅସଂଖ୍ୟ ସୈନିକ
ଦେଇ ମହାଦୃଢେ ଗଢ଼ା, ଚକ୍ରାକାରେ ଘେରି,
ମଧୁଚକ୍ରେ ମକ୍ଷି ଯଥା ରହିଛନ୍ତି ଘେରି,
ସହସ୍ର ପରିଧିସମ କେନ୍ଦ୍ର ଚଉପାଶେ,
କିମ୍ବା ହ୍ରଦ ଚତୁର୍ଦ୍ଦିଗେ ଶୈଳଶ୍ରେଣୀ ଯଥା;
ରଥୀ ମହାରଥୀ, ରଥ ଅଶ୍ୱେ, ଗଜେ କେହି
ସଙ୍ଗେ ଦଳ ବଳ ଘେନି ! ନିବିଡ଼ ସେ ବ୍ୟୂହ
କୀଚକ ନିକୁଞ୍ଜ ଯେହ୍ନେ ଅରଣ୍ୟେ ଗଭୀର ।
ଉଷ୍ଣୀଶ, କିରୀଟ, ସ୍ୱର୍ଣ୍ଣ ରଥଚୂଡ଼ା ପୁଣି
ଚଞ୍ଚଳ ଉନ୍ମୁକ୍ତ ଅସ୍ତ୍ର ସେ ବ୍ୟୂହ ପ୍ରାଚୀରେ,
ଦିଶଇ ଭାସ୍ୱର ଯଥା ଅମା ତ୍ରିଯାମାରେ
ଦାବାନଳ ଜ୍ୱଳେ ଦୂର ଶୈଳଶ୍ରେଣୀ ଘେରି,
ବୃତ୍ତାକାରେ ସ୍ତରେ ସ୍ତରେ ନିଦାଘେ, ଅଥବା
ପ୍ରାସାଦ ଶିଖରେ ଯଥା ଗୋଟି ଗୋଟି ହୋଇ
ଶୋଭାନ୍ୱିତ ସମୁଜ୍ଜ୍ୱଳ ଘୃତ ଦୀପାବଳୀ
ତ୍ରିତାପ-ହାରିଣୀ ଶ୍ୟାମା ସ୍ୱାଗତ ନିମନ୍ତେ ।
ନରକଥା ଦୂରେ ଥାଉ, ମକ୍ଷିକ ଯା ହୋଇ
ନପାରିବ ପ୍ରବେଶି, କିମ୍ବା ନ ପାରେ ବାହାରି ।

ବିନତା ନନ୍ଦନ ସମ ଅର୍ଜୁନ ନନ୍ଦନ,
ଅପ୍ରମିତ ବଳେ ଏକା ଅରାତି ପ୍ରମାଥୀ
ଏକବାରେ ଶତବାଣ ପ୍ରତିଘାତ ଦେଇ,

ଯୁଝନ୍ତି କୌରବ ସଙ୍ଗେ ସଲ୍ଲିକେ ସାହସେ ।
ଅଶ୍ୱ ହସ୍ତୀ ରଥୋପରୁ, ବୃଷ୍ଟୁଁ ପୁଷ୍ପ ପ୍ରାୟେ
ଶରଘାତେ ଭୂମିତଳେ ଲୋଟାନ୍ତି କାହାକୁ,
କେବେବା ପଞ୍ଚାଳ ଅସି ଚପଳା ଚଞ୍ଚଳେ,
କାଟନ୍ତି କୌରବେ, ଇକ୍ଷୁ ଇକ୍ଷୁଜୀବୀ ଯଥା
ଅଗ୍ରାରୁ, କଣ୍ଠାରୁ କା'କୁ ଅଣ୍ଟୁରୁ ବା ପୁଣି ।
ଶୂଳ ମୂନେ ଗୁନ୍ଥି କାରେ ଫିଙ୍ଗନ୍ତି ବା ଦୂରେ,
ହେଳାରେ ବାଳକେ ଯଥା କନ୍ଦୁକେ ଖେଳାଏ ।

ବିଖଣ୍ଡିତ ଶର୍ଣ୍ଣୀ ମୁଣ୍ଡ ଠାବେ ଠାବେ ଦିଶେ,
ଶାଲ୍ମଳୀ କୁସୁମ ଜିବା ପତିତ ଭୂତଳେ !
ରକ୍ତ-ଉଷ୍ଣ-ସ୍ରାବୀ-ଶିର ପଡ଼ିବାରୁ ତଳେ,
ଖଡ୍ଗାଘାତେ; ସଂଖ୍ୟାତୀତ, ଦିଶିଲା ଯେସନ,
ଯକରକା ରକ୍ତ ବୃଷ୍ଟି ହେଉଛି କି ତହିଁ ?
ନୃମୁଣ୍ଡେ, କବନ୍ଧେ ପୁଣି ଶୋଣିତ ଆସାରେ,
ମେଦ, ମାଂସ, ବସା, ମଳ ବିଭତ୍ସ ମିଶ୍ରଣେ,
ମନେହେଲା କୁମାର କି ଦେଲେ ଆଡ଼ମ୍ବରେ
✤କ୍ରବ୍ୟାଦ ପ୍ରମୋଦ ପାଇଁ ଲୋମହର୍ଷ ଭୋଜୀ ?
ଝମଝି ବଇଶି ଦଳ ଚଳେ ତାଙ୍କ ରଥ,
କୃଷକ ଲଙ୍ଗଳ ଯଥା ବନ୍ଧୁରାର୍ଦ୍ର ଭୂମେ
କବନ୍ଧ ବନ୍ଧୁର ପଥେ ଶୋଣିତ ପିଚ୍ଛିଳ ।
କୁମାରଙ୍କ ରଥ ଗତି ଅବରୋଧି ଗୁରୁ
ବିନ୍ଧିଲେ ସୁତୀକ୍ଷ୍ଣ ବାଣେ ରୋଷଭରେ ତାଙ୍କୁ;
ଗତିଶୀଳ ମହୋରଗ ଆଘାତେ ଯେସନ,
ଗର୍ଜି ରୋଷେ ଫଣା ତୋଳି ଦଂଶଇ ଘାତକେ,
କ୍ରୋଧ ବିସ୍ଫାରିତ ନେତ୍ରେ କୁମାର ତେସନ,
ସୁଧ ସହ ପ୍ରତିଶୋଧ ଦେଲେ ଶତବାଣେ ।
କାଟିଲେ ସେ ବାଣେ ଯନ୍ତୁଁ ଗୁରୁ ଅର୍ଦ୍ଧପଥେ,
ନିମିଷେ କୁମାର ପୁଣି ବିନ୍ଧିଲେ ପ୍ରଚଣ୍ଡେ,
ରୁକ୍ମପକ୍ଷ ତାରପ୍ରଭ ସହସ୍ର ସାୟକ ।
ପ୍ରତିଘାତେ କାଟି ଦ୍ରୋଣ ବର୍ଷିଲେ କୁମାରେ,
ବାଣ-ବୃଷ୍ଟି ଅଗ୍ନି-ବୃଷ୍ଟି ପରସ୍ପରେ ହେବାରୁ
ନଦିଶିଲେ ଦୁହେଁ କିଏ କାହିଁ ଛନ୍ତି ରଣେ ।
ସୁଚତୁର, ବହୁଦର୍ଶୀ, ଯୋଦ୍ଧା ଯୁଦ୍ଧଗୁରୁ,
କେବେଉର୍ଦ୍ଧ୍ୱେ କେବେନିମ୍ନେ କେବେ ଆଡ଼େଥାଇ
ବିନ୍ଧନ୍ତି କୁମାରେ ଅସ୍ତ୍ର ବିବିଧ କୌଶଳେ;
ତାଦେଖି ସୈନିକେ ଉଚ୍ଚେ କହିଲେ କୁମାରେ
"ଛାଡ଼ ପ୍ରାଣଆଶା ଆଜି ଯୁଦ୍ଧ ଗୁରୁ ଆଗେ"
ସର୍ବଗୁଣେ ସମତୁଲ ଗୁରୁ ସଙ୍ଗେ, ବରଂ
ଗୁରୁଠାରୁ ବଳଶାଳୀ ହେଲେହେଁ, ତଥାପି,
ବହୁଦର୍ଶୀ ହେତୁ ତାଙ୍କୁ ନ ପାର ସେ ବେଳେ,
ଉତ୍ତରେ ସଗର୍ବେ ବୀର କହିଲେ ହୁଙ୍କାର
"ସତୀ ଶିରୋମଣି ମାତା ସୁଭଦ୍ରା ଯାହାର,
ଅର୍ଜୁନ ଯା ପିତା, ପୁଣି ଶ୍ରୀକୃଷ୍ଣ ମାତୁଳ,
ତା ସଙ୍ଗେ ପାରେ କି କେବେ ବୃଦ୍ଧ ବିପ୍ର ଜଣେ
କ୍ଷୀଣଦୃଷ୍ଟି, ଶ୍ଳଥ-ମୁଷ୍ଟି, ପଳିତ କୁନ୍ତଳ" ?
ଏତେ କହି ଡେଇଁ ପଡ଼ି ଗୁରୁ ରଥପରେ,
କାଟିଲେ ସାରଥି ଅଶ୍ୱ ମନୋଗତି ବେଗେ;
ପୁଣିଡେଇଁ ନିଜ ରଥେ ବସିଣ ସୁଦ୍ରୁତେ
ଅସ୍ତ୍ର ବ୍ୟସ୍ତ କଲେ ଦ୍ରୋଣେ ନାନା ଶସ୍ତ୍ରାଘାତେ;
ଯୁଦ୍ଧ ବିଶାରଦ ଗୁରୁ ହେଲେହେଁ କିହେବ
କୁମାର କ୍ଷିପ୍ରତା ସଙ୍ଗେ ସମକକ୍ଷ ନୋହି
ବୟୋବୃଦ୍ଧି ହେତୁ ହେଲେ ପରାଜିତ ରଣେ ।
ରାହୁ ଜିଣି ରବି ଯଥା, ରଣାକାଶେ ବୀର
ଦିଶିଲା ଉଜ୍ଜ୍ୱଳତର ଜିଣି ଗୁରୁ ରଣେ ।
ଯୁଦ୍ଧେ ମଲେ ଥୋକେ, ପୁଣି ପଳାଇଲେ ଥୋକେ

✤ ପିଶାଚ ।

ସ୍ୱେଦାକ୍ତ ସବାସେ ରଣେ ଇତସ୍ତତଃ, ତେଣୁ
ଖସିଲା କବଚ ବ୍ୟୂହ ଫାଟିଲା ସେ ବେଳେ
ହିମ-ଶିଳା ଗଳି ଯଥା ଗଳିତ ଆତପେ ।
ଚଳିଲା କୁମାର ରଥ ସୂର୍ଯ୍ୟ ରଥ ଯଥା
ଗଗନେ, ଅବାଧେ, ଭେଦି ଚକ୍ରବ୍ୟୂହ; ଦୂରୁ
ଗୁରୁଙ୍କ ପ୍ରଶସ୍ତ ପୁଣି ଛନ୍ଦ ଭଙ୍ଗ ହେତୁ
କୁମାର ଅବାଧ ଗତି ନିରେଖି ଅବର
ଦୁର୍ଯ୍ୟୋଧନ, କର୍ଣ୍ଣ, ଶଲ୍ୟ, କୃପାଚାର୍ଯ୍ୟ ସଙ୍ଗେ
ଠୁଳାଇ ନୃସିଂହକେ ପୁଣି ବେଢ଼ିଲେ କୁମାରେ;
ବେଢ଼ନ୍ତି ଶିଖରୀ ଶିରେ ଗଣ୍ଡାରେ ଯେସନ
ଆମିଷ ଲାଳସୀ ବ୍ୟାଧେ ହଣନ୍ତି ସଭୟେ ।
କଣ୍ଟ ଫଳେ ହରି ପରି, ହର୍ଷେ ଅଭିମନ୍ୟୁ,
କାହାଁକୁ ମାରିବ ଆଗେ, ଛନ୍ନ ମତି ହୋଇ,
ନରେଶ ଉଦରମୁଖ ସୁଖାଦ୍ୟେ ଯେସନ
ଆକ୍ରମିଲେ ଦୁର୍ଯ୍ୟୋଧନେ କ୍ଷୁର ତୀକ୍ଷ୍ଣ ଶରେ;
ଚମକି ସହସା ନେଲେ ଘୁଞ୍ଚାଇ ସେ ଶିର,
ନବାଜି ସେ ଶର ତେଣୁ ତାଙ୍କ ପରେ ଦ୍ରୁତେ,
ବାଜିଲା ଘୋଟକେ ତାଙ୍କ *ପାର୍ଷ୍ଣି ଗ୍ରୀବା ଭେଦ;
ରଥ ସହ ଅଶ୍ୱ ଲମ୍ଫେ ପଳାଇଲା ଦୂରେ
ସାରଥି ଅକ୍ଷମ ହେତୁ ସେ ଅଶ୍ୱ ସଂଯମେ ।
ଦୁର୍ଯ୍ୟୋଧନ ଦଶା ଦେଖି ବେଗେ ତହୁଁ କର୍ଣ୍ଣ,
ପର୍ଶୁରାମ-ବରଶିଷ୍ୟ, କ୍ଷେତ୍ର-ବୀର୍ଯ୍ୟ-ଧ୍ୱଂସୀ,
ଭ୍ରୂ କୁଟି କୁଟିଳ ମୁଖେ ଓଷ୍ଠ ପୃଷ୍ଠ ଦଂଶି,
ବାଣିଲା ସୁତୀକ୍ଷ୍ଣ ବାଣ କୁମାରେ, ନିମିଷେ,
ଅର୍ଦ୍ଧ ପଥେ କାଟି ତାକୁ ପ୍ରତିଘାତେ ପୁଣି
ବନ୍ଧି ତୀକ୍ଷ୍ଣ ତୀର ଶର ନାଶିଲେ ତା' ଦର୍ପ,
ପଶିଲା ସେ ତୀର ଯେସନ୍ତେ ଉରଗ ବଲ୍ମୀକେ,
କର୍ଣ୍ଣ ବାହୁ-ବର୍ମ ଭେଦି ରଥସ୍ତମ୍ଭେ ଦ୍ରୁତେ;
ଭୂଧର ଭୂକମ୍ପେ ଯଥା, ସେ ବିଷମାଘାତେ,
ଭୟେ ଥର କର୍ଣ୍ଣ ବୀର ହେଲେ ବିଚଳିତ
ହସ୍ତଚ୍ୟୁତ ହେଲା ଧନୁ ଅବଶତା ହେତୁ;
କିଂକର୍ତ୍ତବ୍ୟ ମୂଢ଼ ତାଙ୍କୁ ନିରେଖି ସାରଥୀ
ପଳାଇଲା ରଥ ନେଇ କୁମାର ସମ୍ମୁଖୁ
ପ୍ରହାର ନିର୍ଦ୍ଦୟେ ହସ୍ତେ; ସଙ୍ଗେ ସଙ୍ଗେ ଦୂରୁ,
ସହସା ତା ଦେଖି ଶଲ୍ୟ, ଅଦମ୍ୟ ସାହସେ,
କୁମାର ଅଲକ୍ଷ୍ୟେ ତାଙ୍କୁ ଲକ୍ଷି ମହା କ୍ରୋଧେ
ସବେଗେ ଫିଙ୍ଗିଲା ଶେଲ, ଆସିଲା ସେ ଶେଲ
ଯେସନ୍ତେ ଉଲ୍କା ଚଳେ ନଭେ, କୁମାର ସହସା,
ଉପରେ ପଡ଼ିବା ପୂର୍ବୁ, ଅପୂର୍ବ କୌଶଳେ,
ବଞ୍ଚାଇଲେ ଦେହ ତାଙ୍କ ଶୋଇ ଯାଇ ରଥେ;
କିନ୍ତୁ ପ୍ରତିଫଳ ଶଲ୍ୟ ପାଇଲେ ତକ୍ଷଣେ,
କୁମାର ପରଶୁ ଘାତେ ରଥଚ୍ୟୁତ ହୋଇ,
ଶୈଳ ଚ୍ୟୁତଶିଳା ପ୍ରାୟେ ପଡ଼ୁ ପଡ଼ୁ ତଳେ,
ରହିଗଲେ ଅର୍ଦ୍ଧପଥେ ରଥ ସ୍ତମ୍ଭ ଧରି ।

ଗଦାଯୁଦ୍ଧେ ବିଶାରଦ ଦୁଃଶାସନ ତହୁଁ,
ଗର୍ଜି ହୁଁ ହୁଙ୍କାର ରବେ ଆସିଲେ ସମ୍ମୁଖେ,
ଗର୍ଜିଲେ କୁମାର କ୍ରୋଧେ ନିର୍ଭୟ ହୃଦୟେ,
କରଅଗ୍ର-ଧ୍ୱନି ଯଥା ମତ୍ତ-କରୀ ନାଦେ
ଧନୁ ରଖି ଗଦା ହସ୍ତେ ଧଇଲେ କୁମାର ।
"ଏତେ ଦିନେ ଅଭିମନ୍ୟୁ ପାଇଛିରେ ତୋତେ"
ନାଶା ମୋଡ଼ି ରଡ଼ି ଛାଡ଼ି କହେ ଦୁଃଶା ଦର୍ପେ
"ନାହିଁରେ ମାତୁଳ କୃଷ୍ଣ କୁଟିଳ ଲମ୍ପଟ,
ପଞ୍ଚପିତା ମଧ୍ୟୁ କେହି ନାହିଁ ଜଣେ ପୁଣି, ।
ବଞ୍ଚାଇ ରଖିବେ ତୋତେ ମୋ ଆଗୁ ସମରେ" ।
"ଷଣ୍ଢ କୁଳେ କୁଳାଙ୍ଗାର" କହିଲା କୁମାର

* ସାରଥି ପାର୍ଶ୍ୱସ୍ଥ ବାଜି ।

କାହାକୁ ଦେଖାଉ ଭୟ ରେ ବର୍ବର ! ମୂଢ଼ !
ଶଶକର ଘାତ ସମ ତୁଚ୍ଛ ରଣବ୍ୟୂହେ
ଫେରୁଙ୍କରେ କେବେ କାହିଁ ଅଭିମନ୍ୟୁ-ସିଂହ !
ରେ ପାପିଷ୍ଠ ! ବୃଥା,ଆଶା ଛାଡ଼ ମନ୍ଦ, ଶୁଣ
ପିତା ଇନ୍ଦ୍ରଜିତ ଯାର ଶଙ୍କର ବିଜୟୀ,
ଡ଼ରେ ନାଁ ସେ ଯୁଝିବାକୁ ଯମ ସଙ୍ଗେ ଏକା,
ତୋ ସଙ୍ଗେ କପଟାଚାର ! ରେ ଭୀରୁ ! ନିର୍ଲଜ୍ଜ !
ଡ଼ରେ କି ସେ କେବେ ? ଆଶା ଯଦି ବଞ୍ଚିବାର,
ଛାଡ଼ ବୃଥା ବାକ୍ୟ ବ୍ୟୟ, ଛାଡ଼ଦେ ରେ ପଥ
ସହସା, ନଡ଼ୁବା, ଧର ଗଦା, କର ଯୁଦ୍ଧ ।
ଲାଗିଲା ତୁମୁଳ ଯୁଦ୍ଧ, ଦେଖନ୍ତି ବିସ୍ମୟେ
କୁରୁବୀରବୃନ୍ଦ ଦୂରୁଁ, ସମ ବିଶାରଦ
ଦୁହେଁ ଗଦାଯୁଦ୍ଧେ, ମଦମତ୍ତ କରୀ ଯଥା
ଶୁଣ୍ଡାଘାତେ ପରସ୍ପରେ ଯୁଝନ୍ତି ହୁଙ୍କାର;
କେବେ ବା ତୀର୍ଯ୍ୟକେ, କେବେ ପାଦ ମଧ୍ୟେ ଗଳି
ନଇଁ ପଡ଼, ଲମ୍ଫ ଦେଇ, କେବେ ଶିରୋପରେ,
ପରସ୍ପରେ ଯୁଝୁଅନ୍ତି ଅସ୍ତ୍ରଚର୍ଯ୍ୟ କୌଶଳେ,
ଦକ୍ଷତା କ୍ଷିପ୍ରତା ଶିକ୍ଷା ଅତି ଚମତ୍କାର,
ମନେ ହୁଏ ମଲ୍ଲ ଜିଣେ କୁମାର ଏ ଥର,
ନେତ୍ରପଥେ ତୋଲି ପୁଣି ଗୃହାନ୍ତେ ସହସା,
ନା-ନା, ମଲ୍ଲ ଦୁଃଶା ଜିଣେ କୁମାର ଗଦାରେ,
ଏହିପରି ପୁନଃ ପୁନଃ ହେବା ପରେ ଶେଷେ,
କ୍ରମେ କ୍ରମେ ଦୁଃଶାସନ ଗଦାଘାତ ପାଇ,
ପଳାଇଲା ଊର୍ଦ୍ଧ୍ୱଶ୍ୱାସେ ରଣେ ଭଙ୍ଗ ଦେଇ,
ପରାଜିତ ଶ୍ୱାନ ଯଥା ସଂକୋଚ ସ୍ୱ ବପୁ ।
ପ୍ରାଣ ମାୟା ଛାଡ଼ି ତହୁଁ ଶତ ଶତ ଭଟେ,
ଯୁଗପତ୍ ଆକ୍ରମିଲେ ଦାମ୍ଭିକ କୁମାରେ,
ଗଦା, ଅସି, ଶୂଳ, ପର୍ଶୁ, ଭିନ୍ଦିପାଳ ଧରି;
ରଣ ବିଶାରଦ ତହୁଁ କୁମାର ଏକାକୀ,
ବିଚିତ୍ର ସୁଶିକ୍ଷା ବଳେ ସହସ୍ର ପରାସ୍ତେ,
ଦକ୍ଷ, ଦକ୍ଷେତର କରେ, ପଦେ, ଦନ୍ତେ ପୁଣି,
ସିଂହ ବୃଷପାଳେ ଯଥା, ଦନ୍ତେ, ମୁଖେ, ନଖେ;
ଫିଙ୍ଗିଣ ବଡ଼ା ଅସ୍ତ୍ର ନାଶିଲେ କୌରବେ,
ଶତ ଶତ ବୀର ଭଟେ ଲୋଟାଇ ଭୂତଳେ;
ଗଦାଘାତେ ଶିର କା'ର ଫାଟିଲା ସହସା,
ପକ୍ୱ ଫୁଟି ପ୍ରାୟେ ବସା ବହି ମସ୍ତକରୁ,
କୁଣ୍ଡଳ ମଣ୍ଡିତ ମୁଣ୍ଡ, ଝଡ଼ିଲା କାହାର,
ଆକାଶୁ ନକ୍ଷତ୍ରାକାରେ, ତୀକ୍ଷ୍ଣ ଅସି ଘାତେ,
କାଣ୍ଡ ଲଗ୍ନ ଶତ ଶତ ବାଣେ ବିଦ୍ଧ ଦେହ,
ପ୍ରଫୁଲ୍ଲ କଦମ୍ବୋପମ ପ୍ରକାଶିଲା, କିମ୍ବା
କୁପିତ ଶଲ୍ଲକୀ ସମ ଦିଶିଲା ବିଭ୍ରମେ;
ରକ୍ତ ସ୍ରୋତେ, ଅଗଣିତ ମୃତ ଶବ ପୁଣି,
ରଣଭୂମି ଦୃଶ୍ୟ ହେଲା ମହା ଭୟଙ୍କର ।
ଗରୁଡ଼-ବିଚ୍ଛିନ୍ନ-ପୁଚ୍ଛ ମହୋରଗ ପ୍ରାୟେ,
ଛିନ୍ନ ହସ୍ତୀ ଶୁଣ୍ଢ କାହିଁ କରେ ଛଟ ଛଟ ।

ରକ୍ତସ୍ରୋତେ ପଡ଼ି କାହିଁ ଦିଶେ ବିଭ୍ରାଖଣ୍ଡ,
ଅଶ୍ୱ ହସ୍ତୀ ଗଣ୍ଡି ମୁଣ୍ଡ, ଛିନ୍ନ ମୁଣ୍ଡେ ପୁଣି
ବହିସ୍କୃତ ଦନ୍ତ ଜିହ୍ୱା, ବିସ୍ଫାରିତ ନେତ୍ରେ,
ଦିଶଇ ଭୀଷଣ ତର ଅତି ବିକଟାଳ,
ସଦ୍ୟଚ୍ୟୁତ ହେତୁ କା'ର ସ୍ପନ୍ଦନ ସେ ସ୍ରୋତେ,
ଚଳ-ଭୀମ-ଜଳ-ଜୀବ ପ୍ରାୟେ ଭ୍ରମେ ଦିଶେ ।

ମହା ଦମ୍ଭେ କୁରୁବୀର, ସେନା ନାଶ ଦେଖି,
ମେଘ ପରେ ମେଘ ଯଥା *ଭୁହା ଭୁହା ଅସି,
ଅସଂଖ୍ୟ ଅସଂଖ୍ୟ ବର୍ଷା ଢ଼ାଳିଲେ ଶୈଳ ଅଙ୍ଗେ

* ପୁନଃ ପୁନଃ ।

ଦଳେ ଦଳେ ଅସି ତଥା ତା ପଛେ ତା ପଛେ,
ଆକ୍ରମିଲେ କୁମାରଙ୍କୁ ନାନା ଅସ୍ତ୍ରାଘାତେ ।
ବୃଥା ପରିଶ୍ରମ ! ଠେଲଇ କି ଶୈଳ କାହିଁ,
ଝଟିକା ଝପଟେ ! କିମ୍ବା ଡୁବେ କି ତା ଜଳେ ?
ଭୀଷଣ ପ୍ଲାବନ ଘୋର ଅତଳ ସଲିଳେ,
ବୁଡ଼ାଏ ନଗର ଘର ପଶୁ ମନୁଷ୍ୟାଦି ?
ବିଭୀଷଣ ଅସ୍ତ୍ର କ୍ଷେପ, ନୃଶଂସ ହନନ,
ଉଗ୍ରମୂର୍ତ୍ତି ଦେଖି ତାଙ୍କ ଅତି ବିକଟାଳ,
ବିଶ୍ୱଧ୍ୱଂସୀ ରୁଦ୍ରରୂପୀ ଅନ୍ତିମ ପ୍ରଳୟେ,
ରହି ନ ପାରିଲେ କେହି କୁମାର ଅଗ୍ରତେ,
ଦାବାନଳ ଉଗ୍ରତେଜେ ବନଜୀବେ ଯଥା ।
ଶୋଭିଲେ ଅରାତି ଦଳେ କୁମାର ଯେସନ,
କୁମାର-ଅସୁର ଯୁଦ୍ଧେ, ଯମ ଜୀବ କୁଳେ,
ପର୍ଶୁରାମ କ୍ଷତ୍ର କୁଳେ, ଗରୁଡ଼ ପନ୍ନଗେ,
ରବି କୁହେଳିକା କୁଳେ, ଅଗ୍ନି ଧୂମ ପୁଞ୍ଜେ,
କିମ୍ବା ଶୁଦ୍ଧଜ୍ଞାନ ଯଥା, କର୍ମ ରାଶି ମଧ୍ୟେ ।
ଆକ୍ରମଣେ ଅଗ୍ରସର ବୃଥା କୁରୁ ବୀରେ,
ଅନଳେ ଶଲଭ ବତ, ମୃତ୍ୟୁ ଲଭି ଫଳେ,
ଅଗ୍ରସର ହେଲେ ହାୟ ଜନ୍ତୁପତି ପୁରେ ।

କେ କହିବ କେତେ ମଲେ ? କେ ପାରିବ ଗଣି
ନଭେ ତାରା, ସିନ୍ଧୁ-ଊର୍ମି, ଶୈଳେ ଶିଳା ଅବା ?
ଯେତେ ମରୁଥାନ୍ତି ତେତେ ଆସନ୍ତି ସମ୍ମୁଖେ,
ଦଳେ ଦଳେ ଅବିଶ୍ରାନ୍ତ ସିନ୍ଧୁ ବୀଚି ପ୍ରାୟେ
ଅନନ୍ତ ସୈନିକେ ଗଢ଼ା, ସୁଦୃଢ଼ ସେ ବ୍ୟୂହ,
ଅସଂଖ୍ୟ ପାଦପ ପୁଞ୍ଜେ ଅରଣ୍ୟ ଯେସନ,
ଭୀମ ପ୍ରଭଞ୍ଜନ ତୁଲେ ମନ୍ଥି ସୈନ୍ୟ ସିନ୍ଧୁ
ଭେଦି ସେ ନୀରନ୍ଧ୍ର ବ୍ୟୂହ ଚଳିଲେ କୁମାର ।
ଅପ୍ରତିହତ ସେ ଗତି, ଦାବ-ଗତି ତୁଲେ,
ଅବା ସ୍ରୋତ ଗତି ଯଥା ସିନ୍ଧୁ ଅଭିମୁଖୀ ।

ତୁଟିଲା କୌରବ ଆଠ କୁମାର ସମ୍ମୁଖେ,
ଖର ଦିନକର କରେ କୁହେଳିକା ଯଥା,
ମୃଗହନ୍ତା ମୃଗରାଜେ ଦେଖି ଯଥା ବନେ,
ପଳାନ୍ତି ସହାସେ ମୃଗେ ବନାନ୍ତରେ ଦୂର,
ତେସନ କୌରବ ବୀରେ ପଳାଇଲେ ରଣୁ,
ମୂର୍ତ୍ତିମନ୍ତ କାଳରୂପେ ନିରେଖି କୁମାରେ ।
ଧୂମକେତୁ ପ୍ରାୟେ ତାଙ୍କ ରଥ କେତୁ ଦୂରୁ,
ମହାଭୟପ୍ରଦ ହେଲା କୁରୁଚମୂ ପ୍ରତି ।
ଘର୍ଘର କୁମାର ରଥ, ଚଳେ ବ୍ୟୂହ ଭେଦି,
ଭଗ୍ନ ସେତୁ ମଧ୍ୟେ ଯଥା ଜଳସ୍ରୋତ ବେଗେ ।
ପଳାଇଲେ ସୈନ୍ୟ ଯନ୍ତୁ, ଢଳିଲା ସେ ବ୍ୟୂହ,
ବନ୍ୟା ଶେଷେ ନଦୀ ଯଥା କ୍ଷୀଣତର, ତହୁଁ,
ଆସିଲେ ଯୁବକ-ଦଳ ରାଜ ପୁତ୍ରେ ଗଢ଼ା,
ସମସ୍ତେ ଅଜାତଶ୍ମଶ୍ରୁ, ଚପଳ ସ୍ୱଭାବେ,
ମଦନ ମୋହନ ରୂପେ, ଚଢ଼ି ଦିବ୍ୟ ରଥେ,
ମହାର୍ଘ ଭୂଷଣେ ପୁଣି ଦିବ୍ୟ ବସ୍ତ୍ରେ ଭୂଷିତ ।
ସେ ଦଳ ନାୟକ ବୀର କିଶୋର †ଲକ୍ଷ୍ମଣ,
କାର୍ତ୍ତିକ ପ୍ରତିମ ରୂପେ, ସତୀ-ଧୃତି-ହାରୀ, ।

ନବ ବୃଷଭତ୍ୱ ପ୍ରାପ୍ତ ପୁଙ୍ଗବ ଯେସନ
ହୁହୁଙ୍କାରେ ଶୃଙ୍ଗାଗ୍ରେ ଭୂମି ଖୋଳି ଖୁରେ,
ନବ ବୃଷେ ଗୋଷ୍ଠେ ଦେଖି ବଧନ ଉଦ୍ୟତ,
କୁମାରେ ଆକ୍ରମୋଦ୍ୟତ ହୁଅନ୍ତେ ତେସନ,
"ହେ ଯୁବକେ ?" ଅଭିମନ୍ୟୁ କହିଲେ ସମ୍ବୋଧି,
"ନସ୍ୱନ ପିତ୍ତଳା ତୁମ୍ଭେ ପିତା ମାତାଙ୍କର,

† ଦୁର୍ଯ୍ୟୋଧନଙ୍କ ପୁତ୍ର ।

ପତ୍ନୀ ପିତ୍ରେ ପ୍ରାଣ ସମ ସବେ ଅଛ ପୁଣି,
ମେଣ୍ଟି ନାହିଁ ଭୋଗ ଆଶା ଜୀବନେ କାହାର,
ଯେନ ପଞ୍ଚମର୍ଷ ମୋର ଛାଡ ଦଅ ପଥ,
ନତୁବା ବୃଥାରେ ମର, କହାଇ ଅପରେ,
ଲଭିବ କି ଫଳ ତହିଁ ?” କହିଲା ଲକ୍ଷ୍ମଣ
ଗରବେ, “ଛାଡ ପ୍ରାଣ ଆଶା ଆଜ ଅଭିମନ୍ୟୁ !
ଉତ୍ତରା-ଉତ୍ସଙ୍ଗ-ସୁପ୍ତି ଭୁଲାଇ ମୁ ତୋର,
ଶୁଆଇବ ତୋତେ ସୁଖେ ଗୃଧିଣୀ ସଙ୍ଗତେ,
ପୂଜିବ ତୋ ମୁଣ୍ଡେ ଚଣ୍ଡୀ ନୃମୁଣ୍ଡ ଲୋଲୁପା,
ମାଂସେ ତୋର ତୋଷିବ ମୁଁ ଶବାହାରୀ ଜୀବେ”

ମେଘାନ୍ତର ରୌଦ୍ର ଯଥା ଅସହ୍ୟ ତେସନ,
ଲକ୍ଷ୍ମଣ କଟୂକ୍ତି ହେଲା କୁମାରେ ଅସହ୍ୟ ।
ଲକ୍ଷ୍ମଣ କୁକ୍ଷଣେ ତହିଁ ବନ୍ଧିଲା ସରୋଷେ,
✝ନର୍ମୋକ-ଉନ୍ମୁକ୍ତ-ନାଗ-ସଙ୍କାଶ-ବିଶିଖ;
ସେ ବାଣ, କୁମାର କର୍ଣ୍ଣ ପାଶେ ଯାନ୍ତେ ହୁସ୍,
ପୁଚ୍ଛାଘାତେ ସର୍ପ ପ୍ରାୟେ, ରଣୋନ୍ମାଦେ, ତହିଁ
ଜଳି କ୍ରୋଧେ ଅଭିମନ୍ୟୁ ପ୍ରତିଘାତେ ତାଙ୍କୁ
ଶତ ଶତ ତୀକ୍ଷ୍ଣ ଶରେ ବିନ୍ଧିଲେ କୁମାରେ;
ତୀବ୍ର ଶର ସଙ୍କୁଳନେ ଛାଇଲା ରୌଦଗ
ବାର ହେଲା ନାହିଁ ବାର ଅବା ବାଣ ବୃଷ୍ଟି ।
କ୍ଷିପ୍ର ଅସ୍ତ୍ରକ୍ଷେପ ପୁଣି ଲଘୁ ହସ୍ତ ଯୋଗୁଁ,
ଆବର ବଚନ ଶିକ୍ଷା ଅଲୌକିକ ହେତୁ,
ଶୋଭେ ସେ ଅଲାତଚକ୍ର ପ୍ରତିମ ସଂଗ୍ରାମେ
ବିନ୍ଧିଲେ ସହସ୍ର ଯୋଦ୍ଧେ ପ୍ରତିପକ୍ଷ ସେନେ ।
ଅସ୍ତ୍ରରାଶି, ଅଗ୍ନିରାଶି ଚକ୍ରି-ବାଣୁ ଯଥା,
ଚତୁର୍ଦ୍ଦିଗେ ତାଙ୍କ କର ବିନିଃସୃତ ହୋଇ,
ଚୁର୍ଣ୍ଣ ହୋଇଗଲା କ୍ଷଣେ ଯୁବାଦଳ ସରେ,
ଶିର, ଉର, ଆଦି ତାଙ୍କ ନେତ୍ର, କର୍ଣ୍ଣ ଭେଦି ।
ଚଳଶକ୍ତ ରାଶି, ଭ୍ରାନ୍ତ ବିଶିଲେ ଯେସନ
ଲକ୍ଷ ଲକ୍ଷ ମଧୁମକ୍ଷି ଉଡ଼ନ୍ତି କି ଚଳି*
ଗୃଳିବାରୁ କେହି ତାଙ୍କ ପ୍ରିୟତମ ଚକ୍ରେ ?
ନାଶିଲେ ଯୁବକ ଦଳେ ଏକା ଅଭିମନ୍ୟୁ
ଶତଶତ ଅସ୍ତ୍ରାଘାତେ, ଦାବାନଳ ଯଥା
ଶତଶିଖା ଗ୍ରାସ ନାଶେ ଜୀବଗଣ ବନେ ।
ଫଳେ, ଅଗ୍ରସର ହୋଇ କୁମାର ନିଧନେ
ହତହେଲେ ଯୁବାଗଣ କୁମାରଙ୍କ ହାତେ

ନ ଫେରିଲେ କେହି ଯହୁଁ କୁମାର ସମ୍ମୁଖୁ
ସିନ୍ଧୁମୁଖୁ ସ୍ରୋତସମ, ଜୀବନ ବଞ୍ଚାଇ,
ରଥୀ ମହାରଥୀ ଆଦି ସରବେ ସନ୍ତ୍ରାସେ,
ଭରସିଲେ ନାହିଁ କେହି ପାଖେ ପଶିବାକୁ,
ନ ପଶନ୍ତି ଲୋକେ ଯଥା ଯେ ଗମ୍ଭୀର ସରେ
ଗର୍ଭେ ଯାର ନରହନ୍ତା ମହାଗ୍ରାହ ସ୍ଥିତ ।

ମୂର୍ତ୍ତିମନ୍ତ କୂଟରୂପୀ ଶକୁନି ସେ ବେଳେ,
ସେ ମହା ସଙ୍କଟେ ଦେଖି ରାଜା ଦୁର୍ଯ୍ୟୋଧନେ,
ପୁତ୍ର ଶୋକେ ଛନ୍ନମତି ପାଗଳ ପ୍ରତିମ,
ରଥୀବୃନ୍ଦେ ହତୋତ୍ସାହ ନିରେଖି ଅବର,
କହିଲେ ସଂକେତ ଡାକି ମହାରଥୀ ଗଣେ,
ଦ୍ରୋଣ କର୍ଣ୍ଣ କୃପ ଶଲ୍ୟ ଅଶ୍ୱତ୍ଥାମା ଆଦି
“ସହସା ସମସ୍ତେ ମିଳି ଆକ୍ରମି କୁମାରେ
ରଥ, ଅଶ୍ୱ, ଅସ୍ତ୍ର ତାର କାଟ ଜଣେ ଜଣେ;
ଏରୂପେ ନିରସ୍ତ୍ରେ ତାକୁ ମାରିବା ଅକ୍ରମେ,
ନାହିଁ ଅନ୍ୟୋପାୟ ଦେଖ ବିଚାରି ସରବେ ।

✝ ସାପ କାତି ।　　　* ଗଳି ।

ସୁଭଦ୍ରାସୁତ-ବିଶଙ୍କିତ-ମାମୁ ପରାମର୍ଶେ,
ମହାମତ୍ସ୍ୟ ତିମିଙ୍ଗିଳେ, ନାବିକେ ଯେସନ,
ସ୍ରୋତମାଳେ ହ୍ରଦେ ତାକୁ ଘେରନ୍ତି କୌଶଳେ
ସେସନ କୁମାରେ, କୁରୁ ମହାରଥୀ ଗଣ,
ବିକଟ କଟକ ସହ ଏକତ୍ରେ ସରବେ,
ଘେରିଲେ ସେ ଚକ୍ରବ୍ୟୂହେ କାପୁରୁଷ ତୁଲେ ।
ସେନା ସଂଗୃହନ ଦେଖି ମନେ ହେଲା ଯେହ୍ନେ
ଗ୍ରାସିବାକୁ ବେଳାଭୂମି ରୁଦ୍ର ମୂର୍ତ୍ତି ଧରି
କି ଆଉ ତରଙ୍ଗାକୁଳ ମାଡ଼ି ଆସେ କିବା ?
ସେ ବିକଟ ଥାଟ ସଙ୍ଗେ ମହାରଥୀ ବୃନ୍ଦ
ଘେରିଲେ କୁମାର ରଥେ, ଦ୍ୱୀପେ ଯାଚ ପ୍ରାୟେ
ସେନା ସିନ୍ଧୁ ମଧ୍ୟେ ବୀର, ଅଗ୍ରତ ପ୍ରମାଥ,
ବାଡ଼ବାଗ୍ନି ସମ ପଶି ମନ୍ଥି ଦେଲେ କ୍ଷଣେ,
ଲକ୍ଷ ଲକ୍ଷ ସେନା ନାଶି ନୟନ ପଲକେ ।
ବୃଥା ସେନା ନାଶ ମାତ୍ର କିଫଳ ତହିଁରେ,
ଶୁଖାଇକି ସିନ୍ଧୁ କେବେ ଚଣ୍ଡ ଔର୍ବବଳେ ? *
ଶୈଳ ଶିଳାଶୂନ୍ୟ ଅବା ବନ ତରୁହୀନ
ହୁଅଇ କି କେବେ କାହିଁ ଭୀମ ବଜ୍ର ଯୋଗେ ।
ଏକାଳେ କାଟିଲେ ତାଙ୍କ ଶରାସନେ କର୍ଣ୍ଣ,

କୃପ ପର୍ଶୁଘାତେ ପାର୍ଷ୍ଣି ସାରଥୀକୁ ପୁଣି,
ଭୋଜରାଜ ଅଶ୍ୱଗଣେ, ତୀକ୍ଷ୍ଣବାଣାଘାତେ;
ବୋଧହୋଇ ରଥୁ ଓହ୍ଲାଇଁ ପଦାତିକ ରୂପେ,
ଯୁଝିଲେ ଅଟଳ ବୀର ସେ ମହାସଙ୍କଟେ ।
ସଂଗୃହି ସେ କରବାଳ ଚପଳା ଚଞ୍ଚଳେ,
ଜ୍ୱାଳାମୟୀ ଦୃଷ୍ଟି ରଶ୍ମି ପ୍ରାୟେ ଶୋଭି ତହିଁ,
କାଟିଲେ ସୈନିକେ, ଯେସନ୍ତ ତୃଣେ ତୃଣଜୀବୀ
ମୁହୂର୍ମୁହୁ ଲମ୍ଫେ ପୁଣି ସୈନିକ ତରଙ୍ଗେ,

ଦୁଇକରେ କାଟୁ କାଟୁ ଚଳିଲେ ତାମଧ୍ୟେ,
ତରଙ୍ଗ ସଂକୁଳ ସ୍ରୋତେ ତିମିଙ୍ଗିଳ ଯଥା ।
ଗୁରୁ ତାଙ୍କ ଅସି ସହ କାଟନ୍ତେ ନାରାଚ,
ସହସା ସେ ଚକ୍ରଧର ଭ୍ରମିଲେ ଭୈରବେ,
ଚକ୍ରଧାରୀ ବିଷ୍ଣୁ ସମ ଶୋଭି ରଣଭୂମେ,
ସେକାଳେ କୁମାର ରୂପ ହେଲା ଦୁର୍ନିରୀକ୍ଷ୍ୟ
ନିଦାଘ-ମଧ୍ୟାହ୍ନ- ଚଣ୍ଡ-ମାର୍ତ୍ତଣ୍ଡ-ପ୍ରତିମ ।
ଶତଶତ ଅସ୍ତ୍ରାଘାତେ ରକ୍ତ ବହି ଅଙ୍ଗୁ
ଝରଧାରା ଗେରୁଶୈଳ ପରାୟେ ଶୋଭିଲେ ।
କ୍ଷିପ୍ତମତ କୁମାରଙ୍କ କ୍ଷିପ୍ରଗତି ହେତୁ,
ଭ୍ରୂକୁଟି କୁଟିଳ ମୁଖ କୁଞ୍ଚିତ କୁନ୍ତଳ,
ଶୋଣିତାର୍ଦ୍ର ଦେହ ପୁଣି ଦିଶିଲା ଯେସନ
ରକ୍ତମେଘେ ବିଦ୍ୟୁଦ୍ଦାମ ଘନ ଘନ ଖେଳେ !

ଅଭିମନ୍ୟୁ କରେ ଚକ୍ର, ବହୁ ଅସ୍ତ୍ରାଘାତେ,
ଖଣ୍ଡ ଖଣ୍ଡ ହୋଇ, ଶେଷେ, ଅଶ୍ୱତ୍ଥାମା ଶରେ
ପଡ଼ନ୍ତେ ଭୂତଳେ, ବୀର, ଅସ୍ତ୍ର ବ୍ୟସ୍ତେ ତହୁଁ
ଜଳମଗ୍ନ ଜନ ଯଥା ଜୀବନ ବିକଳେ,
ଯାହାପାଏ ତାହା ଧରେ, ସେ ଜଳେ, ତେସନ,
ସହସା ସାଉଁଟି ଏକ ଗଦା ନେଲେ ତୋଳି
ଆହତଶାର୍ଦ୍ଦୂଳ ଯଥା ନଖେ ଚିରି ଭୂମି,
କଡ଼ମଡ଼ ଭୁଜଙ୍ଗ ଦନ୍ତେ ଡାଳତରୁ ରାଜି,
ମନ୍ଥି ଲତା ଗୁଳ୍ମଦଳେ, କେବେ ଅବା ପୁଣି,
ସହସା ହାକୋଡ଼ କାକୁ ଗତିପଥେ ତାର,
ଝାଡ଼ ଫାଡ଼ି ଦିଏ ତାକୁ ଦଶନେ, ତେସନ
କୁମାର, ସ୍ୟନ୍ଦନେ, କେବେ ମୃତ ଅଶ୍ୱ ଗଜେ,
ଗୋଡାଇ ନୃଶଂସେ କେବେ ପଳାତକ ଗଣେ,
ନିର୍ବିଶେଷେ ଜଡ଼ଜୀବ, କ୍ରୋଧାନ୍ଧ ସମ୍ମୁଖେ,

* ବାଡ଼ବାଗ୍ନି ।

ଯାହାକୁ ପାଇଲେ ତାକୁ ପିଟିଲେ ଗଦାରେ ।

ବୃଥା ଏବଭ୍ରାନ୍ତି ତବ ଏବେ ହେ କୁମାର !
ବାରଣ ନମାନି ହାୟ ପତ୍ନୀ ଜନନୀଙ୍କ
ଗ୍ରହଦୋଷେ ହୋଇ ଆଜି ବିଗ୍ରହ ପ୍ରୟାସୀ,
ଜୀବନ୍ତ ନା ତାଙ୍କୁ ସିନା କରିବ ଅମୃତ୍ୟ;
କହାଇବ ମହାଶୋକେ ପାଣ୍ଡୁ କୁଳେ ପୁଣି ?

କି କରିବ କହ ବୀର ! ତୁମ୍ଭର କି ଗୁଣ,
ମହାବଳୀ କର୍ମ, ଭଟକ ନ ଛାଡ଼େ କାହାକୁ
ଭକ୍ତ, ଜ୍ଞାନୀ, ଯୋଗୀ, କିମ୍ବା ଅବତାରେ ପୂଜା
ଭୁଞ୍ଜିବ ସେ କଷ୍ଟେ ଯା'ର ପ୍ରାରବ୍ଧେ ଯା ଲେଖା,
ନ ଲଭଇ ବନ୍ଧୁ ସେଥୁଁ ଶତ ଚେଷ୍ଟା ସତ୍ତ୍ୱେ ।
ରଣସିନ୍ଧୁ ମନ୍ଥି ଆଜି ଅର୍ଜିଲ ଯେ କୀର୍ତ୍ତି,
ହେ ବୀର ! ରହିବ ଏହା ଅମ୍ଲାନ, ଶାଶ୍ୱତ-
ଅମ୍ଲାନ ଯେସନ ସିନ୍ଧୁଜାତ ପାରିଜାତ;
ଆର୍ଯ୍ୟ କୁଳେ କୀର୍ତ୍ତି ତବ ରହିବ ଅକ୍ଷୟ,
ସର୍ବଗ୍ରାସୀ କାଳ ତାକୁ ନପାରିବ ଗିଳି,
ମଲେ ସୁଦ୍ଧା ନମରିବ, ହେ କୁମର ! ବରଂ
ନବକୀର୍ତ୍ତି ପାଇଛ ଦେ ହୋଇବ ଅମର ।

ନିର୍ବାଣର ପୂର୍ବେ ଯଥା ପ୍ରଦୀପ ସହସା
ହୁଅଇ ଉଜ୍ଜ୍ୱଳତର, ତେସନ କୁମାର
ମହାନିର୍ବାଣର ପୂର୍ବେ ସମୁଜ୍ଜ୍ୱଳ କ୍ରୋଧେ,
ପୁଟଭେଦେ କାଳିକେୟଙ୍କୁ* ପାଇଣ ତକ୍ଷଣେ
ଏସନ ନୃଶଂସେ ତାକୁ ପିଟିଲେ ଯେ ତାର
ନ ମିଳିଲା ପତ୍ତା, କାହିଁ କାଳିକେୟ ଶବ !

ଏକାଳେ ସହସା ତାଙ୍କ ପୋଛି ହାଣୁ ଗଦା
ରୁଧିର କର୍ଦ୍ଦମେ, ପଡ଼ି ବିଷମ ସଂକଟେ,
ସାନ୍ଧ୍ୟ ରବିବପୁ ସମ ହୀନଶକ୍ତି ହେତୁ,
ଦୁର୍ଦ୍ଦୈବ ବଶତଃ ଆଉ ନପାରିଲେ ଉଠି ।

ସରିଗଲା ଭବଲୀଳା ଜାଣିଣ ବୀର
ଦୁର୍ଭେଦ୍ୟ ମମତାଛେଦି ମୃତ୍ୟୁ ମୁଖେ ପଡ଼ି,
ଅସ୍ତ୍ର ତ୍ୟଜି, ନେତ୍ର ବୁଜି ରହିଲେ ନିଶ୍ଚଳେ ।
ସ୍ୱପ୍ନସମ ଜୀବନର ପୂର୍ବସ୍ମୃତି ସଙ୍ଗେ
ଜନକ ଜନନୀ ସ୍ନେହ, ପ୍ରଣୟ ପତ୍ନୀର
କରୁଣ ବିକଳ ତାଙ୍କ ମୁଖ ଛବି ପୁଣି;
ଦିଶିଲା ଅଗ୍ରତେ ସ୍ୱଚ୍ଛ, ପ୍ରତିବିମ୍ବ ଯଥା
ଦିଶେ ସ୍ୱଚ୍ଛ ଦରପଣେ, ପଲକେ, ଅନ୍ତର
ଉତ୍ତରାର ଆମରଣ ଭାବୀ-ଶୋକ ଭାବି
ବହିଲା ଲୋତକ ତାଙ୍କ ନେତ୍ରୁ ଦରଦରେ;
ମର୍ତ୍ତ୍ୟ ମମତାରେ ଅନ୍ତ କପଟ ମୋହର,
ଯା' ଅଛି କପାଳେ ଯାର ଭୋଗିବ ସେ ନିଶ୍ଚୟ,
ଏହା ଭାବି, ମାତୃକାନ୍ତି, ମହାଯଶା ତହୁଁ,
ଗୁରୁ, ପିତା, ମାତା ବନ୍ଧୁ ମାନଙ୍କୁ, ଅନ୍ତିମେ
ଧ୍ୟାଇଲେ ଶ୍ରୀପତି ପଦ ମୁମୂର୍ଷୁ ବାଞ୍ଛିତ ।

ପଟେ ମତ୍ତ ହସ୍ତୀ କିମ୍ବା କୂପେ ପାଇ ସିଂହେ
ମହା ହର୍ଷେ ବଧେ ତାକୁ ମାନବେ ଯେସନ
କ୍ରୂର ହର୍ଷେ କୁରୁବୀରେ କୁମାରଙ୍କୁ ତେସନ
ବଧିଲେ ବିବିଧ ଅସ୍ତ୍ରେ ଘେରି ଚତୁର୍ଦ୍ଦିଗୁ ।
କିକର କିକର ସର୍ବେ ହେ କୌରବ ବୀର !!
ନ କର ଅନ୍ୟାୟ ଏତେ କୁମାର ଉପରେ,
ଆହା' ଦହିବାକୁ ଏଥି ସାହା ନାହିଁ ବୋଲି

* ଶକୁନିଙ୍କ ଭ୍ରାତାର ନାମ ।

ତେଣୁ କି ନା ଏତେ ହର୍ଷେ ମାରୁଛ ନୃଶଂସେ !
ହେ ବୀରେ ! ତେତିକି ଥାଉ ଛାଡ଼ିଦିଅ ଏବେ,
ନ ଶୁଣି ମାରୁଛ ଯେବେ, ମନେ ରଖ ନଷ୍ଟେ,
ସ୍ତୁ । ସହ ପ୍ରତିଫଳ ପାଇବ ସମସ୍ତେ ।
ଅଚିରେ, ଶୁଣିବେ ଯେବେ ପାଣ୍ଡବେ ଏ ବାର୍ତ୍ତା,
ନ ପାଇବ ତ୍ରାହି କେହ୍ନେ-ତାଙ୍କ ହସ୍ତୁ ଜଣେ ।

ବନଦାହୀ ଅନଳର ଶେଷ କଣା ତୁଲେ,
ଗତପ୍ରାଣ ପ୍ରାୟେ ଜାଣି କୁମାରେ, ଅନ୍ତିମେ,
ଗଦାଘାତେ ଦୁଃଶା ସୁତ ନିଃଶେଷିଲା ତାଙ୍କୁ ।

ପାଣ୍ଡବ ଗୌରବ ରବି, କୁରୁ କୋଳାହଳେ,
ପକ୍ଷୀ କୋଳାହଳ ସଙ୍ଗେ ତପନ ଯେସନ,
ଅସ୍ତଗଲେ ଚିର ପାଇଁ; ଶୂନ୍ୟେ ଶୂନ୍ୟେ ତହୁଁ
ନିଃସରି ଶରୀରୁ ତାଙ୍କ ଉଜ୍ଜ୍ୱଳ ଜ୍ୟୋତିଃ,
ନଭମାର୍ଗେ ଉଲ୍କାକାରେ ପ୍ରଭା ଯୋଗେ ଯାଇ,
ଟକାଇ ଦିଶିଲେ ସୂର୍ଯ୍ୟ, ସହସା ସେ ବେଳେ,
ଚନ୍ଦ ଅଗେ ତାରା ପ୍ରାୟେ, ଉଜ୍ଜ୍ୱଳ ଗୌରବ
ମଧ୍ୟା ଶୂନ୍ୟେ ମିଶିଗଲା ପଲକେ ସମ୍ମୁଖେ ।

ମନେ ହେଲା କୁମାରଙ୍କୁ ନିରେଖି ସେବେଳେ
ପାବକ ପ୍ରଶାନ୍ତ କିବା ବନଦହନାନ୍ତେ !
ଅବା ରୁଦ୍ର ଝଂଝା ବାତ୍ୟା ନିବୃତ୍ତ ଯେସନ
ବିମର୍ଦ୍ଦି ନଗର ବନ ଉପାଡ଼ି ଦ୍ରୁମାଳି ।

ସହସା ଉଠିଲା ବାଦ୍ୟ ବିବିଧ ବାଜଣା,
ଶଙ୍ଖ, ଘଣ୍ଟା, ତୁରୀ, ଆଦି ମଙ୍ଗଳ ମଧୁର;
ଶୁଭିଲା ଆକାଶ-ବ୍ୟାପି ଗୁରୁ ବେଦ-ଧ୍ୱନି
ସପ୍ତର୍ଷି ମଣ୍ଡଳେ, ଉଚ୍ଚେ ଗାଇଲେ ଚାରଣେ ।
ସୁରାଙ୍ଗନା ହୁଳାହୁଳି ପଡ଼ିଲା ଉଚ୍ଛୁଳି;
ସହସ୍ର ଦୀପାଳି ଜ୍ୱଳି ଉଠିଲା ବିମାନେ;
ସହର୍ଷେ ରୋହିଣୀ ଧରି ଶୁଭ ଅର୍ଘ୍ୟସ୍ଥାଳୀ
ବନ୍ଦାପନ ରତା;—ଯେତେ ଅମର ଅପ୍ସରୀ
ବରଷିଲେ ଦେବ-ପୁଷ୍ପ ସହ ଲାଜାଞ୍ଜଳି ।

ମର୍ତ୍ତ୍ୟ ଅଭିନୟ ଶେଷେ, ଷୋଡ଼ଶ ବରଷେ,
କନ୍ଦାଇ ପାଣ୍ଡବ କୁଳେ ଛନ୍ନକାରେ ଶେଷେ,
ଗଲା ଚଳି ଚିର ପାଇଁ, ପୁଷ୍ପ ଗନ୍ଧ ପ୍ରାୟେ,
ପୁଣ୍ୟ ଶ୍ଳୋକ ପୁଣ୍ୟପ୍ରାଣ ପୁଣ୍ୟ ଚନ୍ଦ୍ରଲୋକେ

ଓଁ ତତ୍ ସତ୍

ଶ୍ରୀ କୃଷ୍ଣାର୍ପଣମସ୍ତୁ ।

ସମାପ୍ତ

୧୯୩୨- ମସିହା ସେପ୍ଟେମ୍ବର ତା ୭ ରିଖ ବା ୧୩୩୯ ସାଲ ଭାଦ୍ର ଶୁକ୍ଳସପ୍ତମୀ ବୁଧବାର

# ଶୁଦ୍ଧିପତ୍ର ।

ସତ୍ୱର ସହିତ ଏ ପୁସ୍ତକଟି ମୁଦ୍ରିତ ହୋଇଥିଲେ ସୁଦ୍ଧା ଅଲକ୍ଷିତ ଭାବରେ କେତେକ ମୁଦ୍ରଣ ପ୍ରମାଦ ରହି ଯାଇଅଛି । ଓଡ଼ିଆ ପ୍ରେସମାନଙ୍କରେ 'ଆକାର' 'ଇକାର' 'ଉକାର' 'ଊକାର' 'ରଫଳା' ଓ 'ଯଫଳା' ଆଦି ଛାପିବା ସମୟରେ ଭାଙ୍ଗି ଯାଇଥାଏ । ଏହି ପୁସ୍ତକରେ ସେ ଦୋଷ ମଧ୍ୟ ବାଦ୍ ଯାଇ ନାହିଁ । ତେଣୁ ଯେଉଁ ଯେଉଁ ସ୍ଥାନରେ ଅର୍ଥ ବୋଧରେ ବାଧା ଜନ୍ମିବାର ସମ୍ଭବ ସେହିପରି ସ୍ଥାନମାନଙ୍କର ଶୁଦ୍ଧିପତ୍ର ନିମ୍ନରେ ଦିଆଗଲା ।

| ପୃଷ୍ଠା | ସ୍ତମ୍ଭ | ପଂକ୍ତି | ଅଶୁଦ୍ଧ | ଶୁଦ୍ଧ |
|---|---|---|---|---|
| ୩ | ୧ | ୧୭ | ( ଅବରୋଧ | ଅବରୋଧ |
| ୩ | ୧ | ୨୯ | ବାସ୍ୱସନେ | ବାର୍ସନର |
| ୩ | ୧ | ୩୧ | ନଷ୍ଟାଶିଲେ | ନଷ୍ଟୋଷିଲେ |
| ୩ | ୨ | ୩୧ | ଜନମ | ଜନର |
| ୪ | ୧ | ୫ | ସଫସ୍ୱ । | ସଫସ୍ୱ |
| ୪ | ୨ | ୧୪ | ( କୁହିଳ | କୁଟିଳ |
| ୪ | ୨ | ୨୪ | ( ମଣି | ମଣି |
| ୬ | ୧ | ୧୪ | ରଣନାଭଙ୍କାମୀ | ରଣନୀଡଙ୍କାତା |
| ୬ | ୨ | ୧୪ | ଭୀମ ମୂର୍ତ୍ତି | ଭୀମମୂର୍ତ୍ତି , |
| ୭ | ୧ | ୨୮ | ଦଅନ୍ତ | ଦଅନ୍ତୁ |
| ୭ | ୨ | ୮ | ( ହୋଇଲ୍ୟ | ହୋଇଲା |
| ୭ | ୨ | ୨୯ | ଶୁଣେ ଶୁଣେ | ଶୁଣ୍ଡେ ଶୁଣ୍ଡ |
| ୮ | ଫୁଟ୍‌ନୋଟ | — | ନଦ୍ରା | ଶଯ୍ୟା |
| ୧୦ | ୧ | ୩୦ | ଦୁର୍ବାପାଙ୍କ | ଦୁର୍ବାସଙ୍କୁ |
| ୧୧ | ୨ | ୨୨ | କାନ୍ତ | କାନ୍ତୁ |
| ୧୪ | ୨ | ୮ | ,, | ,, |
| ୧୯ | ୨ | ୧୬ | କଣ୍ଟକାସ୍ତ | ଶୁକସାସ୍ତ |
| ୨୨ | ୨ | ୯ | ଦେଇଥା | ଦେଇଥାଏ |
| ୨୨ | ୨ | ୧୫ | ସଙ୍ଗେ | ସଙ୍ଗେତାର |

| ପୃଷ୍ଠା | ସ୍ତମ୍ଭ | ପଂକ୍ତି | ଅଶୁଦ୍ଧ | ଶୁଦ୍ଧ |
|---|---|---|---|---|
| ୨୨ | ୨ | ୩୦ | ସ୍ପୃ | ସ୍ପୃ ତେ |
| ୨୬ | ୧ | ୨୫ | ଭାଗ୍ୟ-ର | ଭାଗ୍ୟ-ରବ |
| ୨୯ | ୨ | ୨୦ | ପର୍ବ | ପୂର୍ବ |
| ୩୫ | ୧ | ୨୩ | ଉର୍ଦ୍ଧ | ଉର୍ଦ୍ଧ୍ୱେ |
| ୪୬ | ୧ | ୪ | ଭସ୍ଥ | ଭସ୍ମ |
| ୪୭ | ୧ | ୨୮ | ଢବାକର | ଢବାଦର |
| ୪୯ | ୨ | ୧୯ | ଉକ୍ତି | ଛକ୍ତି |
| ୫୦ | ୧ | ୨୪ | ଅବଶରେ | ଅବସରେ |
| ୫୦ | ୧ | ୨୭ | ହେବେ | ହେଲେ |
| ୫୨ | ୨ | ୨ | ବଦ୍ଧ | ବଧ |
| ୫୩ | ୧ | ୧୯ | ନହେଲେ | ନକଲେ |
| ୫୪ | ୨ | ୧ | ଏ ବେଳେ | ସେ ବେଳେ |
| ୫୫ | ୧ | ୧୦ | ସତ୍ୟ | ସତ୍ତା |
| ୫୫ | ଫୁଟନୋଟ | ୨ | ତେର ଭୁର୍ଯ୍ୟ ଯୁନା | ତେରଭୁ ଯିମୁନା |
| ୫୬ | ୨ | ୬ | | “କହିଲେ ସ୍ୱପନ ଦେବୀ କର୍ମ ଫଳ ଏକା” |
| ୫୮ | ୧ | ୧୬ | ଯନ୍ଧୁଁ | ସଦା |
| ୫୯ | ୨ | ୧୩ | ସୁବର୍ଣ୍ଣ | ସ୍ୱବର୍ଣ୍ଣ |
| ୬୧ | ୧ | ୧୧ | ଅଇଲ | ଅଇଲୁ |
| ୬୨ | ୧ | ୧୭ | ନମ୍ବନ | ନମ୍ବନା |
| ୬୩ | ୧ | ୧୬ | ଯମ | ନାମ |
| ୬୬ | ୧ | ୧ | ସ୍ଥାନ | ସ୍ଥାନେ |
| ୬୬ | ୧ | ୫ | ଦର୍ଶନେ | ଦଶନେ |
| ୬୧ | ୧ | ୧୫ | ( ଉଠେ | ଉଠ |
| ୭୧ | ୧ | ୨୬ | ରଖ ମ | ରଖ ମା |
| ୭୧ | ୨ | ୨୭ | କାହ୍ନବୀ ) | ଜା'ହ୍ନବୀ |
| ୭୨ | ୧ | ୧୩ | ବ ସିନୀ | ବାହିନୀ |
| ୭୩ | ୨ | ୩ | ନମ୍ବର | ନମ୍ବନୁ |
| ୭୩ | ୨ | ୨୪ | ସୁବା ମନ | ସୁବା ନାମ |
| ୭୪ | ୨ | ୧୦ | ଭୂଉଣୀ | ଭୂରଣୀ |

| ପୃଷ୍ଠା | ସ୍ତମ୍ଭ | ପଂକ୍ତି | ଅଶୁଦ୍ଧ | ଶୁଦ୍ଧ |
|---|---|---|---|---|
| ୭୫ | ୨ | ୭ | ଯାର | କା'ର |
| ୭୭ | ୧ | ୨ | କେତେ | କେଡେ |
| ୭୭ | ୧ | ୯ | ଚହିତ | ଚହିଛ |
| ୭୭ | ୧ | ୨୧ | ଅସେ | ଅଣେ |
| ୭୭ | ୨ | ୨ | ଢେଢ଼ | ଢେଢି |
| ୭୮ | ୧ | ୧୫ | ଗଢ଼ଛ | ଗଢିଛ |
| ୭୮ | ୧ | ୨୯ | ଘଞ୍ଚ | ଘୂଞ୍ଚ |
| ୭୯ | ୨ | ୯ | ଅଢ | ମାଳ |
| ୮୦ | ୧ | ୧୨ | ନାଶା | ନସା |
| ୮୦ | ୧ | ୧୯ | ତାକୁ ରୁପେ | ତା କ୍ରୂରୁପେ |
| ୮୧ | ୧ | ୨୦ | ବଢ କାନ୍ଧ | କାନ୍ଧ |
| ୮୨ | ୨ | ୧୪ | ଭୁଷସ୍ଥ | ଭୁଷସ୍ଥେ |
| ୮୨ | ୨ | ୨୮ | ଦଳ ଢଳ୍ପ | ଢଳୁ ଦଳ |
| ୮୩ | ୧ | ୩ | ଦେବ | ବେଦ |
| ୮୫ | ୧ | ୧୪ | ସ୍ଫୁରଣେ | ସ୍ଫୁରଣ |
| ୮୫ | ୧ | ୧୫ | ଭୁଷାର | ଭୁଷାରେ |
| ୮୫ | ୨ | ୨୮ | ବସେ | ବସି |
| ୮୬ | ୨ | ୨୭ | ଅନ୍ତ | ଅନ୍ୱ |
| ୮୭ | ୧ | ୨୪ | ପାତନ୍ତ | ପୋତନ୍ତ |
| ୮୮ | ୧ | ୧ | ଉକ୍ଷାଣେ | ଉକ୍ଷାଣେଁ |
| ୯୧ | ୧ | ୩୦ | କାଞ୍ଚୁକ | କଞ୍ଚୁକ |
| ୯୨ | ୧ | ୨୫ | ପାରବୁ | ପାରବ |
| ୯୩ | ୨ | ୬ | ସେଶେଶ୍ୱରୀ | ଯୋଗେଶ୍ୱରୀ |
| ୩ | ୨ | ୨୬ | ଜୋକ | ମୂକା |
| | ୧ | ୨୦ | ଉଷାକୁଳେ | ଭାଷାକୁଳେ |
| | ୧ | ୨୨ | ନନ୍ଦନୀ | ନଳନୀ |
| | ୧ | ୧୯ | ଭେଦବାସା | ଭେଦବାଦ |
| ୧୦୨ | ୧ | ୨୧ | ସୁଦମ | ସୁଦାମ |
| ୧୦୪ | ୧ | ୨୪ | କ୍ଷପୀ | ପକ୍ଷୀ |

| ପୃଷ୍ଠା | ସ୍ତମ୍ଭ | ପଂକ୍ତି | ଅଶୁଦ୍ଧ | ଶୁଦ୍ଧ |
|---|---|---|---|---|
| ୧୦୫ | ୨ | ୮ | ନସକାରେ | ନସକାରେ |
| ୧୦୯ | ୨ | ୮ | ପ୍ରତ୍ୟସ୍ତେ | ପ୍ରଣସ୍ତେ |
| ୧୧୬ | ୧ | ୧୭ | ସତ | ସତତ |
| ୧୧୬ | ୨ | ୧ | ଢଣ୍ୟ | ଘୃଣ୍ୟ |
| ୧୧୮ | ୨ | ୨୫ | ପୀ ସ୍ଥଳୀ | ପୀଠ ସ୍ଥଳୀ |
| ୧୧୯ | ୨ | ୧୩ | ଉପୁଜଏ | ଉପୁଜାଏ |
| ୧୨୪ | ଥି | ୯ | ଙ୍ଗୁଭର | ଭଙ୍ଗୁର |
| ୧୨୪ | ୧ | ୨୧ | ସିନ୍ଧ | ସିନ୍ଧୁ |
| ୧୨୫ | ୧ | ୭ | ରଣ୍ଡ | ରୁଣ୍ଡ |
| ୧୨୬ | ୧ | ୨୫ | ପୌଣ୍ଡ | ପୌଣ୍ଡ୍ର |
| ୧୨୬ | ୨ | ୨୦ | ଖଦ୍ବା କୁଢ | ଖଦ୍ବାକୁଢ |
| ୧୨୭ | ୧ | ୭ | ଦୁଗ | ଦୁର୍ଗ |
| ୧୨୭ | ୧ | ୮ | ମେନାକ | ମୈନାକ |
| ୧୨୮ | ୧ | ୨୭ | ସ୍ତୁପ | ସ୍ତୂପ |
| ୧୩୪ | ୧ | ୬ | ଜଣାଗଲା | ଜଣାଇଲା |
| ୧୪୭ | ୨ | ୫ | ଦୁହେ | ଦୁହେଁ |
| ୧୪୭ | ୨ | ୨୭ | ଢଶିଲା | ଢଶିଲେ |
| ୧୫୧ | ୧ | ୨୬ | କର | କରୁ |